
‘ସ୍ପିରିଟ୍’ରେ ରଣବୀର
▶ପୃଷ୍ଠା ୧୧ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-153 •SATURDAY •29 NOVEMBER 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୧୫୩ •ଶନିବାର •୨୯ ନଭେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


## କାର୍ ଉପରେ ଓଲଟିଲା ଡମ୍ଫର; ଶିଶୁ ସମେତ ୭ ମୃତ

■ ସାହାରନପୁର, ୨୮ ।୧୧ (ଏଜେନ୍ସି): ଉତ୍ତରପ୍ରଦେଶର ସାହାରନପୁରରେ ଶୁକ୍ରବାର ଏକ ସଡ଼କ ଦୁର୍ଘଟଣାରେ ୭ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଏକ ଡମ୍ଫର ନିୟନ୍ତ୍ରଣ ହରାଇ କାର୍ ଉପରେ ଓଲଟିବା କାରଣରୁ ଏହି ଦୁର୍ଘଟଣା ଘଟିଥିଲା। ମୃତକଙ୍କ ମଧ୍ୟରେ ଏକ ୪ ବର୍ଷର ପିଲା ମଧ୍ୟ ରହିଛି। ଡମ୍ଫରରେ ବଜ୍ରୁରୀ ଭରି ରହିଥିଲା। ଦ୍ରୁତଗିତରେ ଆସୁଥିବାରୁ ଡମ୍ଫର ନିୟନ୍ତ୍ରଣ ହରାଇ ନିକଟରେ ଯାଉଥିବା କାର୍ ଉପରେ ପଲଟି ଯାଇଥିଲା। ଡମ୍ଫରରେ ଥିବା ବଜ୍ରୁରୀ ମଧ୍ୟ କାର୍ ଉପରେ ପଡିଥିଲା। ସମ୍ପୂର୍ଣ୍ଣ କାର୍ ଡମ୍ଫର ଓ ବଜ୍ରୁରୀ ତଳେ ଦବି ରହିଥିଲା। ଫଳରେ ୫ ଫୁଟ୍‌ର କାର ୨ ଫୁଟ୍‌ରେ ପରିଣତ ହୋଇଥିଲା। ୩ଟି କ୍ରେନ୍ ସହାୟତାରେ ଡମ୍ଫରକୁ ଉଠାଯାଇଥିଲା। ବଜ୍ରୁରୀକୁ ହଟାଇବା ପାଇଁ ଲୋକଙ୍କୁ ଘଣ୍ଟା ଘଣ୍ଟା ପରିଶ୍ରମ କରିବାକୁ ପଡିଥିଲା। ସେପର୍ଯ୍ୟନ୍ତ କାର୍‌ରେ ଥିବା ବ୍ୟକ୍ତିମାନେ ଯନ୍ତ୍ରଣାରେ ଛଟପଟ ହେଉଥିଲେ। ଶେଷରେ କାର୍‌ର ଛାତକୁ କଟାଯାଇ ଫସି ରହିଥିବା ଲୋକଙ୍କୁ ବାହାରକୁ ବାହାର କରାଯାଇଥିଲା। ଏକ ଅନ୍ତିମ ସଂସ୍କାରରେ ଯୋଗ ଦେବାକୁ ଏମାନେ କାର୍‌ରେ ଯାତ୍ରା କରୁଥିଲେ। କାର୍‌ରେ ଗୋଟିଏ ପରିବାରର ୭ ଲୋକ ଯାତ୍ରା କରୁଥିଲେ। ଏମାନେ ସବୁ ସୟଦ ମାଜରା ଗାଁରୁ ଗଙ୍ଗୋ ଯାଉଥିଲେ। ଗାଁଠାରୁ ଗୋଟିଏ କିମି ଦୂରରେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ପରେ ଡମ୍ଫର ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। କାର୍‌ରୁ ୭ଟି ମୃତ ଦେହକୁ ବାହର କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଇ ଦିଆଯାଇଛି। ଗାଗଲହେଡି ଥାନରେ ଏହି ଦୁର୍ଘଟଣା ହୋଇଛି।



## ଭାରତର ୩ଟି ଅଞ୍ଚଳକୁ ନିଜର ଦାବି କଲା ନେପାଳ

■ କାଠମାଣ୍ଡୁ, ୨୮ ।୧୧ (ଏଜେନ୍ସି): ନେପାଳ ପୁଣିଥରେ ଭାରତ ସହ ଥିବା ସୀମା ବିବାଦକୁ ଆଗକୁ ବଢାଇବା ପାଇଁ ପ୍ରୟାସ କରିଛି। ନେପାଳ ନିଜର ୧୦୦ ଟଙ୍କିଆ ନୋଟ ଉପରେ ଏନେଇ ବିବାଦୀୟ ମାନଚିତ୍ର ଛାପିଛି। ନେପାଳ ଏହି ମାନଚିତ୍ରରେ ଲିପୁଲେଖ, କାଲାପାନୀ ଓ ଲିମ୍ପିୟାଧୁରାକୁ ନିଜର ଅଂଶ ବୋଲି ଦର୍ଶାଇଛି। କିନ୍ତୁ ଏହି ୩ଟି ଅଞ୍ଚଳ ଭାରତର ସୀମା ଭିତରରେ ରହିଛି। ନେପାଳର ଏହି ଅଭିମୁଖ୍ୟକୁ ଭାରତ କଡ଼ା ସାମାଲୋଚନା କରିଛି ଓ ଏହାକୁ ଏକତରଫା ବୋଲି କହିଛି। ଏଥିରେ ନେପାଳ ଐତିହାସିକ ତଥ୍ୟକୁ ଅଣଦେଖା କରିଛି ବୋଲି ଭାରତ କହିଛି। ଏଭଳି ଅନୁଚିତ ଦାବି ଉପସ୍ଥାପନ କରିବା ଦ୍ୱାରା ସତ୍ୟର ପରିବର୍ତ୍ତନ ହେବ ନାହିଁ। ଭାରତର ସାର୍ବଭୌମତ୍ୱ ଓ ଅଖଣ୍ଡତାକୁ ନେପାଳ ସମ୍ମାନ କରିବା ଉଚିତ ଓ ଏଭଳି ଦାବି ଦ୍ୱିପାକ୍ଷିକ ଚୁକ୍ତିର ଉଲ୍ଲଂଘନ ବୋଲି ଭାରତର ବୈଦେଶିକ ମନ୍ତ୍ରଣାଳୟ କହିଛି।

ଏହି ବିବାଦିତ ମାନଚିତ୍ର ୧୦୦ ଟଙ୍କା ନୋଟରେ ହଳକା ହଳଦିଆ ରଙ୍ଗରେ ଚିହ୍ନିତ ହୋଇଛି। ତେବେ ଏହି ମାନଚିତ୍ର କେବଳ ୧୦୦ ଟଙ୍କା ନୋଟରେ ହିଁ ଚିହ୍ନିତ ହୋଇଛି। କିନ୍ତୁ ଏହା ୧୦, ୫୦ ଓ ୧୦୦୦ ଟଙ୍କା ନୋଟ ଉପରେ ଚହ୍ନିତ ହୋଇନାହିଁ। ପୁରୁଣା ୧୦୦ ଟଙ୍କା ନୋଟରେ ଏହି ମାନଚିତ୍ର ଥିଲା ବୋଲି ବ୍ୟାଙ୍କ ତରଫରୁ କୁହାଯାଇଛି। ଏବେ କେବଳ ସରକାରଙ୍କ ନିଷ୍ପତ୍ତି କ୍ରମେ ଏହାକୁ ସଂଶୋଧନ କରାଯାଇଛି ▶ପୃଷ୍ଠା-୭




୧୦୦ ଟଙ୍କିଆ ନୋଟ୍‌ରେ ଛାପିଲା ବିବାଦୀୟ ମାନଚିତ୍ର

ଏଭଳି ଦାବିରେ ସତ୍ୟ ବଦଳି ନ ଥାଏ: ଭାରତ

# ୧୭,୪୪୦ କୋଟିର ଅତିରିକ୍ତ ବଜେଟ

## ଆର୍ଥିକ ବର୍ଷ ଶେଷ ସୁଦ୍ଧା ୧ .୩୪ କୋଟି ଟପିବ ରଣ ଭାର




### କାର୍ଯ୍ୟକ୍ରମ ବ୍ୟୟ ବାବଦରେ ସର୍ବାଧିକ ୧୩୭୧୬ କୋଟି

### ନୂଆ ଯୋଜନା ‘ଶକ୍ତିଶ୍ରୀ’ ପାଇଁ ୧୫ କୋଟି ବ୍ୟୟ ବରାଦ

### ଜିଲ୍ଲା ପରିଷଦ ନିର୍ବାଚନ ପରିଚାଳନା ପାଇଁ ୪୨ କୋଟି

■ ଭୁବନେଶ୍ୱର, ୨୮ ।୧୧ (ସମିସ): ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ୧୭ ୪୪୦କୋଟି ଟଙ୍କାର ଅତିରିକ୍ତ ବଜେଟ୍ ଆସିଛି। ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ଏହି ଅତିରିକ୍ତ ବଜେଟ୍ ଉପସ୍ଥାପନ କରିଛନ୍ତି। ଅତିରିକ୍ତ ବ୍ୟୟବରାଦରେ କାର୍ଯ୍ୟକ୍ରମ ବ୍ୟୟ ବାବଦରେ ସର୍ବାଧିକ ୧୩୭୧୬ କୋଟି ଟଙ୍କା ରହିଥିବା ବେଳେ ପ୍ରଶାସନିକ ବ୍ୟୟ ପାଇଁ ୩୩୮ ୯ କୋଟି ଟଙ୍କା ଓ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଣି ୧୭୧ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ଅନ୍ୟପଟେ ଚଳିତ ଆର୍ôଥକ ବର୍ଷ ଶେଷ ସୁଦ୍ଧା ରାଜ୍ୟର ଋଣ ଭାର ୧ ଲକ୍ଷ ୩୪ ହଜରା ୯୧୪ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏହା ରାଜ୍ୟ ସକଳ ଘରୋଇ ଉତ୍ପାଦ (ଜିଡିପି) ୧୨.୭ ପ୍ରତିଶତ ବୋଲି ବଜେଟ୍ ପୁସ୍ତିକାରେ ଦର୍ଶାଯାଇଛି।

୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୨.୯୦ଲକ୍ଷ କୋଟି ଟଙ୍କାର ବଜେଟ ୨୦୨୫ ମାର୍ଚ୍ଚ ୨୯ ତାରିଖରେ ଓଡ଼ିଶା ବିଧାନସଭାରେ ଅନୁମୋଦନ ହୋଇଥିଲା। ଏହାସତ୍ତ୍ୱେ ବିଭିନ୍ନ କାରଣରୁ ଅତିରକ୍ତ ବଜେଟର ଆବଶ୍ୟକତା ରହିଥିବା ନେଇ ରାଜ୍ୟ ସରକାର ବଜେଟ୍ ପୁସ୍ତିକାରେ ଦର୍ଶାଇଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ରାଜ୍ୟରେ ଚାଲିଥିବା ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଓ ନୂଆ ଯୋଜନାଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା କେନ୍ଦ୍ରୀୟ ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାଗୁଡ଼ିକ ପାଇଁ ପାଣ୍ଠିର ଆବଶ୍ୟକତା ରହିଛି। ଏହାସହିତ ଓଡ଼ିଶା ଆକସ୍ମିକ ପାଣ୍ଠିରୁ ନିଆଯାଇଥିବା ଅଗ୍ରୀମକୁ ଫେରସ୍ତ ଓ ବିଭିନ୍ନ ପ୍ରଶାସନିକ ବ୍ୟୟବରାଦରେ ଲେଖା ସଂଶୋଧନ ପାଇଁ ଏହି ୧୭୪୪୦କୋଟି ଟଙ୍କାର ଅତିରିକ୍ତ ବ୍ୟୟବରାଦର ଆବଶ୍ୟକତା ଥିବା ଉଲ୍ଲେଖ କରାଯାଇଛି। ଅତିରିକ୍ତ ବଜେଟ୍‌ରେ କାର୍ଯ୍ୟକ୍ରମ ବ୍ୟୟ ବାବଦକୁ ରହିଥିବା ସର୍ବାଧିକ ୧୩୭୧୬ କୋଟି ଟଙ୍କା ମଧ୍ୟରୁ କେନ୍ଦ୍ରୀୟ ଯୋଜନାରେ ୨୦୫୪କୋଟି ଓ ରାଜ୍ୟ ଯୋଜନାରେ ୧୧୬୪୩କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସରକାର ସୂଚନା ଦେଇଛନ୍ତି।

ଅତିରିକ୍ତ ବଜେଟ୍‌ରେ ରାଜ୍ୟ ସରକାର ‘ଶକ୍ତିଶ୍ରୀ’ ନାମରେ ଏକ ନୂଆ ଯୋଜନା ବାବଦରେ ସୂଚନା ଦେଇଛନ୍ତି। ମହିଳାମାନଙ୍କ ସୁରକ୍ଷା ଏବଂ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ‘ଶକ୍ତିଶ୍ରୀ’ ନାମରେ ଏକ ନୂଆ ଯୋଜନା କାର୍ଯ୍ୟକାରୀ ପାଇଁ ନିଷ୍ପତ୍ତି ହୋଇଛି। ଏ ବାବଦକୁ ୧୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ସେହିପରି ‘ସୁଭଦ୍ରା’ ଯୋଜନା ପାଇଁ ୨୯୦୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ ମିଶନ ଶକ୍ତି କାର୍ଯ୍ୟକ୍ରମ ଅଧୀନରେ ୪୦୫ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ଏହାସହିତ ମମତା ଯୋଜନା ପାଇଁ ୧୪୨ କୋଟି ଟଙ୍କା ବ୍ୟୟ ବରାଦ ସହିତ ଶିକ୍ଷା କ୍ଷେତ୍ରରେ, ପିଏମ୍-ପୋଷଣ ଅଧୀନରେ ୩୯୨ କୋଟି ଟଙ୍କା ଏବଂ ମୁଖ୍ୟମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ପାଇଁ ୭୧ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଅତିରିକ୍ତ ବଜେଟରେ ରାଜ୍ୟ ସରକାର କୃଷକ କଲ୍ୟାଣ ଏବଂ ଖାଦ୍ୟ ▶ପୃଷ୍ଠା-୭

# ଡିସେମ୍ବର ୪ରେ ଭାରତ ଗସ୍ତରେ ଆସିବେ ପୁଟିନ

## ଭାରତ-ରୁଷିଆ ବାର୍ଷିକ ସମ୍ମିଳନୀରେ ଯୋଗଦେବେ



### ଏସ୍-୪୦୦, ଏସ୍ୟୁ-୫୭ ଜେଟ୍ କ୍ରୟନେଇ ହେବ ଆଲୋଚନା

■ ନୂଆଦିଲ୍ଲୀ, ୨୮ ।୧୧ (ଏଜେନ୍ସି): ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଆଗାମୀ ଡିସେମ୍ବର ୪-୫ରେ ଦୁଇଦିନିଆ ଗସ୍ତରେ ଭାରତ ଆସିବେ ବୋଲି ରୁଷିଆର ଗଣମାଧ୍ୟମଗୁଡିକ ଘୋଷଣା କରିଛନ୍ତି। ୨୩ତମ ଭାରତ-ରୁଷିଆ ବାର୍ଷିକ ସମ୍ମିଳନୀରେ ଯୋଗ ଦେବାକୁ ସେ ଭାରତ ଆସିବେ। ପ୍ରତିବର୍ଷ ଭାରତ ଓ ରୁଷିଆ ମଧ୍ୟରେ ହେଉଥିବା ବୈଠକର ଏହା ଅଂଶ। ଭାରତ ଓ ରୁଷିଆ ପ୍ରତିବର୍ଷ ପାଳି କରି ଏହି ବୈଠକର ଆୟୋଜନ କରିଥାନ୍ତି। ଏଥର ଭାରତର ଏହି ବୈଠକ ଆୟୋଜନ କରିବାର ପାଳି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ସ୍ୱାଗତ କରିବା ସହ ତାଙ୍କ ସମ୍ମାନରେ ଏକ ଭୋଜି ଆୟୋଜନ କରିବେ। ଏହି ଗସ୍ତରେ ପୁଟିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିବେ। ଏହି ଅବସରରେ ଦୁଇ ନେତା ଆଶୋଧିତ ତୈଳ ଚୁକ୍ତି ସହିତ ଏସ୍-୪୦୦ ମିସାଇଲ ଡିଫେନ୍ସ ସିଷ୍ଟମ କ୍ରୟ ଓ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) ନେଇ ଆଲୋଚନା କରିବା ଆଶା କରାଯାଉଛି।

ରୁଷ ତୈଳ କ୍ରୟ କରୁଥିବାରୁ ଭାରତ ଉପରେ ଆମେରିକା ୨୫ ପ୍ରତିଶତ ଅତିରିକ୍ତ ଟାରିଫ ଲାଗୁ କରିଛି। ଫଳରେ ଭାରତ ମୋଟ୍ ଉପରେ ୫୦ ପ୍ରତିଶତ ଟାରିଫର ଭାର ବହନ କରୁଛି। ଭାରତ ତୈଳ କ୍ରୟ କରୁଥିବାରୁ ୟୁକ୍ରେନ ସହିତ ଯୁଦ୍ଧ କରିବାକୁ ରୁଷିଆକୁ ବଳ ମିଳୁଛି ବୋଲି ଆମେରିକା କହୁଛି। ରୁଷିଆ- ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରେ ପୁଟିନ ପ୍ରଥମଥର ପାଇଁ ଭାରତ ଗସ୍ତରେ ଆସିବେ। ୨୦୨୨ ଫେବୃଆରୀ ▶ପୃଷ୍ଠା-୭

## ଗୃହରେ ଉଦ୍‌ବେଗ

# ଅନ୍ଧାରରେ ‘ଅନ୍ୱେଷା’

## ଯୋଜନା ଅଧୀନରେ ଚଳିତବର୍ଷ ହୋଇନି ନାମଲେଖା

■ ଭୁବନେଶ୍ୱର, ୨୮ ।୧୧ (ସମିସ): ଆଦିବାସୀ ପିଲାଙ୍କୁ ଉତ୍କୃଷ୍ଟ ଶିକ୍ଷା ପ୍ରଦାନ ପାଇଁ ନବୀନ ପଟ୍ଟନାୟକ ସରକାର ଆରମ୍ଭ କରିଥିଲେ ‘ଅନ୍ୱେଷା’ ଯୋଜନା। ମାତ୍ର ରାଜ୍ୟରେ ନୂଆ ସରକାର ଆସିବା ପରେ ଏହି ଯୋଜନାର ଭବିଷ୍ୟତ ଏବେ ସମ୍ପୂର୍ଣ୍ଣ ଅନ୍ଧାର। ଏହାକୁ ନେଇ ଶିକ୍ଷାବିତ୍, ଅଭିଭାବକ, ସମାଜତତ୍ତ୍ୱବିତ୍ ଉଦ୍‌ବେଗ ପ୍ରକାଶ କରିଥିବା ସମୟରେ ବିଧାନସଭାରେ ବିରୋଧୀ ନେତାମାନେ କ୍ଷୋଭପ୍ରକାଶ କରିଛନ୍ତି। ଆଦିବାସୀ ପିଲାଙ୍କ ପାଇଁ ସରକାରଙ୍କ ଏପରି ଆଭିମୁଖ୍ୟକୁ ନେଇ ମଧ୍ୟ ବିଧାୟକମାନେ ପ୍ରଶ୍ନ କରିଛନ୍ତି। ବିରୋଧୀ ବିଜେଡିର ବିଧାୟକମାନେ ଅନ୍ୱେଷା ଯୋଜନା ସଂକ୍ରାନ୍ତରେ ସରକାରଙ୍କୁ ପ୍ରଶ୍ନ କରିଥିବା ବେଳେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବୁଲେଇ ବଙ୍କେଇ ପ୍ରଶ୍ନକୁ ଏଡ଼ାଇଯିବାକୁ ଉଦ୍ୟମ କରିଛନ୍ତି।।



ଯୋଜନା ବନ୍ଦ ହେବକି ଜାରି ରହିବ, ସେ ନେଇ ମନ୍ତ୍ରୀ କୌଣସି ସ୍ୱଷ୍ଟୋକ୍ତି ରଖିନଥିବା ବେଳେ ଚଳିତ ଶିକ୍ଷାବର୍ଷରେ ପ୍ରଥମ ଶ୍ରେଣୀରେ ଏହି ଯୋଜନାରେ ନାମଲେଖା ହୋଇ ନ ଥିବା ସ୍ୱୀକାର କରିଛନ୍ତି। ତେଣୁ ଯୋଜନାକୁ ବନ୍ଦ କରିବା ପାଇଁ ସରକାର ଏକପ୍ରକାର ନିଷ୍ପତ୍ତି କରିଥିବା ନେଇ ମନ୍ତ୍ରୀଙ୍କ ଇଙ୍ଗିତ ସ୍ୱଷ୍ଟ କରୁଛି ବୋଲି ବୁଦ୍ଧିଜୀବି ମହଲରେ ମତପ୍ରକାଶ ପାଉଛି।

ଶୁକ୍ରବାର ପ୍ରଶ୍ନକାଳରେ ମୂଳ ପ୍ରଶ୍ନକର୍ତ୍ତା ଓମ୍ ପ୍ରକାଶ ମିଶ୍ରଙ୍କ ଏକ ତାରକା ପ୍ରଶ୍ନରେ ଉପରୋକ୍ତ ପ୍ରସଙ୍ଗ ଉଠାଇଥିଲେ ବିଧାୟକ ପ୍ରଦୀପ ଦିଶାରୀ। ସରକାର ଅନ୍ୱେଷା ଯୋଜନା ବନ୍ଦ କରିବାକୁ ଯାଉଛନ୍ତି କି ? ଯଦି ନୁହେଁ, ତାହେଲେ ନାମଲେଖା କେବେ ଆରମ୍ଭ ହେବ ବୋଲି ସେ ପ୍ରଶ୍ନ କରିଥିଲେ। ସେହିପରି ବିଧାୟକ ରମେଶ ଚନ୍ଦ୍ର ବେହେରା ମଧ୍ୟ ଅନୁରୂପ ପ୍ରଶ୍ନ କରିଥିଲେ। ସେ କହିଥିଲେ ଯେ ଚଳିତ ବର୍ଷ ଅନ୍ୱେଷା ଯୋଜନାରେ ନାମଲେଖା ହୋଇପାରି ନାହିଁ। ଯଦି ପ୍ରଥମ ଶ୍ରେଣୀରେ ▶ପୃଷ୍ଠା-୭



# ଧାନକିଣା: ଆରମ୍ଭରୁ ବିଭ୍ରାଟ

## ଆଜିଯାଏଁ ବସ୍ତାଏ ବି ଧାନ କିଣି ନାହାନ୍ତି ସରକାର

### ଶୂନ୍ୟକାଳରେ ସରକାରଙ୍କ ଉପରେ ବର୍ଷିଲା ବିଜେଡି

### ଚାଷୀଙ୍କ ଭାଗ୍ୟ ସହ ଖେଳନ୍ତୁନି; ନିଆଁ ଲାଗିଯିବ

■ ଭୁବନେଶ୍ୱର, ୨୮ ।୧୧ (ସମିସ): ନଭେମ୍ବର ପ୍ରଥମ ସପ୍ତାହରୁ ରାଜ୍ୟରେ ଧାନକିଣା ଆରମ୍ଭ ହୁଏ। ମାତ୍ର ନଭେମ୍ବର ଶେଷ ହେବାକୁ ବସିଲାଣି, ଆଜି ସୁଦ୍ଧା ସରକାର ବସ୍ତାଟିଏ ଧାନ କିଣିନାହାନ୍ତି। ଚାଷୀଙ୍କ ପାଖରେ ଧାନ ରଖିବାକୁ ଯାଗା ନାହିଁ। ଫଳରେ ଚାଷୀ ଅଭାବୀ ବିକ୍ରି କରିବା ଆରମ୍ଭ କଲେଣି। ସରକାର ଚାଷୀଙ୍କ ଭାଗ୍ୟ, ଭବିଷ୍ୟତ ସହ ଖେଳ ଖେଳୁଛନ୍ତି। ଏଥିରୁ ବିରତ ନ ହେଲେ ସାରା ରାଜ୍ୟରେ ନିଆଁ ଲାଗିଯିବ ବୋଲି ବିଧାନସଭାରେ ସରକାରଙ୍କୁ ଚେତାବନୀ ଶୁଣାଇଛନ୍ତି ବିରୋଧୀଦଳ ଉପନେତାପ୍ରସନ୍ନ ଆଚାର୍ଯ୍ୟ। ଶୁକ୍ରବାର ଶୂନ୍ୟକାଳରେ ଧାନକିଣାକୁ ନେଇ ସେ ଗଭୀର ଉଦବେଗ ପ୍ରକାଶ କରିବା ସହ ତୁରନ୍ତ ସରକାର ଏ ନେଇ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

ଶୂନ୍ୟକାଳରେ ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ବରଗଡ଼, ସମ୍ବଲପୁରରେ ଆଜିଠାରୁ ଧାନକ୍ରୟ ପାଇଁ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ନିଷ୍ପତ୍ତି ହୋଇଥିଲା। ମାତ୍ର ଆଜି ତାରିଖ ସୁଦ୍ଧା ବସ୍ତାଏ ମଧ୍ୟ ଧାନ କିଣା ଯାଇପାରିଲା ନାହିଁ। ବରଗଡ଼ ଜିଲ୍ଲାରେ ୫୦୦୦ରୁ ଅଧିକ ଚାଷୀ ପଞ୍ଜୀକରଣ କରି ନାହାନ୍ତି। କୌଣସି ମିଲକୁ ଧାନ କିଣିବା ପାଇଁ ସରକାର ଆଲଟମେଣ୍ଟ ଦେଇ ▶ପୃଷ୍ଠା-୭

## ଖେଞ୍ଚ ମାରିଲେ ସନ୍ତୋଷ

■ ଭୁବନେଶ୍ୱର,୨୮ ।୧୧(ସମିସ): ଗତ ଖରିଫରେ ଧାନକିଣାରେ ସଫଳତାକୁ ନେଇ ନିଜ ସରକାରଙ୍କୁ ପ୍ରଶଂସା କରିଥିଲେ ବି ସରକାରଙ୍କୁ ଖେଞ୍ଚ ମାରିଛନ୍ତି ବିଜେପି ବିଧାୟକ ସନ୍ତୋଷ ଖଟୁଆ। ଶ୍ରୀ ଖଟୁଆ କହିଛନ୍ତି, ଚଳିତ ଖରିଫରେ ପ୍ରାୟ ୯୦ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ ହେବାର ସମ୍ଭାବନା ରହିଛି। ଏତେଧାନ ସରକାର କେଉଁଠି ରଖିବେ, ତାହା ନିଶ୍ଚିତ ଭାବେ ଆହ୍ୱାନର ବିଷୟ। ସରକାର ଏନେଇ ସୁବ୍ୟବସ୍ଥା କରନ୍ତୁ ବୋଲି ସେ ପରାମର୍ଶ ଦେଇଥିଲେ।

ଶୂନ୍ୟକାଳରେ ଉପରୋକ୍ତ ପ୍ରସଙ୍ଗ ଉଠାଇ ଶ୍ରୀ ଖଟୁଆ କହିଥିଲେ ଯେ ଗତ ଖରିଫରେ ସରକାର ୧୭ ଲକ୍ଷ ଚାଷୀଙ୍କ ନିକଟରୁ ୭୫ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରିଥିଲେ। କେବଳ ଗତବର୍ଷ ରାଜ୍ୟରେ ୪ ଲକ୍ଷରୁ ଅଧିକ ଚାଷୀ ପଞ୍ଜୀକରଣ କରିଥିବା ବେଳେ ସରକାର ୨୦ ଲକ୍ଷ ମେଟ୍ରିକ ଟନ୍ ଅଧିକ ଧାନ କ୍ରୟ କରିଥିଲେ। ▶ପୃଷ୍ଠା-୭

# କଂଗ୍ରେସରେ ନରସିଂହ ଅଲୋଡ଼ା !



■ ଭୁବନେଶ୍ୱର, ୨୮ ।୧୧ (ସମିସ): ପୂର୍ବତନ ମନ୍ତ୍ରୀ, ପୂର୍ବତନ ବିରୋଧୀଦଳ ନେତା ତଥା କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ର ଏବେ ଅଲୋଡ଼ା। ଯେତେବେଳେ ରାଜ୍ୟରେ କ୍ଷମତାକୁ ଫେରିବା ପାଇଁ ସବୁ ନେତା ଏକାଠି ହେବାର ଆବଶ୍ୟକତା ଥିବା ଆହ୍ୱାନ ଦେଉଛନ୍ତି, ସେତେବେଳେ ଦଳର ସବୁଠାରୁ ଟାଣୁଆ ନେତା ନରସିଂହଙ୍କୁ କିପରି ଉପେକ୍ଷା କରାଯାଇ ପାରିବ ? ମାତ୍ର ଏହା ବାସ୍ତବତଃ ସତ୍ୟ ଓ ଖୋଦ୍ ନରସିଂହ ହିଁ ଏହାକୁ ସ୍ୱୀକାର କରିଛନ୍ତି। ତାଙ୍କୁ କୌଣସି ପ୍ରସଙ୍ଗରେ ପଚରା ଯାଉ ନାହିଁ କି ତାଙ୍କଠାରୁ କୌଣସି ମତ ଲୋଡ଼ାଯାଉ ନାହିଁ। ଗତ ସାଧାରଣ ନିର୍ବାଚନ ପରଠାରୁ ତାଙ୍କୁ ଏଭଳି ଅଣଦେଖା କରାଯାଉଛି ବୋଲି ଶୁକ୍ରବାର ଗଣମାଧ୍ୟମ ଆଗରେ କହିଛନ୍ତି ଶ୍ରୀ ମିଶ୍ର। ବଲାଙ୍ଗିରଠାରେ ଗଣମାଧ୍ୟମ ସହ ଅନୌପଚାରିକ ଆଲୋଚନା ସମୟରେ ସେ କହିଛନ୍ତି ଯେ ଗତ ସାଧାରଣ ନିର୍ବାଚନ ପରଠାରୁ ତାଙ୍କୁ ଅଣଦେଖା କରାଯାଉଛି। ଏପରିକି ଦଳର କୌଣସି କାର୍ଯ୍ୟକ୍ରମରେ ନିମନ୍ତ୍ରଣ କରାଯାଉନାହିଁ। କାର୍ଯ୍ୟକ୍ରମ ପାଇଁ ତାଙ୍କୁ ସୌଜନ୍ୟମୂଳକ ଫୋନ ଟିଏ ବି କରାଯାଉ ନାହିଁ । ପୂର୍ବରୁ ସେ ରାଜ୍ୟ ସରକାରରେ ଆଇନମନ୍ତ୍ରୀ, ବିରୋଧୀ ଦଳ ନେତା, କଂଗ୍ରେସ ବିଧାୟକ ଦଳ ନେତା ଓ ଆଇନ ପରିଷଦ ସଦସ୍ୟ ଭାବେ କାର୍ଯ୍ୟ କରିଛନ୍ତି। ସେହି ସମୟରେ ଦଳ ତାଙ୍କ ଠାରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରୁଥିଲା। ମାତ୍ର ଗତ ନୂଆପଡ଼ା ଉପନିର୍ବାଚନରେ ତାଙ୍କୁ ଡ଼କା ଗଲାନାହିଁ। କଂଗ୍ରେସର କିଛି ବରିଷ୍ଠ ନେତା ତାଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରିଥିଲେ, ମାତ୍ର ଏହା କେବଳ ସୌଜନ୍ୟମୂଳକ ▶ପୃଷ୍ଠା-୭

## ରାଜଧାନୀରେ ବି ଅପରାଧୀଙ୍କଠାରୁ ତ୍ରାହି ନାହିଁ

# ସ୍କୁଲରେ ବୋମା ମାଡ଼, ଅଳ୍ପକେ ବର୍ତ୍ତିଲେ ଛାତ୍ରଛାତ୍ରୀ

- ପୁଲିସ ସହ ତଦନ୍ତରେ ସାମିଲ ହେଲା ଏନ୍‌ଆଇଏ
- ବିଧାନସଭାରେ ପ୍ରଶ୍ନ ଉଠାଇଲେ ବିରୋଧୀ ସଦସ୍ୟ
- ବିଭାଗୀୟ ମନ୍ତ୍ରୀଙ୍କୁ ଉତ୍ତର ରଖିବାକୁ ବାଚସ୍ପତିଙ୍କ ନିର୍ଦ୍ଦେଶ



■ ଭୁବନେଶ୍ୱର, ୨୮ ।୧୧ (ସମିସ): ରାଷ୍ଟ୍ରପତିଙ୍କ ଗସ୍ତ ଓ ବିଧାନସଭା ଅଧିବେଶନ ପାଇଁ ସାରା ରାଜଧାନୀରେ ଏବେ ପୁଲିସ ଛାଉଣି। ଘନଘନ ଚେକିଂ, ଛକଛକରେ ବ୍ଲକିଂ। ଏହା ସତ୍ତ୍ୱେ ସବୁ ପୁଲିସ ବ୍ୟବସ୍ଥାକୁ ଉପହାସ କରି ଅପରାଧୀ ସେମାନଙ୍କର ଆତଙ୍କରାଜ ଚଳାଇଛନ୍ତି। ସୁରକ୍ଷା ବ୍ୟବସ୍ଥାକୁ ସିଧାସଳଖ ଚାଲେଞ୍ଜ କରିଛନ୍ତି । ସକାଳୁ ସକାଳୁ ଗାଡ଼କଣ ସ୍ଥିତ କେଳୁଚରଣ ପାର୍କ ଛକରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟ-୩ ସ୍କୁଲ ସାମ୍ନାରେ ବୋମାମାଡ଼ ଘଟିଛି। ଏହାକୁ ନେଇ ଅଭିଭାବକ ମହଲରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବୋମାମାଡ଼ ହେବା ସମୟରେ ଛାତ୍ରଛାତ୍ରୀମାନେ ସ୍କୁଲ ପରିସରକୁ ପଶି ଯାଇଥିବାରୁ ଏକ ବଡ଼ ଧରଣ ଅଘଟଣ ଟଳି ଯାଇଥିଲା। ଛାତ୍ରଛାତ୍ରୀମାନେ ସ୍କୁଲ ଭିତରେ ପ୍ରବେଶ କରିବା ପରେ ଏଭଳି ଅଘଟଣ ଘଟିଥିଲା। ଏଣୁ ଛାତ୍ରଛାତ୍ରୀମାନେ ଏକ ବଡ଼ ବିପଦରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ସହରରେ ଖୋଦ ରାଷ୍ଟ୍ରପତିଙ୍କ ଉପସ୍ଥିତି ଓ ବିଧାନସଭା ଅଧିବେଶନ ସମୟରେ ଏ ପ୍ରକାର ଅରାଜକତାକୁ କେହି ସହଜରେ ଗ୍ରହଣ କରିପାରୁ ନାହାନ୍ତି ।

ପ୍ରତ୍ୟେକଦିନ ଭଳି ଛାତ୍ରଛାତ୍ରୀଙ୍କ ସ୍କୁଲ ଆସିବା ସମୟ ହୋଇ ସାରିଥିଲା ଓ ୭ଟା ୪୫ ସୁଦ୍ଧା ସମସ୍ତ ଛାତ୍ରଛାତ୍ରୀ ସ୍କୁଲ ଭିତରକୁ ପ୍ରବେଶ କରି ସାରିଥିଲେ। ସକାଳ ପ୍ରାୟ ୮ଟା ସମୟରେ ସ୍କୁଲ ଫାଟକ ନିକଟରେ ଭୟଙ୍କର ବିସ୍ଫୋରଣ ହୋଇଥିଲା। ଅଭିଭାବକ ଏବଂ ସ୍ଥାନୀୟ ଲୋକେ ଏହି ଶବ୍ଦରେ ଥରହର ହୋଇଯାଇଥିଲେ। ଆତଙ୍କିତ ହୋଇ ଲୋକେ ଏପଟ ସେପଟ ଦୌଡିବାକୁ ଲାଗିଲେ। ବୋମା ମାଡ଼ରେ ପାଚେରୀ ଖଣ୍ଡିଆ ଖାବରା ହେବା ହୋଇ ▶ପୃଷ୍ଠା-୭

# ଖୋଲା ଆକାଶ ତଳେ 'ଅପୂଜା ମହାଦେବ'

ବାରିକପୁର,୨୮ ।୧୧(ସମିସ)

ଭଣ୍ଡାରିପୋଖରୀ ବ୍ଲକର ୩ନଂ. ହାଇଲେବୁଲ କେନାଲ ପାର୍ଶ୍ୱରେ ରହିଛି ବାବା ଅପୂଜା ମହାଦେବଙ୍କ ପୀଠ। ହେଲେ ଏହି ପୀଠ ଦୀର୍ଘ ବର୍ଷ ହେବ ଅବ୍ୟବସ୍ଥା ଦେଇ ଗତିକରୁଛି। ରାମଚନ୍ଦ୍ରପୁର ପଞ୍ଚାୟତ ପାର୍ବତୀ ନିକଟସ୍ଥ ରଣଜିତ ରାଜସ୍ୱ ଗାଁର ଚାଷ ଜମି ଘେରା ମଧ୍ୟରେ ଏହି ପୀଠଟି ଅବସ୍ଥିତ। ଅଞ୍ଚଳର ସର୍ବ ପୁରାତନ ଶୈବ ପୀଠ ଭାବେ ଅପୂଜା ମହାଦେବଙ୍କ ନାଁ ରହିଥିବା ବେଳେ ଉକ୍ତ ବୈଦିକ ସ୍ଥଳୀର ପାରିପାର୍ଶ୍ୱିକ ଉନ୍ନତିକରଣ ପାଇଁ କେହି ନଜର ନ ଦେବା ପରିତାପର ବିଷୟ। ଇଟା ପାଚେରୀ ବୁଲା ଅର୍ଦ୍ଧ ନିର୍ମିତ ଛୋଟ ଗୃହରେ ମହାଦେବ ପ୍ରତିଷ୍ଠା ହୋଇଥିବା ବେଳେ ଖରା ବର୍ଷାରେ ଭଗବାନ ଦୈନିକ ପୂଜା ପାଉଛନ୍ତି। ପୀଠକୁ ଲାଗି କେବଳ ନଳକୂପଟିଏ ରହିଥିବା ବେଳେ ଅନ୍ୟ ଗୋଟିଏ ଅର୍ଦ୍ଧ ନିର୍ମିତ କ୍ଷୁଦ୍ର ବାସଗୃହଟିଏ ରହିଛି। ଏଠାରେ ବାର୍ଷିକ ଉତ୍ସବ ଭାବେ ମକର ସଂକ୍ରାନ୍ତି ବେଶ ଧୁମଧାମରେ ପାଳନ



ହେଉଥିବା ବେଳେ ଅନ୍ୟାନ୍ୟ ପର୍ବପର୍ବାଣିରେ ମଧ୍ୟ ଭକ୍ତଙ୍କ ବେଶ ସମାଗମ ହୋଇଥାଏ। ସପ୍ତାହର ପ୍ରତ୍ୟକ ସୋମବାର ସହିତ ଅନ୍ୟାନ୍ୟ ଦିନରେ ମଧ୍ୟ ଭକ୍ତ ମାନେ ପୀଠକୁ ଯାଇ ମହାଦେବଙ୍କୁ ପୂଜାର୍ଚ୍ଚନା କରିଥାନ୍ତି। ଭାବ ଭକ୍ତିର ସହିତ ମାନସିକ କଲେ ମହାଦେବ ସମସ୍ତ ଦୁଃଖ ଦୁର୍ଦ୍ଦଶା ଦୂର କରିଥାନ୍ତି ବୋଲି ଅନେକ ଜନସାଧାରଣ ମତ ଦେଇଛନ୍ତି। କେନାଲ ରାସ୍ତାରୁ ମାତ୍ର ୫୦ମିଟର ମଧ୍ୟରେ ପୀଠଟି ରହିଥିବା ବେଳେ ଚତୁଃପାର୍ଶ୍ୱରେ ଚାଷ ଜମି ଘେରି ରହିଛି। ଦୈନିକ ସ୍ଥାନୀୟ ପୂଜକ ମହାଦେବଙ୍କୁ ପୂଜାର୍ଚ୍ଚନା କରିଥାନ୍ତି। ଯଦିଓ କିଛି ଦିନ ପୂର୍ବରୁ ପୀଠର ବିକାଶ ପାଇଁ ପଞ୍ଚାୟତ ତରଫରୁ କିଛି ଅନୁଦାନ ଯୋଗାଇ ଦିଆଯାଇଥିଲା; କିନ୍ତୁ ସରକାରୀ ନିୟମ ବିକାଶରେ ଅନ୍ତରାୟ ସୃଷ୍ଟି କରିଥିଲା। ଯେଉଁଥିପାଇଁ ବୈଦିକ ସ୍ଥଳୀର ସାମାନ୍ୟ ଉନ୍ନତି ମଧ୍ୟ ଏଯାଏଁ ହୋଇପାରିନାହିଁ। ସଂପ୍ରତି ବୈଦିକ ଅନୁଷ୍ଠାନ, ପୁରୁଣା କୀର୍ତିରାଜି ଓ ଦେବସ୍ଥଳୀଗୁଡିକର ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର କୋଟିକୋଟି ଟଙ୍କା ବ୍ୟୟ କରୁଥିବା ବେଳେ ଦେବ ଦେବ ମହାଦେବ ଖରା ବର୍ଷା କାକରରେ ବର୍ଷ ବର୍ଷ ଧରି ପଡି ରହିଛନ୍ତି। ତେଣୁ ଏହା ଉପରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ଜୋର ଧରିଛି।

## ଲିଙ୍ଗଗତ ହିଂସା ବିରୋଧୀ ସଚେତନତା ଅଭିଯାନ

ଭଦ୍ରକ,୨୮ ।୧୧(ସମିସ): ଜିଲ୍ଲା ପ୍ରଶାସନ ଭଦ୍ରକ ଓ ଫେଲୋସିପ୍, ଆସିୟାନା, ନୁହାସ୍, ଶକ୍ତିସଦନ ମିଳିତ ଆନୁକୂଲ୍ୟରେ ଫେଲୋସିପ୍‌ର ସମ୍ପାଦକ ସେକ୍ ମହମ୍ମଦ ଫାରୁକଙ୍କ ସଭାପତିତ୍ୱରେ ଷୋଡଷ ଦିବସୀୟ ଲିଙ୍ଗଗତ ହିଂସା ଅଭିଯାନର ତୃତୀୟ ଦିବସ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଭଦ୍ରକ ପୌରପାଳିକା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହିଥିରେ ମୁଖ୍ୟ ଅତିଥିଭାବେ ଭଦ୍ରକ ପୌରାଧ୍ୟକ୍ଷା ଗୁଲମକ୍କୀ ହବିବ୍ ଏବଂ ଅତିଥିଭାବେ ୧୪ନଂ ୱାଡର୍‌ର କାଉନ୍‌ସିଲର ସେକ୍ ଜହିରୁଦ୍ଦିନ୍, ୱାନ୍ ଷ୍ଟପ୍‌ର ସେଣ୍ଟର କେଶ୍ ୱାର୍କର ସସ୍ମିତା ପ୍ରିୟଦର୍ଶନୀ, ଆସିଆନ୍‌ର ସଂଯୋଜକ ରିଆଜ ଅହମଦ ପ୍ରମୁଖ ଯୋଗ ଦେଇ ଲିଙ୍ଗଗତ ବୈଶ୍ୟମତା, ସମାନତା ଓ ଟୋଲ୍ ଫ୍ରି ହେଲ୍ପଲାଇନ୍ ନଂ ୧୮୧, ଜରୁରୀକାଳୀନ ସେବା ୧୧୨, ଚାଇଲ୍ଡ ହେଲ୍‌ପ୍‌ଲାଇନ୍ ୧୦୯୮ ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ଗୁଲମକ୍କୀ ହବିବ୍ ତାଙ୍କ ବକ୍ତବ୍ୟରେ ଆଜିର ସମାଜରେ ମହିଳାମାନେ କିପରି ବିଭିନ୍ନ ହିଂସାରେ ପୀଡ଼ିତ ହେଉଛନ୍ତି ତାହା ଉପସ୍ଥିତ ମହିଳାମାନଙ୍କୁ ବୁଝାଇଥିଲେ। ସଭାପତି ଏସ୍.ଏମ୍. ଫାରୁକ ତାଙ୍କ ବକ୍ତବ୍ୟରେ କୌଣସି ପ୍ରକାର ହିଂସାକୁ ସହ୍ୟ ନକରି ବିଭିନ୍ନ ହେଲ୍ପ ଲାଇନ୍ ନମ୍ବରରେ ଯୋଗାଯୋଗ କରିବା ସହିତ ଆଇନ୍‌ର ସହାୟତା ନେବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅର୍ବାନ ଲୋକାଲ୍ ଅଫିସିଆଲ, ଏସ୍.ଏଚ୍.ଜି.ଗ୍ରୁପ୍, ମିଶନ ଶକ୍ତି ଫେଡ଼େରେସନ୍, ଲୋକାଲ୍ ଏନ୍.ଜି.ଓ ଯୋଗଦାନ କରିଥିଲେ। ଶକ୍ତିସଦନର ସୁପରିଣ୍ଟେଣ୍ଡେଣ୍ଟ ଯୋଗାମାୟା ଚାନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ଲିପ୍ସା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୋଗଦେଲେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ

ଭଦ୍ରକ,୨୮ ।୧୧(ସମିସ): ଭଦ୍ରକ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପଦବୀଟି ୩୧.୩.୨୫ ତାରିଖରୁ ଖାଲି ପଡିଛି। ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ଅବସର ଗ୍ରହଣ ପରେ ଏହି ପଦବୀ ଖାଲି ପଡିଥିଲା। ପରେ ଗତ ୧.୪.୨୫ତାରିଖରେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା। ଏନେଇ ଦୈନିକ "ସକାଳ'ରେ ୫ମାସ ହେଲା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପଦବୀ ଖାଲି... ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହି ଖବର ପ୍ରକାଶନ ପରେ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗଙ୍କ ଆଦେଶ ସଂଖ୍ୟା ୧୭୬୦୪,୨୫.୧୧.୨୫ ତାରିଖ ଅନୁଯାୟୀ ନିଯୁକ୍ତି ପାଇଥିବା ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର ଆଜି ଜିଲ୍ଲାପାଳଙ୍କ ପାଖରେ ଯୋଗଦାନ କରିଛନ୍ତି। ଏହି ମର୍ମରେ ଏକ୍ସ ପେଜରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏନେଇ ସୂଚନା ଦିଆଯାଇଛି। ଆଜି ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀମତୀ ମହାପାତ୍ର କାର୍ଯ୍ୟଭାର ଗ୍ରହଣ ପରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦାୟିତ୍ୱରେ ଥିବା ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ବର୍ତ୍ତମାନ ସ୍ଥିତି ଉପରେ ବୁଝାଇଥିଲେ। ସୂଚନା ଯୋଗ୍ୟ ଯେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପଦବୀ ଗତ ୧.୦୪.୨୫ରୁ ଅଦ୍ୟାବଧି ଖାଲି ରହିଛି। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ଲିସାରାଣୀ ରାଉତ୍, ମିନାକ୍ଷୀ ଗରାବରୁ ଓ ପ୍ରଫୁଲ୍ଲ ଦାସ ନୂତନ ଅଧିକାରୀଙ୍କୁ ଫୁଲତୋଡା ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ।



ସକାଳ ପ୍ରଭାବ

## ନେରଡାରେ କୁରାଳ ପଞ୍ଚମୀ ପାଳିତ

ବାରିକପୁର,୨୮ ।୧୧(ସମିସ): ଭଣ୍ଡାରିପୋଖରୀ ବ୍ଲକ ନେରଡା କୁମ୍ଭାର ସାହିରେ ପବିତ୍ର କୁରାଳ ପଞ୍ଚମୀ ଉପଲକ୍ଷେ ଲକ୍ଷ୍ମୀ ନାରାୟଣଙ୍କ ପୂଜା ଉତ୍ସବ ଭାବ ଭକ୍ତିର ସହିତ ପାଳିତ ହୋଇଯାଇଛି। ସ୍ଥାନୀୟ ବୈତରଣୀ ନଦୀରେ ଘଟ ଉତ୍ତୋଳନ ପରେ ଅଧିବାସ ଓ ଷୋଡ଼ଶ ଉପଚାର ପୂଜା ଅନୁଷ୍ଠିତ ହୋଇଥିଲା। ବୈଦିକ ରୀତିନୀତି ଅନୁଯାୟୀ ପୂଜକ ରବିନ୍ଦ୍ର କୁମାର ମିଶ୍ର ଲକ୍ଷ୍ମୀ ନାରାୟଣଙ୍କ ମୃଣ୍ମୟୀ ପ୍ରତିମାଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏଥିରେ ସଙ୍କଳ୍ପ କର୍ତ୍ତା ଭାବେ ଗଣେଶ ରଣା ଓ ସୁଷମା ରଣା ଦାୟିତ୍ୱ ନିର୍ବାହ କରିଥିଲେ। ପୂଜା ଉତ୍ସବ ପାଇଁ ଆୟୋଜକ କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଗ୍ରାମବାସୀଙ୍କ ସମେତ ଆଖପାଖ ଅଂଚଳର ବୋହୁ ଜନସାଧାରଣ ଯୋଗ ଦେଇଥିଲେ। ବାର୍ଷିକ ଉତ୍ସବକୁ ପାଗଳ ବେହେରା, ମଦନମୋହନ ବେହେରା, ଶୁକ ସାହୁ, ନରେନ୍ଦ୍ର ବେହେରା, ଧନେଶ୍ୱର ବେହେରା, ପ୍ରାଣକୃଷ୍ଣ ବେହେରା, ରାଧାଶ୍ୟାମ ବେହେରା, ରସାନନ୍ଦ ବେହେରା, ନାରାୟଣ ବେହେରା, କିଶୋର ବେହେରା ପ୍ରମୁଖ ପରିଚାଳନା କରିଥିଲେ।



## ଶିକ୍ଷାବିତ୍ ଅଶୋକ ପାଣିଗ୍ରାହୀଙ୍କ ପରଲୋକ



ଭଦ୍ରକ,୨୮ ।୧୧(ସମିସ):ଅତ୍ୟନ୍ତ ଶୋକର ବିଷୟ ଏହିକି ଭଦ୍ରକ ବ୍ଲକ ଅନ୍ତର୍ଗତ ଗେଲପୁର ପଞ୍ଚାୟତ ଅଧୀନ ଗେଲପୁର ଗାଁର ବୈଷୟିକ ଶିକ୍ଷାବିତ୍, ଜ୍ଞାନୀଗୁଣୀ, ଧର୍ମପରାୟଣ ତଥା ଷ୍ଟେଟ୍ ଟେକ୍‌ନିକାଲ କାଉନ୍‌ସିଲର ପୂର୍ବତନ ଭିସି ଅଶୋକ କୁମାର ପାଣିଗ୍ରାହୀଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ସ୍ୱର୍ଗତ ପାଣିଗ୍ରାହୀ, ଜୟମାଧବ ପାଣିଗ୍ରାହୀଙ୍କ ଜ୍ୟେଷ୍ଠ ପୁତ୍ର ତଥା ବରିଷ୍ଠ ବିଜେଡିନେତା ଅସିତ୍ କୁମାର ପାଣିଗ୍ରାହୀଙ୍କ ବଡଭାଇ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଗେଲପୁର ଗ୍ରାମବାସୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସ୍ୱର୍ଗତ ଅଶୋକ ପାଣିଗ୍ରାହୀ ଗେଲପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପରି.ଳନା କମିଟି ସଭାପତି ଓ ଅନ୍ୟାନ୍ୟ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ। ତାଙ୍କ ବିୟୋଗରେ ଗେଲପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା।

## ୪ ବାଲି ବୋଝେଇ ଟ୍ରକ ଜବତ

ବାରିକପୁର,୨୮ ।୧୧(ସମିସ): ଭଣ୍ଡାରିପୋଖରୀ ଥାନା ପକ୍ଷରୁ ଗତ ଗୁରୁବାର ରାତିରେ ୪ଟି ବାଲି ଟ୍ରକକୁ ଜବତ କରାଯାଇଛି। ଥାନା ଅଧିକାରୀଣି ରାଜଲକ୍ଷ୍ମୀ ନାୟକଙ୍କ ନେତୃତ୍ୱରେ ପାଟ୍ରୋଲିଂ ଚାଲିଥିବା ବେଳେ ବାଲିଗାଡିକୁ ଯାଞ୍ଚ କରାଯାଇଥିଲା। ବାଲି ପରିବହନ ନେଇ କୌଣସି ସଠିକ୍ କାଗଜ ପତ୍ର ନମିଳିବାରୁ ସେଗୁଡ଼ିକୁ ଜବତ କରାଯାଇଛି। ଏନେଇ ଥାନା ପକ୍ଷରୁ ୩ଟି ମାମଲା ରୁଜୁ କରାଯାଇଛି। ସଂପ୍ରତି ବୈତରଣୀ ନଦୀରୁ ବେଆଇନ ବାଲି ଉତ୍ତୋଳନ ଓ ପରିବହନ କ୍ରମାଗତ ଭାବେ ବୃଦ୍ଧି ପାଉଥିବା ବେଳେ ପ୍ରଶାସନ ପକ୍ଷରୁ ଏହାକୁ ରୋକଲଗାଇବା ପାଇଁ ଉଦ୍ୟମ ଜାରି ରହିଛି।

## ଗୌରାଙ୍ଗ ବାରିକଙ୍କୁ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର



ଭଦ୍ରକ,୨୮ ।୧୧(ସମିସ): ଭଦ୍ରକ ଜିଲ୍ଲା ରାନ୍ଦଆ କୋରଟହ ଗାଁର ଲୋକ ନାଟ୍ୟ ମୋଗଲତାମସା ନିର୍ଦ୍ଦେଶକ ଗୌରାଙ୍ଗ ଚନ୍ଦ୍ର ବାରିକଙ୍କୁ-୨୦୨୪ ପାଇଁ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଛି। ଭୁବନେଶ୍ୱର ଲୋକସେବା ଭବନରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ଉତ୍ସବରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶ୍ରୀ ବାରିକଙ୍କୁ ପୁରସ୍କୃତ କରିଥିଲେ। ଏହି ଉତ୍ସବରେ ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟକେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶ, ବିଧାୟକ ସିଦ୍ଧାନ୍ତ ମହାପାତ୍ର, ବାବୁ ସିଂ, ଆକାଶ ଶ ଦାସ ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଶ୍ରୀ ବାରିକ ଲୋକନାଟ୍ୟ ମୋଗଲ ତାମ୍‌ସାରେ ଦୀର୍ଘଦିନ ହେବ ଅଭିନୟ କରି ସୁନାମ ଅର୍ଜନ କରିଥିବା ବେଳେ ଜଣେ ସଫଳ ନିର୍ଦ୍ଦେଶ ଭାବେ ମଧ୍ୟ ସେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି। ସେ ରାଜ୍ୟ ତଥା ରାଜ୍ୟ ବାହାରେ ଲୋକନାଟ୍ୟ "ମୋଗଲ ତାମ୍‌ସା'କୁ ମଞ୍ଚସ୍ଥ କରିବା ସହିତ ପ୍ରସାର ଓ ପ୍ରଚାର ଚାର କରାଇ ଲୋକନାଟ୍ୟକୁ ଉଜ୍ଜୀବିତ କରିବା ସଙ୍ଗେସଙ୍ଗେ ଭଦ୍ରକର ଗୌରବକୁ କୁ ଅକ୍ଷୁଣ୍ଣ ରଖିବାରେ ପ୍ରୟାସ ଜାରି ରଖିଛନ୍ତି। ବିମଳା ନାଟ୍ୟ ସଂସଦର ସମ୍ପାଦକ ରହି ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମକରି ନିଜର ଦାୟିତ୍ୱ ସୂଚାରୁ ରୂପେ ସମ୍ପାଦନ କରି ବେଶ ପରିଚିତ ହୋଇଛନ୍ତି। ସେ ଜଣେ ସୁସଙ୍ଗଠକ ଭାବରେ ବହୁ ଅନୁଷ୍ଠାନ ସହ ଜଡିତ ରହି ସାମାଜିକ, ସାଂସ୍କୃତିକ, ସାଙ୍ଗଠନିକ ଓ ସମାଜକଲ୍ୟାଣ କାର୍ଯ୍ୟକରି ଲୋକପ୍ରିୟ ହୋଇପାରିଛନ୍ତି।

## ଖାନକା ସରିଫର ବାର୍ଷିକ ଉର୍ସ ଉତ୍ସବ



ଧାମନଗର,୨୮ ।୧୧(ସମିସ):ଧାମନଗର ସ୍ଥିତ ହଜରତ ପୀରବାବା ହୋଜୁର ମୁଜାହିଦ୍-ଏ-ମିଲ୍ଲିତଙ୍କ ପାଳିତ ପୁଅ ତଥା ପ୍ରସିଦ୍ଧ ପୀଠ ଖାନକା ସରିଫର ପ୍ରଥମ ମତ୍ୱଲ୍ଲି ହଜରତ ମୌଲାନା ଅବଦୁଲ ଓହିଦଙ୍କ ୩୫ତମ ବାର୍ଷିକ ଉର୍ଷ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅବଦୁଲ ଓହିଦଙ୍କ ଆସ୍ଥାନକୁ ଗୋଲାପ ଜଳ ଓ ଚନ୍ଦନରେ ବର୍ତ୍ତମାନର ଖାନକା ସରିଫ୍ ମତ୍ୱଲ୍ଲୀ ଅଲହାଜ୍ ସୟଦ୍ ଗୋଲାମ ମହମ୍ମଦ ହବିବିଙ୍କ ପୁଅ ସୟଦ ହବିବ୍ ରଜା ହବିବିଙ୍କ କରକମଳରେ ଗୋସଲ ସରିଫ୍ (ସ୍ନାନ) କରାଇଥିଲା। ପରେ କୋରାନ୍ ଖାନି ଓ ଫାତେହା କାର୍ଯ୍ୟକ୍ରମ ସରିବା ପରେ ସର୍ବ ସାଧାରଣରେ ଦର୍ଶନ ଆରମ୍ଭ ହୋଇ ମଧ୍ୟାହ୍ନରେ ଲଙ୍ଗର(ଭୋଗ) ବଣ୍ଟନ କରାଯାଇଥିଲା। ଏହି ଉପଲକ୍ଷେ ଧାମନଗର ଶାମପୁର ସ୍ଥିତି ନାୟକ ସାହି ଇସଲାମ ନଗରଠାରେ ରାତି ୮ଟା ରେ ଏକ ଜଲସା କାର୍ଯ୍ୟକ୍ରମ ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୌଲାନା ଅବଦୁଲ ଓହିଦଙ୍କ ପାଇଁ ଆଜି ଧାମନଗରରେ ହୋଜୁର ମୁଜାହିଦ୍-ଏ-ମିଲ୍ଲତ ରହିଛନ୍ତି ବୋଲି ମୌଲାନା ଓ କବି ସୂଚନା ଦେଇଥିଲେ। ଏହି ଅବସରରେ ସେକ ଗୋଲାମ ମହମ୍ମଦ ମୋଜାହିଦୀ, ଗୋଲାମ ମୁସ୍ତଫା ହବିବିଙ୍କ ତତ୍ତ୍ୱାବଧାନରେ ଜଲସା କାର୍ଯ୍ୟକ୍ରମଳରେ ହଜରତ ମୌଲାନା ହବିବି ରଜା ହବିବି, ବିଶିଷ୍ଟ ସମାଜସେବୀ ଆଲହାଜ ଏମଡି ଡାକ୍ତର ସାଦିକ୍, ସାୟାର ସେକ ସାଇଦ ରଜା, ମୌଲାନା ଅବଦୁଲ ମାନ୍ନାନ ହବିବିଙ୍କ ସମେତ ମୌଲାନା ଓ ଅନ୍ୟ ସାୟାର ଓ କବି ପ୍ରମୁଖ ଯୋଗ ଦେଇ ଜଲସା, ମୁସାୟେରା ଓ ତକ୍ରୀର ଏବଂ ଧାର୍ମିକ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ଗୋଲାମ ଜିଲାନି ହବିବି, ସେକ ଜାଫର ହବିବି, ସମାଜସେବୀ ଏମଡି ତାଜୁଦ୍ଦିନ ହବିବି ପ୍ରମୁଖ ଜଲସା ପରିଚାଳନାରେ ସହଯୋଗ କରିଥିଲେ।

## ସତ୍ୟାନନ୍ଦ ବିନ୍ଧାଣୀଙ୍କ ସ୍ମୃତିଚାରଣ ସଭା

ଭଦ୍ରକ,୨୮ ।୧୧(ସମିସ): ଛାତ୍ର ଜୀବନରୁ ଶିକ୍ଷକତା ପର୍ଯ୍ୟନ୍ତ ଜଣେ ସରଳ, ଭଦ୍ର, ମିଷ୍ଟଭାଷୀ, ମେଳାପୀ ଥିଲେ ସ୍ୱର୍ଗତ ସତ୍ୟାନନ୍ଦ ବିନ୍ଧାଣୀ। ସେ ଜଣେ ମେଧାବୀ ଛାତ୍ର ଭାବେ ଯେମିତି ତାଙ୍କର ସୁନାମ ଥିଲା ସେମିତି ଜଣେ ଉତ୍ତମ ଶିକ୍ଷକ ଭାବେ ପରିଚିତ ଥିଲେ ବୋଲି ତାଙ୍କ ଏକାଦଶାହ ଅବସରରେ ଆୟୋଜିତ ସ୍ମୃତି ଚାରଣ ସଭାରେ ବକ୍ତାମାନେ ସ୍ମୃତିଚାରଣ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହୃଷିକେଶ ମିଶ୍ରଙ୍କ ସଭାପତିତ୍ୱରେ ବନ୍ତ ବ୍ଲକ




ଆଡିଆ ସ୍ଥିତ ତାଙ୍କ ବାସଭବନରେ ଅନୁଷ୍ଠିତ ସଭାରେ ଅନ୍ୟତମ ଅତିଥି ଭାବେ ସାହିତ୍ୟିକ ଚତୁର୍ଭୁଜ ପହି, ଶିକ୍ଷାବିତ କାଳନ୍ଦୀ ଚରଣ ଖୁଣ୍ଟିଆ, ସିଦ୍ଧେଶ୍ୱର ପଣ୍ଡା, ପରମାନନ୍ଦ ପଣ୍ଡା, ଲାଲମୋହନ ପୁହାଣ ଶିକ୍ଷକ ଜଗନ୍ନାଥ ମଲ୍ଲିକ, ବ୍ରିଗେଡ ସ୍କୁଲ ଅଧ୍ୟକ୍ଷ ହରିହର ଜେନା ପ୍ରମୁଖ ତାଙ୍କ ଉତମ ଚରିତ୍ର ଓ ତାଙ୍କ ଗୁଣାବଳୀ ବିଷୟରେ ସ୍ମୃତି ଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱନାଥ ବିନ୍ଧାଣୀ, ସନାତନ ରାଉତ, ଦିଲ୍ଲୀପ ମଲ୍ଲିକ, ପ୍ରଦୀପ କର, ପୂର୍ଣଚନ୍ଦ୍ର ପାତ୍ରଙ୍କ ସମେତ ସହପାଠୀ ମାନେ ସ୍ମୃତି ଚାରଣ କରିଥିଲେ। ପ୍ରକାଶ ଥାଉକି ସ୍ୱର୍ଗତ ବିନ୍ଧାଣୀ ରାୟଗଡା ଜିଲ୍ଲା ଆମ୍ବବାଡି ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ। ମାତ୍ର ୪୯ ବର୍ଷ ବୟସରେ ବ୍ରେନ ଷ୍ଟୋକରେ ଗତ ୧୧ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା।

## ସମବାୟ ସଚିବଙ୍କ ଦୁଇଦିନିଆ ଭଦ୍ରକ ଜିଲ୍ଲା ଗସ୍ତ



ଭଦ୍ରକ,୨୮ ।୧୧(ସମିସ): ଦୁଇ ଦିନିଆ ଭଦ୍ରକ ଜିଲ୍ଲା ଗସ୍ତରେ ଆସିଥିବା ସମବାୟ ସଚିବ ଓ ଓଡିଶା ଷ୍ଟେଟ ବ୍ୟାଡ଼ମିଣ୍ଟନ ଆସୋସିଏସନର ସଭାପତି ରାଜେଶ ପ୍ରଭାକର ପାଟିଲ ଜିଲ୍ଲା ପ୍ରଦକ୍ଷଣ ଗୃହଠାରେ ଭଦ୍ରକ ଜିଲ୍ଲା ସଟଲ ଆସୋସିଏସନର କର୍ମକର୍ତ୍ତାଙ୍କ ସହିତ ସାକ୍ଷାତ କରି ଜିଲ୍ଲାରେ ବ୍ୟାଡ଼ମିଣ୍ଟନ ଖେଳର ଭିତିଭୂମି ଦୃଢ଼ କରିବା ପାଇଁ ଆଲୋଚନା କରିଛନ୍ତି। ଏହି ଆଲୋଚନାରେ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ମଧ୍ୟ ଉପସ୍ଥିତ ଥିଲେ। ଆସୋସିଏସନର ସଭାପତି ମହେଶପ୍ରସାଦ ଦାସ, ସମ୍ପାଦକ ଓ ରାଜ୍ୟ ଆସୋସିଏସନରୁ ଜିଲ୍ଲାକୁ ପ୍ରତିନିଧିତ୍ୱ କରୁଥିବା ସମୀର କାନ୍ତ ଦାସ, କୋଷାଧକ୍ଷ ରାଜେଶ ଦାସ, ସଂଯୋଜକ ବିଭୁକଲ୍ୟାଣ ବାରିକ, ସଦସ୍ୟ ପରେଶ ବାରିକ, ନିରଜ କୁମାର ସାହୁ, କୋଚ ସୁଜାତା ସାହୁ ପ୍ରମୁଖ ଆଗାମୀ ଦିନରେ ଭଦ୍ରକ ଜିଲ୍ଲାକୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପ୍ରଦାନ କରିବା ପାଇଁ ଅନୁରୋଧ କରିଥିଲେ। କ୍ରୀଡାମନ୍ତ୍ରୀ ଏ ନେଇ ତାଙ୍କ ସହିତ ଆଲୋଚନା କରିଛନ୍ତି ବୋଲି ଶ୍ରୀ ପାଟିଲ ସୂଚନା ଦେଇଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା

ଦୋବଲ,୨୮ ।୧୧(ସମିସ): ଦୋବଲ ନିକଟ ଦେହୁଡି ଆନନ୍ଦପୁର ପଞ୍ଚାୟତ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୦ତମ ବାର୍ଷିକ କ୍ରୀଡା ୨ଦିନ ଧରି ଅନୁଷ୍ଠିତ ହୋଇଛି। ଉଦଘାଟନୀ ଉତ୍ସବରେ କ୍ରୀଡ଼ା ଶିକ୍ଷକ ଦୋଳଗୋବିନ୍ଦ ବେହେରା ଯୋଗଦେଇ କ୍ରୀଡ଼ା ପତାକା ଉତୋଳନ କରି ଶୁଭାରମ୍ଭ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ନିରାକାର ଦାଶଙ୍କ ସଂଯୋଜନାରେ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ଗଦାଧର ସାହୁ, ସହସମ୍ପାଦକ ଦେବେନ୍ଦ୍ର ସାହୁ, ଉପସଭାପତି ଗୋପାଳ ଚନ୍ଦ୍ର ବେହେରା ଓ କୋଷାଧ୍ୟକ୍ଷ ପ୍ରତାପ ଆଦିଆ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ କ୍ରୀଡ଼ା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଛାତ୍ରମାନେ ମାନଲାପୁରସ୍ଥିତ ମା' ମଙ୍ଗଳା ମନ୍ଦିର ନିକଟରୁ ଏକ ମଶାଲ ଶୋଭାଯାତ୍ରାରେ ଆସି ବିଦ୍ୟାଳୟରେ ପହଞ୍ଚିବା ପରେ ଖେଳ ଆରମ୍ଭ ହୋଇଥିଲା। ପ୍ରାୟ ୪୫୦ ପ୍ରତିଯୋଗୀ ଏଥିରେ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷରେ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। କ୍ରୀଡ଼ା ଶିକ୍ଷକ ହରିହର ପାତ୍ର କ୍ରୀଡ଼ା ଶପଥ ପାଠ କରାଇଥିବା ବେଳେ ଗୁରୁଜୀ ପ୍ରକାଶ ଚନ୍ଦ୍ର ଜେନା, ମନୋଜ ଜେନା, ଅଶୋକ ଶତପଥୀ, ବିନୋଦ ଦାସ, କାମେଶ୍ୱର ସାହୁ, ଅଭିଜିତ ସାମଲ, ଗୁରୁମା ଲଳିତା ମିଶ୍ର, ପ୍ରତିଭା ପାଣିଗ୍ରାହୀ, ସୁପ୍ରଭା ନାୟକ, ମନୋରମା ନାୟକ ପ୍ରମୁଖ ପରିଚାଳନା କରିଥିଲେ।



### ଭଦ୍ରକ ରୋଟାରୀ କ୍ଲବ୍‌ର ନୂତନ କର୍ମକର୍ତ୍ତା

## ଶାନ୍ତିସ୍ୱରୂପ ସଭାପତି ଓ ପ୍ରଣବ ସମ୍ପାଦକ ନିର୍ବାଚିତ

ଭଦ୍ରକ,୨୮ ।୧୧(ସମିସ)

ଭଦ୍ରକ ରୋଟାରୀ କ୍ଲବ୍ ପରିସରରେ (୨୭-୨୮) ରୋଟାରୀ ବର୍ଷ ପାଇଁ ସଭାପତି ଭାବେ ରୋଟାରିଆନ୍ ଶାନ୍ତିସ୍ୱରୂପ ମିଶ୍ର ଓ ସମ୍ପାଦକ ଭାବେ ରୋଟାରିଆନ ପ୍ରଣବ କୁମାର ସାହୁ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି। ରୋଟାରୀ କ୍ଲବ ନିର୍ବାଚନ ଅଫିସର ରୋ.ବସନ୍ତ କୁମାର ପାଣିଗ୍ରାହୀ ଆଜି ଆନୁଷ୍ଠାନିକ ଭାବେ ସର୍ବସମ୍ମତିକ୍ରମେ ଆସିଥିବା ପ୍ରସ୍ତାବ ଓ ସମର୍ଥନ ଗ୍ରହଣ ପୂର୍ବକ ନିର୍ବାଚନ ଫଳ ଘୋଷଣା କରିବା ପରେ ଉପସ୍ଥିତ ସମସ୍ତ ସଭ୍ୟ ପୁଷ୍ପଗୁଚ୍ଛ ପ୍ରଦାନ କରି ନବନିର୍ବାଚିତ ସଭାପତି ଓ ସମ୍ପାଦକଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଚଳିତ ରୋଟାରୀ ବର୍ଷର ସଭାପତି ରୋ.ନାସିର ବାସ୍କେଙ୍କ ସଭାପତିତ୍ୱରେ ୨୬-୨୭ ରୋଟାରୀ ବର୍ଷର ପ୍ରଥମ ମହିଳା ସଭାପତି ସାୟନ୍ତା ସୌରମାଳିନି ସାହୁଙ୍କ ରୋଟାରୀ ବର୍ଷର ବୋର୍ଡ ଅଫ ଡାଇରେକ୍ଟର ଏବଂ ଚେୟାରମ୍ୟାନଙ୍କ ନାମ ମନୋନୟନ କରାଯାଇ ଇଲେକ୍ସନ ଅଫିସର ରୋ.ପାଣିଗ୍ରାହୀ ଘୋଷଣା କରିଥିଲେ। ରୋଟାରୀ ଗଭର୍ଣ୍ଣର ୨୭-୨୮ ଇନ୍ଦ୍ରଜିତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବ ନିର୍ବାଚିତ ସଭାପତି, ସମ୍ପାଦକ ଓ ବୋର୍ଡ ଅଫ ଡାଇରେକ୍ଟର ମାନଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ତୁରନ୍ତ ଭଦ୍ରକ ରୋଟାରୀ କ୍ଲବ୍ ଦ୍ୱାରା ଏକ ଚକ୍ଷୁ ଓ ଦନ୍ତ ଚିକିତ୍ସାଳୟ ପ୍ରତିଷ୍ଠା ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ କରି ଆବଶ୍ୟକ ଅର୍ଥ ରୋଟାରୀ ଫାଉଣ୍ଡେସନ ମାଧ୍ୟମରେ ୨୭-୨୮ ରୋଟାରୀ ବର୍ଷରେ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋ ବିଜୟ ସାହୁ, ଅମ୍ବିକା ବଲ୍ଲଭ ସ୍ୱାଇଁ, ଉମାକାନ୍ତ ଜେନା, ଗୟାଧର ପଣ୍ଡା, ବସନ୍ତ ସାମଲ, ଶୈଳେନ୍ଦ୍ର ପାଢ଼ୀ, ସତ୍ୟସୁନ୍ଦର ମଣ୍ଡଳ, ଅଜିତ ମହାପାତ୍ର, ସୌଭାଗ୍ୟ ବଳ ଓ ବହୁ ନିମନ୍ତ୍ରିତ ଅତିଥି ନବ ନିର୍ବାଚିତ ସଭାପତି ଓ ସମ୍ପାଦକଙ୍କୁ ସମ୍ବର୍ଦ୍ଧନା ସହିତ ଶୁଭେଚ୍ଛା ପ୍ରଦାନ କରିଥିଲେ। ଶେଷରେ ସମ୍ପାଦକ ଭାସ୍କର ଚନ୍ଦ୍ର ପାଢ଼ୀ ଧନ୍ୟବାଦ୍ ଅର୍ପଣ କରିଥିଲେ।



## ମହମ୍ମଦନଗର ପାଟଣାରେ ଭତ୍ତା ପାଇଁ ବୟସ ଜାଲିଆତି ଘଟଣା

# ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ବ୍ଲକ୍ ପ୍ରଶାସନର ତଦନ୍ତ

ଜଳେଶ୍ୱର ବ୍ଲକ, ୨୮।୧୧(ସମିସ)

ଜଳେଶ୍ୱର ବ୍ଲକ୍ ମହମ୍ମଦନଗରପାଟଣା ପଞ୍ଚାୟତରେ ଭତ୍ତା ପାଇଁ ବୟସରେ ଜାଲିଆତି ଘଟଣାରେ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଜଳେଶ୍ୱର ବ୍ଲକ୍ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇଛି। ଭାରପ୍ରାପ୍ତ ବିଏସ୍ଏସ୍ ସଜତ ଅନୁପମଙ୍କ ନେତୃତ୍ୱରେ ଏକ ୩ଜଣିଆ ଟିମ୍ ଗତକାଲି ଚକ୍ରଡ଼ା ଗ୍ରାମର ପୂର୍ଣ୍ଣଚନ୍ଦ୍ର ମାଝୀଙ୍କ ଘରକୁ ଯାଇ ତଦନ୍ତ କରିଛି। ତଦନ୍ତ ସମୟରେ ପୂର୍ଣ୍ଣଚନ୍ଦ୍ର ଅନୁପସ୍ଥିତ ଥିଲେ ବୋଲି ଜଣାପଡ଼ିଛି। ତାଙ୍କ ପରିବାରର ଅନ୍ୟ ସଦସ୍ୟଙ୍କ ବୟାନ ରେକର୍ଡ କରାଯିବା ସହ ବୟସ ସମ୍ବନ୍ଧୀୟ ସେମାନଙ୍କ ବିଭିନ୍ନ ପ୍ରମାଣପତ୍ର ସଂଗ୍ରହ କରିଛି ତଦନ୍ତକାରୀ ଟିମ୍। ଅନୁରୂପ ଭାବେ ଚାଳନ୍ତି ଗାଁ'ର ବିଜୟ ଦେ'ଙ୍କ ଘରକୁ ଯାଇ ଏହି ଟିମ୍ ତଦନ୍ତ କରିଛି। ତଦନ୍ତ ରିପୋର୍ଟ ଖୁବଶୀଘ୍ର ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ଭତ୍ତା ପାଇବା ପାଇଁ ଏହି ଦୁଇ ହିତାଧିକାରୀ ଜାଲିଆତି କରି ଭୋଟର ତାଲିକାରେ ବୟସ ବଢ଼ାଇଛନ୍ତି କି? ଯଦି ବଢ଼ାଇଛନ୍ତି ତେବେ ଭୋଟର ତାଲିକା ସଂଶୋଧନ କାମରେ ନିୟୋଜିତ ଥିବା ବିଏଲଓଙ୍କ ଭୂମିକା ସମ୍ପର୍କରେ ମଧ୍ୟ ତଦନ୍ତ କରାଯିବ ବୋଲି ଜଣାପଡ଼ିଛି।



ମହମ୍ମଦନଗର ପାଟଣା ପଞ୍ଚାୟତରେ ବହୁ ଅଯୋଗ୍ୟ ହିତାଧିକାରୀ ଭତ୍ତା ପାଇବା ପାଇଁ ବୟସ ଜାଲିଆତି କରିଥିବା ନେଇ ଗତ ୨୪ ତାରିଖରେ ବାଲେଶ୍ୱର ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଥିବା ଖବର ପ୍ରକାଶିତ ହୋଇଥିଲା। ଏହି ଖବର ପ୍ରକାଶ ପରେ ଜଳେଶ୍ୱରର ବିଭିନ୍ନ ପଞ୍ଚାୟତରୁ ଏମିତି ଅଭିଯୋଗର ଫର୍ଦ୍ଦ ଲମ୍ବିବାରେ ଲାଗିଛି। ବ୍ଲକ୍‌ର ଶତାଧିକ ଜାଲି ହିତାଧିକାରୀ ବୟସ ବଢ଼ାଇ ଭତ୍ତା ପାଉଥିବା କୁହାଯାଉଛି। ଆଗକୁ ଏହାର ଏକ ଲମ୍ବା ତାଲିକା ଜଳେଶ୍ୱର ବ୍ଲକ୍‌ରେ ବାହାରିବ ବୋଲି ବିଭିନ୍ନ ମହଲରୁ ପ୍ରଶ୍ନ ଉଙ୍କି ମାରିଲାଣି।

# ରେଳ ବିଭାଗ ପକ୍ଷରୁ ଗୋପୀନାଥପୁର ଷ୍ଟେସନରେ ମକଡ୍ରିଲ୍



ବାଲେଶ୍ୱର/ନୀଳଗିରି,୨୮।୧୧(ସମିସ): ରେଳ ଦୁର୍ଘଟଣା ପରେ କିଭଳି ଯାତ୍ରୀଙ୍କ ଜୀବନ ରକ୍ଷା କରିବା, ମୃତଦେହକୁ କିପରି ବାହାର କରିବା ସହ ବିଭିନ୍ନ କ୍ଷେତ୍ରରେ ତୁରନ୍ତ କିପରି ପଦକ୍ଷେପ ନିଆଯାଇପାରିବ, ସେଥିପାଇଁ ଶୁକ୍ରବାର ଦିନ ନୀଳଗିରି ଗୋପୀନାଥପୁର ରେଳ ଷ୍ଟେସନରେ ରେଳ ବିଭାଗ ପକ୍ଷରୁ ଏକ ମକଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ୨୦୨୩ ଜୁନ ୨ତାରିଖ ସନ୍ଧ୍ୟାରେ ବାହାନଗାରେ ରେଳ ଦୁର୍ଘଟଣା ସମଗ୍ର ଦେଶବାସୀଙ୍କୁ ସ୍ତବ୍ଧ କରିପକାଇଥିଲା। ଏହି ଦୁର୍ଘଟଣାରେ ୨୯୬ ଜଣ ଯାତ୍ରୀଙ୍କ ଜୀବନ ଯାଇଥିବାବେଳେ ଶହ ଶହ ଯାତ୍ରୀ ଗୁରୁତର, ଆହତ ହୋଇଥିଲେ। ଏବେବି କିଛି ଯାତ୍ରୀ ବିକଳାଙ୍ଗ ହୋଇ ଜୀବନ କାଟୁଛନ୍ତି। ବାହାନଗା ରେଳ ଦୁର୍ଘଟଣାର ଅବିକଳ ଚିତ୍ର ଆଜି ମକ୍‌ଡ୍ରିଲରେ ପ୍ରଦର୍ଶନ କରାଯାଇଥିଲା। ଏହାକୁ ଦେଖିବା ପାଇଁ ଶହ ଶହ ଲୋକଙ୍କ ସମାଗମ ଦେଖିବାକୁ ମିଳିଥିଲା। ଏହାକୁ ଦେଖି ବାହାନଗା ରେଳ ଦୁର୍ଘଟଣା ଲୋକଙ୍କ ମନରେ ଉଙ୍କି ମାରିଥିଲା। ଏବେ ସାରା ଦେଶରେ ରେଳ ଦୁର୍ଘଟଣା ଘଟୁଥିବାବେଳେ କିଭଳି ଗୁରୁତର ଯାତ୍ରୀଙ୍କୁ ଉଦ୍ଧାର କରାଯିବ, ମୃତଦେହ କିଭଳି ବାହାର କରାଯିବ, ତୁରନ୍ତ କିଭଳି ଚିକିତ୍ସା ଯୋଗାଇ ଦିଆଯିବ, ରେଳ ଡବା କାଟି କିପରି ଯାତ୍ରୀଙ୍କୁ ଉଦ୍ଧାର କରାଯିବ, ସେ ନେଇ ଲୋକଙ୍କୁ ମକ୍‌ଡ୍ରିଲ୍ ମାଧ୍ୟମରେ ରେଳ ବିଭାଗ ପକ୍ଷରୁ ସଚେତନତା କରାଯାଇଥିଲା। ଦୁର୍ଘଟଣା ସ୍ଥଳରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ କ୍ୟାମ୍ପ କରାଯାଇଥାଏ। ମୃତ ଲୋକଙ୍କୁ ଚିହ୍ନଟ କରିବା ପାଇଁ ସଠିକ୍ କାଗଜପତ୍ର ଯାଞ୍ଚ ପରେ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥାଏ। ଦୁର୍ଘଟଣା ସ୍ଥଳରେ ଏନ୍‌ଡିଆରଏଫ୍ ଟିମ୍, ଆର୍‌ପିଏଫ୍, ସ୍ୱାସ୍ଥ୍ୟ ବିଭାଗ, ରେଳ ବିଭାଗର ଅଫିସର, କର୍ମଚାରୀ, ସାମିଲ ହୋଇଥା'ନ୍ତି। ଆଗାମୀ ଦିନରେ ରେଳ ଦୁର୍ଘଟଣା କ୍ଷେତ୍ରରେ ଅତ୍ୟାଧୁନିକ ରଣକୌଶଳ କରାଯିବ ବୋଲି ପୂର୍ବତଟ ଖଡ଼ଗପୁର ରେଳ ବିଭାଗ ଡିଆର୍‌ଏମ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଖଡଗପୁର ରେଳ ଡିଭିଜନର ପ୍ରବନ୍ଧକ ଲଳିତ ମୋହନ ପାଣ୍ଡେଙ୍କ ସମେତ ବହୁ ଅଧିକାରୀ, ନୀଳଗିରି ପୁଲିସ, ଅଗ୍ନିଶମ କର୍ମଚାରୀ ସାମିଲ ହୋଇଥିଲେ।

# ଜବରଦଖଲରେ ବହୁ ଧର୍ମାନୁଷ୍ଠାନର ସମ୍ପତ୍ତି; ଉଚ୍ଛେଦ ଦାବି

ଜଳେଶ୍ୱର ବ୍ଲକ୍,୨୮।୧୧(ସମିସ): ଜଳେଶ୍ୱର ତହସିଲ ଅଧୀନରେ ଥିବା ବିଭିନ୍ନ ଧର୍ମାନୁଷ୍ଠାନର ଭୂ-ସମ୍ପତି ଭୋଗ ଜବରଦଖଲକାରୀ ଓ ଲୋକଙ୍କ କବ୍‌ଜାରେ ରହିଛି। ଜଳେଶ୍ୱର ବଡ଼ବଜାରସ୍ଥ ଶ୍ରୀଜଗନ୍ନାଥଜୀଉ ମନ୍ଦିର, ଲକ୍ଷ୍ମଣନାଥ ରାୟଙ୍କ ଅଧୀନସ୍ଥ କିଛି ମନ୍ଦିରର ଜାଗା ସହିତ ବହୁ ପୁରାତନ ମନ୍ଦିର, ମଠ ଓ ଧର୍ମାନୁଷ୍ଠାନର ସମ୍ପତ୍ତି ବର୍ତ୍ତମାନ ଜନସାଧାରଣ ଓ ଭୋଗ ଦଖଲକାରୀଙ୍କ କବଜାରେ ରହିଛି ବୋଲି ସୂଚନା ମିଳିଛି। ସରକାରଙ୍କ ଦେବୋତ୍ତୋର ବିଭାଗ ପକ୍ଷରୁ ଏଗୁଡିକର ତଦନ୍ତ କଲେ ପୁନରୁଦ୍ଧାର ହୋଇପାରନ୍ତା ବୋଲି ସ୍ଥାନୀୟ ଜନସାଧାରଣ ମତ ପ୍ରଦାନ କରିଛନ୍ତି। ଜମିଦାରୀ ପ୍ରଥା ଉଚ୍ଛେଦ ପରେ ସରକାର ଓ ସେବାୟତଙ୍କ ଉଦାସୀନତା କାରଣରୁ ଧର୍ମାନୁଷ୍ଠାନର ଏକର ଏକର ଚାଷଜମିକୁ କେତେକ ଭାଗଚାଷୀ କବଜା କରି ରଖିଛନ୍ତି। ଜଳେଶ୍ୱର ବଡବଜାରସ୍ଥ ଜଗନ୍ନାଥ ମନ୍ଦିରର କେତେକ ଦାମୀ ଜାଗା ଜଳେଶ୍ୱର ସହର ମଧ୍ୟରେ ରହିଥିଲେ ମଧ୍ୟ ଜବରଦଖଲରେ ଅଛି । ଦୀର୍ଘବର୍ଷ ଧରି ଏହି ଅନୁଷ୍ଠାନର ରକ୍ଷଣାବେକ୍ଷଣ ଠିକ୍ ଭାବେ କରାଯାଉ ନ ଥିବାରୁ ବହୁ ସ୍ଥାବର ସମ୍ପତ୍ତିକୁ ଲୋକମାନେ ଜବରଦଖଲ କରିବାରେ ଲାଗିଛନ୍ତି। ସେଥିପାଇଁ ଜଗନ୍ନାଥ ମନ୍ଦିରର ନୂତନ ଟ୍ରଷ୍ଟ ତରଫରୁ କେତେକ ଜାଗାକୁ ପରିଦର୍ଶନ କରିବା ସହିତ ଭକ୍ତମାନେ ଜବରଦଖଲକାରୀଙ୍କଠାରୁ ସମ୍ପତ୍ତି ପୁନରୁଦ୍ଧାର ପାଇଁ ଦେବୋତ୍ତୋର ବିଭାଗ କମିଶନର ତଥା ସ୍ଥାନୀୟ ତହସିଲଦାରଙ୍କୁ ଅବଗତ କରାଯାଇଛି ବୋଲି ସୂଚନା ଦିଆଯାଇଛି। ଜଳେଶ୍ୱର ଷ୍ଟେସନ ବଜାର ନିକଟ ହିରୋ ଶୋରୁମ ସମ୍ମୁଖରୁ ରାଜପୁର ମୌଜାର ୪୨ଡିସିମିଲ ଜାଗାକୁ କେତେକ ସ୍ଥାନୀୟ ଲୋକ ଜବରଦଖଲ କରି ରଖିଛନ୍ତି। ସେହିପରି ପାଳସାହି, ଧାରାଷ୍ଟକ, ଶାନିଆ ମୌଜାରେ ମଧ୍ୟ କେତେକ ମୂଲ୍ୟବାନ ଜାଗା କେତେକ ବ୍ୟକ୍ତିଙ୍କ ଜବରଦଖଲରେ ରହିଛି। ଏସବୁ ମୂଲ୍ୟବାନ ସମ୍ପତ୍ତି ଉଦ୍ଧାର ହେଲେ ମନ୍ଦିର ଓ ମଠର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସହିତ ଜୀଉ ଓ ଦେବାଦେବୀଙ୍କ ସେବାରେ ଉନ୍ନତି ହୋଇପାରିବ। ତେଣୁ ଆଗାମୀ ଦିନରେ ଏହି ସମ୍ପତ୍ତିର ଉଦ୍ଧାର ପାଇଁ ସରକାରଙ୍କ ଦେବୋତ୍ତୋର ବିଭାଗ କମିଶନରଙ୍କ ନିକଟରେ ଆବେଦନ କରାଯିବ ବୋଲି ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଛି।



## ଦୀଘାରେ ଓଡ଼ିଆ ବ୍ୟବସାୟୀଙ୍କୁ ଉଚ୍ଛେଦ ଘଟଣା

# ଓଡ଼ିଆ ବ୍ୟବସାୟୀଙ୍କ ଜାତୀୟ ରାଜପଥ ଅବରୋଧ ଚେତାବନୀ



ଚନ୍ଦନେଶ୍ୱର,୨୮।୧୧(ସମିସ): ଓଡ଼ିଶା ଓ ପଶ୍ଚିମବଙ୍ଗ ସୀମାନ୍ତ ଦୀଘାରେ ଓଡ଼ିଆ ବ୍ୟବସାୟୀଙ୍କୁ ଉଚ୍ଛେଦ କରିବା ଘଟଣା ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ ସ୍ଥାନୀୟ ସୀମାନ୍ତବର୍ତ୍ତୀ ଗ୍ରାମରେ ଏହା ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହେବା ସହିତ ଚନ୍ଦନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ତାଳସାରୀ, ଉଦୟପୁର, ସାହାବାଜିପୁରରେ ବ୍ୟବସାୟ କରୁଥିବା ବଙ୍ଗୀୟ ବ୍ୟବସାୟୀଙ୍କୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ବ୍ୟବସାୟୀ ନିଜ ନିଜର ଦୋକାନ ବନ୍ଦ କରିବାକୁ କହିବା ସହିତ ସୀମାନ୍ତ ସାହାବାଜିପୁରଠାରେ ୫୭ନଂ ରାଜ୍ୟ ରାଜପଥକୁ ଅବରୋଧ କରିବାକୁ ଧମକ ଦେଇଥିଲେ। ଫଳରେ ଗତ ଗୁରୁବାର ଦୀଘା ନିକଟବର୍ତ୍ତୀ ଜାତିମାଟିଠାରେ ପଦିମା ୧ନଂ ପଞ୍ଚାୟତର ଅଞ୍ଚଳ ପ୍ରଧାନ ତଥା ଦିଘା ହୋଟେଲ ମାଲିକ ସଂଘ ସମ୍ପାଦକ ଅଶୋକ ଚାନ୍ଦଙ୍କ ପୌରୋହିତ୍ୟରେ ଓଡ଼ିଶା ଓ ପଶ୍ଚିମବଙ୍ଗର ଜନପ୍ରତିନିଧି, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ଉପସ୍ଥିତିରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଶୋକ ଚାନ୍ଦ ନ୍ୟୁ ଦୀଘା ଖନିକା ବଜାର, ଜାହାଜବାଡ଼ି, ଅମରାବତୀ ପାର୍କ ସମେତ ଦୀଘାରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢୁଥିବାରୁ ପାର୍କିଂ ସମସ୍ୟା ସୃଷ୍ଟି ହେଉଛି। ତେଣୁ ଦୀଘାର ଉନ୍ନୟନ ପାଇଁ ରାସ୍ତା କଡ଼ରେ ବସୁଥିବା ଉଭୟ ପଶ୍ଚିମବଙ୍ଗ ଓ ଓଡ଼ିଶାର ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯାଉଛି। ୨୦୧୧ରେ କୁପନ ପାଇଥିବା ୫୫୭ ଜଣ ବ୍ୟବସାୟୀଙ୍କୁ ଛୋଟ ଛୋଟ କେବିନ ବସାଇ ଥଇଥାନ କରାଯାଇଛି। ପରେ ଅନ୍ୟକୌଣସି ବ୍ୟବସାୟୀଙ୍କୁ ରାସ୍ତା କଡ଼ରେ ବସିବାକୁ ସୁଯୋଗ ଦିଆଯିବନାହିଁ। ମାତ୍ର ଉଚ୍ଛେଦ ହୋଇଥିବା ଓଡ଼ିଆ ବ୍ୟବସାୟୀଙ୍କୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିବା ପରେ ଥଇଥାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଉକ୍ତ ବୈଠକରେ ଅଞ୍ଚଳ ପ୍ରଧାନ, ସଞ୍ଜୀବ ପ୍ରଧାନ, ସମାଜସେବୀ ଦିଲ୍ଲୀପ କାମିଲା, ସାହାବାଜିପୁର ପଞ୍ଚାୟତ ସମିତି ସଭ୍ୟ ତାରିଣୀକାନ୍ତ ସେନାପତି, ସମାଜସେବୀ ବ୍ରଜକିଶୋର ସାମଲ, ଚିତ୍ତରଞ୍ଜନ ଗିରି ପ୍ରମୁଖ ଉପସ୍ଥିତ ଥିଲେ। ଫଳରେ ଦୀର୍ଘଦିନ ଧରି ଚାଲିଥିବା ଓଡ଼ିଶା ପଶ୍ଚିମବଙ୍ଗ ବ୍ୟବସାୟୀଙ୍କ ସମସ୍ୟାର ଅପାତତଃ ପୂର୍ଣ୍ଣଚ୍ଛେଦ ପଡିଛି।

**ଉଚ୍ଚସ୍ତରୀୟ ବୈଠକରେ ବ୍ୟବସାୟୀଙ୍କୁ ଥଇଥାନ ପ୍ରତିଶ୍ରୁତି ପରେ ଥମିଲା ଆନ୍ଦୋଳନ**

# ଟାଉନ୍ ନୋଡାଲ ହାଇସ୍କୁଲରେ ବିଜ୍ଞାନମେଳା



ଜଳେଶ୍ୱର, ୨୮।୧୧(ସମିସ): ବଡ଼ବଜାରଠାରେ ଥିବା ଟାଉନ୍ ନୋଡାଲ ହାଇସ୍କୁଲରେ ବିଜ୍ଞାନ ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ମୋଟ ୬୨ଟି ପ୍ରକଳ୍ପ ସ୍ଥାନ ପାଇଥିବାବେଳେ ସେଥିରୁ ୨ଟି ପ୍ରକଳ୍ପ ଆସନ୍ତା ୨ ତାରିଖରେ ହେବାକୁ ଥିବା ବ୍ଲକ୍‌ସ୍ତରୀୟ କୁନି ବୈଜ୍ଞାନିକ ମେଳାରେ ଯୋଗଦେବେ ବୋଲି ଜଣାଯାଇଛି। ପ୍ରଧାନଶିକ୍ଷକ ଅରବିନ୍ଦ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ଶଶୀକାନ୍ତ ପ୍ରଧାନ, ମୁଖ୍ୟବକ୍ତା ଭାବେ ସିଆର୍‌ସିସି ଅଜିତ ପାତ୍ର ଯୋଗଦେଇ ଦେଶର ଭବିଷ୍ୟତ ବୈଜ୍ଞାନିକଙ୍କ ମୂଳଦୁଆ ଏପରି ଆଦର୍ଶ ବିଦ୍ୟାଳୟରୁ ତିଆରି ହୋଇଥାଏ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୧୧ନଂ ୱାର୍ଡ କାଉନ୍‌ସିଲର ପ୍ରତିନିଧି ଆନନ୍ଦ କର, ବିଜ୍ଞାନ ଶିକ୍ଷକ ଅମ୍ବିକା ଦାସ, ସୁସ୍ମିତା ପରିଡା, ମାନସ ବ୍ରହ୍ମ ପ୍ରମୁଖ ଯୋଗଦେଇ କୁନି ବୈଜ୍ଞାନିକଙ୍କୁ ଉତ୍ସାହିତ କରିଥିଲେ। କୃତୀ କୁନି ବୈଜ୍ଞାନିକଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା।

# କାର୍ତ୍ତିକ ଚନ୍ଦ୍ର ବିଦ୍ୟାଳୟରେ ପରିଚାଳନା କମିଟି ଗଠନ ଦାବି



ଭୋଗରାଇ,୨୮।୧୧(ସମିସ): ମନ୍ଦାରସାହି ପଞ୍ଚାୟତ ମନ୍ଦାରସାହି ଗ୍ରାମର କାର୍ତ୍ତିକ ଚନ୍ଦ୍ର ଉପ୍ରା ବିଦ୍ୟାଳୟର ପରିଚାଳନା କମିଟି ଗଠନ ପାଇଁ ଅଭିଭାବକ ଦାବି କରିଛନ୍ତି। କାର୍ତ୍ତିକ ଚନ୍ଦ୍ର ବିଦ୍ୟାଳୟର ପରିଚାଳନ କମିଟି ଗତ ମେ ମାସ ଏକ ତାରିଖରେ ଗଠନ ହୋଇଥିଲା। ସର୍ବସମ୍ମତି କ୍ରମେ ଉକ୍ତ କମିଟିର ସଭାପତି ଭାବେ ସପନ ଗାୟନଙ୍କୁ ଚୟନ କରାଯାଇଥିଲା। ମାତ୍ର ସଭାପତିଙ୍କ ମନମୁଖୀ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇ ୯ ଜଣ ସଭ୍ୟ/ସଭ୍ୟା ସଭାପତି ପରିବର୍ତ୍ତନ ପାଇଁ ଭୋଗରାଇ ବ୍ଲକ ଶିକ୍ଷାଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ବାରମ୍ବାର ପରିଚାଳନା କମିଟିର ସଭ୍ୟମାନେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଷ୍ଟାଣ୍ଡିଂ କମିଟିର ସଭାପତିଙ୍କ ପାଖରେ ଅଭିଯୋଗ କରିଥିଲେ। ଷ୍ଟାଣ୍ଡିଂ କମିଟି ସଭାପତି ମଧ୍ୟ ବ୍ଲକ ଶିକ୍ଷାଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏଥିରେ ମଧ୍ୟ କୌଣସି ସୁଫଳ ମିଳିଲାନାହିଁ। ତେଣୁ ଷ୍ଟାଣ୍ଡିଂ କମିଟି ସଭାପତି ଏକ ରିଜୋଲ୍ୟୁସନ କରି ସ୍କୁଲ ପରିଚାଳନା କମିଟି ଭଙ୍ଗ କରିଥିଲେ। ପରେ ନଭେମ୍ବର ୧୯ ତାରିଖରେ ପତ୍ର ସଂଖ୍ୟା ୬୯୧ ମୂଳେ ନଭେମ୍ବର ୨୬ ତାରିଖରେ ନୂତନ ଭାବେ ସ୍କୁଲ ପରିଚାଳନା କମିଟି ଗଠନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ନଭେମ୍ବର ୨୫ ତାରିଖରେ ଭୋଗରାଇ ଶିକ୍ଷାଧିକାରୀ ୨୬ ତାରିଖରେ କମିଟି ଗଠନ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ବିରୋଧ କରି ଆଜି ବିଦ୍ୟାଳୟ ପରିସରରେ ଅଭିଭାବକମାନେ ଶିକ୍ଷା ଅଧିକାରୀଙ୍କ ବିରୁଦ୍ଧରେ ହୋହାଲ୍ଲା କରିଥିଲେ। ଯଥାଶୀଘ୍ର ପରିଚାଳନା କମିଟି ଗଠନ ନ ହେଲେ ଅଭିଭାବକମାନେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଅଭିଭାବକ ଜୟଗୁନ ବେବା, ରୁକିଆ ବେବା, କବିତା ଗିରି, ପଦ୍ମାବତୀ ପରାମାଣିକ, ପ୍ରଣିତା ଗିରି, କିରଣବାଲା ମହାନ୍ତି, ଆରତୀ ମହାନ୍ତି, ସ୍ୱରୂପ ଦାସ, ପ୍ରଦୀପ ଦାସ, ଏକରାମ ଶାହା, ପ୍ରଭୁରାମ ଜେନା, ନୁରଜାନ ବିବି, ଅଞ୍ଜୁ ବିବି, ରହିମା ବିବି, ସୁମତୀ ଗିରି, ସୁଭଦ୍ରା ଗିରି ପ୍ରମୁଖ ଉପସ୍ଥିତ ଥିଲେ।

# ଅସହାୟ ଓ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ କମ୍ବଳ ବଣ୍ଟନ

କାଳିପଡ଼ା,୨୮।୧୧(ସମିସ): ବାଲେଶ୍ୱର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ହେଲ୍‌ପିଂ ହ୍ୟାଣ୍ଡ ଶାଳିକୋଠା ଜଳେଶ୍ୱର ପକ୍ଷରୁ ଶୁକ୍ରବାର ପୂର୍ବାହ୍ନ ୧୧ଘଟିକା ସମୟରେ ବାଲିଆପାଳ ଶ୍ରୀଦୁର୍ଗା କଲ୍ୟାଣ ମଣ୍ଡପରେ କମ୍ବଳ ବଣ୍ଟନ କରାଯାଇଛି। ବରିଷ୍ଠ ସାମ୍ବାଦିକ ପ୍ରଫୁଲ୍ଲ କୁମାର ପାତ୍ର ଯୋଗଦେଇ କମ୍ବଳ ବଣ୍ଟନ କରିଥିଲେ। ଏ ଅବସରରେ ୬୦ ଜଣ ବୃଦ୍ଧବୃଦ୍ଧା, ଅସହାୟ ଓ ଦିବ୍ୟାଙ୍ଗଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ସଂଗଠନ ପକ୍ଷରୁ ହିମାଂଶୁ ଶେଖର ଜେନା, ସୁମିତ୍ରା ସେଠୀ, ମମତା



ସଂଗଠନର ସଭାପତି ମହାପ୍ରସାଦ ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମରେ ଅତିଥି ଭବେ ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚର ଆବାହକ ସତ୍ୟକାମ ମହାନ୍ତି, ବିଶ୍ୱାଳ, ଗାୟତ୍ରୀ ମିତ୍ର, ଲକ୍ଷ୍ମୀପ୍ରିୟା ଗିରି, ଜ୍ୟୋସ୍ନାରାଣୀ ମଣ୍ଡଳ, ପରେଶ କୁମାର ଜେନା, ସସ୍ମିତା ପରିଡ଼ା, ଜୟନ୍ତୀ ଖମାରୀ, ଦୀପ୍ତିରାଣୀ ଦେହୁରୀ, ବିଶ୍ୱଜିତ୍ ରଣା ପ୍ରମୁଖ ଉପସ୍ଥିତ ଥିଲେ।

## • ବାଇକ୍ ଧକ୍କାରେ ସାଇକଲ ଆରୋହୀ ଗୁରୁତର

# ହମ୍ପ୍ସ ଦାବିରେ ରାସ୍ତା ଅବରୋଧ

ସୋର, ୨୮।୧୧(ସମିସ): ସୋର ପୌରପାଳିକା ଅନ୍ତର୍ଗତ ସୋର-ମାଣିପୁର ରାସ୍ତାର ଲେଙ୍କା ଘର ଛକରେ ଆଜି ଅପରାହ୍ନରେ ବାଇକ୍ ଓ ସାଇକଲ ମଧ୍ୟରେ ଧକ୍କା ହେବା ଫଳରେ ସାଇକଲ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଆଜି ଅପରାହ୍ନରେ ସିଙ୍ଗାଖୁଣ୍ଟା ଗ୍ରାମର ମଧୁ ସିଂ ଓ ପ୍ରତାପ ସିଂ ବାଇକ୍‌ରେ ସୋର ଅଭିମୁଖେ ଆସୁଥିବାବେଳେ ବୀପରିତ ଦିଗରୁ ନଟାପଡ଼ା ପଞ୍ଚାୟତର ସୁରେଶ ସେଠୀ (୩୯) ସୋର କଲେଜ ଛକରେ ଲଣ୍ଡ୍ରି ଦୋକାନରୁ ଘରକୁ ଫେରୁଥିବାବେଳେ ଏହି ଛକ ନିକଟରେ ଦୁର୍ଘଟଣା ଘଟିଥିଲା। ଫଳରେ ସୁରେଶ ଗୁରୁତର ଆହତ ହୋଇଥିବାରୁ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ସ୍ଥାନୀୟ ଲୋକେ ଉକ୍ତ ଛକରେ ବାରମ୍ବାର ଦୁର୍ଘଟଣା ହେଉଥିବାରୁ ରାସ୍ତାକାମ ତୁରନ୍ତ ଶେଷ କରିବା ସହ ହମ୍ପ୍ସ ଓ ସ୍ପିଡ଼ ବ୍ରେକର ନିର୍ମାଣ କରିବା ଦାବିରେ ରାସ୍ତାରୋକ କରିବା ସହ ଦୁଇ ବାଇକ୍ ଆରୋହୀଙ୍କୁ ଅଟକ ରଖିଥିଲେ। ଖବର ପାଇ ସୋର ଥାନାଧିକାରୀ ମୁକୁନ୍ଦ ମୁରାରୀ ପାତ୍ର, ସୋର ତହସିଲଦାର ଦୈତାରୀ ମଲ୍ଲିକ, ଅତିରିକ୍ତ ତହସିଲଦାର କୃଷ୍ଣ ମୋହନ ସିଂ ଓ ରାସ୍ତା ନିର୍ମାଣ କରୁଥିବା ଠିକା ସଂସ୍ଥାର କର୍ମଚାରୀ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ଖୁବ୍‌ଶୀଘ୍ର କାମ ଶେଷ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।



# ଖଇରା କଲେଜରେ ଇଗ୍ନୋ ପକ୍ଷରୁ ପ୍ରବେଶ ଉତ୍ସବ

ଖଇରା,୨୮ ।୧୧(ସମିସ): ବାଲେଶ୍ୱର ଜିଲ୍ଲା ଖଇରା କଲେଜ ଇଗ୍ନୋ ଶାଖା ପକ୍ଷରୁ ଶୁକ୍ରବାର ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

ଏ ଅବସରରେ ଇଗ୍ନୋର ସଂଯୋଜକ ଭାବେ ଅଧ୍ୟାପକ ଯୁଗଳ କିଶୋର ଗାହାଣଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଅଧ୍ୟକ୍ଷ ଲକ୍ଷ୍ମୀଧର ନାୟକ, ଇଂରାଜୀ ବିଭାଗର ବରିଷ୍ଠ ଅଧ୍ୟାପକ ବନମାଳି ବାରିକ ଓ ସହଯୋଗୀ ଭାବେ ଗୌରାଙ୍ଗ ପାଣି ଯୋଗଦେଇ ଇଗ୍ନୋ ପକ୍ଷରୁ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ପାଠ୍ୟକ୍ରମ ଓ ମିଳୁଥିବା ବିଭିନ୍ନ ସୁବିଧା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ନୂତନ ଭାବେ ବିଭିନ୍ନ ବିଷୟରେ ନାମ ଲେଖାଇଥିବା ୭୦ରୁ ଊର୍ଦ୍ଧ୍ୱ ପିଲା ଉପସ୍ଥିତ ଥିଲେ।




## ଉପଜିଲ୍ଲାପାଳଙ୍କ ବାଗୁଡି ଗସ୍ତ

# ଜବତ ପଥର ୧୪ ଲକ୍ଷ ଟଙ୍କାରେ ନିଲାମ

ସୋର,୨୮।୧୧(ସମିସ)



ସୋର ବ୍ଲକ୍ ମହୁମୁହାଣ ପଞ୍ଚାୟତ ବାଗୁଡ଼ି ଖଞ୍ଜାମହାଲ ପଥର ଖାଦାନରେ ଆଜି ବାଲେଶ୍ୱର ଉପଜିଲ୍ଲାପାଳ ଶିଭ ମାଲଭିୟେ ଅଚାନକ ଗସ୍ତ କରି ବେଆଇନ ଭାବେ ପାହାଡ଼ ଫଟାଯାଇ ଗଚ୍ଛିତ ରଖାଯାଇଥିବା ୪ ହଜାର କ୍ୟୁବି ମିଟରରୁ ଅଧିକ ପଥର ଜବତ କରାଯାଇଥିବା ଜଣାପଡିଛି।

ବାଗୁଡି ପଥର ଖାଦାନ ଦୀର୍ଘ ୪ ବର୍ଷରୁ ଅଧିକ ଦିନ ଧରି ବନ୍ଦ ଥିବାବେଳେ ପ୍ରତିଦିନ ଅହରହ ପଥର ଲୁଟ ହେଉଛି। ପ୍ରଶାସନର ସମସ୍ତ ଉପାୟକୁ ନାକାମ କରି ମାଫିଆମାନେ କିଛି ଅସାଧୁ ଅଧିକାରୀଙ୍କୁ ହାତ କରି ଏହି ପଥର ଲୁଟ କରୁଥିବା ଅଭିଯୋଗ ହୋଇଛି। ଫଳରେ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଥିବାବେଳେ ମାଫିଆମାନେ ମାଲେମାଲ ହେଉଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ଅଭିଯୋଗ କରିବା ପରେ ଆଜି ପୂର୍ବାହ୍ନରେ ବାଲେଶ୍ୱର ଉପଜିଲ୍ଲାପାଳ ଶିଭ ମାଲଭିୟେ ସୋର ତହସିଲଦାର ଦୈତାରୀ ମଲ୍ଲିକ, ଖଣି ଓ ବନ ବିଭାଗ ଅଧିକାରୀଙ୍କ ସହ ଅଚାନକ ଗସ୍ତ କରିଥିଲେ। ଏହି ସମୟରେ ବିପୁଳ ମାତ୍ରାରେ ପଥର ଗଚ୍ଛିତ ଥିବା ଦେଖିବା ସହିତ ସ୍ଥିତି ଯାଞ୍ଚ କରି ଫେରିଥିଲେ। ପରେ ଉପଜିଲ୍ଲାପାଳ ଶ୍ରୀ ମାଲଭିୟେଙ୍କ ନିର୍ଦ୍ଦେଶରେ ସୋର ତହସିଲଦାର ଦୈତାରୀ ମଲ୍ଲିକ ଓ ବନ ବିଭାଗ ଅଧିକାରୀ ପହଞ୍ଚି ବନାଞ୍ଚଳରୁ ୨ ହଜାର କ୍ୟୁବି ମିଟର ଓ ୫୬ ନମ୍ବର କ୍ୱାରିରୁ ୬ ଶହ ଓ ୯୧ କ୍ୱାରୀ ନିକଟ ବାହାର ଅଞ୍ଚଳରୁ ୧୪ ଶହ କ୍ୟୁବି ମିଟର ପଥର ଜବତ କରି ନିଲାମ ପାଇଁ ଖଣି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସନ୍ଧ୍ୟାରେ ୫୬ ନମ୍ବର କ୍ୱାରୀ ସମେତ ବାହାରେ ଗଚ୍ଛିତ ଥିବା ୨ ହଜାର କ୍ୟୁବି ମିଟର ପଥରକୁ ଚଉଦ ଲକ୍ଷ ଅଠର ହଜାର ଚାରିଶହ ଅଠସ୍ତରୀ ଟଙ୍କାରେ ନିଲାମ ଦିଆଯାଇଥିବାବେଳେ ବାକି ପଥରକୁ ଆଗାମୀ ଦିନରେ ନିଲାମ କରାଯିବ ବୋଲି ଜଣାପଡିଛି। ଅନ୍ୟ ଗଚ୍ଛିତ ପଥରକୁ କୌଣସି ବ୍ୟକ୍ତି ନିଲାମ ନେବାକୁ ରାଜି ହେଉ ନ ଥିବା ଜଣାପଡିଛି।

ଅନୁଗୋଳ ଯୁବ ଉତ୍ସବ

# 'ବିକଶିତ ଭାରତ ପାଇଁ ଯୁବଶକ୍ତିକୁ ଆହ୍ୱାନ'





ଅନୁଗୋଳ, ୨୮ ।୧୧(ସମିସ)

ଅନୁଗୋଳ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ-୨୦୨୫ ଆୟୋଜିତ ହୋଇଛି। ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅନୁଗୋଳ ଜିଲ୍ଲାପାଳ ଅବ୍ଦାଲ୍ ଏମ ଅଖତର, ସମ୍ମାନିତ ଅତିଥି ଭାବେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷ ଡ. ନୀଳାଚଳ ପଟେଲ ଯୋଗଦେଇ ଯୁବଶକ୍ତିକୁ ରାଷ୍ଟ୍ରଶକ୍ତି ବୋଲି ଅଭିହିତ କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ପ୍ରାଧାପିକା ସୁଜ୍ଞାନୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ସହକାରୀ ପ୍ରଫେସର ବନମାଳୀ ବାଗ ମଞ୍ଚ ପରିଚାଳନା କରିଥିଲେ। ଜିଲ୍ଲାପାଳ ଅଖତର ଶିକ୍ଷାର୍ଥୀଙ୍କୁ ଯୁବଶକ୍ତିକୁ ଚିହ୍ନିବା ସହିତ ଦେଶ ଗଠନରେ ଅଗ୍ରଣୀ ଭୂମିକା ନେବାକୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଡ. ପଟେଲ ବିକଶିତ ଓଡ଼ିଶା ତଥା ବିକଶିତ ଭାରତ ଗଠନରେ ଯୋଗଦାନ କରିବାକୁ ଆହ୍ୱାନ ରଖିଥିଲେ। ଅପରାହ୍ନରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ଯୋଗଦେଇ ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ଯୁବପିଢ଼ିଙ୍କ ମାଧ୍ୟମରେ ସଞ୍ଚାରିତ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଆୟୋଜିତ ଲୋକନୃତ୍ୟ, କବିତା ଲିଖନ, ଗଳ୍ପ ଲିଖନ, ବକ୍ତୃତା, ଚିତ୍ରକଳା, ଓ ବିଜ୍ଞାନମେଳା ଆଦି ପ୍ରତିଯୋଗିତାରେ ଜିଲ୍ଲାର ସମସ୍ତ ମହାବିଦ୍ୟାଳୟ ଯୋଗଦେଇଥିଲେ। ଲୋକନୃତ୍ୟ ପ୍ରତିଯୋଗିତାରେ ଆଠମଲ୍ଲିକ ବ୍ଲକର ରାଧାକାନ୍ତ ମାଝୀ ଓ ତାଙ୍କ ସାଥୀ ପ୍ରଥମ ହୋଇ ରାଜ୍ୟ ସ୍ତରକୁ ମନୋନୀତ ହୋଇଛନ୍ତି।

ସେହିପରି କବିତା ଲିଖନରେ ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅନ୍ୱେଷା ତ୍ରିପାଠୀ, ବକ୍ତୃତାରେ ସ୍ମୃତିସ୍ମିତା ରାଉତ, ଗଳ୍ପ ଲିଖନରେ ଅନୁଗୋଳ ମହିଳା ମହାବିଦ୍ୟାଳୟର ପ୍ରିୟଙ୍କା ପ୍ରିୟଦର୍ଶିନୀ ରାଉତ, ଚିତ୍ରକଳାରେ ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟର ସୁଦୀପ୍ତା ପ୍ରିୟଦର୍ଶିନୀ, ତଥା ବିଜ୍ଞାନ ମେଳାରେ ପ୍ରଜ୍ଞା ପ୍ରିୟଦର୍ଶିନୀ ଓ ପ୍ରିୟଙ୍କା ସାହୁ ରାଜ୍ୟକୁ ମନୋନୀତ ହୋଇଛନ୍ତି। ଅପରାହ୍ନରେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ରାସନ ସହ ପନିପରିବା ଦର ଆକାଶଛୁଆଁ

ତାଳଚେର, ୨୮ ।୧୧(ସମିସ): ଡବଲ ଇଞ୍ଜିନ ସରକାରରେ ଏବେ ରାସନ ସାମଗ୍ରୀ ସହ ପନିପରିବା ଦର ଆକାଶଛୁଆଁ ହୋଇଛି। ହଜାରେ ଟଙ୍କା ନେଇ ହାଟକୁ ଗଲେ ମଧ୍ୟ ପରିବା ବ୍ୟାଗ ପୂରୁନାହିଁ। ବର୍ତ୍ତମାନ ତାଳଚେରରେ ଆଳୁ ୩୦ରୁ ୩୫ଟଙ୍କା ରହିଥିବା ବେଳେ ପିଆଜ ୪୫ରୁ ୫୦, ବାଇଗଣ ୭୦, ଟମାଟୋ ୭୦, ଭେଣ୍ଡି ୮୦, କଞ୍ଚା କଦଳୀ ୭୦, ଶାଗବିଡ଼ା ୧୦, ଝୁଡ଼ଙ୍ଗ ୮୦, କଖାରୁ କେଜି ପ୍ରତି ୪୦, ଦେଶୀ କାଙ୍କଡ଼ ୨୦୦, ବିଦେଶୀ କାଙ୍କଡ଼ ୮୦, କଞ୍ଚାଲଙ୍କା ୧୫୦,



ଖାଉଟି ହନ୍ତସନ୍ତ

ସାରୁ ୩୦ରୁ ୪୦, ଖୁମ୍ବଆଳୁ ୬୦, ବିନ୍ ୬୦, କାକୁଡ଼ି ୮୦, କଲରା ୭୦ଟଙ୍କା ଦରରେ ବିକ୍ରି ହେଉଛି। ସେହିଭଳି ଫଳମୂଳ ଦର ନ କହିବା ଭଲ। ଅନ୍ୟପଟେ ଉଷୁନା ଚାଉଳ କେଜି ୩୦, ଅରୁଆ ଚାଉଳ ୫୦ ଟଙ୍କା ରହିଥିବା ବେଳେ ସୋରିଷ ତେଲ, ରିଫାଇନ୍ ତେଲ, ସୁଜି, ମୁଗଡ଼ାଲି, ବୁଟଡାଲି, ବୁଟ, ମଟର, ଚିନି, ହରଡ଼ଡାଲି, ଅଟା, ବେସନ, ଶୁଖିଲା ଲଙ୍କା, ଲୁଣ ଇତ୍ୟାଦିର ଦର ଆହେତୁକ ବୃଦ୍ଧି ପାଇଛି। ଆମିଷ ଦର ମଧ୍ୟ କିଛି କମ ନୁହେଁ। ଛେଳି ମାଂସ କେଜି ୮ ଶହ, ବ୍ରଏଲର୍ କୁକୁଡ଼ା ୨୫୦, ମାଛ ୨ ଶହ, ଚିଙ୍ଗୁଡ଼ି ୬ଶହ, ଅଣ୍ଡା ଗୋଟିକ ୭ ଟଙ୍କା ଏବଂ ଖିର ଲିଟର ପ୍ରତି ୬୫ରୁ ୭୦ ଟଙ୍କା ରହିଛି। ଏଭଳି ପରିସ୍ଥିତିରେ ଲୋକେ ଖାଇବେ କ'ଣ ବଞ୍ଚିବେ କେମିତି ସେ ନେଇ ଚିନ୍ତାରେ ପଡ଼ିଛନ୍ତି। ଗରିବ ତଥା ମଧ୍ୟବିତ୍ତ ପରିବାରର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## ବିଜୟ ମର୍ଚ୍ଚାଣ୍ଟ ଟ୍ରଫିରେ ଅନୁଗୋଳର ମୃତ୍ୟୁଞ୍ଜୟ



ଅନୁଗୋଳ, ୨୮ ।୧୧(ସମିସ): ୧୬ ବର୍ଷରୁ କମ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ପାଇଁ ଓଡ଼ିଶା କ୍ରିକେଟ ଦଳରେ ଅନୁଗୋଳର ମୃତ୍ୟୁଞ୍ଜୟ ଦାସ ସାମିଲ ହୋଇଛନ୍ତି। ଶଶାଙ୍କ ଦାସ ଏବଂ ଏଲିନା ଦାସଙ୍କ ପୁଅ ମୃତ୍ୟୁଞ୍ଜୟ ବର୍ତ୍ତମାନ ଅନୁଗୋଳ ସରକାରୀ ପଲିଟେକନିକ୍ ସ୍କୁଲରେ ଅଧ୍ୟୟନ କରୁଛନ୍ତି। ଅନୁଗୋଳରେ ଜୟକୃଷ୍ଣ ରାଉତଙ୍କଠାରୁ ସେ ପ୍ରଶିକ୍ଷଣ ନେଉଛନ୍ତି। ତାଙ୍କର ଏହି ସଫଳତା ପାଇଁ ଅନୁଗୋଳ ଜିଲ୍ଲା କ୍ରିକେଟ ସଂଘ ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ ଏବଂ ଉପସଭାପତି ପ୍ରଭାତ କୁମାର ସିହ୍ନା ଶୁଭେଚ୍ଛା ଜଣାଇଛନ୍ତି।

## ଜଙ୍ଗଲ ନିକଟରୁ ଶିକାରୀ ଗିରଫ

● ଶିକାର ସାମଗ୍ରୀ ଜବତ

ଛେଣ୍ଡିପଦା, ୨୮ ।୧୧(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବନାଞ୍ଚଳ କଣଲୋଇ ବିଟ୍‌ର ମାରୁଡିପ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ନିକଟରୁ ଗୁରୁବାର ବିଳମ୍ବିତ ରାତିରେ ବନ ବିଭାଗ ଜଣେ ଶିକାରୀକୁ ଗିରଫ କରିଛି। ଗିରଫ ବ୍ୟକ୍ତି ଜଣକ ହେଲେ



କଣଲୋଇ ଗ୍ରାମର ଗଜପତି ନାଏକ। କଣଲୋଇ ବିଟ ପକ୍ଷରୁ କର୍ମଚାରୀମାନେ ରାତିରେ ମାରୁଡିପ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ନିକଟରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଜଙ୍ଗଲକୁ ଲାଗିଥିବା କାଜୁ ଜଙ୍ଗଲ ପାର୍ଶ୍ୱ ଦେଇ ଯାଇଥିବା ଉଚ୍ଚ କ୍ଷମତାସମ୍ପନ୍ନ ୧୧କେଭି ବିଦ୍ୟୁତରୁ ଜିଆଇ ତାର ଦ୍ୱାରା ଜନ୍ତୁ ଶିକାର ପାଇଁ ଗଜପତି ଓ ତା' ସାଥୀମାନେ ତାର ବିଛାଉଥିବା ଦେଖି କର୍ମଚାରୀମାନେ ଚଢ଼ଉ କରିଥିଲେ। ବନ କର୍ମଚାରୀଙ୍କୁ ଦେଖି ୩ ଯୁବକ ଦୌଡ଼ି ପଳାଉଥିବା ବେଳେ ବନବିଭାଗ ଗଜପତିକୁ ଗିରଫ କରିଥିଲା। ତା'ଠାରୁ ୮ ଶହ ଗ୍ରାମ ଓଜନର ଜିଆଇ ତାର, ବାଡ଼ି ଓ କାଚ ବୋତଲ ଜବତ କରାଯାଇଛି। ଏକ ମାମଲା ରୁଜୁ କରି ଗଜପତିକୁ କୋର୍ଟ ଚାଲାଣ କରାଯାଇଛି।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ପାଲଲହଡ଼ା, ୨୮ ।୧୧(ସମିସ): ମହତାବ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ପ୍ରଶାସନ ପକ୍ଷରୁ ଶୁକ୍ରବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ପାଲଲହଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ନାଏକ ମୁଖ୍ୟଅତିଥି, ବରିଷ୍ଠ ଆଇନଜୀବୀ ତନ୍ମୟ କୁମାର ସାହୁ, ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ଲିଙ୍ଗରାଜ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରୁ ଅସ୍ଥିଶଲ୍ୟ ବିଭାଗ ବିଶେଷଜ୍ଞ ଡା. ଦୁର୍ଲ୍ଲଭ ସାହୁ, ଶିଶୁରୋଗ ବିଶେଷଜ୍ଞ ଡା. ସ୍ୱାତି ସାହୁ, କର୍ଣ୍ଣ ବିଭାଗ ବିଶେଷଜ୍ଞ ଡା. ପିକେ ମହାନ୍ତି, ଚକ୍ଷୁ ବିଭାଗ ବିଶେଷଜ୍ଞ ଡା. ପରମେଶ୍ୱର ଜେନା, ଭେଷଜ ବିଭାଗ ବିଶେଷଜ୍ଞ ଡା. ଡି ଭୋଇ, ମାନସିକ ରୋଗ ବିଶେଷଜ୍ଞ ଡା. ରଞ୍ଜିତା ଭଞ୍ଜଦେଓ ଯୋଗଦେଇ ଭିନ୍ନକ୍ଷମମାନଙ୍କୁ ଚିହ୍ନଟ କରିଥିଲେ। ଶିବିରରେ ମୋଟ ୪୯୬ ଜଣ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ବସ୍ ପାସ ପାଇଁ ୮, କୃତ୍ରିମ ଅଙ୍ଗ ପାଇଁ ୨, ଦକ୍ଷତା ବିକାଶ ପାଇଁ ୨ ଓ ଭତ୍ତା ପାଇଁ ୩୨ ଜଣଙ୍କୁ ଚିହ୍ନଟ କରାଯାଇଛି।

## ବିଶ୍ୱ ଯୁବକେନ୍ଦ୍ର ଦ୍ୱାରା ବାଲ୍ୟ ବିବାହମୁକ୍ତ ଭାରତ ଅଭିଯାନ





ପାଲଲହଡ଼ା/କିଶୋରନଗର, ୨୮ ।୧୧(ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ଫପଣ୍ଡ ଚଷାଗୁରୁଜାଙ୍ଗଠାରେ ବିଦ୍ୟାଳୟ ଛାତ୍ରଛାତ୍ରୀ ତଥା ଗ୍ରାମବାସୀଙ୍କୁ ନେଇ ବିଶ୍ୱ ଯୁବକେନ୍ଦ୍ର ଦ୍ୱାରା ବାଲ୍ୟ ବିବାହମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ କ୍ୟାଣ୍ଡେଲ ଶୋଭାଯାତ୍ରା ଓ ସଚେତନତା ରାଲି ଆୟୋଜନ କରାଯାଇଥିଲା। ଶୋଭାଯାତ୍ରାରେ ସ୍କୁଲ ଛାତ୍ରଛାତ୍ରୀ, ଗ୍ରାମବାସୀ, ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ସିଆର୍‌ପି, ମହିଳା ଗୋଷ୍ଠୀ, ୱାର୍ଡ ମେମ୍ବର ପ୍ରମୁଖ ଅଂଶଗ୍ରହଣ କରି ବାଲ୍ୟ ବିବାହ ବିରୋଧରେ ସଚେତନତା ସୃଷ୍ଟି କରିଥିଲେ। ବିଭିନ୍ନ ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯିବା ସହ ଶପଥପାଠ ମଧ୍ୟ କରାଯାଇଥିଲା। ବାଲ୍ୟ ବିବାହ ନିଷେଧ ଆଇନ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ଥିବା ଦଣ୍ଡବିଧାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। କେନ୍ଦ୍ର ସରକାର ଓ ଜଷ୍ଟ ରାଇଟ୍ସ ଫର ଚିଲଡ୍ରେନ ଦ୍ୱାରା ନୂଆଦିଲ୍ଲୀରେ ୧୦୦ ଦିନିଆ ଦେଶବ୍ୟାପୀ ବାଲ୍ୟ ବିବାହମୁକ୍ତ ଭାରତ ଅଭିଯାନ ଆରମ୍ଭ ହୋଇଥିବା ବେଳେ ବିଶ୍ୱ ଯୁବକେନ୍ଦ୍ର ଦ୍ୱାରା ଅନୁଗୋଳ ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଅନୁଗୋଳ, ଢେଙ୍କାନାଳ ଜିଲ୍ଲାର ୫୦ଟି ଲେଖାଏଁ ଓ ବୌଦ୍ଧ ଜିଲ୍ଲାର ୨୫ ଗ୍ରାମରେ ଏହି କାର୍ଯ୍ୟକ୍ରମ କରାଯିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ନିର୍ବାହ ଅଧିକାରୀ, ଅଙ୍ଗନବାଡ଼ି କର୍ମୀ, ସରପଞ୍ଚ, ଅଙ୍ଗନବାଡ଼ି ସୁପରଭାଇଜାର, ଶିଶୁ ସହାୟତା ହେଲ୍ପଲାଇନ, ସଖୀ ସଦସ୍ୟ ପ୍ରମୁଖ ଯୋଗଦେଇଥିଲେ। ସଂଗଠନର ନିର୍ଦ୍ଦେଶକ ମନୋଜ ମହାରଣା, ସଂଯୋଜକ ପୂଜା ସ୍ୱାଇଁ ଏବଂ ପ୍ରକଳ୍ପ ସହାୟକ ପୂର୍ଣ୍ଣଚନ୍ଦ୍ର କିଷାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## 'ଏଡ୍‌ସ ସଚେତନତା ନେଇ ମେଡିକ୍ସ କାର୍ଯ୍ୟ କରୁଛି'

ଅନୁଗୋଳ, ୨୮ ।୧୧(ସମିସ): ଶିଳ୍ପସମୃଦ୍ଧ ଅନୁଗୋଳ ଜିଲ୍ଲାରେ ଧୀର ଗତିରେ ହେଉ ପଛେ ଏଚ୍‌ଆଇଭି ପଜିଟିଭ ରୋଗୀସଂଖ୍ୟା ବଢ଼ି ଚାଲିଛି। ଗତ ଏକ ବର୍ଷ ମଧ୍ୟରେ ନୂଆ ନୂଆ ଖଣିଖାଦାନ ପାଇଁ ଅନୁଗୋଳ ଜିଲ୍ଲାରେ ଜିଲ୍ଲା ତଥା ରାଜ୍ୟ ବାହାରୁ ଲୋକଙ୍କ ଆତଯାତ ବଢ଼ିଛି। ଏହି ସମୟ ମଧ୍ୟରେ ବିଶେଷକରି ଠିକାଶ୍ରମିକ, ଟ୍ରକ୍ ଡ୍ରାଇଭର, ହେଲ୍ପରଙ୍କ ସଂଖ୍ୟା ବହୁ ଅଧିକ ବଢ଼ିଛି। ଏଥିସହ ଯୁବପିଢ଼ିଙ୍କ ମଧ୍ୟରେ ନିଶାସେବନ, ବ୍ରାଉନସୁଗର୍ ସେବନ ଅଧିକ ଦେଖିବାକୁ ମିଳୁଛି। ରାଜ୍ୟ ବାହାରୁ ଆସୁଥିବା ଟ୍ରକ୍ ଚାଳକମାନେ ସ୍ତ୍ରୀ ପରିବାର ଛାଡ଼ି ଦୀର୍ଘଦିନ ବାହାରେ ରହୁଥିବାରୁ ଅସୁରକ୍ଷିତ ଯୌନସମ୍ପର୍କ ରଖିବାକୁ ମନ ବଳାଉଛନ୍ତି। ଏହା ଦ୍ୱାରା ଜିଲ୍ଲାରେ ଏଡ୍‌ସ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସେହିଭଳି କିନ୍ନରମାନେ ସଚେତନତା ତଥା ଆବଶ୍ୟକ ରୋଜଗାର ମାଧ୍ୟମ ନ ପାଇ ଅସୁରକ୍ଷିତ ଯୌନାଚାରରେ




ଲିପ୍ତ ରହୁଛନ୍ତି। ଫଳରେ ଏଚ୍‌ଆଇଭି ବ୍ୟାପିବାରେ ସହାୟକ ହେଉଛି। ମେଡିକ୍ସ ସଂଗଠନ କିନ୍ନରମାନଙ୍କ ସାମାଜିକ ଓ ଅର୍ଥନୈତିକ ଉନ୍ନତି ପାଇଁ ପ୍ରତିଶ୍ରୁତିବଦ୍ଧ। ବିଭିନ୍ନ ସମୟରେ କିନ୍ନରମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସେମାନେ କିଭଳି ରୋଜଗାରକ୍ଷମ ହୋଇ ପରିବାର ପ୍ରତିପୋଷଣ କରିପାରିବେ ସେ ନେଇ ମୂଲ୍ୟବାନ ପରାମର୍ଶ ଦିଆଯାଉଛି। ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ସେମାନଙ୍କୁ ଥଇଥାନ ପାଇଁ ଉଦ୍ୟମ କରାଯାଉଛି। ବର୍ତ୍ତମାନ ସୁଦ୍ଧା ଅନୁଗୋଳ ବ୍ଲକରେ ୫୫୬, ବଣ୍ଟାଁରପାଳରେ ୪୩୨, ତାଳଚେରରେ ୫୩୫ ଓ ଛେଣ୍ଡିପଦାରେ ୨୫୭ ଏଚ୍‌ଆଇଭି ପଜିଟିଭ ଥିବା ମେଡିକ୍ସ ପକ୍ଷରୁ କୁହାଯାଇଛି। ବିଶ୍ୱ ଏଡ୍‌ସ ଦିବସ ପୂର୍ବରୁ ସ୍ୱେଚ୍ଛାସେବୀ ସଂଗଠନ ଦି ମେଡିକ୍ସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ସବିଶେଷ ତଥ୍ୟ ଦେଇଥିଲେ ସଂସ୍ଥାର ମୁଖ୍ୟ ନିର୍ଦ୍ଦେଶକ ଡା. ଦିଲୀପ ସାମଲ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମ ପରିଚାଳିକା ଇତିଶ୍ରୀ ଅପରାଜିତା ପାତ୍ର ଏବଂ ପରାମର୍ଶଦାତା ସଂଘମିତ୍ରା ରାଉତ ଉପସ୍ଥିତ ଥିଲେ। ଅନୁଗୋଳ ଜିଲ୍ଲାରେ ମେଡିକ୍ସକୁ ଅଧିକ ସପୋର୍ଟ ଷ୍ଟାଫ ଦିଆଗଲେ ଏଚ୍‌ଆଇଭି ଚିହ୍ନଟ ପ୍ରକ୍ରିୟା ଅଧିକ ସକ୍ରିୟ ଓ ସହଜ ହୋଇପାରିବ ବୋଲି କର୍ମକର୍ତ୍ତାମାନେ କହିଛନ୍ତି।

## ଧର୍ମପରାୟଣା ମହିଳାଙ୍କ ପରଲୋକ

କିଶୋରନଗର, ୨୮ ।୧୧(ସମିସ): ଆଠମଲ୍ଲିକ ଅଞ୍ଚଳର ବିପିନ ନାୟକଙ୍କ ଧର୍ମପତ୍ନୀ ନଳିନୀ ନାୟକ (୫୫)ଙ୍କର ଶୁକ୍ରବାର ତାଙ୍କର ବାସଭବନରେ ପରଲୋକ ଘଟିଛି। ସେ କିଡ୍‌ନି ରୋଗରେ ଆକ୍ରାନ୍ତ ଥିଲେ। ସେ ଜଣେ ଧର୍ମପରାୟଣା ମହିଳା ଭାବେ ପରିଚିତ ଥିଲେ। ତାଙ୍କ ଦେହାନ୍ତରେ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।



## ଏନଟିପିସି ତାଳଚେର ଥର୍ମାଲ ଅବସରପ୍ରାପ୍ତ କର୍ମଚାରୀଙ୍କ ବନ୍ଧୁମିଳନ

ତାଳଚେର, ୨୮ ।୧୧(ସମିସ): ଏନଟିପିସି ତାଳଚେର ଥର୍ମାଲ ପାୱାରପ୍ଲାଣ୍ଟ ଅବସରପ୍ରାପ୍ତ କର୍ମଚାରୀଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଛି। ଏଥିରେ ପ୍ରାୟ ୫ଶହ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଅବସରପ୍ରାପ୍ତ କର୍ମଚାରୀଙ୍କୁ ଗୋପାଳା ଫୁଲ, ତିଳକ, ବସ୍ତ୍ର ଏବଂ ମିଠା ପ୍ୟାକେଟ୍ ଦେଇ ସ୍ୱାଗତ କରାଯାଇଥିଲା। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଜୟ ଚାନ୍ଦ କାର୍ଯ୍ୟକ୍ରମକୁ ଉଦଘାଟନ



କରି ଅବସରପ୍ରାପ୍ତ କର୍ମଚାରୀଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଟିଟିପିଏସ ଗଠନରେ ପ୍ରତ୍ୟେକ ଅବସରପ୍ରାପ୍ତ କର୍ମାଚରୀଙ୍କ ସ୍ଥାୟୀ ଅବଦାନ ବିଷୟରେ ପ୍ରକାଶ କରିଥିଲେ। ମହାପ୍ରବନ୍ଧକ (ପ୍ରକଳ୍ପ) ଡ. ଜେପି ରାଏ, ମେକାନିକାଲ ଇରେକସନ୍ ପ୍ରବୀର କୁମାର, ଅତିରିକ୍ତ ମହାପ୍ରବନ୍ଧକ (ମାନବ ସମ୍ବଳ) ରୋହିତ କୁମାରଙ୍କ ସମେତ ସମସ୍ତ ବିଭାଗ ମୁଖ୍ୟ ଏବଂ ଏନଟିପିସି ଟିଟିପିଏସ ଅଧିକାରୀ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ଗ୍ରାମ ପଞ୍ଚାୟତ ଉନ୍ନୟନ ଯୋଜନା କର୍ମଶାଳା

ପାଲଲହଡ଼ା, ୨୮ ।୧୧(ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ପଞ୍ଚାୟତ ସମିତି ସଭାଗୃହରେ ଫାଉଣ୍ଡେସନ ଫର୍ ଇକୋଲୋଜିକାଲ ସିକ୍ୟୁରିଟି ପକ୍ଷରୁ ବ୍ଲକସ୍ତରୀୟ ଗ୍ରାମ ପଞ୍ଚାୟତ ଉନ୍ନୟନ ଯୋଜନା କର୍ମଶାଳା ଅନୁଷ୍ଠିତ ହୋଇଛି। ସଂଗଠନର ବିକାଶ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପଞ୍ଚାୟତର ବିକାଶମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ତପନ କୁମାର ବେହେରା କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। କର୍ମଶାଳାରେ ପଞ୍ଚାୟତର ସରପଞ୍ଚ, ନିର୍ବାହୀ ଅଧିକାରୀ, ଅଙ୍ଗନବାଡ଼ି କର୍ମୀ ସହାୟିକା, ଆଶାକର୍ମୀ, କୃଷିମିତ୍ର ପ୍ରମୁଖ ଯୋଗଦେଇଥିଲେ।

## ହତ୍ୟାକାରୀକୁ ଆଜୀବନ ସଶ୍ରମ କାରାଦଣ୍ଡ

ଅନୁଗୋଳ, ୨୮ ।୧୧(ସମିସ): ଏକ ହତ୍ୟା ମାମଲାର ବିଚାର କରି ଅନୁଗୋଳ ଅତିରିକ୍ତ ଜିଲ୍ଲା ଓ ସେସନ ଜଜ ଦୋଷୀକୁ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଦୋଷୀ ସାବ୍ୟସ୍ତ ବ୍ୟକ୍ତି ହେଲେ ନାଲକୋ ଥାନା କଇଁଫୁଲିଆ ସାହିର ଦୀପକ ବେହେରା (୩୦)।

ମାମଲାର ବିବରଣୀ ଅନୁଯାୟୀ, ୨୦୨୨ ମେ ୩ରେ ନାଲକୋ ଥାନା ବଳରାମ ପ୍ରସାଦ କେନ୍ଦୁପାଟଣା ସାହିର ଶିବରାମ ସାହୁ ନିଜ ଘର ବାହାରେ ଥିବା ଚଉରା ମୂଳେ ପୂଜା କରୁଥିବା ବେଳେ ଦୀପକ ଏକ ଧାରୁଆ ଅସ୍ତ୍ରରେ ତାଙ୍କୁ ହାଣି ହତ୍ୟା କରିଥିଲେ। ଏ ନେଇ ଶିବରାମଙ୍କ ସ୍ତ୍ରୀ ଗୌରୀ ସାହୁ ନାଲକୋ ନଗର ଥାନାରେ ଅଭିଯୋଗ କରିଥିଲେ।

ପୁଲିସ ମାମଲା ରୁଜୁ କରିବା ସହ ଦୀପକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଶୁକ୍ରବାର ଅତିରିକ୍ତ ଜିଲ୍ଲା ଓ ସେସନ ଜଜ ହୃଷୀକେଶ ଆଚାର୍ଯ୍ୟ ମାମଲାର ଶୁଣାଣି କରି ୨୫ ଜଣ ସାକ୍ଷୀଙ୍କ ବୟାନ ଓ ସମସ୍ତ ପ୍ରମାଣ ଆଧାରେ ଦୀପକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ଆଡିସନାଲ ପିପି ତାପସ ରଞ୍ଜନ ମିଶ୍ର ଏହି ମାମଲା ପରିଚାଳନା କରୁଥିଲେ।

ଗାଁ କଲ୍ୟାଣ ସମିତି କାହା ସ୍ୱାର୍ଥରେ !

# ଗ୍ରାମାଞ୍ଚଳ ପାଇଁ ଆସୁଥିବା ଅର୍ଥ ଯାଉଛି କୁଆଡ଼େ?



ତାଳଚେର, ୨୮ ।୧୧(ସମିସ)

ଗ୍ରାମାଞ୍ଚଳର ବିକାଶ ପାଇଁ ରାଜ୍ୟସରକାର ଗାଁ କଲ୍ୟାଣ ସମିତି ମାଧ୍ୟମରେ ବିଭିନ୍ନ ପଞ୍ଚାୟତକୁ ଅର୍ଥ ଯୋଗାଇ ଦେଇଥାନ୍ତି। ଜାତୀୟ ଗ୍ରାମ୍ୟ ସ୍ୱାସ୍ଥ୍ୟମିଶନ ଜରିଆରେ ଗ୍ରାମାଞ୍ଚଳ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ସୁନ୍ଦର ପରିବେଶ ସହ ଗ୍ରାମଗୁଡ଼ିକୁ ସଫାସୁତୁରା ରଖିବା ଉଦ୍ଦେଶ୍ୟରେ ସରକାରଙ୍କ ତରଫରୁ ଗାଁ କଲ୍ୟାଣ ସମିତ ଗଠନ ହୋଇଛି। ଗାଁରେ ପରିଷ୍କାର ପରିଚ୍ଛନ୍ନତା ରକ୍ଷା ସହ ସ୍ୱାସ୍ଥ୍ୟ ସଚେତନତା ବାର୍ତ୍ତା ପ୍ରସାର କରିବା ଏହି ସମିତିର ମୂଳଲକ୍ଷ୍ୟ। ତାଳଚେର ଉପଖଣ୍ଡର ଅଧିକାଂଶ ଗାଁରେ ଏହି ସମିତି ଠିକ ଭାବେ କାମ କରୁନାହିଁ। ସମିତି ମାଧ୍ୟମରେ ଆସୁଥିବା ଟଙ୍କାକୁ ହଡ଼ପ କରାଯାଉଥିବା ଅଭିଯୋଗ ହେଉଛି।

ଉପଖଣ୍ଡର ଦୁଇ ବ୍ଲକ ତାଳଚେର ଓ କଣିହାଁରେ ୪୮ଟି ପଞ୍ଚାୟତର ରହିଛି। ବିଭିନ୍ନ ଗ୍ରାମରେ ଗାଁ କଲ୍ୟାଣ ସମିତି ଗଠନ ହୋଇଛି। ହେଲେ ସମିତିକୁ ଆସୁଥିବା ଅର୍ଥ କୌଣସି ଜନହିତକର କାର୍ଯ୍ୟରେ ଆସୁ ନ ଥିବା ଅଭିଯୋଗ ହେଉଛି। ଫଳରେ ରାଜ୍ୟ ସରକାରଙ୍କ ମହତ ଯୋଜନା ଏଠାରେ ବାଟବଣା ହୋଇଥିବା କୁହାଯାଉଛି। ସମିତିରେ ଗ୍ରାମର ତିନି ମୁଖ୍ୟଙ୍କ ସହ ୱାର୍ଡସଭ୍ୟ, ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ ରହିବା ନିୟମ ରହିଛି। ଏହାର ପରିଚାଳନା ପାଇଁ ମାସିକ ବୈଠକ ବ୍ୟବସ୍ଥା ମଧ୍ୟ ରହିଛି। ଏଥିପାଇଁ ପ୍ରତି ସମିତିକୁ ୧୦ ହଜାର ଟଙ୍କା ଅନୁଦାନ ମିଳିଥାଏ। ମାସିକ ବୈଠକରେ ଏହି ଅର୍ଥରୁ ଆଶାକର୍ମୀଙ୍କୁ ୧୫୦ଟଙ୍କା, ଅଙ୍ଗନାବାଡ଼ି କର୍ମୀଙ୍କୁ ୧୦୦ଟଙ୍କା ଓ ୱାର୍ଡସଭ୍ୟଙ୍କୁ ୫୦ଟଙ୍କା ମିଳିଥାଏ। ଅବଶିଷ୍ଟ ଟଙ୍କା ଗାଁର ପ୍ରବେଶ ଦ୍ୱାରରେ ସ୍ୱାସ୍ଥ୍ୟ ସଚେତନତା ପ୍ରଚାର, ଅଳିଆ କୁଣ୍ଡ, ସରକାରୀ କୂଅରେ ବ୍ଲିଚିଂ ପକାଇବା ଓ ଗାଁକୁ ସଫାସୁତୁରା ରଖିବାରେ ଖର୍ଚ୍ଚ ହୋଇଥାଏ। ମାତ୍ର ସରକାର ଦେଉଥିବା ଏହି ଅର୍ଥରାଶି କୌଣସି କାର୍ଯ୍ୟରେ ନ ଲାଗି କୁଆଡ଼େ କେବଳ କାଗଜପତ୍ରରେ ଉପଖଣ୍ଡରେ ଏସବୁ କାର୍ଯ୍ୟ ହେଉଥିବା ଦର୍ଶାଇ ଟଙ୍କା ବାଟମାରଣା ହେଉଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ତାଳଚେର ଅଞ୍ଚଳରେ ଡେଙ୍ଗୁ ଭୟ ରହିଥିବା ବେଳେ ଗ୍ରାମାଞ୍ଚଳଗୁଡ଼ିକରେ ଘାସବୁଦା, ଅନାବନା ଗଛଲତା, ଡ୍ରେନେଜ ବ୍ୟବସ୍ଥା, ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ଆସୁଥିବା ସରକାରୀ ଅନୁଦାନ ସଠିକ ଭାବେ ଖର୍ଚ୍ଚ ହେଉଛି କି ନାହିଁ ତା'ର ତଦାରଖ କରାଯାଉ ନାହିଁ। ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112







# ବାୟୁରେ ବିଷ
# ଖର୍ଚ୍ଚ ହେଲାଣି ୨୪ କୋଟି; ସୁଧୁରୁନି କଟକ ସହର ସ୍ଥିତି

କଟକ,୨୮ ।୧୧(ସମିସ)

ଏବେ ଦିଲ୍ଲୀ ପ୍ରଦୂଷଣ ଦେଶରେ ଚିନ୍ତାଜନକ ହୋଇଥିବା ବେଳେ କଟକ ପାଇଁ ମଧ୍ୟ ବାୟୁ ପ୍ରଦୂଷଣର ସତର୍କ ଘଣ୍ଟି ବାଜିଲାଣି । ଶୀତ ଋତୁରେ ପ୍ରଦୂଷଣ ସ୍ତର ସୀମା ଅତିକ୍ରମ କରିଥିବା ବେଳେ ଧୂଳି ଓ ଯାନବାହନ ଧୂଆଁ ପାଇଁ ସହରର ବାୟୁ ପ୍ରଦୂଷଣ ବେଶୀ ହେଉଥିବା କୁହାଯାଉଛି । ଅନ୍ୟପଟରେ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମରେ କଟକ ସହରରେ ବିଗତ ୬ବର୍ଷ ମଧ୍ୟରେ ୨୪କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲେ ବି ଏହାର ସୁଫଳ ମିଳିପାରିନି । ଆସନ୍ତା ୨୦୨୬ରେ କଟକ ସହରକୁ ବାୟୁ ପ୍ରଦୂଷଣମୁକ୍ତ କରିବା ପାଇଁ ଯେଉଁ ଲକ୍ଷ୍ୟ ରଖାଯାଇଥିଲା ତାହା ପୂରଣ ନେଇ ଅନିଶ୍ଚିତତା ଦେଖାଦେଇଛି । ଏପରିକି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲୁଏଚଓ) ମଧ୍ୟ ଦେଶର ବିଭିନ୍ନ ସହରରେ ବାୟୁ ପ୍ରଦୂଷଣ ନେଇ ସତର୍କ କରି ଆସିଥିବାର ନଜିର ରହିଛି । ରାଜ୍ୟର ଯେଉଁ କେତେଗୋଟି ସହରରେ ବାୟୁ ପ୍ରଦୂଷଣ ସ୍ଥିତି ସଂଗୀନ ରହିଛି ସେଥିମଧ୍ୟରେ କଟକ ସହର ସ୍ଥାନିତ ହୋଇଛି । ନୂତନ ମାନଦଣ୍ଡ ଅନୁସାରେ ପିଏମ୨.୫ ଓ ପିଏମ୧୦ର ସ୍ତର କମାଇ ଦିଆଯାଇଛି । ଏହି ସ୍ଥିତିରୁ ସୁଧାରିବା ପାଇଁ ପଦକ୍ଷେପ ନେବା ପାଇଁ କୁହାଯାଇଥିଲା । ଇତିମଧ୍ୟରେ ବର୍ଷାଧିକ ସମୟ ଅତିକ୍ରାନ୍ତ ହୋଇଥିଲେ ସୁଦ୍ଧା ସହରରେ ବାୟୁ ପ୍ରଦୂଷଣ ବଢିଚାଲିଛି । ସହରର ବାଦାମବାଡ଼ିରେ



ବାୟୁ ପ୍ରଦୂଷଣ ସର୍ବାଧିକ ସ୍ତରରେ ରହିଛି । ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରୁ ମିଳିଥିବା ତଥ୍ୟ ଅନୁସାରେ କଟକ ସହରରେ ନାଇଟ୍ରୋଜେନ ଡାଇଅକ୍ସାଇଡକୁ ନେଇ ଚିନ୍ତାଜନକ ସ୍ଥିତି ରହିଛି କାରଣ ସର୍ବାଧିକ ପ୍ରଦୂଷଣ ଯାନବାହନ ଜନିତ ବୋଲି କୁହାଯାଉଛି । ବିଭାଗୀୟ ଅଧିକାରୀଙ୍କ କହିବାନୁସାରେ, ଯାନବାହନ ଓ ନିର୍ମାଣ କାର୍ଯ୍ୟ ଦ୍ୱାରା ସହରର ବାୟୁ ପ୍ରଦୂଷଣ ଅଧିକ ହେବାରେ ଲାଗିଛି । କଟକ ସହରରେ ପିଏମ ୧୦ ଆଧାରରେ ୬୦ ଓ ପିଏମ୨.୫ ଆଧାରରେ ୪୦ ରହିବା କଥା; ହେଲେ ଏହା ଅଧିକ ରହିଆସୁଛି । ସହରର ୪ଟି ସ୍ଥାନରେ ବାୟୁ ପ୍ରଦୂଷଣ ଯାଞ୍ଚ କରାଯାଉଛି । ବ୍ୟସ୍ତବହୁଳ ବାଦାମବାଡି, ଲିଙ୍କରୋଡ ଓ ବାରବାଟୀ ଷ୍ଟାଡିୟମ, ସିଡିଏ ନିକଟରେ ଏହି ବ୍ୟବସ୍ଥା ଉପଲବ୍ଧ ରହିଛି । ବେଧଡକ ବାଲି ପରିବହନ ପାଇଁ ସହରର ଅଧିକାଂଶ ରାସ୍ତାଘାଟରେ ଏବେ ବାଲିର ଏକ ମୋଟା ଆସ୍ତରଣ ଦେଖିବାକୁ ମିଳୁଛି । ବାୟୁ ପ୍ରଦୂଷଣ ମାତ୍ରା ବୃଦ୍ଧି ଯୋଗୁ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସିଏମସିକୁ ଗତ ୬ବର୍ଷରେ ୨୪କୋଟି ଟଙ୍କା ଦିଆଯାଇଥିବା ଜଣାପଡିଛି । ଯାନ୍ତ୍ରିକ ସଫେଇ ଦ୍ୱାରା ସହରର ରାସ୍ତାଘାଟକୁ ଧୂଳିବାଲିରୁ ମୁକ୍ତ ରଖିବା ଯୋଜନା ଫଳପ୍ରଦ ହୋଇନାହିଁ । ଏପରିକି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିଜ ଆଡୁ ମାମଲା କରି ନିୟମ ଉଲ୍ଲଙ୍ଘନ କ୍ଷେତ୍ରରେ ନୋଟିସ ଜାରି କରିବା ଉପରେ ନିକଟରେ ଓଡିଶା ହାଇକୋର୍ଟ ଗୁରୁତ୍ୱାରୋପ କରିଥିଲେ । ହେଲେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାଁଭାଁ ନୋଟିସ କରିଥିବା ଜଣାପଡିଛି । ୨୦୧୯ ମସିହା ଅଗଷ୍ଟ ମାସ ପରେ ରାଜ୍ୟରେ ପରିବହନ ବିଭାଗ ପକ୍ଷରୁ ପ୍ରଦୂଷଣ ପ୍ରମାଣ ପତ୍ରକୁ କଡାକଡି କରିବା ପାଇଁ ସବୁ ଆରଟିଓଙ୍କୁ ଚିଠି ହୋଇଥିଲା । ୨୦୨୦ ଜାନୁଆରୀ ମାସରୁ ରାଜ୍ୟରେ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣ ପତ୍ରକୁ ବାଧ୍ୟତାମୂଳକ କରାଯାଇଛି । ବହୁ ଗାଡି ରାସ୍ତାରେ ଚଳାଚଳ କରିବା ପାଇଁ ପ୍ରଦୂଷଣ ଦୃଷ୍ଟିକୋଣରୁ ଅଯୋଗ୍ୟ ଥିଲେ ମଧ୍ୟ ଏଗୁଡିକ ବେଧଡକ ଗଡୁଛି ।

## ୧୭୧୩ ଗାଡ଼ିରୁ ୭ .୬୩ ଲକ୍ଷ ଜରିମାନା

କଟକ,୨୮ ।୧୧(ସମିସ): କେନ୍ଦ୍ରାଞ୍ଚଳ ପୁଲିସ ରେଞ୍ଜ ପକ୍ଷରୁ ଏହା ଅନ୍ତର୍ଗତ ୭ଟି ଜିଲ୍ଲାରେ ହୋଇଥିବା ନାକା ଓ ପାଟ୍ରୋଲିଂ ବେଳେ ଶୁକ୍ରବାର ମୋଟ ୧୭୧୩ଟି ଗାଡିର ଯାଞ୍ଚ କରାଯାଇଛି । ୭ଟି ଜିଲ୍ଲାରେ ମୋଟ ୭ ଲକ୍ଷ ୬୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ପୁରୀରେ ୩୫୦ ଗାଡି ଯାଞ୍ଚ ସହ ୧ ଲକ୍ଷ ୮ ହଜାର, କଟକରେ ୩୫ ଗାଡିରୁ ୧୨ ହଜାର ୫୦୦, କେନ୍ଦ୍ରାପଡାରେ ୩୨୮ ଗାଡିରୁ ୧୬ ହଜାର ଜରିମାନା ଆଦାୟ କରାଯାଇଛି । ଖୋର୍ଦ୍ଧାରେ ୧୨୪ଟି ଗାଡିରୁ ୫ ଲକ୍ଷ ୩୭ ହଜାର ୫୦୦ ଟଙ୍କା, ନୟାଗଡରେ ୫୦୧ଟି ଗାଡିରୁ ୫୩ ହଜାର ଟଙ୍କା, ଯାଜପୁର ଜିଲ୍ଲାରେ ୨୨୬ଟି ଗାଡିରୁ ୨୧ ହଜାର ୫୦୦ ଜଗତସିଂହପୁର ଜିଲ୍ଲାରୁ ୧୪୯ଟି ଗାଡି ଯାଞ୍ଚ କରାଯାଇ ୧୫ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି ।

## ରେଳଯାତ୍ରୀଙ୍କୁ ଲୁଟ୍; ଅଭିଯୁକ୍ତ ଗିରଫ

କଟକ,୨୮ ।୧୧(ସମିସ): ଟ୍ରେନରେ ଯାତ୍ରୀଙ୍କୁ ଲୁଟପାଟ କରୁଥିବା ଜଣେ ପେସାଦାର ଲୁଟେରାକୁ କଟକ ଆରପିଏଫ ଗିରଫ କରିଛି । ଅଭିଯୁକ୍ତ ଜଣକ ହେଲା ଦରଘାବଜାର ଥାନା ଅନ୍ତର୍ଗତ କେଶରପୁରର ସେକ ବାବୁ (୩୦) । ତା' ପାଖରୁ ୩ଟି ଦାମୀ ମୋବାଇଲ ଫୋନ୍ ଜବତ କରାଯାଇଛି । ଶୁକ୍ରବାର ସକାଳ ପ୍ରାୟ ୮ଟାରେ କଟକ ରେଳ ଷ୍ଟେସନର ୩ନଂ ପ୍ଲାଟଫର୍ମରେ ଦୁର୍ଗ-ପୁରୀ ଏକ୍ସପ୍ରେସ ଆସି ପହଞ୍ଚିଥିଲା । ଆରପିଏଫ କର୍ମଚାରୀ ଉକ୍ତ ଟ୍ରେନରେ ଚଢି ଯାଞ୍ଚ କରିଥିଲେ । ଟ୍ରେନର ଶେଷ ବଗିରେ ସନ୍ଦେହଜନକ ଭାବେ ବସିଥିବା ଜଣେ ଯୁବକକୁ ପଚରାଉଚରା କରିବାରୁ ସେ ହଡବଡେଇ ଯାଇଥିଲା । ସେ କେଉଁଆଡେ ଯାଉଛି କିମ୍ବା କେଉଁଠାରୁ ଆସିଛି କିଛି କହିପାରି ନ ଥିଲା । ତଲାସି ନେବାରୁ ତା' ପାଖରୁ ୩ଟି ଦାମୀ ମୋବାଇଲ ମିଳିଥିଲା । ତାକୁ ଆରପିଏଫ ପୋଷ୍ଟକୁ ଧରିଆଣି ଜେରା କରିବାରୁ ସବୁ କଥା ମାନିଯାଇଥିଲା । ଉକ୍ତ ମୋବାଇଲଗୁଡିକୁ ସେ ଟ୍ରେନର ବିଭିନ୍ନ ଯାତ୍ରୀଙ୍କଠାରୁ ଚୋରାଇଥିବା ସ୍ୱୀକାର କରିଥିଲା । ଅଭିଯୁକ୍ତ ବାବୁ ଜଣେ ଅଭ୍ୟାସଗତ ଅପରାଧୀ । ନିଶା ସେବନ କରିବା ପାଇଁ ଟଙ୍କା ଦରକାର ଥିବାରୁ ସେ ଲୁଟପାଟ କରୁଥିବା ତଦନ୍ତରୁ ଜଣାପଡିଛି । ଜବତ ମୋବାଇଲ ସହ ଅଭିଯୁକ୍ତକୁ କଟକ ଜିଆରପି ଜିମା ଦିଆଯାଇଥିଲା । ଏନେଇ ଏକ ମାମଲା ରୁଜୁ କରାଯାଇ ତାକୁ କୋର୍ଟ ଚାଲାଣ କରାଯାଇଥିବା ଆରପିଏଫ ଅଧିକାରୀ ରାଜସିଂହ ମଲ୍ଲିକ ସୂଚନା ଦେଇଛନ୍ତି ।

● ରାଉସାପାଟଣାରେ ପୁଣି ଅଶାନ୍ତି

## ଗୋ-ମାଂସ ଠାବକୁ ନେଇ ଉତ୍ତେଜନା; ରାସ୍ତାରୋକ

କଟକ,୨୮ ।୧୧(ସମିସ): ଶୁକ୍ରବାର ବିଳମ୍ବିତ ରାତିରେ ସହରର ରାଉସାପାଟଣା ଅଞ୍ଚଳର କିଛି ସ୍ଥାନରେ ଗୋ-ମାଂସ ପଡ଼ିଥିବା ଦେଖାଗଲା ପରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ରାତିଅଧିଆ ଏନେଇ ଲୋକଙ୍କ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିଲା ଏବଂ ଧାର୍ମିକ ଭାବନାକୁ ଆଘାତ ଦେବା ଉଦ୍ଦେଶ୍ୟରେ କେହି ଦୁର୍ବୃତ୍ତ ଏଭଳି ହୀନ କାର୍ଯ୍ୟ କରିଥିବା ସନ୍ଦେହ କରି ଶତାଧିକ ଲୋକ ଏକାଠି ହୋଇଥିଲେ । ରାଉସାପାଟଣାର ଜଣେ ଦୋକାନୀଙ୍କ ଦୋକାନ ସମ୍ମୁଖରେ ଏବଂ ନିକଟସ୍ଥ ଏକ ଅଳିଆ ଗଦାରେ ସନ୍ଦିଗ୍ଧ ଗୋ-ମାଂସ ପଡ଼ିଥିବା ଅଭିଯୋଗ ହୋଇଛି । ପ୍ରତିବାଦରେ ସ୍ଥାନୀୟ ବାସିନ୍ଦା ତୁରନ୍ତ ରାସ୍ତାକୁ ଓହ୍ଲାଇ ଆସି ସେମିନାର ଛକ ଓ ରାଉସାପାଟଣା ମୁଖ୍ୟରାସ୍ତାକୁ ଅବରୋଧ କରିବା ସହ ଦୋଷୀଙ୍କୁ ଗିରଫ କରିବା ଏବଂ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ ଅଡ଼ି ବସିଥିଲେ । ଫଳରେ ସେହି ଅଞ୍ଚଳରେ ଯାତାୟାତ ବାଧାପ୍ରାପ୍ତ ହେବା ସହ ପରିସ୍ଥିତି ସରଗରମ ହୋଇଉଠିଥିଲା । ଖବର ପାଇ କଟକ କମିସନରେଟ ପୁଲିସର ବରିଷ୍ଠ ଅଧିକାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ । ବିଭିନ୍ନ ଥାନାର ପୁଲିସ ଅଧିକାରୀଙ୍କ ସହ ନିଜେ କଟକ ଡିସିପି ଋଷିକେଶ ଦ୍ୟାନଦେଓ ଖିଲାରି ଘଟଣାସ୍ଥଳରେ ପହଞ୍ଚିଥିଲେ । ଡିସିପି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଲଗାତାର ଚେଷ୍ଟା ଜାରି ରଖିଛନ୍ତି । ଉଲ୍ଲେଖଯୋଗ୍ୟ, ମାତ୍ର କିଛି ଦିନ ତଳେ କଟକ ଦୁର୍ଗାପୂଜା ଭସାଣି ସମୟରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟି ସହରର ଶାନ୍ତିଶୃଙ୍ଖଳା ବିଗିଡ଼ି ଯାଇଥିଲା । ଏବେ ପୁଣି ଥରେ ଏଭଳି ଏକ ସମ୍ବେଦନଶୀଳ ଘଟଣା ପୁଲିସ ପ୍ରଶାସନ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ବର୍ତ୍ତମାନ ଘଟଣା ଉପରେ ପୁଲିସ ପକ୍ଷରୁ କଡ଼ା ନଜର ରଖାଯାଇଛି ।

## ସେଣ୍ଟ୍ ଜାଭିୟର୍ସ ବିଦ୍ୟାଳୟରେ ଶିଶୁ ବିକାଶ କେନ୍ଦ୍ର ଉଦ୍‌ଘାଟିତ

କଟକ,୨୮ ।୧୧(ସମିସ): ନୟାବଜାରସ୍ଥିତ ସେଣ୍ଟ୍ ଜାଭିୟର୍ସ ସିନିୟର୍ ସେକେଣ୍ଡାରୀ ବିଦ୍ୟାଳୟ ପ୍ରାଙ୍ଗଣରେ ଶିଶୁ ବିକାଶ କକ୍ଷର ଉନ୍ମୋଚନ କରାଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ଡ ପ୍ରଦୀପ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡ ଗୀତାଞ୍ଜଳି ସାହୁ ମୁଖ୍ୟଅତିଥି ଭାବେ ଶିଶୁ ବିକାଶ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ । ଏଥିରେ ଏସ୍. ଟି ଜାଭିୟର୍ସ ଗ୍ରୁପ୍ ଅଫ୍ ସ୍କୁଲ୍ କର୍ପୋରେଟ୍ ହେଡ୍ ସମ୍ୟକ




ମହାନ୍ତି ଏବଂ ଆୟାଶା ମହାନ୍ତି ବକ୍ତବ୍ୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଅଧ୍ୟକ୍ଷ ଡ ପ୍ରଦୀପ ତ୍ରିପାଠୀ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଉପାଧ୍ୟକ୍ଷ ଦେବାନନ୍ଦ ପାଢ଼ୀ, ପ୍ରଧାନଶିକ୍ଷୟିତ୍ରୀ ମୀନାକ୍ଷୀ ସାହୁ ଏଥିରେ ଅଂଶଗ୍ରହଣ କରିଥିଲେ ।

## କଲେଜ ଛାତ୍ରୀଙ୍କୁ ଅସଦାଚରଣ ଓ ଧମକଚମକ: ଅଭିଯୁକ୍ତକୁ ୪ବର୍ଷ ଜେଲ୍

କଟକ,୨୮ ।୧୧(ସମିସ): କଟକ ଜିଲ୍ଲା ସାଲେପୁର ଅଞ୍ଚଳର ଏକ କଲେଜର ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷ ଛାତ୍ରୀଙ୍କୁ ଅସଦାଚରଣ ଓ ଧମକଚମକ ଅଭିଯୋଗରେ ଅଭିଯୁକ୍ତ କିଶନନନଗର ଥାନା ମୁର୍କୁଣ୍ଡି ଗ୍ରାମର ସତ୍ୟଜିତ ବେହେରା (୧୯)କୁ ୪ବର୍ଷ ଜେଲ ଓ ୧୦ହଜାର ଟଙ୍କା ଜରିମାନା ଦଣ୍ଡ ପ୍ରଦାନ କରିଛନ୍ତି କଟକ ଆଡହକ ଅତିରିକ୍ତ ଦୌରା ଜଜ୍ ତଥା ଫାଷ୍ଟଟ୍ରାକ କୋର୍ଟ । ଜରିମାନା ଅନାଦେୟ ଅତିରିକ୍ତ ୬ମାସ ଜେଲଦଣ୍ଡ ଭୋଗ କରିବାକୁ ପଡିବ ବୋଲି ଅଦାଲତ ରାୟରେ ଉଲ୍ଲେଖ କରିଛନ୍ତି । ପୋକ୍ସୋ ସଂଶୋଧିତ ଆଇନ-୨୦୧୯ର ଧାରା ୮ ଓ ବିଏନଏସର ଧାରା ୭୪ ଓ ୩୫୧(୨)ରେ ଆସାମୀକୁ ଦୋଷୀ ସାବ୍ୟସ୍ତ କରି ଏହି ଦଣ୍ଡ ପ୍ରଦାନ କରିଛନ୍ତି । ଏଥିସହିତ ପୀଡ଼ିତାଙ୍କୁ ୧ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି ।

ମାମଲାରୁ ପ୍ରକାଶ ଯେ ୨୦୨୫ଜାନୁଆରୀ ୨୬ତାରିଖରେ ୧୮ବର୍ଷ କମ ବୟସର ନାବାଳିକା ଜଣକ କଲେଜକୁ ଯାଇଥିବା ବେଳେ ଅଭିଯୁକ୍ତ ଜଣକ ତାଙ୍କୁ ବାଇକରେ ବସାଇ ନଦୀ ପଠା ଆଡ଼କୁ ଜୋରଜବରଦସ୍ତ ନେଇଯାଇଥିଲା । ସମ୍ପୃକ୍ତ ଅଭିଯୁକ୍ତ ଜଣକ ଛାତ୍ରୀଙ୍କ ପିତାଙ୍କ ସହ କାମ କରୁଥିବାରୁ ତାଙ୍କ ଘର ସହ ସମ୍ପର୍କରେ ରହିଥିଲା । ତେବେ ନଦୀ ପଠାରେ କେତେକ ଫଟୋ ଉଠାଇବା ସହ ପୀଡିତାଙ୍କୁ ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରିଥିଲା । ହେଲେ ସେ ଏଥିରେ ରାଜି ନହେବାରୁ ତାଙ୍କ ଫଟୋ ଭାଇରାଲ କରିଦେବ ବୋଲି ଧମକ ଦେଇଥିଲା । ଏ ସଂକ୍ରାନ୍ତରେ ପୀଡିତା ଜଣକ ଘରେ କହିବା ପରେ ସାଲେପୁର ଥାନାରେ ପରିବାର ପକ୍ଷରୁ ଏକ ଏତଲା ଦିଆଯାଇଥିଲା । ପୁଲିସ ଅଭିଯୁକ୍ତକୁ ଗିରଫ କରିବା ସହ ୨୦୨୫ ମାର୍ଚ୍ଚ୨୫ରେ ଅଭିଯୁକ୍ତ ବିରୋଧରେ ଚାର୍ଜସିଟ ଦାଖଲ କରିଥିଲା । ଅଦାଲତରେ ମାମଲାର ଶୁଣାଣି ବେଳେ ପୀଡ଼ିତା ଏତଲାକାରୀଙ୍କ ସମେତ ୧୫ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା । ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଶୁଭେନ୍ଦ୍ର ପ୍ରସାଦ ମହାନ୍ତି ମାମଲା ପରିଚାଳନା କରୁଥିଲେ ।

## ମାନସିକ ଚାପ ପରିଚାଳନା କର୍ମଶାଳା




କଟକ,୨୮ ।୧୧(ସମିସ): ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ +୩ ଯୁବ ରେଡକ୍ରସ୍ ଏବଂ ପ୍ରଜାପିତା ବ୍ରହ୍ମକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଜୀବନ ବଲ୍ଲଭ ଜେନା ଅଧ୍ୟକ୍ଷତା କରିଥିଲା ବେଳେ ପ୍ରଜାପିତା ବ୍ରହ୍ମକୁମାରୀ ଅନୁଷ୍ଠାନର ରାଜଯୋଗ ଶିକ୍ଷକ ରଶ୍ମି ଭଉଣୀ ପିଲାମାନଙ୍କୁ ଆଧ୍ୟାତ୍ମିକ ଚେତନା ମାଧ୍ୟମରେ ଚାପମୁକ୍ତ ରହିବାକୁ ମାର୍ଗଦର୍ଶନ କରାଇଥିଲେ । ଯୁବ ରେଡକ୍ରସ୍ ଅଧିକାରୀ ଡ.ଗାୟତ୍ରୀ କର ଏହି କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଡ. ପ୍ରତିଭାରାଣୀ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଡ. ମେନକାରାଣୀ ସାହୁ ଏବଂ ମହାବିଦ୍ୟାଳୟର ଅଧ୍ୟାପକଅଧ୍ୟାପିକା, ଯୁବ ରେଡକ୍ରସର ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ ।

## ଆଇନଜୀବୀଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା



କଟକ,୨୮ ।୧୧(ସମିସ): ରଶ୍ମି ପାଲେସଠାରେ ଆଇନଜୀବୀ ସରୋଜ ଶତପଥୀଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା । ଆଇନଜୀବୀ ଅମରେନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଉଚ୍ଚ ନ୍ୟାୟାଳୟର ନ୍ୟାୟମୂର୍ତ୍ତି ଆଦିତ୍ୟ ମହାପାତ୍ର, ବରିଷ୍ଠ ଓକିଲ ସୁବୀର ପାଲିତ, ସିପିଆଇ ରାଜ୍ୟ ସମ୍ପାଦକ ଡ ପ୍ରଶାନ୍ତ ମିଶ୍ର, ଜୟନ୍ତ ଦାସ, ବିପିନ ପାଢୀ, ଅଧିବକ୍ତା ଦୀପକ ମହାପାତ୍ର, ପ୍ରଶାନ୍ତ ଜେନା, ପଞ୍ଚାନନ ସାହୁ, ଡ. ଜ୍ଞାନଗୁରୁ ଦାସ, ଖଗେଶ୍ୱର ସେଠୀ, ଭବାନୀ ଦାସ, ଭ୍ରମରବର ସାହୁ, ଅଶୋକ ତା, ତାପସ ଦ୍ୱିବେଦୀ, ବିପିନ ରାୟ, ଶରତ ଶତପଥୀ, ଉର୍ମିଳା ଆଚାର୍ଯ୍ୟ, ପ୍ରସନ୍ନ ମହାପାତ୍ର, ପ୍ରଫେସର ଅଶୋକ ପଟ୍ଟନାୟକ ପ୍ରମୁଖ ସ୍ମୃତିଚାରଣ କରିଥିଲେ । ସ୍ୱର୍ଗତ ସରୋଜ ଶତପଥୀ ସାମ୍ୟବାଦୀ ଚିନ୍ତାଧାରାରେ ବିଶ୍ୱାସ କରୁଥିଲେ ଓ ଜଣେ ସଚ୍ଚା ସମାଜସେବୀ ଥିଲେ ବୋଲି ପ୍ରକାଶ କରିଥିଲେ ।

## ଡ୍ରିମ୍ସ ମେଡିକାଲ କଲେଜରେ ଜାତୀୟ କର୍ମଶାଳା



କଟକ,୨୮ ।୧୧(ସମିସ): ଡ୍ରିମ୍ସ ମେଡିକାଲ କଲେଜ ଓ ହସ୍‌ପିଟାଲ ଫାର୍ମାକୋଲୋଜି ବିଭାଗ ଅଧୀନରେ ଥିବା 'ମେଡିକାଲ ଡିଭାଇସ ଆଡଭର୍ସ ମନିଟରିଂ ସେଣ୍ଟର' (ଏମ୍‌ଡିଏମ୍‌ସି) ଆନୁକୂଲ୍ୟରେ ଏକଦିବସୀୟ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଚିକିତ୍ସାରେ ବ୍ୟବହୃତ ଯନ୍ତ୍ରପାତି ତ୍ରୁଟିଜନିତ ରୋଗୀଠାରେ ଦେଖାଯାଉଥିବା ନାନା ପ୍ରତିକ୍ରିୟା ପ୍ରସଙ୍ଗ ଉପରେ ଆୟୋଜିତ ଏହି କର୍ମଶାଳାରେ ଦେଶର ବିଭିନ୍ନ ପ୍ରାନ୍ତରୁ ଅଭାସୀ ମାଧ୍ୟମରେ ୧୬୮ ଜଣ ଏବଂ ଡ୍ରିମ୍ସ ମେଡିକାଲ କଲେଜରୁ ୫୮ ଜଣ ଡାକ୍ତର, ନର୍ସ, ଫାର୍ମାସିଷ୍ଟ, ଓ ଟେକ୍ନିସିଆନ୍ ଅଂଶଗ୍ରହଣ କରିଥିଲେ । ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ କର୍ମଶାଳାର ସଫଳତା କାମନା କରି ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଡ୍ରିମ୍ସ ମେଡିକାଲ କଲେଜର 'ଡିନ୍' ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ । ଏମ୍‌ଡିଏମ୍‌ସିର ସଞ୍ଚାଳକ ଡା.ସୟଦ୍ ଇଲିଆସ ବାସା ହସ୍ପିଟାଲରେ ବ୍ୟବହୃତ ହେଉଥିବା ଯନ୍ତ୍ରପାତିର ଉପଯୁକ୍ତ ରକ୍ଷଣାବେକ୍ଷଣ ଓ କାର୍ଯ୍ୟକାରିତାରେ ତ୍ରୁଟି ପରିଲକ୍ଷିତ ହେଲେ କ'ଣ ପଦକ୍ଷେପ ନିଆଯିବ ସେ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ । ଅଖିଳ ଭାରତୀୟ ଆର୍ୟୁବିଜ୍ଞାନ ସଂସ୍ଥାନ (ଏମ୍ସ) ଭୁବନେଶ୍ୱରର ଶ୍ରୀପଦା ବେହେରା ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୋମେଶ ଶୁକ୍ଲା, ଅଞ୍ଜଳି କୁମାରୀ, ପ୍ରଫେସର ଡା. ଚିତ୍ତରଞ୍ଜନ ଷଡଙ୍ଗୀ, ପ୍ରଫେସର ଡା. ଦୈତାରୀ ରାଉତରାୟ, ପ୍ରଫେସର ଡା. ମନ୍ମଥ ମଣ୍ଡଳ, ପ୍ରଫେସର ଡା. ନିକୁଞ୍ଜ ଦାସ, ରାଜ୍ୟ ନର୍ସିଂ ଉପ ନିର୍ଦ୍ଦେଶିକା ହରପ୍ରିୟା ସାହୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଫାର୍ମାକୋଲୋଜି ବିଭାଗର ମୁଖ୍ୟ ଡା. ବସନ୍ତ ମହାନ୍ତି ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ।

## ଗାଡ଼ି ଚୋରି ଗ୍ୟାଙ୍ଗ୍‌ର ଉପଦ୍ରବ; ପୁଲିସ ନିଷ୍କ୍ରିୟ

କଟକ,୨୮ ।୧୧(ସମିସ): ସହରରେ ଦିନକୁ ଦିନ ବାଇକ୍ ଚୋରି ବଢ଼ିବାରେ ଲାଗିଛି । ଯଦିଓ କମିସନରେଟ୍ ପୁଲିସ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହେଉଛି, ମାତ୍ର ତାହା ଚୋରି ହେଉଥିବା ବାଇକ୍ ସଂଖ୍ୟା ତୁଳନାରେ ବହୁତ କମ । ରାତି ଅଧରେ ଘର ସାମ୍ନାରୁ ଲୁଟେରାମାନେ ଲୁଟି ନେଉଛନ୍ତି ବାଇକ୍ ଓ ସ୍କୁଟି । ଗତ ୮ ମାସରେ ସହରରୁ ୧୭୦୦ ବାଇକ୍ ଚୋରି ହୋଇଗଲାଣି । ଯାହାକୁ ନେଇ କଟକ ସହରବାସୀଙ୍କ ଚିନ୍ତା

▶▶| ଦିନରେ ରେକି; ରାତିରେ ଚୋରି

▶▶| ୮ ମାସରେ ୧୭୦୦ ବାଇକ୍ ଚୋରି

▶▶| ସନ୍ଦେହ ଘେରରେ ସହରର କବାଡ଼ିଆ ଦୋକାନ

ବଢ଼ିଯାଇଛି । ଏଭଳି ସ୍ଥଳେ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ ଥାନାୱାରୀ ଥିବା ବହୁ ଚୋରି ଘଟଣାର ତଦନ୍ତ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଡିସିପି ଶ୍ରୀ ଖିଲାରୀ କହିଛନ୍ତି ଯେ ଗରିବ ଓ ମଧ୍ୟବିତ୍ତ ପରିବାର ଲୋକଙ୍କ ସାଧାରଣତଃ ବାଇକ୍ ଓ ମୋବାଇଲ୍ ଚୋରି ଅଧିକ ହୋଇଥାଏ । ଥାନାୱାରୀ ଆଇଆଇସିମାନେ ତ୍ୱରିତ ଭାବେ ଚୋରି ହୋଇଥିବା ବାଇକ୍ ଓ ମୋବାଇଲ୍ ଜବତ କରି ଅଭିଯୁକ୍ତଙ୍କୁ ଗିରଫ କରିବାକୁ କହିଛନ୍ତି । ଅନ୍ୟପକ୍ଷରେ ଏକାଧିକ ଗାଡ଼ି ଚୋରିର ସିସି କ୍ୟାମେରା ଫୁଟେଜ୍ ପୁଲିସ ହାତରେ ରହିଛି । ସମ୍ପୃକ୍ତ ଫୁଟେଜ୍‌ରେ ଚୋରର ମୁହଁ ଓ ଚେହେରା ସ୍ପଷ୍ଟ ଭାବେ ଦେଖିହେଉଛି । ଏଭଳି ସ୍ଥଳେ ପୁଲିସ କୌଣସି ପଦକ୍ଷେପ ନେଉନାହିଁ । ନା ଚୋରା ଗାଡ଼ି ଜବତ ହେଉଛି, ନା ଚୋର ଗିରଫ ହେଉଛି ।

ନିକଟରେ ମାଲଗୋଦାମ ଥାନା ଅନ୍ତର୍ଗତ



କଲେଜଛକ, ମର୍କତନଗର, ସେକ୍ଟର୬ ଏବଂ ୭ ଅଞ୍ଚଳରୁ ବାଇକ୍ ଚୋରି ହୋଇଥିଲା । ସେହିପରି କଲେଜଛକ, ବଡ଼ ମେଡ଼ିକାଲ ପରିସର, ଝାଞ୍ଜିରୀମଙ୍ଗଳା ଓ ପାଲାମଣ୍ଡପ ଅଞ୍ଚଳରୁ ଗାଡି ଚୋରି ହେଉଥିବା ଦୃଶ୍ୟ ସିସି କ୍ୟାମେରାରେ କଏଦ ହୋଇଥିଲା । ଏହାପରେ ଏହି ଦୃଶ୍ୟ ସୋସିଆଲ୍ ମିଡିଆରେ ଭାଇରାଲ ହେବା ପରେ ପୁଲିସ ତତ୍ପରତା ଦେଖାଇଥିଲା ।

୮ ମାସରେ କଟକ ଯୁପିଡିର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୧୭୦୦ଟି ଗାଡ଼ି ଚୋରି ହୋଇଥିବା ବିଭିନ୍ନ ଥାନାରେ ଅଭିଯୋଗ ହୋଇଛି । ଯେହେତୁ କଟକ ସହରରେ ଲୋକମାନଙ୍କ ଘରେ ଗାଡି ରଖିବା ପାଇଁ ସ୍ଥାନାଭାବ ଦେଖା ଦେଇଥାଏ ତେଣୁ ଘର ବାହାରେ ଲୋକମାନେ ଦୁଇଚକିଆ ଗାଡ଼ିଗୁଡ଼ିକୁ ପାର୍କିଂ କରିବାକୁ ବାଧ୍ୟ ହୋଇଥାଆନ୍ତି । ଏହି ଗାଡ଼ିଗୁଡ଼ିକୁ ବିଶେଷ କରି ରାତି ଅଧରେ ଲୁଟେରାମାନେ ଟାର୍ଗେଟ କରି ଲୁଟ୍ ନେଉଛନ୍ତି ।

ନିକଟରେ ଗାଡି ଚୋରିର ଶିକାର ହୋଇଥିବା ସ୍ନେହାଶିଷ ପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ପୁଲିସ ପାଟ୍ରୋଲିଂ ଠିକ୍ ଭାବେ କରାଯାଉ ନାହିଁ । ଏବେ ସହରରେ ଗାଡି ଚୋରି ଗ୍ୟାଙ୍ଗ୍ ମାତିଛନ୍ତି । ପୁଲିସ ନାଇଟ୍ ପାଟ୍ରୋଲିଂକୁ କଡାକଡି କଲେ, ବାଇକ ଚୋରିକୁ ରୋକାଯାଇ ପାରନ୍ତା । ମର୍କତନଗର ସେକ୍ଟର-୬ର ଅଭିଯୋଗକାରୀ ଉମେଶ ଖୁଣ୍ଟିଆ କହିଛନ୍ତି, ନିର୍ଦ୍ଦିଷ୍ଟ ଏକ ଗ୍ୟାଙ୍ଗ୍‌ର ସଦସ୍ୟମାନେ ଏହି ଚୋରି କରୁଛନ୍ତି । ସେମାନେ ସହରର ବିଭିନ୍ନ ଅଞ୍ଚଳକୁ ଯାଇ ଦିନ ବେଳେ ରେକି କରୁଛନ୍ତି । ବିଳମ୍ବିତ ରାତିରେ ଆସି ଗାଡି ଚୋରି କରି ଫେରାର୍ ହୋଇଯାଉଛନ୍ତି । ପୁଲିସ ଏ ଦିଗରେ କଡ଼ା ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି । ଅନ୍ୟପଟେ ବିଭିନ୍ନ ଅଞ୍ଚଳରୁ ବାଇକ୍ ଚୋରି ହେଉଥିବା ଅଭିଯୋଗ ସହରର ବହୁ ଥାନାରେ ହୋଇଛି । ଅନେକ ସମୟରେ ପୁଲିସ ଲୁଟେରା ଗ୍ୟାଙ୍ଗର ସଦସ୍ୟଙ୍କୁ ଗିରଫ କରୁଛି । ତଥାପି ବାଇକ୍ ଓ ସ୍କୁଟି ଚୋରିକୁ ରୋକି ହେଉନାହିଁ । ଏହି ବାଇକ୍ ଲୁଟ କରୁଥିବା ଅପରାଧୀଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ରଣନୀତି ପୁଲିସ ପ୍ରସ୍ତୁତ କରୁଛି ବୋଲି ଅତିରିକ୍ତ ଡିସିପି ଅମରେନ୍ଦ୍ର ପଣ୍ଡା କହିଛନ୍ତି । ଅଭିଯୋଗ ଅନୁସାରେ, ସହର ମଧ୍ୟରେ, ଜଗତପୁର, ମଙ୍ଗୁଳି ଓ ଟାଙ୍ଗି ଅଞ୍ଚଳରେ ରହିଥିବା କବାଡ଼ିଆ ଦୋକାନ ଗୁଡ଼ିକ ଏବେ ସନ୍ଦେହ ଘେରରେ ରହିଛି । ଚୋରା ଗ୍ୟାଙ୍ଗ ପକ୍ଷରୁ ଚୋରି ହୋଇଥିବା ଗାଡ଼ି ଗୁଡ଼ିକରୁ ପ୍ରଥମେ ପାର୍ଟସ ଖୋଲି ଦିଆଯାଉଛି । ଏହାପରେ ଗ୍ୟାସ୍ କଟର ସାହାଯ୍ୟରେ ଗାଡ଼ିକୁ ସମ୍ପୂର୍ଣ୍ଣ ଭାବେ କାଟି ଦିଆଯାଇ, ବିକ୍ରି କରାଯାଉଛି । ଯାହାଫଳରେ ଏହାକୁ ଧରିବା ପୁଲିସ ପକ୍ଷେ କଷ୍ଟକର ହୋଇପଡ଼ିଛି ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ‘ଆପଣଙ୍କ ପୁଞ୍ଜି, ଆପଣଙ୍କ ଅଧିକାର’ ସଚେତନତା ଶିବିର




କୋରାପୁଟ,୨୮।୧୧(ସମିସ): ଭାରତୀୟ ଷ୍ଟେଟ ବ୍ୟାଙ୍କ ଆଞ୍ଚଳିକ ଶାଖା ଓ ଭାରତୀୟ ଷ୍ଟେଟ ବ୍ୟାଙ୍କର ଅଗ୍ରଣୀ ବ୍ୟାଙ୍କ ଶାଖା ଆନୁକୁଲ୍ୟରେ ଆଜି କୋରାପୁଟ ସଦ୍‌ଭାବନା ସଭା ଗୃହରେ ‘ଆପଣଙ୍କ ପୁଞ୍ଜି,ଆପଣଙ୍କ ଅଧିକାର’ଶୀର୍ଷକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ଓ ଅନ୍ୟାନ୍ୟ ଆର୍ଥିକ ସଂସ୍ଥାରେ ପଡ଼ି ରହିଥିବା ପୁଞ୍ଜିର ତ୍ୱରିତ ଓ ସରଳ ଦାବି ସମାଧାନ ଦିଗରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଏହି ଶିବିର ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ଯୋଜନା ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା, ଭାରତୀୟ ରିଜର୍ଭ ବ୍ୟାଙ୍କର ଅଧିକାରୀ ତନ୍ମୟ ଜୟସ୍ୱାଲ, ଭାରତୀୟ ଷ୍ଟେଟ ବ୍ୟାଙ୍କର ଆଞ୍ଚଳିକ ଅଧିକାରୀ ସୁବାଷ ବେହେରା, ନାବାର୍ଡର ଅଧିକାରୀ ଦେବେନ୍ଦ୍ର ପ୍ରଧାନ, ଭାରତୀୟ ଜୀବନ ବୀମା ନିଗମର ବରିଷ୍ଠ ଅଧିକାରୀ ମିନକେତନ ପାଣିଗ୍ରାହୀ ଓ ଜିଲ୍ଲା ଅଗ୍ରଣୀ ବ୍ୟାଙ୍କ ଅଧିକାରୀ ଦେବେନ୍ଦ୍ର କୁମାର ତ୍ରିପାଠୀ ଯୋଗ ଦେଇଥିଲେ। ଅତିଥି ମାନେ ନିଷ୍କ୍ରିୟ ପୁଞ୍ଜିର ସରଳ ଓ ତ୍ୱରିତ ସମାଧାନ ବାବଦରେ ପ୍ରାଞ୍ଜଳ ଭାବରେ ସୂଚନା ଦେଇଥିଲେ। ଏହି ସଭାରେ ଅତିଥି ମାନଙ୍କ ଦ୍ୱାରା ୨୩ ଜଣ ହିତାଧିକାରୀମାନଙ୍କୁ ସେମାନଙ୍କ ନିଷ୍କ୍ରିୟ ଜମା ପୁଞ୍ଜିର ଦାବି ଅର୍ଥକୁ ଚେକ୍ ମାଧ୍ୟମରେ ପ୍ରଦାନ କରିଥିଲେ। ସଭାରେ ସରକାର ଓ ରିଜର୍ଭ ବ୍ୟାଙ୍କ ଦ୍ୱାରା ଜାରି କରାଯାଇଥିବା ଶିକ୍ଷଣୀୟ ଭିଡିଓ ପ୍ରଦର୍ଶନ କରାଯାଇଥିଲା। ଶିବିରରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ସହିତ ଅନ୍ୟାନ୍ୟ ବ୍ୟାଙ୍କ ଓ ଆର୍ଥିକ ସଂସ୍ଥା ଅଂଶଗ୍ରହଣ କରିଥିଲେ ଏବଂ ସେମାନଙ୍କ କ୍ୟାମ୍ପ୍ ସ୍ଥାପନ କରିଥିଲେ।

## ଇନ୍ଦ୍ରାବତୀରେ ଦିନରେ ଚୋରି

# ଘରେ ପଶିଲେ; ଫଳମୂଳ ଖାଇ ଚୋରି କଲେ

ତେନ୍ତୁଲିଖୁଣ୍ଟି,୨୮।୧୧(ସମିସ): ବୃହତ୍ ଇନ୍ଦ୍ରାବତୀ ପ୍ରକଳ୍ପର ମୁଖ୍ୟ ଦପ୍ତର ଖାତିଗୁଡା କଲୋନୀରେ ଗତ କିଛି ଦିନ ଧରି ବାରମ୍ବାର ଚୋରି ହେଉଛି। ସ୍ୱଷ୍ଟ ଦିବାଲୋକରେ ବିଭିନ୍ନ ସରକାରୀ ତଥା ଘରୋଇ ବାସଭବନରେ ଚୋର ପ୍ରବେଶ କରି ଘରେ କଳାକନା ବୁଲାଇ ନେଉଛନ୍ତି। ଅଞ୍ଚଳରେ ଗତ କିଛି ମାସ ମଧ୍ୟରେ ବାରମ୍ବାର ଚୋରି ଅଭିଯୋଗ ହୋଇଥିଲେ ହେଁ ଚୋରଙ୍କ ସନ୍ଧାନ ମିଳିପାରୁନାହିଁ। ଅକ୍ଟୋବର ୨୫ ତାରିଖରେ କଲୋନୀରେ ରହୁଥିବା ଶୁଭେନ୍ଦୁ ସାହୁଙ୍କ ଘରୁ ଚୋରି ସୁନା ଗହଣା ମିଳିପାରିନଥିବା ବେଳେ ଆଜି ବରିଷ୍ଠ ଶିକ୍ଷକ ନେତ୍ରାନନ୍ଦ ଖୋସଲାଙ୍କ ସରକାରୀ ବାସଭବନ ଏଫ୍‌ଟି -୨୧ରେ ଦିନ ୧୦ ଘଟିକାରୁ ୧୨ ଘଟିକା ମଧ୍ୟରେ ଚୋର ପଶି ଆଲମୀରା ଭାଙ୍ଗି ଏଟିଏମ୍ କାର୍ଡ ସହ କେତେକ ଜରୁରୀ କାଗଜପତ୍ର ନେଇଯାଇଛନ୍ତି। ଦିବାଲୋକରେ ଘରେ ପଶିଥିଲେ ମଧ୍ୟ ନିର୍ଭୟର ସହ ଚୋର ମାନେ ଘର ଭିତରେ ଥିବା ସେଓ, ଅଙ୍ଗୁର, କମଳା ଇତ୍ୟାଦି ଖାଇ ଘର ମଧ୍ୟରେ ଚୋପା ଫିଙ୍ଗି ଯାଇଛନ୍ତି। ପୁଲିସ ପ୍ରତି ଚୋରଙ୍କ ଭୟ ରହୁ ନଥିବାରୁ ଏହିଭଳି ଘଟଣା ବାରମ୍ବାର ଘଟୁଥିବା ଅଭିଯୋଗ ହେଉଛି। ଶିକ୍ଷକ ଶ୍ରୀ ଖୋସଲାଙ୍କ ସହଧର୍ମିଣୀ ଶିକ୍ଷୟିତ୍ରୀ ସବିତା ନାୟକ ଅପରାହ୍ନ ୧ ଘଟିକାରେ ଘରକୁ ଆସି ଚୋରି ହୋଇଥିବା ସମ୍ପର୍କରେ ଜାଣି ସ୍ୱାମୀଙ୍କୁ ଜଣାଇବା ପରେ ଖାତିଗୁଡା ଥାନାରେ ଲିଖିତ ଏତଲା ହୋଇଛି। ଥାନା ଏଏସଆଇ ବ୍ୟାସଦେବ ଜାନୀ ଓ ବିଜୟ କୁମାର ସାହୁ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ଅନୁସନ୍ଧାନ କରି ତଦନ୍ତ ଜାରି ରଖିଛନ୍ତି। ନିକଟରେ ଖାତିଗୁଡା ଓ ପୋଡାଗଡ କଲୋନୀରୁ ୪ଟି ମୋଟରସାଇକଲ ଚୋରି ହୋଇଥିଲେ ହେଁ ଚୋରର ସନ୍ଧାନ ମିଳିନାହିଁ। ସେହିପରି କଲୋନୀରେ କୃଷି ବିଭାଗର ଜଣେ ମହିଳା କର୍ମଚାରୀଙ୍କ ବାସଭବନରୁ ଚୋରି ର ସନ୍ଧାନ ମିଳୁନାହିଁ। ତେବେ ବାରମ୍ବାର ଚୋରିରେ ରୋକ୍ ଲଗାଇବାକୁ ସାଧାରଣରେ ଦୃଢ଼ ଦାବି ହେଉଛି।

# ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ରଥ ଶୁଭାରମ୍ଭ



ନବରଙ୍ଗପୁର,୨୮।୧୧(ସମିସ): ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶ ଅନୁଯାୟୀ ନବରଙ୍ଗପୁର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ତରଫରୁ ଜିଲ୍ଲାସ୍ତରୀୟ ଜାତୀୟ ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ମାସ କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଅଶୋକ ମେହେଟା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲାରେ ପ୍ରତ୍ୟେକ ଶିଶୁଙ୍କୁ ସୁରକ୍ଷା ପାଇଁ ପ୍ରଶାସନର ବିଭିନ୍ନ ବିଭାଗ କାର୍ଯ୍ୟ କରୁଛି। ସମାଜରେ ପ୍ରତ୍ୟେକ ଶିଶୁଙ୍କୁ ଏକ ପରିବାର ଦରକାର। ଶିଶୁଟିର ଆଇନ ଅନୁଯାୟୀ ପୋଷ୍ୟ ଗ୍ରହଣ କରାଗଲେ ଶିଶୁଟି ସୁରକ୍ଷିତ ହୋଇ ରହିପାରିବ, ଏଥି ସହିତ ଜିଲ୍ଲାରେ କିଭଳି ଆଇନ ବିରୋଧୀ ପୋଷ୍ୟ ସନ୍ତାନ ଗ୍ରହଣ ନହେବ ସେଥିପ୍ରତି ଧ୍ୟାନ ଦେବା ପାଇଁ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ, ଶିଶୁ ମଙ୍ଗଳ ସମିତି, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ବିଡିଓ, ସିଡିପିଓ, ଅଙ୍ଗନବାଡି, ଆଶାକର୍ମୀ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ ଯେଉଁ ଶିଶୁମାନେ ପିତା ମାତା ବ୍ୟତୀତ ଅନ୍ୟମାନଙ୍କ ପାଖରେ ରହୁଛନ୍ତି,ସେମାନଙ୍କୁ ତୁରନ୍ତ ଶିଶୁ ମଙ୍ଗଳ କମିଟି ନିକଟରେ ହାଜିର କରାଇବାକୁ ପଡିବ । ନଚେତ ଏହା ଅବୈଧ ଘୋଷଣା କରି ଶିଶୁକୁ ସରକାରଙ୍କ ଅଧୀନକୁ ନିଆଯିବ ବୋଲି ଜିଲ୍ଲାପାଳ ସୂଚାଇ ଦେଇଥିଲେ। ଏହାସହ ସମସ୍ତ କ୍ଷେତ୍ର କର୍ମଚାରୀ ସର୍ଭେ କରି ଏକ ତାଲିକା ଜିଲ୍ଲାପାଳଙ୍କୁ ଅତିଶୀଘ୍ର ପ୍ରଦାନ କରିବେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଡିଏସ୍‌ପି ସରୋଜ ପୁନମ କିସପଟା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡ. ମଳୟ କୁମାର ତ୍ରିପାଠୀ, ଜିଲ୍ଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲକା, ଜିଲ୍ଲା ନିୟୋଜନ ଅଧିକାରୀ ଆନନ୍ଦ ପଲେଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ନନ୍ଦାହାଣ୍ଡି କ୍ଷୀରୋଦ ଚନ୍ଦ୍ର ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ କୁମାର ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସୁରକ୍ଷା ୟୁନିଟର କର୍ମକର୍ତ୍ତା, ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ର ମ୍ୟାନେଜର ସାଗର ପଟ୍ଟନାୟକ, ୱାନ୍ ଷ୍ଟପ ସେଣ୍ଟରର କର୍ମକର୍ତ୍ତା, ଶିଶୁ ସୁରକ୍ଷା ସହାୟତା କେନ୍ଦ୍ରର କର୍ମକର୍ତ୍ତା, ଅଙ୍ଗନବାଡି କର୍ମୀ, ସୁପରଭାଇଜର, ଜେଣ୍ଡର କୋର୍ଡିନେଟର ମମତା ପରିଚ୍ଛା ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏହି ଅବସରରେ ଶୁକ୍ରବାର ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ପତାକା ଦେଖାଇ ପୋଷ୍ୟ ସନ୍ତାନ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହି ରଥ ନବରଙ୍ଗପୁର ଜିଲ୍ଲାର ସମସ୍ତ ୧୦ଟି ବ୍ଲକରେ ପୋଷ୍ୟ ସନ୍ତାନ ଗ୍ରହଣ ଉପରେ ବାର୍ତ୍ତା ପ୍ରେରଣ କରିବେ। ସଚେତନତା ଅଭାବରୁ ବାଲ୍ୟ ବିବାହ ଭଳି କଳଙ୍କିତ ପ୍ରଥା ସମାଜରେ ରହିଛି। ଏହା ଦ୍ୱାରା ଶିଶୁ ମାନେ ନିଜ ମୌଳିକତା ହରାଉଛନ୍ତି। ପାଠ ପଢିବା ବୟସରେ ଘରସଂସାରରେ ଛନ୍ଦି ହୋଇ, ନିଜ ଅଧିକାରରୁ ବଞ୍ଚିତ ହେବା ସହିତ ବିବାହ ଯୋଗ୍ୟ ବୟସ ପୂର୍ବରୁ ମାତୃତ୍ୱ ଲାଭ କରୁଛନ୍ତି। ସମାଜରେ ଚାଲିଥିବା ଶିଶୁ ହିଂସାକୁ ରୋକିବା , ସାମ୍ବିଧାନିକ ବିଧି ବ୍ୟବସ୍ଥା ଅନୁଯାୟୀ ପୋଷ୍ୟସନ୍ତାନ ଗ୍ରହଣ କରିବା, ଶିଶୁଙ୍କ ସୁରକ୍ଷା ଓ ଅଧିକାର ଏବଂ ଶିକ୍ଷା ଦିଗରେ ବ୍ୟାପକ ସଚେତନତା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଛି ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଛନ୍ତି। ଜିଲ୍ଲାର ସମସ୍ତ ବ୍ଲକରେ ଯେଉଁ ସବୁ ଗ୍ରାମ ଗୁଡିକରେ ସଚେତନ ରଥ ପହଞ୍ଚିବ ବୋଲି ଜିଲ୍ଲା ଶିଶୁସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ ସୂଚନା ପ୍ରଦାନ କରିଥିଲେ। ଉଦଘାଟନୀ ସମାରୋହରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ତୃପ୍ତିମୟୀ ସାହୁ, ଅଣ ଆନୁଷ୍ଠାନିକ ସୁରକ୍ଷା ଅଧିକାରିଣୀ, କୁନିମାନି ସ୍ୱାଇଁ, ଜିଲ୍ଲା ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ କେନ୍ଦ୍ରର ପରିଚାଳକ ସାଗର ପଟ୍ଟନାୟକ ଓ ଦୀନ ଦୟାଲ ବାଳଶ୍ରମର ଅନ୍ତେବାସୀ , ଶିଶୁ କଲ୍ୟାଣ ଅଧିକାରିଣୀ ଜସ୍ମିତା ନାୟକ ଓ ପ୍ରିୟା ସାହୁ , ଚାଇଲ୍ଡ ହେଲ୍ପଲାଇନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ସରକାରୀ ଓ ବେସରକାରୀ ସଂସ୍ଥାର ନେଟ୍‌ୱାର୍କିଂ କର୍ମଶାଳା




ପଟ୍ଟାଙ୍ଗି, ୨୮।୧୧(ସମିସ):

ପଟ୍ଟାଙ୍ଗି ବ୍ଲକ୍ ସଭାଗୃହ ଠାରେ ୱେଲଥ ହଙ୍ଗର ହିଲ୍ଫ, ପ୍ରଦାନ, ଭାରତ ରୁରାଲ ଲାଇଭ୍‌ଲିହୁଡ ଫାଉଣ୍ଡେସନ ଏବଂ ଏଫ୍ଇଏସ୍ ଭଳି ଅଗ୍ରଣୀ ସଂସ୍ଥାମାନଙ୍କର ମିଳିତ ସହଯୋଗରେ ଗୁରୁତ୍ୱପୂର୍ଣ୍ଣ ନେଟ୍‌ୱାର୍କିଂ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ପଟ୍ଟାଙ୍ଗି ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମକୃଷ୍ଣ ନାୟକ ଅଧ୍ୟକ୍ଷତା କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସରକାରୀ ବିଭାଗ ଏବଂ ବେସରକାରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରି ଗ୍ରାମାଞ୍ଚଳର ବିକାଶକୁ ତ୍ୱରାନ୍ୱିତ କରିବା ନିମନ୍ତେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଓଡିଶା ଜୀବିକା ମିଶନର କର୍ମଚାରୀ ବିକ୍ରମ କେଶରୀ ବାରିକ ଉପସ୍ଥିତ ଅତିଥି ଓ ସଭ୍ୟସଭ୍ୟାମାନଙ୍କର ପରିଚୟ ପ୍ରଦାନ କରିଥିଲେ ଏବଂ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କର୍ମଶାଳାକୁ ପରିଚାଳନ କରିବାରେ ଏଫ୍ଇଏସ୍ ଅନୁଷ୍ଠାନର କର୍ମୀ ଦିଲ୍ଲୀପ କୁମାର ଚମ୍ପି ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ନିଜ ନିଜର ମତାମତ ରଖିଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଉଦ୍ୟାନ ବିଭାଗର କର୍ମୀ ରାନୁ ପ୍ରିୟା ସାହୁ ଏବଂ ପ୍ରାଣୀଧନ ବିଭାଗର ସ୍ମୃତିରେଖା ପତି ଯୋଗଦେଇ ନିଜ ବିଭାଗୀୟ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଆଞ୍ଚଳିକ ମହିଳା ଫାର୍ମର୍ସ ପ୍ରଡ୍ୟୁସର କମ୍ପାନୀର ଏମ୍‌ଡି ଲାକି ଜାନି, ସିଇଓ ବସନ୍ତ ଅଥର ନାୟକ, ଶୋଭା ଅନୁଷ୍ଠାନର ଅମଜାଦ ଖାନ, ହରି ପୂଜାରୀ, ପ୍ରସ୍ତୁତି ଅନୁଷ୍ଠାନର ଶୁଭଶ୍ରୀ ସାହୁ ଓ ପ୍ରିୟ ରଞ୍ଜନ ପଟ୍ଟନାୟକ ଏବଂ ଏକତା ଅନୁଷ୍ଠାନର ସନୁ କୁମାରୀ ପାତ୍ର ଓ ପିଉସ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏଫ୍ଇଏସ୍ ଅନୁଷ୍ଠାନ ପକ୍ଷରୁ ପ୍ରୋଗ୍ରାମ ମ୍ୟାନେଜର କେ. ମୁରଲୀ କ୍ରିଷ୍ଣାଙ୍କ ସମେତ ତପନ ଖୋସଲା, ରମେଶ ଚୌଧୁରୀ, ମୋହନ ଜାନୀ, ଆଲୋକ ମହାରଣା, ଜଗଦୀଶ ପାତ୍ର, ସୁଶ୍ରୀତା ମିଶ୍ର, ନାନ୍ସି ରୋଜାଲିନ କାର୍ତ୍ତିକ ଏବଂ ବିଶ୍ୱନାଥ ତାଡିଙ୍ଗି ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଗୋଷ୍ଠୀ ସାଧନ କର୍ମୀ (ସିଆରପି) ତ୍ରିନାଥ ଖିଲ, କୁନ୍ତୀକା ଖୋସଲା ଓ ମହେଶ୍ୱର ଖିଲଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସାଫଲ୍ୟ ମଣ୍ଡିତ ହୋଇଥିଲା। ଆଗାମୀ ଦିନରେ ଏଭଳି ମିଳିତ ଉଦ୍ୟମ ଜାରି ରଖିବାକୁ ସମସ୍ତେ ମତପ୍ରକାଶ କରିଥିଲେ।

## ୟୁନିଟି ମାର୍ଚ୍ଚ କାର୍ଯ୍ୟକ୍ରମରେ ପ୍ରତିନିଧିତ୍ୱ କରୁଛନ୍ତି ଆଶିଷ

ତେନ୍ତୁଲିଖୁଣ୍ଟି,୨୮।୧୧(ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ଲୌହପୁରୁଷ ସ୍ୱର୍ଗତ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ସଂଘଭୂମି ନାଗପୁର ଠାରୁ ଆରମ୍ଭ ହୋଇ ଷ୍ଟେଚୁ ଅଫ ୟୁନିଟି ରେ ୟୁନିଟି ମାର୍ଚ୍ଚ କାର୍ଯ୍ୟକ୍ରମ ସମାପ୍ତ ହବ। ଗତ ୨୪ ତାରିଖ ରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଆସନ୍ତା ୩୦ ତାରିଖରେ ସମାପ୍ତ ହେବ। ଏହି କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ରାଜ୍ୟରୁ ନିଜ ନିଜ ଜିଲ୍ଲାର ଦୁଇ ଜଣ ଲେଖାଏଁ ଯୁବକଙ୍କୁ ଆମନ୍ତ୍ରଣ କରାଯାଇଛି। ସେମାନେ ନିଜ ଜିଲ୍ଲା ର ପ୍ରତିନିଧିତ୍ୱ କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲ୍ଲାରୁ ଆଶିଷ କୁମାରୀ ଟାକ୍ରୀ ଏବଂ ତାଙ୍କ ସହଯୋଗୀ ତୁଷାର ବିଶୋଇ ଯୋଗଦେଇ ପ୍ରତିନିଧିତ୍ୱ କରୁଥିବା ଜଣାପଡିଛି।

## ଅବକାରୀ ଚଢ଼ଉ, ଜଣେ ଗିରଫ



କୋଷାଗୁମୁଡ଼ା,୨୮।୧୧(ସମିସ): ନବରଙ୍ଗପୁର ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରତାପ ଦାସ ଓ ଜିଲ୍ଲାପାଳ ମହେଶ୍ୱର ସ୍ୱାଇଁଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ଦିନ କୋଡ଼ିଙ୍ଗା ଅବକାରୀ ଦଳ ରାଜୋଡା ଗ୍ରାମ ନିକଟରେ ଜଣେ ବ୍ୟକ୍ତିଙ୍କୁ ବାଇକ୍‌ରେ ମଦ ଚାଲାଣ କରୁଥିବା ବେଳେ ଧରିଛନ୍ତି। ଏହି ଚଢ଼ଉରେ କୋଡ଼ିଙ୍ଗା ଅବକାରୀ ଓଆଇସି ଦେଶରାଜ ସୁନା, ଏଏସଆଇ ହାଲଦାର ଜାନି, ରମେଶ ପ୍ରଧାନ, କାଳୀମଣୀ ମୁଦୁଲି ସାମିଲ ଥିଲେ। ରାଜୋଡା ନିକଟରୁ ରାମେଶ୍ୱର ବିଶୋଇଙ୍କ ଠାରୁ ହିରୋ ଡିଲକ୍ସ ବାଇକ୍‌ସହ ପ୍ରାୟ ୩୧ ଲିଟର ଦେଶୀ ମଦ ଜବତ ହୋଇଛି। ତାଙ୍କୁ ଗିରଫ କରି ନବରଙ୍ଗପୁର କୋର୍ଟ ଚାଲାଣ କରାଯାଇଥିବା କୋଡ଼ିଙ୍ଗା ଅବକାରୀ ଓଆଇସି ଦେଶୀରାଜ ସୁନା ସୂଚନା ଦେଇଛନ୍ତି।

# ‘ପରବ’ ପାଇଁ ଜିଲ୍ଲାସ୍ତରୀୟ କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ



କୋରାପୁଟ,୨୮।୧୧(ସମିସ): ଜାତୀୟ ସ୍ତରୀୟ ପରବ ୨୦୨୫ ଉପଲକ୍ଷେ ଜିଲ୍ଲା ସ୍ତରୀୟ କ୍ରୀଡା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। କୋରାପୁଟ ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଜ୍ଞାନଜିତ୍ ତ୍ରିପାଠୀଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜିଲ୍ଲାସ୍ତରରେ ଖେଳିବାକୁ ଚୟନ ହୋଇଥିବା ପ୍ରତିଯୋଗୀମାନଙ୍କୁ ଭଲ ଖେଳ ପ୍ରଦର୍ଶନ କରି ଜିଲ୍ଲାର ନାମ ଉଜ୍ଜ୍ୱଳ କରିବାକୁ ଶୁଭେଚ୍ଛା ଜଣାଇଥିଲେ। ଗ୍ରାମାଞ୍ଚଳର ଲୁକ୍କାୟିତ ଖେଳାଳୀ ମାନଙ୍କୁ ଲୋକଲୋଚନକୁ ଆଣିବା ପାଇଁ ପରବ ମଞ୍ଚ ଏକ ଭଲ ମାଧ୍ୟମ ହେବ ବୋଲି ସେ କହିଛନ୍ତି। ବ୍ଲକ୍‌ସ୍ତରରୁ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ଜିଲ୍ଲା ସ୍ତରରେ ଅଂଶଗ୍ରହଣ କରିଥିଲେ। ଆଜି ତୀରନ୍ଦାଜ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିବା ବେଳେ ବ୍ୟାଡମିଣ୍ଟନ ଓ ଭଲିବଲ ସମେତ ବିଭିନ୍ନ ଇଣ୍ଡୋର ଏବଂ ଆଉଟ୍ ଡୋର ମାଉଣ୍ଟେନ ଟ୍ରାକିଂ ଓ ସ୍କେଟିଂ ଆଦି ଜିଲ୍ଲାର ବିଭିନ୍ନ ସ୍ଥାନରେ ଡିସେମ୍ବର ମାସ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ତ୍ରିପାଠୀ କହିଛନ୍ତି। ଏଥିରେ ଯେଉଁ କ୍ରୀଡା ପ୍ରତିଭା ମାନେ ଚୟନ ହେବେ ସେମାନଙ୍କୁ ପରବ ମଞ୍ଚରେ ସମ୍ମାନିତ କରାଯିବ ବୋଲି ଜଣାପଡିଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କୋରାପୁଟ ପୌର ପରିଷଦର ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଅତିରିକ୍ତ ଜିଲ୍ଲାପାଳ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର, ଜିଲ୍ଲା ସଂସ୍କୃତି ଅଧିକାରୀ ସୂର୍ଯ୍ୟକାନ୍ତ ବେହେରାଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। କ୍ରୀଡା ବିଭାଗର ଦିଲେଶ୍ୱର ପଣ୍ଡାଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।

# ଲିବୋର୍ଟି ଇଂରାଜୀ ସ୍କୁଲରେ ଶିଶୁ ବିଜ୍ଞାନ ମେଳା



ନନ୍ଦପୁର,୨୮।୧୧(ସମିସ): ନନ୍ଦପୁର ସଦର ମହକୁମା ସ୍ଥିତ ସ୍ଥାନୀୟ ଲିବୋର୍ଟି ଇଂରେଜୀ ସ୍କୁଲ ପରିସର ଶିଶୁ ବିଜ୍ଞାନ ମେଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଡ଼ିଓ ଦୁର୍ଗା ପ୍ରସାଦ ଦୋରା ଯୋଗ ଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ କୁନି ପିଲାଙ୍କ ହାତରେ ବଡ଼ ଜ୍ଞାନ, ଭବିଷ୍ୟତର ବିଜ୍ଞାନ ବୋଲି କହିଛନ୍ତି। କୁନି କୁନି ପିଲା ମାନଙ୍କ ଦ୍ୱାରା ନିର୍ମିତ ବିଜ୍ଞାନ ପ୍ରକଳ୍ପ ଗୁଡ଼ିକ ବୁଲି ଦେଖିବା ସହ ଉଚ୍ଚ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ବେଣୁ ଗୋପାଳ ବେହେରା, ଲୋକନାଥ ଚୌଧୁରୀ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ କୁନି କୁନି ଛାତ୍ର ଛାତ୍ରୀ ସମେତ ମାତା ପିତା ଯୋଗ ଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ଉର୍ମିଳା କୁଲଦୀପଙ୍କ ନେତୃତ୍ୱରେ ଆୟୋଜିତ ଶିଶୁ ବିଜ୍ଞାନ ମେଳାରେ ଶିକ୍ଷକ ଜ୍ୟୋତି ପ୍ରକାଶ ଅବ୍ରହିମ୍, ଅନ୍ନପୂର୍ଣ୍ଣା ଦିଶା, ନମିତା ଖିଲ, ସ୍ୱଗିତିକା ତ୍ରିପାଠୀ, ଶାବିତ୍ରି ପଣ୍ଡା, ସ୍ମୃତି ପ୍ରିୟା ମହାନ୍ତି, ଏ ଲିଜା ବାଘ କବିତା ଶର୍ମା, ଶିବ ଶଙ୍କର ଦୀପ, ଗାୟତ୍ରୀ ଖିଲ ଲକ୍ଷ୍ମୀକାନ୍ତ ଖିଲ ପ୍ରମୁଖ ଯୋଗ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷ ଅତିଥି ମାନଙ୍କ ଦ୍ୱାରା ପ୍ରଦର୍ଶୀତ ୮୦ଟି ବିଜ୍ଞାନ ପ୍ରକଳ୍ପ ନେଇ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଓଡ଼ିଆ ପାରମ୍ପରିକ ଲୋକକଳା, ସଂକୀର୍ତ୍ତନ ପାଇଁ ସମର୍ପିତ ବ୍ୟକ୍ତିତ୍ୱ

# ସଂଗୀତ ନାଟକ ଏକାଡେମୀ ସମ୍ମାନିତ ଲିଙ୍ଗରାଜ ନିଶଙ୍କ



ଜୟପୁର ୨୮ ।୧୧, (ସମିସ):

ଓଡିଆ ପାରମ୍ପରିକ ଲୋକକଳା ଏବଂ ସଂକୀର୍ତ୍ତନ ଗାୟକ ଭାବେ ଅବିଭକ୍ତ କୋରାପୁଟ ଜିଲ୍ଲାର ଶ୍ରେଷ୍ଠ କଳାକାର ତଥା ଜୟପୁର ସାମନ୍ତରା ସାହିର ବାସିନ୍ଦା ଲିଙ୍ଗରାଜ ନିଶଙ୍କ ସୁପରିଚିତ। ଜୟପୁର ମହାରାଜାଙ୍କ ଦରବାରରେ ଭଜନ ଓ ସଂକୀର୍ତ୍ତନ ଗାୟକ,କବି, ଲୋକନାଟ ନିର୍ଦ୍ଦେଶକ ସ୍ୱର୍ଗତ ରାମେଶ୍ୱର ନିଶଙ୍କ ଏବଂ ହରାମଣୀଙ୍କ ଜ୍ୟୋଷ୍ଠ ପୁତ୍ର ଭାବେ ଏହି ପ୍ରତିଭାବାନ ସଂକୀର୍ତ୍ତନ ତଥା ଲୋକ ଗାୟକଙ୍କ ୧୯୪୨ ମସିହା ମେ ୧୭ ତାରିଖ ଜନ୍ମ ଗ୍ରହଣ କରିଥିଲେ। ପରିାର ଓ ଘରୋଇ ପରମ୍ପରା ତଥା ପ୍ରଭାବ ଯୋଗୁଁ ପିଲାଟି ଦିନରୁ ବୈଷ୍ଣବ ଧର୍ମ ନାମ ସଂକୀର୍ତ୍ତନ ପ୍ରତି ଆଗ୍ରହ ଯୋଗୁଁ ଏହି ପାରମ୍ପରିକ ଓଡିଶାର ଲୋକକଳା ପ୍ରତି ଆକୃଷ୍ଟ ହୋଇଥିଲେ। ଏହିପରି ତାଙ୍କର ଉତ୍ତମ ସ୍ୱର ତଥା ଆଗ୍ରହ ଦେଖି ପିତା ସ୍ୱର୍ଗତ ରାମେଶ୍ୱର ତାଙ୍କର ପ୍ରଥମ ଗୁରୁ ଭାବେ ଶିକ୍ଷା ପ୍ରଦାନ କରିଥିଲେ। ଏହିପରି ପିତାଙ୍କ ସହିତ ରାଜଦରବାର ଯାଉଥିଲେ ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁଡିକ ଦେଖୁଥିଲେ। ଏହିପରି ତାଙ୍କର ପିଲାଟି ଦିନରୁ ସଂକୀର୍ତ୍ତନ ଗାୟନ ପ୍ରତି ଆଗ୍ରହ ଦେଖି ସ୍ଥାନୀୟ କୁମାର ବିଦ୍ୟାଧର ସିଂ ଦେଓ ରୋଡର ବାସିନ୍ଦା, ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ତଥା ସୁସଂକୀର୍ତ୍ତନ ଗାୟକ ଏବଂ ଗୁରୁ ସ୍ୱର୍ଗତ ବଳଭଦ୍ର ପୂଜାରୀଙ୍କ ଠାରୁ ୫୦ ଦଶକରେ ଭଜନ ଓ ସଂକୀର୍ତ୍ତନର ସ୍ୱର ଓ ରାଗ ଶିକ୍ଷା ଗ୍ରହଣ କରିଥିଲେ ଏବଂ ତାଙ୍କ ମାର୍ଗ ଦର୍ଶନରେ ସେ ଆଗକୁ ବଢିଥିଲେ। ଶେଷରେ ମାତ୍ର ୧୮ ରୁ ୨୦ ବର୍ଷ ବୟସରୁ ଜଣେ ଶ୍ରେଷ୍ଠ ସଂକୀର୍ତ୍ତନ ଗାୟକ ଭାବେ ତାଙ୍କୁ ଅବିଭକ୍ତ କୋରାପୁଟ ଜିଲ୍ଲାରେ ସମସ୍ତ ଧାର୍ମିକ ଅନୁଷ୍ଠାନ ପକ୍ଷରୁ ନିମନ୍ତ୍ରଣ ପାଇ ଅଷ୍ଟପ୍ରହର, ମନ୍ଦିର ପ୍ରତିଷ୍ଠା ଏବଂ ଧାର୍ମିକ କାର୍ଯ୍ୟକ୍ରମରେ ଯୋଗଦେଇ ନିଜର କଳା ପ୍ରଦର୍ଶନ ସହିତି ପ୍ରଶଂସା ଓ ପୁରସ୍କାର ସାଉଁଟି ଥିଲେ। ଏହିପରି ଜୟପୁର ମହାରାଜା ତଥା ପଣ୍ଡିତ, ବିକ୍ରମଦେବ ବର୍ମା, ରାମଚନ୍ଦ୍ର ଦେବ, କବି ବନମାଳୀ, ଗୋପାଳ କୃଷ୍ଣ , ଦୀନବନ୍ଧୁ, ବୈଷ୍ଣବ ଚରଣ , ଭୀମ ଭୋଇ ଏବଂ ନିଜ ପିତାଙ୍କ ରଚିତର ଭଜନକୁ ନେଇ ସ୍ୱର ସଂଯୋଜନା କରିବା ସହିତ କୃଷ୍ଣ ଚନ୍ଦ୍ର ପାଠାଗାର ସ୍ଥାପନ କରିବା ସହିତ ସଂଧ୍ୟାରେ ସେଠାରେ ମୃଦଙ୍ଗ, ଝାଞ୍ଜ, ଗିନି ପ୍ରଭୃତି ବଜାଇ ସଂକୀର୍ତ୍ତନ ଗାୟନ କରାଯାଉଥିଲା। ଏହିପରି ଆକାଶବାଣୀ କେନ୍ଦ୍ର ପକ୍ଷରୁ ମଧ୍ୟ ଆଦିବାସୀ ଭାଷାରେ ନାଟଗୁରୁ ଏବଂ ସଂକୀର୍ତ୍ତନ ଗାୟନ ପାଇଁ ସ୍ୱୀକୃତ ପ୍ରାପ୍ତ କଳାକାର ରହିଛନ୍ତି। ଏହିପରି ୮୩ ବର୍ଷ ବୟସରେ ମଧ୍ୟ ପୂର୍ବଭଳି ସଂକୀର୍ତ୍ତନ ଗାୟନରେ କୌଣସି ପ୍ରକାର ତୃଟି ନକରିବା ଏକ ବିରଳ ବ୍ୟକ୍ତିତ୍ୱ ଭାବେ ତାଙ୍କ ସମସ୍ତ ସାଂସ୍କୃତିକ , ଧାର୍ମିକ କାର୍ଯ୍ୟକ୍ରମରେ ଗୁରୁ ପୂଜନ ସହିତ ସମ୍ମାନିତ କରାଯାଉଛି। ତାଙ୍କୁ ଚଳିତ ବର୍ଷ ୨୦୨୫ ମସିହା ଲୋକକଳା ଓ ତଥା ସଂକୀର୍ତ୍ତନ ପାଇଁ ଓଡିଶା ସଂଗୀତ ନାଟକ ଏକାଡେମୀ ପକ୍ଷରୁ ସମ୍ମାନିତ କରାଯାଇଛି। ଗତ ବୁଧବାର ସଂଧ୍ୟାରେ ଭୁବନେଶ୍ୱର ଠାରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ରାଜ୍ୟର ସମୁଦାୟ ୩୦ ଜଣ କଳାକାର ଏବଂ ୮ ଜଣ ଯୁବପ୍ରତିଭା କଳାକାରଙ୍କ ମଧ୍ୟରୁ ଜୟପୁରର ବାସିନ୍ଦା ଏହି ବୟଜ୍ୟୋଷ୍ଠ କଳାକାର ଶ୍ରୀ ନିଶଙ୍କୁ ଉପଢୌକନ, ତାମ୍ରପତ୍ର ସହିତ ଏକ ଲକ୍ଷ ଟଙ୍କାର ନଗଦ ରାଶି ପ୍ରଦାନ କରିଥିଲେ।

# ‘ସଶକ୍ତ ବଚ୍‌ପନ, ସୁରକ୍ଷିତ ଭବିଷ୍ୟତ’ ପ୍ରଶିକ୍ଷଣ ଶିବିର



ଚନ୍ଦ୍ରପୁର,୨୮।୧୧(ସମିସ): ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଥିବା ରାୟଗଡା ଜିଲ୍ଲା ଚନ୍ଦ୍ରପୁର ବ୍ଲକ ପଞ୍ଚାୟତ ସମିତି ତରଫରୁ “ସଶକ୍ତ ବଚପନ ସୁରକ୍ଷିତ ଭବିଷ୍ୟତ’ ଶୀର୍ଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିରରେ ଜିପିଡିଓ ରାଜେନ୍ଦ୍ର ପାଲ ଅଧ୍ୟକ୍ଷତା କରିଥିଲେ। ଚନ୍ଦ୍ରପୁର ଶିକ୍ଷା ବିଭାଗରୁ ଦଶ ଜଣ ଶିକ୍ଷକ, ସ୍ୱାସ୍ଥ୍ୟ ବିଭାଗ ତରଫରୁ ଏଗାର ଜଣ ଏଏନ୍‌ଏମ୍ , ଆଇସିଡ଼ି ସ ତରଫରୁ ଦୁଇଜଣ ସୁପରଭାଇଜର, ଅଙ୍ଗନବାଡ଼ି କର୍ମୀ ୧୦ଜଣ, ମିଶନ ଶକ୍ତି କର୍ମୀ ପାଞ୍ଚଜଣ, ବିଭିନ୍ନ ଗ୍ରାମ ପଞ୍ଚାୟତର ସରପଞ୍ଚ ସମିତିର ସଭ୍ୟ ସଭ୍ୟା ଓ ୱାର୍ଡ ମେମ୍ବର ଦଶଜଣ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। ବ୍ଲକ ଅଧ୍ୟକ୍ଷ କଇନ୍ କିମ୍ବାକା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଡ. କେ ଡି ମଲ୍ଲିକ, ଅନ୍ୟ ଅତିଥି ଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ସିଙ୍ଗନା ତାଡିଙ୍ଗି, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଉମାକାନ୍ତ ମିଶାଲ ଉପସ୍ଥିତ ଥିଲେ। ବିଶେଷ ଭାବରେ ବାଲ୍ୟ ବିବାହ ନିରାକରଣ, ବାଳିକା ଶିକ୍ଷାକୁ ନେଇ ପ୍ରଶିକ୍ଷଣ ପ୍ରଦାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବୁଝାଇଥିଲେ।

### ନାବାଳକ ସମେତ ୬ କୋର୍ଟ ଚାଲାଣ ମାମଲା

# ପରିବାର ଲୋକଙ୍କ ରାସ୍ତାରୋକ, ୮ ଘଣ୍ଟା ଯାତାୟାତ ବନ୍ଦ

ଇବଥର୍ମାଲ,୨୮।୧୧(ସମିସ)

ଝାରସୁଗୁଡ଼ା ଜିଲ୍ଲା ବନହରପାଲି ଥାନା କୁମ୍ଭାରବନ୍ଧ ଫାଣ୍ଡି ଅଧୀନ ଡୁନଡୁନ ଛକ ରେଙ୍ଗାଲି ରାସ୍ତା ତାଲବେର୍ଣ୍ଣା ନିକଟରେ ଏକ ହାଇୱା ଡ୍ରାଇଭରକୁ ବୁଧବାର ମରଣାନ୍ତକ ଆକ୍ରମଣ କରାଯିବା ଓ ହାଇୱା କାଚ ଭାଙ୍ଗିବା ଅଭିଯୋଗ ହୋଇଥିଲା। ଏଥିରେ ବନହରପାଲି ପୁଲିସ ଜଣେ ନାବାଳକ ସମେତ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।



ଆଜି ସକାଳେ ଏହାର ପ୍ରତିବାଦରେ ତାଲବେର୍ଣ୍ଣା ଗାଁର ୬ ଜଣ ଅଭିଯୁକ୍ତଙ୍କ ପରିବାର ଲୋକ ଏକତ୍ର ହୋଇ ଓ ଅନ୍ୟମାନଙ୍କୁ ଧରି ସକାଳ ୭ଟାରୁ ସମସ୍ତ ପାଉଁଶ ପରିବହନ ଓ କୋଇଲା ପରିବହନ ଭାରୀଯାନ ଅଟକ ରଖି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ତେବେ ସାଧାରଣ ଯାନବାହନ ଚଳାଚଳ କରୁଥିବା ବେଳେ ଭାରୀଯାନ ଗୁଡିକ ଦୀର୍ଘ ୮ ଘଣ୍ଟା ଅଟକି ରହିଥିଲା। ପୁଲିସ ବିନା କାରଣରେ ଯୁବକ ମାନଙ୍କୁ ଉଠେଇ ନେଇ ଗିରଫ କରିଛି ବୋଲି କହି ପରିବାର ବର୍ଗ ଆପତ୍ତି ବ୍ୟକ୍ତ କରିବା ସହ ସମସ୍ତ ଅଭିଯୁକ୍ତ ମାନଙ୍କୁ ତୁରନ୍ତ ଛାଡ଼ିବାକୁ ଦାବି କରିଥିଲେ। ଖବରପାଇ ବନହରପାଲି ଥାନା ଆଇଆଇସି ରଞ୍ଜିତ ନାଏକ ଘଟଣା ସ୍ଥଳରେ ଲୋକଙ୍କୁ ବୁଝାସୁଝା କରିଥିଲେ ମଧ ସେମାନେ ମାନି ନଥିଲେ। ପରେ ଘଟଣା ସମ୍ପର୍କରେ ଟ୍ରାନ୍ସପୋର୍ଟ କମ୍ପାନୀର ମୁଖ୍ୟ, ପରିବାର ସଦସ୍ୟ ଓ ପୁଲିସ ମଧ୍ୟରେ ଏ ସଙ୍କ୍ରାନ୍ତରେ ଥାନାରେ ଆଲୋଚନା କରାଯିବା ପ୍ରସ୍ତାବକୁ ପରିବାର ଲୋକ ଗ୍ରହଣ କରିଥିଲେ। ଏହାପରେ ଅପରାହ୍ଣ ୩ରେ ଗାଡିଗୁଡିକ ଛଡାଯାଇଥିଲା। ହେଲେ ଥାନାରେ ତ୍ରିପାକ୍ଷିକ ଆଲୋଚନା ବହୁ ସମୟ ଧରି ଚାଲିଥିଲା। ରାତି ପ୍ରାୟ ୮ଟା ବେଳେ ଆପୋଷ ବୁଝାମଣା ହେଇ ପରିସ୍ଥିତି ସାମାନ୍ୟ ହୋଇଥିବା ବନହରପାଲି ଥାନା ଆଇଆଇସି ରଞ୍ଜିତ ନାଏକଙ୍କ ଠାରୁ ପ୍ରକାଶ। ସୂଚନାଯୋଗ୍ୟ, ଭଙ୍ଗାରୁଜା ଓ ମରଣାନ୍ତକ ଆକ୍ରମଣ ଘଟଣାରେ ତାଲବେର୍ଣ୍ଣା ଗାଁର ନାବାଳକ ସମେତ ପୁଲିସ ୬ ଜଣଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ନହେବାରୁ ୫ ଜଣ ବିଚାର ବିଭାଗୀୟ ହାଜତରେ ଓ ନାବାଳକ ଜଣକ ରାଉରକେଲା ସ୍ଥିତ ବାଳ ସୁଧାର ଗୃହରେ ଥିବା ଜଣାପଡିଛି।

---

● ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କ ବିରୁଦ୍ଧରେ ଅଭିଯୋଗ

## ବିଦ୍ୟାଳୟରେ ତାଲା ପକାଇଲେ ଛାତ୍ରଛାତ୍ରୀ



**ଝାରସୁଗୁଡ଼ା,୨୮।୧୧(ସମିସ):** ବ୍ରଜରାଜନଗର ପୌର ପରିଷଦ ଅଧୀନ ଓରିଏଣ୍ଟ କୋଲିୟାରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କ ବିରୋଧରେ ଅଭିଯୋଗ କରିବା ସହିତ ଛାତ୍ରଛାତ୍ରୀ ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରିଛନ୍ତି। ଛାତ୍ରଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରତି ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କ ଦୁର୍ବ୍ୟବହାର ଦିନକୁ ଦିନ ବଢ଼ିବାରେ ଲାଗିଛି। ଛାତ୍ରଛାତ୍ରୀଙ୍କୁ ବିନା କାରଣରେ ଗାଳିଗୁଲଜ ଓ ଦୁର୍ବ୍ୟବହାର କରିବା ଅଭିଯୋଗରେ ଆଜି ସକାଳେ ସ୍କୁଲର ଛାତ୍ରଛାତ୍ରୀ ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ଏଥିରେ ସେମାନେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କ ବଦଳି ଦାବି କରିଥିଲେ। ଏନେଇ ଝାରସୁଗୁଡ଼ା ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ସୂଚନା ପାଇ ବ୍ଲକ୍ ଶିକ୍ଷା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରିବା ସହିତ ଆଲୋଚନା କରିଥିଲେ।

ତେବେ ଓରିଏଣ୍ଟ କୋଲିୟାରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କ କହିବା ଅନୁଯାୟୀ କିଛି ଛାତ୍ର ବିଦ୍ୟାଳୟର ଶିକ୍ଷକଙ୍କୁ ଦୁର୍ବ୍ୟବହାର କରିଥିଲେ ଏବଂ ଏହାକୁ ନେଇ ସେ ତାଗିଦ କରିଥିଲେ। ତେଣୁ ଆଜି ଶୁକ୍ରବାର ବିଦ୍ୟାଳୟର ଛାତ୍ରଛାତ୍ରୀ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କ ବିରୁଦ୍ଧରେ ଅଭିଯୋଗ କରି ଆନ୍ଦୋଳନ କରିଥିଲେ। ବ୍ଲକ୍ ଶିକ୍ଷା ଅଧିକାରୀ ପହଞ୍ଚି ବୁଝାସୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

---

## ଓଡ଼ିଶା ଅଣ୍ଡର ୧୬ କ୍ରିକେଟ ଟିମ୍‌ରେ ବ୍ରଜରାଜନଗରର ତପନ ଗୁପ୍ତା



**ଝାରସୁଗୁଡ଼ା,୨୮।୧୧(ସମିସ):** ଦୃଢ଼ ଇଚ୍ଛାଶକ୍ତି ଓ ମନୋବଳ ଥିଲେ ପରିବାରର ପ୍ରତିକୂଳ ପରିସ୍ଥିତି କେବେ ବାଧା ସୃଷ୍ଟି କରିପାରେ ନାହିଁ। ଦିନ ମଜୁରିଆ ପରିବାର ହୋଇ ମଧ ଓଡ଼ିଶା ଅଣ୍ଡର ୧୬ କ୍ରିକେଟ ଟିମରେ ସାମିଲ ହୋଇ ବ୍ରଜରାଜନଗର ପାଇଁ ଗୌରବ ଆଣିଛନ୍ତି ତପନ ଗୁପ୍ତା। ପରିବାର ସଦସ୍ୟ ଦିନ ମଜୁରିଆ, ମା' ମଇନା ଗୁପ୍ତା ମଜୁରି କରି ପରିବାର ଚଳାନ୍ତି। ହେଲେ ମଜୁରିଆ ପରିବାରରୁ ହୋଇ ମଧ ତପନ ଆଜି ଓଡ଼ିଶା ଅଣ୍ଡର ୧୬ କ୍ରିକେଟ ଟିମରେ ସାମିଲ ହୋଇ ବ୍ରଜରାଜନଗର ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଫଳରେ ସେ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ଖେଳିବେ। ତପନ ଗୁପ୍ତା ବ୍ରଜରାଜନଗର ଆମ୍ବିସନ କ୍ଲବ୍ ପକ୍ଷରୁ କ୍ରିକେଟ ଖେଳି ଆସୁଛନ୍ତି। ଉତ୍ତମ ପ୍ରଦର୍ଶନ କାରଣରୁ ସେ ଓଡ଼ିଶାରାଜ୍ୟ ଅଣ୍ଡର ୧୬ ଟିମରେ ସାମିଲ ହୋଇଛନ୍ତି। ତାଙ୍କର ଏହି ସଫଳତା ପରେ ପରିବାର ବର୍ଗ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଏ ନେଇ ସ୍ଥାନୀୟ କ୍ରୀଡାପ୍ରେମୀଙ୍କ ସହିତ ଅଞ୍ଚଳରେ ଖୁସିର ଲହରୀ ଦେଖିବାକୁ ମିଳିଛି।

## ଗାଁ ଖେଳପଡ଼ିଆକୁ ଷ୍ଟାଡିୟମ କରିବାକୁ ରାଜସ୍ୱ ମନ୍ତ୍ରୀଙ୍କୁ ଦାବିପତ୍ର

**ଝାରସୁଗୁଡ଼ା,୨୮।୧୧(ସମିସ):** ଝାରସୁଗୁଡ଼ା ଜିଲ୍ଲା ଚାନ୍ଦନୀମାଲ ପଞ୍ଚାୟତ ଅଧୀନ ବରପାଲି ଗାଁରେ ଏକ ବଡ଼ ଖେଳପଡିଆ ରହିଛି। ଏଠାରେ ପ୍ରାୟତଃ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ମାନ ଆୟୋଜିତ ହୋଇଥାଏ। ବରପାଲି ଜଗନ୍ନାଥ ଯୁବକ ସଙ୍ଘ ପକ୍ଷରୁ ଏହି ଖେଳପଡିଆର ଉନ୍ନତିକରଣ କରାଯାଇ ଏକ ଷ୍ଟାଡିୟମ ନିର୍ମାଣ ପାଇଁ ଦାବି କରାଯାଇଛି। ଏନେଇ ଶୁକ୍ରବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ତଥା ବ୍ରଜରାଜନଗର ବିଧାୟକ ସୁରେଶ ପୂଜାରୀଙ୍କୁ ଭୁବନେଶ୍ୱର ସ୍ଥିତ କାର୍ଯ୍ୟାଳୟରେ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅଞ୍ଚଳର ଅଳ୍ପ ଦୂରରେ ବିଭିନ୍ନ ଶିଳ୍ପ ପ୍ରତିଷ୍ଠାନ ଯଥା ଏନଟିପିସି ଦରଳିପାଲି, ଏମ୍‌ସିଏଲ କୋଇଲା ଖଣି, ଏମଏସପି କାରଖାନା, ଆଦ୍ୱନ ଇସ୍ପାତ କାରଖାନା ପ୍ରମୁଖ ରହିଛି। ବରପାଲି ଗାଁର ଏହି ପଡିଆରେ ପ୍ରତିବର୍ଷ ଜିଲ୍ଲାସ୍ତରୀୟ, ବ୍ଲକ୍ ସ୍ତରୀୟ ଓ ପଞ୍ଚାୟତ ସ୍ତରୀୟ ଫୁଟବଲ, କ୍ରିକେଟ ଓ ଅନ୍ୟାନ୍ୟ କ୍ରୀଡା ପ୍ରତିଯୋଗିତା ଆୟୋଜନ କରାଯାଇଥାଏ। ପ୍ରତିବର୍ଷ ଗାଁରେ ଫୁଟବଲ ପ୍ରତିଯୋଗିତା ମଧ ଆୟୋଜିତ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ଖେଳପଡିଆଟିକୁ ଷ୍ଟାଡିୟମରେ ପରିଣତ କରିବା ପାଇଁ ଜଗନ୍ନାଥ ଯୁଥ କ୍ଲବ୍ ବରପାଲି ଏବଂ ଗାଁର ଏକ ପ୍ରତିନିଧି ଦଳ ଭୁବନେଶ୍ୱର ଠାରେ ଓଡ଼ିଶାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ତଥା ବ୍ରଜରାଜନଗର ବିଧାୟକ ସୁରେଶ ପୂଜାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି। ଏହା ସହିତ ଅନ୍ୟାନ୍ୟ ଉନ୍ନତିମୂଳକ କାର୍ଯ୍ୟ ଯଥା ବରପାଲି ଫୁଟବଲ୍ ପଡିଆ ଠାରୁ ନୂଆମୁଣ୍ଡା ଦେଇ ବାଲିପିଟା ଦେଇ ପିଚୁରାସ୍ତା ନିର୍ମାଣ, ଶକ୍ତିଶ୍ୱର ମହାଦେବ ମନ୍ଦିରର ଉନ୍ନତି କରଣ, ବରପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଉନ୍ନତି କରଣ, ଗୋବିନ୍ଦପୁର ପଡାକୁ କଙ୍କ୍ରିଟରାସ୍ତା ନିର୍ମାଣ ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ହେମନ୍ତ ଧୁରୁଆ, ଜୟରାମ ବଗାର, ଠାକୁର ପ୍ରଧାନ, ଉମେଶ ବଡ଼ାଇ, ଈଶ୍ୱରି ମାଝୀ, ରବୀନ୍ଦ୍ର ବୁଦ୍ଧିଆ, ଯୁବରାଜ ବିଶି, ଦିଲୀପ ବଡ଼ାଇ, ବିକାଶ ପୋଡ଼, ଆକାଶ ଦୋରା, ପପୁ ପ୍ରଧାନ, ଅଜିତ ବଡ଼ାଇ ପ୍ରମୁଖ ଉପସ୍ଥିତ ଥିଲେ।



## ଦେବଗଡ଼ ଗସ୍ତରେ ମହିଳା କମିଶନର ସଭ୍ୟା

**ଦେବଗଡ଼,୨୮।୧୧(ସମିସ):** ମହିଳା କମିଶନର ସଭ୍ୟା ପ୍ରତିଭା ଶତପଥୀ ଶୁକ୍ରବାର ଦେବଗଡ଼ ଗସ୍ତରେ ଆସି ପ୍ରଥମେ ଜିଲ୍ଲା ସ୍ୱତନ୍ତ୍ର କାରାଗାର ପରିଦର୍ଶନ କରି ଅନ୍ତେବାସୀମାନଙ୍କ ବିଭିନ୍ନ ସମସ୍ୟା ପଚାରିବା ସହିତ ପରିଷ୍କାର ପରିଚ୍ଛନ୍ନତା ଦେଖିଛନ୍ତି। ପରବର୍ତ୍ତୀ ସମୟରେ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ପରିଚାଳିତ ହୋଇଥିବା ଶକ୍ତି ସଦନ ଏବଂ ୱାନଷ୍ଟପ ସେଣ୍ଟର ସଖୀ ପରିଦର୍ଶନ କରିବା ସହ ଭୋକେସନାଲ ଟ୍ରେନିଂ ବିଷୟରେ ବାର୍ତ୍ତାଳାପ କରିଥିଲେ। ପରେ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ସହିତ ସାକ୍ଷାତ କରି ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ବିଜେପି ମହିଳା ସଭାପତି ବିଳାସିନୀ ଥାପ୍ପା, ମହିଳା ସମ୍ପାଦିକା ପ୍ରୀତି ପରିମିତା ବେହେରା, ୱାର୍ଡ ନଂ ୧୦ର ପାରିଷଦ ଇତିଶ୍ରୀ ମିଶ୍ର, ବିଜେପି ଯୁବ ନେତା ସୁଧିର ବ୍ରହ୍ମା ଏବଂ ଦୟା ଶଙ୍କର ଦ୍ୱିବେଦୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଣି ସୁରତି ପ୍ରଧାନ, ପ୍ରୋଗ୍ରାମ ଅଫିସର ଜୋସ୍ନା ତନ୍ତୀ, ହବ୍ ଜିଲ୍ଲା ସଂଯୋଜକ ସତ୍ୟବ୍ରତ ବେହେରା, ସମ୍ବଲପୁରର ଶର୍ମିଷ୍ଠା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସୌରାଷ୍ଟ୍ର ଫ୍ରେଟ୍ ପକ୍ଷରୁ 'ଛୋଟି ସି ଆଶା' କାର୍ଯ୍ୟକ୍ରମ

● ଛାତ୍ରଛାତ୍ରୀଙ୍କୁ ୨୨ ଲକ୍ଷରୁ ଊର୍ଦ୍ଧ୍ୱ ମୂଲ୍ୟର ଉପହାର ବଣ୍ଟନ



**ଦେବଗଡ଼,୨୮।୧୧(ସମିସ):** ପ୍ରତିଟି ଶିଶୁଙ୍କ ସ୍ୱପ୍ନର ଇଚ୍ଛା ପୂରଣ କରିବା ସହ ମୁହଁରେ ହସ ଫୁଟାଇବା ଲକ୍ଷ୍ୟରେ ସୁଦୂର ମୁମ୍ବାଇର ଲଜିଷ୍ଟିକ କମ୍ପାନୀ ସୌରାଷ୍ଟ୍ର ଫ୍ରେଟ୍ ପକ୍ଷରୁ 'ଛୋଟି ସି ଆଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କମ୍ପାନୀର ନିର୍ଦ୍ଦେଶକ ରାଘବ ଅଗ୍ରୱାଲ ଓ ତାଙ୍କ ଧର୍ମପତ୍ନୀ ମିମି ଅଗ୍ରୱାଲ 'ଛୋଟି ସି ଆଶା' କାର୍ଯ୍ୟକ୍ରମରେ ସାରା ଦେଶରେ ଥିବା ଚିନ୍ମୟ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଶୁକ୍ରବାର ସେମାନଙ୍କ ଇଚ୍ଛା ମୁତାବକ ଉପହାର ପ୍ରଦାନ କରିଛନ୍ତି। ବିଦ୍ୟାଳୟର ସମ୍ପାଦକ ପ୍ରଭୁଦତ୍ତ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦେବଗଡ଼ ପୌର ପରିଷଦ ଅଧ୍ୟକ୍ଷ ପ୍ରଜିତ ଭୋଜ ଯୋଗ ଦେଇଥିଲେ। ସୌରାଷ୍ଟ୍ର ଫ୍ରେଟ୍‌ର ଉପନିର୍ଦ୍ଦେଶକ ପ୍ରେରକ ବଂଶଲ କମ୍ପାନୀ ପକ୍ଷରୁ ପ୍ରଦତ୍ତ ଉପହାର ଗୁଡିକୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିତରଣ କରିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏଥିସହ ବିଦ୍ୟାଳୟର ପ୍ରାୟ ସାଢ଼େ ଚାରି ଶହ ଛାତ୍ରଛାତ୍ରୀଙ୍କୁ ପ୍ରାୟ ୨୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ସାଇକଲ, କ୍ରିକେଟ କିଟ, ସାଇନ୍ସ କିଟ, କ୍ରୀଡା ଓ ପାଠ୍ୟ ଉପକରଣ ଆଦି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଅଧ୍ୟକ୍ଷ ଡ.ଅଭୟ ସାହୁ, ସ୍ୱାମୀନୀ ତନିଷ୍ଠାନନ୍ଦ ସରସ୍ୱତୀ, ପରିଚାଳନା କମିଟି ସଦସ୍ୟ ଗୋପବନ୍ଧୁ ପ୍ରଧାନ, ଜଗଦୀଶ ନନ୍ଦ, ଜଗବନ୍ଧୁ ଶତପଥୀ, ଜୟନ୍ତ ସାହୁ, ଶିକ୍ଷକ ପ୍ରମିତ ସାହୁ, ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ଦେବୀଙ୍କ ସମେତ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

## ଏନ୍‌ଏଲ୍‌ସି ବିରୋଧରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ମହିଳା



**ଝାରସୁଗୁଡ଼ା,୨୮।୧୧(ସମିସ):** ଝାରସୁଗୁଡ଼ା ହିର୍ମା ସ୍ଥିତ ଏନ୍‌ଏଲସି କମ୍ପାନୀ ପକ୍ଷରୁ କ୍ଷତିପୂରଣ ଏବଂ ନିଯୁକ୍ତି ଦାବି କରି ଶୁକ୍ରବାର ତରେଇଖେଳାର ମହିଳାମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ମହିଳାମାନେ ଦାବିପତ୍ର ଦେଇ କହିଛନ୍ତି ଯେ, ସରକାର ଯେତେବେଳେ ପୁଅ ଝିଅ ସମାନ କହୁଛନ୍ତି ଏନଏଲସି କମ୍ପାନୀ ପାତରଅନ୍ତର କରୁଛି। ହିର୍ମା ପଞ୍ଚାୟତର ତରେଇଖେଳା ଗାଁକୁ ବିସ୍ଥାପିତ କରୁଥିଲେ ହେଁ ଗାଁର କିଛି ଯୁବକ ଏବଂ କିଛି ବିବାହିତା ଝିଅଙ୍କୁ ନିଯୁକ୍ତି, କ୍ଷତିପୂରଣ ଦେଇ ଅନ୍ୟ ବିବାହିତ ଝିଅ ମାନଙ୍କୁ ଏଥିରୁ ବଞ୍ଚିତ କରୁଛି। ବାପଘରେ ସେମାନଙ୍କ ପୈତୃକ ସମ୍ପତ୍ତି ଜମିବାଡି ସବୁ ଏନଏଲସି କମ୍ପାନୀ ଦ୍ୱାରା ଅଧିଗ୍ରହଣ ହେଉଛି। ସେପଟେ ବିବାହିତା ଝିଅ ମାନଙ୍କୁ ନିଯୁକ୍ତି ଏବଂ କ୍ଷତିପୂରଣରୁ କମ୍ପାନୀ ବଞ୍ଚିତ ରଖୁଛି। ତେଣୁ ଯେଉଁ ମାନେ ଏଥିରୁ ବଞ୍ଚିତ ହେଉଛନ୍ତି, ସେମାନଙ୍କୁ ନିଯୁକ୍ତି ଆଉ କ୍ଷତିପୂରଣ ଦିଆଯାଉ ନଚେତ ହିର୍ମା ପଞ୍ଚାୟତ ତରେଇଖେଳାର ବିବାହିତା ମହିଳାମାନେ ଅନଶନ ଆରମ୍ଭ କରିବେ ବୋଲି ଆଜି ଜିଲ୍ଲାପାଳଙ୍କ ନିକଟରେ ଦାବି ଜଣାଇଛନ୍ତି।

## ୨ ଦେଶୀ ବନ୍ଧୁକ ଜବତ, ଶିକାରୀ ଗିରଫ

**ଦେବଗଡ଼,୨୮।୧୧(ସମିସ):** ବାରକୋଟ ଥାନା ଅଧୀନ ବମ୍ପରଡା ଗାଁରେ ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ୨ଗୋଟି ଦେଶୀ ବନ୍ଧୁକ, ଛର୍‌ରା ଓ ଗନ୍ ପାଉଡର ଜବତ କରାଯାଇଛି। ଏହାସହ ବିଜୟ ଶବର ନାମକ ଜଣେ ଶିକାରୀକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ବିଜୟକୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ବମ୍ପରଡା ଗାଁର ବିଜୟ ଜଣେ ବନ୍ୟଜନ୍ତୁ ଶିକାରୀ। ଶିକାର ପାଇଁ ସେ ଘରେ ବେଆଇନ ବନ୍ଧୁକ ରଖିଥିବା ବାରକୋଟ ଥାନା ପୁଲିସକୁ ସୂଚନା ମିଳିଥିଲା। ଖବର ପାଇ ପୁଲିସ ଆଜି ସଦଳବଳେ ବମ୍ପରଡା ସ୍ଥିତ ବିଜୟର ଘରେ ଚଢ଼ଉ କରିଥିଲା। ଯାଞ୍ଚ ସମୟରେ ଘରୁ ୨ଟି ଦେଶୀ ବନ୍ଧୁକ, ଛର୍‌ରା ଓ ଗନ୍ ପାଉଡର ମିଳିଥିଲା। ପୁଲିସ ଏଗୁଡିକୁ ଜବତ କରିବା ସହ ବିଜୟକୁ ଥାନାକୁ ଅଣି ପଚରାଉଚରା କରିଥିଲା। ବିଜୟ ଜନ୍ତୁ ଶିକାର ପାଇଁ ଏଗୁଡ଼ିକ ରଖିଥିବା ପୁଲିସ ସମ୍ମୁଖରେ ସ୍ୱୀକାର କରିଥିଲା। ପୁଲିସ ଅସ୍ତ୍ରଶସ୍ତ୍ର ଆଇନର ଧାରା ଅନୁଯାୟୀ ବିଜୟକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଡିସେମ୍ବର ୩ରୁ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ

● ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି

**ଦେବଗଡ଼,୨୮।୧୧(ସମିସ):** ଦେବଗଡ଼ ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲା କ୍ରୀଡା ବିଭାଗ ଓ ମାଇଁ ଭାରତ ପକ୍ଷରୁ ଯୁବ ଉତ୍ସବ ଉପଲକ୍ଷେ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ଆସନ୍ତା ଡିସେମ୍ବର ୩ରେ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ ଓ ଦେବଗଡ଼ ମହାବିଦ୍ୟାଳୟ ଠାରେ ସକାଳ ୯ ଘଟିକାରେ ଆୟୋଜନ କରାଯିବ। ୧୫ରୁ ୨୯ ବୟସର ଯୁବକ ଯୁବତୀ ମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ଭାଗ ନେବା ପାଇଁ ପ୍ରତିଯୋଗୀ ମାନେ ଆଧାରକାର୍ଡ ଓ ପାସପୋର୍ଟ ସାଇଜ ଫଟୋ ଧରି ଆସିବା ପାଇଁ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତିଯୋଗୀ ବର୍ଗ ଦଳଗତ ଲୋକନୃତ୍ୟ, ଦଳଗତ ଲୋକ ସଙ୍ଗୀତ, ଏକକ ଲୋକ ନୃତ୍ୟ, ଏକକ ଲୋକ ସଙ୍ଗୀତ, ହିନ୍ଦୀ ଓ ଇଂରାଜୀ ପଦ୍ୟ, ହିନ୍ଦୀ ଓ ଇଂରାଜୀ ଗଳ୍ପ ଲିଖନ, ଚିତ୍ରକଳା, ହିନ୍ଦୀ ଓ ଇଂରାଜୀ ଔପଚାରିକ ବକ୍ତୃତା, ଫଟୋଗ୍ରାଫି, ଦଳଗତ ଓ ଏକକ ବିଜ୍ଞାନ ମେଳା ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପାରିବେ। ଏଥିରେ ପ୍ରଥମ ହୋଇଥିବା ପ୍ରତିଯୋଗୀ ରାଜ୍ୟସ୍ତରୀୟ ଯୁବ ଉତ୍ସବ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ବୈଠକରେ ଜିଲ୍ଲା କ୍ରୀଡା ଅଧିକାରୀ ତଥା ସହକାରୀ ଜିଲ୍ଲାପାଳ ତାପସ ମହନ୍ତ, ମାଇଁ ଭାରତ ପ୍ରଦୀପ ବିଶ୍ୱାଳ, ସହକାରୀ ଜିଲ୍ଲାପାଳ ଈଶ୍ୱର ଗୁରୁ, ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଶବରପାଲିରେ ସମ୍ବିଧାନ ଦିବସ

**ରିଆମାଳ,୨୮।୧୧(ସମିସ):** ଦେବଗଡ଼ ଜିଲ୍ଲା ରିଆମାଳ ଥାନା ଦୁଧିଆନାଳୀ ପଞ୍ଚାୟତ ଅଧୀନ ଶବରପାଲି ଖେଳ ପଡିଆରେ ୭୬ ତମ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ସୁଧାର ସଂଘ ସମ୍ପାଦକ ଏକ୍ରାକୁଜୁରଙ୍କ ପରିଚାଳନାରେ ସଭାପତି ସୁଦାମ ପ୍ରଧାନ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଦେବଗଡ଼ ଆମ୍ବେଦକର ଯୁଥ୍ କ୍ଲବ୍ ସଭାପତି ଖଗ ସାଶିନୀ, ଜିଲ୍ଲା ଆମ୍ବେଦକର ସାମାଜିକ ପରିବର୍ତ୍ତନ ମଞ୍ଚ ସଭାପତି ତଥା ଆଇନଜୀବୀ ଚୌଧୁରୀ ବେହେରା, ମଞ୍ଚ ସଂଯୋଜକ ବୁଲୁ ପାତ୍ର, ଦୁଧିଆନାଳୀ ସରପଞ୍ଚ ଉଦିତ ନାୟକ, ତାଳକୁଣ୍ଡି ସରପଞ୍ଚ ଆମାରସେନ ହେମରନ, ଜିଲ୍ଲା ଆଦିବାସୀ ସଭାପତି ନିରାକର ପ୍ରଧାନ, ଶବରପାଲି ଗାଁ ମୁଖ୍ୟ ପରମାନନ୍ଦ ନାୟକ, ସମାଜସେବୀ ହୃଷିକେଶ ଜୟପୁରିଆ ଯୋଗ ଦେଇଥିଲେ। ଏହି ଅବସରରେ ଏକ ହକି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା।

## ବିଲିଭର୍ସ ଚର୍ଚ୍ଚ ଆବାସିକ ସ୍କୁଲରେ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ଝାରସୁଗୁଡ଼ା,୨୮।୧୧(ସମିସ):** ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ସ୍ଥିତ ବିଲିଭର୍ସ ଚର୍ଚ୍ଚ ଆବାସିକ ସ୍କୁଲର ୨ ଦିନିଆ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଗୁରୁବାର ଉଦ୍‌ଘାଟନ ଉତ୍ସବରେ ଓଡ଼ିଶା ହକି ଆସୋସିଏସନର ଉପସଭାପତି ଜୀବନ ମହାନ୍ତି ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ମଶାଲକୁ ସ୍ଥାପିତ କରି ଉଦ୍‌ଘାଟନ କରିଥିଲେ। ଏହି ଆବାସିକ ସ୍କୁଲରେ ୩୦ଟି ବିଭିନ୍ନ କ୍ରୀଡ଼ା ବିଭାଗରେ ୨୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଶୁକ୍ରବାର ଉଦ୍‌ଯାପନୀ ଦିବସରେ ଝାରସୁଗୁଡ଼ା କ୍ରୀଡ଼ା ସଂଘ ଆଥଲେଟିକ୍ସର ବିଭାଗର ସମ୍ପାଦକ କମ୍ପାଉଣ୍ଡର ବେହେରା ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ। ବିଲିଭର୍ସ ଚର୍ଚ୍ଚ ତରଫରୁ ଅଧକ୍ଷା ନିମି ଆବ୍ରାହମ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ବାଳିକା ବିଭାଗରେ ପାୟଲ ସାହୁ, ବାଳକ ବିଭାଗରେ ଅଙ୍କୁଶ ଭଇଶାଳ ଓ ଅଭିଷେକ ପରମାଣିକ ଚାମ୍ପିଅନ ହୋଇଥିଲେ। ସ୍କୁଲର ଗ୍ରୀନ ହାଉସ ଚାମ୍ପିଅନ ଟ୍ରଫି ଅତିଥିଙ୍କ ଠାରୁ ଗ୍ରହଣ କରିଥିଲେ। ସଞ୍ଜୟ ରାୟ ଓ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ କ୍ରୀଡ଼ା ପରିଚାଳନା କରିଥିଲେ।



## ୱାର୍ଲ୍ଡ ଆବିଲିଟି ସ୍ପୋର୍ଟ୍ସରେ ସ୍ୱର୍ଣ୍ଣ ବିଜେତା ଗୋବିନ୍ଦଙ୍କୁ ସମ୍ବର୍ଦ୍ଧନା



**ଝାରସୁଗୁଡ଼ା,୨୮।୧୧(ସମିସ):** ଥାଇଲାଣ୍ଡରେ ଅନୁଷ୍ଠିତ ୱାର୍ଲ୍ଡ ଆବିଲିଟି ସ୍ପୋର୍ଟ୍ସରେ ୨ଟି ସ୍ୱର୍ଣ୍ଣ ପଦକ ଜିତିଥିବା ଗୋବିନ୍ଦ ଦୁବେଙ୍କୁ ବେଲପାହାଡରେ ଭବ୍ୟ ସ୍ୱାଗତ କରାଯାଇଛି। ନଭେମ୍ବର ୧୭ରୁ ୨୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ପ୍ରତିଯୋଗିତାରେ ପୁରୁଷ ଲଙ୍ଗ ଜମ୍ପ ଏବଂ ୨୦୦ ମିଟର ଟି୪୭ ବିଭାଗରେ ବେଲପାହାଡ ମାଟିର ପୁଅ ଗୋବିନ୍ଦ ଦୁବେ ସ୍ୱର୍ଣ୍ଣ ପଦକ ଜିତି ବେଲପାହାଡ, ଝାରସୁଗୁଡ଼ା ଏବଂ ଓଡ଼ିଶା ତଥା ଭାରତ ପାଇଁ ଗୌରବ ଆଣିଛନ୍ତି। ଗୋବିନ୍ଦ ସ୍ୱର୍ଣ୍ଣ ପଦକ ଜିତିବା ପରେ ବେଲପାହାଡ ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଥିଲା। ଆଜି ଅପରାହ୍ଣରେ ଗୋବିନ୍ଦ ବେଲପାହାଡ ପହଞ୍ଚିବା ପରେ ତାଙ୍କୁ ବେଲପାହାଡରେ ସ୍ଥାନୀୟ ଲୋକଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଛି।

### ପ୍ରଧାନପାଟ କପ୍ ଫୁଟବଲ ପ୍ରତିଯୋଗିତା

# ବିହାର ବକ୍ସରକୁ ହରାଇ ସମ୍ବଲପୁର ସେମିରେ

ଦେବଗଡ଼,୨୮।୧୧(ସମିସ)




ପ୍ରଧାନପାଟ କ୍ଲବ୍ ଆନୁକୂଲ୍ୟରେ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ଠାରେ ଗତ ୨୪ ତାରିଖରୁ ଆରମ୍ଭ ହୋଇଥିବା ୭ମ ସର୍ବଭାରତୀୟ 'ପ୍ରଧାନପାଟ କପ୍' ଫୁଟବଲ ପ୍ରତିଯୋଗିତାର ପଞ୍ଚମ ଦିବସ ମ୍ୟାଚ ଶନିବାର ହୋଇଯାଇଛି। ଆଜି ବିହାରର ବକ୍ସର ଫୁଟବଲ କ୍ଲବ୍‌କୁ ୩-୦ ଗୋଲରେ ପରାସ୍ତ କରି ସମ୍ବଲପୁର ଫୁଟବଲ କ୍ଲବ୍ ଦ୍ୱିତୀୟ ସେମି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍‌କୁ ରେଫରୀ ଭାବେ ରାଜ ମଣ୍ଡଳ, ସାଗର ନାଏକ, ସୌରଭ ନାୟକ ଓ ଜିତୁ ପାତ୍ର ପରିଚାଳନା କରିଥିଲେ।

ହେମନ୍ତ ମହାପାତ୍ର ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ। ବେଣୁଧର ଗଡନାୟକ ମ୍ୟାଚ୍‌ର ଧାରା ବିବରଣୀ ପ୍ରଦାନ କରିଥିଲେ। ମ୍ୟାଚ୍‌ରେ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଥିବା ସମ୍ବଲପୁର ଫୁଟବଲ କ୍ଲବ୍‌ର ଖେଳାଳି ସୁମିତ ଓରାମ ମ୍ୟାନ ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲେ। ପ୍ରଧାନପାଟ କ୍ଲବ୍‌ର ସଭାପତି ବିକାଶ ପ୍ରଧାନଙ୍କ ସଭାପତିତ୍ୱରେ ପଞ୍ଚମ ଦିବସର ଖେଳ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲ୍ଲା ଓକିଲ ସଂଘର ସମ୍ପାଦକ ସିଦ୍ଧେଶ୍ୱର ଗୁରୁ, ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡା ସଂସଦର ଉପ ସଭାପତି ସତ୍ୟ ନାରାୟଣ ମିଶ୍ର, ରେଢ଼ାଖୋଲ କ୍ରୀଡା ସଂଘର ସମ୍ପାଦକ ବିଶ୍ୱଜିତ ପଣ୍ଡା, ରେଢ଼ାଖୋଲର ପ୍ରାକ୍ତନ ଫୁଟବଲ ଖେଳାଳି ଘାସିନାଥ ସାହୁ ଓ ପ୍ରଶାନ୍ତ ରାଉତ ଏହାର ଶୁଭାରମ୍ଭ କରିଥିଲେ। ଶେଷରେ କ୍ଲବ୍‌ର ସମ୍ପାଦକ ସଞ୍ଜୀବ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତା କାଲି ସମ୍ବଲପୁର ଫୁଟବଲ କ୍ଲବ୍ ଓ ରାଉରକେଲା ୧୫ ମଧ୍ୟରେ ପ୍ରତିଯୋଗିତାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

# ରାଜ୍ୟ ସରକାର ଚାଷୀଙ୍କୁ ଠକିବା ଆଶଙ୍କା

## ● ବର୍ଦ୍ଧିତ ୬୯ ଟଙ୍କା ନେଇ ଦ୍ୱନ୍ଦ୍ୱ




ଅତାବିରା, ୨୮।୧୧(ସମିସ): କେନ୍ଦ୍ର ସରକାର ଧାନର ସହାୟକ ମୂଲ୍ୟ ଚଳିତ ଖରିଫ ଋତୁ ପାଇଁ ୬୯ ଟଙ୍କା ବୃଦ୍ଧି କରିଛନ୍ତି। ଏହି କ୍ରମରେ ରାଜ୍ୟ ସରକାର ପୂର୍ବରୁ ସାଧାରଣ ମାନ ଧାନର ବର୍ଦ୍ଧିତ ଦର ୨, ୩୬୯ ଓ ଇନ୍‌ପୁଟ୍ ସବ୍‌ସିଡି ୮୦୦ ଟଙ୍କା ମିଶାଇ ବର୍ଦ୍ଧିତ ୩, ୧୬୯ ଟଙ୍କା ଦେବା ନେଇ ପ୍ରତି ମାର୍କେଟ୍ ୟାର୍ଡ, ମଣ୍ଡିରେ ସୂଚନା ଫଳକ, ଲିଫ୍‌ଲେଟ ଛାପି ପ୍ରଚାର କରିଥିଲେ। ହେଲେ ଦୁଇ ଦିନ ତଳେ ଇନ୍‌ପୁଟ୍ ସହାୟତା ସହ ସମୁଦାୟ ୩୧ଶହ ଟଙ୍କା ଦିଆଯିବ ବୋଲି ସୂଚନା ଫଳକ ଓ ପ୍ରଚାରପତ୍ର ବଣ୍ଟାଯାଉଥିବା ଚାଷୀ ଦେଖିବାକୁ ପାଇଛନ୍ତି। ଏହାହେଲେ କେନ୍ଦ୍ର ସରକାର ଦେଉଥିବା ୬୯ ଟଙ୍କା ରାଜ୍ୟ ସରକାର ଚଲୁ କରି ୮୦୦ ଟଙ୍କା ପରିବର୍ତ୍ତେ ୭୩୧ ଟଙ୍କା ଦେବେ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ପ୍ରତିବର୍ଷ କେନ୍ଦ୍ର ସରକାର ଧାନ ଦର ବୃଦ୍ଧି କରିଥାନ୍ତି। କ୍ଷମତାକୁ ଆସିବା ପୂର୍ବରୁ ବିଜେପି ସରକାର ଧାନର ଦର ୩୧ଶହ କରାଯିବ ବୋଲି ନିର୍ବାଚନୀ ପ୍ରତିଶ୍ରୁତି ଦେଇଥିଲେ। ହେଲେ ନିର୍ବାଚନୀ ବୈତରଣୀ ପାର ହେଲା ମାତ୍ରେ ନୂତନ ସରକାରଙ୍କ ସ୍ମୃତିଭ୍ରମ ହୋଇଥିବା ଜଣାପଡୁଛି। ୬୯ ଟଙ୍କା ସହାୟତା ରାଜ୍ୟ ସରକାରଙ୍କୁ ଏତେ ଭାର ଦେଉଛି ଯେ ସେତକ ଅନ୍ନଦାତାଙ୍କ ଭାଗରୁ କାଟିବାକୁ ସେ ପଛଘୁଞ୍ଚା ଦେଉ ନଥିବା ଦେଖାଦେଉଛି। ଏନେଇ ଚାଷୀ ମହଲରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି।

# ରକ୍ତଦାନ ଶିବିର କରି ଜନ୍ମଦିନ ପାଳିଲେ

## ● ୨୧ ୟୁନିଟ୍ ରକ୍ତ ସଂଗ୍ରହ

ଝାରବନ୍ଧ, ୨୮।୧୧(ସମିସ): ବର୍ତ୍ତମାନର ସମୟରେ ଲୋକେ ହୋଟେଲ ପାର୍କରେ ଜନ୍ମଦିନ ପାଳନ କରୁଥିବା ବେଳେ କୋଶଳ ସଂଗ୍ରାମୀ ସରୋଜ ପ୍ରଧାନ ନିଜ ଜନ୍ମମାଟି ଝାରବନ୍ଧ ବ୍ଲକ ଅଧୀନ ଶିକାରିପାଲି ଗାଁରେରକ୍ତଦାନ ଦାନ ଶିବିର ଅନୁଷ୍ଠିତ କରି ଜନ୍ମଦିନ ପାଳନ କରିଛନ୍ତି। ଏହିରକ୍ତ ଦାନ ଶିବିରରେ ମୁଖ୍ୟ ଅତିଥିରୂପେ ସମାଜସେବୀ ଶ୍ରୀକାନ୍ତ ମିଶ୍ର ପଦ୍ମପୁର ଯୋଗଦେଇଥିଲେ। ସର୍ବ ମୋଟ ୨୧ ୟୁନିଟ୍‌ରକ୍ତ ସଂଗ୍ରହ ହୋଇ ପଦ୍ମପୁର ସରକାରୀ ଡାକ୍ତର ଖାନାକୁ ପ୍ରେରଣ କରାଯାଇଛି। ସମସ୍ତରକ୍ତ ଦାତାଙ୍କୁ ସମାଜ ସେବୀ ବ୍ୟାସଦେବ ପ୍ରଧାନ ଭୂରି ଭୂରି ପ୍ରଶଂସା ସହ କୋଶଳ ସଂଗ୍ରାମୀ ସରୋଜ ପ୍ରଧାନଙ୍କୁ ଜନ୍ମ ଦିନର ହାର୍ଦ୍ଦିକ ଶୁଭକାମନା ଜଣାଇଥିଲେ। ରକ୍ତ ଦାତାଙ୍କ ମଧ୍ୟରେ ଶିକାରୀ ପାଲିରୁ ସୁମନ୍ତ ପ୍ରଧାନ, କମଲେଶ ମାଝୀ, ସୁଦାମା ଚିରଗୁନ୍, ଅମର ଗହିର, ମଧୁସୂଦନ ମଲ୍ଲିକ, ସଞ୍ଜୟ ପଟେଲ, ତଥା ପାର୍ଶ୍ୱବର୍ତ୍ତୀ ଗାଁରୁ ଆକାଶ ବାଗ, ତାପସ ସିଂ, ପ୍ରଶାନ୍ତ ବାଗ, ସମୀର ପୋଡ, ଦେବିଟ୍ ସିଂ ବରିହା, ଉମେଶ ବାଗ, ବିଘ୍ନ ବରିହା, ଜିତୁ ଲୁହାରଙ୍କ ସମେତ ଅନ୍ୟ ମାନେରକ୍ତ ଦାନ କରିଥିଲେ। ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟର ଡାକ୍ତରୀ ଟିମରକ୍ତ ସଂଗ୍ରହ କରିଥିଲେ।

# କ୍ରିକେଟ ପରିବାରର ବନ୍ଧୁ ମିଳନ ଓ ଆଲୋଚନାଚକ୍ର

ପଦ୍ମପୁର, ୨୮।୧୧(ସମିସ): ପଦ୍ମପୁର ନିକଟସ୍ଥ ଦର୍ବେଖୋଲା ଆନିକଟ ଠାରେ କ୍ରିକେଟ ପରିବାରର ବାର୍ଷିକ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବରଗଡ଼ ଓ ବଲାଙ୍ଗିର ଜିଲ୍ଲାର ଅନେକ ସଦସ୍ୟ ଅମ୍ପାୟାର ତଥା କମେଣ୍ଟେଟର ଯୋଗ ଦେଇଥିଲେ। ବରିଷ୍ଠ ସଦସ୍ୟ ଶ୍ୟାମବନ୍ଧୁ ବେହେରା ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଓସିଏ ପ୍ୟାନେଲ ଅମ୍ପାୟାର ନାରାୟଣ ମେହେର କ୍ରିକେଟ ଅମ୍ପାୟାରଙ୍କ କାର୍ଯ୍ୟଶୈଳୀ ଓ ଶୃଙ୍ଖଳା ବିଷୟରେ ଆଲୋକପାତ କରିଥିବା ବେଳେ ଯୁବ ଅମ୍ପାୟାର ହନୁ ଅଗ୍ରୱାଲ କ୍ରିକେଟର ପରିବର୍ତ୍ତିତ ନିୟମ ଗୁଡିକ ବିସ୍ତୃତ ଭାବେ ଉପସ୍ଥାପନ କରିଥିଲେ। ଅନ୍ୟ ଅମ୍ପାୟାର ମାନଙ୍କ ମଧ୍ୟରେ ଉମେଶ ଭୋଇ, ଅନ୍ତର୍ଯ୍ୟାମୀ ପ୍ରଧାନ, ସୁମିଲ ବେହେରା, ସନମ ସାହୁ, ନରୋତ୍ତମ ପ୍ରଧାନ ଏବଂ କମେଣ୍ଟେଟର ମାନଙ୍କ ମଧ୍ୟରେ ରିଙ୍କୁ ସାହୁ, ଆନନ୍ଦ, ସୁନୀଲ ଭୁଏ, ଆର୍ୟନ ବିକାଶ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଆଗାମୀ କ୍ରିକେଟ ଋତୁରେ ଟୁର୍ଣ୍ଣାମେଣ୍ଟ ଗୁଡିକୁ ଅଧିକ ଶୃଙ୍ଖଳିତ ଭାବେ ପରିଚାଳନା କରିବା ତଥା ଗ୍ରାମୀଣ ସ୍ତରରେ କ୍ରିକେଟ ନିୟମ ଗୁଡିକୁ ଲୋକାଭିମୁଖୀ କରିବା ପାଇଁ ସିଦ୍ଧାନ୍ତ ଗ୍ରହଣ କରାଗଲା। ଦିଲୀପ ବେହେରା ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରିଥିଲେ। ଶେଷରେ ଦିଲୀପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମଣ୍ଡିରେ ଭୀଷଣ ଅବ୍ୟବସ୍ଥା

# ଧାନ ସଂଗ୍ରହ ନେଇ ସରକାର ଚାଷୀଙ୍କୁ ଭ୍ରମିତ କରୁଛନ୍ତି

ଅତାବିରା, ୨୮।୧୧(ସମିସ)

ରାଜ୍ୟରେ ଧାନ ସଂଗ୍ରହ ୨୦ ତାରିଖରୁ ଆରମ୍ଭ ହେବ ବୋଲି ସରକାର ଘୋଷଣା କଲେ। ପରେ ୨୫ ତାରିଖକୁ ସୀମା ବଢ଼ାଇଥିଲେ। ଜିଲ୍ଲା ଧାନ ସଂଗ୍ରହ କମିଟିରେ କିନ୍ତୁ ୨୮ ତାରିଖକୁ ଧାନ ସଂଗ୍ରହ ପାଇଁ ନିଷ୍ପତ୍ତି ହେଲା। ଆଜି ୨୮ ତାରିଖରେ ଧାନ ସଂଗ୍ରହ କରିବେ କ'ଣ ପାକ୍ସର ସାଇଟ୍ ଖୋଲୁନି। ମିଲରଙ୍କୁ ଟେକ୍ ଓ ଟାର୍ଗେଟ୍ ଦିଆଯାଇ ନାହିଁ। ପ୍ରତି ମଣ୍ଡିରେ ହଜାର ହଜାର ବସ୍ତା ଧାନ ଗଦା ହୋଇଛି। ଗତକାଲି ଚାଷୀଙ୍କ ଟୋକନ ଆସିଛି, ସେ ବି ଅଧିକାଂଶ ଡିସେମ୍ବର ୧୦ ତାରିଖ ପାଇଁ। ଏପରିସ୍ଥଳେ ଚାଷୀ ଦ୍ୱନ୍ଦ୍ୱରେ ରହିଛନ୍ତି। ଧାନ ସଂଗ୍ରହ ନେଇ ସରକାର ଚାଷୀଙ୍କୁ ବାରମ୍ବାର ଭ୍ରମିତ କରୁଛନ୍ତି। ଧାନ ସଂଗ୍ରହରେ ଲାଗି ରହିଥିବା ସମସ୍ୟା ନେଇ ଓଡ଼ିଶା ରାଜ୍ୟ କୃଷକ ସଂଗଠନ ଅତାବିରାର ସଭାପତି ବୀରେନ୍ଦ୍ର କରଙ୍କ ସଭାପତିତ୍ୱରେ ଗୋଡଭଗା ମଣ୍ଡିରେ ଏନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ର, ଚାଷୀ ନେତା ସୁରେନ୍ଦ୍ର ମେକେଣ୍ଟି ଯୋଗ ଦେଇ ଧାନ ସଂଗ୍ରହରେ ଅସ୍ପଷ୍ଟ ନୀତିକୁ ନିନ୍ଦା କରିଥିଲେ। ଚଳିତ ଋତୁ ଧାନ ବିକ୍ରି ସମସ୍ୟା ଆରମ୍ଭରୁ ଜଟିଳ ହେବାରେ ଲାଗିଛି। ଗୋଡ଼ଭଗାର ମାର୍କେଟ୍ ଇନଚାର୍ଜ ଓ ପାକ୍ସ କର୍ମଚାରୀଙ୍କୁ ପଚାରିଲେ ସେମାନେ କିଛି କହି ପାରୁ ନାହାନ୍ତି। ଏକର ପ୍ରତି କେତେ କ୍ୱିଣ୍ଟାଲ ଧାନ କିଣିବେ ସ୍ପଷ୍ଟ ଉତ୍ତର ରଖିନାହାନ୍ତି। ମଣ୍ଡି ଖୋଲାଯାଇଛି ମାତ୍ର ଧାନ କିଣିବା ପାଇଁ କୌଣସି ପ୍ରସ୍ତୁତି ହୋଇନାହିଁ। ତ୍ରୁଟିପୂର୍ଣ୍ଣ ପଞ୍ଜୀକରଣ ନୀତି ଅନୁସାରେ ବରଗଡ଼ ଜିଲ୍ଲାରେ ୫ ହଜାରରୁ ଊର୍ଦ୍ଧ୍ୱ ଚାଷୀ ପଞ୍ଜୀକରଣରୁ ବାଦ ପଡ଼ିଛନ୍ତି। ବାଦ ପଡ଼ିଥିବା ଚାଷୀଙ୍କ ପଞ୍ଜୀକରଣ ହେବା ନେଇ ସରକାର ଓ ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ସମ୍ପୃକ୍ତ ଚାଷୀଙ୍କ ପଞ୍ଜୀକରଣ ହୋଇ ନାହିଁ କି ତା'ର ସୂଚନା ମଧ ଚାଷୀ ପାଖରେ ନାହିଁ। ଅତାବିରା ନିୟନ୍ତ୍ରିତ ବଜାର କମିଟି ଅଧୀନ ବିଭିନ୍ନ ମଣ୍ଡିରେ ଦେଢ଼ ଲକ୍ଷରୁ ଅଧିକ ବସ୍ତା ଧାନ ପଡ଼ି ରହିଛି। ଆଗକୁ ପରିସ୍ଥିତି ଅସମ୍ଭାଳ ହେବ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ସମ୍ପାଦକ ସୁରେଶ କର୍ଣ୍ଣ, ତ୍ରିଲୋଚନ ନାଏକ, ଭି ସତବାବୁ, ପାପାରାଓ, କେ.ରାମବାବୁ, ସଙ୍କ୍ରାନ୍ତି ରେଡ୍ଡୀ, ଦଶରଥ ଭୋଇ, ନରେନ୍ଦ୍ର ପ୍ରଧାନ, ସୁବାଷ ବିଶ୍ୱାଳ, ଭୁବନ ପ୍ରଧାନ, ସୁବ୍ରତ ପ୍ରଧନା, ଭୋଜରାଜ ସାହୁ ପ୍ରମୁଖ ଉପସ୍ଥିତ ରହି ସରକାରୀ ଅବ୍ୟବସ୍ଥା ଉପରେ ବର୍ଷିଥିଲେ।



# ଝାରବନ୍ଧ ବ୍ଲକରେ ଖୋଲିଲା ଧାନମଣ୍ଡି

## ● ଧାନ ବିକିବେ ୧୧୨୬୦ ଜଣ ଚାଷୀ

ଝାରବନ୍ଧ, ୨୮।୧୧(ସମିସ): ଚଳିତ ଖରିଫ ଧାନ ଫସଲ ବିକ୍ରୟ ପାଇଁ ଝାରବନ୍ଧ ବ୍ଲକରେ ଶୁକ୍ରବାର ୧୪ଟି ଧାନମଣ୍ଡିର ଶୁଭାରମ୍ଭ ହୋଇଛି। ଲୌଡିଦର୍ହା ପାକ୍ସ ଅଧୀନରେ ମୋଟ ୩୩୯୦ ଜଣ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜୀକରଣ କରିଥିବା ବେଳେ କୁମୀର, ଜଗଦଳପୁର ଏବଂ ଲୌଡିଦର୍ହାରେ ଧାନମଣ୍ଡି ଖୋଲାଯାଇଛି। ଡଭା ପାକ୍ସ ଅଧୀନରେ ମୋଟ ୪୧୭୪ ଜଣ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜୀକରଣ କରିଥିବା ବେଳେ ଡଭା, କନ୍ଧାଡ଼ଙ୍ଗର, ଛୋଟଅନକି, କୁରଲୁପାଲି, ଭଣ୍ଡାରପୁରୀ, ବିଳାସପୁର ଠାରେ ଧାନ ମଣ୍ଡି ଖୋଲାଯାଇଛି। ଝାରବନ୍ଧ ପାକ୍ସ ଅଧୀନରେ ମୋଟ ୩୬୯୬ ଜଣ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜୀକରଣ କରିଥିବା ବେଳେ ଝାରବନ୍ଧ, ଅମଠି, ଭଇସାଦର୍ହା, ଚଣ୍ଡୀଭଟା, ଗୋଠୁଗୁଡା ଠାରେ ଧାନମଣ୍ଡି ଖୋଲା ଯାଇଛି। ଝାରବନ୍ଧ ବ୍ଲକରେ ସର୍ବ ମୋଟ ୧୧୨୬୦ ଜଣ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜୀକରଣ କରିଥିବା ବେଳେ ଆଶାନୁରୂପ ଭାବେ ଟୋକନ ଆସି ନ ଥିବା ଚାଷୀ ମହଲରେ ଚର୍ଚ୍ଚା ହେଉଛି।



# ରାଜବୋଡ଼ାସମ୍ବର ଧନୁଯାତ୍ରା କଳାକାର ବରଣ ଓ ଶୁଭସ୍ତମ୍ଭ ସ୍ଥାପନ

ପାଇକମାଳ, ୨୮।୧୧(ସମିସ): ପଦ୍ମପୁର ଉପଖଣ୍ଡ ପାଇକମାଲ ବ୍ଲକ ଗୋଇବାହାଲୀ ଠାରେ ଅନୁଷ୍ଠିତ ହେଉଥିବା ଅଷ୍ଟମ ରାଜବୋଡାସମ୍ବର ଧନୁଯାତ୍ରା ମହୋତ୍ସବ ପାଇଁ ଶୁଭସ୍ତମ୍ଭ ସ୍ଥାପନ ହୋଇଛି। ଫେବୃଆରୀ ୧ରୁ ୭ ତାରିଖ ପର୍ଯ୍ୟନ୍ତ ଧନୁଯାତ୍ରା ଅନୁଷ୍ଠିତ ହେବ। ସେଥିପାଇଁ ଆଜି ଶୁଭସ୍ତମ୍ଭ ସ୍ଥାପନ ସହ କଂସ କଳାକାର ବରଣ କରାଯାଇଥିଲା। ଚଳିତ ବର୍ଷ କଂସ ରୂପେ ବରିଷ୍ଠ କଳାକାର ରବୀନ୍ଦ୍ର ସାହୁଙ୍କୁ ବରଣ କରାଯାଇଥିଲା। ଶୁଭସ୍ତମ୍ଭ ପୂଜାର୍ଚ୍ଚନାରେ କର୍ତ୍ତା ଭାବେ ଫୁଲବେଣୀ ସାହା ଓ ମୀନକେତନ ସାହା ଦାୟିତ୍ୱ ନିର୍ବାହ କରିଥିଲେ।



ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ସଭାପତି ଭୋଜରାଜ ସିଂ ବରିହା ଉପସଭାପତି ହରିଚରଣ ସାହୁ, ବିଜୟ ସାହୁ ବିଦ୍ୟାବନ୍ତ ବେହେରା, ଡିଲେଶ୍ୱର ସାହୁ, ପିତାମ୍ବର ସାହୁ, ମହେନ୍ଦ୍ର ସାହୁ, ଭୋଜରାଜ ବିଶି, ନୀଳାମ୍ବର ତାଣ୍ଡି, ନରେନ୍ଦ୍ର ସାହୁ ମହେନ୍ଦ୍ର ସିଂ ବରିହା, ରମେଶ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

# ପୁସ୍ତକ ସୃଜନଶୀଳତା ବଢ଼ାଏ

ବରଗଡ଼, ୨୮।୧୧(ସମିସ): ପୁସ୍ତକ ଜ୍ଞାନର ଗନ୍ତାଘର। ପୁସ୍ତକ ଭଳି ବନ୍ଧୁ ବିରଳ। ପୁସ୍ତକ ମଣିଷ ଜୀବନର ଗତିପଥ ବଦଳାଇ ଦିଏ। ପୁସ୍ତକ ମନସ୍କ ବ୍ୟକ୍ତି ଅଧିକ ସୃଜନଶୀଳ। ତେଣୁ ଛାତ୍ରଛାତ୍ରୀ ପୁସ୍ତକ ପଠନ ପ୍ରତି ଧ୍ୟାନ ଦେବାକୁ ବିରମାଲ ହାଇସ୍କୁଲରେ ଆୟୋଜିତ ୧୯୭ତମ 'ପିଲାଙ୍କ ପାଖରେ ପାଠାଗାର କାର୍ଯ୍ୟକ୍ରମ'ରେ ମତ ପ୍ରକାଶ ପାଇଛି। ସଭାପତି ମନୋରଞ୍ଜନ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୂର୍ଯ୍ୟ ପଣ୍ଡା, ମୁଖ୍ୟବକ୍ତା ଭାବେ ସରସରା ମହାବିଦ୍ୟାଳୟର ଅଧ୍ୟକ୍ଷ ଗୋପାଳକୃଷ୍ଣ ମିଶ୍ର, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଦିବ୍ୟ କାନ୍ତି ଭୋଇ, ମୀନା ପଣ୍ଡା ଓ ଲବଙ୍ଗ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଆୟୋଜିତ ପୁସ୍ତକ ପ୍ରଦର୍ଶନୀରୁ ପୁସ୍ତକ ଚୟନ କରି ଓ ସେ ପୁସ୍ତକ ସମ୍ପର୍କରେ ଛାତ୍ରଛାତ୍ରୀ ବକ୍ତବ୍ୟ ରଖିଥିଲେ। ସେମାନଙ୍କ ମଧ୍ୟରୁ ରେଣୁକା ସାହୁ, ସଙ୍ଗୀତା ସାହୁ ଓ ଆକାଂକ୍ଷା ମହାପାତ୍ର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରି ପୁସ୍ତକ ଓ ପ୍ରମାଣପତ୍ର ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ସଫଳତାରେ ଶିକ୍ଷକ ବିମଳ ନାୟକ, ଟିକେଶ୍ୱର ବାଗ୍, ରୋଶନ ମହାନନ୍ଦ, ପ୍ରତ୍ୟୁଷ ଗୁରୁ ପ୍ରମୁଖ ସହଯୋଗ କରିଥିଲେ। ଆବାହକ ଡ.ରବିନାରାୟଣ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶିକ୍ଷକ ପ୍ରଶାନ୍ତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।




## 'ଶିଶୁଶ୍ରୀ'ର ୧୯୭ତମ ପାଠାଗାର

# ଗନ୍ଧମାର୍ଦ୍ଦନକୁ କୃଷି ପରମ୍ପରା ଐତିହ୍ୟସ୍ଥଳୀ ଘୋଷଣା ଆଲୋଚନାଚକ୍ର

ପାଇକମାଳ, ୨୮।୧୧(ସମିସ): ଅହିଂସା କ୍ଲବ୍ ଓ ୱାସନ ତରଫରୁ ନୃସିଂହନାଥ ଯାତ୍ରୀନିବାସ ଠାରେ ବହୁ ପକ୍ଷ ମିଳିତ ହିତାଧିକାରୀ ସଭ୍ୟ ଓ ସଭ୍ୟାମାନଙ୍କୁ ନେଇ ଆଲୋଚାଚକ୍ର ଅନୁଷ୍ଠିତ ହୋଇଛି। ବୈଠକରେ ଗନ୍ଧମାର୍ଦନ ଅଞ୍ଚଳକୁ ବିଶ୍ୱ ଗୁରୁତ୍ୱପୂର୍ଣ୍ଣ କୃଷି ପରମ୍ପରା ଐତିହ୍ୟସ୍ଥଳୀ ଘୋଷଣା କରାଯିବା ପାଇଁ ତଥ୍ୟ ସଂଗ୍ରହ କରିବା ଉଦ୍ଦେଶ୍ୟରେ ଆଲୋଚନା ହୋଇଥିଲା। ପାଇକମାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଫୁଲ୍ଲ ଉଦୁ, ପାଇକମାଳ ବ୍ଲକ ଚେୟାରମ୍ୟାନ ଭାବନା ସିଂ, ଜିଲ୍ଲା ପରିଷଦ ସଭ୍ୟ ସୁରେନ୍ଦ୍ର ସିଂ ବରିହା, ପାଇକମାଳ ସରପଞ୍ଚ ସଭ୍ୟା ତୁଳାବତି ତାଣ୍ଡି, ଟେମିରି ପଞ୍ଚାୟତ ସରପଞ୍ଚ ସଭ୍ୟ ଦିଲ୍ଲୀପ ବେହେରା, ଗନ୍ଧମାର୍ଦ୍ଦନ ସୁରକ୍ଷା କମିଟି ପାଇକମାଳ ଓ ଖପ୍ରୋଖୋଲ ବ୍ଲକର ସଭ୍ୟ ତଥା ପାଇକମାଳ ବ୍ଲକ ଗ୍ରାମାଞ୍ଚଳରୁ ଆସିଥିବା ସଭ୍ୟ ମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅହିଂସା କ୍ଲବ୍ ସମ୍ପାଦକ ଶିବପ୍ରସାଦ ସାହୁ ଓ ୱାଶନର ପ୍ରୋଗ୍ରାମ ଅଫିସର ଆଦିତ୍ୟ ପ୍ରତାପ ସିଂ ଦେଓ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ଅହିଂସା କ୍ଲବ୍‌ର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ମହିଳା ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ପଦ୍ମପୁର, ୨୮।୧୧(ସମିସ): ମହିଳା ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ବାର୍ଷିକ କ୍ରୀଡା ଉତ୍ସବ ୨୦୨୫-୨୬କୁ ରାଜବୋରାସମ୍ବର ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ପଦ୍ମପୁର ବିଧାୟିକା ବର୍ଷାରାଣୀ ସିଂ ବରିହା ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟିତ କରିଥିଲେ। ମହାବିଦ୍ୟାଳୟର ଛାତ୍ରୀ, ଅଧ୍ୟକ୍ଷା, ଅଧ୍ୟାପିକା, ଅଧ୍ୟାପିକା ଓ କର୍ମଚାରୀମାନଙ୍କ ଦ୍ୱାରା ପଦ୍ମପୁର କାଳୀ ମନ୍ଦିରରୁ ବାହାରିଥିବା ମଶାଲ ଶୋଭାଯାତ୍ରା ପଡ଼ିଆରେ ପହଞ୍ଚି ପରିକ୍ରମା କରିଥିଲା। ଏହାପରେ ଅଧ୍ୟକ୍ଷା କଳ୍ପନାରାଣୀ ନାଥ ବାର୍ଷିକ କ୍ରୀଡାର ଶୁଭାରମ୍ଭ କରିଥିଲେ। ଆଜି ସୌଖୀନ ପୋଷାକ ପ୍ରତିଯୋଗିତା ଏବଂ ବିଭିନ୍ନ ନୃତ୍ୟ ଗୀତ ସହ ବାର୍ଷିକ କ୍ରୀଡା ଉଦ୍‌ଯାପିତ ହୋଇଥିଲା। ସାମାଜିକ କର୍ମୀ ପଙ୍କଜିନୀ ପ୍ରଧାନ ଉଭୟ ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇଥିଲେ। ଅଧ୍ୟକ୍ଷାଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ଉତ୍ସବକୁ ସଙ୍ଗୀତା ଗୌନ୍ତିଆ ପରିଚାଳନା କରିଥିଲେ। ଶେଷରେ କ୍ରୀଡା ସମ୍ପାଦକ ଅନିଲ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ ଯୁବ ରେଡ୍‌କ୍ରସ୍ ତାଲିମ ଶିବିର ଉଦ୍‌ଘାଟିତ

ପଦ୍ମପୁର, ୨୮।୧୧(ସମିସ): ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟରେ ପ୍ରଫେସର ଖଗେଶ୍ୱର ଦାଶଙ୍କ ପୌରୋହିତ୍ୟରେ ତ୍ରିଦିବସୀୟ ଜିଲ୍ଲା ସ୍ତରୀୟ ଯୁବ ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀଙ୍କ ଅଧ୍ୟୟନ ତଥା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ପଦ୍ମପୁର ବନଖଣ୍ଡ ଅଧିକାରୀ ବିଭୂତି ଭୂଷଣ ବେହେରା ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ୍ ସଂଯୋଜକ ଅଧ୍ୟାପକ ପ୍ରମୋଦ ପାଣିଗ୍ରାହୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ବରଗଡ଼ ଜିଲ୍ଲା ଯୁବ ରେଡ୍‌କ୍ରସ୍‌ର ଜିଲ୍ଲା ସଂଯୋଜକ ପରମାନନ୍ଦ ରଥ ଶିବିରରେ ହେବାକୁ ଥିବା ବିଭିନ୍ନ ପ୍ରତିଯୋଗିତା, ସଚେତନତା ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଶିକ୍ଷାଦାନ ସମ୍ପର୍କରେ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାର ଜିଲ୍ଲା ସମ୍ପାଦକ ଉମାକାନ୍ତ ନାଗ ଯୋଗ ଦେଇଥିଲେ। ଓଡ଼ିଆ ବିଭାଗର ମୁଖ୍ୟ ଡ.ସରୋଜ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସଂଯୋଜିକା ଡ.ସସ୍ମିତା ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ଚଣ୍ଡୀ ମନ୍ଦିର ରତ୍ନମୁଦ ଉତ୍ସବ ଓ ରକ୍ତଦାନ ଶିବିର

ବରଗଡ଼, ୨୮।୧୧(ସମିସ): ବରଗଡ଼ ଉପକଣ୍ଠ ଚଣ୍ଡୀପାଲି (ଦେଓଗାଁ) ଠାରେ ଅବସ୍ଥିତ ଅଞ୍ଚଳର ସର୍ବପୁରାତନ ମାଁ ଚଣ୍ଡୀ ମନ୍ଦିରର ନୂତନ ମନ୍ଦିରର ରତ୍ନମୁଦ ଉତ୍ସବ ଆସନ୍ତା ୩୦ ତାରିଖ ଅନୁଷ୍ଠିତ ହେବ। ଏହି ଅବସରରେ ରାମାୟଣ ପାରାୟଣ ସହିତ ମନ୍ଦିର କମିଟି ଓ ନିଷ୍ଠା ପରିବାର ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ଭକ୍ତ ମାନଙ୍କ ପାଇଁ ପ୍ରତ୍ୟହ ପ୍ରସାଦର ବ୍ୟବସ୍ଥା କରାଯାଇଥିବା ମନ୍ଦିର କମିଟି ସୂତ୍ରରୁ ପ୍ରକାଶ। ୨୯ ତାରିଖ ଦେଓଗାଁ ଅଷ୍ଟଶମ୍ଭୁ ପୀଠ ବୈଦ୍ୟନାଥଙ୍କ ମନ୍ଦିରରେ ଜଳାଭିଷେକ ଓ ପୁଷ୍କରିଣୀର ଜଳରେ କଳସ ଯାତ୍ରା ଏହା ସହିତ ବ୍ୟଙ୍ଗ କବି ସମ୍ମିଳନୀ ଓ ଚିନ୍ମୟୀ ଅପେରା ଭକ୍ତ ମାନଙ୍କ ମନୋରଞ୍ଜନ ପାଇଁ ଅନୁଷ୍ଠିତ ହେବ ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ରହିଛି।

# ଜନାର୍ଦ୍ଦନ ଦାସ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

## ଗ୍ରୁପ୍ ଏ ସେମିରେ ଇଚ୍ଛାପୁର ଓ ବୁରୋମୁଣ୍ଡା ଆଥଲେଟିକ ଆସୋସିଏସନ

ମେଲଛାମୁଣ୍ଡା, ୨୮।୧୧(ସମିସ)

ବିଶିଷ୍ଟ ଫୁଟବଲ ଖେଳାଳି ସ୍ୱର୍ଗତ ଜନାର୍ଦ୍ଦନ ଦାସଙ୍କ ସ୍ମୃତିରେ ବରଗଡ଼ ଜିଲ୍ଲା ଘେଁସ ହାଇସ୍କୁଲ ପଡ଼ିଆ ଠାରେ ତ୍ରିଦିବସୀୟ ଜନାର୍ଦ୍ଦନ ଦାସ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଲାଲ ଯୋଗେନ୍ଦ୍ରନାଥ ସିଂ ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଦିବସରେ ଘେଁସ ସରପଞ୍ଚ ଗୋକୁଳଚନ୍ଦ୍ର ଦାସ, ଗୋକୁଳଚନ୍ଦ୍ର ଦାସ, ସାମ୍ବାଦିକ ଜଗବନ୍ଧୁ ସାହୁ, ସଂଯୁକ୍ତ କୃଷକ ସଙ୍ଗଠନର ଚାଷୀନେତା ପ୍ରେମରାଜ ସାହୁ, କୁଞ୍ଜବିହାରୀ ପ୍ରଧାନ, ସହିଦ ମାଧୋ ସିଂ ଆଞ୍ଚଳିକ କୃଷକ ସଙ୍ଗଠନର ସଂଯୋଜକ ପ୍ରଭାତ ସାହୁ, ମଧୁପୁର ହାଇସ୍କୁଲ ଖେଳଶିକ୍ଷକ ମିନିକେତନ ପାଣିଗ୍ରାହୀ, ଘେଁସ ହାଇସ୍କୁଲ ଖେଳଶିକ୍ଷକ ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଅତିଥି ଭାବେ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନ କରିଥିଲେ। ସ୍ୱର୍ଗତ ଜନାର୍ଦ୍ଦନ ଦାସଙ୍କ ଭାଇ ଜଗଦାନନ୍ଦ ଦାସ, ଅନନ୍ତ ଦାସ, କେଶବ ଦାସ ଓ ଦାସ ପରିବାରବର୍ଗ ଉପସ୍ଥିତ ଥିଲେ। ପ୍ରଥମ ମ୍ୟାଚ୍ ବୁରୋମୁଣ୍ଡା ଆଥଲେଟିକ ଆସୋସିଏସନ ଓ ବରଭଟା ଫୁଟବଲ ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟ୍ରାଇବ୍ରେକର ଜରିଆରେ ୫-୪ ଗୋଲରେ ବୁରୋମୁଣ୍ଡା ଦଳ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ଗର୍ଭଣା ଶରତ ଏକାଦଶ ଓ ଇଚ୍ଛାପୁର ଆଥଲେଟିକ ଆସୋସିଏସନ ମଧ୍ୟରେ ହୋଇଥିଲା। ଟ୍ରାଇବ୍ରେକର ସହାୟତାରେ ୪-୧ ଗୋଲରେ ଇଚ୍ଛାପୁର ଦଳ ବିଜୟୀ ହୋଇଥିଲା। ଗ୍ରୁପ୍ ଏ'ରୁ ବୁରୋମୁଣ୍ଡା ଏ.ଏ. ଓ ଇଚ୍ଛାପୁର ଏ.ଏ. ଦଳ ସେମିଫାଇନାଲକୁ ପ୍ରବେଶ କରିଛନ୍ତି। ଆଜିର ମ୍ୟାଚ୍ ଗୁଡିକୁ ରେଫରୀ ସନ୍ତୋଷ ପଟେଲ, ଚୌବର୍ଗ ପ୍ରଧାନ, ମଣ୍ଟୁ ବାଗ ପରିଚାଳନା କରିଥିବା ବେଳେ ଚତୁର୍ଥ ରେଫରୀ ଭାବେ ଅନୀଲ ସାହୁ ଦାୟିତ୍ୱ ତୁଲାଇଥିଲେ। ସୁଜିତ ସାହୁ, ନିରଞ୍ଜନ ଖର୍ସେଲ, ରାମ ପାଣ୍ଡେ, ଘନ ଗିଙ୍ଗିରା ଓ ଅନ୍ୟମାନେ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଶନିବାର ପ୍ରଥମ ମ୍ୟାଚ୍ ଲେଣ୍ଡା ଆଥଲେଟିକ ଆସୋସିଏସନ ସହିତ ସରଧାପାଲି ଆଥଲେଟିକ ଆସୋସିଏସନ ଏବଂ ଦ୍ୱିତୀୟ ମ୍ୟାଚ୍ ଘେଁସ (ଲାଲଯୋଗେନ୍ଦ୍ରନାଥ ସିଂ ଆଥଲେଟିକ ଆସୋସିଏସନ) ସହିତ ଏମ୍.ଗଣ୍ଡପାଲି ଫୁଟବଲ ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହେବ।



# ଧର୍ମପରାୟଣା ମହିଳାଙ୍କ ପରଲୋକ

ମେଲଛାମୁଣ୍ଡା, ୨୮।୧୧(ସମିସ): ବରଗଡ଼ ଜିଲ୍ଲା ଘେଁସ ନିକଟସ୍ଥ ତିଲେଇମାଲ ଗାଁର ଧର୍ମପରାୟଣା ମହିଳା କମଳା ବଗର୍ତ୍ତୀ (୭୫)ଙ୍କ ଗୁରୁବାର ପରଲୋକ ହୋଇଛି। ଦୀର୍ଘଦିନରୁ ମସ୍ତିଷ୍କରୋଗରେ ପୀଡିତ ହୋଇ ଚିକିତ୍ସାଧିନ ଥିଲେ। ତାଙ୍କ ଶେଷକୃତ୍ୟ ସମୟରେ ସ୍ୱାମୀ କ୍ଷୀରେଶ୍ୱର ବଗର୍ତ୍ତୀ, ତିନିପୁଅ ରିପୁ ବଗର୍ତ୍ତୀ, ତ୍ରିଲୋଚନ ବଗର୍ତ୍ତୀ, ପଣ୍ଡିତ ବଗର୍ତ୍ତୀ ଓ ଦୁଇଝିଅ ଆହ୍ଲାଦିନୀ, ଦ୍ରୌପଦୀଙ୍କ ସମେତ ବନ୍ଧୁବାନ୍ଧବ, ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ବଡ଼ପୁଅ ରିପୁ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



# ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା



ଅମ୍ବାଭୋନା, ୨୮।୧୧(ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଭୁକ୍ତା ସ୍ଥିତ ମହାତ୍ମା ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦୁଇ ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିନରେ ଅଧ୍ୟକ୍ଷ ଧ୍ରୁବ ଚରଣ ସା ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଖେଳ ଶିକ୍ଷକ ଶୁଭେନ୍ଦୁ ପ୍ରକାଶ ସାହୁଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ହୋଇଥିଲା। ଅଧ୍ୟକ୍ଷ ଶ୍ରୀ ସାଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ପର୍ବ ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା ବିଭାଗର ଉପସଭାପତି ସୁରଜ ପଟେଲ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ଜଗଦିଶ ନାୟକ ମଞ୍ଚ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ବାଳକ ବିଭାଗରୁ ଶ୍ରେଷ୍ଠ ପ୍ରତିଯୋଗୀ ଭାବେ ମୁକେଶ ଭେସେରା ଏବଂ ବାଳିକା ବିଭାଗରୁ ଲଳିତା ମାଝୀଙ୍କୁ ଶ୍ରେଷ୍ଠ ପ୍ରତିଯୋଗୀ ଭାବେ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ କିଷାନ ଅଗ୍ରୱାଲ, ଜୟନ୍ତ ବାରିକ, ପ୍ରଶାନ୍ତ ସାହୁ, ଚିନ୍ମୟ ପ୍ରଧାନ, ଫକୀର ପଟେଲ, ଭରତ ବିଶି, ଅଧ୍ୟାପିକା ଦମୟନ୍ତୀ ହୋତା, ସୁଧାରାନୀ ବେହେରା, ଅନୁପମା ପ୍ରଧାନ, ତାରାକାନ୍ତି ସାହୁ, ଲିପିକା ସାହୁ, ସୁଜାତା ସା, ସୁନ୍ଦର ସାଏ ପଟେଲ, କୈଳାଶ ସେଟ, ସୁରେନ୍ଦ୍ର ସା, ସୌରଭ ସହରା, ଜଗନ୍ନାଥ ସହରା ପ୍ରମୁଖ ପ୍ରତିଯୋଗିତାରେ ସହଯୋଗ କରିଥିଲେ।

# ଗୋ-ଚାଲାଣରେ ପୁଲିସ ଲିଙ୍କ୍; ଅଭିଯୁକ୍ତ କନେଷ୍ଟବଳ ଗିରଫ

ତେଲକୋଇ, ୨୮।୧୧(ସମିସ): ବେଆଇନ ଗୋ ଚାଲାଣ କାରବାରରେ ପୁଲିସର ଭୂମିକାକୁ ନେଇ ବାରମ୍ବାର ଅଭିଯୋଗ ହେଉଥିବା ବେଳେ ଆଜି ଏହାର ପର୍ଦ୍ଦାଫାସ ହୋଇଛି। ଏହି ଘଟଣାରେ ଜଣେ କାର୍ଯ୍ୟରତ ପୁଲିସ କନେଷ୍ଟବଳ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ଜଣାପଡିଛି। ଅଭିଯୁକ୍ତ ପୁଲିସ କନେଷ୍ଟବଳ ହେଉଛନ୍ତି କେନ୍ଦୁଝର ସଦର ଥାନା ଅଧୀନ ଗୌରହରି ପାତ୍ର (୪୧)। ଅଭିଯୁକ୍ତ ଗୌରହରି ଦୀର୍ଘଦିନ ହେବ ତେଲକୋଇ ଥାନାରେ କନେଷ୍ଟବଳ ଭାବେ ନିୟୋଜିତ ହୋଇଥିଲେ। ସେ ବେଆଇନ ଗୋ ଚାଲାଣ କାରବାରରେ ଗୋ ମାଫିଆଙ୍କୁ ସହଯୋଗ କରୁଥିବା ପୁଲିସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେଲକୋଇ ଥାନା ପକ୍ଷରୁ କେସ୍ ନମ୍ବର ୩୨୨/୨୫ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ ଆଉ କିଏ କିଏ ସଂପୃକ୍ତ ତାହା ଏବେ ସନ୍ଦେହ ଘେରରେ ରହିଛି। ବଡ଼ ମୁଣ୍ଡଙ୍କୁ ଛାଡ଼ି ବିଭାଗ ତଳ ତଳିଆ ମୁଣ୍ଡରେ ପାହାର ଦେଇଥିବା କୁହାଯାଉଛି। ସୂଚନା ମୁତାବକ, ଗତ ୨୪ ତାରିଖ ବିଳମ୍ବିତ ରାତିରେ କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟରୁ ଏକ ସ୍ୱତନ୍ତ୍ର ସ୍କ୍ୱାଡ ପାଟ୍ରୋଲିଂରେ ଆସି ତେଲକୋଇ ପିଟାନାଳି ନିକଟରେ ତିନୋଟି ଗୋ ବୋଝେଇ ଗାଡ଼ିକୁ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଗିରଫ ଅଭିଯୁକ୍ତଙ୍କୁ ପୁଲିସ ଜେରା କରିବାରୁ ବେଆଇନ ଗୋ ଚାଲାଣ କାରବାରରେ ତେଲକୋଇ ପୁଲିସର ଲିଙ୍କ ଥିବା ଜଣାପଡିଥିଲା। ଗୋ ମାଫିଆଙ୍କୁ ସୁରକ୍ଷା ଦେବା ପାଇଁ ତେଲକୋଇ ପୁଲିସ ମୋଟା ଅଙ୍କର ମୁନାଫା କମାଉଥିବା ଅଭିଯୋଗ ହେଉଛି। ଜଣେ ପୁଲିସ କନେଷ୍ଟବଳ କାହା ସାହସରେ ଗୋ ମାଫିଆଙ୍କୁ ସୁରକ୍ଷା ଦେଇ ଆସୁଥିଲେ ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଗତ ବର୍ଷରେ ତେଲକୋଇ ପୁଲିସ ଜବତ ଗୋରୁକୁ କେତେକ ଦଲାଲଙ୍କୁ ବିକ୍ରି କରି ଚର୍ଚ୍ଚାରେ ରହିଥିଲା। ଏବେ ପୁଣି ଗୋ ଦଲାଲ ସାଙ୍ଗରେ ହାତ ମିଳାଇ ବେଆଇନ କାରବାରରେ ସକ୍ରିୟ ଥିବା ଜଣାପଡିଛି। ଯାହାକୁ ନେଇ ପୁଲିସ ଉପରୁ ଲୋକଙ୍କ ଭରସା ତୁଟି ତୁଟି ଯାଉଥିବା ତେଲକୋଇ ଅଞ୍ଚଳରେ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି।

## ଆନନ୍ଦପୁର ବନ୍ୟପ୍ରାଣୀ ଡିଭିଜନ୍

# ୧୩୦ଟି ଟ୍ରାପ୍ କ୍ୟାମେରାରେ ବାଘ ଗଣନା



ଆନନ୍ଦପୁର, ୨୮।୧୧(ସମିସ): ଆନନ୍ଦପୁର ବନ୍ୟପ୍ରାଣୀ ଡିଭିଜନ୍‌ରେ ବାଘ ଗଣନା ଚାଲିଥିବା ବେଳେ ବିଭିନ୍ନ ସ୍ଥାନରେ ୧୩୦ଟି ଟ୍ରାପ୍ କ୍ୟାମେରା ମାଧ୍ୟମରେ ବାଘ ଗତିବିଧିକୁ ନିରୀକ୍ଷଣ କରାଯାଉଛି। ଆନନ୍ଦପୁର, ହଦଗଡ଼, ଦେଓଗାଁ, ବ୍ରାହ୍ମଣୀପାଳ ରେଞ୍ଜରେ ସମସ୍ତ ଅଧିକାରୀ ଓ କର୍ମଚାରୀ ଏଥିରେ ନିୟୋଜିତ ରହିଥିବା ଡିଏଫ୍ଓ ପ୍ରଶାନ୍ତ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଚାରିଟି ରେଞ୍ଜର ବିଭିନ୍ନ ସ୍ଥାନରେ ୧୩୦ଟି ଟ୍ରାପ୍ କ୍ୟାମେରା ଲଗାଯାଇଛି। ବାଘ ଗଣନା ଛଅଦିନ ଧରି ଚାଲିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, କିଛିଦିନ ହେବ ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡର

### ମଣ୍ଡପଡ଼ାରେ ପାଦଚିହ୍ନ ଠାବ

ଏକାଧିକ ସ୍ଥାନରେ ମହାବଳ ବାଘର ଉପସ୍ଥିତି ସମ୍ପର୍କରେ ସୂଚନା ମିଳିଥିଲା। ଗତ ୨ତାରିଖରୁ ଆନନ୍ଦପୁର ରେଞ୍ଜ ସିଂହନାଳୀ, ବାଙ୍ଗିଡ଼ି, ହଦଗଡ଼ ରେଞ୍ଜ ବରକୁଟି ପାହାଡ଼ ଏବଂ ଦେଓଗାଁ ରେଞ୍ଜ ଝିଙ୍କିପିଟା ଅଞ୍ଚଳରେ ବାଘ ପାଦଚିହ୍ନ ଠାବ ହୋଇଥିଲା। ଗତ ୨୨ତାରିଖ ରାତିରେ ଆନନ୍ଦପୁର ରେଞ୍ଜ ବୁଢ଼ୀକୁଦ ପଞ୍ଚାୟତ ମଣ୍ଡପଡ଼ା ଗ୍ରାମରେ ମଇଁଷି ପଲରୁ ମଇଁଷି ଛୁଆକୁ ବାଘ ଟାଣିନେଇ ଶିକାର କରିଥିଲା। ସକାଳେ ପଲରେ ଏକ ମଇଁଷି ଛୁଆ ନଥିବା ଦେଖିବାକୁ ମିଳିଥିଲା। ଆନନ୍ଦପୁର ରେଞ୍ଜର ନବକିଶୋର ନାଏକ ଓ ଫରେଷ୍ଟ ସ୍କ୍ୱାଡ୍ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଥିଲେ। ଗାଁଠାରୁ କିଛି ଦୂରରୁ ମଇଁଷି ଶରୀରର ବିଭିନ୍ନ ଅଂଶ ଉଦ୍ଧାର କରିବା ପରେ ବାଘ ପାଦଚିହ୍ନ ମଧ୍ୟ ମିଳିଥିଲା। ଏହା ଗୋଟିଏ ମହାବଳ ବାଘ ବୋଲି ଡିଏଫ୍ଓ ଶ୍ରୀ ପଣ୍ଡା କହିଛନ୍ତି। ମହାବଳଟି ଅଟେଇ ଜଙ୍ଗଲରୁ ସନ୍ତୋଷପୁର ମଧ୍ୟରେ ଚଳପ୍ରଚଳ କରୁଛି। ବିଭିନ୍ନ ସ୍ଥାନରେ ବାଘର ପାଦଚିହ୍ନ ଠାବ ହୋଇଛି। ବାଘଟି ଶିକାର କରିବା ପରେ ମୟୂରଭଞ୍ଜ ଜିଲ୍ଲା ସାତକୋଶିଆ ରେଞ୍ଜକୁ ପଳାଇଥିବା କୁହାଯାଉଛି।

# ଓଡ଼ିଶା କ୍ୟାନସର ହେଲ୍ପଲାଇନ ପକ୍ଷରୁ କମ୍ବଳ ବଣ୍ଟନ

ଆନନ୍ଦପୁର,୨୮।୧୧ (ସମିସ): ଓଡ଼ିଶା କ୍ୟାନସର ହେଲ୍ପଲାଇନ ୱିଙ୍ଗସ ପକ୍ଷରୁ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ରୋଗୀଙ୍କ ମଧ୍ୟରୁ ପର୍ଯ୍ୟାୟକ୍ରମେ ୨୧୦ ଜଣ ରୋଗୀଙ୍କୁ ଶୀତବସ୍ତ୍ର କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଓଡ଼ିଶା କ୍ୟାନସର ହେଲ୍ପଲାଇନ ୱିଙ୍ଗସର ସଭାପତି ଶଙ୍କର୍ଷଣ ଜେନାଙ୍କ ନେତୃତ୍ୱରେ ଅନ୍ୟ କର୍ମକର୍ତ୍ତା ଅମର କୁମାର ପାତ୍ର ପ୍ରଦୀପ କୁମାର ପଣ୍ଡା ସତ୍ୟବ୍ରତ ସାହୁ, ରଶ୍ମିରେଖା ପାତ୍ର, ଶ୍ରୀରାମଚନ୍ଦ୍ର ସାହୁ, ଅରବିନ୍ଦ ସାହୁ, ଚିତ୍ରସେନ ମହାନ୍ତି, ରାଜେନ୍ଦ୍ର କୁମାର ସାହୁ, ହରିଚନ୍ଦନପୁର ବିଇଓ ଚିନ୍ମୟ କୁମାର ରାଉତ, ଅବସରପ୍ରାପ୍ତ ବିଇଓ କମଳଲୋଚନ ବିଶ୍ୱାଳ, ବଂଶୀଧର ସାହୁଙ୍କ ସମେତ ଡାକ୍ତରଖାନାର ଡାକ୍ତରମାନେ ସହଯୋଗ କରିଥିଲେ। ପୂର୍ବରୁ ଆଚାର୍ଯ୍ୟ ହରିହର କର୍କଟ ଡାକ୍ତରଖାନାରେ ଫଳ ବଣ୍ଟନ ମଧ୍ୟ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରୁ ସହଯୋଗର କାମନା କରାଯାଇଛି।

# ପୋଖରୀରେ ବୁଡ଼ି ଜଣେ ମୃତ

ଡୁରୁମୁଙ୍ଗା, ୨୮।୧୧(ସମିସ): ଡୁରୁମୁଙ୍ଗା ଥାନା ଡେଣୁଆଁ ଗ୍ରାମର ପୋଖରୀରେ ବୁଡ଼ି ଜଣଙ୍କର ମୃତ୍ୟୁ ହୋଇଛି। ପୁଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତକ ହେଲେ ଦିବାକର ପାତ୍ର (୫୦)। ସେ ଶୁକ୍ରବାର ସକାଳୁ ଗାଁଠାରୁ ଦୂରରେ ଥିବା ଆକାଶିଆ ଜଙ୍ଗଲ ଭିତରେ ଥିବା ପୋଖରୀକୁ ଗାଧୋଇବାକୁ ଯାଇଥିବା ସମୟରେ ଅସାବଧାନତା ଯୋଗୁଁ ଗୋଡ଼ ଖସିଯିବାରୁ ପୋଖରୀରେ ବୁଡିଯାଇଥିଲେ। ଡୁରୁମୁଙ୍ଗା ଥାନା ଏଏସଆଇ ବିକେ ବେହେରା ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇଛନ୍ତି। ଏନେଇ ୩୫/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଶୌଚାଳୟ ଓ ବିଶୁଦ୍ଧ ପାନୀୟଜଳ ଗୃହ ଉଦଘାଟିତ



ତେଲକୋଇ, ୨୮।୧୧(ସମିସ): ତେଲକୋଇ ବ୍ଲକ ଅନ୍ତର୍ଗତ ସଲେଇକେନା ଗ୍ରାମପଞ୍ଚାୟତଠାରେ ଆଜି ବିଶ୍ୱ ଶୌଚାଳୟ ଦିବସ ଅବସରରେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିଶୁଦ୍ଧ ପାନୀୟଜଳ ଘର ଓ ସର୍ବସାଧାରଣ ଶୌଚାଳୟ ଉଦଘାଟନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବରେ ତେଲକୋଇ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପବନ କୁମାର, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ବିକ୍ରମ କୁମାର ନାୟକ, ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାଏକ, ସଲେଇକେନା ସରପଞ୍ଚ ପାଙ୍ଗେଲା ମୁଣ୍ଡା, ସଲେଇକେନା ସମିତିସଭ୍ୟ କବିତା ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ସ୍ଥାନୀୟ ଲୋକେ ଏହାର ସୁବିଧା କେମିତି ପାଇପାରିବେ ସେ ସମ୍ପର୍କରେ ପବନ୍ କୁମାର କହିଥିଲେ। ସଲେଇକେନା ସରପଞ୍ଚ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ୱାର୍ଡସଭ୍ୟମାନେ ସହଯୋଗ କରିଥିଲେ।

# ବରିଷ୍ଠ ନାଗରିକ ପରିଷଦ ବାର୍ଷିକ ସମ୍ମିଳନୀ

ଆନନ୍ଦପୁର,୨୮।୧୧ (ସମିସ): ଆନନ୍ଦପୁର ବରିଷ୍ଠ ନାଗରିକ ପରିଷଦର ବାର୍ଷିକ ସମ୍ମିଳନୀ ନିଜସ୍ୱ କାର୍ଯ୍ୟାଳୟଠାରେ ସଭାପତି ରମାକାନ୍ତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆନନ୍ଦପୁର ସବଡିଭିଜନରେ ପର୍ବପର୍ବାଣୀ ତଥା ବାହାଘରରେ ଡିଜେ ଦ୍ୱାରା ମାତ୍ରାଧିକ ଶବ୍ଦ ପ୍ରଦୂଷଣ ଦ୍ୱାରା ବହୁ ବ୍ୟକ୍ତି ହାର୍ଟ ଫେଲ ହେଇ ମୃତ୍ୟୁବରଣ କରିଥିବାରୁ ଉଦବେଗ ପ୍ରକାଶ ପାଇଥିଲା। ତତସହିତ ଆନନ୍ଦପୁର ଅଞ୍ଚଳରେ ବ୍ୟାପକ ଭାବେ ଧଳା ଜହର ସହିତ ମଦ କାରବାର ଚାଲି ଯୁବ ପିଢ଼ି ବିପଥଗାମୀ ହେଉଥିବାରୁ ସାଧାରଣରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେଉଛି। ଏଥିପାଇଁ ସରକାରୀ ପ୍ରଶାସନିକ କଳ ଦୃଷ୍ଟି ଦେବାକୁ ବୈଠକରେ ଦାବି ହେଇଥିଲା। ଆନନ୍ଦପୁର ବରିଷ୍ଠ ନାଗରିକ ପରିଷଦର ଆଗାମୀ ୩ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ସର୍ବସମ୍ମତିକ୍ରମେ ଚୟନ କରାଯାଇଛି। ଉପଦେଷ୍ଟା ମହେଶ୍ୱର ସାହୁ, ଅରୁଣ କୁମାର ମହାନ୍ତି, ରଘୁନାଥ ପଣ୍ଡିତ, କୀର୍ତ୍ତନ ବିହାରୀ ସାହୁ, ସଭାପତି ରମାକାନ୍ତ ନାୟକ, ଉପସଭାପତି



ସୁଦର୍ଶନ ବଳ ଓ କୀର୍ତ୍ତନ ସାହୁ, ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁ, ସଂପାଦକ ଦିଲୀପ କୁମାର ସିଂ ଓ ସବିତା ଦାସ, କୋଷାଧ୍ୟକ୍ଷ ନଗେନଚନ୍ଦ୍ର ଚାନ୍ଦ, ସଂଯୋଜକ ରାମଚନ୍ଦ୍ର ଜେନା, ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ରବିନ୍ଦ୍ର କୁମାର ଚାନ୍ଦ, କାର୍ଯ୍ୟକାରୀ କମିଟି ସଦସ୍ୟ ରୂପେ ସୁଶିଲ କୁମାର ହୋତା, ବିନୋଦ ବିହାରୀ ମିଶ୍ର, ପ୍ରଦୀପ କୁମାର ଦାସ, କୈଳାସ ନାହାଣ, ନିରାକାର ଦଲେଇ, କିଶୋର କୁମାର ମିଶ୍ର, ପିତାମ୍ବର ବିଶ୍ୱାଳ ଓ ସୁଶ୍ରୀ ସାବିତ୍ରୀ ଦାସ ପ୍ରମୁଖ ମନୋନୀତ ହୋଇଛନ୍ତି।

# ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ଯୋଡ଼ା, ୨୮।୧୧ (ସମିସ): କେନ୍ଦୁଝର ଜିଲ୍ଲା ଜାତୀୟ ରାଜପଥ ୫୨୦ରେ ବାସୁଦେବପୁର ମେଡିକାଲ ନିକଟରେ ସଡ଼କ ଦୁର୍ଘଟଣା ଘଟି ଏକ ଅଜଣା ଗାଡ଼ି ଚାପାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତକ ହେଲେ ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ୍ ବାଲମ ଗାଁର ଗଣେଶ ବାନିତୁଲ। ସେ ଯୋଡ଼ା ଅଞ୍ଚଳରେ ରହିଆସୁଥିଲେ। ଶୁକ୍ରବାର ମଧ୍ୟାହ୍ନ ସମୟରେ ସେ ଓଡି୨୮ ବି ୨୭୭୮ ନଂ ବାଇକ୍ ଯୋଗେ ରିମୁଳି ପଟକୁ ଯାଉଥିବା ସମୟରେ ଏକ ଅଜଣା ଗାଡ଼ି ତାଙ୍କୁ ଚାପିଦେଇ ପଳାଇଥିଲା। ଯାହାଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିବା ସହ ଦୁର୍ଘଟଣା ଘଟାଇଥିବା ଗାଡ଼ିର ସନ୍ଧାନ ଜାରି ରଖିଛି।

# ତିଗିରିଆରେ କୁରାଳ ପଞ୍ଚମୀ



ଆନନ୍ଦପୁର, ୨୮।୧୧ (ସମିସ): ଘସିପୁରା ବ୍ଲକ୍ ପୁରୁଣାବାନ୍ଧଗୋଡା ପଞ୍ଚାୟତ ତିଗିରିଆ ଗ୍ରାମରେ କୁମ୍ଭକାରଙ୍କର ମୁଖ୍ୟ ପର୍ବ କୁରାଳ ପଞ୍ଚମୀ ପାଳିତ ହୋଇଯାଇଛି। ମାର୍ଗଶୀର ମାସ ଶୁକ୍ଳ ପଞ୍ଚମୀରୁ ଆରମ୍ଭ ହୋଇଥିବା ବେଳେ କୁମ୍ଭକାର ସମ୍ପ୍ରଦାୟ ଲକ୍ଷ୍ମୀନାରାୟଣଙ୍କ ମୃଣ୍ମୟୀ ମୂର୍ତ୍ତି କରି ପୂଜାର୍ଚ୍ଚନା କରୁଛନ୍ତି। ପାଞ୍ଚଦିନ ଧରି ଏହି ପର୍ବକୁ ଧୁମଧାମରେ ପାଳନ କରିବା ସହ ହାଣ୍ଡି ଗଢା ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିଲା। ପଞ୍ଚମୀରେ ସାଦାଅନ୍ନ, ଷଷ୍ଠୀରେ ପିଠା ପଣା, ସପ୍ତମୀରେ ଦହି ପଖାଳ, ଅଷ୍ଟମୀରେ ଖେଚୁଡ଼ି, ନବମୀରେ ଚକୁଳି ପିଠା ଭୋଗ କରାଯାଇ ରୁଦ୍ରପାଳ ଓ ରତ୍ନେଶ୍ୱରୀଙ୍କ ବିସର୍ଜନ କରାଯାଇଥାଏ। ପ୍ରଥମ ଦୁଇ ସନ୍ଧ୍ୟାରେ ଗାୟକ ଲାସ୍ୟବିଭୁଷଣ ଚନ୍ଦ୍ରଶେଖର ପାଢୀଙ୍କ ଦ୍ୱାରା ପାଲା ପରିବେଷଣ ହୋଇଥିବା ବେଳେତୃତୀୟ ସନ୍ଧ୍ୟାରେ ଭଦ୍ରକ ବସନ୍ତିଆର ଓମ୍‌କାର ମ୍ୟୁଜିକ ତରଫରୁ ଭଜନ ସନ୍ଧ୍ୟା ଆୟୋଜନ କରାଯାଇଥିଲା। କୁରାଳ ସମାଜ ପକ୍ଷରୁ କୁନିକୁନି ପିଲାଙ୍କୁ ନେଇ ଗାଁ ପ୍ରତିଭା ପ୍ରତିଯୋଗିତାର କୃତୀ ପ୍ରତିଭାଙ୍କୁ ଅନୁଷ୍ଠାନ ତରଫରୁ ପୁରସ୍କାର ପ୍ରଦାନ କରାଯିବ। ପୂଜା ମଣ୍ଡପରେ ପୂଜକ ରବି ଦାଶଙ୍କ ବେଦମନ୍ତ୍ର ଉଚ୍ଚାରଣରେ ମୁଖ୍ୟକର୍ତ୍ତା ଭାବେ ରଞ୍ଜିତ ବେହେରା ପତ୍ନୀ ଯଶୋମତୀ ବେହେରା ଦାୟିତ୍ୱ ତୁଲାଉଛନ୍ତି। କୁରାଳ ସମାଜର ଗାଁ ସଭାପତି ଦୀପକ ବେହେରା, ସମ୍ପାଦକ ବନୋଜ ବେହେରା, କୋଷାଧ୍ୟକ୍ଷ ମନୋଜ ବେହେରାଙ୍କ ସହ ସମସ୍ତ ସଦସ୍ୟ ସହଯୋଗ କରୁଛନ୍ତି।

# ଶିଶୁ ମନ୍ଦିର ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

କେନ୍ଦୁଝର, ୨୮।୧୧(ସମିସ): ଜେଲ୍‌ରୋଡ୍‌ସ୍ଥ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୯ତମ ବାର୍ଷିକ କ୍ରୀଡା ଉତ୍ସବ ସ୍ଥାନୀୟ ଷ୍ଟାଡିୟମ ପଡିଆରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ଜିଲ୍ଲା ବନଖଣ୍ଡ ଅଧିକାରୀ ଧନରାଜ୍ ଏଚଡି, ଅନ୍ୟତମ ଅତିଥି ଭାବରେ ପଣ୍ଡା, କୋଷାଧ୍ୟକ୍ଷ ବିଜୟ କୁମାର ଦୀକ୍ଷିତ ଓ ସଦସ୍ୟା ଦୁଲାରୀ କିସ୍କୁ ଯୋଗ ଦେଇଥିଲେ। ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଶିଶୁମାନଙ୍କ ଦ୍ୱାରା କ୍ରୀଡ଼ା ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ଦୁଇ ଦିନ ଧରି ଏହି ପ୍ରତିଯୋଗିତାରେ ତୃତୀୟ ଶ୍ରେଣୀରୁ ସ୍ମରଣ ଦୌଡ, ଆଳୁଚାମଚ ଦୌଡ, ଛୁଞ୍ଚିସୂତା ଡ଼େ, ଉଚ୍ଚଡିଆଁ, ଲମ୍ବଡିଆଁ, ବଲଫିଙ୍ଗା, ଥାଳିଆଫିଙ୍ଗା, ବର୍ଚ୍ଛାଫିଙ୍ଗା, ତ୍ରିକୁଦ ଆଦି ଖେଳ ଆୟୋଜନ କରାଯାଇଛି। ବିଦ୍ୟାଳୟର କ୍ରୀଡା ଶିକ୍ଷକ ବିରଞ୍ଚି ନାରାୟଣ ମହାନ୍ତ, ପର୍ଯ୍ୟାୟ ପ୍ରମୁଖ ଦେବାଶିଷ ସାମଲ, ଲମ୍ବୋଦର ମହାନ୍ତ, ଜଗନ୍ନାଥ ମହାନ୍ତ, ମଞ୍ଜୁଶ୍ରୀ




ଜିଲ୍ଲା କ୍ରୀଡା ସଂସ୍ଥାର ସଂପାଦକ ସଂଗ୍ରାମ ପଟ୍ଟନାୟକ, ବିଦ୍ୟାଳୟ ପରିଚାଳନା ସମିତିର ସଂପାଦକ ତଥା ଅଧିବକ୍ତା ସୁଧାଂଶୁ ଶେଖର +୨ ଶ୍ରେଣୀର ଭାଇଭଉଣୀମାନଙ୍କ ମଧ୍ୟରେ ୧୦୦ମି, ୨୦୦ମି, ୪୦୦ମି, ୬୦୦ମି, ୧୬୦୦ମି ଦୌଡ଼, ବଲ୍‌ଫିଙ୍ଗା, ଗଣବେଶ ସଜ୍ଜା, ରାଉତ ପ୍ରମୁଖ କ୍ରୀଡା ପରିଚାଳନା କରିଥିଲା ବେଳେ ବିଦ୍ୟାଳୟ ସମସ୍ତ ଗୁରୁଜୀଗୁରୁମା ସହଯୋଗ କରିଥିଲେ।

# ସୁନ୍ଦରାପାଳରେ ୬୯ତମ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ ବାଳକ ବାଳିକା କ୍ରିକେଟ୍ ଉଦ୍‌ଯାପିତ




ହାଟଡିହୀ,୨୮।୧୧(ସମିସ): ହାଟଡିହୀ ବ୍ଲକ ସୁନ୍ଦରାପାଳଠାରେ ଚାଲିଥିବା ୬୯ତମ କେନ୍ଦୁଝର ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ ୧୭ ବର୍ଷରୁ କମ ବାଳକ ବାଳିକା କ୍ରିକେଟ ଉଦଯାପିତ ହୋଇଯାଇଛି। ଏଥିରେ ୧୩ଟି ବ୍ଲକରୁ ୧୩ଟି ବାଳକ ଦଳ ଗୋଟିଏ ବାଳିକା ଦଳ ଅଂଶଗ୍ରହଣ କରିଥିବା ବେଳେ ଆଜିର ଫାଇନାଲ ମ୍ୟାଚ ଘସିପୁରା ଓ ଚମ୍ପୁଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଚମ୍ପୁଆ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୮୩ ରନ କରିଥିଲା। ଏହାର ଜବାବରେ ଘସିପୁରା ବ୍ଲକ ଅଧିନାୟକ ସ୍ମୃତି ମହାରଣାଙ୍କ ଧୈର୍ଯ୍ୟପୂର୍ଣ୍ଣ ଅର୍ଦ୍ଧଶତକ ବଳରେ ଶେଷ ବଲରେ ବିଜୟ ହାସଲ କରିଥିଲା। ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ହାଟଡିହୀ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ବ୍ଲକ ଶିକ୍ଷାଧିକାରୀ ରାଜୀବ ଦଳେଇ, ଏବିଇଓ ପ୍ରମୋଦ କୁମାର ନାୟକ, ଢେଙ୍କା ପଞ୍ଚାୟତର ସରପଞ୍ଚ ସୁବାସିନୀ ସେଠୀ, ଓଷ୍ଟାର ଜିଲ୍ଲା ସମ୍ପାଦକ ରଞ୍ଜନ ଘଡେଇ, ପୂର୍ବତନ ସଭାପତି ଶାନ୍ତନୁ ମିଶ୍ର, ଓଷ୍ଟାର ସଭାପତି ମନ୍ମଥ ମହାନ୍ତ, ଏନପିଏସ ଶିକ୍ଷକ ସଂଘର ସମ୍ପାଦକ ମନୋଜ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଜୟୀ ଘସିପୁରା ଦଳକୁ ଚାମ୍ପିଅନ ଟ୍ରଫି, ଚମ୍ପୁଆ ଦଳକୁ ରନର୍ସଅପ ଟ୍ରଫି ଓ ହାଟଡିହୀ ବ୍ଲକର ମହିଳା କ୍ରିକେଟ ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରିଥିଲେ। ଶିକ୍ଷକ ଅନିରୁଦ୍ଧ ସେଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ହାଟଡିହୀ ବ୍ଲକର ସମସ୍ତ କ୍ରୀଡା ପ୍ରଶିକ୍ଷକପରିଚାଳନା କରିଥିଲେ।

# କୁଶଳେଶ୍ୱର ଇଂରାଜୀ ବିଭାଗରେ ସ୍ୱାଗତ ଉତ୍ସବ

ଆନନ୍ଦପୁର, ୨୮।୧୧ (ସମିସ):

ଘଷିପୁରା ବ୍ଲକ ରେକୁଟିଆସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟରେ ଇଂରାଜୀ ବିଭାଗ ତରଫରୁ ନବାଗତ ଛାତ୍ରଛାତ୍ରୀଙ୍କ ନିମନ୍ତେ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଗଣେଶ ହେମ୍ବ୍ରମ୍‌ଙ୍କ ସଂଯୋଜନାରେ ଛାତ୍ରୀ ଆୟେଶା ମାଝୀ, ରଶ୍ମିତା ରାଜ୍ ଓ ଇତିଶ୍ରୀ ଜେନା ପ୍ରମୁଖ ସ୍ୱାଗତ ସଙ୍ଗୀତ ଓ ରଶ୍ମି ଓଝା ନୃତ୍ୟ ପରିବେଷଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଭବାନୀ ପ୍ରସାଦ




ବଳ, ବିଜୟ କୁମାର ସାହୁ, ସତ୍ୟବ୍ରତ ପତି, ବିଜୟ କୁମାର ଚକ୍ର, ରାଷ୍ଟ୍ରରଞ୍ଜନ ବାରିକ ଓ ଅଧ୍ୟାପିକା ଅଳକା ପାଢ଼ୀ ଯୋଗ ଦେଇଥିଲେ। ବିଭାଗୀୟ ଅଧ୍ୟାପିକା ଜ୍ୟୋତିର୍ମୟୀ ଓଝା ଏବଂ ଛାତ୍ରଛାତ୍ରୀ ପୂର୍ଣ୍ଣିମା ମୁର୍ମୁ, ସଞ୍ଜୟ କୁମାର ବେହେରା, ଶୁଭ୍ରଜ୍ୟୋତି ବାରିକ, ମନୋରଞ୍ଜନ ବାରିକ, ସୌମ୍ୟରଂଜନ ଦାଶ ସହଯୋଗ କରିଥିଲେ। ଅଧ୍ୟାପିକା ଏନ୍. ଉପାସନା ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ କୃଷକ ଉତ୍ପାଦକ ସଂଗଠନର ତାଲିମ୍

କେନ୍ଦୁଝର, ୨୮।୧୧(ସମିସ): ଶୁକ୍ରବାର ଜୁଡ଼ିଆ ଫାର୍ମସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରରେ ଦିନିକିଆ ଜିଲ୍ଲାସ୍ତରୀୟ କୃଷକ ଉତ୍ପାଦକ ସଂଗଠନ ସଂକ୍ରାନ୍ତ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। ୬ଟି କୃଷକ ଉତ୍ପାଦକ ସଂଗଠନର ୨୫ ଜଣ କର୍ମକର୍ତ୍ତା, ନିର୍ଦ୍ଦେଶକ ଏବଂ ପରିଚାଳନା ବୋର୍ଡର ସଦସ୍ୟ ଅଂଶଗ୍ରହଣ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ ଡ ସୁକାନ୍ତ କୁମାର ସାହୁ ଏହାକୁ ଉଦଘାଟନ କରିଥିଲେ। ଆଞ୍ଚଳିକ ଗବେଷଣା କେନ୍ଦ୍ରର କ୍ଷେତ୍ର ବିଜ୍ଞାନୀ



ଡ ସୁକୁମାର ଟୁଡୁ, ନାବାର୍ଡର ଜିଲ୍ଲା ଉନ୍ନୟନ ପରିଚାଳକ ଡ କୁରେସ କୁମାର ନାୟକ, ବିଶେଷଜ୍ଞ (କୃଷି ସମ୍ପ୍ରସାରଣ) ଦୀପକ ହେମ୍ବ୍ରମ, କ୍ଷେତ୍ର ବୈଜ୍ଞାନିକ ନିଗମାନନ୍ଦ ବେହେରା, ଓଡ଼ିଶା କୃଷି ପ୍ରୋତ୍ସାହନ ଏବଂ ବିନିଯୋଗ ନିଗମର ଜିଲ୍ଲା ସଂଯୋଜକ ପୀୟୂଷ ମହାନ୍ତି, ଇ-ନାସନାଲ ଏଗ୍ରିକଲଚର୍ ସଭ୍ୟ ତ୍ରିଶକ୍ତି ଅବିନାଶ ନାୟକ, ପ୍ରାଣୀ ବିଜ୍ଞାନୀ ଡ ଲିପ୍ସା ଦାଶ ଏବଂ କାର୍ଯ୍ୟକ୍ରମ ସହଯୋଗୀ ସିପ୍ରା ଦାସ ତାଲିମ୍ କାର୍ଯ୍ୟ ସମ୍ପାଦନ କରିଥିଲେ। କୃଷକ ଗୋଷ୍ଠୀ ଗୁଡ଼ିକୁ ସଶକ୍ତ, କୃଷିଭିତ୍ତିକ ପ୍ରକଳ୍ପ ପ୍ରସ୍ତୁତି, ମୂଲ୍ୟଯୁକ୍ତ ପଦାର୍ଥ ପ୍ରସ୍ତୁତି ଓ ପ୍ରକ୍ରିୟାକରଣ ଏବଂ ବଜାର ସଂଯୋଗୀକରଣର ବିଭିନ୍ନ ଦିଗ ଉପରେ ଆଲୋକପାତ କରାଯାଇଥିଲା। ସଂଗଠନଗୁଡ଼ିକର ପାରସ୍ପରିକ ସହଯୋଗ ଏବଂ ଜ୍ଞାନକୌଶଳ ଆଦାନପ୍ରଦାନ ଦ୍ୱାରା ଗୋଷ୍ଠୀଗୁଡ଼ିକର ସାମୂହିକ ପ୍ରଗତି ସମ୍ଭବ ହୋଇପାରିବ ବୋଲି ମତ ପ୍ରକାଶ ପାଇଥିଲା।



# ପୁଲିସ ଛାଉଣିରେ ବି ବେକାବୁ ଅପରାଧୀ

ଭୁବନେଶ୍ୱର, ୨୮।୧୧(ସମିସ): ରାଜଧାନୀ ଯେତେବେଳେ ପୁଲିସ ଛାଉଣି ହେଉଛି । ଅପରାଧୀ ସେହି ସମୟରେହିଁବେକାବୁ ହୋଇଯାଉଛନ୍ତି । ପୁଲିସର ମାତ୍ରାଧିକ ଉପସ୍ଥିତି ସମୟରେ ବୋମା ଫୁଟି ରାଜଧାନୀ ଥରହର ହୋଇଯାଉଛି । ପୁଣି କେତେବବେଳେ ଦିନ ବେଳେ ରାସ୍ତା ଉପରେ ମୁଣ୍ଡ ଗଡୁଛି । ପୁଲିସର ସୁରକ୍ଷା ବ୍ୟବସ୍ଥାକୁ ଅପରାଧୀମାନେ ଖୁଲମ୍ ଖୁଲା ଚ୍ୟାଲେଞ୍ଜ ଦେଉଛନ୍ତି ।



- ଭିଭିଆଇପି ଗସ୍ତ ସମୟରେ ଅପରାଧୀଙ୍କ ଅତଙ୍କରାଜ
- ବିଧାନସଭା ଚାଲିଥିଲା ବେଳେ ଭିଆଉଛନ୍ତି ବଡ଼ ଅପରାଧ
- କମିସନରେଟ୍ ପୁଲିସର ପାରିବାପଣିଆ ଉପରେ ପ୍ରଶ୍ନବାଚୀ

ଅପରାଧୀଙ୍କ ଏଭଳି ଚ୍ୟାଲେଞ୍ଜ କମିସନରେଟ୍ ପୁଲିସର ପାରିବା ପଣିଆ ଉପରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଭିଭିଆଇପିଙ୍କ ଗସ୍ତ କିମ୍ବା ବିଧାନସଭା ଅଧିବେଶନ ଚାଲିଥିଲା ବେଳେ ରାଜଧାନୀରେ ପୁଲିସ ଛାଉଣି ହୋଇଯାଏ । ଶୁକ୍ରବାର ରାଷ୍ଟ୍ରପତିଙ୍କ ଗସ୍ତ ଏବଂ ବିଧାନସଭା ଚାଲିଥିବା ଯୋଗୁଁ ଭୁବନେଶ୍ୱରରେ ପୁଲିସ ଛାଉଣି ହୋଇଯାଇଥିଲା । ପ୍ରତ୍ୟେକ ରାସ୍ତାରେ କୌଣସି ନା କୌଣସି ଠାରେ ପୁଲିସ କର୍ମଚାରୀ ଛିଡା ହୋଇଥିବା ଦେଖିବାକୁ ମିଳୁଥିଲା । ବହୁ ପ୍ରକାର ସୁରକ୍ଷା ବ୍ୟବସ୍ଥାର ଆୟୋଜନ କରାଯାଇଥିଲା । ଏହି ସମୟରେ ଗୁଇନ୍ଦା ସବୁଠାରୁ ସକ୍ରିୟ । ଏଣୁ କୁହାଯାଉଥିଲା ପକ୍ଷୀ ଟିଏ ବି ସୁରକ୍ଷା ବଳୟ ଭେଦ କରି ପାରିବ ନାହିଁ । ହେଲେ ରାଷ୍ଟ୍ରପତି ଭୁବନେଶ୍ୱରରେ ଥିବା ଅବସ୍ଥାରେ କେନ୍ଦ୍ରୀୟ ବିଦ୍ୟାଳୟ ସାମ୍ନାରେ ବୋମା ଫୁଟୁଛି । ବୋମାର ଶବ୍ଦରେ ସମ୍ପୂର୍ଣ୍ଣ ରାଜଧାନୀ ଥରହର ହୋଇଯାଇଛି । ରାଜପତିଙ୍କ ଗସ୍ତ ସମୟରେ ଏଭଳି ଭାବେ ଅପରାଧୀ ସକ୍ରିୟ ହୋଇଉଠିବା ନିହାତି ଭାବେ ପୁଲିସ ପାଇଁ ଚ୍ୟାଲେଞ୍ଜ ବୋଲି କୁହାଯାଉଛି ।

ସେହିପରି ଗତ ଜାନୁଆରୀ ୮ରୁ ୧୦ ମଧ୍ୟରେ ଭୁବନେଶ୍ୱରରେ ପ୍ରବାସୀ ଭାରତୀୟ ଦିବସର ଆୟୋଜନ ହେଉଥିଲା । ଏହି ସମୟରେ ପ୍ରବାସୀ ଭାରତୀୟଙ୍କ ସମେତ ବହୁ କେନ୍ଦ୍ରମନ୍ତ୍ରୀ ଭୁବନେଶ୍ୱରରେ ଉପସ୍ଥିତ ଥିଲେ । ଯେଉଁଆଡେ ଚାହିଁବ ଭିଭିଆଇଙ୍କ ଭିଡ । ଭିଭିଆଇପି ଚଳାଚଳକୁ ଦୃଷ୍ଟିରେ ରଖି ରାଜଧାନୀ ସାରା ପୁଲିସ ଛାଉଣି । ଏପରିକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସିବାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ ପ୍ରବାସୀ ଭାରତୀୟ ଦିବସର ପ୍ରଥମ ଦିନରେ ବିଏମ୍ସି ସଫେଇ ସଂଘର ନେତା ସହଦେବ ନାୟକଙ୍କୁ ଜାତୀୟ ରାଜପଥ ଉପରେ ସର୍ବସମ୍ମୁଖରେ ହତ୍ୟା କରାଗଲା । ତାଙ୍କ ମୁଣ୍ଡଗଣ୍ଡି କାଟି ଅଲଗା କରିଦିଆଗଲା । ତେବେ ଡ୍ରଗ୍ସ କାରବାର ପାଇଁ ଏଭଳି ଅଘଟଣ ଘଟିଥିଲା ।

ସେହିପରି ଭୁବନେଶ୍ୱରରେ ୨୦୨୩ ମସିହାରେ ହକି ବିଶ୍ୱକପର ଆୟୋଜନ କରାଯାଇଥିଲା । ସାରା ବିଶ୍ୱ ଭୁବନେଶ୍ୱରରେ ଏକାଠି ହୋଇଥିଲା । ଅନ୍ତର୍ଜାତୀୟ ଖେଳାଳୀଙ୍କ ଠାରୁ ଆରମ୍ଭ କରି ଏଥିରେ ଭାଗ ନେଉଥିବା ଟିମ୍‌ର କୋଚ୍‌ଙ୍କ ପର୍ଯ୍ୟନ୍ତ ଉପସ୍ଥିତ ଥିଲେ । ଭୁବନେଶ୍ୱରରେ ପ୍ଲାଟୁନ୍ ପ୍ଲାଟୁନ୍ ପୁଲିସ ମୁତୟନ ଥିଲେ । ଏହି ସମୟରେ ଦୁଇ ନାବାଳିକାଙ୍କୁ ପଟିଆ ଷ୍ଟେସନରେ ଗଣବଳାତ୍କାର କରାଯାଇଥିଲା । ପରବର୍ତ୍ତି ସମୟରେ ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ।

୨୦୨୪ ମସିହା ଫେବ୍ରୁଆରୀ ମାସ ୭ ତାରିଖରେ ଭୁବନେଶ୍ୱରରେ ବିଧାନସଭା ଅଧିବେଶନ ଚାଲିଥିଲା । ଏହି ସମୟରେ ଭୁବନେଶ୍ୱର ପୁଲିସ ଛାଉଣି ହୋଇଯାଇଥିଲା । ହେଲେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଭୋଟପଡ଼ା ଅଞ୍ଚଳରେ ଥିବା ଏକ ଘରୁ ଡାକୟତି ହୋଇଥିଲା । ଜଣେ ରେଳ କର୍ମଚାରୀଙ୍କ ଘରୁ ୩ ଲକ୍ଷ ଟଙ୍କାର ସୁନା ଗହଣା ଏବଂ ନଗଦ ଟଙ୍କା ଡକାୟତ ମାନେ ଚୋରି କରି ନେଇଥିଲେ ।

କୁହାଯାଏ କୌଣସି ସହରରେ ପୁଲିସ ଛାଉଣି ହୋଇ ଗଲେ ଅପରାଧ କମିଯାଏ । ହେଲେ ରାଜଧାନୀ ଭୁବନେଶ୍ୱରରେ କିନ୍ତୁ ଏହି ସମୟରେ ହିଁ ଅପରାଧୀ ଉପରମୁହାଁ ହୋଇଯାଉଛି । ଥରେ କିମ୍ବା ଦୁଇଥର ନୁହେଁ ଅପରାଧୀମାନେ କମିସନରେଟ୍ ପୁଲିସକୁ ବାରମ୍ବାର ଏଭଳି ଚ୍ୟାଲେଞ୍ଜ ଦେଇ ଆସୁଛନ୍ତି । ପୁଲିସକୁ ଗୁଇନ୍ଦା ସୂଚନା ମିଳୁନାହିଁ । ଯାହାଫଳରେ ଅପରଧୀ ଅପରାଧ ଘଟାଇବାରେ ସଫଳ ହେଉଛନ୍ତି । ଯଦି ରାଜଧାନୀରେ ପୁଲିସ ଛାଉଣି ବେଳେ ସୁରକ୍ଷା ବ୍ୟବସ୍ଥା ଏମିତି, ଅନ୍ୟ ସମୟରେ ଲୋକେ କେଉଁଭଳି ହଇରାଣ ହେଉଥିବା ଏଥିରୁ ଅନୁମାନ କରାଯାଇ ପାରେ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି ।

## ମରଣାନ୍ତକ ଆକ୍ରମଣ କରି ଗିରଫ



ହଂସପାଳ, ୨୮।୧୧(ସମିସ): ଛୁରିରେ ଆକ୍ରମଣ କରିବା ଅଭିଯୋଗରେ ପାହାଳ ଥାନା ପୁଲିସ ଜଗନ୍ନାଥପୁର ଯୋହଳ ଗ୍ରାମର ସୁବୋଧ ଭୋଇ(୫୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ଅନୁସାରେ ଗତ ୨୭ ତାରିଖ ସନ୍ଧ୍ୟା ପ୍ରାୟ ୫ଟା ସମୟରେ ସୁବୋଧ ପୀଡିତ କୈଳାସ ଚନ୍ଦ୍ର ସାହୁଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଏକ ଛୁରୀରେ ଆକ୍ରମଣ କରିଥିଲେ । ପୀଡିତଙ୍କ ପରିଚାଳିତ କିରାଣା ଦୋକାନରେ ସୁବୋଧଙ୍କର ଦୀର୍ଘ ସମୟ ବକେୟା ପାଉଣା ନ ଦେବାକୁ ନେଇ ବିବାଦ ଉପୁଜିଥିଲା । ଏହାପୂର୍ବରୁ ସୁବୋଧଙ୍କ ସ୍ତ୍ରୀ ଅଭିଯୋଗକାରୀଙ୍କ ସହ ଝଗଡ଼ା କରି ଅଶ୍ଳୀଳ ଭାଷାରେ ଗାଳି ଦେଇଥିଲେ । ଫଳରେ ଅଭିଯୋଗକାରୀ ପାହାଳ ଥାନାକୁ ଅବଗତ କରିଥିଲେ । ପୁଲିସ ଘଟଣାସ୍ଥଳକୁ ପହଞ୍ଚି ପୀଡିତଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲା ।

ତଦନ୍ତରୁ ଆହୁରି ଜଣାପଡ଼ିଛି, ଘଟଣା ଦିନ ପୀଡିତ ବ୍ୟକ୍ତି ଯେତେବେଳେ ଅଭିଯୁକ୍ତଙ୍କୁ ବାକି ଥିବା ପାଉଣା ମାଗିଥିବାରୁ, ଅଭିଯୁକ୍ତ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ତାଙ୍କ ପେଟକୁ ଲକ୍ଷ୍ୟ କରି ଏକ ଛୁରିରେ ଆକ୍ରମଣ କରିଥିଲେ । ପୀଡିତ ବ୍ୟକ୍ତି ନିଜକୁ ବଞ୍ଚାଇବାକୁ ଯାଇ ଡାହାଣ ହାତ ଆଗକୁ ବଢ଼ାଇଥିବାରୁ ଛୁରିଟି ତାଙ୍କ ଡାହାଣ ପାପୁଲିରେ ଲାଗି ଗଭୀର ଆଘାତ ହୋଇଥିଲା । ଘଟଣା ସମୟରେ ଅଭିଯୁକ୍ତଙ୍କ ସ୍ତ୍ରୀ ଅଭିଯୋଗକାରୀଙ୍କୁ ମଧ୍ୟ ଦୁର୍ବ୍ୟବହାର ଏବଂ ଆକ୍ରମଣ କରିଥିଲେ । ଅଭିଯୁକ୍ତ, ତାଙ୍କ ସ୍ତ୍ରୀ ଏବଂ ପୁଅ ଏହି ଝଗଡ଼ାରେ ସାମିଲ ଥିବା ମଧ୍ୟ ତଦନ୍ତରେ ପ୍ରମାଣିତ ହୋଇଥିଲା । ପୀଡିତ କୈଳାସ ଚନ୍ଦ୍ର ସାହୁଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା ଏବଂ ତାଙ୍କ ଅବସ୍ଥା ଗୁରୁତର ବୋଲି ରିପୋର୍ଟ ମିଳିଥିଲା । ପାହାଳ ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ସୁବୋଧ ଙ୍କୁ ଗିରଫ କରାଯିବା ସହ ତାଙ୍କ ହେପାଜତରୁ ଅପରାଧରେ ବ୍ୟବହୃତ ଏକ ଛୁରି ଜବତ କରାଯାଇଥିଲା । ପଚରାଉଚରା ସମୟରେ ସେ ତାଙ୍କ ଦୋଷ ସ୍ୱୀକାର କରିଥିଲେ ।

## ମହିଳାଙ୍କ ଠାରୁ ଲୁଟ୍; ୨ ଗିରଫ

ଭୁବନେଶ୍ୱର, ୨୮।୧୧(ସମିସ): ମହିଳାଙ୍କ ଠାରୁ ଲୁଟ୍ ଅଭିଯୋଗରେ ଖାରବେଳନଗର ଥାନା ପୁଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଶାନ୍ତିପଲ୍ଲୀ ବସ୍ତିର କିସନ ପ୍ରଧାନ ଏବଂ ଭୁପତୀ ଭୋଇ । ଏମାନଙ୍କ ଠାରୁ ପୁଲିସ ଗୋଟିଏ ମୋବାଇଲ୍ ଓ ୨ଟି ରୁପା ଅଳଙ୍କାର ଜବତ କରିଛି ।

ପୁଲିସ ସୂଚନା ମୁତାବକ ଭୋର ସମୟରେ ଅଭିଯୋଗକାରିଣୀ ତାଙ୍କ ସ୍କୁଟିରେ ରବୀନ୍ଦ୍ର ମଣ୍ଡପ ଛକ ଦିଗକୁ ଆସୁଥିଲେ । ସେହି ସମୟରେ, ୟୁନିଟ୍-୯ ର ଡାଲମା ହୋଟେଲ୍ ସାମ୍ନାରେ ଦୁଇଜଣ ଅଜଣା ବ୍ୟକ୍ତି ଏକ ମୋଟରସାଇକେଲରେ ଆସି ତାଙ୍କ ପର୍ସ, ଯେଉଁଥିରେ ମୋବାଇଲ୍ ଫୋନ୍, ରୂପାର ଅଳଙ୍କାର ଏବଂ କିଛି ନଗଦ ଥିଲା, ଛଡ଼ାଇ ନେଇ ପଳାଇ ଯାଇଥିଲେ । ସୂଚନା ଆଧାରରେ ଶାନ୍ତିପାଲି ବସ୍ତିରେ ଅଭିଯୁକ୍ତ କିଶନ ପ୍ରଧାନ ଓ ବାପି ଓରଫ୍ ଭୂପତି ଭୋଇଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ମିଳିବା ପରେ ଚଢ଼ଉ କରାଯାଇ ସେମାନଙ୍କୁ ଗିରଫ କରାଯାଇଥିଲା । ତଦନ୍ତରୁ ଜଣାପଡ଼ିଥିଲା ଯେ, ଅପରାଧ କରିବା ପରେ ଅଭିଯୁକ୍ତ କିଶନ ପ୍ରଧାନ ତାଙ୍କ ସହଯୋଗୀ ସନ୍ତୋଷ ସାହୁଙ୍କୁ ଅଧିକ ମୂଲ୍ୟରେ ବିକ୍ରୟ ପାଇଁ ଦୁଇଟି ଯୋଡ଼ା ରୂପା ପାଦଚଲା ଦେଇଥିଲେ । ଅଭିଯୁକ୍ତମାନଙ୍କ ପୂର୍ବ ଅପରାଧିକ ସମ୍ପୃକ୍ତି ଯାଞ୍ଚରୁ ଜଣାପଡ଼ିଛି ଯେ ଅଭିଯୁକ୍ତ କିଶନ ପ୍ରଧାନ ସହିଦନଗର, କ୍ୟାପିଟାଲ, ତମାଣ୍ଡୋ ଏବଂ ଲକ୍ଷ୍ମୀସାଗର ଥାନା ସହ ୧୨ ମାମଲାରେ ଜଡିତ । ବାପି ଭୋଇ ଓରଫ୍ ଭୂପତି ସହିଦନଗର ଏବଂ ଲକ୍ଷ୍ମୀସାଗର ଥାନାର ୨ଟି ମାମଲାରେ ଜଡିତ ।

## ଘରେ ଅନଧିକାର ପ୍ରବେଶ ଅଭିଯୋଗରେ ବଙ୍ଗୀୟ ଯୁବକ ଗିରଫ

ଭୁବନେଶ୍ୱର, ୨୮।୧୧(ସମିସ): ଚୋରି କରିବା ଉଦ୍ଦେଶ୍ୟ ରଖିବା ସହ ଘରେ ଅନଧିକାର ପ୍ରବେଶ ଅଭିଯୋଗରେ ଏୟାରପୋର୍ଟ ଥାନା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲେ ପଶ୍ଚିମବଙ୍ଗ ଅଞ୍ଚଳର ଶେଖ୍ ଇକବାଲ ମହମ୍ମଦ । ସୂଚନାଯୋଗ୍ୟ, ଅଭିଯୁକ୍ତ ଶେଖ ଇକବାଲ ମହମ୍ମଦ, ଭୁବନେଶ୍ୱରର ମିଲିଟାରୀ ଇଞ୍ଜିନିୟର ସର୍ଭିସେସ୍ ଅଧୀନରେ ଠିକାଦାର ଦେବାଶିଷ ମହାନ୍ତିଙ୍କ ମାଧମରେ ନିଯୁକ୍ତ ଏକ ଚୁକ୍ତିଭିତ୍ତିକ ଶ୍ରମିକ ଭାବରେ କାମ କରୁଥିଲେ । ସେ ତଟରକ୍ଷୀ ବାହିନୀ ଅଧିକାରୀଙ୍କ ଆବାସିକ ଅଞ୍ଚଳରେ ରକ୍ଷଣାବେକ୍ଷଣ କାମ କରୁଥିଲେ । ଅଭିଯୁକ୍ତ ତାଙ୍କ ଘରର ଆଲମିରାକୁ ବିନା ଅନୁମତି ଖୋଲିଥିଲେ । ଅନଧିକୃତ ଭାବରେ ଶୋଇବାଘରକୁ ପ୍ରବେଶ କରି ଆଲମିରା ଭିତରେ ଥିବା ମୂଲ୍ୟବାନ ସାମଗ୍ରୀ ଚୋରି କରିବା ମଧ୍ୟରେ ତାଙ୍କର ଉଦ୍ଦେଶ୍ୟ ଥିଲା ବୋଲି ପୁଲିସ ପକ୍ଷରୁ କୁହାଯାଇଛି ।

## ଘରୋଇ ସହାୟିକାଙ୍କ ସାମାଜିକ ନିରାପତ୍ତା ଆବଶ୍ୟକ




ଭୁବନେଶ୍ୱର, ୨୮।୧୧(ସମିସ): ବିକଳ୍ପ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଓ ମହିଳା ଆତ୍ମନିର୍ଭର ଅଭିଯାନ ଓ ଲୁଥେରାନ ୱାର୍ଲଡ଼ ସର୍ଭିସ ଇଣ୍ଡିଆ ଟ୍ରଷ୍ଟ ମିଳିତ ସହଯୋଗରେ ଏକ ଦିନିକିଆ ଘରୋଇ ସହାୟିକାଙ୍କ ସମସ୍ୟା ଓ ସମାଧାନ ସମ୍ପର୍କିତ ରାଜ୍ୟ ସ୍ତରୀୟ ବିଚାର ବିମର୍ଶ ଭୁବନେଶ୍ୱର ସ୍ଥିତ ବୁଦ୍ଧମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିଥି ବକ୍ତା ରୂପେ ପୂର୍ବତନ ଭିନ୍ନକ୍ଷମ ଓ ସଶକ୍ତୀକରଣ ଆୟୋଗ ଅଧକ୍ଷା ଡ. କସ୍ତୁରୀ ମହାପାତ୍ର, ଟ୍ରେଡ଼ ୟୁନିଅନ ନେତା ମହେନ୍ଦ୍ର ପରିଡ଼ା, ପୂର୍ବତନ ମହିଳା କମିସନ ସଦସ୍ୟା ସ୍ନିଗ୍ଧାରାଣୀ ପାଣିଗ୍ରାହୀ ଓ ସ୍ନେହାଞ୍ଜଳି ମହାନ୍ତି, ଓଡ଼ିଶା ନାଗରିକ ସମାଜର କାର୍ଯ୍ୟକାରୀ ଅଧକ୍ଷ ଇଂ ଲଳିତ ମୋହନ ପଟ୍ଟନାୟକ, ବରିଷ୍ଠ ଅଧିବକ୍ତା ଜୟନ୍ତ ଦାସ, ଓଡ଼ିଶା ଅଭିଭାବକ ମହାସଂଘର ଅଧକ୍ଷ ବାସୁଦେବ ଭଟ୍ଟ ପମୁଖ ଯୋଗ ଦେଇଥିଲେ । ଉକ୍ତ ସମ୍ମିଳନୀରେ ଶତାଧିକ ଘରୋଇ ସହାୟିକା ଯୋଗଦାନ କରିବା ସହ ନିଜେ କେତେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତାହା ସମସ୍ତଙ୍କ ସମୁଖରେ ବଖାଣିଥିଲେ । ନାୱ ଅନୁଷ୍ଠାନର ପ୍ରଜ୍ଞା ରଥ ଓଡ଼ିଶାରେ ଘରୋଇ ସହାୟିକାଙ୍କ ସ୍ଥିତି ବିଷୟରେ ଏକ ତଥ୍ୟଭିତ୍ତିକ ବିଷୟ ଉପସ୍ଥାପନା କରିଥିଲେ ।

ମହିଳାଆତ୍ମନିର୍ଭରଅଭିଯାନରଅଧକ୍ଷାଡ଼ଃ ରୀନାରାଉତରାୟଉଦଘାଟନକାର୍ଯ୍ୟକ୍ରମକୁ ପୌରୋହିତ୍ୟ କରିଥିବା ବେଳେ ମାନବାଧିକାର ପ୍ରବକ୍ତା ମନୋଜ ଜେନା କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ । ପରିଶେଷରେ ବିକଳ୍ପର ଟ୍ରଷ୍ଟି ମାୟାଧର ରଥ ସମ୍ମିଳନୀର ନିର୍ଯ୍ୟାସ ଓ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ସୂଚନା ଦେଇଥିଲେ । ଲୁଥେରାନ ବିଶ୍ୱ ସେବା ସଂସ୍ଥାର ଭୁବନେଶ୍ୱର ପ୍ରକଳ୍ପ ସଂଯୋଜିକା ବେବି ନାୟକ ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ଉଦେଶ୍ୟ ସମ୍ପର୍କରେ କହିଥିଲେ ଓ ଗୀତାଞ୍ଜଳି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ପୁସ୍ତକମେଳାରେ କୌତୁକିଆ ପୋଷାକରେ ସଚେତନତା ବାର୍ତ୍ତା

ଭୁବନେଶ୍ୱର, ୨୮।୧୧(ସମିସ): ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ଚାଲି ଥିବା ୨୮ତମ କଳିଙ୍ଗ ପୁସ୍ତକ ମେଳାର ସପ୍ତମ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି । ସପ୍ତମ ସନ୍ଧ୍ୟାରେ ଆକର୍ଷଣ ପାଲଟିଥିଲା କୁନି କୁନି ପିଲାଙ୍କ କୌତୁକିଆ ପୋଷାକ ପ୍ରତିଯୋଗିତା । ବିଭିନ୍ନ ରଙ୍ଗବେରଙ୍ଗ ପୋଷାକ ପିନ୍ଧି କୁନି କୁନି ପିଲାମାନେ ପରିବେଶ ସଚେତନତାର ବାର୍ତ୍ତା ପ୍ରଦାନ କରିଛନ୍ତି । ୩ ଟି ଗ୍ରୁପରେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ପିଲା ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଏହାସହ ମେଳା ପରିସରରେ କ୍ୟାରିୟର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ମଦର ଅନୁଷ୍ଠାନ ପକ୍ଷରୁ ଆର୍ଥିକ ସଚେତନତା ଷ୍ଟଲ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା । ପଇସାକୁ ଜାଣିବା ଓ ଜୀବନରେ ଆର୍ଥିକ ପରିଚାଳନାର ଗୁରୁତ୍ୱ ଉପରେ ଅନୁଷ୍ଠାନ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଇଥିଲା । ପୁସ୍ତକ ମେଳା ଆସନ୍ତା ୩୦ ତାରିଖ ରବିବାର ପର୍ଯ୍ୟନ୍ତ ଚାଲିବ ।

● ଆସିଲାଣି ପର୍ଯ୍ୟଟନ ଋତୁ

## ଚଳଚଞ୍ଚଳ ରାଜଧାନୀ ପର୍ଯ୍ୟଟନସ୍ଥଳ



ଭୁବନେଶ୍ୱର, ୨୮।୧୧(ସମିସ): ଆସିଲାଣି ପର୍ଯ୍ୟଟନ ଋତୁ । ଏଥିପାଇଁ ଚଳଚଞ୍ଚଳ ହେଲାଣି ରାଜଧାନୀର ବିଭିନ୍ନ ପର୍ଯ୍ୟଟନସ୍ଥଳ । ଖଣ୍ଡଗିରି, ଉଦୟଗିରି, ଧଉଳି, ଡେରାସ, ଶିଖରଚଣ୍ଡି, ଜୟଦେବ ବାଟିକା, ନନ୍ଦନକାନନ ଆଦି ସ୍ଥାନରେ ଧୀରେ ଧୀରେ ପର୍ଯ୍ୟଟକଙ୍କ ଆଗମନ ବଢ଼ିବାରେ ଲାଗିଛି । ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ପ୍ରାୟ ହଜାରରୁ ଉର୍ଦ୍ଧ୍ୱ ପର୍ଯ୍ୟଟକ ଏଠାରେ ନିଜର ସମୟ ଅତିବାହିତ କରୁଥିବା ଦେଖିବାକୁ ମିଳିଛି ।

ସେହିପରି ପର୍ଯ୍ୟଟନ ଋତୁ ହେଉ ଅବା ଅନ୍ୟ ଦିନରେ ଭୋଜି କରିବାର ପ୍ରଥମ ଡେଷ୍ଟିନେସନ୍ ପାଲଟିଥାଏ ଜୟଦେବବାଟିକା । ଏହି ଋତୁରେ ବଣଭୋଜିକୁ ଅଧିକ ଗୁରୁତ୍ୱ ଦିଆଯାଉଥିବାରୁ ଜୟଦେବ ବାଟିକାରେ ମାସକ ଆଗରୁ ବୁକିଂ ପ୍ରକ୍ରିୟା ଆରମ୍ଭ ହୋଇଥାଏ । ପର୍ଯ୍ୟଟନ ଋତୁରେ ଅଧିକ ଭୋଜିର ଆୟୋଜନ ହେଉଥିବାବେଳେ ରିବିବାର ଅଧିକ ପର୍ଯ୍ୟଟକ ଭୋଜି କରିଥାନ୍ତି । ଜୟଦେବବାଟିକାରେ ନଭେମ୍ବର ମାସ ଆରମ୍ଭରୁ ୫୦ରୁ ଉର୍ଦ୍ଧ୍ୱ ଭୋଜି ଆୟୋଜିତ ହୋଇଥିବା ଶିଖରଚଣ୍ଡିରେ ମଧ୍ୟ ପର୍ଯ୍ୟଟକଙ୍କ ଭୋଜିର ଆସର ଜମିଲାଣି । ତେବେ ପ୍ରତିବର୍ଷ ବଣଭୋଜିରୁ କେବଳ ଡିସେମ୍ବର ମାସରେ ୩୦ଲକ୍ଷରୁ ଉର୍ଦ୍ଧ୍ୱ ରୋଜଗାର ହେଉଥିବା ବେଳେ ଚଳିତ ବର୍ଷ ଅଧିକ ହେବାର ଆଶା ରହିଥିବା ଜୟଦେବବାଟିକାର ଅଧିକାରୀ କହିଛନ୍ତି । ଚଳିତ ବର୍ଷ ଜୟଦେବବାଟିକାରେ ପ୍ରକୃତି ସହ ମନୋରଞ୍ଜନ କରିବାକୁ ବିଭିନ୍ନ ପ୍ରକାର ଉପକରଣ ଓ ବ୍ୟବସ୍ଥା ହୋଇଥିବାରୁ ଏଥର ପର୍ଯ୍ୟଟକଙ୍କ ଭିଡ଼ ଜମିବ ବୋଲି କୁହାଯାଇଛି ।

### ନୋ-ପାର୍କିଂ ଜୋନ୍ ଆଳ

## ସାଧାରଣ ଲୋକଙ୍କ ଗାଡ଼ି ଉଠେଇବା ଘଟଣାକୁ ବିରୋଧ

ଭୁବନେଶ୍ୱର, ୨୮।୧୧(ସମିସ): ବିଭିନ୍ନ ମୁଖ୍ୟ ରାସ୍ତାରେ ପାର୍କିଂ ନିଷେଧ ପାଇଁ ଗତ ୨୪ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଛି । ଲୋକଙ୍କ ଯାତାୟାତ ସୁବିଧା ଓ ଟ୍ରାଫିକ୍ ଜାମ ରୋକିବାକୁ କମିସନରେଟ ପୁଲିସର ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ । ହେଲେ ରାସ୍ତାରେ ପାର୍କିଂର ମୂଳ କାରଣ ମଲ୍, ବହୁତଳ ବାଣିଜ୍ୟିକ କମ୍ପ୍ଲେକ୍ସ, ହୋଟେଲ, ହସ୍ପିଟାଲ, କୋଚିଂ ସେଣ୍ଟର ଏବଂ ଉଚ୍ଚ ଆପାର୍ଟମେଣ୍ଟଗୁଡ଼ିକର ପାର୍କିଙ୍ଗ ବ୍ୟବସ୍ଥାର ଘୋର ଅଭାବ । ପ୍ଲାନ ଅନୁମୋଦନ ଏବଂ ଅକୁପାନ୍ସି ପ୍ରମାଣପତ୍ର ପ୍ରଦାନ କରିବା ବେଳେ ବିଏମସି ଓ ବିଡିଏ ର ଅପରିଣାମଦର୍ଶିତାର ଫଳ ରାଜଧାନୀବାସୀ ଭୋଗୁଛନ୍ତି ବୋଲି ଭୁବନେଶ୍ୱର ଉନ୍ନୟନ ପରିଷଦ ଦାବି କରିଛି ।

> **ପୁଲିସ କମିସନରଙ୍କୁ ଫେରାଦ ହେଲା ଭୁବନେଶ୍ୱର ଉନ୍ନୟନ ପରିଷଦ**

ବିଡିଏର ନିୟମ ଅନୁଯାୟୀ, ପ୍ରତ୍ୟେକ ବାଣିଜ୍ୟିକ ଆନୁଷ୍ଠାନ ପର୍ଯ୍ୟାପ୍ତ ପାର୍କିଂ ଯୋଗାଇବା ବାଧ୍ୟତାମୂଳକ । ଜୟଦେବ ବିହାର, ସହୀଦ ନଗର, ପଟିଆ, ଚନ୍ଦ୍ରଶେଖରପୁର, ନୂଆପଲ୍ଲୀ, ଖଣ୍ଡଗିରି, ଆଦିରେ ୯୦ପ୍ରତିଶତ ମଲ୍, ହସ୍ପିଟାଲ ଏବଂ ବାଣିଜ୍ୟିକ ଅନୁଷ୍ଠାନ ନକଲି ପାର୍କିଂ ଲେଆଉଟ୍ ଦେଖାଇ ଅକୁପାନ୍ସି ପ୍ରମାଣପତ୍ର ହାସଲ କରିଛନ୍ତି । ବିଡିଏ ଏବଂ ବିଏମସି ନିୟମାବଳୀର ନିୟମ ୪୭ର ଘୋର ଉଲ୍ଲଘନ ହେବା ଯୋଗୁଁ ଲୋକମାନଙ୍କୁ ସାଧାରଣ ରାସ୍ତାରେ ପାର୍କିଂ କରିବାକୁ ବାଧ କରାଯାଉଛି । ତେଣୁ ଗାଡ଼ି ଉଠେଇ ନେବା ଘଟଣା ଏବଂ ଜୋରିମାନା ଦଣ୍ଡର କଠୋର ନିୟମ କାର୍ଯ୍ୟକାରୀ କରିବା ପୂର୍ବରୁ ତୁରନ୍ତ ସଂଶୋଧନମୂଳକ ପଦକ୍ଷେପ ଗ୍ରହଣ ପାଇଁ ଦାବି କରି ଭୁବନେଶ୍ୱର ଉନ୍ନୟନ ପରିଷଦ ସଭାପତି ବାସୁଦେବ ଭଟ୍ଟ ପୋଲିସ କମିସନରଙ୍କ ଚିଠି ଲେଖି ଦାବି ରଖିଛି । ପୁଲିସ କମିସନରଙ୍କ ମନୋନୀତ ପ୍ରତିନିଧି, ବିଡିଏ ଉପାଧକ୍ଷଙ୍କ ପ୍ରତିନିଧି, ବିଏମସି କମିଶନରଙ୍କ ମନୋନୀତ ପ୍ରତିନିଧି, ଭୁବନେଶ୍ୱର ଉନ୍ନୟନ ପରିଷଦ ଏବଂ ସ୍ଥାନୀୟ ଜନ ପ୍ରତିନିଧି ସଡକ ଓ ଟ୍ରାଫିକ ବିଶେଷଜ୍ଞଙ୍କୁ ନେଇ ଏକ କମିଟି ଗଠନକରି ୩୦ ଦିନ ମଧ୍ୟରେ କଡାକଡି ଭାବରେ ସ୍ଥିତି ଯାଞ୍ଚ କରିବାକୁ ଦାବି ହୋଇଛି । ପାର୍କିଂ ନିୟମ ଉଲ୍ଲଂଘନ କରୁଥିବା ସମସ୍ତ ପ୍ରତିଷ୍ଠାନର ଦଖଲ ପ୍ରମାଣପତ୍ର ବାତିଲ କିମ୍ବା ସ୍ଥଗିତ ସହ ସାର୍ବଜନୀନ ନୋଟିସ୍ ଜାରି କରି ପାର୍କିଂ ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦେବାକୁ ପରିଷଦ ସଂଯୋଜକ ପ୍ରସନ୍ନ ବିଷୋୟୀ ଦାବି କରିଛନ୍ତି । ଆଗାମୀ ୧୦ ଦିନ ମଧ୍ୟରେ ସମସ୍ତ ଅଂଶୀଦାର, ନାଗରିକ ସଂଗଠନ ସହିତ ଏକ ମିଳିତ ବୈଠକ ଡକାଇ ନିଷ୍ପତ୍ତି ନିଅନ୍ତୁ ନଚେତ ଭୁବନେଶ୍ୱର ଉନ୍ନୟନ ପରିଷଦ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ବାଧ ହେବ ବୋଲି ଭୁବନେଶ୍ୱର ଉନ୍ନୟନ ପରିଷଦ ମୁଖ୍ୟ ସଂଯୋଜକ ଏକ ପ୍ରେସ ବାର୍ତ୍ତାରେ ଜଣାଇଛନ୍ତି ।

# ଜୟଦେବ ବାଟିକାକୁ ବାଟ ଓଗାଳୁଛି ଜିଏସ୍‌ଟି

ଭୁବନେଶ୍ୱର, ୨୮।୧୧(ସମିସ): ବଣଭୋଜି କଥା ପଡ଼ିବା ମାତ୍ରେ ସମସ୍ତଙ୍କ ପ୍ରଥମ ତାଲିକାରେ ରହିଥାଏ ଖଣ୍ଡଗିରିସ୍ଥିତ ଜୟଦେବ ବାଟିକା । ପ୍ରାକୃତିକ ସବୁଜିମାରେ ଭରପୁର ସାଙ୍ଗକୁ ଏହା ପରିସରରେ ରହିଥିବା ନବ ନିର୍ମିତ ଟ୍ରୀ ହାଉସ୍, ବଟରଫ୍ଲାଏ ଗାର୍ଡେନ୍, ଜାପାନିଜ୍ ଗାର୍ଡେନ୍ ସମତେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ପ୍ରାୟ ୧୨ ପ୍ରକାର ଫିଚର ରହିଛି । ହେଲେ ଏହା ଭିତରକୁ ପ୍ରବେଶ କରିବାକୁ ହେଲେ ପିଣ୍ଡି ଠାରୁ ଆରମ୍ଭ କରି ବ୍ୟକ୍ତି ଏବଂ

- ବଣଭୋଜି ପାଇଁ ଆସି ମୁହଁ ଫେରାଉଛନ୍ତି ପର୍ଯ୍ୟଟକ
- ପିଣ୍ଡିଠୁ ବଳି ଯାଉଛି ଜିଏସ୍‌ଟି ଦେୟ, ପୁଣି ବଢ଼ିଲା ପାର୍କି ଫି'

ଗାଡ଼ି ପିଛା ଦେବାକୁ ପଡୁଛି ଅଲଗା ଅଲଗା ୧୮ ପ୍ରତିଶତ ଜିଏସ୍‌ଟି । କେବଳ ସେତିକି ନୁହେଁ ଗତବର୍ଷ ଠାରୁ ଏଥର ଗାଡ଼ି ପାର୍କିଂ ଓ ବ୍ୟକ୍ତି ପ୍ରବେଶ ଫି ମଧ୍ୟ ବୃଦ୍ଧି ପାଇଛି । ଦୂରଦୂରାନ୍ତରୁ ଭୋଜି ପାଇଁ ଧାଇଁ ଆସୁଥିବା ପର୍ଯ୍ୟଟକ ଜିଏସ୍‌ଟି କଥା ଶୁଣି ମୁହଁ ଫେରାଉଛନ୍ତି ।

ରାଜଧାନୀର ପର୍ଯ୍ୟଟନ କ୍ଷେତ୍ର ଭାବେ ରାଜ୍ୟ ବାହାରେ ମଧ୍ୟ ଜୟଦେବବାଟିକାର ବେଶ୍ ସୁନାମ ରହିଛି । ନଭେମ୍ବର ମାସ ଆରମ୍ଭରୁ ଫେବୃଆରୀ ମାସ ଶେଷ ପର୍ଯ୍ୟନ୍ତ ବଣ ଭୋଜି ପାଇଁ ପିଣ୍ଡି ବୁକିଂ କରାଯାଏ । ସ୍କୁଲ ଛାତ୍ରଛାତ୍ରୀଙ୍କ ଠାରୁ ନେଇ କର୍ପୋରେଟ୍ ସଂସ୍ଥା, ଶିକ୍ଷାନୁଷ୍ଠାନ, ପରିବାର ତଥା ବନ୍ଧୁ ମିଳନର ପେଣ୍ଠସ୍ଥଳ ବି ପାଲଟିଥାଏ । ବର୍ତ୍ତମାନ ଏହା ଭିତରକୁ ପ୍ରବେଶ ପାଇଁ ପ୍ରତିବନ୍ଧକ ସାଜିଛି ଜିଏସଟି ଓ ପାର୍କିଂ ଫି । ପୂର୍ବରୁ ବ୍ୟକ୍ତିଙ୍କ ପ୍ରବେଶ ପିଛା ୫ବର୍ଷରୁ ୧୨ବର୍ଷ ବୟସ୍କଙ୍କ ପାଇଁ ୨୫ଟଙ୍କା ରହିଥିବା ବେଳେ ୧୨ରୁ ଉର୍ଦ୍ଧ୍ୱ ବର୍ଷ ବୟସ୍କଙ୍କ ପାଇଁ ଏଣ୍ଟ୍ରି ଫି ରହିଛି ୫୦ଟଙ୍କା । ଯାହାକି ପୂର୍ବ ବର୍ଷ ୪୦ଟଙ୍କା ରହିଥିଲା । ସେହିପରି କାର୍ ପାର୍କିଂ ଫି ୧୦୦ ଟଙ୍କାରୁ ୧୫୦ଟଙ୍କା, ବାଇକ୍ ୩୦ରୁ ୪୦ ଟଙ୍କା, ଅଟୋ ଅବା ଅନ୍ୟ ୩ଚକିଆ ଯାନ ୪୦ରୁ ୭୦ ଟଙ୍କାରେ ପହଞ୍ଚିଛି । ତେଣୁ ସାଧାରଣ ଲୋକଙ୍କ ପୂର୍ବାପେକ୍ଷା ପ୍ରବେଶ କମିଥିବା ସୂଚନା ରହିଛି ।

ସୂଚନା ଅନୁସାରେ, ଗତ ୨୦୨୩ ମସିହା ନଭେମ୍ବର ମାସ ଠାରୁ ୫୦୦ଟଙ୍କାରୁ ଉର୍ଦ୍ଧ୍ୱ ଦାମ୍‌ର ପିଣ୍ଡି କିମ୍ବା ଜଣେ ବ୍ୟକ୍ତିଙ୍କ ନାମରେ ବୁକିଂ ହେଉଥିବା ପାର୍କିଂର ଦାମ୍ ମିଶି ୫୦୦ଟଙ୍କାରୁ ଉର୍ଦ୍ଧ୍ୱ ହେଉଥିଲେ ସେଥିରେ ଜିଏସ୍‌ଟି ବାବଦକୁ ୧୮ ପ୍ରତିଶତ ଅର୍ଥ ଦେବାର ନିୟମ ଲାଗୁ କରାଯାଇଥିବା ବେଳେ ଚଳିତ ଆର୍ଥିକ ବର୍ଷରୁ ୨ଚାକିଆ, କାର୍, ବସ୍ ଆଦି ଗାଡ଼ି ସମେତ ବ୍ୟକ୍ତିଙ୍କ ମୁଣ୍ଡପିଛା ଟିକଟ୍ ବାବଦକୁ ମଧ୍ୟ ୧୮ ପ୍ରତିଶତ ଅଲଗା ଜିଏସ୍‌ଟି ଲାଗୁ କରାଯାଇଥିଲା । ଫଳରେ ୨୦୦୦ ଟଙ୍କା ଦାମ୍ ପିଣ୍ଡି ବାବଦକୁ ୧୮ ପ୍ରତିଶତ ହିସାବରେ ଅଧିକ ୩୬୦ଟଙ୍କା ଏବଂ ଯେଉଁ ବ୍ୟକ୍ତିଙ୍କ ନାମରେ ପିଣ୍ଡି ବୁକିଂ କରାଯିବ ସେଥିପାଇଁ ବ୍ୟକ୍ତିଙ୍କ ପ୍ରବେଶ ଟିକଟ୍‌ର ଦାମ୍ ସହ ଏକ୍ସଟ୍ରା ୧୮ ପ୍ରତିଶତ ଜିଏସ୍‌ଟି ଆଦାୟ କରାଯାଉଥିବା ବେଳେ ମୋଟ୍ ୨୪୦୦ ଟଙ୍କା ଦେବାକୁ ପଡୁଛି । ସେହିପରି ହଲ୍ ବୁକିଂର ଦାମ୍ ୩୦୦୦ ଟଙ୍କା ରହିଥିବା ବେଳେ ଏଥିପାଇଁ ୫୪୦ଟଙ୍କା କେବଳ ଜିଏସ୍‌ଟି ଏବଂ ବ୍ୟକ୍ତିଙ୍କ ଏଣ୍ଟ୍ରି ଟିକଟ୍ (ଏହାସହ ଜିଏସଟି)ର ହିସାବକୁ ମିଶାଇଲେ ୩ ହଜାର ୫୮୦ଟଙ୍କା ଦେବାକୁ ପଡୁଛି । ତେବେ ପ୍ରତିଦିନ ଏଠାକୁ ଆସୁଥିବା ମୋଟ୍ ପର୍ଯ୍ୟଟକ, ଗାଡ଼ି ଏବଂ ପିଣ୍ଡି ବାବଦକୁ ସରକାର ୧୮ ପ୍ରତିଶତ ଜିଏସ୍‌ଟି ନେଉଥିବାରୁ ଓଡ଼ିଶା ବନ ଉନ୍ନୟନ ନିଗମର ବାର୍ଷିକ ରାଜସ୍ୱ କମିଥିବା ସୂଚନା ରହିଛି । ଫଳରେ ଅତି କମ୍‌ରେ ୧୦ହଜାର ଟଙ୍କାର ବଜେଟ୍ ନହେଲେ ଏଠାରେ ଭୋଜି କରିବା ସମ୍ଭବ ନୁହେଁ ବୋଲି ପର୍ଯ୍ୟଟକ କହିଛନ୍ତି । ଏନେଇ ଓଏଫ୍‌ଡିସିର ଡିଭିଜନାଲ ମ୍ୟାନେଜର ରୁଦ୍ରମଣି ସାହୁ କହିଛନ୍ତି ଯେ, ଏହି ପାର୍କ ଲୋକଙ୍କ ଟଙ୍କାରେ ତିଆରି ହୋଇଛି । ସରକାରଙ୍କ କୌଣସି ଅନୁଦାନ ନଥାଇ ମଧ୍ୟ ପାର୍କରେ ଯେତେସବୁ ସୁବିଧା କରାଯାଇଛି କେବଳ ସାଧାରଣ ଲୋକଙ୍କ ପାଇଁ । ସବୁଠାରୁ ବଡ଼କଥା ହେଉଛି ଏଠାରେ ରହିଥିବା ଅଧିକାଂଶ ଫିଚର ପାଇଁ ବିଜୁଳି ଖର୍ଚ୍ଚ ସାଙ୍ଗକୁ ରାତି ୯ଟା ଯାଏ ଲାଇଟିଂ ବ୍ୟବସ୍ଥା ରହିଛି । ମାସିକ ବିଜୁଳି ବିଲ୍ କେବଳ ୨ଲକ୍ଷ ୨୦ହଜାର ଟଙ୍କା ସାଙ୍ଗକୁ ମେଣ୍ଟେନାନ୍ସ, କର୍ମଚାରୀଙ୍କ ଦରମା ସବୁକିଛି ଟିକଟ ଉପରେ ନିର୍ଭର କରେ । ଯାହାକି ଅନ୍ୟ ରାଜ୍ୟ ତୁଳନାରେ ବହୁତ୍ କମ୍ ରହିଛି ।






# ନାବାଳିକା ଦୁଷ୍କର୍ମକାରୀଙ୍କୁ ୨୦ବର୍ଷ ଜେଲ୍

ବ୍ରହ୍ମପୁର,୨୮।୧୧(ସମିସ): ସ୍ଥାନୀୟ ଫାଷ୍ଟଟ୍ରାକ ପୋକ୍ସୋ କୋର୍ଟରେ ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ପୁରୀ ଜିଲ୍ଲା କୃଷ୍ଣପ୍ରସାଦଗଡ଼ର କୃଷ୍ଣ ପାହାନ(୩୦)ଙ୍କ ୨୦ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି ବିଚାରପତି। ଏଥିସହ ତାଙ୍କୁ ୫୦ହଜାର ଟଙ୍କା ଜରିମାନା ଦେବାକୁ ବିଚାରପତି ରୋହିତଲାଲ ପଣ୍ଡା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୬ମାସ ଜେଲଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ରହିଛି। ସେହିପରି ପୀଡ଼ିତା ନାବାଳିକାଙ୍କୁ ୪ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବାକୁ କୋର୍ଟଙ୍କ ନିର୍ଦ୍ଦେଶ ଥିବାବେଳେ ଅଭିଯୁକ୍ତଙ୍କଠାରୁ ଆଦାୟ ଜରିମାନା ଅର୍ଥ ମଧ୍ୟ ପୀଡ଼ିତାଙ୍କୁ ଦେବାକୁ ରାୟରେ ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ ଯେ, ୨୦୧୯ରେ ଗଞ୍ଜାମ ଜିଲ୍ଲା ରମ୍ଭା ଥାନା ଅଞ୍ଚଳ ନିବାସୀ ତଥା ଅଭିଯୁକ୍ତ କୃଷ୍ଣ ପାହାନଙ୍କ ମାମୁଁଘରେ ଜଣେ ୧୩ବର୍ଷୀୟ ନାବାଳିକା ରହି ଆସୁଥିଲେ। ଉକ୍ତ ଗ୍ରାମରେ କୃଷ୍ଣ ମଧ୍ୟ ରହୁଥିଲେ। ନାବାଳିକାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ କୃଷ୍ଣ ଶାରିରୀକ ସମ୍ପର୍କ ରଖିଥିଲେ। ନାବାଳିକା ଗର୍ଭବତୀ ହେବାପରେ ଘଟଣା ପ୍ରଘଟ ହୋଇଥିଲା ଓ ପରିବାର ଲୋକେ ରମ୍ଭା ଥାନାରେ ଅଭିଯୋଗ କରିଥିଲେ। ନାବାଳିକାଙ୍କ ବୟାନକୁ ଭିତ୍ତି କରି ପୁଲିସ ଅଭିଯୁକ୍ତ କୃଷ୍ଣକୁ ଗିରଫ କରି କୋର୍ଟଚାଲାଣ କରିଥିଲା। କିଛିମାସ ପରେ ନାବାଳିକା ଜଣକ ଏକ ଶିଶୁପୁତ୍ରକୁ ଜନ୍ମ ଦେଇ ମୃତ୍ୟୁବରଣ କରିଥିଲେ। ଗିରଫର କିଛିମାସ ପରେ ଅଭିଯୁକ୍ତ କୃଷ୍ଣ ଜେଲରୁ ଜାମିନରେ ମୁକୁଳିଥିଲେ। ଫାଷ୍ଟଟ୍ରାକ କୋର୍ଟରେ ବିଚାରଣା ବେଳେ ମୋଟ ୧୪ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇ ଉପଯୁକ୍ତ ସାକ୍ଷ୍ୟପ୍ରମାଣକୁ ଭିତ୍ତି କରି କୋର୍ଟ ଉପରୋକ୍ତ ରାୟ ଶୁଣାଇଥିଲେ। ସରକାରଙ୍କ ପକ୍ଷରୁ ପିପି ମୋହନ ସିଙ୍ଗାରୀ ମାମଲା ପରିଚାଳନା କରୁଥିଲେ।

# ବୋମାମାଡ଼ ଘଟଣାରେ ଅଟୋଚାଳକ ଗିରଫ

ବ୍ରହ୍ମପୁର,୨୮।୧୧(ସମିସ): ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କ ଉପରକୁ ବୋମା ମାଡ଼ ଘଟଣାରେ ଗୋଷାଣିନୂଆଗାଁ ପୁଲିସ ଆଉଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ନେହେରୁ ନଗର ୧୦ମ ଲାଇନ ନିବାସୀ ତଥା ଅଟୋଚାଳକ ଶଙ୍କର କୁମାର ସାହୁ (୩୫) ବୋଲି ତଦନ୍ତ ଅଧିକାରୀ ତଥା ଏସଆଇ ଗୌରବ ରଞ୍ଜନ ଦାଶ କହିଛନ୍ତି। ପୂର୍ବରୁ ନେହେରୁନଗର ୧୦ମ ଲାଇନର ମହମ୍ମଦ ସାହିଲ ଓରଫ ଅଲତାଫ(୨୫) ଓ ୪ର୍ଥ ଲାଇନର ଶୁଭମ ଚୌଧୁରୀ(୨୧) ଏହି ମାମଲାରେ ଗିରଫ ହୋଇଥିଲେ। ସୂଚନାପ୍ରକାରେ, ଗୋଷାଣିନୂଆଗାଁ ଆଡୁଆ ସାହିର ସିପୁନ ପଣ୍ଡା ଓ ଅଭିଯୁକ୍ତ ଶୁଭମଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ରହିଥିଲା। ଦିନ ପ୍ରାୟ ସାଢେ ୧୧ଟାରେ ସିପୁନ ଓ ତାଙ୍କ ସାଙ୍ଗ ନେହେରୁନଗର ୭ମ ଲାଇନକୁ ଯାଇଥିବା ବେଳେ ଅଭିଯୁକ୍ତ ଅଲତାଫ, ଶୁଭମ ଓ ଶଙ୍କର ତାଙ୍କୁ ଗାଳିଗୁଲଜ କରିଥିଲେ। ପରେ ଉଭୟ ପକ୍ଷଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ହେଲେ ସିପୁନ ଓ ତାଙ୍କ ସାଙ୍ଗ ଘରକୁ ଫେରୁଥିବା ବେଳେ ଉପରୋକ୍ତ ୨ ଅଭିଯୁକ୍ତ ନିଜର ଅନ୍ୟକିଛି ସହଯୋଗୀଙ୍କ ସହିତ ଦୀପସାହି ଛକ ସ୍ଥିତ ଦିଲ୍ ଜଙ୍କସନରେ ଉଭୟଙ୍କ ଉପରକୁ ବୋମାମାଡ କରିଥିଲେ। ଘଟଣାକୁ ନେଇ ସିପୁନ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା।

● ଜାତୀୟ ରାଜପଥରେ ଡକାୟତି ଯୋଜନା

# ୫ ଜଣଙ୍କୁ ମାଡ଼ି ବସିଲା ପୁଲିସ୍; ବୋମା ଓ ଖଣ୍ଡା ଜବତ

ବ୍ରହ୍ମପୁର,୨୮।୧୧(ସମିସ): ଜାତୀୟ ରାଜପଥରେ ଟ୍ରକ ଡ୍ରାଇଭରଙ୍କ ଠାରୁ ଡକାୟତି ଯୋଜନା କରୁଥିବା ଏକ ୫ଜଣିଆ ଗ୍ୟାଙ୍ଗକୁ ବଡ଼ବଜାର ଥାନା ପୁଲିସ କାବୁ କରିଛି। ଗିରଫ ଡକାୟତମାନେ ହେଲେ ପ୍ରହ୍ଲାଦନଗରର ରାମ ଜେନା(୨୬) ଓ ସମୀର ଜେନା(୨୩), ପୁରୁଣା ବ୍ରହ୍ମପୁର କୁଠାରୀମନ୍ଦିର ସାହିର ଚନ୍ଦନ ପଟ୍ଟନାୟକ(୨୨), ପଞ୍ଚଦେଉଳ ସାହି ଉତ୍କଳ ହଲ ନିକଟର କାର୍ତ୍ତିକ ବେହେରା(୩୧) ଓ ହରିଡ଼ାଖଣ୍ଡି ଧର୍ମନଗରର ଯୀଶୁ ମହାନ୍ତି(୩୦)। ପୁଲିସ ଗିରଫ ଅଭିଯୁକ୍ତଙ୍କ ନିକଟରୁ ୨ଟି ବୋମା, ୨ଟି ଖଣ୍ଡା, ମୋବାଇଲ, ଟର୍ଚ୍ଚ ଓ ମଦ ବୋତଲ ଆଦି ଜବତ କରିଛି। ପ୍ରକାଶ ଥାଉକି, ଗତକାଲି ରାତିରେ ଏସ୍ଆଇ ରଞ୍ଜିତ ପ୍ରଧାନ ଓ ତାଙ୍କ ଟିମ୍ ରାତ୍ରକାଳୀନ ପାଟ୍ରୋଲିଂ କରୁଥିବା ବେଳେ ମ୍ୟୁନିସିପାଲଟି ସେଡ୍ ନିକଟ ପଥରଘରଠାରେ କିଛି ଯୁବକ ଡକାୟତି ଯୋଜନା କରୁଥିବା ସୂଚନା ମିଳିଥିଲା। ତୁରନ୍ତ ପୁଲିସ ଚଢ଼ଉ କରି ଅଭିଯୁକ୍ତଙ୍କୁ କାବୁ କରିବା ସହ ସେମାନଙ୍କ ନିକଟରୁ ବୋମା ଓ ଖଣ୍ଡା ଜବତ କରିଥିଲା। ଅଭିଯୁକ୍ତମାନେ ଖଣ୍ଡା ଓ ବୋମା ଦେଖାଇ ଟ୍ରକ ଚାଳକଙ୍କୁ ଭୟଭୀତ କରି ଡକାୟତି ଯୋଜନା କରୁଥିବା ସ୍ୱୀକାର କରିଥିଲେ। ଗିରଫ ପରେ ସମସ୍ତ ୫ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

ଭଞ୍ଜନଗର ବିଇଡି ଛାତ୍ରୀଙ୍କ ମୃତ୍ୟୁ ଘଟଣା

# କଲେଜ କର୍ତ୍ତୃପକ୍ଷଙ୍କୁ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କ ରିପୋର୍ଟ ତଲବ

ବ୍ରହ୍ମପୁର,୨୮।୧୧(ସମିସ)

ଦିନକୁ ଦିନ ଜଟିଳ ହେବାରେ ଲାଗିଛି ଭଞ୍ଜନଗର ସ୍ଥିତ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ଦ୍ୱିତୀୟ ବର୍ଷ ଛାତ୍ରୀଙ୍କ ମୃତ୍ୟୁ ଘଟଣା। ବିଳମ୍ବରେ ହେଲେ ମଧ୍ୟ କଲେଜ ଅଧ୍ୟକ୍ଷଙ୍କୁ ଛାତ୍ରୀ ମୃତ୍ୟୁ ଘଟଣାର ତଦନ୍ତ ରିପୋର୍ଟ ତଲବ କରିଛନ୍ତି ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ।

ପ୍ରକାଶ ଯେ' ଗତ ୧୬ ତାରିଖରେ ଶିକ୍ଷାନୁଷ୍ଠାନର ଦ୍ୱିତୀୟ ବର୍ଷ ଛାତ୍ରୀ ସସ୍ମିତା ନାୟକଙ୍କର କଲେଜ ନିକଟରେ ଥିବା ଭଡ଼ାଘରେ ଅସ୍ୱାଭାବିକ ମୃତ୍ୟୁ ଘଟିଥିଲା। ପ୍ରଥମେ ସେ ଘର ଭିତରେ ଅସୁସ୍ଥ ହୋଇପଡ଼ିଥିଲେ ଏବଂ ପରେ ତାଙ୍କୁ ଡାକ୍ତରଖାନାକୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଛାତ୍ରୀମାନେ କଲେଜ କର୍ତ୍ତୃପକ୍ଷଙ୍କ ଅବହେଳାକୁ ସିଧାସଳଖ ଦାୟୀ କରିଥିଲେ। କଲେଜର ନିଜସ୍ୱ ଛାତ୍ରୀନିବାସ ଥାଇ ବି କାର୍ଯ୍ୟକ୍ଷମ କରାଯାଉନଥିବାରୁ ଦୂରଦୂରାନ୍ତରୁ ଆସୁଥିବା ଛାତ୍ରୀମାନେ ଖର୍ଚ୍ଚାନ୍ତ ହୋଇ ବାହାରେ ରହୁଛନ୍ତି। ଛାତ୍ରଛାତ୍ରୀମାନେ ସିଧାସଳଖ କଲେଜର ଅଧ୍ୟକ୍ଷ ଡଃ ଦିଲ୍ଲିପ କୁମାର ଖୁଣ୍ଟିଆଙ୍କୁ ଦାୟୀ କରିଥିବା ଜଣାପଡିଛି।

■ କଲେଜ କର୍ତ୍ତୃପକ୍ଷଙ୍କ ଅବହେଳାକୁ କରାଯାଇଥିଲା ଦାୟୀ

■ ଅଚଳ ପଡିଛି ହଷ୍ଟେଲ, ଆର୍‌ଡିଇଙ୍କ ନୋଟିସ୍‌ର ଦିଆଯିବ ଉତ୍ତର: ଅଧ୍ୟକ୍ଷ

ଗତ ୧୫ତାରିଖ ସନ୍ଧ୍ୟାରେ ସୁସ୍ମିତାଙ୍କୁ ସେ ରହୁଥିବା ଘରର ଟଏଲେଟ୍‌ରୁ ସଂଜ୍ଞାହୀନ ଅବସ୍ଥାରେ ସହପାଠୀ ପ୍ରଥମେ ସ୍ଥାନୀୟ ହସ୍‌ପିଟାଲ ଓ ପରେ ଏମ୍‌କେସିଜି ନେଇଥିଲେ। ଏନେଇ କଲେଜ କର୍ତ୍ତୃପକ୍ଷଙ୍କୁ ଅବଗତ ମଧ୍ୟ କରାଯାଇଥିଲା। ସୁସ୍ମିତାଙ୍କ ଘର ବାଲେଶ୍ୱରରେ ହୋଇଥିବା ବେଳେ ତାଙ୍କର ସ୍ୱାସ୍ଥ୍ୟ ସମ୍ପର୍କିତ କୌଣସି ନିଷ୍ପତ୍ତି ନେବା ଅନ୍ୟମାନଙ୍କ ପକ୍ଷେ କଷ୍ଟକର ହୋଇଥିଲା। ଅଧ୍ୟକ୍ଷଙ୍କ ମୋବାଇଲ ବନ୍ଦ ଯୋଗୁ ତାଙ୍କୁ ମଧ୍ୟ ଯୋଗାଯୋଗ କରାଯାଇପାରିନଥିଲା। ବିଳମ୍ବ ଯୋଗୁ ସୁସ୍ମିତାଙ୍କ ମୃତ୍ୟୁ ଘଟିଥିଲା। ସୁସ୍ମିତାଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ କୌଣସି ନିଷ୍ପତ୍ତି ନେବାରେ ବିଳମ୍ବ ଓ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ସୁରକ୍ଷା କ୍ଷେତ୍ରରେ କଲେଜ କର୍ତ୍ତୃପକ୍ଷଙ୍କ ଅବହେଳା ଦର୍ଶାଇ ଛାତ୍ରଛାତ୍ରୀମାନେ ବିଭିନ୍ନ ଫୋରମରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗର ଅନ୍ୟଏକ ଦିଗ ହେଲା କଲେଜରେ ଯଦିଓ ଉଭୟ ଛାତ୍ରୀ ଓ ଛାତ୍ରଙ୍କ ପାଇଁ ୫୦/୫୦ଟି ଶଯ୍ୟା ବିଶିଷ୍ଟ ହଷ୍ଟେଲ ନିର୍ମାଣ ହୋଇଛି ତଥାପି ତାହାକୁ କାର୍ଯ୍ୟକ୍ଷମ କରାଯାଉନାହିଁ। ଫଳରେ ଛାତ୍ରଛାତ୍ରୀ ବାହାରେ ରହୁଥିବା ସେମାନଙ୍କ ସୁରକ୍ଷା ପ୍ରତି କର୍ତ୍ତୃପକ୍ଷ ଆଦୌ ଦୃଷ୍ଟି ଦେଉନାହାନ୍ତି। ଅଭିଯୋଗ ପାଇବା ପରେ ଘଟଣାକୁ ଗୁରୁତ୍ୱର ସହିତ ନେଇ ତୁରନ୍ତ ତଦନ୍ତ ରିପୋର୍ଟ ପ୍ରଦାନ କରିବାକୁ କଲେଜ ଅଧ୍ୟକ୍ଷଙ୍କ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ନୋଟିସ ଜାରି କରିଥିବା ଜଣାପଡ଼ିଛି।

ସେପଟେ ଆଞ୍ଚଳିକ ନିର୍ଦ୍ଦେଶକଙ୍କ ଠାରୁ ଆସିଥିବା ନୋଟିସ୍‌ର ଜବାବ ଦାଖଲ କରିବାକୁ ପଦକ୍ଷେପ ଗ୍ରହଣ କରାଯାଉଥିବା କହିଛନ୍ତି ଅଧ୍ୟକ୍ଷ ଡଃ ଦିଲ୍ଲୀପ କୁମାର ଖୁଣ୍ଟିଆ। ଘଟଣାକୁ ନେଇ କିଛି ବ୍ୟକ୍ତି ମନଗଢ଼ା କାହାଣୀ କରିଛନ୍ତି, ଏଥିରେ କଲେଜ କର୍ତ୍ତୃପକ୍ଷ କୌଣସି ପ୍ରକାର ଦାୟୀ ନୁହଁନ୍ତି। ଛାତ୍ରଛାତ୍ରୀଙ୍କ ପାଇଁ ଯଦିଓ ନିଜସ୍ୱ ହଷ୍ଟେଲ ରହିଛି ତେବେ ପାଚେରି ନଥିବାରୁ ସୁରକ୍ଷା ଦୃଷ୍ଟିରୁ ତାହାକୁ କାର୍ଯ୍ୟକ୍ଷମ କରାଯାଇନାହିଁ। ପାଚେରି ନିର୍ମାଣ ପରେ କାର୍ଯ୍ୟକ୍ଷମ କରାଯିବ ବୋଲି ସେ କହିଛନ୍ତି।

● ଆଇନଜୀବୀ ପୀତବାସ ହତ୍ୟା ମାମଲା

# ଶୂନ୍ୟ ଓ ସୁନିଲଙ୍କୁ ମାରାଥନ ଜେରା

ବ୍ରହ୍ମପୁର,୨୮।୧୧(ସମିସ): ଆଇନଜୀବୀ ପୀତବାସ ପାଣ୍ଡ ହତ୍ୟା ମାମଲାରେ ବୈଦ୍ୟନାଥପୁର ଥାନା ପୁଲିସ ଅଭିଯୁକ୍ତ ଶୂନ୍ୟ ଚନ୍ଦ୍ର ଦାସ ଓ ସୁନିଲ ହୋତାଙ୍କୁ ଦୁଇ ଦିନିଆ ରିମାଣ୍ଡରେ ନେଇ ଜେରା କରୁଛି। ଶୁକ୍ରବାର ସନ୍ଧ୍ୟାରେ ବୈଦ୍ୟନାଥପୁର ଥାନାରେ ଅତିରିକ୍ତ ଏସପି ଆଲୋକ ଜେନା ଓ ଏସଡ଼ିପିଓ ତଥା ତଦନ୍ତ ଅଧିକାରୀ ପ୍ରିୟସ ରଞ୍ଜନ ଛୋଟରାୟ ପ୍ରଥମେ ଶୂନ୍ୟ ଦାସଙ୍କୁ ନେଇ ପ୍ରାୟ ୩୦ମିନିଟ ଜେରା କରିଥିଲେ। ପରେ ସୁନିଲ ହୋତାଙ୍କୁ ଏକାକୀ ଜେରା କରିଥିଲେ। ଗିରଫବେଳେ ଯେଉଁ ତଥ୍ୟ ସେମାନେ ପୁଲିସକୁ ଦେଇଥିଲେ ଜେରା ସମୟରେ ଉଭୟେ ତାହାକୁ ପୁଣି ଦୋହରାଇଥିବା ଜଣାପଡ଼ିଛି। ତଥାପି ପୁଲିସ ଉଭୟଙ୍କୁ ରିମାଣ୍ଡ ସମୟରେ ଜେରା କରି କିଛି ନୂଆ ତଥ୍ୟ ହାସଲ କରିବାର ଆଶା ରଖିଛି। ଶନିବାର ରିମାଣ୍ଡ ଶେଷ ପୂର୍ବରୁ ପୁଲିସ ଉଭୟ ଅଭିଯୁକ୍ତଙ୍କ ଠାରୁ କଣ ତଥ୍ୟ ସଂଗ୍ରହ କରୁଛି ତାହା ଚାର୍ଜସିଟ ଦାଖଲ ବେଳେ ହିଁ ସ୍ପଷ୍ଟ ହେବ ବୋଲି ଆଇନଜୀବୀମାନେ ମତ ରଖିଛନ୍ତି।

# ସର୍ଭାଇକାଲ କ୍ୟାନ୍ସର ପ୍ରତିରୋଧକ ଟିକାକରଣ



ବ୍ରହ୍ମପୁର,୨୮।୧୧(ସମିସ): ଫ୍ରେଣ୍ଡସ୍ ହେଲ୍ପିଂ କ୍ଲବ୍ ପକ୍ଷରୁ ୧୬୩ଜଣଙ୍କୁ ସର୍ଭିକାଲ୍ କ୍ୟାନସର ପ୍ରତିରୋଧକ ଟୀକାକରଣର ଶେଷ ଡୋଜ୍ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥିଭାବେ ସିଡ଼ିଏମଓ ଡ଼ାକ୍ତର ସୁଶାନ୍ତ କୁମାର ନାୟକ ଓ ଟୀକାକରଣ ପରିଚାଳିକ ସ୍ମୃତିବର୍ଦ୍ଧନ ଦାଶ ଯୋଗ ଦେଇଥିଲେ। ଟୀକାକରଣ ପୂର୍ବରୁ, ସମସ୍ତ ସଦସ୍ୟଙ୍କୁ ଡାକ୍ତର ଜେ. ଭାନିଶ୍ରୀ ଏବଂ ଡାକ୍ତର ଟି ପ୍ରକାଶ ରାଓ ଟୀକାକରଣର ଲାଭ ଏବଂ କିଶୋରୀ ଝିଅମାନଙ୍କ ପାଇଁ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ବିପଦ ବିଷୟରେ ଏକ ସଚେତନ କରାଯାଇଥିଲା। ଡାକ୍ତର ଟି ପ୍ରକାଶ ରାଓ, ଡ଼ାକ୍ତର ଇ. ନାରାୟଣ ରାଓ, ଡ଼ାକ୍ତର ଜେ ଭାରତୁଡୁ, ଡ଼ାକ୍ତର ଜେ ନାରାୟଣ ରାଓ, ଡ଼ାକ୍ତର କେ ରୋଶନ କୁମାର, ଡ଼ାକ୍ତର ୟୁ.ଏସ୍. ମୂର୍ତ୍ତି, ଡ଼ାକ୍ତର ସରୋଜ ବର୍ମା, ଡ଼ାକ୍ତର ଜେ ସୋମେଶ୍ୱର ରାଓ ଏବଂ ଡ଼ାକ୍ତର ଭି.ଭି.ଏଲ୍.ଏନ୍. ରାଓ ଝିଅମାନଙ୍କୁ ଟୀକାକରଣ କରାଇଥିଲେ। ରୟାଲ୍ କଲେଜ ଅଫ୍ ଫାର୍ମାସି ଆଣ୍ଡ ହେଲଥ ସାଇନ୍ସସର ଛାତ୍ରଛାତ୍ରୀମାନେ ସ୍ୱେଚ୍ଛାସେବୀ ଭାବରେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିତବାରେ କେଶବ ସୁବୁଦ୍ଧି, ଆଡଭୋକେଟ୍ ଏସ ଦୁର୍ଗା ପ୍ରସାଦ, ପୂର୍ଣ୍ଣ ସୁବୁଦ୍ଧି, ଇ. ଶିବ ପ୍ରସାଦ ରାଓ, କେ ସତ୍ୟ ନାରାୟଣ ସୁବୁଦ୍ଧି ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫ୍ରେଣ୍ଡସ ହେଲଫିଂ କ୍ଲବର ସଭାପତି ସତ୍ୟକାମ ପାତ୍ର, ସଚିବ ଏମ୍ ପ୍ରବୀଣ ଏବଂ ପ୍ରକଳ୍ପ ଅଧ୍ୟକ୍ଷ ଏଏସ୍ ଏନ୍ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।

କଂଗ୍ରେସର ମେଧା ଅନ୍ୱେଷଣ...

# ଉପସ୍ଥାପକ, ସଂଯୋଜକ, ମୁଖପାତ୍ର ଚୟନ କରିବ କଂଗ୍ରେସ




ବ୍ରହ୍ମପୁର,୨୮।୧୧(ସମିସ): ସ୍ଥାନୀୟ ବାପୁଜୀ ଆଶ୍ରମ ପରିସରରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମେଧା ଅନ୍ୱେଷଣ ଜରିଆରେ ଉପସ୍ଥାପନ, ସଂଯୋଜକ ଓ ମୁଖପାତ୍ର ଦଳ ପକ୍ଷରୁ ଚୟନ କରାଯିବ ବୋଲି ଏଠାରେ କୁହାଯାଇଛି। ଜାତୀୟ ମେଧା ଅନ୍ୱେଷଣ କାର୍ଯ୍ୟକ୍ରମ ଜରିଆରେ ଦକ୍ଷ ଓ ପ୍ରତିଭାବାନ ଉପସ୍ଥାପକ, ମୁଖପାତ୍ର, ଗଣମାଧ୍ୟମ ଗଣମାଧ୍ୟମ ସଂଯୋଜକ ଓ ଗବେଷଣାକକ ସଂଯୋଜକ ଚୟନ କରିବ କଂଗ୍ରେସ। ସେମାନେ ଦଳର ମୁଖପାତ୍ର ଭାବେ କାର୍ଯ୍ୟ କରିବେ। ରାଜ୍ୟରେ ୬ଟି ଜୋନରେ ଗତ ୨୨ ତାରିଖରୁ ଆପ୍ଲିକେସନ ଗ୍ରହଣ ଆରମ୍ଭ ହୋଇଛି। ଆସନ୍ତା ୨ ତାରିଖ ଆବେଦନ ପ୍ରକ୍ରିୟା ଶେଷ ହେବ। ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାକୁ ନେଇ ଗଞ୍ଜାମ ଜୋନ୍ ଗଠିତ ହୋଇଥିବା ବେଳେ ୩ରେ ସମସ୍ତ ଆବେଦନର ସ୍କ୍ରୁଟିନି ହେବ। ୬ରୁ ୮ତାରିଖ ପର୍ଯ୍ୟନ୍ତ ଜୋନାଲ ସ୍ତରରେ ବ୍ରହ୍ମପୁରରେ ଆବେଦନକାରୀଙ୍କ ବିଭିନ୍ନ ପରୀକ୍ଷା ହେବ। ମନୋନିତ ପ୍ରତିଭାଙ୍କୁ ନେଇ ଡିସେମ୍ବର ୧୬ରେ ରାଜ୍ୟ ସ୍ତରରେ ପରୀକ୍ଷା କରାଯିବ। ଏହାପରେ ସେମାନଙ୍କୁ ଦଳର ମୁଖପାତ୍ର ଦାୟିତ୍ ଦିଆଯିବ ବୋଲି କୁହାଯାଇଛି। ସାମ୍ବାଦିକ ସମ୍ମିଳନୀରେ ସଂଯୋଜକ ଭୋକାଳି ସେଠୀ, ଗଞ୍ଜାମ ଜିଲ୍ଲା (ପୂର୍ବ) ସଭାପତି ରଶ୍ମୀ ରଞ୍ଜନ ପଟ୍ଟନାୟକ, ପୂର୍ବତନ ବିଧାୟକ ଡ. ତ୍ରିନାଥ ବେହେରା, ଜିଲ୍ଲା ମହିଳା ସଭାନେତ୍ରୀ ବନଜା ପଣ୍ଡା, ସୁବାସିନି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଇତିହାସ ବିଭାଗର ପାଠଚକ୍ର, ସ୍ୱାଗତ ସମ୍ବର୍ଦ୍ଧନା

ବ୍ରହ୍ମପୁର,୨୮।୧୧(ସମିସ): ଗୋପାଳପୁର କଲେଜରେ ଇତିହାସ ବିଭାଗର ପାଠଚକ୍ର ଓ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଅଧ୍ୟକ୍ଷ ଡ଼ ରାମଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ନୂତନ ବର୍ଷର ଛାତ୍ରଛାତ୍ରୀଙ୍କୁ ସମୟାନୁବର୍ତ୍ତୀ ହେବାକୁ ପରାମର୍ଶ ଦେଇଥିଲେ। ରବୀନ୍ଦ୍ର କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ବରିଷ୍ଠ ଅଧ୍ୟାପକ ଡ଼ କବିନ୍ଦ୍ର କୁମାର ସେଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ପାଠଚକ୍ରର ସନ୍ଦର୍ଭ "ଭକ୍ତି ଓ ସୁଫି ଆନ୍ଦୋଳନର ପ୍ରଭାବ' ଉପରେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଡ଼ ରାମଚନ୍ଦ୍ର ଜେନା ଏବଂ ଡ଼ ପ୍ରଦୀପ୍ତ ପଟ୍ଟନାୟକ ଯୋଗଦେଇ ଭକ୍ତି ଆନ୍ଦୋଳନ ବିଷୟରେ ବୁଝାଇଥିଲେ। ଇତିହାସ ବିଭାଗର ମୁଖ୍ୟ ଡ଼. ଚଞ୍ଚଳା ଜେନା ସଭାପତିତ୍ୱ କରି ପାଠଚକ୍ର ଓ ଗବେଷଣା ପ୍ରତି ବିଦ୍ୟାର୍ଥୀମାନେ ଆଗଭର ହେବାକୁ ଆହ୍ୱାନ ଦେଇଥିଲେ। ଛାତ୍ରୀ ସୁରଭି ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ବି. ନରସିଂହ ରାଓ, ଲିପି ସେଠି, ଅମୀୟ କୁମାର ଜେନା ନିଜର ସନ୍ଦର୍ଭ ପାଠ କରିଥିଲେ।

# ବିମାନବନ୍ଦର ଓ ଟ୍ରାଫିକ୍ ସମସ୍ୟା ସମାଧାନ ଲାଗି ଦାବିପତ୍ର



ବ୍ରହ୍ମପୁର,୨୮।୧୧(ସମିସ): ବ୍ରହ୍ମପୁର ଓ ଗଞ୍ଜାମ ଜିଲ୍ଲାରେ ଚାଲିଥିବା ବିଭିନ୍ନ ବିକାଶ ମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଓଡ଼ିଶା ଡେଭେଲପମେଣ୍ଟ ଫୋରମ ପକ୍ଷରୁ ଗଞ୍ଜାମ ଜିଲ୍ଲାପାଳଙ୍କ ସହ ଆଲୋଚନା କରାଯାଇ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରଙ୍ଗେଇଲୁଣ୍ଡା ବିମାନ ବନ୍ଦର, ବ୍ରହ୍ମପୁର ରିଙ୍ଗ ରୋଡ଼-ବାଇପାସ୍ ରୋଡ଼, ଜଗନ୍ନାଥପୁର ଜଙ୍କସନ୍, ଆମ୍ବପୁଆ ରେଲୱେ ଓଭର ବ୍ରିଜ, ଆନ୍ତଃ ରାଜ୍ୟ ବସ୍ ଟର୍ମିନାଲ, ଗେଟ୍ ବଜାର ଓଭର୍ ବ୍ରିଜ, ଆୟୁଷ ଚିକିତ୍ସାଳୟ, ଏମ.କେ. ସି.ଜି-କ୍ୟାନ୍ସର ହସ୍ପିଟାଲ, ବ୍ରହ୍ମପୁର ପ୍ଲାନେଟୋରିୟମ୍, ଏନଏଚ- ଲାଞ୍ଜିପଲ୍ଲି ଓ ଜଗନ୍ନାଥପୁର ଓଭର୍ ବ୍ରିଜ, ସହର ତଳି ପଞ୍ଚାୟତ ଗୁଡ଼ିକୁ ମହାନଗର ନିଗମରେ ମିଶ୍ରଣ ଏବଂ ସହର ମଧ୍ୟରେ ଅନିୟନ୍ତ୍ରିତ ଟ୍ରାଫିକ ଯନ୍ତ୍ରଣାକୁ ଦୂର କରିବା ପ୍ରଭୃତି ବିଷୟ ଉପରେ ବିସ୍ତୃତ ଆଲୋଚନା କରାଯାଇ ତ୍ୱରିତ ସମାଧାନ ପାଇଁ ଦାବିପତ୍ର ଦିଆଯାଇଛି। ଦାବିପତ୍ର ପ୍ରଦାନ ବେଳେ ଓଡ଼ିଶା ଡେଭେଲପମେଣ୍ଟ ଫୋରମ ସମ୍ପାଦକ ଭି. ସୋମେଶ୍ୱର ରାଓ, ଲକ୍ଷ୍ମୀ ନାରାୟଣ ପାଢ଼ୀ, ପ୍ରବୀଣ ପଟ୍ଟନାୟକ, ଦକ୍ଷିଣ ଓଡ଼ିଶା ଛାତ୍ର ସଂଘ ସଭାପତି ନରସିଂହ ନୀଳମାଧବ ପାତ୍ର, ନିମାଇ ଚରଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ଦ୍ୱିତୀୟ ଦିନରେ ଓଡିଶା ଗବେଷଣା ସମ୍ମିଳନୀ

# ପାରମ୍ପରିକ ବିଦ୍ୟା ଓ ଆଧୁନିକ ପ୍ରଯୁକ୍ତି ବିଦ୍ୟାର ସମନ୍ୱୟ ଜରୁରୀ

ବ୍ରହ୍ମପୁର,୨୮।୧୧(ସମିସ)




ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଓଡ଼ିଶା ଗବେଷଣା ସମ୍ମିଳନୀ-୨୦୨୫ ଦ୍ୱିତୀୟ ଦିନରେ ପହଞ୍ଚିଛି। ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ନେଇ ଆଲୋଚନା ଅନୁଷ୍ଠିତ ହୋଇଛି। ଏଥିରେ ପାରମ୍ପରିକତା ସହ ପ୍ରଯୁକ୍ତିର ସମନ୍ୱୟ ରକ୍ଷା କରିବା ଉପରେ ମତପ୍ରକାଶ ପାଇଛି। ଗବେଷଣା ଦ୍ୱାରା ସ୍ଥାନୀୟ ବିଶେଷତ୍ୱକୁ ବିଶ୍ୱବିଦିତ କରିବା ଉଚିତ ବୋଲି କୁହାଯାଇଛି। ଦ୍ୱିତୀୟ ଦିନର ପ୍ରଥମ ଅଧିବେଶନରେ ସାମାଜିକ ବିଜ୍ଞାନ ସଂପର୍କିତ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱର ଫକୀରମୋହନ ବିଶ୍ୱବଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ନିବେଦିତା ନାଥ, ମଧୁସୂଦନ ଆଇନ ବିଶ୍ୱବଦ୍ୟାଳୟର କୁଳପତି ପ୍ରଫେସର କମଳଜିତ ସିଂହ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ କୃତ୍ରିମ ବୁଦ୍ଧିମତା (ଏଆଇ) ଜ୍ଞାନକୌଶଳର ପ୍ରୟୋଗ କରି କିପରି ନବୀନତାପୂର୍ଣ୍ଣ ଗବେଷଣା ସହ ଗବେଷଣା ଲୋକାଭିମୁଖୀ ହେବା ଉଚିତ ବୋଲି ଆଲୋଚନା ହୋଇଥିଲା। ଦ୍ୱିତୀୟ ଅଧିବେଶନରେ କୁଳପତିଙ୍କ ବୈଠକ ସହ ଗବେଷଣାକୁ ଶିଳ୍ପାଭିମୁଖୀ କରିବା ପାଇଁ ଶିକ୍ଷାବିତ ଏବଂ ଶିଳ୍ପ ସଂସ୍ଥାର ବିଶେଷଜ୍ଞଙ୍କ ଏକ ମିଳିତ ବୈଠକ ଆୟୋଜତ ହୋଇଥିଲା। ବୈଠକରେ ଭୁବନେଶ୍ୱର ସ୍ଥିତ ଭାରତୀୟ ପ୍ରବନ୍ଧନ ସଂସ୍ଥାନର ପ୍ରାଧ୍ୟାପକ ପ୍ରଫେସର ସୁପ୍ରିତି ମିଶ୍ର, ବିରଲା ଗ୍ଲୋବାଲ ୟୁନିଭରସିଟିର ଡିନ ଡ. ଅର୍ଚ୍ଚନା ଚୌଧୁରୀ, ଅଦାନୀ ଫାଉଣ୍ଡେସନ ଦ୍ୱାରା ପରିଚାଳିତ ଗୋପାଳପୁର ବନ୍ଦରର କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସଆର) ମୁଖ୍ୟ ଦେବଦତ୍ତ ମିଶ୍ର, ଏସବିଆଇ ଆଞ୍ଚଳିକ ପ୍ରବନ୍ଧକ ହରିକୃଷ୍ଣ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଶିଳ୍ପ ସଂସ୍ଥାର ବିଶେଷଜ୍ଞ ଓ ଶିକ୍ଷାବିତଙ୍କ ମିଳିତ ସହଯୋଗରେ ଗବେଷଣା ହେବା ଉଚିତ ଏବଂ ଏହି ଆଭିମୁଖ୍ୟ ସମୃଦ୍ଧ ଓଡ଼ିଶା ଗଠନ ସହ ବିକଶିତ ଭାରତର ଲକ୍ଷ୍ୟକୁ ପୂରଣ କରିପାରିବ ବୋଲି ବିଶେଷଜ୍ଞ ମାନେ ମତ ଦେଇଛନ୍ତି। ତୃତୀୟ ଅଧିବେଶନରେ ଜାତୀୟ ଶିକ୍ଷାନୀତିର ସଫଳ ରୂପାୟନକୁ ନେଇ ଆୟୋଜିତ ହୋଇଥିଲା। ଓଡିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦର କାର୍ଯ୍ୟକାରୀ ସଦସ୍ୟ ପ୍ରଫେସର ସୁସମିତ ପ୍ରସାଦ ପାଣିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଫକିରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ମଧୁମିତା ଦାସ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ, ଓଡିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରହୀ, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଧାପିକା ପ୍ରଫେସର ସ୍ୱର୍ଣ୍ଣମୟୀ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ଅତିଥିମାନଙ୍କୁ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଉପଢୌକନ ସହ ସ୍ମାରକୀ ଦେଇ ସମ୍ମାନିତ କରିଥିଲେ।


# ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ପ୍ରଦର୍ଶନୀ



ବ୍ରହ୍ମପୁର,୨୮।୧୧(ସମିସ): ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ସମର ଶିକ୍ଷାର୍ଥୀ ବାହିନୀ ଆନୁକୂଲ୍ୟରେ ଏକ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ପ୍ରଦର୍ଶନୀ ଆଜି ପୂର୍ବାହ୍ନରେ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡକ୍ଟର୍ ପ୍ରମିଳା ଖାଡ଼ଙ୍ଗା ଏହି ପ୍ରଦର୍ଶନୀର ଉଦ୍‌ଘାଟନ କରିବା ସଂଗେ ସଂଗେ ବର୍ଜ୍ୟବସ୍ତୁର ସୁପରିଚାଳନା ଦ୍ୱାରା ପାରିବେଶିକ ସନ୍ତୁଳନ ରକ୍ଷା କରାଯାଇପାରିବ ବୋଲି କହିଥିଲେ। ହାତ ପାଆନ୍ତାରେ ଉପଲବ୍ଧ ବିଭିନ୍ନ ବର୍ଜ୍ୟବସ୍ତୁକୁ ଉପଯୋଗ କରି ଛାତ୍ରଛାତ୍ରୀମାନେ ୧୪ଟି ପ୍ରକଳ୍ପ ପ୍ରସ୍ତୁତ କରିବା ସହ ସେ ସବୁର ନମୂନା ପ୍ରଦର୍ଶନ କରିଥିଲେ। ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଅଧିକାରୀ ଡ. ଅନୀତା ପତିଙ୍କ ସଂଚାଳନାରେ ଆୟୋଜିତ ଏହି ପ୍ରଦର୍ଶନୀରେ ମହାବିଦ୍ୟାଳୟ ପ୍ରାଶାସନିକ ଅଧିକାରୀ ଡ. ଆନନ୍ଦ ସେଠୀ, ଡ. ଦେବରାଜ ସ୍ୱାଇଁ, ଡ. କମଳାକାନ୍ତ ନାୟକ, ଡ. ଚିତ୍ତରଞ୍ଜନ ମହାନ୍ତି, ଡ. ସ୍ନେହାସିନୀ ପ୍ରଧାନ ପ୍ରମୁଖ ଯୋଗଦେବା ସଂଗେ ସଂଗେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି ପ୍ରଦର୍ଶନୀରେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

୨୮/୧୧/୨୦୨୫ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୩୮,୩୪୩/- ସୁନା: ୦୬.୮୦୦ ଗ୍ରାମ୍ ରୁପା: ୨୦.୪୦୦ ଗ୍ରାମ୍





### ଗୃହର ଦୃଷ୍ଟିଆକର୍ଷଣ କଲେ ବିଧାୟକ ସୁନୀଲ ମହାନ୍ତି

# ବିଧାନସଭାରେ ଉଠିଲା ପୁରୀବାସୀଙ୍କ ସ୍ୱତନ୍ତ୍ର ଦର୍ଶନ ପ୍ରସଙ୍ଗ



ପୁରୀ, ୨୮।୧୧ (ସମିସ): ପୂର୍ବରୁ ପୁରୀ ସହରବାସୀ ଶ୍ରୀମନ୍ଦିରକୁ ଯେଉଁଭଳି ଭାବେ ଯିବାଆସିବା କରୁଥିଲେ ଏବେ ଆଉ ସେଭଳି ସ୍ଥିତି ନାହିଁ। ସମୟ ଥିଲା ଅନେକ ସହରବାସୀ ଦିନକୁ ଏକାଧିକଥର ମନ୍ଦିରକୁ ଯାଉଥିଲେ। ମଙ୍ଗଳ ଆଳତି ହେଉ କି ସନ୍ଧ୍ୟା ଆଳତି ଅବା ଚନ୍ଦନଲାଗି, ବଡ଼ସିଂହାର ବେଶ ଦେଖୁଥିଲେ। ପୁଣି ମନ ହେଲେ ଆନନ୍ଦବଜାରକୁ ଯାଇ ଅବଢ଼ା ସେବନ କରିବା ସହ ପରିବାର ପାଇଁ ଧରି ଆସୁଥିଲେ। ହେଲେ କିଛିବର୍ଷ ହେବ ଏଭଳି ଚିତ୍ର ଆଉ ଦେଖିବାକୁ ମିଳୁନି। ବରଂ ପୁରୀବାସୀଙ୍କ ପାଇଁ ଶ୍ରୀମନ୍ଦିର ପ୍ରବେଶ ଏକପ୍ରକାର ଚିନ୍ତାଜନକ ବିଷୟ ପାଲଟିଯାଇଛି। ଏବେ ଦର୍ଶନ ପାଇଁ ହେଉ କି ଅବଢ଼ା ଆଣିବା ଲାଗି ସେମାନଙ୍କୁ ଅନ୍ୟ ଶ୍ରଦ୍ଧାଳୁଙ୍କ ଭଳି ଲମ୍ବା ଧାଡ଼ିରେ ଘଣ୍ଟା ଘଣ୍ଟା ଛିଡ଼ା ହେବାକୁ ପଡୁଛି। ମନ୍ଦିରକୁ ଯିବାକୁ ହେଲେ ସେମାନଙ୍କୁ ଏକାଧିକଥର ଚିନ୍ତା କରିବାକୁ ପଡୁଛି। ସେମାନଙ୍କ ମୌଳିକ ଅଧିକାର କ୍ଷୁର୍ଣ୍ଣ କରାଯାଇଛି। ତେଣୁ ନିଜର ହକ୍ ପାଇଁ ଏବେ ସ୍ୱର ଉଠାଇଛନ୍ତି ପୁରୀ ସହରବାସୀ।

ଶ୍ରୀମନ୍ଦିରକୁ ପ୍ରବେଶ ଏବଂ ମହାପ୍ରଭୁଙ୍କ ଦର୍ଶନ କିପରି ସହଜ ହେବ ସେଥିଲାଗି ପ୍ରତିବାଦ ଚଳାଇଛନ୍ତି। ପୁରୀରେ ଏହି ପ୍ରତିବାଦର ସ୍ୱର ତୀବ୍ର ହେଉଥିବାବେଳେ ଶୁକ୍ରବାର ଏହି ପ୍ରସଙ୍ଗ ଉଠିଛି ବିଧାନସଭାରେ। ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ଏହି ପ୍ରସଙ୍ଗ ଉଠାଇ କହିଛନ୍ତି ଯେ, ଦେଶର ପ୍ରମୁଖ ମନ୍ଦିରମାନଙ୍କରେ ଭକ୍ତ, ପର୍ଯ୍ୟଟକଙ୍କ ଦର୍ଶନ ସୁବିଧା ସହିତ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ରହିଛି। ଏବେ ଆମ ଶ୍ରୀମନ୍ଦିରରେ ଭକ୍ତ, ଶ୍ରଦ୍ଧାଳୁଙ୍କ ଭିଡ଼ ଅଧିକ ହେବାରେ ଲାଗିଛି। ଭିଡ଼ ନିୟନ୍ତ୍ରଣ କରିବା ପାଇଁ ସରକାର ବ୍ୟାରିକେଡିଂ ବ୍ୟବସ୍ଥା କରିଛନ୍ତି। କିନ୍ତୁ ଏହି ବ୍ୟବସ୍ଥା ଭିତରେ ପୁରୀବାସୀ ହନ୍ତସନ୍ତ ହେଉଛନ୍ତି। ପୁରୀବାସୀଙ୍କ ନିମନ୍ତେ ସ୍ୱତନ୍ତ୍ର ଦର୍ଶନ ପାଇଁ ଏବେ ଦାବି ଜୋର୍ ଧରିଲାଣି। ଏଥିରେ ପୁରୀର ସବୁବର୍ଗର ଲୋକେ ସାମିଲ ହୋଇ ସ୍ୱର ଉଠାଇଲେଣି। ସରକାର ଏ ବିଷୟରେ ଚିନ୍ତନ କରନ୍ତୁ। ଭକ୍ତମାନେ ଯେପରି ସୁବିଧାରେ ଦର୍ଶନ ସହ ପୁରୀବାସୀ ମଧ୍ୟ ସୁବିଧାରେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ସେ ନେଇ ସରକାର କିଛି ନିଷ୍ପତ୍ତି ନିଅନ୍ତୁ ବୋଲି ବିଧାୟକ ଗୃହର ଦୃଷ୍ଟି ଆକର୍ଷଣ କରିଥିଲେ।

## ଜାପାନରେ ନିଯୁକ୍ତି ପାଇଲେ ଚନ୍ଦ୍ରଶେଖର ଏକାଡେମୀର ୨ ଛାତ୍ର




ପୁରୀ,୨୮।୧୧(ସମିସ): ଜାପାନର ଆଇଟି କମ୍ପାନୀରେ ନିଯୁକ୍ତି ପାଇଛନ୍ତି ବାଲିଘାଇସ୍ଥିତ ଚନ୍ଦ୍ରଶେଖର ଏକାଡେମୀର ଦୁଇଛାତ୍ର। ସେମାନେ ଡିସେମ୍ବର ୨ ତାରିଖରେ ଜାପାନ ଯିବେ। ଦୁଇବର୍ଷ ଧରି ଛାତ୍ରଦ୍ୱୟ ଜାପାନ ଭାଷା ସହିତ ଆଇଟି ପାଠ୍ୟକ୍ରମ ଅଧ୍ୟୟନ କରୁଥିଲେ। ସେମାନଙ୍କୁ ଜାପାନର ଏକ ଆଇଟି କମ୍ପାନୀ ମନୋନୀତ କରିଥିବା ଏକାଡେମୀର ଚେୟାରମ୍ୟାନ ତଥା ଇଣ୍ଡିଆ-ଜାପାନ ଫ୍ରେଣ୍ଡଶିପ ସେଣ୍ଟର ସଭାପତି ଶ୍ରୀମନ୍ତ କୁମାର ଦାଶ ସୂଚନା ଦେଇଛନ୍ତି। ଦୁଇ ଛାତ୍ର ହେଲେ ରାକେଶ କୁମାର ବେହେରା ଓ ପ୍ରକାଶ ଚନ୍ଦ୍ର ବରାଳ। ଏହି ୨ ଛାତ୍ରଙ୍କ କୃତିତ୍ୱ ଯୋଗୁ ଏକାଡେମୀ ଗର୍ବିତ ବୋଲି ଶ୍ରୀ ଦାଶ କହିଛନ୍ତି। ଏ ନେଇ ରାକେଶ କୁହନ୍ତି, ଯାଜପୁରରୁ ଆସି ପୁରୀରେ ରହିବା ପରେ ଚନ୍ଦ୍ରଶେଖର ଏକାଡେମୀରେ ଗରିବ ଓ ମେଧାବୀ ପିଲାମାନଙ୍କୁ ଜାପାନ ଭାଷା ଓ ଆଇଟି ଶିକ୍ଷା ଲାଭ ପରେ ଜାପାନ କମ୍ପାନୀରେ ନିଯୁକ୍ତି ମିଳୁଥିବା ଶୁଣିଥିଲି। ସେହି ଆଶା ନେଇ ଦୁଇବର୍ଷ ଅଧ୍ୟୟନ କରିବା ପରେ ଆଜି ମୋ ଲକ୍ଷ୍ୟ ପୂରଣ ହୋଇଛି। ଅନୁଷ୍ଠାନ ନିକଟରେ ମୁଁ ଋଣୀ। ସେହିପରି ପ୍ରକାଶ କୁହନ୍ତି, ଗ୍ରାମାଞ୍ଚଳରୁ ଆସି ଜାପାନ କମ୍ପାନୀରେ ଚାକିରୀ ମିଳିବା ଭାଗ୍ୟର କଥା। ଏକାଡେମୀ ଯୋଗୁ ତାହା ସମ୍ଭବ ହୋଇପାରିଛି। ଏହି ଅବସରରେ ଜାପାନ, ତୋତରୀ ସରକାରଙ୍କ ବାଣିଜ୍ୟ ପରାମର୍ଶଦାତା ତଥା ପୁରୀ ସିଟି ବ୍ରାଣ୍ଡ ଆମ୍ବାସଡର କୁନା ଦାଶ ନିଯୁକ୍ତି ପାଇଥିବା ଦୁଇ ଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ, ଗତ ୫ ବର୍ଷ ମଧ୍ୟରେ ଏକାଡେମୀରୁ ୨୫ରୁ ଅଧିକ ଛାତ୍ର ଜାପାନରେ ନିଯୁକ୍ତି ପାଇଛନ୍ତି।

## ଦୋକାନ ଭିତରେ ଯୁବକଙ୍କ ଆତ୍ମହତ୍ୟା

ପୁରୀ,୨୮।୧୧(ସମିସ): ବାସେଳୀସାହି ଥାନା ଅଞ୍ଚଳରେ ଜଣେ ଯୁବକ ନିଜ ମୋବାଇଲ ଦୋକାନରେ ଆତ୍ମହତ୍ୟା କରିଛନ୍ତି। ସେ ହେଉଛନ୍ତି ମଙ୍ଗଳା ଘାଟ ନିକଟର ଉମାକାନ୍ତ ନାୟକ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ବେଳେ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଏ ସମ୍ପର୍କରେ ବାସେଳୀସାହି ଥାନାଧିକାରୀ ବିକ୍ରମ କେଶରୀ ଜେନା କହିଛନ୍ତି, ଉମାକାନ୍ତ ୭/୮ ବର୍ଷ ହେବ ଜଣଙ୍କ ଘର ଭଡ଼ା ନେଇ ଏକ ମୋବାଇଲ ଦୋକାନ କରିଥିଲେ। ଦୋକାନ ଭିତରେ ମୃତଦେହ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ସାଇଣ୍ଟିଫିକ୍ ଟିମ୍ ମଧ୍ୟ ପହଞ୍ଚି ଅନୁଧ୍ୟାନ କରିଥିଲେ। ଦୋକାନରୁ ଏକ ସୁଇସାଇଡାଲ ନୋଟ୍ ଜବତ କରାଯାଇଛି, ଯେଉଁଥିରେ ପାରିବାରିକ ଏବଂ ଆର୍ଥିକ ସମସ୍ୟା ପାଇଁ ସେ ଆତ୍ମହତ୍ୟା କରିଥିବା କହିଛନ୍ତି ଆଇଆଇସି ଶ୍ରୀ ଜେନା। ତେବେ ପ୍ରାଥମିକ ତଦନ୍ତରୁ ଦୋକାନ ଭିତରେ ମୁହଁରେ ପଲିଥିନ ଦେଇ ହିଲିୟମ ଗ୍ୟାସ୍ ନେଇ ସେ ଆତ୍ମହତ୍ୟା କରିଥିବା ଶ୍ରୀ ଜେନା ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଆତ୍ମହତ୍ୟା କରିବାକୁ ଗ୍ରହଣ କରିପାରୁନାହାନ୍ତି ପରିବାର ଲୋକେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁ କିପରି ହୋଇଛି ତାହା ସ୍ପଷ୍ଟ ଜଣାପଡିବ ବୋଲି ପୁଲିସ କହିଛି।

## କ୍ରିକେଟ୍ ଖେଳ ମହୋତ୍ସବ ଉଦ୍‌ଘାଟିତ

ପୁରୀ,୨୮।୧୧(ସମିସ): ଶ୍ରୀଜଗନ୍ନାଥ ଷ୍ଟାଡିୟମରେ ଶୁକ୍ରବାର ପୁରୀ ସଂସଦୀୟ କ୍ଷେତ୍ର ଅଧୀନରେ ଥିବା ପୁରୀ ଜିଲ୍ଲାର ୪ ବିଧାନସଭା ନିର୍ବାଚନ ମଣ୍ଡଳୀ ପିପିଲି, ସତ୍ୟବାଦୀ, ପୁରୀ ସଦର ଓ ବ୍ରହ୍ମଗିରିର କ୍ରିକେଟ ଖେଳ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହି ଖେଳ ସେପ୍ଟେମ୍ବର ୨୧ରୁ ଆରମ୍ଭ ହୋଇଥିବା ବେଳେ ଡିସେମ୍ବର ୨୫ରେ ଉଦ୍‌ଯାପିତ ହେବ। ସାଂସଦ ଖେଳ ମହୋତ୍ସବର ୧୦ ଗୋଟି ଖେଳ ମଧ୍ୟରୁ କ୍ରିକେଟ ଅନ୍ୟତମ ଖେଳ ଭାବେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଛି। ଏହାକୁ ଉଦ୍‌ଘାଟନ



କରି ସାଂସଦ ଡା. ସମ୍ବିତ ପାତ୍ର କେନ୍ଦ୍ର ସରକାରଙ୍କର ଏହା ଏକ ଉତ୍ତମ ପଦକ୍ଷେପ। ଯାହା କେବଳ ଯୁବବର୍ଗଙ୍କ କ୍ରୀଡା ପ୍ରତିଭାକୁ ଆଗକୁ ଆଣୁନାହିଁ ବରଂ ସେମାନଙ୍କୁ ଶାରୀରିକ ସୁସ୍ଥ ଓ ଶୃଙ୍ଖଳାର ଶିକ୍ଷା ଦେଉଛି ବୋଲି କହିଥିଲେ। ପ୍ରତ୍ୟେକଙ୍କ ମଧ୍ୟରେ ପ୍ରତିଭା ରହିଛି। ଏହାର ସଠିକ ଉପଯୋଗ କରିପାରିଲେ ସେମାନେ ସମାଜ ପାଇଁ ସମ୍ବଳ ପାଲଟି ପାରିବେ। ୨୦୩୦ ରାଜ୍ୟ ଗୋଷ୍ଠୀ କ୍ରୀଡ଼ା ଭାରତରେ ହେବାକୁ ସ୍ଥିର ହୋଇଛି। ୨୦୩୬ ଅଲମ୍ପିକ ଭାରତରେ କରିବାକୁ ସରକାର ଉଦ୍ୟମ କରୁଛନ୍ତି, ଯାହା କ୍ରୀଡ଼ାକୁ ଆହୁରି ବିକଶିତ କରିବ ବୋଲି କହିବା ସହ ସାଂସଦ ଖେଳ ମହୋତ୍ସବର ସଫଳତା ଯୁବବର୍ଗର ମନୋବଳ ବୃଦ୍ଧି କରିବ ବୋଲି କହିଥିଲେ।

ଅନ୍ୟତମ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ କ୍ରୀଡ଼ା ମହୋତ୍ସବ ମାଧ୍ୟମରେ ଯୁବବର୍ଗ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ବୋଲି କହିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସଭା କାର୍ଯ୍ୟ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜେପି ଜିଲ୍ଲା ସଭାପତି ଡା. ଦେବେନ୍ଦ୍ର ନାଥ ତରାଇ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମଧୁସୂଦନ ସିଂହାରୀ, ରବି ନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି କ୍ରିକେଟ ପ୍ରତିଯୋଗିତାରେ ୮୦ଟି ଦଳ ଅଂଶଗ୍ରହଣ କରିଛନ୍ତି।

### ପୁରୀ ପୁଲିସର ସାପ୍ତାହିକ ପରେଡ୍

## କ୍ୟାଣ୍ଟିନ୍, ବାରାକ୍ ଓ କ୍ୱାର୍ଟର୍ ଲାଇନ୍ ରିଭ୍ୟୁ

ପୁରୀ,୨୮।୧୧(ସମିସ): ରିଜର୍ଭ ପୋଲିସ ଲାଇନ୍‌ରେ ଶୁକ୍ରବାର ସାପ୍ତାହିକ ପରେଡ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍‌ପି ପ୍ରତୀକ୍ ସିଂ ଉପସ୍ଥିତ ରହି ନିରୀକ୍ଷଣ କରିଥିଲେ। ରିଭ୍ୟୁ ସମୟରେ ଶ୍ରୀ ସିଂ ଅଧିକାରୀମାନଙ୍କୁ ଏବଂ ସମସ୍ତ ପୁଲିସ ଜବାନମାନଙ୍କୁ ସମ୍ବୋଧିତ କରି କହିଥିଲେ ଯେ, ପୁରୀ ପୁଲିସଙ୍କ ପ୍ରାଥମିକ ଲକ୍ଷ୍ୟ ହେଉଛି ଜନସାଧାରଣଙ୍କ ସୁରକ୍ଷା, ସେବା ଓ ଭରସା। ଆମ ସମସ୍ତଙ୍କୁ ନିଷ୍ଠା, ସମୟାନୁବର୍ତ୍ତିତା, ଶିଷ୍ଟାଚାର ଓ ପ୍ରାଗତିଶୀଳ ଦୃଷ୍ଟିଭଙ୍ଗୀ ସହିତ କାର୍ଯ୍ୟ କରିବାକୁ ପଡିବ। ଜନସେବାରେ ପୁଲିସର ଭୂମିକାକୁ ସଶକ୍ତ କରିବା, ସାମାଜିକ କାର୍ଯ୍ୟ, ମହିଳା ଓ ଶିଶୁ ସୁରକ୍ଷା, ପର୍ଯ୍ୟଟକ ସୁରକ୍ଷା ଓ ଆଧୁନିକ ପୁଲିସିଂରେ କାର୍ଯ୍ୟ କରିବା ପାଇଁ ଜୋର୍ ଦିଆଯାଇଥିଲା। ସାପ୍ତାହିକ ପରେଡ୍ ପରେ ଏସ୍‌ପି ଶ୍ରୀ ସିଂ ପୁଲିସ ଲାଇନ୍‌ର ବିଭିନ୍ନ ସୁବିଧା ଓ ବ୍ୟବସ୍ଥାର ପ୍ରତ୍ୟକ୍ଷ ନିରୀକ୍ଷଣ କରିଥିଲେ। ପୁଲିସ ଲାଇନ୍ କ୍ୟାଣ୍ଟିନ୍‌ରେ ଦିଆଯାଉଥିବା ଖାଦ୍ୟର ଗୁଣବତ୍ତା, ପରିଷ୍କାର ପରିଚ୍ଛନ୍ନତା ଓ ସେବା ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ବାରାକ୍‌ଗୁଡ଼ିକରେ ରହିବା ବ୍ୟବସ୍ଥା, ପାଣି, ବିଦ୍ୟୁତ୍, ସୁରକ୍ଷା ଉପରେ ଆଲୋକପାତ କରିଥିଲେ। କ୍ୱାର୍ଟର୍ ଲାଇନ୍‌ରେ ପୁଲିସ ପରିବାରଙ୍କ ସୁବିଧା, ପରିମଳ, ପରିବେଶ ଆଦି ନିରୀକ୍ଷଣ କରିଥିଲେ।




ଯାହାକିଛି ସମସ୍ୟା ଦେଖିଥିଲେ ଯଥାଶୀଘ୍ର ତା'ରର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଅତିରିକ୍ତ ଏସ୍‌ପି ସୁଶୀଲ ମିଶ୍ର, ଅତିରିକ୍ତ ଏସ୍‌ପି ସଚିନ ପଟେଲ, ଅତିରିକ୍ତ ଏସ୍‌ପି ସୌମ୍ୟ ରଞ୍ଜନ ମଲ୍ଲିକ, ଡିଏସ୍‌ପି ତପନ ଦାଶ, ଡିଏସ୍‌ପି ସ୍ମିତା କଳ୍ପନା କାଉଁରୀ, ଡିଏସ୍‌ପି ସସ୍ମିତା ବେହେରା, ଡିଏସ୍‌ପି ତିଲୋତ୍ତମା ରାଉତ, ଆର୍‌ଆଇ ଚିତ୍ତରଞ୍ଜନ ମହାନ୍ତି ସାମିଲ ଥିଲେ। ପରେଡ୍ ଓ ସମୀକ୍ଷା କାର୍ଯ୍ୟକ୍ରମରେ ହାବିଲ୍‌ଦାର ଓ କନେଷ୍ଟବଳ ଆସୋସିଏଶନର ପ୍ରତିନିଧି ଅଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତି, ଉପାଧ୍ୟକ୍ଷ ସନ୍ତୋଷ ସାହୁ, ସୂର୍ଯ୍ୟତାପ ଜେନା, ଦିଲ୍ଲୀପ ଭୋଇ ଉପସ୍ଥିତ ରହିଥିଲେ।

### ● କନିଷ୍ଠ ରାଜ୍ୟ ଖୋ ଖୋ ପ୍ରତିଯୋଗିତା

## ବାଳିକା ବର୍ଗରେ କିସ୍ ବିଶ୍ୱବିଦ୍ୟାଳୟ ଚାମ୍ପିଅନ



ପୁରୀ,୨୮।୧୧(ସମିସ): ତାଳବଣିଆ ସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିସରରେ ୧୩ ତମ କନିଷ୍ଠ ରାଜ୍ୟ ଖୋ ଖୋ ଚାମ୍ପିୟନଶିପ୍ ବାଳକ ଏବଂ ବାଳିକା ବର୍ଗ ମଧ୍ୟରେ ଚଳିତ ମାସ ୨୬ରୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଅଛି। ଶୁକ୍ରବାର ବାଳିକା ବିଭାଗର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସାଂସଦ ଡା. ସମ୍ବିତ ପାତ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅଲ୍ ଓଡିଶା ଖୋ ଖୋ ସଂଘ ସଭାପତି ଡ. ନାରାୟଣ ପାତ୍ର, ଅଲ୍ ଇଣ୍ଡିଆ ଖୋ ଖୋ ସଂଘ ଉପ ସଭାପତି ତଥା ଓଡ଼ିଶା ଖୋ ଖୋ ଆସୋସିଏଶନର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମିଶ୍ର, ପିପିଲି ସାଂସ୍କୃତିକ ପରିଷଦର ଉପ ସଭାପତି ଦୀନବନ୍ଧୁ ବେଉରା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଏବଂ ଓଡ଼ିଶା ଖୋ ଖୋ ସଂଘର କୋଷାଧ୍ୟକ୍ଷ ଚୌଧୁରୀ ପାର୍ଥ ସାରଥୀ ମହାପାତ୍ର ଯୋଗଦାନ କରି ଉତ୍ତୀର୍ଣ୍ଣ କ୍ରୀଡାବିତ୍‌ମାନଙ୍କୁ ପୁରସ୍କାର ବିତରଣ କରିଥିଲେ।

ସରକାର କ୍ରୀଡ଼ାକୁ ପ୍ରାଧାନ୍ୟ ଦେଉଛନ୍ତି। ପାଠ ସହ କ୍ରୀଡ଼ା ପ୍ରତି ମନୋନିବେଶ କରି ଖେଳାଳି ମାନେ ଭବିଷ୍ୟତ ଗଠନ କରି ପାରିବେ ବୋଲି ସାଂସଦ ଡା. ପାତ୍ର ସୂଚନା ଦେବା ସହ ଖୋ ଖୋ ଖେଳରେ ରାଜ୍ୟ ଚାମ୍ପିୟନ ହେଲେ ସେମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ ସହ ବାର୍ତ୍ତାଳାପ ଓ ଫଟୋ ଉଠାଇବାର ବ୍ୟବସ୍ଥା କରିବେ ବୋଲି କରିଥିଲେ। ଶୁକ୍ରବାର ମ୍ୟାଚ୍‌ରେ ପୁରୀ ଦଳ କଟକକୁ, ବାଲେଶ୍ୱର କେନ୍ଦୁଝରକୁ, ଜଗତ୍‌ସିଂହପୁର ଗଞ୍ଜାମକୁ ଓ କିସ୍ ୟୁନିଭରସିଟ୍ ବଲାଙ୍ଗୀର ଦଳକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲେ। ସେମିଫାଇନାଲ ମ୍ୟାଚ୍‌ରେ ପୁରୀକୁ ଜଗତ୍‌ସିଂହପୁର ଓ ବାଲେଶ୍ୱରକୁ କିସ୍ ୟୁନଭରସିଟ ପରାସ୍ତ କରି ଫାଇନାଲ ମ୍ୟାଚ୍ ଖେଳିଥିଲେ। ଫାଇନାଲରେ କିସ୍ ୟୁନଭରସିଟ୍ ଜଗତ୍‌ସିଂହପୁରକୁ ୧୪ ପଏଣ୍ଟରେ ପରାସ୍ତ କରି ଶ୍ରେଷ୍ଠ ବିଜେତା ହୋଇଛି। ଶ୍ରେଷ୍ଠ କ୍ରୀଡାବିତ୍ ଭାବେ ପୁରୀର ଅଙ୍କିତା ପ୍ରଧାନ, ଜଗତ୍‌ସିଂହପୁରର ଶୁବାସିନୀ ନାଥ, ବାଲେଶ୍ୱରର ଲକ୍ଷ୍ମୀପ୍ରିୟା ମୁର୍ମୁ, କେନ୍ଦୁଝରର ନିକିତା ନାୟକଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ବେଷ୍ଟ ଡିଫେଣ୍ଡର ଭାବେ ପୁରୀର ଅର୍ଚ୍ଚନା ପ୍ରଧାନ, ଜଗତ୍‌ସିଂହପୁରର ଦେବସ୍ମିତା ଦାସ ଓ ନିଶାରାଣୀ ରାଇତାଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

ପୁରୀ ଜିଲ୍ଲା ତୃତୀୟ ସ୍ଥାନରେ ରହିଥିବାବେଳେ ଦ୍ୱିତୀୟ ସ୍ଥାନରେ ଜଗତ୍‌ସିଂହପୁର ଏବଂ କିସ୍ ୟୁନଭରସିଟି ପ୍ରଥମ ସ୍ଥାନ ଅଧିକାର କରିଥିଲା। ଅତିଥି ମାନଙ୍କ ଦ୍ୱାରା ସମସ୍ତ ବିଜେତା ଦଳଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଶନିବାରଠାରୁ ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ବାଳକମାନଙ୍କ ମଧ୍ୟରେ କ୍ରୀଡ଼ା ଅନୁଷ୍ଠିତ ହେବ। ଏଠାରେ ଯେଉଁ ଦଳ ବିଜେତା ହେବେ ସେମାନେ ଆସନ୍ତା ଡିସେମ୍ବର ୩୦ ତାରିଖରେ ୪୪ତମ ଜୁନିୟର ନ୍ୟାସନାଲରେ ଭାଗନେବାକୁ କର୍ଣ୍ଣାଟକ ବାଙ୍ଗାଲୋର ଅଭିମୁଖେ ଯାତ୍ରା କରିବେ ବୋଲି ସମ୍ପାଦକ ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମକୁ ଶାରିରୀକ ଶିକ୍ଷା ଶିକ୍ଷକ ସୂର୍ଯ୍ୟନାରାୟଣ ଜେନା ପରିଚାଳନା କରିବା ସହ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

### ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ମାସ ପାଳିତ

## କର୍ମକର୍ତ୍ତାଙ୍କୁ ପୋଷ୍ୟ ସନ୍ତାନ ଗ୍ରହଣ ପ୍ରଶିକ୍ଷଣ



ପୁରୀ,୨୮।୧୧(ସମିସ): କମଳା ଦେବୀ ମାତୃତ୍ୱ ଚିକିତ୍ସାଳୟଠାରେ ଶୁକ୍ରବାର ମହିଳା ଶିଶୁ ବିକାଶ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଓ ଶିଶୁ ଯତ୍ନ ଅନୁଷ୍ଠାନ ଆଦିର କର୍ମକର୍ତ୍ତାଙ୍କୁ ନେଇ ଏକ ପୋଷ୍ୟ ସନ୍ତାନ ଗ୍ରହଣ ସମ୍ପର୍କିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ମାସ ପାଳନ ଅବସରରେ ଏହି କାର୍ଯ୍ୟକ୍ରମ ସଚେତନତା ତଥା ଦକ୍ଷତା ବୃଦ୍ଧି ନିମନ୍ତେ ଆୟୋଜିତ ହୋଇଥିଲା। ଏଥିରେ ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଷ୍ଟାଫ ନର୍ସ, ଏଏନ୍‌ଏମ, ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀଙ୍କୁ ନେଇ ମୋଟ ୭୦ରୁ ଉର୍ଦ୍ଧ୍ୱ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଯୋଗଦେଇ କହିଥିଲେ ଯେ, ପ୍ରତ୍ୟେକ ଶିଶୁର ପରିବାର ଆବଶ୍ୟକ। ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଅକ୍ଷୟ ଡା. କୁମାର ଶତପଥୀ, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଡ. ଅଜିତ କୁମାର ମହାପାତ୍ର, ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, ଚିକିତ୍ସା କର୍ମୀ ମନୋରମା ଶତପଥୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ପ୍ରମୁଖ ଯୋଗଦେଇ ଶିଶୁମାନଙ୍କୁ ଅସୁରକ୍ଷିତ ଭାବେ ପରିତ୍ୟକ୍ତ ନ କରିବାକୁ ନିବେଦନ କରିବା ସହିତ ପ୍ରତ୍ୟେକ ଶିଶୁଙ୍କ ପରିବାର ନିଶ୍ଚିତ କରିବା ପୋଷ୍ୟ ଗ୍ରହଣ ଆଇନ ଦ୍ୱାରା ହିଁ ସମ୍ଭବ। ଏଣୁ ଏହି ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ମାସରେ ସମସ୍ତେ ଏକାଠି ହୋଇ ପ୍ରତ୍ୟେକ ଶିଶୁଙ୍କ ମୁହଁରେ ହସ ଫୁଟାଇବା ଲାଗି ଆହ୍ୱାନ ଦେଇଥିଲେ।

ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପୋଷ୍ୟ ସନ୍ତାନ ଗ୍ରହଣ ଆଇନ ବିଶେଷଜ୍ଞ ଅକ୍ଷୟ କୁମାର ସ୍ୱାଇଁ ପୋଷ୍ୟ ସନ୍ତାନ ଗ୍ରହଣ ଆଇନ ଓ ଦିବ୍ୟାଙ୍ଗମାନଙ୍କ ପାଇଁ ଥିବା ସୁବିଧା ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ପୋଷ୍ୟ ସନ୍ତାନ ଗ୍ରହଣ କରିଥିବା ଦୁଇ ପିତାମାତା ଦେବଦତ୍ତ ବଙ୍ଗାରି ଓ ଶୋଭା ଦାସ, ଯୁବରାଜ ଭୋଳ ଓ ସୁପ୍ରିୟା ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ଧନ୍ୟବାଦ ଅର୍ପଣ କରିଥିଲେ ଅଣ ଅନୁଷ୍ଠାନିକ ଯତ୍ନ ସୁରକ୍ଷା ଅଧିକାରୀ ସ୍ନିଗ୍ଧାରାଣୀ ସାହୁ ଏବଂ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର କର୍ମକର୍ତ୍ତା।

## ଜାଭିୟର କଲେଜ ଅଫ୍ ଫାର୍ମାସୀରେ ଜାତୀୟ ଫାର୍ମାସୀ ସପ୍ତାହ

ପୁରୀ,୨୮।୧୧(ସମିସ): ବୀରହରେକୃଷ୍ଣପୁରସ୍ଥିତ ଜାଭିୟର କଲେଜ ଅଫ୍ ଫାର୍ମାସୀରେ ଜାତୀୟ ଫାର୍ମାସୀ ସପ୍ତାହ ପାଳିତ ହୋଇଯାଇଛି। ଏହି ବର୍ଷର 'ଟିକାକରଣର ପ୍ରବକ୍ତା ଭାବରେ ଫାର୍ମାସିଷ୍ଟ' ଜାତୀୟ ବିଷୟବସ୍ତୁ ଅଧୀନରେ ଅନୁଷ୍ଠିତ ଉତ୍ସବରେ ଛାତ୍ରଛାତ୍ରୀ, ଅଧ୍ୟାପକ ପ୍ରମୁଖ ସାମିଲ ହୋଇଥିଲେ। ସପ୍ତାହବ୍ୟାପୀ ଏହି କାର୍ଯ୍ୟକ୍ରମରେ ପଥ ରାଲି, ବୈଜ୍ଞାନିକ ସେମିନାର, କଲେଜ ପରିସରରେ ବୃକ୍ଷରୋପଣ ଏବଂ ବୃତ୍ତିଗତ ଦକ୍ଷତାକୁ ସୁଦୃଢ଼ କରିବା ପାଇଁ ଛାତ୍ର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ମନୋଜ ଜେନା, ଅଧ୍ୟାପିକା ସ୍ନେହଲତା ସାହୁ, ନର୍ସିଂ ଅଧ୍ୟାପିକା ଅର୍ଚ୍ଚନା ବଳିୟାରସିଂ, ଦିବ୍ୟା ସାସମଲ୍, ବିଶ୍ୱଜିତା ସାହୁ ପ୍ରମୁଖ ଦାୟିତ୍ୱପୂର୍ଣ୍ଣ ଔଷଧ ବ୍ୟବହାର, ଫାର୍ମାସୀ ଅଭ୍ୟାସରେ ଉଦୀୟମାନ ଧାରା ଏବଂ ରୋଗୀ କୈନ୍ଦ୍ରିକ ସ୍ୱାସ୍ଥ୍ୟ ସେବାର ବର୍ଦ୍ଧିତ ଆବଶ୍ୟକତା ଉପରେ ବିଶେଷଜ୍ଞ ଆଲୋଚନା କରିଥିଲେ। ଛାତ୍ରଛାତ୍ରୀ ଦୀର୍ଘକାଳୀନ ରୋଗ ପାଇଁ ନିରାପଦ ଔଷଧ ଅଭ୍ୟାସ, ଆଣ୍ଟିବାୟୋଟିକ୍ ଏବଂ ଜୀବନଶୈଳୀ ପରିଚାଳନା ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ଜାଭିୟର କଲେଜ ଅଫ୍ ଫାର୍ମାସୀର ଅଧ୍ୟକ୍ଷା ପ୍ରତ୍ୟାଶା କାନୁନ୍‌ଗୋ, ଜାଭିୟର ଗ୍ରୁପ୍ ପୁରୀର ଅଧ୍ୟକ୍ଷ ଡ. ଦିବାକର ମିଶ୍ର, ପ୍ରଶାସନିକ ଅଧିକାରୀ ସଂଗ୍ରାମ କେଶରୀ ମଲ୍ଲିକ ପ୍ରମୁଖ ଫାର୍ମାସୀ ସପ୍ତାହର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

## 'କୁନ୍ତଳା କରୁଣା' ଲୋକାର୍ପିତ

ପୁରୀ,୨୮।୧୧(ସମିସ): କ୍ଷେତ୍ର ମୋହନ ଫାଉଣ୍ଡେସନର ପ୍ରତିଷ୍ଠାତା ସମାଜସେବୀ କୁନ୍ତଳା ପ୍ରଧାନଙ୍କ ସ୍ମୃତିରେ ଚାରିନଳାସ୍ଥିତ କଦଳୀ ବାରି ପାଟଣାରେ ଏକାଦଶାହ ଅବସରରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍ ପବିତ୍ର ମୋହନ ଦାସ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ, ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ପୁରୀ ସଦର ପଞ୍ଚାୟତ ଅଧ୍ୟକ୍ଷ ଦିବାକର ପାତ୍ର, ସମାଜସେବୀ ମନୋଜ କୁମାର ରଥ, ଆଇନଜୀବୀ ଦିଗମ୍ବର ବେହେରା, ସାହିତ୍ୟିକ ଶ୍ୟାମ ପ୍ରକାଶ ସେନାପତି, ସମାଜସେବୀ ଚକ୍ରଧର ମହାପାତ୍ର, ପୂର୍ବତନ ଜିଲ୍ଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ, ଶିଶୁ ସମାଚାର ସମ୍ପାଦକ ସୁକାନ୍ତ କୁମାର ପଣ୍ଡା, ସମାଜସେବୀ ଜିତେନ୍ଦ୍ର ମହାପାତ୍ର, ସାମ୍ବାଦିକ ମଧୁସୂଦନ ମିଶ୍ର ପ୍ରମୁଖ ଯୋଗଦେଇ କୁନ୍ତଳାଙ୍କ ସ୍ମୃତିଚାରଣ କରିଥିଲେ। ଗୋଟିଏ ସାଧାରଣ ପରିବାରରେ ଜନ୍ମ ହୋଇ ବହୁ ବାଧାବିଘ୍ନ ସହି ନିଜକୁ ପ୍ରତିଷ୍ଠିତ କରିପାରିଥିଲେ। ସେ ଚାରିନଳା ସେବା ସମବାୟ ସମିତିର ନିର୍ଦ୍ଦେଶକ ପଦବୀ ମଣ୍ଡନ କରିଥିଲେ। ତାଙ୍କ ଜୀବନ ସେବା, ସାଧନା ଓ ସଂଘର୍ଷ ପରିପୂର୍ଣ୍ଣ ଥିଲା। ସ୍ୱଳ୍ପ ଶିକ୍ଷା ସତ୍ତ୍ୱେ ସେ ନିଜ ପିଲାମାନଙ୍କୁ ଉଚ୍ଚ ଶିକ୍ଷିତ କରିପାରିଛନ୍ତି। ତେଣୁ ଆଜିର ଗୃହିଣୀମାନଙ୍କ ପାଇଁ ସେ ଆଦର୍ଶ ହୋଇ ରହିବେ ବୋଲି ଅତିଥିମାନେ କହିଥିଲେ। ଏଥିରେ ତାଙ୍କ ସ୍ମୃତିରେ କୁନ୍ତଳା କରୁଣା ଶୀର୍ଷକ ସ୍ମରଣିକାକୁ ସାଂସଦ ଶ୍ରୀଖୁଣ୍ଟିଆଙ୍କ ସମେତ ଅତିଥିମାନେ ଲୋକାର୍ପଣ କରିଥିଲେ। ପୁତ୍ର ସମାଜସେବୀ ଲାୟନ ସଞ୍ଜୟ କୁମାର ପ୍ରଧାନ ସ୍ମୃତି ସଭା ସଂଯୋଜନା କରିଥିଲେ।

### ୨୪ତମ ସିନିୟର ଷ୍ଟେଟ୍ ସଫ୍ଟବଲ ଚାମ୍ପିଅନସିପ୍ ଉଦ୍‌ଘାଟିତ

# ଭାଗ ନେଇଛନ୍ତି ୨୨ ଜିଲ୍ଲାର ୪୫୦ ପ୍ରତିଯୋଗୀ




ପୁରୀ,୨୮।୧୧(ସମିସ): ପୁରୀ ଜିଲ୍ଲା ସଫ୍ଟବଲ୍ ଆସୋସିଏଶନ ଆନୁକୂଲ୍ୟରେ ଏବଂ ଓଡ଼ିଶା ରାଜ୍ୟ ସଫ୍ଟବଲ ଆସୋସିଏଶନ ସହଯୋଗରେ ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମ୍ ପରିସରରେ ଶୁକ୍ରବାର ଉଦ୍‌ଘାଟିତ ହୋଇଛି ୨୪ତମ ସିନିୟର ଷ୍ଟେଟ୍ ସଫ୍ଟବଲ ଚାମ୍ପିୟନଶିପ୍। ଏହା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରତିଯୋଗିତାରେ ଓଡ଼ିଶାର ୨୨ ଜିଲ୍ଲାରୁ ୧୬ ପୁରୁଷ ଓ ୮ ମହିଳା ଦଳର ୪୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏଥିରୁ ଉନ୍ନୀତ ଶ୍ରେଷ୍ଠ ଖେଳାଳୀ ଜାତୀୟସ୍ତରୀୟ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବେ। ଅଲମ୍ପିକରେ ସଫ୍ଟବଲ ଖେଳ ସ୍ଥାନ ପାଇଥିବାରୁ ଏହି ଖେଳର ଭବିଷ୍ୟତ ବେଶ୍ ଉଜ୍ଜ୍ୱଳ। ଅଲମ୍ପିକ ପାଇଁ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିବାକୁ ହେବ ବୋଲି ଆୟୋଜକ କହିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ଭାରତୀୟ ସଂଘ ସମ୍ପାଦକ ପ୍ରବୀଣ ଅନାଓକର, ରାଜ୍ୟ ସଫ୍ଟବଲ ଆସୋସିଏଶନ ସଭାପତି ଦେବ ଗୌଡ, ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, ଜିଲ୍ଲା ସଭାପତି ଅରବିନ୍ଦ ଦାସ, ସମ୍ପାଦକ ରଞ୍ଜନ କୁମାର ରଥ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ରାଜ୍ୟ ସଫ୍ଟ ବଲ ଆସୋସିଏଶନ ଉପ ସଭାପତି ସଞ୍ଜୁବାଳା ମହାନ୍ତି, ଯୁଗ୍ମ ସମ୍ପାଦକ ଚିନ୍ମୟ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରୀ ସଫ୍ଟବଲ ଆସୋସିଏଶନ ସଭାପତି ଅରବିନ୍ଦ ଦାଶ, ସାଧାରଣ ସମ୍ପାଦକ ରଞ୍ଜନ କୁମାର ରଥ, କୋଷାଧ୍ୟକ୍ଷ ବିରଞ୍ଚି ନାରାୟଣ ପଟ୍ଟନାୟକ, ଉପସଭାପତି ଲକ୍ଷ୍ମନ ଆଚାରୀ, ଅଶୋକ ମହାନ୍ତି, ଅମୀୟ ପ୍ରସାଦ ନାୟକ, କାର୍ଯ୍ୟକାରୀ କମିଟି ସଦସ୍ୟ ସରୋଜ ମଲ୍ଲିକ, ଲକ୍ଷ୍ମୀପ୍ରିୟା ସେଠୀ, ରୋଜାଳିନ ରଥ ପରିଚାଳନାରେ ସହଯୋଗ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ରତ୍ନେଶ୍ୱରୀ ପାଣିଗ୍ରାହୀ ଓ ଅମୀୟ ଚାନ୍ଦ।



# ଭୁବନେଶ୍ୱର ସିଟି

## ପୋଷା କରିବାର ନିଶା

# ରାଜଧାନୀରେ ୩୨ ଲକ୍ଷ ଟଙ୍କାର କୁକୁର

## ଖର୍ଚ୍ଚ କରୁଛନ୍ତି ଲକ୍ଷାଧିକ ଟଙ୍କା

ଭୁବନେଶ୍ୱର, ୨୮।୧୧(ସମିସ): ରାଜଧାନୀବାସୀଙ୍କ ମଧ୍ୟରେ ବଢ଼ିବାରେ ଲାଗିଛି ଘରେ ପଶୁ, ପକ୍ଷୀ ରଖିବାର ସୌକ। ବିଶେଷକରି କୁକୁର ଏବଂ ବିଲେଇଙ୍କୁ ପୋଷା ରଖୁଥିବା ଅଧିକ ପରିଲକ୍ଷିତ ହେଉଛି। ପୂର୍ବରୁ ଚାଲିଥିବା ଏହି ସୌକ ଏବେ ଏକ ଧାରାରେ ପରିଣତ ହେବାରେ ଲାଗିଛି ବୋଲି କୁହାଯାଇପାରେ। ବଜାରରେ ଏହାର ଚାହିଦା ମଧ୍ୟ ବଢୁଥିବାବେଳେ ଲୋକ ଏହାକୁ ଅଧିକ ଟଙ୍କା ଦେଇ କିଣିବାକୁ ମଧ୍ୟ ପଛାଉ ନାହାନ୍ତି। ସେଥିପାଇଁ ୩୨ ଲକ୍ଷ ପର୍ଯ୍ୟନ୍ତ ଦେଇ କୁକୁର କିଣିବାକୁ ପଛାଉନାହାନ୍ତି।

ପୂର୍ବରୁ ଘରର ସୁରକ୍ଷା ପାଇଁ ଲୋକ କୁକୁରକୁ ପୋଷା ଭାବେ ରଖୁଥିଲେ। ହେଲେ ସମୟ ସହ ଲୋକଙ୍କ ମଧ୍ୟରେ କୁକୁର ଏବଂ ବିଲେଇ ପ୍ରତି ଆଦର ବଢ଼ିବାରେ ଲାଗୁଛି। ରାଜଧାନୀବାସୀ ମଧ୍ୟରେ ଏଥିରେ ପଛରେ ନାହାନ୍ତି। ସେ ଅବସର ବିନୋଦନ ପାଇଁ ହେଉ କିମ୍ବା ନିଜକୁ ଏହି ଟ୍ରେଣ୍ଡରେ ସାମିଲ କରିବାକୁ ପ୍ରାୟ ସମସ୍ତଙ୍କ ଘରେ ଏବେ ବିଭିନ୍ନ ପ୍ରଜାତିର କୁକୁର ଓ ବିଲେଇ ଦେଖିବାକୁ ମିଳୁଛି। ସବୁଠୁ ବଡ କଥା ହେଲା ଲୋକ ହଜାରରୁ ଲକ୍ଷେ ପର୍ଯ୍ୟନ୍ତ ଦେଇ କିଣୁଛନ୍ତି। ଭିନ୍ନ ଭିନ୍ନ ପ୍ରଜାତିର ବିଦେଶୀ କୁକୁରକୁ ଲୋକ ପୋଷା କରିବାକୁ ପସନ୍ଦ କରୁଥିବାବେଳେ ସେମାନଙ୍କ ମଧ୍ୟରେ ଲାବ୍ରାଡର ମୂଲ୍ୟ ତାର ରଙ୍ଗ ଏବଂ ଦକ୍ଷତା ଅନୁଯାୟୀ ୯ରୁ ୧୫ ହଜାରଟଙ୍କା ଥିବାବେଳେ ଜର୍ମାନ ସେଫାର୍ଡର ୨୦ ହଜାରରୁ ଆରମ୍ଭ ହୋଇ ତାର କାର୍ଯ୍ୟ ଦକ୍ଷତା ହିସାବରେ ୩୦ଲକ୍ଷରୁ ଅଧିକ ପର୍ଯ୍ୟନ୍ତ



ରହିଛି। ଡୋବରମ୍ୟାନର ମୂଲ୍ୟ ୨୦ରୁ ୮୦ ହଜାର, ପମେରିଆନର ମୂଲ୍ୟ ୧୦ରୁ ୬୦ ହଜାର, ସ୍ପିଞ୍ଜର ମୂଲ୍ୟ ୭ରୁ ୧୫ ହଜାର, ପଗ୍‌ର ଏବଂ ବକ୍ସର ମୂଲ୍ୟ ୨୦ରୁ ୬୦ ହଜାର, ଗ୍ରେଡେନ୍‌ର ମୂଲ୍ୟ ୬ରୁ ୧୨ ହଜାର, ରେଟ୍ରିଭର ୧୫ରୁ ୬୦, ସିବେରିଆନ ହସ୍କି ୪୦ ହଜାରରୁ ଦେଢ ଲକ୍ଷ ଟଙ୍କା, ରଟ୍‌ଲେର ୨୫ ହଜାରରୁ ଏକ ଲକ୍ଷ ପର୍ଯ୍ୟନ୍ତ ରହିଛି। ବର୍ତ୍ତମାନ ସୁଦ୍ଧା ରାଜଧାନୀରେ ୩୨ ଲକ୍ଷ ମୂଲ୍ୟ ପର୍ଯ୍ୟନ୍ତ ମୂଲ୍ୟ ଦେଇ ଲୋକ ଜର୍ମାନ ସେର୍ଫାଡ କୁକୁର କିଣିଥିବା ଜଣାପଡୁଛି। ବାହାରୁ ଯେଉଁମାନେ ଏହାର ଟ୍ରାନ୍ସପୋର୍ଟ କରି ଓଡ଼ିଶାକୁ ଆଣଉଛନ୍ତି, ତାଙ୍କୁ ଏଥିପାଇଁ ଟ୍ରାନ୍ସପୋର୍ଟ ମୂଲ୍ୟ ମଧ ଦେବାକୁ ପଡ଼ିଥାଏ। ଯାହା ଏକ ଲକ୍ଷରୁ ଆରମ୍ଭ ହୋଇ ତିନିରୁ ସାଢେ ତିନି ଲକ୍ଷ ପର୍ଯ୍ୟନ୍ତ ଦୂରତା ଏବଂ ସ୍ଥାନ ଅନୁଯାୟୀ ଦେବାକୁ ପଡ଼ିଥାଏ।

ସେହିଭଳି ବିଲେଇମାନଙ୍କ ମଧ୍ୟରେ ପ୍ରଜାତି ଅନୁଯାୟୀ ପରସିଆନ୍ ୮ ରୁ ୨୫ ହଜାର, ସିଆମିସ୍ ୧୨ରୁ



୩୫ ହଜାର, ବେଙ୍ଗଲ ୧୮ରୁ ୪୫ ହଜାର, ବ୍ରିଟିଶ ସର୍ଟ ହେୟାର ୧୫ରୁ ୪୦ ହଜାର, ର୍ୟାଗ ଡଲ ୨୦ରୁ ୫୦ ହଜାର, ମ୍ୟାନି କୁନ୍ ୨୫ରୁ ୬୦ ହଜାର, ବମ୍ବେ ୧୦ରୁ ୩୦ ହଜାର, ସ୍କଟିଶ ଫୋଲ୍ଡ ୩୫ରୁ ୬୦ହଜାର, ଫିନିକ୍ସ ୨୫ରୁ ୫୦ ହଜାର ପର୍ଯ୍ୟନ୍ତି ରହିଛି। ପୋଷା ବିଲେଇମାନଙ୍କ ମଧ୍ୟରେ ରଷିଆନ ବ୍ଲୁ ସବୁଠୁ ଅଧିକ ଦେଢ ଲକ୍ଷରୁ ୬ ଲକ୍ଷ ମୂଲ୍ୟର ରହିଛି। ଏହିସବୁ ପୋଷା ବିଲେଇ ଏବଂ କୁକୁର ପ୍ରଜାତି ମୁଖ୍ୟତଃ କଲିକତା, ଦିଲ୍ଲୀ, ବାଙ୍ଗାଲୁରୁ ଏବଂ ଚେନ୍ନାଇରୁ ଅଣାଯାଇଥାଏ।

କେବଳ ଯେ ଏମାନଙ୍କୁ ଲୋକ ପୋଷା କରିବାକୁ ଅଧିକ ଟଙ୍କା ଖର୍ଚ୍ଚ କରୁନାହାନ୍ତି ବରଂ ସେମାନଙ୍କ ଖାଇବାଠାରୁ ଆରମ୍ଭକରି ସେମାନଙ୍କ ପାଇଁ ଥିବା ସ୍ୱତନ୍ତ୍ର ପାର୍ଲରରେ ଗ୍ରୁମିଙ୍ଗ, ହେୟାର କଟ, ନେଲିଙ୍ଗ ଇତ୍ୟାଦିରେ ଖର୍ଚ୍ଚ କରୁଛନ୍ତି। ଏନେଇ ୨୫ ବର୍ଷ ଧରି ନିଜର ପେଟ ସପ ଚଲାଉଥିବା ସତ୍ୟ ଶଙ୍କର ବିଶ୍ୱାଳ କୁହନ୍ତି, ସେ ଦୀର୍ଘ ବର୍ଷ ଧରି ନୟାପଲ୍ଲୀରେ ପେଟ ପାରାଡାଇସ ଚଲାଉଛନ୍ତି। ଆଗ ଅପେକ୍ଷା ଲୋକ ଏସବୁ ଘରେ ପୋଷା କରିବାକୁ ଅଧିକ ଆଗ୍ରହୀ ହେଉଛନ୍ତି। ରାଜଧାନୀରେ ଲୋକ ଜର୍ମାନ ସେଫାର୍ଡ କୁକରକୁ ଏବଂ ପର୍ସିଆନ ବିଲେଇକୁ ଅଧିକ କିଣୁଛନ୍ତି। ଏହା ସହିତ ଲୋକ ମାଙ୍କଡ ମଧ ଏବେ ପୋଷା କଲେଣି। ସେଥିପାଇଁ ସ୍ମଲେଷ୍ଟ ମଙ୍କି ମାର୍ମୋସେଟ୍ ମଧ୍ୟ କିଣିଲେଣି। ଯାହାର ମୂଲ୍ୟ ୩୦ ହଜାରରୁ ୧୦ ଲକ୍ଷ୍ୟ ପର୍ଯ୍ୟନ୍ତ ରହିଛି।

## ଆଜିର କାର୍ଯ୍ୟକ୍ରମ

- ଫୋଏନିକ୍ସ ସେବା ଅନୁଷ୍ଠାନର ବାର୍ଷିକ ଉତ୍ସବ। ସ୍ଥାନ- ବୁଦ୍ଧମନ୍ଦିର ନୂଆ ସମ୍ମିଳନୀ କକ୍ଷ। ସମୟ-ସନ୍ଧ୍ୟା ୬ଟା।
- ଡ଼. ରାମ ମନୋହର ଲୋହିଆ ରିସର୍ଚ୍ଚ ଫାଉଣ୍ଡେସନ ନୂଆଦିଲ୍ଲୀ ଏବଂ ରବି ରାୟ ଏକାଡେମୀ ପକ୍ଷରୁ ପୂର୍ବତନ ବାଚସ୍ପତି ରବି ରାୟଙ୍କ ଶତବାର୍ଷିକ ଜୟନ୍ତୀ ଅବସରରେ ଷଷ୍ଠ ରାଷ୍ଟ୍ରୀୟ ବିଚାର ମନ୍ଥନ। ସ୍ଥାନ-ଜୟଦେବ ଭବନ। ସମୟ-ଦିନ ୧୦ଟା।
- ୮୯ ତମ ସଂସ୍କୃତି ଚର୍ଚ୍ଚା କାର୍ଯ୍ୟକ୍ରମ। ସ୍ଥାନ-ଓଡ଼ିଶା ରାଜ୍ୟ ଅଭିଲେଖାଗାର, ଭୁବନେଶ୍ୱର। ସମୟ-ସନ୍ଧ୍ୟା ୫ଟା ୩୦ ମିନିଟ୍।
- ଦିବଙ୍ଗତ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଓ 'କୁଆଡ଼େ ଗଲୁ, କୁଆଡ଼େ ଗଲୁ' ଅଡିଓ ରିଲିଜ। ସ୍ଥାନ-ଭାଇବ୍ରେସନ ଷ୍ଟୁଡିଓ। ସମୟ- ଦିନ ୧୧ଟା।

## ରାଜ୍ୟସ୍ତରୀୟ ନିରନ୍ତର ପୁନର୍ବାସ ଶିକ୍ଷା କାର୍ଯ୍ୟକ୍ରମ ଉଦ୍‌ଯାପିତ

ଭୁବନେଶ୍ୱର, ୨୮।୧୧(ସମିସ):ଆଜି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏବଂ ରାଜ୍ୟ ସ୍ୱତନ୍ତ୍ର ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ (ଏସ୍ଆଇଏସ୍ଇଆର୍)ର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ନିରନ୍ତର ପୁନର୍ବାସ ଶିକ୍ଷା (ସିଆର୍ଇ) ସଂକ୍ରାନ୍ତ ଦୁଇ ଦିନିଆ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚଳିତ ବର୍ଷର ଶୀର୍ଷକ 'ବହୁବିଧ ଭିନ୍ନକ୍ଷମତା ପାଇଁ ପ୍ରାରମ୍ଭିକ ହସ୍ତକ୍ଷେପର ଗୁରୁତ୍ୱ' ଉପରେ ବିଶେଷଜ୍ଞମାନେ ଆଲୋଚନା କରିଥିଲେ। ପୁନର୍ବାସ ସେବାରେ ବହୁବିଧ ଦଳଗତ ଦୃଷ୍ଟିକୋଣ, ବହୁବିଧ ଅକ୍ଷମତାରେ ପରିବାର ପରାମର୍ଶ ଓ ସମ୍ପ୍ରଦାୟର ଅଂଶଗ୍ରହଣ, ଭିନ୍ନକ୍ଷମତର ପ୍ରକାରଭେଦ ମଧ୍ୟରେ ସମାବଶୀ ଶିକ୍ଷା ଇତ୍ୟାଦ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ଅଡିଓଲୋଜିଷ୍ଟ ଚନ୍ଦ୍ରଚୂଡ଼ ପାଣିଗ୍ରାହୀ, ଏସଆଇଏସଇଆରର ଅତିଥି ଅଧ୍ୟାପକ ତଥା ବିଶିଷ୍ଟ ମନସ୍ତତ୍ତ୍ୱବିତ ହରେଶ ଚନ୍ଦ୍ର ମିଶ୍ର, ଅଧ୍ୟାପିକା ଦୀକ୍ଷା କଟୁରିଆ ଏବଂ ଦକ୍ଷତା ବିକାଶ ପରିଷଦ, ଓଡ଼ିଶାର ଆସିଷ୍ଟଣ୍ଟ ମ୍ୟାନେଜର ସମୀର ନାୟକ ପ୍ରମୁଖ ନିଜ ପ୍ରସ୍ତୁତ ପେପର ଉପସ୍ଥାପନା କରିଥିଲେ। ଶେଷରେ ସ୍ୱତନ୍ତ୍ର ଶାସନ ସଚିବ ତଥା ରାଜ୍ୟ ସ୍ୱତନ୍ତ୍ର ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ପାଠ୍ୟକ୍ରମ ସଂଯୋଜିକା ସୁଶ୍ରୀ ରଜନୀ ଜାନି ଧନ୍ୟବାଦ ଅର୍ପଣ କରିଥିଲେ।

## ଡିସେମ୍ବର ୨୩ ରୁ ୨୯ ଓଡ଼ିଆ ପାରମ୍ପରିକ ଖାଦ୍ୟ ପ୍ରଦର୍ଶନୀ

ଭୁବନେଶ୍ୱର ୨୮ ।୧୧(ସମିସ): ବିଶ୍ୱ ଓଡିଆ ପରିବାର ପକ୍ଷରୁ ଓଡ଼ିଆ ଖାଦ୍ୟର ସମୃଦ୍ଧ ଐତିହ୍ୟକୁ ଲକ୍ଷ୍ୟ ରଖି ଏକ ବିଶାଳ ଖାଦ୍ୟ ପ୍ରଦର୍ଶନୀ ଆସନ୍ତା ମାସ ୨୩ ରୁ ୨୯ ପର୍ଯ୍ୟନ୍ତ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେବ। ଏହି ସ୍ୱତନ୍ତ୍ର ପ୍ରଦର୍ଶନୀରେ କେବଳ ପ୍ରାମାଣିକ ଓଡ଼ିଆ ପାରମ୍ପରିକ ଖାଦ୍ୟ ପ୍ରଦର୍ଶିତ ହେବ। ଏଥିରେ ରୋଷେଇ ବିଶେଷଜ୍ଞ, ଘରୋଇ ରୋଷେୟା ଏବଂ ଖାଦ୍ୟ ଉତ୍ସାହୀମାନଙ୍କୁ ସର୍ବୋତ୍ତମ ସ୍ୱାଦ ପରିବେଷଣ ପାଇଁ ପ୍ଲାଟଫର୍ମ ପ୍ରଦାନ କରାଯିବ। ଉତ୍କର୍ଷତାକୁ ଉତ୍ସାହିତ କରିବା ପାଇଁ କାର୍ଯ୍ୟକ୍ରମ ସମୟରେ ଶ୍ରେଷ୍ଠ ଅଂଶଗ୍ରହଣକାରୀମାନଙ୍କୁ ପୁରସ୍କୃତ କରାଯିବ। ପରିଦର୍ଶକମାନେ ପ୍ରତିଦିନ ସର୍ବୋତ୍ତମ ପାରମ୍ପରିକ ଖାଦ୍ୟର ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବେ। ଏହି କାର୍ଯ୍ୟକ୍ରମକୁ ପୂର୍ବତନ ଓଡ଼ିଶା ବିଧାନସଭା ସଦସ୍ୟ ପ୍ରିୟଦର୍ଶୀ ମିଶ୍ର ଏବଂ ବରିଷ୍ଠ ଯୁବ ନେତା ଜଗନ୍ନାଥ ପ୍ରଧାନଙ୍କ ଦ୍ୱାରା ସମନ୍ୱୟ ରକ୍ଷା କରି ସାମଗ୍ରିକ ପରିଚାଳନା ଏବଂ ଯୋଜନା ତଦାରଖ କରାଯିବ। ଶୁକ୍ରବାର ନୂଆପଲ୍ଲୀସ୍ଥିତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏକ ପ୍ରସ୍ତୁତି ବୈଠକରେ ନେତୃତ୍ୱ ଦଳକୁ ସମର୍ଥନ କରିବା ଏବଂ ପ୍ରଦର୍ଶନୀର ସଫଳ ଆୟୋଜନ ସୁନିଶ୍ଚିତ କରିବା ପାଇଁ ଏକ କୋର କମିଟି ଗଠନ କରାଯାଇଥିଲା। ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ବିଶ୍ୱ ଓଡିଆ ପରିବାରର ଅଧକ୍ଷ ସଜ୍ଜନ ଶର୍ମା ମତ ପ୍ରକାଶ କରିଛନ୍ତି। ଏହି ପ୍ରସ୍ତୁତି ବୈଠକେର ସବର୍ତ୍ତୀ ମନୋଜ କୁମାର କୁମର ପ୍ରଧାନ, ରୁଦ୍ର ନାରାୟଣ ସାମନ୍ତରାୟ, ପ୍ରଦୀପ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ରହିଥିଲେ।

## ମହିଳାଙ୍କୁ ଆୟ ବଢ଼ାଇବାର ମାର୍ଗ ଦେଖାଉଛି ଓୟୁଏଟି

ଭୁବନେଶ୍ୱର, ୨୮।୧୧ (ସମିସ):ଓୟୁଏଟି ଦ୍ୱାରା ପରିଚାଳିତ ସେଣ୍ଟର ଅଫ ଏକ୍ସିଲେନ୍ସ ନେତୃତ୍ୱରେ ଭୈରବୀ ଏଫପିଓର ପ୍ରଗତିଶୀଳ ଯାତ୍ରା ସମ୍ବନ୍ଧରେ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଯାଇଛି। ସେଣ୍ଟର ଅଫ ଏକ୍ସିଲେନ୍ସ ସମ୍ପ୍ରସାରଣ ଯୁଗ୍ମ ନିର୍ଦ୍ଦେଶିକା ଡକ୍ଟର ସର୍ବାଣୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କୃଷକ ଉତ୍ପାଦକ ସଂଗଠନ, କୃଷି ବିଜ୍ଞାନ କେନ୍ଦ୍ର, ସିବିବିଓ, ଇମ୍ପ୍ଲିମେଣ୍ଟିଂ ଏଜେନ୍ସିର ସଦସ୍ୟ ସମେତ ୪୮ ଜଣ ଏଫପିଓ ସାମିଲ ହୋଇଥିଲେ। ଭୈରବୀ ଏଫପିଓର ସିଇଓ ବିଶି କୁମାର ବିଶ୍ୱାଳ ଯୋଗଦେଇ ପ୍ରାରମ୍ଭିକ ସମୟରେ ଏହି ସଂଗଠନ ସଦସ୍ୟମାନଙ୍କ ମଧ୍ୟରେ ସହଯୋଗର ଅଭାବ, ଅଂଶୀଦାର ପୁଞ୍ଜି ନ ଦେବା ଭଳି ଅନେକ ସମସ୍ୟା ସମ୍ମୁଖୀନ ହୋଇ ମଧ ଆଜି ସଫଳତା ହାସଲ କରିପାରିଛି ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ୨୦୧୬ ମସିହାରେ ୧୦ ଜଣ ସଦସ୍ୟଙ୍କୁ ନେଇ ଗଠିତ ଏହି ସଂଗଠନର ଆର୍ଥିକ କାରବାର ଏବେ ପ୍ରାୟ ୧ କୋଟି ୨୦ ଲକ୍ଷରେ ପହଞ୍ଚି ସାରିଲାଣି। ପ୍ରଥମେ କଳା ଚାଉଳ ଚାଷ, ଭର୍ମିକମ୍ପୋଷ୍ଟ, ବିହନ ଉତ୍ପାଦନ, ପରିବା ଚାଷ କାର୍ଯ୍ୟରେ ନିୟୋଜିତ ଥିଲା। ମହିଳା ସଦସ୍ୟମାନଙ୍କ ସଂଗଠିତ ହେବାରୁ ଆଜି ମାଣ୍ଡିଆ ଚାଷ କରି ବିଦେଶରେ ନିଜସ୍ୱ ଉତ୍ପାଦ ବିକି ବେଶ ଲାଭାନ୍ୱିତ ହେବା ସହ ଆନ୍ତର୍ଜାତିକ ସ୍ତରରେ ପୁରସ୍କୃତ ମଧ ହୋଇଛନ୍ତି। ଓୟୁଏଟି ସହାୟତାରେ ଏହା ସଫଳ ହୋଇପାରିଛି।

## ମନ୍ମଥଙ୍କ ବିରୋଧରେ ବିଜେପିର ଏତଲା

ଭୁବନେଶ୍ୱର, ୨୮।୧୧(ସମିସ): ବିଜେଡି ଟିକଟରୁ ଭୁବନେଶ୍ୱର ସାଂସଦ ନିର୍ବାଚନ ପାଇଁ ପ୍ରତିଦ୍ୱନ୍ଦିତା କରିଥିବା ମନ୍ମଥ ରାଉତରାୟଙ୍କ ବିରୋଧରେ ଏତଲା ଦେଲା ବିଜେପି। ସାଇବର ଥାନାରେ ଶୁକ୍ରବାର ଏତଲା ଦିଆଯାଇଛି। ସେ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଅପତ୍ତିଜନକ ପୋଷ୍ଟ କରିଥିବା ଅଭିଯୋଗ ହୋଇଛି। ଏଥିପାଇଁ ଉଭୟଙ୍କ ପ୍ରତିଷ୍ଠା ଉପରେ ପ୍ରଭାବ ପଡ଼ିଛି ବୋଲି ବିଜେପି ପକ୍ଷରୁ କୁହାଯାଇଛି।

## ପୁସ୍ତକ ଲୋକାର୍ପଣ ଓ କବିତା ଆସର

ଭୁବନେଶ୍ୱର, ୨୮।୧୧(ସମିସ): କଳିଙ୍ଗ ପୁସ୍ତକ ମେଳା ମଞ୍ଚରେ କୋଠଘର ପ୍ରକାଶନୀ ପକ୍ଷରୁ ୭ ଜଣ ଲେଖକ ଏବଂ କବିଙ୍କର ପୁସ୍ତକ ଲୋକାର୍ପିତ ହେବା ସହ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଛି। କୋଠଘର ସମ୍ପାଦିକା ତଥା ପ୍ରକାଶିକା ଅମ୍ବିକା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ପଦ୍ମଶ୍ରୀ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ, ରବି ସ୍ୱାଇଁ, କଥାକାର ଲକ୍ଷ୍ମୀ ଚାନ୍ଦଙ୍କ ଦ୍ୱାରା କାହ୍ନୁ ଚରଣ ପାଣିଗ୍ରାହୀଙ୍କ କବିତା ପୁସ୍ତକ 'ଅନୁଭବର ସ୍ୱର', ଅର୍ଜୁନୀ ଚରଣ ପାଣଗ୍ରାହୀଙ୍କ ପ୍ରବନ୍ଧ ପୁସ୍ତକ 'ଦେବୀ ଓ ଦେବୀମାନଙ୍କ କଥା', ବାସନ୍ତୀ ଦେଈଙ୍କ 'ଏଇତ ଜୀବନ', ସଂଯୁକ୍ତା ସାହୁଙ୍କ 'କବିତାର ମଧୁ ଗୀତି', କବି ପ୍ରତାପ ଶେଖର ସାହୁଙ୍କ 'ବିକ୍ଷିପ୍ତ ସ୍ୟାହିର ଛିଟା', ରବୀନ୍ଦ୍ର ହୋତାଙ୍କ 'ଜଣେ ଆଚାର୍ଯ୍ୟର ଆମ୍ କଥା' ଲୋକାର୍ପିତ ହୋଇଛି। ଡ ଦେବାଶିଷ ମହାପାତ୍ର ଏବଂ ସୁଚିସ୍ମିତା ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ସେହିପରି ଡ. ପ୍ରତାପ ରଞ୍ଜନ ମହାନ୍ତି, ଲିନା ଶତପଥୀ, ରାଜଲକ୍ଷ୍ମୀ ତ୍ରିପାଠୀ, ସସ୍ମିତା ହୋତା କବିତା ସଂଯୋଜନା କରିଥିଲେ। କାର୍ଯ୍ୟକାରୀ ସଭାପତି ଆଶୁତୋଷ ମେହେର ଧନ୍ୟବାଦ ଦେଥିଲେ।

## ମା' ହିଁ ସୁସ୍ଥ ସମାଜ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ




ଭୁବନେଶ୍ୱର, ୨୮ ।୧୧(ସମିସ): ଜଣେ ଉତ୍ତମ ମା' ହିଁ ଉତ୍ତମ ସନ୍ତାନ ଜନ୍ମ କରେ ଏବଂ ଏହା ସୁସ୍ଥ ସମାଜ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ' ବୋଲି ମନନଶୀଳ ପାରିବାରିକ ପତ୍ରିକା 'ମଧୁଲିତା'ର ବିଂଶତମ ବାର୍ଷିକ ଉତ୍ସବରେ ଅତିଥିମାନେ ମତପୋଷଣ କରିଛନ୍ତି। ବୁଦ୍ଧ ମନ୍ଦିର ପରିସରରେ ବରିଷ୍ଠ କବି ନିରାକାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଅର୍ଥ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ଅନ୍ୟତମ ଅତିଥି ଭାବେ ପ୍ରାକ୍ତନ ଅର୍ଥମନ୍ତ୍ରୀ ତଥା ବିଶିଷ୍ଟ ଲେଖକ ପଞ୍ଚାନନ କାନୁନଗୋ ଓ ମେୟର ସୁଲୋଚନା ଦାସ ଯୋଗ ଦେଇଥିଲେ। ସେହିପରି ସମାଜସେବୀ ନମ୍ରତା ଚଢ଼ା, ପ୍ରାକ୍ତନ ଇନକମ୍ ଟ୍ୟାକ୍ସ କମିସନର ଶୋଭନ କର, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓ ବିଜେପି ନେତା ଜଗନ୍ନାଥ ପ୍ରଧାନ, ସିବିଆଇର ପ୍ରାକ୍ତନ ଆଇନ ପରାମର୍ଶଦାତା ରାଜଶ୍ରୀ ମହାପାତ୍ର, ଲେଖିକା କଳ୍ପନା ମିଶ୍ର ଓ ମହିଳା ଉଦ୍ୟୋଗପତି ସ୍ୱାତୀ ମହାପାତ୍ର ସମ୍ମାନୀୟ ଅତିଥିଭାବେ ଯୋଗ ଦେଇଥିଲେ। ଅତିଥିଙ୍କ ଦ୍ୱାରା ପତ୍ରିକାର'ବୋଉ' ସଂସ୍କରଣର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚନ କରିଥିଲେ। ପ୍ରତ୍ରିକାର ପ୍ରତିଷ୍ଠାତା ସମ୍ପାଦିକା ତଥା ସମାଜସେବୀ ମଧୁଲିତା ପରିଡ଼ା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରିଚାଳନା ସମ୍ପାଦିକା ତଥା ଗାଳ୍ପିକା ଅବନ୍ତୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ହରପ୍ରିୟା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ୧୬ ଜଣଙ୍କୁ ସମ୍ମାନିତ କରାଯାଇଥିଲା। ପରେ ସାଂସ୍କୃତିକ ନୃତ୍ୟ ପରିବେଷଣ ହୋଇଥିଲା।

## ମଞ୍ଜରୀ ଦେବୀ ନର୍ସିଂ କଲେଜରେ ଖାଦ୍ୟମେଳା



ବାଲିଅନ୍ତା, ୨୮ ।୧୧(ସମିସ): ବାଲିଅନ୍ତା ବ୍ଲକ ପୂରଣ ପଞ୍ଚାୟତ ଅଧୀନ ପଞ୍ଚାୟତ ରୋଡ଼ସ୍ଥିତ ମଞ୍ଜରୀ ଦେବୀ ନର୍ସିଂ କଲେଜ ପରିସରରେ ଖାଦ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ପାରମ୍ପରିକ ବିଭିନ୍ନ ପ୍ରକାର ପିଠା, ମିଠା ଠାରୁ ଆରମ୍ଭ କରି ନାନାଦି ପୁଷ୍ଟିକର ଖାଦ୍ୟ ପ୍ରଦର୍ଶିତ ହୋଇଥିଲା। କଲେଜରେ ଅଧ୍ୟୟନରତ ଛାତ୍ରୀମାନେ ୩୦ ପ୍ରକାରର ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରି ପ୍ରଦର୍ଶନ କରିଥିଲେ। ଛାତ୍ର ସମୂହ ପ୍ରସ୍ତୁତିରେ ସହଯୋଗ କରିଥିଲେ। ଏହି ଅବସରରେ ଓଡ଼ିଶା ପ୍ରାଶାସନିକ ଅଧିକାରୀ ଆକାଶ ରଞ୍ଜନ ସାହୁ, କଲେଜର ପ୍ରତିଷ୍ଠାତା ତଥା ସମ୍ପାଦକ ଶରତ ଚନ୍ଦ୍ର ବିଶ୍ୱାଳ, ଉପାଧ୍ୟକ୍ଷା ଜ୍ୟୋତ୍ସ୍ନା ଦାସ, ସହ ସମ୍ପାଦକ ଜଜେଶ କୁମାର ବିଶ୍ୱାଳ, ପ୍ରଫେସର ଇପସିତା ସାହୁ, ପ୍ରଫେସର ବର୍ଷାରାଣୀ ବେଜ, ପ୍ରଫେସର ଜୟଶ୍ରୀ ଜେନା, ଅଧ୍ୟାପିକା ସୌମ୍ୟା ସୁଲଗ୍ନା ପଟ୍ଟନାୟକ, ମୁଖ୍ୟ କୋଷାଧ୍ୟକ୍ଷା ଶ୍ରଦ୍ଧାଞ୍ଜଳି ଷଡ଼ଙ୍ଗୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମସ୍ତ ଶିକ୍ଷକ/ କର୍ମଚାରୀ, ବିଏସି ତୃତୀୟ ଏବଂ ଚତୁର୍ଥ ବର୍ଷର ଛାତ୍ରଛାତ୍ରୀ ଏବଂ ବହୁ ଅଭିଭାବକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ଉତ୍ତମ ଖାଦ୍ୟ ପ୍ରସ୍ତୁତି ନେଇ ଛାତ୍ରୀମାନଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ।

## ଓଡ଼ିଶା ବିଜ୍ଞାନ ଓ ପରିବେଶ କଂଗ୍ରେସ ଉଦ୍‌ଘାଟିତ

### ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ନିମନ୍ତେ ବିଜ୍ଞାନର ପ୍ରୟୋଗ ଅତ୍ୟନ୍ତ ଜରୁରୀ

ଭୁବନେଶ୍ୱର, ୨୮ ।୧୧(ସମିସ): ଓଡ଼ିଶା ପରିବେଶ ସମିତି ଓ କିଟ୍ ବିଶ୍ୱବିଦ୍ୟାଳୟର ମିଳିତ ଉଦ୍ୟମରେ ୨୬ ତମ ଓଡ଼ିଶା ବିଜ୍ଞାନ ଓ ପରିବେଶ କଂଗ୍ରେସ ଏବଂ ଏସ୍‌ଡ଼ିଜି: ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଇନୋଭେସନ୍ସ ବିଷୟବସ୍ତୁ ଆଧାରିତ ସଷ୍ଟେନେବଲ୍ ଗ୍ରୀନ୍ ଫ୍ରଣ୍ଟିୟର୍ସ ଉପରେ ପ୍ରଥମ ଅନ୍ତର୍ଜାତୀୟ ସମ୍ମିଳନୀ ଶୁକ୍ରବାର କିଟ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅନ୍ତର୍ଜାତୀୟ ସମ୍ମିଳନୀକୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ




ସାମନ୍ତ ଉଦ୍‌ଘାଟନ କରି ରସାୟନ ବିଜ୍ଞାନ କ୍ଷେତ୍ରରେ ଜୀବନ ବ୍ୟାପୀ ଅବଦାନ ନିମନ୍ତେ ପ୍ରତବର୍ଷ ଜଣେ ରସାୟନ ବିଜ୍ଞାନୀଙ୍କୁ କିଟ୍ ପକ୍ଷରୁ ୧ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଘୋଷଣା କରିଛନ୍ତି। ଏହି ସମ୍ମିଳନୀରେ ମୁଖ୍ୟବକ୍ତା ଭାବରେ ଭାରତ ସରକାରଙ୍କ ପ୍ରାକ୍ତନ ସଚିବ ଡ. ଅରୁଣ କୁମାର ରଥ ଯୋଗ ଦେଇଥିବା ବେଳେ ଡିଆର୍‌ଡ଼ିଓ ବେଙ୍ଗାଲୁରୁର ମହାନିର୍ଦ୍ଦେଶକ (ଇସିଏସ୍) ପ୍ରଫେସର ଟି କେ ବସ୍ତିଆ, ଓଡ଼ିଶା ପରିବେଶ ସମତି ସଂଯୋଜକ ପ୍ରଫେସର ଏସ୍ ଏନ୍ କୁଣ୍ଡୁ, କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହ ଯୋଗଦେଇଥିଲେ। ରବିବାର ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ରାଜ୍ୟ ତଥା ରାଜ୍ୟ ବାହାରୁ ୪୫୦ରୁ ଅଧିକ ପ୍ରତିନିଧି ଯୋଗ ଦେଇଛନ୍ତି। ଏହି ଅବସରରେ ପଦାର୍ଥ ବିଜ୍ଞାନୀ ପ୍ରଫେସର ଲମ୍ବୋଦର ପ୍ରସାଦ ସିଂ, ଜୀବ ବିଜ୍ଞାନୀ ପଦ୍ମଶ୍ରୀ ପ୍ରଫେସର ଆଦିତ୍ୟ ପ୍ରସାଦ ଦାଶ, ପରିବେଶ ବିଜ୍ଞାନୀ ପ୍ରଫେସର ବିନୋଦ ଚନ୍ଦ୍ର ଚୌଧୁରୀ ଏବଂ ଯାନ୍ତ୍ରିକ ବିଜ୍ଞାନୀ ଡ. ବିନୟ କୁମାର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୧୫ ବର୍ଷର ଅବଦାନ ନିମନ୍ତେ ଡ. ଜୟକୃଷ୍ଣ ପାଣିଗ୍ରାହୀଙ୍କୁ ଏହି ସମ୍ମିଳନୀର ଆବାହକ ରୂପେ ମଧ ସମ୍ମାନୀତ କରାଯାଇଥିଲା। ଶେଷରେ ପରିବେଶ ସମିତିର ସମ୍ପାଦକ ଇଂ. ମନୋରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ହାଇଟେକ୍ ବିଜ୍ଞାନ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ



ଭୁବନେଶ୍ୱର, ୨୮।୧୧(ସମିସ): ହାଇଟେକ୍ ବିଜ୍ଞାନ ଓ ବାଣିଜ୍ୟ ମହାବିଦ୍ୟାଳୟର ୧୯ ତମ ବାର୍ଷିକ କ୍ରୀଡା ଉତ୍ସବ ମହାସମାରୋହରେ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ ଇଂ ରୂପେଶ କୁମାର ପାଣିଗ୍ରାହୀ ଯୋଗ ଦେଇ କହିଥିଲେ, କ୍ରୀଡା ଯୁବବର୍ଗଙ୍କୁ ଏକ ସ୍ୱତନ୍ତ୍ର ଜୀବନ ବଞ୍ଚିବାକୁ ଦିଏ। ଯୁବ ଗୋଷ୍ଠୀମାନେ ଏହି କ୍ରୀଡା ପ୍ରତିଯୋଗିତା ଦ୍ୱାରା ସେମାନଙ୍କ ଭିତରେ ଥିବା ଯୁବ ଶକ୍ତିକୁ ସମୁଜ୍ଜ୍ୱଳ କରନ୍ତି ଏବଂ ଦେଶ, ଜାତି, ରାଷ୍ଟ୍ର ପାଇଁ ସେମାନଙ୍କ ଜୀବନ ଗରିୟାନ ହୋଇଥାଏ ବୋଲି କହିଥିଲେ। ଏଥିରେ ହାଇଟେକ୍ ବିଜ୍ଞାନ ଓ ବାଣିଜ୍ୟ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ସାହୁ, ଉପାଧ୍ୟକ୍ଷ ବିଭୂତି ଭୂଷଣ ବେହେରା ଏବଂ ହାଇଟେକ୍ ଗ୍ରୁପର କ୍ରୀଡା ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଲଳିତେନ୍ଦୁ ମହାନ୍ତି ଉପସ୍ଥିତ ଥିଲେ।

ସେହିଭଳି ହାଇଟେକ୍ ଗ୍ରୁପର କ୍ରୀଡା ପ୍ରଶିକ୍ଷକ ସୁରେଶ କୁମାର ନାୟକ, ମେଘବର୍ଣ୍ଣ ସ୍ୱାଇଁ, ବିଜ୍ଞାନ ମହାବିଦ୍ୟାଳୟର କ୍ରୀଡା ଶିକ୍ଷକ ସତ୍ୟ ବିପ୍ଳବ ମିଶ୍ର ଏହାକୁ ପରିଚାଳନା କରିଛନ୍ତି। ସମସ୍ତ ଅଧ୍ୟାପକ, ଅଧ୍ୟାପିକାଙ୍କ ଉପସ୍ଥିତିରେ ହାଇଟେକ୍ ବିଜ୍ଞାନ ଓ ବାଣିଜ୍ୟ ମହାବିଦ୍ୟାଳୟର ଓଡ଼ିଆ ବିଭାଗୀୟ ମୁଖ୍ୟ ଡ. ଚିତ୍ତରଞ୍ଜନ ସାହାଣୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ବିବାହ ଋତୁରେ ଫୁଲ ଅମୂଲମୂଲ

## ଲିଲି ସବୁଠୁ ଦାମୀ

ଭୁବନେଶ୍ୱର, ୨୮ ।୧୧(ସମିସ): ଚାଲିଛି ବିବାହ ଋତୁ ଏଥିପାଇଁ ଚଳଚଞ୍ଚଳ ହୋଇ ପଡ଼ିଛି ଫୁଲ ଦୋକାନ। ଫୁଲ ଦୋକାନ ଆଗରେ ସକାଳୁ ସକାଳୁ ଗାଡ଼ି ସଜାଇବା ପାଇଁ ଲମ୍ବା ଧାଡ଼ି ଲାଗୁଛି। ଏଥିସହିତ କିଏ ବାହାଘର ମଣ୍ଡପ ସଜେଇବା ପାଇଁ ଫୁଲ ବରାଦ ଦେଉଛନ୍ତି ତ ଆଉ କିଏ ବର ଗାଡ଼ିକୁ ସଜାଇବା ପାଇଁ। ଏଥିସହିତ ବାହାଘରକୁ ଆସୁଥିବା ଅତିଥିଙ୍କୁ ମଧ ଫୁଲ ଦେଇ ସ୍ୱାଗତ କରାଯାଉଥିବା ବେଳେ ଆଉ କିଛି ଜଣ ବର ବଧୂଙ୍କୁ ବୈବାହିକ ଜୀବନ ସୁଖମୟ ହେବା ପାଇଁ ଫୁଲ ସହ ତୋଡ଼ା ଦେଇ ଶୁଭ ମନାସୁଛନ୍ତି।

ବିଶେଷ କରି ବାହାଘର ସମୟରେ ଫୁଲର ଚାହିଦା ବଢ଼ିଯାଏ ଆଉ ଏହି ସମୟରେ ଦରକାର ହୁଏ ଅଧିକ ଫୁଲ। ଚାହିଦା ଅନୁଯାୟୀ ବଜାରରେ ଉପଯୁକ୍ତ ଫୁଲର ଚାହିଦା ମେଣ୍ଟି ପାରୁ ନ ଥାଏ। ଫଳରେ ଏହି ସମୟରେ ଫୁଲର ଦର ପୂର୍ବାପେକ୍ଷା ଅଧିକ ବଢ଼ିଯାଏ। ଯେଥିପାଇଁ ଯେଉଁ ଗୋଲାପ ଗୋଟିଏର ମୂଲ୍ୟ ମାସକ ପୂର୍ବକରୁ ଯାହା ୧୫ ରୁ ୨୦ ଟଙ୍କା ରହିଥିଲା ତାହା



ଏବେ ୩୦ ରୁ ୪୦ ଟଙ୍କା ହୋଇଯାଇଛି। ରାଜଧାନୀର ପ୍ରତି ଗଳିକନ୍ଦିରେ ଛୋଟ ବଡ଼ ହୋଇ ୩ ଶହରୁ ଅଧିକ ଫୁଲ ଦୋକାନ ରହିଛି। ଶୀତଋତୁ ଥିବାରୁ ଭଳିକି ଭଳି ଫୁଲର ସମ୍ଭାରରେ ଫୁଲ ଦୋକାନ ପୂରିଉଠିଛି।

ସବୁ ଫୁଲ ମଧ୍ୟରେ ଲିଲି ଫୁଲ ଅଧିକ ଦାମୀ ରହିଛି। ଏହି ଫୁଲ ଗୋଟାକ ୨୦୦ ଟଙ୍କା ରହିଥିବା ବେଳେ ଗୋଲାପ ୩୦ ଟଙ୍କା, ରଙ୍ଗିନ୍ ଗୋଲାପ ୪୦ ଟଙ୍କା କିସାନ୍ କିମାମ ୫୦ ଟଙ୍କା, ଷ୍ଟାର ଫୁଲ ୨୦ଟଙ୍କା, ସେବତୀ ୨୦ଟଙ୍କା, ଛୋଟ ରଜନୀଗନ୍ଧା ୨୦ ଟଙ୍କା, ଜରବେରା ୩୦ ଟଙ୍କା, ଗେଣ୍ଡୁ ମାଳ ୩୦ ରୁ ୪୦ ଟଙ୍କା, ଅର୍କିଟ୍‌ର ପର୍ପଲ ରଙ୍ଗର ଫୁଲ ୫୦ ଟଙ୍କା ଥିବା ବେଳେ ଅରେଞ୍ଜ, ପିଙ୍କ୍ ରଙ୍ଗର ଫୁଲର ଦାମ୍ ୬୦ ଟଙ୍କା ମୂଲ୍ୟରେ ବିକ୍ରି ହେଉଛି। ଏହିପରି ଫୁଲ ତୋଡ଼ା ମଧ ୩୫୦ ଟଙ୍କାରୁ ଆରମ୍ଭ ହୋଇ ୫ ହଜାର ଟଙ୍କା ପର୍ଯ୍ୟନ୍ତ ମିଳୁଛି। ଏଥିସହିତ ବାହାଘରରେ ମୁଣ୍ଡରେ ଖୋସାକୁ ସୁନ୍ଦର କରିବା ପାଇଁ ବିଭିନ୍ନ ପ୍ରକାରର ଗଜରା କିଣିବା ପାଇଁ ଭୀଡ଼ ମଧ ଲଗାଉଛନ୍ତି।



ଏହି ଫୁଲଗୁଡ଼ିକ ମଧ୍ୟରୁ ଅର୍କିଟ୍ ଥାଇଲାଣ୍ଡରୁ ଆସୁଥିବା ବେଳେ ଲିଲି ବେଙ୍ଗାଲୁରୁରୁ ଆସୁଛି। ଏହିପରି ମଧ ଫୁଲ ବି କଲିକତା, ଦିଲ୍ଲୀ, ମୁମ୍ବାଇ, ପୁନେ, ରାୟପୁରରୁ ଆସୁଥିବା ବେଳେ କିଛି ଫୁଲ ଓଡ଼ିଶାରୁ ଆସୁଅଛି। ବାହାଘର ସିଜିନ୍ ଚାଲିଥିବାରୁ ଏଥିସହିତ ବିଭିନ୍ନ ବ୍ରତଘର ସମେତ ଅନ୍ୟାନ୍ୟ କାର୍ଯ୍ୟ ମଧ ରହୁଛି। ଯେଉଁଥିପାଇଁ ପ୍ରତି ଫୁଲ ଏବେ ୨୦ ରୁ ୩୦ ଟଙ୍କା ଅଧିକ ବିକ୍ରି ହେଉଛି। ସିଜିନ୍ ସରିଗଲେ ଫୁଲ ଦର ମଧ ଟିକେ ଖସିଯିବ ବୋଲି ଫ୍ଲୋରିଷ୍ଟ ଆସୋସିଏସନ୍‌ର ମୁଖ୍ୟ ବିଭୂତି ଭୂଷଣ ସ୍ୱାଇଁ କହିଛନ୍ତି।

### ଉନ୍ନତିକରଣ ଚାଲିଛି ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସମାଧି ପୀଠ

# ନବୀନ ଦେଇଥିଲେ ୧୦ କୋଟି ଟଙ୍କା ଅନୁଦାନ

- ଜମି ବିବାଦ ଯୋଗୁଁ ବିଳମ୍ବ ହେଲା ଏକବର୍ଷ
- ଡିସେମ୍ବରରେ ହୋଇପାରେ ଉଦଘାଟନ



ରାଇରଙ୍ଗପୁର, ୨୮।୧୧(ସମିସ): ରାଇରଙ୍ଗପୁରର ଦାଣ୍ଡବୋଷ ସ୍ଥିତ ଅଲଚିକି ଲିପି ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସମାଧି ପୀଠର ଉନ୍ନତୀକରଣ କାର୍ଯ୍ୟ ଚାଲିଛି। ଏଥିପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୦ କୋଟି ଟଙ୍କା ଅନୁଦାନ ଘୋଷଣା କରିଥିଲେ; ଯାହାର ଉନ୍ନତୀକରଣ କାମ ଏକବର୍ଷ ବିଳମ୍ବରେ ଚାଲିଛି। ଆସନ୍ତା ଡିସେମ୍ବରରେ ଉଦଘାଟନ ହେବାର ସମ୍ଭାବନା ରହିଛି। ତତ୍କାଳୀନ ୫-ଟି ସଚିବ ଭିକେ ପାଣ୍ଡିଆନ ରାଇରଙ୍ଗପୁର ଗସ୍ତରେ ଆସିଥିବାବେଳେ ସମାଧିପୀଠ ପରିଦର୍ଶନ କରିଥିଲେ। ପୀଠରଠ ବିକାଶ ନିମନ୍ତେ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିବେ ବୋଲି ସାନ୍ତାଳୀ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ; ଯାହାକୁ ନେଇ ପ୍ରସ୍ତାବକ୍ରମେ ଅନୁଦାନ ଘୋଷଣା ହୋଇଥିଲା। ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୧୯ ତମ ଜୟନ୍ତୀ ଅବସରରେ ୨୦୨୩ ମେ ୬ ତାରିଖରେ ଦାଣ୍ଡବୋଷ ଗ୍ରାମରେ ଆୟୋଜିତ କାର୍ଯ୍ୟକ୍ରମରେ ନବୀନ ପଟ୍ଟନାୟକ ଭର୍ଚୁଆଲ ଜରିଆରେ ସମାଧିପୀଠ ଉନ୍ନତିକରଣ ଓ ଗ୍ରାମର ବିକାଶ ନିମନ୍ତେ ୧୦ କୋଟି ଟଙ୍କା ଅନୁଦାନ ରାଶି ଘୋଷଣା କରିଥିଲେ। ଏବେ ଦାଣ୍ଡବୋଷ ଗ୍ରାମର କପିଡୁଙ୍ଗରିରେ ଥିବା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସମାଧିପୀଠ ଉନ୍ନତିକରଣ କାମ ଜାରି ରହିଛି। ସେଠାରେ ଏକ ଧ୍ୟାନ କେନ୍ଦ୍ର ପ୍ରତିଷ୍ଠା, କପିଡୁଙ୍ଗରିରେ ପାଚେରୀ ନିର୍ମାଣ, ରାସ୍ତା ନିର୍ମାଣ, ଅଡିଟୋରିୟମ, ଗବେଷଣା କେନ୍ଦ୍ର, ଶ୍ରଦ୍ଧାଳୁଙ୍କ ଶୟନକକ୍ଷ, କପିଡୁଙ୍ଗରି ସୌନ୍ଦର୍ଯ୍ୟକରଣ, ସ୍ୱାଗତ ତୋରଣ, ବିନ୍ଧୁ ଚନ୍ଦନ ବାହାଗାଳ ବିକାଶ, ପାନୀୟ ଜଳ ବ୍ୟବସ୍ଥା ଓ ବିଦ୍ୟୁତିକରଣ କରିବା କାର୍ଯ୍ୟ ରହିଥିଲା। ତେବେ ଏହି କାମ ୨୦୨୩ ନଭେମ୍ବର ୨ରୁ ଆରମ୍ଭ କରାଯାଇଥିବା ବେଳେ ୨୦୨୪ ଅକ୍ଟୋବର ସୁଦ୍ଧା ଶେଷ ହେବାର ଥିଲା; କିନ୍ତୁ ଲଗାଣ ବର୍ଷା ଓ ଜମିଜମା ବିବାଦ ଯୋଗୁଁ ଏକବର୍ଷ ବିଳମ୍ବ ହୋଇଛି। ୬କୋଟି ୮୫ଲକ୍ଷ ୩୯ହଜାର ୧୦୫ ଟଙ୍କା ଅଟକଳ ବ୍ୟୟରେ ଅଡିଟୋରିୟମ, ଡର୍ମିଟୋରି, ଗଜୱା, ପାଚେରୀ, ମୁଖ୍ୟ ଗେଟ୍, ବଗିଚା ଓ ଧ୍ୟାନ କେନ୍ଦ୍ର ନିର୍ମାଣ ହୋଇଥିବା ବେଳେ ପାନୀୟ ଜଳ ଓ ଶୌଚାଳୟ ମଧ୍ୟ ନିର୍ମାଣ କରାଯାଇଛି। ବଳକା ଅନୁଦାନ ରାଶିରେ ଜନ୍ମସ୍ଥଳୀ ଓ ସମାଧି ସ୍ଥଳୀ ଉନ୍ନତିକରଣ ହେବ ବୋଲି ତାଙ୍କ ନାତି ଚୁନିୟାନ ମୁର୍ମୁ କହିଛନ୍ତି। ସେହିପରି ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଚଳିତ ବର୍ଷ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେଇ ୫୦ କୋଟି ଟଙ୍କା ଅନୁଦାନ ରାଶି ଘୋଷଣା କରିଛନ୍ତି। ଯେଉଁ ଅନୁଦାନ ରାଶିରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ରଚିତ ସମସ୍ତ ପୁସ୍ତକ ଗୁଡ଼ିକୁ ଜନାଦୃତ କରାଇବା ପାଇଁ ବାରିପଦାରେ ଅଲଚିକି ଲାଇବ୍ରେରୀ ପ୍ରତିଷ୍ଠା, ପଣ୍ଡିତ ରଘୁନାଥ ମୁର୍ମୁ ଓପନ ଥିଏଟର - ସଂଗ୍ରହାଳୟ ଓ ପଣ୍ଡିତଙ୍କ କର୍ମ ଭୂମିଠାରେ ଐତିହ୍ୟ ଭବନ ପ୍ରତିଷ୍ଠା କରାଯିବ। ପଣ୍ଡିତ ମୁର୍ମୁ ୧୯୦୫ ମସିହା ମେ ୫ ତାରିଖରେ ଜନ୍ମଗ୍ରହଣ କରିଥିଲେ। ଦାଣ୍ଡବୋଷ ଗ୍ରାମ ନିକଟସ୍ଥ ଗମ୍ଭାରିଆ ଗ୍ରାମ ସ୍କୁଲରେ ସାତ ବର୍ଷ ବୟସରୁ ପାଠ ପଢ଼ା ଆରମ୍ଭ କରିଥିଲେ। ଛୋଟ ବେଳରୁ ତାଙ୍କ ମାତୃଭାଷା ପ୍ରତି ବିଶେଷ ଆଗ୍ରହ ରହିଥିଲା। ସେତେବେଳେ ଓଡ଼ିଆରେ ପାଠ ପଢ଼ା ହେଉଥିଲା ବେଳେ ସାନ୍ତାଳୀ ଭାଷା କୌଣସି ଲିପି ନଥିଲା। ନିଜ ମାତୃଭାଷା ପ୍ରେମ ପାଇଁ ଶେଷରେ ୧୯୨୫ ମସିହାରେ ସାନ୍ତାଳୀ ବର୍ଣ୍ଣମାଳା 'ଅଲଚିକି ଲିପି' ପ୍ରସ୍ତୁତ କରିଥିଲେ। ତେଣୁ ତାଙ୍କୁ ଅଲଚିକି ଲିପି ସ୍ରଷ୍ଟା ବା ଅଲଚିକି ଲିପି ଜନକ କୁହାଯାଏ। ୧୯୮୨ ମସିହା ମାଘ ସପ୍ତମୀରେ ତାଙ୍କର ତିରୋଧାନ ହୋଇଥିଲା। ତିରୋଧାନ ପରେ ୧୯୮୩ ମସିହା ପାଖରୁ ତାଙ୍କ ଶ୍ରାଦ୍ଧ ଦିବସକୁ ସାନ୍ତାଳୀ ସମ୍ପ୍ରଦାୟର ଲୋକେ 'ଗୁରୁ ଦର୍ଶନ ଦିବସ' ଭାବରେ ପାଳନ କରି ଆସୁଛନ୍ତି।



## ବୁଢ଼ୀଖମାରୀରେ ନୂଆ ଭାରତ ଓ ନୂଆ ସଂକଳ୍ପ କାର୍ଯ୍ୟକ୍ରମ




ବାରିପଦା, ୨୮।୧୧(ସମିସ): ବେତନଟୀ ବ୍ଲକ ଅନ୍ତର୍ଗତ ବୁଢ଼ୀଖମାରୀ ଗ୍ରାମ ପଞ୍ଚାୟତରେ 'ନୂଆ ଭାରତ ଏବଂ ନୂଆ ସଂକଳ୍ପ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୁଢ଼ୀଖମାରୀ ପଞ୍ଚାୟତ ନିର୍ବାହୀ ଅଧିକାରୀ କିରଣ କୁମାର ନାୟକଙ୍କ ସଂଯୋଜନା ଏବଂ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ଦାନନ୍ଦ ମୁର୍ମୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ, ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ଏବିଡିଓ ଅଶୋକ କୁମାର ଦାଶ, ସହକାରୀ ନିର୍ବାହୀ ଯନ୍ତ୍ରୀ ଭରତଚନ୍ଦ୍ର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂସଦ ପ୍ରତିନିଧି ରତିକାନ୍ତ ମହାନ୍ତ, ବିଜେପିର ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଦନାର୍ଦ୍ଦନ ମହାନ୍ତ, ଏସଟି ମୋର୍ଚ୍ଚା ମଣ୍ଡଳ ସଭାପତି ଅଜୟ ଜେନା, ଯୁବମୋର୍ଚ୍ଚା ମଣ୍ଡଳ ସଭାପତି ମନୋଜ ମହାନ୍ତ ମଣ୍ଡଳ ସମ୍ପାଦକ ନରହରି ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ଆଦର୍ଶ ଗ୍ରାମପଞ୍ଚାୟତ ଗଠନ ନିମନ୍ତେ ଶତ ପ୍ରତିଶତ ବିଶୁଦ୍ଧ ପାନୀୟଜଳ ଯୋଗାଣ, ବିଦ୍ୟୁତ ଏବଂ ଗମନାଗମନର ସୁବ୍ୟବସ୍ଥା, ମହିଳା କିଭଳି ସ୍ୱାବଲମ୍ବୀ ହେବେ, କୁପୋଷଣ ଏବଂ ଅପପୁଷ୍ଟିର ମୂଳୋତ୍ପାଟନ, ଶତପ୍ରତିଶତ କଚ୍ଚଡା ବ୍ୟବସ୍ଥାପନ, ଶତପ୍ରତିଶତ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ, ଶତ ପ୍ରତିଶତ ଡିଜିଟାଲ ସେବାରେ ପଞ୍ଚାୟତବାସୀଙ୍କୁ ଅଭ୍ୟସ୍ତ କରାଇବା ଆଦି ଦିଗ ଉପରେ ଆଲୋଚନା ପୂର୍ବକ ସାମୁହିକ ଶପଥ ପାଠ କରିଥିଲେ। ଏହି ଅବସରରେ ଗ୍ରାମପଞ୍ଚାୟତ ପକ୍ଷରୁ ଆଦିମ ଜନଜାତି ସମ୍ପ୍ରଦାୟର ଝୁନା ଦେହୁରୀ, ରେମା ଦେହୁରୀ ଏବଂ ବାଣ ଦେହୁରୀଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ସେହିଭଳି ସୁଭଦ୍ରା ଯୋଜନାରେ ସଫଳତା ପାଇଥବା ସାବିତ୍ରୀ ସିଂ, ସୁନୀତା ସିଂ, କୁମୁଦିନୀ ନାୟକ ପ୍ରମୁଖ ସମ୍ବର୍ଦ୍ଧିତ ହୋଇଥିଲେ। ଅନ୍ୟପକ୍ଷରେ ବୟୋଜ୍ୟେଷ୍ଠଙ୍କ ମଧ୍ୟରେ ସମାଜର ପଥ ପ୍ରଦର୍ଶକ ଭାବେ ମାଟି ମାଣ୍ଡି, ବିହାରୀଲାଲ ମହାନ୍ତ ଏବଂ ଶତ୍ରୁଘ୍ନ ମହାନ୍ତ ଏବଂ ମେଧାବୀ ଛାତ୍ରୀ ରଶ୍ମିତା ଗୁଡୁଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଅଭ୍ୟର୍ଥନାଗୃହ ତଥା ଇ-ପାଠାଗାରକୁ ବିଧାୟକ ଲୋକାର୍ପିତ କରିଥିଲେ।

## ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ



କପ୍ତିପଦା, ୨୮।୧୧(ସମିସ): କପ୍ତିପଦା ବ୍ଲକ ବଡ଼ସିମୂଳିଆ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। କପ୍ତିପଦା ସରସ୍ୱତୀ ବିଦ୍ୟା ମନ୍ଦିରର ଛାତ୍ର ଶ୍ରୀସାଇ ଆନନ୍ଦ ରାଉତ ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଘନଶ୍ୟାମ ସିଂ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିରୂପେ ପ୍ରଫେସର ମନୋରଞ୍ଜନ ମଲ୍ଲିକ, ମୁଖ୍ୟବକ୍ତାଭାବେ ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ରାଜେଶ କୁମାର ନାୟକ, ସମ୍ମାନିତ ଅତିଥି ମିନତୀ ମଢେଇ ସରପଞ୍ଚ ଜଦିଦା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମୀଧର ସିଂ, ସାଙ୍ଗଠନିକ ସମ୍ପାଦକ ଚତୁର୍ଭୁଜ ନାଏକ, କପ୍ତିପଦା ବ୍ଲକ ବିଜ୍ଞାନ ପରିଦର୍ଶକ ଭାବେ ରସାନନ୍ଦ ବେହେରା, ସିଆରସିସି ସନ୍ତୋଷ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୧୭୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଶିକ୍ଷକ ସନ୍ତୋଷ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଉଦଯାପନୀ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଘନଶ୍ୟାମ ସିଂ। ମୁଖ୍ୟ ଅତିଥିଭାବେ ଭାରତୀ ହାଁସଦା, ଅଧ୍ୟକ୍ଷା ଜିଲ୍ଲା ପରିଷଦ, ମୟୁରଭଞ୍ଜ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଅଧିକାରୀ ଶଶିଧର ସିଂ, ବିଶିଷ୍ଟ ଅତିଥି କପ୍ତିପଦା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଦ୍ୟା ଭାରତୀ ନାଏକ, ବଡସିମୂଳିଆ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚତୁର୍ଭୁଜ ନାଏକ, ଅତିରିକ୍ତ ଗୋଷ୍ଠୀ ଅଧିକାରୀ ଲକ୍ଷ୍ମୀଧର ସିଂ ପ୍ରମୁଖ ଯୋଗଦେଇଥିଲେ। ୭ଟି ପ୍ରକଳ୍ପକୁ ଜିଲ୍ଲା ସ୍ତରକୁ ମନୋନୀତ ହୋଇଛି।

**ବଡସାହି:** ବଡ଼ସାହି ବ୍ଲକ ବାଘମରା ବିଜୟ ଉଚ୍ଚ ବିଦ୍ୟାଳୟରେ ବ୍ଲକ ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ମଧୁସ୍ମିତା ଗିରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ଗୌତମ ପାତ୍ର ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ସହକାରୀ ପ୍ରାଧ୍ୟାପକ ସରୋଜ କୁମାର ନାୟକ, ମୁଖ୍ୟବକ୍ତା ବରିଷ୍ଠ ବୈଜ୍ଞାନିକ ଡି.ଆର.ଡି.ଓ ଶୁଭାଶିଷ ମାରାଣ୍ଡି, ସମ୍ମାନୀୟ ଅତିଥି ଭାବେ ତହସିଲଦାର ବଡସାହି କରୁଣାକର ଧିନ୍ଦା, ସରପଞ୍ଚ ତପୋଇ ସିଂ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଅନୁସନ୍ଧାନ ମୋନବୃତ୍ତି ତଥା ବିଜ୍ଞାନ ଚିନ୍ତାଧାରାରେ ଉଦବୋଧ ହେବା ପାଇଁ ପରାମର୍ଶ ଦେଇଥିଲେ। ବିଚାରକ ଭାବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଦର୍ଶନ ପଣ୍ଡା, ନଳିନୀ ଚୌଧୁରୀ ଯୋଗଦେଇ ମୂଲ୍ୟାୟନ କରିଥିଲେ। ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ମହାନ୍ତ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁ ବିଜ୍ଞାନମେଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ୧୪୧ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଉପାଧ୍ୟକ୍ଷ କାଞ୍ଚନ କୁମାର ପ୍ରଧାନ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଅଭିରାମ ନାଏକ ଯୋଗଦେଇଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଓଷ୍ଟାର ସମ୍ପାଦକ ଡକ୍ଟର ଡମ୍ବରୁ ଧର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

### ନଳକୂପ ଓ ସୋଲାର ମେସିନ ଅଚଳ

## ପିଇବା ପାଣି ପାଇଁ ଦୁଇ ସାହିର ଲୋକେ ହୀନସ୍ତା

କୁଆମରା, ୨୮।୧୧(ସମିସ): ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟ ଜଳ ଉପରେ ସରକାର ଅଧିକ ଗୁରୁତ୍ୱ ଦେଉଥିବା ନେଇ ଋଡିଣ୍ଡିମ ପିଟୁଥିବା ବେଳେ ସ୍ୱାଧୀନତା ପରେ ବି ଲୋକେ ଶୁଦ୍ଧ ପାନୀୟ ଜଳ ପାଇପାରୁନାହାନ୍ତି। ଏପରି ବିକଳ ଚିତ୍ର ଦେଖିବାକୁ ମିଳିଛି ଖୁଣ୍ଟା ବ୍ଲକ ବଡପଥରା ପଞ୍ଚାୟତର ରଙ୍ଗାମାଟିଆ ସ୍ଥିତ ଦୁର୍ଗାସାହି ଓ ଜିତେନ ସାହିରେ। ଦୁଇଟିଯାକ ସାହିରେ ଆଦିବାସୀ ସମ୍ପ୍ରଦାୟର ଲୋକେ ବସବାସ କରନ୍ତି। ଦୁର୍ଗାସାହିରେ ୧୦ରୁ ଉର୍ଦ୍ଧ୍ୱ ଏବଂ ଜିତେନ ସାହିରେ ୩୦ ପରିବାର ବସବାସ କରୁଛନ୍ତି। ହେଲେ ପରିତାପର ବିଷୟ ଆଜି ଯାଏ ଗୋଟିଏ ମାତ୍ର ନଳକୂପ ଉପରେ ଦୁଇଟିଯାକ ସାହିର ଲୋକେ ନିର୍ଭର କରନ୍ତି। ଆଜିଯାଏ ଏହି ସାହିରେ ବସୁଧା ଯୋଜନା ମଧ୍ୟ ଲାଗୁ କରାଯାଇନାହିଁ। ତେଣୁ ସାହିଲୋକେ ଦୀର୍ଘବର୍ଷ ହେଲା ଗଭୀର ନନ୍ଦ କୂପରୁ ପାଣି ପିଉଛନ୍ତି। ଗ୍ରୀଷ୍ମଋତୁରେ ଅଧିକାଂଶ ଲୋ ଚାଷ ଜମିରେ ଚୁଆ ଖୋଳି ପାନୀୟ ଜଳ ସଂଗ୍ରହ କରୁଛନ୍ତି ବୋଲି ରାମଚନ୍ଦ୍ର ଟୁଡୁ, ଜହର ହାଁସଦା, କୁଅଁର ହେମ୍ବ୍ରମ, ରଘୁନାଥ ହେମ୍ବ୍ରମ, ସନିଆ ମୁର୍ମୁ, ସନାତନ ମୁର୍ମୁ, ବୁଧୁରାଏ ମୁର୍ମୁ ପ୍ରମୁଖ ଅଭିଯୋଗ କରିଛନ୍ତି। କେବଳ ନିର୍ବାଚନ ଆସିଲେ ବିଭିନ୍ନ ଦଳର ନେତା ଆସନ୍ତି ଓ ପ୍ରତିଶ୍ରୁତି ଦେଇଥାନ୍ତି। ମାତ୍ର ନିର୍ବାଚନ ସରିଲେ ଆଉ ନେତାଙ୍କ ଦେଖା ନ ଥାଏ। ତେବେ ଏହି ଦୁଇଟି ସାହିର ପାଖାପାଖି ୨ଶହ ଲୋକଙ୍କ ପାଇଁ ପାନୀୟ ଜଳ ସ୍ୱପ୍ନ ପାଲଟିଛି। ସେହିପରି ଚାପଲଡିହି ଗ୍ରାମର ରାସ୍ତା ପାର୍ଶ୍ୱରେ ଥିବା ସୌର ଚାଳିତ ମେସିନଟି ଦୀର୍ଘ ଦିନ ଧରି ଅଚଳ ହୋଇ ପଡ଼ିବା ଯୋଗୁଁ ୩୦ରୁ ଉର୍ଦ୍ଧ୍ୱ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଏଠାରେ ଥିବା ନଳକୂପଟି ମଧ୍ୟ ଅଚଳ ହୋଇପଡ଼ିଛି। ତେଣୁ ଅଚଳ ଥିବା ନଳକୂପ ଓ ସୋଲାର ମେସିନକୁ ସଜାଡ଼ିବାକୁ ସିଂରାୟ ହେମ୍ବ୍ରମ, ବିକ୍ରମ ସୋରେନ, ନକୁଳ ହେମ୍ବ୍ରମ ପ୍ରମୁଖ ଦାବି କରିଛନ୍ତି।




## ପଞ୍ଚାୟତସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ




ଶୁଳିଆପଦା, ୨୮।୧୧(ସମିସ): ଶୁଳିଆପଦା ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସାଧନା' ପକ୍ଷରୁ ଭିନ୍ନକ୍ଷମ ଦିବସ ପାଳିତ ହୋଇଛି। ଏହି ଅବସରରେ କୁନିକୁନି ଶିଶୁଙ୍କୁ ନେଇ ଏକ ଶୋଭାଯାତ୍ରା ବାହାରିଥିଲା। ସଂଗଠନର କ୍ଷେତ୍ର ସଂଯୋଜିକା ସିପ୍ରା ମହାନ୍ତ, କର୍ମୀ ଅନନ୍ୟା ସି, ଅଭିଜିତ ବାରିକ, ଗୋଷ୍ଠୀ ସ୍ୱାସ୍ଥ୍ୟ କର୍ମୀ ଦେବଶ୍ରୀ ଦେବସ୍ମିତା ଧଳ ଓ ପଞ୍ଚାୟତସ୍ତରୀୟ ଭିନ୍ନକ୍ଷମ ସଂଘରୁ ସମ୍ପାଦକ ମଞ୍ଜୁଲତା ତୁଙ୍ଗଙ୍କ ସମେତ ନୂଆଗାଁ ପଞ୍ଚାୟତର ଶତାଧିକ ଭିନ୍ନକ୍ଷମ ଯୋଗଦାନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ସାଧନାର କ୍ଷେତ୍ରସଂଯୋଜିକା ସ୍ୱର୍ଣ୍ଣଜିତ ମହାପାତ୍ର, ମୁଖ୍ୟ ବକ୍ତା ଭାବେ ସାଧନାର ପ୍ରୋଗ୍ରାମ ମ୍ୟାନେଜର ସମିରଣ ଘୋଷ ଓ ସାମ୍ମନିତ ଅତିଥି ନୂଆଗାଁ ଜି.ପି. ହାଇସ୍କୁଲର ସହକାରୀ ଶିକ୍ଷକ ମନରଞ୍ଜନ ହାତୀ ଓ ସତ୍ୟରଞ୍ଜନ ମହାନ୍ତି, ଫିଜିଓଥେରାପିଷ୍ଟ ତ୍ରିଦିବେଶ ଦାସ ପ୍ରମୁଖ ଉପସ୍ଥିତ ରହି ଭିନ୍ନକ୍ଷମଙ୍କ ଜୀବନ ଶୈଳୀରେ ପରିବର୍ତ୍ତନ ଆଣିବାକୁ ହେଲେ ପ୍ରତ୍ୟେକ ଅଭିଭାବକ ପିଲାଙ୍କୁ ସୁଯୋଗ, ପ୍ରେରଣା, ପ୍ରଶଂସା ଯୋଗାଇବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## କୋଷ୍ଠାରେ ଲିଙ୍ଗଭିତ୍ତିକ ହିଂସା ସଚେତନ କର୍ମଶାଳା



ଶୁଳିଆପଦା, ୨୮।୧୧(ସମିସ): ଶୁଳିଆପଦା ବ୍ଲକ ଅନ୍ତର୍ଗତ କୋଷ୍ଠା ପଞ୍ଚାୟତ ଉଦୟନାଥ କନ୍‌ଫରେନ୍ସ ହଲରେ 'ଲିଙ୍ଗ ଭିତ୍ତିକ ହିଂସା'ର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଧନାର କ୍ଷେତ୍ର ସଂଯୋଜିକା ସ୍ୱର୍ଣ୍ଣଜିତ ମହାପାତ୍ର ପରିଚାଳନା କରିଥିଲେ। ଏଥିରେ ସାଧନାର ନିର୍ଦ୍ଦେଶକ ପ୍ରଭାକର ସାହୁ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ କୋଷ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପ୍ରୋଗ୍ରାମ ମ୍ୟାନେଜର ସୁଜାତା ଦାସ, ବାରିପଦା ସିଡିପିଓ ଦେବଶିଷ ରଣା, ୫୪ ଜିଲ୍ଲା ପରିଷଦ ନଗେନ କିସ୍କୁ ଓ କୋଷ୍ଠା ସରପଞ୍ଚ ସୁମିତ୍ରା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସମାଜ ଏବଂ ଗାଁରେ ଲିଙ୍ଗ ଭିତ୍ତିକ ହିଂସା ପ୍ରତ୍ୟେକଙ୍କ ମନରୁ ଦୂରୀଭୂତ କରିବା ପାଇଁ ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ଭିନ୍ନକ୍ଷମ ସଂଗଠନର ସଦସ୍ୟଙ୍କୁ ପରାମର୍ଶ ଦେଇଥିଲେ।

## ବିଦ୍ୟାଳୟ ହୀରକ ଜୟନ୍ତୀ ପ୍ରସ୍ତୁତି ବୈଠକ



ମହୁଲଡିହା, ୨୮।୧୧(ସମିସ): ଠାକୁରମୁଣ୍ଡା ହାଇସ୍କୁଲର ହୀରକ ଜୟନ୍ତୀ ଉତ୍ସବ ଡିସେମ୍ବର ୨୬ରୁ ୨୮ ୩ ଦିନ ଅନୁଷ୍ଠିତ ହେବ ବୋଲି ଏ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କରଞ୍ଜିଆ ବିଧାୟକ ତଥା ପୂର୍ବତନ ଛାତ୍ର ପଦ୍ମଚରଣ ହାଇବ୍ରୁରୁ ଯୋଗଦେଇ ସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ। ଅଳ୍ପ ସମୟ ବ୍ୟବଧାନ ଥିବାରୁ ସମସ୍ତେ ସହଯୋଗ କରିବା ପାଇଁ ଏକ ଭିଡିଓ ବାର୍ତ୍ତାରେ ସୂଚନା ଜାରି କରାଯାଇଛି। ଏହି ଉତ୍ସବର ଅତିଥି ନିର୍ବାଚନ ବିଧାୟକଙ୍କ ଉପରେ ନ୍ୟସ୍ତ କରାଯାଇଛି। ଡିସେମ୍ବର ୨୬ରେ ହୀରକ ଜୟନ୍ତୀ ଉଦଘାଟନ ହୋଇ ୨୭ରେ ପୂର୍ବତନ ଛାତ୍ରଛାତ୍ରୀଙ୍କ କାର୍ଯ୍ୟକ୍ରମ ଏବଂ ୨୮ରେ ଉଦଯାପନୀ କାର୍ଯ୍ୟକ୍ରମର ଯୋଜନା ପ୍ରସ୍ତୁତ କରାଯାଇଛି।

## ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ସାମଗ୍ରୀ ପ୍ରଦାନ



ରାଇରଙ୍ଗପୁର, ୨୮।୧୧(ସମିସ): ଅଁଳାଡୁବା ବାଦାମୀବାଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଚାଳନା ନିମନ୍ତେ ବିଭିନ୍ନ ସହାୟକ ସାମଗ୍ରୀ ପ୍ରଦାନ କରାଯାଇଛି। ସମାଜସେବା ଓ ଶିକ୍ଷାର ଉନ୍ନତି ନିମନ୍ତେ ଏକ ଅଭିନବ ପଦକ୍ଷେପ ସ୍ୱରୂପ ଆଇଡିବିଆଇ ବ୍ୟାଙ୍କର କର୍ପୋରେଟ୍ ସୋସିଆଲ୍ ରେସ୍ପନସିବିଲିଟି (ସିଏସଆର) ଅଭିଯାନ ଅନ୍ତର୍ଗତ ପ୍ରଦାନ କରାଯାଇଛି। ଛାତ୍ରଛାତ୍ରୀ ଓ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସହାୟତା ନିମନ୍ତେ ସ୍ୱଚ୍ଛ ପାନୀୟ ମେସିନ, ଚେୟାର, ପଙ୍ଖା ଆଦି ବିଭିନ୍ନ ସାମଗ୍ରୀ ପ୍ରଦାନ ହୋଇଛି। ଗୁରୁବାର ବିଦ୍ୟାଳୟ ପରିସରରେ ସମସ୍ତେ ଉପସ୍ଥିତ ରହି ଉକ୍ତ ଜନ କଲ୍ୟାଣକାରୀ ସମ୍ପାଦନ କରିଛନ୍ତି। କାର୍ଯ୍ୟକ୍ରମରେ ଆଇଡିବିଆଇ ବ୍ୟାଙ୍କ ରାଇରଙ୍ଗପୁର ଶାଖା ପରିଚାଳକ ଶିବସାଗର ମୁର୍ମୁ, କରଞ୍ଜିଆ ଶାଖା ପରିଚାଳକ ବିଭୁ ପ୍ରସନ୍ନ ତ୍ରିପାଠୀ, ମୋହନ କୁମାର, ବାଦାମୀବାଇ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମିନାକ୍ଷୀ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ଉଦଳା କଲେଜରେ ଆଲୋଚନାଚକ୍ର

ଗୋପବନ୍ଧୁନଗର/ଉଦଳା, ୨୮।୧୧(ସମିସ): ଉଦଳା କଲେଜ ଇତିହାସ ବିଭାଗ ପକ୍ଷରୁ ବୁଧବାର 'ରିଭୋଲ୍ଟ ଅଫ ୧୮୫୭' ଶୀର୍ଷକ ଏକ ଆଲୋଚାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପକ ମାନସିଂ ମୁର୍ମୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷା ରେହେନା ସୁଲତାନା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ବରେଣ୍ୟ ଅତିଥି ଡ଼. ସୌମେନ୍ଦ୍ର କୁମାର ଦାଶ ଯୋଗଦେଇ ବିଷୟ ଭିତିକ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଗୋଲକ ବିହାରୀ ନାୟକ, ଅଧ୍ୟାପିକା ଶ୍ରୁତିବନ୍ଦିତା ପଣ୍ଡା ଯୋଗଦେଇଥିଲେ।

### ଖବର ପ୍ରକାଶ ପରେ ଉପଖଣ୍ଡ ହସ୍ପିଟାଲ ପରିଦର୍ଶନ କଲେ ଜିଲ୍ଲାପାଳ

# ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ

ରାଇରଙ୍ଗପୁର, ୨୮।୧୧(ସମିସ): ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ନେଇ ଏକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ଏହି ଖବର ପ୍ରକାଶ ପାଇବା ପରେ ଜିଲ୍ଲାପାଳ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଜିଲ୍ଲାପାଳ ହେମକାନ୍ତ ସଏ ରାଇରଙ୍ଗପୁର ଗସ୍ତରେ ଯାଇଥିବାବେଳେ ହସ୍ପିଟାଲ ପରିଦର୍ଶନ କରିଥିଲେ। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଭିତ୍ତିଭୂମିରେ ସୁଧାର ଆଣିବା ପାଇଁ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ୫୦ ପ୍ରତିଶତ ଡାକ୍ତର ଓ କର୍ମଚାରୀ ଅଭାବ ରହିଛି। ଫଳରେ ରୋଗୀ ହନ୍ତସନ୍ତ ହେଉଛନ୍ତି। ଡାକ୍ତର ନ ଥିବାରୁ ଓଟି ବନ୍ଦ ରହିଛି। ଏହି ହସ୍ପିଟାଲ ଉପରେ ବାମନଘାଟି, ପାଞ୍ଚପିଢ଼ ଉପଖଣ୍ଡ ସମେତ ଝାରଖଣ୍ଡ ଅଞ୍ଚଳରେ ଲୋକେ ମଧ୍ୟ ନିର୍ଭରଶୀଳ। କିନ୍ତୁ ଡାକ୍ତର ଅଭାବ ଯୋଗୁଁ ରୋଗୀ ବାଧହୋଇ ଘରୋଇ ଡାକ୍ତରଖାନା ମୁହାଁ ହେଉଛନ୍ତି। ଏଠାକାର ଅଧିକାଂଶ ଡାକ୍ତର ଘରୋଇ ଚିକିତ୍ସା କରୁଛନ୍ତି। ଏହିସବୁ ସମସ୍ୟା ନେଇ ଖବର ପ୍ରସାରଣ ପରେ ଜିଲ୍ଲାପାଳ ଡାକ୍ତରଙ୍କ ଉପସ୍ଥିତିରେ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ଅବସରରେ ହସ୍ପିଟାଲ ପରିସରରେ ନିର୍ମାଣାଧୀନ କାର୍ଯ୍ୟର ମଧ୍ୟ ତଦାରଖ କରିଛନ୍ତି। ନୂତନ କରି ହେଉଥିବା ୧୦୦ଶଯ୍ୟା ବିଶିଷ୍ଟ ବିଲ୍ଡିଂ କାର୍ଯ୍ୟର ପରିଦର୍ଶନ କରି ଦେଖିଥିଲେ। ଏହା ସହିତ ଶବ ବ୍ୟବଚ୍ଛେଦ ଗୃହ ଆଦି ନିର୍ମାଣ ନେଇ ଆଲୋଚନା କରିଛନ୍ତି। ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାସ୍ଥ୍ୟ ଅଧିକାରୀ ଡା ରବୀନ୍ଦ୍ର ନାଥ ମାର୍ଣ୍ଡି, ପୂର୍ତ୍ତ ବିଭାଗ ଯନ୍ତ୍ରୀ ଓ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।



ଖରିଫ୍ ୨୦୨୫-୨୬ ଧାନକ୍ରୟ

# ଖୋଲିଲାନି ମଣ୍ଡି, ଅଚଳାବସ୍ଥା ଜାରି





ଧାନ ନେବା ପାଇଁ ଅମଙ୍ଗ ମିଲର

ଗୁରୁବାର ରାତିରେ ଆସିଲା ଟୋକନ

ଅସହାୟ ପ୍ରଶାସନ, ସରକାର ବିଫଳ

ବହୁ ବିଳମ୍ବରେ ୨୮ରେ ଖୋଲିବାକୁ ଥିଲା ମଣ୍ଡି

ପାଞ୍ଚ ଘଣ୍ଟା ଧରି ଚାଲିଲା ଆଲୋଚନା

ଆନ୍ଦୋଳନମୁହାଁ ଚାଷୀ

**ସମ୍ବଲପୁର, ୨୮।୧୧ (ସମିସ)**

ଜିଲ୍ଲା ପ୍ରଶାସନ ଓ ସରକାରଙ୍କ ପରିଚାଳନାଗତ ତ୍ରୁଟି ପଦାରେ ପଡ଼ିଛି। ଧାନ ବିକ୍ରୟ ପାଇଁ ପଞ୍ଜୀକରଣ ସମୟରେ କ୍ରୟ ତାରିଖ ନଭେମ୍ବର ୧ ବୋଲି ଉଲ୍ଲେଖ କରିଥିଲା ଚାଷୀ। ନିର୍ବାଚନ ଓ ଅନ୍ୟ ପରିପ୍ରେକ୍ଷୀରେ ନଭେମ୍ବର ୧୭ରେ ହେଲା ଡିଏଲପିସି ବୈଠକ। ବୈଠକରେ ଚାଷୀ ୨୦ ତାରିଖ କହିଲାବେଳକୁ ଶୁଣିଲାନି ପ୍ରଶାସନ। ପୁଣି ୨୮ ତାରିଖରେ ଧାନ କିଣା ହୋଇପାରିନି। ମିଲରମାନେ କ୍ରୟ କରିବାକୁ ଅମଙ୍ଗ। ଧାନ ବୋଝେଇ କରି ମଣ୍ଡିରେ ଚାଷୀ। ବର୍ଷତମାମ କଷ୍ଟୋପାର୍ଜିତ ଫସଲ ବିକ୍ରୟ ସମୟରେ ହନ୍ତସନ୍ତ। ଏବେ ହରଡ଼ଘଣାରେ ଚାଷୀ। ଅଭାବୀ ବିକ୍ରିକୁ ସରକାର ପ୍ରୋତ୍ସାହନ ଦେଉଛନ୍ତି ବୋଲି ଅଭିଯୋଗ କରୁଛି ଚାଷୀ। ସେପଟେ ଆସନ୍ତାକାଲି ଅର୍ଥାତ୍ ନଭେମ୍ବର ୨୯ ତାରିଖ ଦିନ ପୂର୍ବାହ୍ଣ ୧୧ଟା ସୁଦ୍ଧା ଧାନ ସଂଗ୍ରହ ସ୍ୱାଭାବିକ ନହେଲେ ଚାଷୀ ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ।

ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି (ଡିଏଲ୍‌ପିସି) ବୈଠକରେ ସମ୍ବଲପୁର ଜିଲ୍ଲାରେ ଆଜିଠାରୁ ଖରିଫ୍ ଧାନକ୍ରୟ ସକାଶେ ମଣ୍ଡି ଖୋଲିବାକୁ ଥିବାବେଳେ ଧାନ ବିକ୍ରୟ ଆରମ୍ଭ ହୋଇପାରିନାହିଁ। ସେମାନଙ୍କ ସମସ୍ୟା ସମାଧାନ ନହେଲା ପର୍ଯ୍ୟନ୍ତ ଧାନ ନେବାପାଇଁ ମନା କରିଛନ୍ତି ମିଲର୍। ସମ୍ବଲପୁର ଜିଲ୍ଲାରେ ପ୍ରଥମ ଧାନକ୍ରୟ ବରେଇପାଲି ମାର୍କେଟୟାର୍ଡରେ ଆରମ୍ଭ ହୋଇଥାଏ। ଆଜି ବରେଇପାଲିସ୍ଥିତ ନିୟନ୍ତ୍ରିତ ବଜାର କମିଟି ସକାଳ ୯ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ, ଚାଷୀ ଓ ମିଲର ମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରି ନଥିଲା। ଶହ ଶହ କ୍ୱିଣ୍ଟାଲ ଧାନ ଗାଡ଼ି ଆସି ଛିଡ଼ାହୋଇଥିବାରୁ ଚାଷୀ ମାନଙ୍କ ମଧ୍ୟରେ ଅସନ୍ତୋଷ ରୋଷର ରୂପ ନେଇଥିଲା। ଚାଷୀମାନେ ଆନ୍ଦୋଳନମୁହାଁ ହୋଇ ରେମେଡ ଛକରେ ଧାନଗାଡ଼ି ରଖି ରାସ୍ତା ଅବରୋଧ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହାପରେ ସଦର ଉପଜିଲ୍ଲାପାଳ ଆସି ଚାଷୀମାନଙ୍କ ଧାନଗାଡ଼ି ପ୍ରଶାସନର ସୁରକ୍ଷାରେ ରହିବ ଏବଂ ଆସନ୍ତାକାଲି ପର୍ଯ୍ୟନ୍ତ ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ, ଏବେ ବି ଅଚଳାବସ୍ଥା ଜାରି ରହିଛି। କେବଳ

## ଆଜି ୧୧ଟା ସୁଦ୍ଧା ସମାଧାନ ନହେଲେ ରାସ୍ତା ଅବରୋଧ

ସମ୍ବଲପୁରର ବରେଇପାଲି ମାର୍କେଟୟାର୍ଡ ନୁହଁ ବରଂ ସମ୍ବଲପୁର ସଦର ଉପଖଣ୍ଡର ସମସ୍ତ ମାର୍କେଟୟାର୍ଡ ଓ ଧାନକ୍ରୟ କେନ୍ଦ୍ର ମାନଙ୍କରେ ଧାନଗାଡ଼ି ଗୁଡ଼ିକ ଛିଡ଼ା ହୋଇଛି।

ଖରିଫ୍ ଧାନ ସଂଗ୍ରହ ପାଇଁ ଆଜି ସମ୍ବଲପୁର ଜିଲ୍ଲାରେ ଖୋଲିଛି ମଣ୍ଡି। ହେଲେ ଆରମ୍ଭ ହୋଇପାରିନି ଚାଷୀଙ୍କ ଧାନ କ୍ରୟ। ସମ୍ବଲପୁର ବରେଇପାଲି ମାର୍କେଡ ୟାର୍ଡରେ ଚାଷୀ, ପ୍ରଶାସନ ଓ ମିଲର ମାନଙ୍କ ଦିର୍ଘ ୫-୬ ଘଣ୍ଟା ଧରି ଆଲୋଚନା ସତ୍ତ୍ୱେ କୌଣସି ନିଷ୍କର୍ଷ ବାହାରି ନଥିଲା। ଆଜି ଧାନ ସଂଗ୍ରହ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ତାରିଖ ଧାର୍ଯ୍ୟ ହୋଇଥିବାବେଳେ ଗତକାଲି ବିଳମ୍ବିତ ରାତିରେ କିଛି ଚାଷୀଙ୍କ ପାଖକୁ ଟୋକନ ପହଞ୍ଚିଥିଲା। ଚାଷୀମାନେ ନିଜ ଅମଳ ଧାନ ନେଇ ଆଜି ମଣ୍ଡିକୁ ଆସିଥିଲେ। ସବୁବର୍ଷ ପରି ବୈଠକ ପରେ ଆରମ୍ଭ ହୋଇଥାନ୍ତା ଧାନକିଣା। କିନ୍ତୁ ମିଲର୍‌ମାନେ ଧାନକ୍ରୟ କରିବାକୁ ଏଗ୍ରିମେଣ୍ଟ ଓ ସ୍ୱୀକାରୋକ୍ତି ଦେଇ ନାହାନ୍ତି ଏବଂ ସେମାନଙ୍କ ସମସ୍ୟା ସମାଧାନ ନହେବା ପର୍ଯ୍ୟନ୍ତ ଧାନ କିଣିବେ ନାହିଁ ବୋଲି ବୈଠକ ମଝିରୁ ଉଠି ଚାଲିଯାଇଥିଲେ। ରାଜ୍ୟ ସରକାର ମିଲର୍‌ଙ୍କ ବିଭିନ୍ନ ଦାବିର ସମାଧାନ କଲା ପର୍ଯ୍ୟନ୍ତ ରାଜ୍ୟ ମିଲର୍ ସଂଘର ନିଷ୍ପତ୍ତି ଅନୁଯାୟୀ ଧାନ କିଣାଯିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନର ଚାଷୀମାନେ ଧାନ ସଂଗ୍ରହରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଥିବା କହିଛନ୍ତି। ଅପରାହ୍ଣରେ ସଦର ଉପଜିଲ୍ଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଯେଉଁ ଚାଷୀମାନେ ମଣ୍ଡିକୁ ନିଜ ଧାନ ଆଣିଛନ୍ତି ତାହା ଫେରାଇ ଦିଆଯିବନାହିଁ ବୋଲି ଉପଜିଲ୍ଲାପାଳ ଶ୍ରୀମତୀ ପଣ୍ଡା କହିଥିଲେ।

କାଲି ରାତିରେ ଆମକୁ ଆଜିର ତାରିଖରେ ଟୋକନ ଆସିଲା। ଆମେ ଧାନ ନେଇ ଆସିବାବେଳକୁ ସିଏସଓ ଓ ଡିଆରସିଏସ ଆସି କହିଲେ ଯେହେତୁ ମିଲର ମାନେ ଏଗ୍ରିମେଣ୍ଟ କରିନାହାନ୍ତି ଆମକୁ ଦୁଇଦିନ ସମୟ ଦିଆଯାଉ। ଆମେ ୨୦ ତାରିଖ ଖୋଲିବାକୁ କହୁଥିଲୁ, ଡିଏଲପିସିରେ ତାହାକୁ ୨୮ ତାରିଖ କରିଦିଆଗଲା। ଆମେ ଧାନ ଧରି କି ଆସିଛୁ, ଆମେ ଧାନ ଫେରାଇ ନେବୁନାହିଁ। ଏହାପରେ ପ୍ରଶାସନ ପକ୍ଷରୁ ମିଲର ମାନଙ୍କୁ ଡକାଗଲା। ମିଲରମାନେ କହିଲେ ଆମ ସମସ୍ୟାର ସମାଧାନ ନହେଲେ ଆମେ ନେବୁନାହିଁ। ଫୁଡ୍ ପଲିସିରେ ମିଲରଙ୍କ କୌଣସି ସ୍ଥାନ ନାହିଁ, କିନ୍ତୁ ଆଜି ପ୍ରମାଣିତ ହୋଇଗଲା ଓଡ଼ିଶାରେ ମିଲର ମାନଙ୍କ ଦୟାରେ ଧାନ କିଣାବିକା ହେଉଛି। ସିଏସଓ କହିଲେ, ଏଠାରେ ଧାନ ରଖିଦିଅ, ମିଲର ଯେବେ ନେବ ସେବେ ସ୍ଲିପ ଦେବୁ। କିନ୍ତୁ ମିଲର ମାସେ ବି ନନେଇପାରେ ତେବେ କ'ଣ ଚାଷୀ ଅପେକ୍ଷା କରି ରହିଥିବ। ଧାନ ଓଜନ କରି ନିଅନ୍ତୁ ଏବଂ ଚାଷୀକୁ ସ୍ଲିପ ଦେବାସହ ୪୮ ଘଣ୍ଟାରେ ଟଙ୍କା ଦିଅନ୍ତୁ।

**ବ୍ୟୋମକେଶ ଠାକୁର, ସଭାପତି, ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ**

ଚଳିତବର୍ଷ ମିଲରମାନେ ଏପର୍ଯ୍ୟନ୍ତ ଧାନସଂଗ୍ରହ କରିବା ପାଇଁ ଚୁକ୍ତି ସ୍ୱାକ୍ଷର କରିନାହାନ୍ତି। ସେମାନଙ୍କର କେତେକ ଦାବି ରହିଛି, ଯାହା ଜିଲ୍ଲାସ୍ତରରେ ସମାଧାନ କରାଯାଇପାରିବ ନାହିଁ। ସେମାନେ ଜିଦ୍ ଧରି ବସିଛନ୍ତି, ତେଣୁ ଧାନ ସଂଗ୍ରହ ପ୍ରକ୍ରିୟା ବ୍ୟାଘାତ ହେଉଛି। ମିଲର ମାନଙ୍କ ଦାବି ସକାଶେ ଏହା ପ୍ରପର୍ ଫୋରମ୍ ନୁହଁ। ଡିଏଲପିସି ବୈଠକ ସମୟରେ ସେମାନେ ଦାବି ରଖିଥିଲେ, କିନ୍ତୁ ତାହା ସମାଧାନ ହୋଇଯିବ ଏବଂ ସେମାନେ ଚୁକ୍ତି କରିବେ ବୋଲି ଆଶା ରଖି ୨୮ ତାରିଖ କରାଯାଇଥିଲା। ଚାଷୀ ମାନଙ୍କ ଧାନ କିପରି ସଂଗ୍ରହ କରାଯିବ ସେହି ଉଦ୍ୟମରେ ଆମେ ରହିଛୁ।

**ସୁବୋଧ ହୋତା, ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ, ସମ୍ବଲପୁର**

ଚାଷୀମାନେ ଏତେ ଦୂରରୁ ଗାଡ଼ି ଭଡ଼ାକରି ଧାନ ଆଣିଛନ୍ତି, ତାହା ସେମାନେ ଫେରାଇ ନେବେନି, ଏହା ଆରଏମସିର ଦାୟିତ୍ୱ। ସେମାନେ ସବୁ ଧାନ ଛାଡ଼ି କି ଗଲେ ମଧ୍ୟ ତାହା ଏଠାରେ ସୁରକ୍ଷିତ ରହିବ। ସିସିଟିଭି ଅଛି, ସୁରକ୍ଷାକର୍ମୀ ଅଛନ୍ତି, ଆମେ ତାହାକୁ ଜଗିବୁ। ମିଲରଙ୍କ ସହିତ ଯେଉଁ ଏଗ୍ରିମେଣ୍ଟ ହେବାର ଅଛି ଜିଲ୍ଲାପାଳ ତାହାକୁ ନିୟମିତ ଭାବେ ମନିଟରିଂ କରୁଛନ୍ତି। ଆଜି ସନ୍ଧ୍ୟା ସୁଦ୍ଧା ଏକ ସକାରାତ୍ମକ ଫଳାଫଳ ବାହାରିବ ବୋଲି ଆମେ ଆଶା କରିପାରିବା।

**ଡା. ପୁଷ୍ପାଞ୍ଜଳି ପଣ୍ଡା, ଉପଜିଲ୍ଲାପାଳ, ସମ୍ବଲପୁର ସଦର**



ମିଲର କିଣୁନି ଧାନ, ପାରା କରୁଛନ୍ତି ଭୋଜି

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇଲେ ୪ ବର୍ଷର ଶିଶୁ




**ସମ୍ବଲପୁର, ୨୮।୧୧(ସମିସ):** ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇଛନ୍ତି ସମ୍ବଲପୁର ଦାନିପାଲିର ୪ ବର୍ଷିଆ ଶିଶୁ ଆଦର୍ଶ ସିଂହ। ୧ ମିନିଟ୍ ୫୨ ସେକେଣ୍ଡରେ ୧୦୦ଟି ସାଧାରଣ ଜ୍ଞାନ ପ୍ରଶ୍ନର ଉତ୍ତରଦେଇ ସବୁଠାରୁ କମ୍ ବୟସର ଏବଂ ଦ୍ରୁତତମ ପିଲା ଭାବରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇଛନ୍ତି। ୨୦୨୧ ଅକ୍ଟୋବର ୮ ତାରିଖରେ ଜନ୍ମିତ ଆଦର୍ଶ ୭ଟି ମହାଦେଶ, ୫ଟି ମହାସାଗର, ୮ଟି ଗ୍ରହ, ସପ୍ତାହର ଦିନ, ବର୍ଷର ଇଂରାଜୀ ଏବଂ ହିନ୍ଦୀ ମାସର ନାମ, ଦେଶର ମୁଦ୍ରା, ପ୍ରାଣୀମାନଙ୍କ ପିଲାମାନଙ୍କ ନାମ, ଆମ ଦେଶର ଜାତୀୟ ପ୍ରତୀକ, ବୈଜ୍ଞାନିକ ଉଦ୍ଭାବନ, ଭାରତୀୟ ରାଜ୍ୟ ଏବଂ ବିଶ୍ୱର ୩୦ଟି ଦେଶର ରାଜଧାନୀର ନାମ କହିପାରିଛନ୍ତି। ସେ ଶାନ୍ତିନଗରସ୍ଥିତ ଶ୍ରୀ ଶିରିଡ଼ି ସାଇବାବା ପବ୍ଲିକ୍ ସ୍କୁଲରେ ନର୍ସରୀ ଶ୍ରେଣୀରେ ପଢ଼ନ୍ତି। ସେ କ୍ରୀଡ଼ା ଏବଂ ଅନ୍ୟାନ୍ୟ ସହ-ପାଠ୍ୟକ୍ରମ କାର୍ଯ୍ୟକଳାପରେ ମଧ୍ୟ ବହୁତ ସକ୍ରିୟ। ସେ ତାଙ୍କ ପିତାଙ୍କୁ ନିଜର ଆଇଡଲ ବୋଲି ମାନିଥାନ୍ତି। ତାଙ୍କ ମାଆ ଆରତୀ ସିଂହ ଜଣେ ଗୃହିଣୀ ଏବଂ ତାଙ୍କ ପିତା ଦିନେଶ ସିଂହ ଭାରତୀୟ ରେଳବାଇରେ ବାଣିଜ୍ୟିକ ସୁପରିଣ୍ଟେଣ୍ଡେଣ୍ଟ ଭାବରେ ସମ୍ବଲପୁରର ଡିଆରଏମ କାର୍ଯ୍ୟାଳୟରେ କାର୍ଯ୍ୟରତ ଅଛନ୍ତି। ଆଦର୍ଶଙ୍କ ୨ ଜଣ ବଡ଼ ଭଉଣୀ ଅକ୍ଷିତା ସିଂହ ଏବଂ ଅନ୍ୱିକା ସିଂହ, ସମ୍ବଲପୁରର କେନ୍ଦ୍ରୀୟ ବିଦ୍ୟାଳୟରେ ୯ମ ଏବଂ ୫ମ ଶ୍ରେଣୀରେ ପଢ଼ନ୍ତି। ୨୦୨୨ରେ ଦୁଇ ବଡ଼ ଭଉଣୀ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇଥିଲେ। ଅକ୍ଷିତା ଓଡ଼ିଶୀ ନୃତ୍ୟରେ ଓ ଅନ୍ୱିକା ଦ୍ରୁତତମ ହନୁମାନ ଚାଳିଶା ପାଠ କରି ରେକର୍ଡ ସୃଷ୍ଟି କରିଛନ୍ତି।

# କୁମୁକାପାଲିରେ ଗୋକୁଳାଷ୍ଟମୀ

**ଜମନକିରା, ୨୮ ।୧୧(ସମିସ):** ଜମନକିରା ବ୍ଲକ କୁମୁକାପାଲିରେ ଗ୍ରାମରେ ଗୋକୁଳାଷ୍ଟମୀ ପୂଜା ଅନୁଷ୍ଠିତ ହୋଇଛି। ବଡ଼କଟାରୁ ମହିଳାମାନଙ୍କ ଦ୍ୱାରା କଳସଯାତ୍ରା ବାହାରି ଯାତ୍ରା ମଣ୍ଡପରେ ପହଞ୍ଚିଥିଲେ। କର୍ତ୍ତା ଭାବରେ ଅରୁଣ କୁମାର ଶର୍ମା ଓ ଭୂମିସୂତା ଶର୍ମା ରହିଥିଲେ। ଚଳିତବର୍ଷ ସଭାପତି ଭାବରେ ପ୍ରମୋଦ କୁମାର ଶର୍ମା, ଉପସଭାପତି ବାବୁଲୁ ନାଏକ, ସମ୍ପାଦକ ଧିରେନ ଝାଙ୍କର, କେସିୟର ସରୋଜ କୁମାର ବାରିକ, ଅଶୋକ ପଧାନଙ୍କ ସହ ଶିବପ୍ରସାଦ ପଧାନ, କୃପାସିନ୍ଧୁ ସାମଲ, ସୁନିଲ ସାମଲ, ରାହୁଲ ବାଗ, ରତନ ସାମଲ, ବଣ୍ଟି ସାମଲ, ରମେଶ ପ୍ରଧାନ, ମିନା ପଧାନ ପ୍ରମୁଖ ଯୋଗଦେଇ ଥିଲେ।

## ପୁନଃଯାଞ୍ଚ ହେବ ସାଟେଲାଇଟ୍ ସର୍ଭେ ରିପୋର୍ଟର ଚାଷ ହୋଇଥିବା ଜମି

**ସମ୍ବଲପୁର, ୨୮।୧୧ (ସମିସ) :** ଚଳିତବର୍ଷ ଖରିଫରେ ସମ୍ବଲପୁର ଜିଲ୍ଲାରେ ୭୯, ୩୦୯ଟି ପ୍ଲଟ୍ ସନ୍ଦିଗ୍ଧ ବୋଲି ରିପୋର୍ଟ ଆସିଥିଲା। ଏଥିରେ ପଡ଼ିଆ, ଜଙ୍ଗଲ, ବୁଦା ବା କ୍ଷେତ ସଂଲଗ୍ନ ପଞ୍ଜିକୃତ ଅଣଚାଷ ଜମିକୁ ସନ୍ଦିଗ୍ଧ ପ୍ଲଟ୍ ଭାବେ ଦର୍ଶାଯାଉଛି। ଏହି ରିପୋର୍ଟ ଆସିବା ପରେ ଜିଲ୍ଲାସ୍ତରରେ ଉପନିବନ୍ଧକ ସମବାୟ ସମିତି ସମୂହ (ଡିଆର୍‌ସିଏସ୍) କାର୍ଯ୍ୟାଳୟ ପକ୍ଷରୁ ସରଜମିନ୍ ଯାଞ୍ଚ ପରେ ବାଦ୍ ପଡ଼ିଛି ୫୯, ୪୮୯ ପ୍ଲଟ୍। ଏହି ରିପୋର୍ଟ ଅନୁଯାୟୀ, ଜିଲ୍ଲାର ୧୯, ୩୧୭ଟି ପ୍ଲଟ୍‌ରେ ଧାନଚାଷ ହୋଇଥିବାବେଳେ ୫୬, ୭୭୫ ପ୍ଲଟ୍ ଚାଷ ଜମି ନୁହେଁ, ୨୭୧୪ ପ୍ଲଟ୍‌ରେ ଧାନଚାଷ ହୋଇନାହିଁ ଏବଂ ୩୭୦ଟି ପ୍ଲଟ୍ ଡିଆର୍‌ସିଏସ୍ ଦ୍ୱାରା ଅଗ୍ରାହ୍ୟ (ରିଜେକ୍ଟ) କରାଯାଇଛି। ଏଥିସହ ସାମାନ୍ୟ କିଛି ପ୍ଲଟ୍‌କୁ ଅଗମ୍ୟ କାରଣରୁ ଯାଞ୍ଚ କରାଯାଇପାରୁ ନଥିବା ଜଣାପଡ଼ିଛି। ତେବେ, ରିପୋର୍ଟରେ ଧାନ ଚାଷ ହୋଇଥିବା ଜମି ସଂଖ୍ୟା ୧୯, ୩୧୭କୁ ପୁନଃ ଯାଞ୍ଚ କରିବାକୁ ବିଭାଗୀୟ କର୍ତ୍ତୃପକ୍ଷ ପୁଣି ସମ୍ବଲପୁର ଜିଲ୍ଲାକୁ ଫେରାଇ ଦେଇଥିବା ସୂଚନା ମିଳିଛି। ଏହାକୁ ନେଇ ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏପରିକି ଖରିଫ ଧାନଚାଷ ପାଇଁ ଚାଷୀ ଏପ୍ରିଲରେ ପଞ୍ଜୀକରଣ କରିଥିବା ନଭେମ୍ବର ୫ ତାରିଖରେ ଧାନ ଅମଳ ବେଳକୁ ସାଟେଲାଇଟ ରିପୋର୍ଟ ଆସିବା ଏବଂ ଧାନ ବିକ୍ରୟ ସମୟରେ ଜମିକୁ ଚାଷଉପଯୋଗୀ ନୁହଁ ବିକ୍ରି କରିପାରିବ ନାହିଁ କହିବା କେତେ ଯୁକ୍ତିଯୁକ୍ତ ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି।

## ସାଓଲିନ କୁଙ୍ଗ ଆସୋସିଏସନ୍ ପକ୍ଷରୁ ବୃସଲି ଜୟନ୍ତୀ

**ସମ୍ବଲପୁର, ୨୮।୧୧ (ସମିସ) :** କଚେରି ନିକଟସ୍ଥ ସାଓଲିନ କୁଙ୍ଗ ଉଷୁ ଆସୋସିଏସନ ପକ୍ଷରୁ ଜିଲ୍ଲା ଜୁଡୋ ହଲ୍‌ଠାରେ ମାର୍ଶାଲ ଆର୍ଟର କିମ୍ବଦନ୍ତୀ ପୁରୁଷ ବୃସଲିଙ୍କ ୮୫ତମ ଜନ୍ମ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲଜପତ ରାୟ ଆଇନ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡଃ ବିଜୟାନନ୍ଦ ବେହେରା ଯୋଗ ଦେଇଥିଲେ। ଆସୋସିଏସନର ପ୍ରକଳ୍ପ ଅଧିକାରୀ ଲକ୍ଷଣ କୁମାର ମେହେର ପ୍ରାରମ୍ଭିକ ସୂଚନା ଦେଇଥିଲେ। ଆସୋସିଏସନ୍ ସମ୍ପାଦକ ସୁବାସ ଚନ୍ଦ୍ର ବେହେରା ତାଙ୍କ ବକ୍ତବ୍ୟରେ ମାଷ୍ଟର ବୃସଲି ମାର୍ଶାଲ ଆର୍ଟର କଳାକୁ ଆଧୁନିକୀକରଣ ସହିତ ଏକ ବିକଶିତ କଳା ଭାବେ ଲୋକଲୋଚନକୁ ଆଣି ପାରିଥିଲେ ବୋଲି କହିଥିଲେ। ଡିଙ୍ଗର ମେହେର, କ୍ଷମାନିଧୀ ବାଦି, ସଞ୍ଜିବ ପଟ୍ଟନାୟକ, ଗାୟତ୍ରୀ ମିଶ୍ର, ଦିବ୍ୟ କରିସ୍ମା ପୃଷ୍ଟି, ଦେବେନ୍ଦ୍ର କୌର ପ୍ରମୁଖ ଉପସ୍ଥିତ ଥିଲେ।

## ଏନ୍‌ଏସ୍‌ସିବି କଲେଜରେ ସମ୍ବିଧାନ ଦିବସ



**ସମ୍ବଲପୁର, ୨୮।୧୧ (ସମିସ) :** ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟରେ ଜାତୀୟ ସମ୍ବିଧାନ ଦିବସ ଉପଲକ୍ଷେ ସ୍ନାତକୋତ୍ତର ରାଜନୀତି ବିଭାଗ ପକ୍ଷରୁ ଆଲୋଚନାଚକ୍ର ତଥା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ହରପାଲ ଅଧ୍ୟକ୍ଷତା କରିଥିଲେ। ସର୍ବପ୍ରଥମେ ସମ୍ବିଧାନର ପ୍ରସ୍ତାବନା ପାଠ କରାଯାଇଥିଲା। ଏହି ଉପଲକ୍ଷେ ବିଭାଗ ଛାତ୍ରଛାତ୍ରୀମାନେ ପୋଷ୍ଟର ଉପସ୍ଥାପନା, ସମ୍ବିଧାନ ପ୍ରଣୟନ ଉପରେ ଏକ ନାଟକ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ସାମ୍ବାଦିକ ଶିବଶଙ୍କର ନନ୍ଦ ମୁଖ୍ୟବକ୍ତା ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଜ୍ଞାନ ରଞ୍ଜନ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ଆଦିତ୍ୟ ମେହେର, ପ୍ରଫେସର ହରିହର ମଲ୍ଲିକ, ଆଇକ୍ୟୁଏସି ସଂଯୋଜକ ଡ. ଶ୍ୟାମ ଭୋଇ, ଡ. ସୁଜିତ ପଧାନ, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ. ମିଲି ସାହୁ ପ୍ରମୁଖ ତାଙ୍କ ବକ୍ତବ୍ୟରେ ସାମ୍ବିଧାନିକ ଅନୁଶାସନ, ଅଧିକାର ଉପଭୋଗ ସହିତ କର୍ତ୍ତବ୍ୟ ପାଳନ, ଦେଶ ପ୍ରଗତିର ଶକ୍ତି ଏବଂ ଲୋକତନ୍ତ୍ରର ଆଧାର ଇତ୍ୟାଦି ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ଅନ୍ନଦା ଦାଶ ସଭା ସଂଯୋଜନା କରିଥିଲାବେଳେ ଅଧ୍ୟାପକ ସାହିଲ ଅନସରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ନାବାଳିକାକୁ ଅସଦାଚରଣ ମାମଲା, ଅଭିଯୁକ୍ତକୁ ୫ ବର୍ଷ ଜେଲ

**ସମ୍ବଲପୁର, ୨୮।୧୧ (ସମିସ) :** ସମ୍ବଲପୁର ଅତିରିକ୍ତ ଜିଲ୍ଲା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ବିଚାରପତି ଅଭିଳାଷ ସେନାପତି ନାବାଳିକା ଅସଦାଚରଣ ମାମଲାର ବିଚାରକରି ଅଭିଯୁକ୍ତ ରାଜକିଶୋର ପଣ୍ଡାକୁ ୫ ବର୍ଷ ସଶ୍ରମ କାରାଦଣ୍ଡ ଓ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଆଉ ୧ ମାସ ଅଧିକ ଜେଲଦଣ୍ଡ ଭୋଗିବ ବୋଲି ରାୟରେ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସନ୍ତୋଷ କୁମାର ପଣ୍ଡା ମାମଲା ପରିଚାଳନା କରିଥିଲେ।

ଘଟଣାଟି ସମ୍ବଲପୁର ଅଇଁଠାପାଲି ଥାନା ଅଞ୍ଚଳରେ ଘଟିଥିଲା। ୨୮-୧୨-୨୦୨୩ ପୂର୍ବାହ୍ଣ ପ୍ରାୟ ୧୦ଟା ସମୟରେ ପୀଡ଼ିତା (୧୨) ତାଙ୍କ ଘରର ବଳକା ଖାଦ୍ୟ କୁକୁରମାନଙ୍କୁ ଦେବାପାଇଁ ଘରୁ ବାହାରକୁ ଆସିଥିଲା। ଏହି ସମୟରେ ଅଭିଯୁକ୍ତ ରାଜକିଶୋର ପଣ୍ଡା (୪୦) ଆସି ପୀଡ଼ିତାକୁ ଅସଦାଚରଣ କରିବାସହ ଟଣାଓଟରା କଲା। ଝିଅ ପାଟି କରିବାରୁ ତାର ମା' ଘରୁ ବାହାରକୁ ଆସିଥିଲେ। ମା'ଙ୍କୁ ଦେଖି ଅଭିଯୁକ୍ତ ସେଠାରୁ ଚାଲିଯାଇଥିଲା। ପୀଡ଼ିତା ଘରକୁ ଯାଇ ମା' ଓ ବାପାଙ୍କୁ ଏହି ବିଷୟରେ ଜଣାଇଥିଲା। ପୀଡ଼ିତାର ବାପା ସେହିଦିନ ଅଇଁଠାପାଲି ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏନେଇ ମାମଲା ରୁଜୁ କରିଥିଲା। ଥାନାଧିକାରୀ ଏହି ମାମଲାର ତଦନ୍ତ କରିବାସହ ଚାର୍ଜସିଟ୍ ଦାଖଲ କରିଥିଲେ। ଆଜି ଅତିରିକ୍ତ ଜିଲ୍ଲା ଜଜ୍ ଓ ପୋକ୍‌ସୋ ବିଚାରପତି ଅଭିଳାଷ ସେନାପତି ମୋଟ ୧୧ ଜଣଙ୍କ ସାକ୍ଷ୍ୟ ବୟାନ ଓ ତଥ୍ୟ ଆଧାରରେ ଅଭିଯୁକ୍ତ ରାଜକିଶୋର ପଣ୍ଡାକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତକୁ ପୋକ୍ସୋ ଆଇନରେ ୫ ବର୍ଷ ସଶ୍ରମ କାରାଦଣ୍ଡ ଓ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଆଉ ୧ ମାସ ଅଧିକ ଜେଲଦଣ୍ଡ ଭୋଗିବ ବୋଲି ରାୟରେ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ପୀଡ଼ିତାଙ୍କୁ ଅନୁକମ୍ପା ରାଶି ପ୍ରଦାନ କରିବାକୁ ବିଚାରପତି ଆଇନସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ସ୍ଥାଣୁତା ନେଇ ଉଦ୍‌ବେଗ



**ସମ୍ବଲପୁର, ୨୮।୧୧ (ସମିସ) :** ଓଡ଼ିଶା ସାଂସ୍କୃତିକ ସମାଜ ପ୍ରେକ୍ଷାଳୟରେ ଅନୁଷ୍ଠାନର ୧୯ତମ କାର୍ଯ୍ୟକାରିଣୀ ବୈଠକ ସଭାପତି ଡ. ପରେଶ ଚନ୍ଦ୍ର ଦାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟତଃ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ସ୍ଥାଣୁତା ପରିସ୍ଥିତି ପାଇଁ ଉଦବେଗ ପ୍ରକାଶ ପାଇଥିଲା। ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ଓ ବରିଷ୍ଠ ସାମ୍ବାଦିକ ଅର୍ଜୁନ ରଞ୍ଜନ ପଣ୍ଡା ଦୀର୍ଘ ଦେଢ଼ବର୍ଷ ହେଲା ନୂତନ ସରକାର ଆସିବାପରେ ମଧ୍ୟ କୌଣସି ନୂଆ ଯୋଜନା ମଞ୍ଜୁର ହୋଇନାହିଁ ବୋଲି ପ୍ରକାଶ କରିଥିଲେ। ସମ୍ପାଦକ ଦୀନବନ୍ଧୁ ପଣ୍ଡା ଓଡ଼ିଶା ସାଂସ୍କୃତିକ ସମାଜର କାର୍ଯ୍ୟକ୍ରମ ବିବରଣୀ ପାଠ କରିଥିଲେ। ସଭ୍ୟ ସଞ୍ଜୟ କୁମାର ବାବୁ ଏହି ପରିଷଦର ଅଧ୍ୟକ୍ଷ ଦାୟିତ୍ୱରେ ସ୍ଥାନୀୟ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ବୈଠକ ହୋଇନାହିଁ ବୋଲି ସୂଚନା ଦେଇଥିଲେ। ରାମଶଙ୍କର ପଣ୍ଡା ଏହି ପରିଷଦର ମୁଖ୍ୟ କାର୍ଯ୍ୟାଳୟ ସମ୍ବଲପୁରଠାରେ କରିବାକୁ ଦାବି କରିଥିଲେ। ସମସ୍ତ ଜିଲ୍ଲାରୁ ପ୍ରସ୍ତାବିତ ଯୋଜନା ଗୁଡାକର ନଥିପତ୍ର ପାହାଡ଼ ଭଳିଆ ମୁଖ୍ୟ କାର୍ଯ୍ୟାଳୟରେ ଜମାହୋଇ ପ୍ରୋସେସ୍ ନ ହେବାରୁ କର୍ମଚାରୀ ମାନଙ୍କ ଅସୁବିଧା ସୃଷ୍ଟି ହେଉଥିବା ଜଣାପଡ଼ିଛି। ଏଦିଗରେ ଶୀଘ୍ର ପଦକ୍ଷେପ ନେବାକୁ ସାଂସ୍କୃତିକ ସମାଜ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଠାରେ ଦାବି କରାଯାଉଛି। ବୈଠକରେ ଲୋକନାଥ ପାଣ୍ଡେ, କଳ୍ପନା ମିଶ୍ର, ଯୋଗେଶ ହୋତା, ବୋଧରାମ ଦାଶ, ଅଶୋକ ମିଶ୍ର, ଅଖିଳ ରଞ୍ଜନ ପଟ୍ଟନାୟକ, ଶିବ ଷଡ଼ଙ୍ଗୀ, ସତ୍ୟ ନାରାୟଣ ଠାକୁର, ସୂର୍ଯ୍ୟପାଣିଗ୍ରାହୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଦିଲୀପ ବଘାର ଧନ୍ୟବାଦ ଅର୍ପଣ କରିଥିଲେ।


## ଜାତୀୟ ମାର୍ଶଲ ଆର୍ଟ୍ସ ଚାମ୍ପିଅନସିପ୍‌ରେ ସମ୍ବଲପୁରକୁ ସଫଳତା




**ସମ୍ବଲପୁର, ୨୮।୧୧ (ସମିସ):** ଜାତୀୟ ମାର୍ସିଆଲ ଆର୍ଟ୍‌ସ ଚାମ୍ପିଅନସିପ୍‌ରେ ସମ୍ବଲପୁରକୁ ସଫଳତା ମିଳିଛି। ସମ୍ବଲପୁର ଅଇଁଠାପାଲି ସ୍ଥିତ କ୍ଲବ ଦି ଫୋର୍ସ ବୁଦ୍ଧମ୍ ମାର୍ସିଆଲ ଆର୍ଟ୍‌ସ ଏକାଡେମୀ ଏହି ସଫଳତା ହାସଲ କରିଛି। ଉତ୍ତରପ୍ରଦେଶରେ ଆୟୋଜିତ ଦ୍ୱୀତୟ ଜାତୀୟ ଚାମ୍ପିଅନସିପ ଅଫ ବୁଦ୍ଧମ ମାର୍ସିଆଲ ଆର୍ଟ୍‌ସରେ ସମ୍ବଲପୁର ଏହି ଏକାଡେମୀର ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏହି ଅନୁଷ୍ଠାନର ଅଭିଶେଖ ସୁନା ୨ଟି ସ୍ୱର୍ଣ୍ଣ, ନିଶାନ୍ତ ୨ଟି ସ୍ୱର୍ଣ୍ଣ ଓ ୨ଟି ରୌପ୍ୟ, ମନିଷ ମୁଣ୍ଡା ୨ଟି ସ୍ୱର୍ଣ୍ଣ, ମନ୍ଦିପ କିସପୋଟା ଗୋଟାଏ ଲେଖାଏଁ ସ୍ୱର୍ଣ୍ଣ ଓ କାଂସ୍ୟ, ଶ୍ରେଷ୍ଠ ଗୁପ୍ତା ରୋପ୍ୟ ଓ ସ୍ୱର୍ଣ୍ଣ ଏବଂ ଦେବାଂଶୁ ନାଗ ୨ଟି ସ୍ୱର୍ଣ୍ଣ ଓ ଗୋଟାଏ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି କୋଚ ପ୍ରକାଶ କୁମାର ସାହୁଙ୍କୁ ଫାଇଟରେ ଗୋଟାଏ ସ୍ୱର୍ଣ୍ଣ, ୨୦୨୫ ବର୍ଷ ପାଇଁ ଶ୍ରେଷ୍ଠ କୋଚ ଓ ଚାମ୍ପିଅନସିପ୍‌ର ଶ୍ରେଷ୍ଠ ପୁରୁଷ ପ୍ରଦର୍ଶନକାରୀଭାବେ ପୁରସ୍କୃତ କରାଯାଇଛି। ସମସ୍ତ ପଦକ ହାସଲ ପରେ ଏକାଡେମୀର ଛାତ୍ରଛାତ୍ର ତଥା କୋଚ ସମ୍ବଲପୁର ପହଞ୍ଚିଥିଲେ। ପରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

# ଖରିରୁ ଧାନ ଖାଇଲା ହାତୀ, ଆତଙ୍କିତ ଚାଷୀ

**ସମ୍ବଲପୁର, ୨୮।୧୧ (ସମିସ)**



ଗତ ଅକ୍ଟୋବର ମଧ୍ୟଭାଗରୁ ସମ୍ବଲପୁର ଜିଲ୍ଲାରେ ଚାଷୀ ଧାନ ଅମଳ ଆରମ୍ଭ କଲାଣି। ଏବେ ଧାନ ଅମଳ ଜୋରସୋରରେ ଚାଲିଥିବାବେଳେ ହାତୀ ମାନଙ୍କ ଉପସ୍ଥିତି ଚାଷୀ ମହଲରେ ଆତଙ୍କ ଖେଳାଇଛି। ହାତୀମାନେ ଗ୍ରାମାଞ୍ଚଳରେ ବୁଲି ଧାନଖରି ମାନଙ୍କରୁ ଧାନ ଖାଇ ଦେଉଥିବା ଦେଖାଯାଉଛି। ଏପରିକି ଚାଷୀ କ୍ଷତି ଭୟରେ ଧାନ ଶୀଘ୍ର ଅମଳ କଲାବେଳକୁ ବାଡ଼ିରେ ପଶି ଅମଳ ହୋଇଥିବା ଧାନ ନଷ୍ଟ କରିବାସହ ଖାଉଥିବା ଦେଖାଯାଉଛି। ଗୋଟିଏ କି ଦୁଇଟି ହାତୀ ନୁହେଁ, ଗୋଟିଏ ପଲ ହାତୀ ଏହି କାଣ୍ଡ ଭିଆଉଛନ୍ତି। ବନ ବିଭାଗ ପକ୍ଷରୁ ହାତୀ ଘଉଡ଼ାଇବାକୁ ଚେଷ୍ଟା କଲାବେଳେ ହାତୀ ଖାଦ୍ୟ ଆଶାରେ କୁଲୁଣ୍ଡି ଅଞ୍ଚଳ ଛାଡ଼ି ଯାଉନାହାନ୍ତି। ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ କୁଲୁଣ୍ଡି ପଞ୍ଚାୟତର ବନମାଲ, ବାଙ୍କଟାଲ, କୁଲୁଣ୍ଡି, ବନ୍ଧାବାହାଲ, କଦଳୀପାଲ, ବଡ଼କୁଣ୍ଢେଇସରା, ବୁଢ଼ୀକୁଟେନ ଅଞ୍ଚଳରେ ହାତୀ ପଲ ବୁଲୁଛନ୍ତି। ଏଥିରେ ହାତୀ ଶାବକଠାରୁ ଆରମ୍ଭ କରି ବିଭିନ୍ନ ବୟସର ହାତୀ ରହିଛନ୍ତି। ଧାନ ଅମଳ ସମୟରେ ଏହି ୨୨ଟିକିଆ ହାତୀପଲ ଆସିଛନ୍ତି। ହାତୀ ଉପସ୍ଥିତିକୁ ନେଇ କେବଳ ଚାଷୀ ନୁହଁ, ସମଗ୍ର ଅଞ୍ଚଳବାସୀ ଭୟଭୀତ ରହିଛନ୍ତି। ବିଭିନ୍ନ ଗାଁରେ ରାତିତମାମ ଚାଷୀମାନେ ଧାନ ଅମଳ କରିବାସହ ଜଗି ରହିଛନ୍ତି। ଏଥର ଆଗୁଆ ମୌସୁମୀ ଯୋଗୁଁ ଧାନ ଅମଳ ପ୍ରାୟତଃ ସରି ଆସିଲାଣି। ୨୮ ତାରିଖ ମଣ୍ଡି ଖୋଲିବାକୁ ଥିବାବେଳେ ମିଲର ମାନେ ଧାନ ନେବାକୁ ମନା କରିବାରୁ ଅଚଳାବସ୍ଥା ଦେଖାଦେଇଛି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar.
Contact Gadhwal Group.
9437015112

ଅଦରକାରୀ ସାମଗ୍ରୀରେ ନିଆଁ ଲଗାଇବା ପଡ଼ିଲା ମହଙ୍ଗା

## ପ୍ରଦୂଷଣ ପାଇଁ ଓରିଏଣ୍ଟ କନଷ୍ଟ୍ରକ୍ସନକୁ ୮ ହଜାର ଜରିମାନା

**ସମ୍ବଲପୁର, ୨୮।୧୧(ସମିସ):** ବର୍ଜ୍ୟବସ୍ତୁକୁ ନିଆଁ ଲଗାଇବା ମହଙ୍ଗା ପଡ଼ିଛି। ମାତ୍ରାଧିକ ପ୍ରଦୂଷଣ କରୁଥିବାରୁ ସମ୍ବଲପୁର ମହାନଗର



ନିଗମ ୮ ହଜାର ଟଙ୍କା ଜରିମାନା କରିଛି। ସୂଚନା ଅନୁସାରେ ରେମେଡ ସ୍ଥିତ ଓରିଏଣ୍ଟ କନଷ୍ଟ୍ରକ୍ସନକ ବର୍ଜ୍ୟବସ୍ତୁ ତଥା ଟାୟାର ଇତ୍ୟାଦିରେ ନିଆଁ ଲଗାଇଥିଲା। ନିଆଁ ଲାଗିବା ପରେ ରେମେଡ ତଥା ଆଖପାଖ ଅଞ୍ଚଳରେ କଳା ଧୂଆଁମୟ ପରିବେଶ ସୃଷ୍ଟି ହୋଇଥିଲା।ଉକ୍ତ ଅଞ୍ଚଳରେ ଏତେ ମାତ୍ରାରେ ପ୍ରଦୂଷଣ ହେଲା ଯେ ସ୍ଥାନୀୟ ଲୋକ ନୟାନ୍ତ ହୋଇଯାଇଥିଲେ। ସର୍ବସାଧାରଣରେ ନିଆଁ ଲଗାଇ ପ୍ରଦୂଷଣ କରାଯାଇ ପାରିବ ନାହି ବୋଲି ନିୟମ ରହିଛି। ହେଲେ କମ୍ପାନୀ ପ୍ରଦୂଷଣ କରିଥିବାରୁ ଲୋକେ ଭିଡ଼ିଓ କରି ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ପରେ ମହାନଗର ନିଗମ ପକ୍ଷରୁ ଆଜି ଏହି ଜରିମାନ କରାଯାଇଛି।

## କୁଚିଣ୍ଡା ମାର୍କେଟ ୟାର୍ଡର ଶୁଭାରମ୍ଭ

**କୁଚିଣ୍ଡା, ୨୮।୧୧(ସମିସ):** ଶୁକ୍ରବାର ଚଳିତ ଖରିଫ ଋତୁରେ ଧାନକ୍ରୟ ପାଇଁ କୁଚିଣ୍ଡା ନିୟନ୍ତ୍ରିତ ବଜାର କମିଟି (ଆରଏମସି)ର ପ୍ରତ୍ୟକ୍ଷ ନିୟନ୍ତ୍ରଣାଧୀନ କୁଚିଣ୍ଡା ମାର୍କେଟ ୟାର୍ଡ଼ର ଶୁଭାରମ୍ଭ ଉପଜିଲ୍ଲାପାଳ ତଥା ଆରଏମସି ଅଧ୍ୟକ୍ଷ ସାର୍ବାନନ ସ କରିଛନ୍ତି। ସେ ଶୁକ୍ରବାର କୁଚିଣ୍ଡା ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ଥିବା ଉପଖଣ୍ଡର ପ୍ରଥମ ମାର୍କେଟୟାର୍ଡ (ଧାନ ସଂଗ୍ରହ କେନ୍ଦ୍ର)ର ଶୁଭାରମ୍ଭ କରିଥିଲେ। ଉପଜିଲ୍ଲାପାଳଙ୍କ ସହ କୁଚିଣ୍ଡାର ସହକାରୀ ଯୋଗାଣ ନିରୀକ୍ଷକ ରାଜକିଶୋର ସ୍ୱାଇଁ, ଆରଏମ୍‌ସିର ସମ୍ପାଦକ ସୁଧୀର କୁମାର ନାୟକ, କୁଚିଣ୍ଡା ଲ୍ୟାମ୍ପ ସଭାପତି ନବୀନ ମାଝୀ, ପରିଚାଳନା ନିର୍ଦ୍ଦେଶକ କୁମୋଦ ପ୍ରଧାନ, ଲ୍ୟାମ୍ପର ଅନ୍ୟ କର୍ମଚାରୀ ଓ ଜିଲ୍ଲାପରିଷଦ ସଦସ୍ୟ ଦିବ୍ୟରାଜ କିସାନଙ୍କ ସହିତ ବହୁ ଚାଷୀ ଉପସ୍ଥିତ ଥିଲେ। ତେବେ ଟୋକନ ମିଳିବାରେ ବହୁ ବିଳମ୍ବ ହୋଇଥିବାରୁ ପ୍ରଥମ ଦିନରେ ଧାନ ବିକ୍ରି କରିବା ପାଇଁ ଜଣେ ହେଲେ ଚାଷୀ ଆସି ନ ଥିଲେ।

ଆୟୁଷ ଛାତ୍ରଛାତ୍ରୀଙ୍କ ଦାବି କେହି ଶୁଣିଲେନି

## ମୁଖ୍ୟମନ୍ତ୍ରୀଙ୍କ ପୋର୍ଟାଲରେ ଅଭିଯୋଗ କଲେ ସମ୍ବଲପୁରରୁ ୭୭ ଜଣ

**ସମ୍ବଲପୁର, ୨୮।୧୧ (ସମିସ):** ଆୟୁଷ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନକୁ ୨୩ ଦିନ ପୂରିଲେ। ସ୍ୱାସ୍ଥ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କୁ ଆୟୁଷ ସଂଘ ନିଜର ଦାବିକୁ ଜଣାଇଥିଲା। ହେଲେ କେହି କର୍ଣ୍ଣପାତ କରିନଥିଲେ। ୨୩ ଦିନ ଧରି କଳାବ୍ୟାଜ୍ ପରିଧାନ କଲେ, କଲେଜ ସମ୍ମୁଖରେ ୫ ଦିନ ହେଲାଣି ତାଲା ପଡ଼ିଛି। ଗତକାଲି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ମଧ ଦେଇଥିଲେ। କୌଣସି ସମାଧାନ ହୋଇ ନ ଥିବାରୁ ଆଜି ସମ୍ବଲପୁର ସ୍ଥିତ ଓଡ଼ିଶା ମେଡିକାଲ କଲେଜ ଅଫ୍ ହୋମିଓପାଥି ଆଣ୍ଡ ରିସର୍ଚ୍ଚର ୭୭ ଜଣ ଛାତ୍ରଛାତ୍ରୀ ବ୍ୟକ୍ତିଗତ ଭାବେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ହ୍ୱାଟସଅପ୍ ଗ୍ରୁପରେ ଅଭିଯୋଗ ପଞ୍ଜୀକରଣ କରିଛନ୍ତି। କେବଳ ସମ୍ବଲପୁରର ଛାତ୍ରଛାତ୍ରୀ ନୁହେଁ ଓଡ଼ିଶାର ସମସ୍ତ ଆୟୁଷ କଲେଜର ଛାତ୍ରଛାତ୍ରୀ ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ସମାଧାନ ନ ହେଲେ ପ୍ରତିବାଦ ରଣନୀତି ବଦଳାଇବ ବୋଲି ଚେତାବନୀ ଦେଇଛି।

**୨୩ ଦିନରେ ପହଞ୍ଚିଲା ଆନ୍ଦୋଳନ**

## ରାଣୀଖିଣ୍ଡା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ବିଜ୍ଞାନ ଓ ଗଣିତ ମେଳା

**ସମ୍ବଲପୁର, ୨୮।୧୧ (ସମିସ):** ରାଣୀଖିଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍କୁଲସ୍ତରୀୟ ବିଜ୍ଞାନ ଓ ଗଣିତ ମେଳା ଅନୁଷ୍ଠିତ ହୋଇଯାଇଛି। ମେଳାରେ ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ପ୍ରଶାସକ ସୀତାଂଶୁ ତ୍ରିପାଠୀ ଓ ସମାଜସେବୀ ତୀର୍ଥଲାଲ ଅଗ୍ରୱାଲ ଯୋଗ ଦେଇଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ସଂରକ୍ଷଣ, ସବୁଜ ଉର୍ଜା, ସ୍ୱାସ୍ଥ୍ୟ, ସ୍ୱଚ୍ଛତା ପ୍ରକଳ୍ପ ସହିତ ବିଭିନ୍ନ ଗାଣିତିକ ପ୍ରକଳ୍ପ ଉପସ୍ଥାପନ କରିଥିଲେ। ଶିକ୍ଷକ ସୁମନ୍ତ ମେହେର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଇତିଶ୍ରୀ ପଟ୍ଟନାୟକ ସହଯୋଗ କରିଥିଲେ। ଛାତ୍ରଛାତ୍ରୀ ମନୀଷା ଜୟପୁରିଆ ପ୍ରଥମ, ତନୁଜା ପଟ୍ଟା ଦ୍ୱିତୀୟ ଓ ସ୍ମୃତି ଛତର ତୃତୀୟ ସ୍ଥାନ ଅଧିକାର କରି ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଆଶାଲତା ନାୟକ ଶିଶୁ ବୈଜ୍ଞାନିକ ମାନଙ୍କୁ ପ୍ରେରଣା ଦେବା ସହିତ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ ଜ୍ଞାନବାନ ପଟେଲ, ବନ୍ଦିତା ପଟେଲ, ଧରିତ୍ରୀ ସାହୁ, କେଶବ ମେହେର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

୫ମ ଦିନରେ ଓଏଭି ଶିକ୍ଷକଙ୍କ ଆନ୍ଦୋଳନ

# ବିଧାୟକ, ମନ୍ତ୍ରୀ ଓ ପ୍ରଶାସନଙ୍କୁ ଦାବିପତ୍ର ପରେ ବି ମିଳିଲାନି ନ୍ୟାୟ

**ଭେଡେନ, ୨୮।୧୧(ସମିସ)**

ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ସଂଘର ବିଭିନ୍ନ ଜିଲ୍ଲାର ନେତୃମଣ୍ଡଳୀ ୮୦ରୁ ଅଧିକ ବିଧାୟକ, ମନ୍ତ୍ରୀ ଓ ଜିଲ୍ଲା ପ୍ରଶାସନକୁ ଦାବିପତ୍ର ପ୍ରଦାନ କରିବା ସହ ସମସ୍ୟା



ବିଷୟରେ ପୂର୍ବରୁ ଆଲୋଚନା କରିଛନ୍ତି। ବିଧାନସଭାରେ ଏହି ସମସ୍ୟା ଗୁଡିକୁ ନେଇ ଆଲୋଚନା କରିବେ ବୋଲି ଜନପ୍ରତିନିଧି ମାନେ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ହେଲେ ଆନ୍ଦୋଳନକୁ ୫ ଦିନ ବିତି ଯାଇଥିଲେ ମଧ୍ୟ ଉପରିସ୍ଥ ଅଧିକାରୀ ଏବଂ ସରକାରଙ୍କ ନିଦ ଭାଙ୍ଗୁନି। ଶିକ୍ଷକ ଶିକ୍ଷୟିତ୍ରୀ ମାନେ କଳାବ୍ୟାଚ ପିନ୍ଧି ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଅବ୍ୟାହତ ରଖିଛନ୍ତି। ରାଜ୍ୟର ୩୧୪ଟି ଆଦର୍ଶ ବିଦ୍ୟାଳୟ ଶିକ୍ଷକଙ୍କ ସ୍ୱର ଆଜି ଗୋଟିଏ ସ୍ୱର ପାଲଟିଛି।

ଓଏଭି ଦୀର୍ଘ ୧୦ ବର୍ଷ ହେଲା ଆରମ୍ଭ ହେଲାଣି। ହଜାର ହଜାର ଗରିବ ମେଧାବୀ ଛାତ୍ରଛାତ୍ରୀ ଇଂରାଜୀ ମାଧ୍ୟମରେ ଶିକ୍ଷା ଗ୍ରହଣ କରି ସିବିଏସଇ ବୋର୍ଡ ପରୀକ୍ଷାରେ ବିଗତ ବର୍ଷରେ ଭଲ ପ୍ରଦର୍ଶନ କରିଛନ୍ତି। ଏହି ସଫଳତାକୁ ନେଇ ରାଜ୍ୟ ସରକାର ରାଜ୍ୟ ବାହାରେ ଆଦର୍ଶ ବିଦ୍ୟାଳୟର ଗାରିମାକୁ ନେଇ ଡିମ୍‌ଡିମ ପିଟୁଛନ୍ତି। ମାତ୍ର ଦୀପତଳ ଅନ୍ଧାର ପରି ବିଦ୍ୟାଳୟର ଉନ୍ନତି ପାଇଁ ଯେଉଁ ଶିକ୍ଷକ ଶିକ୍ଷୟିତ୍ରୀ ବୃନ୍ଦ ନିଯୁକ୍ତ ଅଛନ୍ତି ସେମାନଙ୍କ ସୁରକ୍ଷା ଓ ଭବିଷ୍ୟତ ଘୋର ସଙ୍କଟରେ। ଶିକ୍ଷକ ମାନଙ୍କର ଚାକିରିରେ ସର୍ତ୍ତାବଳୀ (କ୍ୟାଡରୁଲ) ନାହିଁ। ଏଯାଏ ୨୪ ଜଣ ଶିକ୍ଷକଙ୍କର ମୃତ୍ୟୁ ହୋଇ ସାରିଲାଣି। ସେମାନଙ୍କ ପରିବାର ଭୋକ ଉପାସରେ ଦିନ କାଟୁଛନ୍ତି। ସରକରଙ୍କ ତରଫରୁ ସେମାନେ କୌଣସି ସାହାଯ୍ୟ ପାଇଲେ ନାହିଁ। ସେହିପରି ଶିକ୍ଷକ ଶିକ୍ଷୟିତ୍ରୀ ସମାନ କାମକୁ ସମାନ ଦରମା ନଥିବା ଭଳି ଅନେକ ସମସ୍ୟା ଭିତରେ ଘାଣ୍ଟି ହେଉଛନ୍ତି। ଆଦର୍ଶ ବିଦ୍ୟାଳୟ ପାଇଁ ସରକାରଙ୍କର ଏଭଳି ବୈମାତୃକ ମନୋଭାବ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଗତ ୧୦ ବର୍ଷ ଭିତରେ ଶିକ୍ଷକ ଶିକ୍ଷୟିତ୍ରୀ ଦାବିପତ୍ର ମାଧ୍ୟମରେ ବାରମ୍ବାର ନିଜର ଅସୁବିଧା ମୁଖ୍ୟମନ୍ତ୍ରୀ, ରାଜ୍ୟ ପ୍ରକଳ୍ପ ଅଧିକାରୀ, ଉପରିସ୍ଥ ଅଧିକାରୀ, ଶିକ୍ଷାମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ସମସ୍ତ ଜିଲ୍ଲାପାଳ, ସମସ୍ତ ଜନପ୍ରତିନିଧି (ଏମ୍‌ଏଲଏଏମ୍‌ପି) ଏବଂ ଅନ୍ୟାନ୍ୟ ଉଚ୍ଚ ପଦାଧିକାରୀଙ୍କୁ ଜଣାଇ ଆସୁଛନ୍ତି। ମାତ୍ର ସମସ୍ତ ଉଦ୍ୟମ ବିଫଳ ହୋଇଛି। ଫଳରେ ଶିକ୍ଷକ ସମାଜରେ ଆନ୍ଦୋଳନର ମୁଣ୍ଡ ଟେକିଛି। ଏପରି ଅନିଶ୍ଚିତତା ଭିତରେ ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ଆଦର୍ଶ ବିଦ୍ୟାଳୟ ସଂଗଠନକୁ ଛାଡି ଅନ୍ୟତ୍ର ଚାକିରି କରିବାକୁ ଚାଲି ଯାଉଛନ୍ତି। ତଥାପି ରାଜ୍ୟ ସରକାର ନିରବଦ୍ରଷ୍ଟା। ସରକାର ସମସ୍ୟାର ସମାଧାନ ନକଲେ ଓଏଭି ସଂଘ ଡିସେମ୍ବର ୮ରେ ରାଜରାସ୍ତାକୁ ଓହ୍ଲାଇବ, ପରିଣତି ଯାହା ହେବ ସେଥିପ୍ରତି ସରକାର ଦାୟୀ ରହିବେ ବୋଲି ରାଜ୍ୟ ସଭାପତି ରିପୁଦମନ ମିଶ୍ର ଏବଂ ରାଜ୍ୟ ସମ୍ପାଦକ ସୁଭାଶିଷ ଦାସ ମତ ପ୍ରକାଶ କରିଛନ୍ତି।

ସଂଘର ଦାବି ୧୩ଦଫା ଦାବି ଓଏଭି କର୍ମଚାରୀଙ୍କୁ ସରକାରୀ ମାନ୍ୟତା ଦେବା, ଏଚ୍‌ଆର୍‌ଏମ୍‌ଏସ୍ ଆଇଡି ମାଧ୍ୟମରେ ଦରମା ଦେବା ଏବଂ ବିଦ୍ୟଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ହାଇସ୍କୁଲ ଶିକ୍ଷକଙ୍କ ପରି ଅନ୍ୟ ସୁବିଧା ସୁଯୋଗ ପ୍ରଦାନ କରିବା; ୟୁନିଫର୍ମ କ୍ୟାଡର ମାନ୍ୟତା; ଶାରୀରିକ ଶିକ୍ଷା, ସଙ୍ଗୀତ ଏବଂ କମ୍ପ୍ୟୁଟର ଶିକ୍ଷକଙ୍କୁ ସମାନ କାମକୁ ସମାନ ଦରମା ପାଇଁ ୪୬୦୦ ଗ୍ରେଡପେ ପ୍ରଦାନ କରିବା; ଓଡ଼ିଆ ବିଷୟ ପାଇଁ ପିଜିଟି ପଦବୀ ସୃଷ୍ଟି କରିବା; ସାଇନ୍ସ କମର୍ସ ଭଳି ଆର୍ଟ୍ସ ଷ୍ଟ୍ରିମ୍ ଖୋଲିବା; ହିନ୍ଦୀ, ସଂସ୍କୃତ ବିଷୟ ପାଇଁ ପିଜିଟି ପଦବୀ ସୃଷ୍ଟି କରିବା; ଆର୍ଟ ଶିକ୍ଷକ ପାଇଁ ଟିଜିଟି ଭିଜୁଆଲ ଆର୍ଟ ମାନ୍ୟତା ଦେବା; ଓଏଭି କର୍ମଚାରୀଙ୍କ ସନ୍ତାନ ପାଇଁ ପ୍ରବେଶ ହେତୁ ବିଶେଷ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରିବା; ଜୁନିୟର କ୍ଲର୍କ କର୍ମଚାରୀଙ୍କ ଚାକିରି ନିୟମିତ କରିବା; ଓଏଭି ଛାତ୍ରଛାତ୍ରୀଙ୍କୁ ଏନ୍‌ଏମ୍‌ଏମ୍‌ଏସ୍ ପରୀକ୍ଷାରେ ଅଂଶଗ୍ରହଣ ପାଇଁ ଅନୁମତି ଦେବା ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ଛାତ୍ରଛାତ୍ରୀ ଭଳି ନିଟ୍ ଏବଂ ଜେଇଇ ପରୀକ୍ଷାରେ ୧୫% ସ୍ଥାନ ସଂରକ୍ଷଣ; ପୂର୍ବରୁ ଓଏଭିରେ ଟିଜିଟି ଭାବେ କାର୍ଯ୍ୟକରି ପୁନର୍ବାର ପିଜିଟି ଭାବେ ଯୋଗଦେଇଥିବା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଚାକିରି ଓ ଦରମାରେ ସୁରକ୍ଷା ପ୍ରଦାନ କରିବା; ପୂର୍ବରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ କାର୍ଯ୍ୟରତ ଶିକ୍ଷକଙ୍କ ପୂର୍ବ ସେବା ଅବଧିକୁ ବର୍ତ୍ତମାନ ସେବାରେ ମିଶାଇବା; ପୂର୍ବବତ୍ ରାଜ୍ୟ ସ୍ତରରେ ବିଦ୍ୟାଳୟ ପ୍ରତିଷ୍ଠା ଦିବସ ପାଳନ ପାଇଁ ଅର୍ଥ ମଞ୍ଜୁର କରିବା; ପିଏମ୍‌ଶ୍ରୀ ସ୍କୁଲରେ ଓଏଭିକୁ ଅନ୍ତର୍ଭୁକ୍ତ କରିବା ଆଦି ସମସ୍ୟାର ସମାଧାନ କରି ଶିକ୍ଷାର ଗୁଣବତ୍ତା କର୍ମଚାରୀଙ୍କ ନ୍ୟାୟ ପାଇଁ ବିହିତ କାର୍ଯାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି।

ଓଏଭି ଶିକ୍ଷକ ସଂଘର କଳାବ୍ୟାଚ୍ ପରିଧାନ

## ୧୨ ଦଫା ଦାବି ନେଇ ବିଧାୟକଙ୍କୁ ଦାବିପତ୍ର

**ଅତାବିରା, ୨୮।୧୧(ସମିସ):** ଓଏଭି ଶିକ୍ଷକମାନେ ୧୨ ଦଫା ଦାବି ନେଇ ଗତ ୨୪ ତାରିଖରୁ କଳାବ୍ୟାଚ ପରିଧାନ କରିଥିବା ବେଳେ ୧୨ ଦଫା ଦାବି ନେଇ ଜିଲ୍ଲା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ବିଧାୟକ ନିହାର ମହାନନ୍ଦଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ସଂଘର ଜିଲ୍ଲା ସଭାପତି ଆଶିଷ ସା, ଲଳିତ ନାଏକ, ପି ବିଜୟା, ଅମ୍ଳାନ ଜ୍ୟୋତି ପ୍ରଧାନ, ପ୍ରଦୀପ



ମେହେର, ମାଧବ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ପ୍ରଶିକ୍ଷଣ ଶିବିର

**ରେଢ଼ାଖୋଲ, ୨୮ ।୧୧ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଶୁକ୍ରବାର ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଏବଂ ବିଡବ୍ଲୁ.ଆଇର ମିଳିତ



ଆନୁକୂଲ୍ୟରେ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ସଂଘ ସଭାପତି ବିଜୟ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରରେ ରେଢ଼ାଖୋଲ ଓ ଆଠମଲ୍ଲିକ ଡିଭିଜନରୁ ଶତାଧିକ ସିଜନାଲ କର୍ମଚାରୀ ଓ ତୋଳାଳିମାନେ ଯୋଗଦାନ କରିଥିଲେ। ସଭାରେ କେନ୍ଦୁପତ୍ର କର୍ମଚାରୀ ଓ ତୋଳାଳିମାନଙ୍କ ଜୀବନ ଜୀବିକାକୁ ପ୍ରଭାବିତ କରିପାରିବା ସମ୍ଭାବିତ ସମସ୍ୟା, ତାହାର ପରିଣାମ ଓ ସମ୍ଭାବ୍ୟ ସମାଧାନ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ଶ୍ରୀ ମହାନ୍ତି ନବରଙ୍ଗପୁର ଓ ଜୟପୁର ଡିଭିଜନରେ ପ୍ରଚଳିତ ଫାଲ ବ୍ୟବସ୍ଥା ଆଧାରିତ ପତ୍ର ଉତ୍ପାଦନ ମଡେଲକୁ ଅନ୍ୟ ଡିଭିଜନରେ ପ୍ରଚଳନ କରାଯିବା ଯୋଜନା ପରିସ୍ଥିତିରେ ତୋଳାଳି, ବନ୍ଧେଇ ଶ୍ରମିକ ଓ ସିଜନାଲ କର୍ମଚାରୀଙ୍କ ଜୀବନ ଜୀବିକା ରେ ବିପତ୍ତ ସୃଷ୍ଟି କରିବ, ଘରୋଇକରଣ ଭଳି ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ଉପରେ ଆପତ୍ତି ଏବଂ ଚିନ୍ତା ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ପରେ ସଂଘର ଏକ ପ୍ରତିନିଧି ଦଳ ରେଢ଼ାଖୋଲ ଡିଏଫଓ ଖିରୋଦ କୁମାର ବେହେରାଙ୍କ ସହ ଏକ ବୈଠକ ସହ ବିଭିନ୍ନ ସମସ୍ୟା ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପସଭାପତି ବିନୋଦ ପ୍ରଧାନ, ସାଙ୍ଗଠନିକ ସମ୍ପାଦକ ସଞ୍ଜିତ ମହାନ୍ତି, ସମ୍ପାଦକ ମହମ୍ମଦ ମୁର୍ତ୍ତୁଜା, ରେଢ଼ାଖୋଲ ଡିଭିଜନ ସମ୍ପାଦକ କିଶୋର ପ୍ରଧାନ, ଯୁଗ୍ମ ସମ୍ପାଦକ ଉଦିତ ତ୍ରିପାଠୀ, ଆଠମଲ୍ଲିକ ଡିଭିଜନ ଯୁଗ୍ମ ସମ୍ପାଦକ ନବକିଶୋର ମହାର, ମିଡିଆ ସଂଯୋଜକ ଦେବଜ୍ୟୋତି ପଟ୍ଟନାୟକ, ଭିକାରୀ ପ୍ରଧାନ ଅତିଥି ସ୍ୱରୂପ ଯୋଗ ଦେବା ସହ ଅଖୋଜ ପ୍ରଧାନ, ତୀର୍ଥବାସୀ ପ୍ରଧାନ, ନୀଳାଦ୍ରି ପ୍ରଧାନ, ଟିକେଶ୍ୱର ଝାଙ୍କର, ଶଙ୍କର ଦେହୁରୀ, ଜିତେନ୍ଦ୍ର ଷଣ୍ଢ, ଅରୁଣ ପ୍ରଧାନ, ହୃଷୀକେଶ ପ୍ରଧାନ, ଚିତ୍ରସେନ ନାୟକ, ସୁରେଶ ଚନ୍ଦ୍ର ସାହୁ, ନରେନ୍ଦ୍ର କୁମାର ସାହୁ, ସୁରେନ୍ଦ୍ର ସାହୁ, ସତ୍ୟବାଦୀ ନାୟକ, ଜଗବନ୍ଧୁ ଜେନା, ଯୁଧିଷ୍ଠିର ପ୍ରଧାନ, ପ୍ରଫୁଲ କୁମାର ସ୍ୱାଇଁ, ଜୟନ୍ତୀ ଦୀପ, ଶୋଭାଗିନୀ ଭୋଇ, ଜାହ୍ନବୀ ସ୍ୱାଇଁ ସହ ଶତାଧିକ ସିଜନାଲ କର୍ମଚାରୀ ଓ ତୋଳାଳି ଉପସ୍ଥିତ ରହିଥିଲେ।

## ମଦ ଦାମ୍‌କୁ ନେଇ ଗୁଳିଚାଳନା

**ସମ୍ବଲପୁର, ୨୮।୧୧(ସମିସ):** ମଦ ଦରଦାମକୁ ନେଇ ଦୋକାନୀ ସହ ଯୁକ୍ତିତର୍କ ଲାଗିଲା। ପରେ ଉତ୍ୟକ୍ତ ହୋଇ ପୂର୍ବତନ ସେନା କର୍ମଚାରୀ ନିଜର ଲାଇସନ୍ସପ୍ରାପ୍ତ ବନ୍ଧୁକରୁ ଗୁଳି ଚାଳାନ କରିଥିବା ଅଭିଯୋଗରେ ଠେଲକୋଲୋଇ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଉଛନ୍ତି ଝାରସୁଗୁଡ଼ା ଥାନା ସରବାହାଳର ହୃଷିକେଶ କିଶାନ(୪୫)। ପୁଲିସ ବ୍ୟବହୃତ ବନ୍ଧୁକ, ଗୁଳି, ବାଇକ, ମୋବାଇଲ ଓ ୫୮୦୦ ଟଙ୍କା ଜବତ କରିଛି। ପୁଲିସ ସୂଚନା ଅନୁସାରେ ଗତକାଲି ଠେଲକୋଲୋଇ ସ୍ଥିତ ଏକ ଲାଇସନ୍ସପ୍ରାପ୍ତ ମଦ ଦୋକାନକୁ ପୂର୍ବତନ ସେନା କର୍ମଚାରୀ ହୃଷିକେଶ ଯାଇଥିଲେ। ସେଠାରେ ମଦ ଦରକୁ ନେଇ କର୍ମଚାରୀଙ୍କ ସହ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ସେ ଗୁଳି ଚାଳନା କରିଥିଲେ। ହେଲେ କାହାର କ୍ଷତି ହୋଇନଥିଲା। ଥାନାରେ ଅଭିଯୋଗ ପରେ ପୁଲିସ ଗିରଫକରି କୋର୍ଟଚାଲାଣ କରିଛି।

**ଅଭିଯୁକ୍ତ ଗିରଫ, ବନ୍ଧୁକ ଜବତ**



## ଆକସ୍ମିକ ବିପତ୍ତି ପରିଚାଳନା ପ୍ରଶିକ୍ଷଣ ଶିବିର

**କୁଚିଣ୍ଡା, ୨୮ ।୧୧(ସମିସ):** ଓଡ଼ିଶା ସରକାରଙ୍କ ଓଏସ୍‌ଏପି ଦ୍ୱିତୀୟ ବାଟାଲିୟନ, ଓଡ୍ରାଫ ଦଳ, ଝାରସୁଗୁଡ଼ା ଆନୁକୂଲ୍ୟରେ ଆକସ୍ମିକ ବିପତ୍ତିର ସୁପରିଚାଳନା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଡ. ରଞ୍ଜନ କୁମାର ପାଣିଗ୍ରାହୀଙ୍କ ଦ୍ୱାରା ଉଦ୍‌ଘାଟିତ ଶିବିରକୁ ଜାତୀୟ ସେବା ସଂସ୍ଥା କାର୍ଯ୍ୟ ଅଧିକାରୀ ଅଧ୍ୟାପକ ତରୁଣ କୁମାର ପୃଷେଠ ଓ ରେଡକ୍ରସ କାଉନସେଲର ଅଧ୍ୟାପକ ଶିବଶଙ୍କର ମଲ୍ଲିକ ପରିଚାଳନା କରିଥିଲେ। ପ୍ରଶିକ୍ଷକ ତେଜ ଗୁରୁଙ୍ଗଙ୍କ ନେତୃତ୍ୱରେ ଓଡ୍ରାଫ୍‌ର ଅନ୍ୟ ସହଯୋଗୀମାନେ ଆକସ୍ମିକ ବିପଦ ସମୟରେ କିଭଳି ନିଜକୁ ବଞ୍ଚାଇବା ସଙ୍ଗେ ସଙ୍ଗେ ଅନ୍ୟର ଧନ ଜୀବନ ରକ୍ଷା କରିହେବ, ସେ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୧୦୦ ଜଣ ଛାତ୍ରଛାତ୍ରୀ ଓ ଦିନବନ୍ଧୁ ନୋଡାଲ ହାଇସ୍କୁଲର ୧୮ ଜଣ ଛାତ୍ର ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ଦୀପକ ପଟେଲ, ଯୋଗେନ୍ଦ୍ର ମୁଦୁଲି, ସନତ କୁମାର ସାହୁ, ଅଧ୍ୟାପିକା ସ୍ମିତା ପଟେଲ, ହୋସିନା ପ୍ରିୟଦର୍ଶିନୀ ନାୟକ, ବର୍ଷା ମୁଦୁଲି ଉପସ୍ଥିତ ଥିବାବେଳେ ଅଧ୍ୟାପିକା ଡଲି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ନ୍ୟାସନାଲ ମେଡିକୋ ଅର୍ଗାନାଇଜେସନ୍ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ

**ସମ୍ବଲପୁର, ୨୮।୧୧ (ସମିସ) :** ଚଳିତ ଶିକ୍ଷାବର୍ଷରେ ନୂଆ ଭର୍ତ୍ତି ହୋଇଥିବା ଏମ୍‌ବିବିଏସ୍ ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାଗତ କରିବା ସହ ମାର୍ଗଦର୍ଶନ କରିବା ପାଇଁ ନେସନାଲ ମେଡିକୋ ଅର୍ଗାନାଇଜେସନ (ଏନ୍‌ଏମ୍‌ଓ) ପକ୍ଷରୁ ଅଭିନନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଧୁନିକ ଚିକିତ୍ସା ବିଜ୍ଞାନର ଭିତ୍ତିଶିଳା ଭାବେ ପରିଚିତ ଥିବା ଆଚାର୍ଯ୍ୟ ଚରକ ଓ ମହର୍ଷି ସୁଶ୍ରୁତଙ୍କ ଅମୂଲ୍ୟ ଅବଦାନକୁ ସ୍ମରଣ କରାଯାଇଥିଲା। ଭାରତର ସମୃଦ୍ଧ ଚିକିତ୍ସା ଇତିହାସ ବିଷୟରେ ଏନ୍‌ଏମ୍‌ଓ ପ୍ରାନ୍ତୀୟ ସଂଗଠନ ମନ୍ତ୍ରୀ ଡାକ୍ତର ସଞ୍ଜୀବ କୁମାର ମିଶ୍ର ଆଲୋକପାତ କରିଥିଲେ। ଚରକଙ୍କ 'ଚରକ ସଂହିତା' କେବଳ ଏକ ଆୟୁର୍ବେଦ ଗ୍ରନ୍ଥ ନୁହେଁ, ଏହା ମାନବ ଶରୀର, ରୋଗ ଓ ଚିକିତ୍ସା ଶାସ୍ତ୍ରର ପ୍ରଥମ ସମଗ୍ର ଘୋଷଣାପତ୍ର। ରୋଗୀଙ୍କ ସହାନୁଭୂତିମୂଳକ ସେବାରୁ ଆରମ୍ଭ କରି ଜୀବନଧାରା ଓ ରୋଗପ୍ରତିରୋଧକତା ପର୍ଯ୍ୟନ୍ତ, ଚରକଙ୍କ ଚିନ୍ତାଧାରା ଆଜିର ସମଗ୍ର (ହୋଲିଷ୍ଟିକ) ମେଡିସିନ ଧାରଣା ସହ ସଠିକ ସମନ୍ୱିତ। ତାଙ୍କ ଲେଖାରେ ଥିବା 'ଅତୁଳ ଦୟା ଓ ନିଷ୍ଠା ହେଉଛି ଏକ ଚିକିତ୍ସକଙ୍କ ପ୍ରଥମ ଗୁଣ' ଆଜିର ମେଡିକୋ ମାନଙ୍କ ପାଇଁ ମଧ୍ୟ ସମାନ ଭାବରେ ପ୍ରସଙ୍ଗିକ ବୋଲି ସେ କହିଥିଲେ। ଆଜିର ନୂଆ ପିଢ଼ିର ଡାକ୍ତରମାନେ ଏହି ଐତିହ୍ୟକୁ ସମ୍ମାନ କରି, ଆଧୁନିକ ବିଶ୍ୱର ଚିକିତ୍ସା ନୂତନତ୍ୱ ସହ ତାଳଦେଇ ଏକ ସୁସ୍ଥ ସମାଜ ଗଢ଼ି ତୋଳିପାରିବେ ବୋଲି ଚିନ୍ତନ କରାଯାଇଥିଲା। ଏନ୍‌ଏମ୍‌ଓ ଭିମସାର ୟୁନିଟ୍‌ର ମନ୍ତ୍ରୀ ଡା. ଖିରୋଜ୍ ଦୁର୍ଗା ଛାତ୍ରଛାତ୍ରୀ ମାନଙ୍କୁ ଅନୁଷ୍ଠାନ ସହିତ ଯୋଡ଼ିହୋଇ ସେବା କାର୍ଯ୍ୟ ପାଇଁ ଆଗେଇ ଆସିବା ପାଇଁ କହିଥିଲେ। ଛାତ୍ର ପ୍ରମୁଖ ଶୁଭମ ନନ୍ଦ, ଡା. ଉଦୟନ ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏଥିରେ ଏନ୍‌ଏମ୍‌ଓ ମନ୍ତ୍ର ଏବଂ ଗୀତ ଗାନ କରାଯାଇଥିଲା। କାର୍ଯ୍ୟାଳୟ ସମ୍ପାଦକ ଡା. ରଞ୍ଜନ କୁଜୁର ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ସ୍କୁଲରେ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

**ବରପାଲି, ୨୮।୧୧(ସମିସ)**

ବରପାଲି ବ୍ଲକ ବାଲ୍ ବୈଜ୍ଞାନିକ, ସିଇଏସ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ପ୍ରଦର୍ଶନୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୧୪ଟି କ୍ଲଷ୍ଟର ମଧ୍ୟରୁ ୨୦୦ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀରେ ସ୍ଥାନ ପାଇଥିଲା। ବ୍ଲକ ଶିକ୍ଷାଧିକାରୀ ମୁକୁନ୍ଦ ମହରାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ







ପରିଚାଳିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବରଗଡ଼ ଡିଇଓ ଜ୍ୟୋତିକାନ୍ତ ସାହୁ, ସମ୍ମାନିତ ଅତିଥି ଭାବେ ବରଗଡ଼ ବିଇଓ ଡ.ସୁରେନ୍ଦ୍ର ସାହୁ, ଏବିଇଓ ଦୁର୍ଯ୍ୟୋଧନ ସିଂ ଓ ରତ୍ନ ଭୋଇ ତଥା ବାଳକ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସନୋଜ ସେଠୀ, ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ନାରାୟଣ ଭୁଏ ଓ ବିଦ୍ୟାଳୟର ପରିଚାଳନା କମିଟି ଚେୟାରମ୍ୟାନ ଲଳିତ ମେହେର ପ୍ରମୁଖ ଯୋଗ ଦେଇଥିଲେ। ଗଙ୍ଗାଧର ଏନଏସି ବିଦ୍ୟାଳୟ ପ୍ରଧାନଶିକ୍ଷକ ମନୋଜ ବାରିକ ଓ ସିଆରସିସି ବିନୟ ଭୋଇଙ୍କ ସହଯୋଗରେ ବିଚାରକ ସତ୍ୟନାରାୟଣ ମିଶ୍ର, ଆଶିଷ ଦେଓ, ଚୋଲଗଙ୍ଗ ମେହେର, ଟଙ୍କଧର ପଧାନ, ମଣ୍ଟୁ ବିଶ୍ୱାଳ ଓ ଦେବାଶିଷ ମିଶ୍ର ପ୍ରମୁଖ ନିର୍ଦ୍ଧାରଣ କାର୍ଯ୍ୟ ସମ୍ପାଦନ କରିଥିଲେ। ଶିକ୍ଷକ ସୋହନ ପଧାନ ମଞ୍ଚ ସଞ୍ଚାଳନ କରିଥିବା ବେଳେ ଆଗଲପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଶୋକ ପଣ୍ଡା ଓ ଶିକ୍ଷକ ସମୀର ପାଣିଗ୍ରାହୀ ସହଯୋଗ କରିଥିଲେ। ଦ୍ୱିତୀୟ ଅଧିବେଶନ ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଚେୟାରମ୍ୟାନ ରୀନା ଥଇତଙ୍କ ଦ୍ୱାରା କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।

**ଭଟଲି:** ଭଟଲି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅଧିନରେ ପ୍ରକଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଭଟଲି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅମୃତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଟଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ ଚନ୍ଦ୍ର ମେହେର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏ, ବିନୟ ସଏ, ସାମାଜିକ କର୍ମୀ ସିନ୍ଧୁନନ୍ଦିନୀ ଆଚାର୍ଯ୍ୟ, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରବଣ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବ୍ଲକ ବିଜ୍ଞାନ ଫୋରମ୍‌ର ସାଧାରଣ ସମ୍ପାଦକ ଉପେନ୍ଦ୍ର ଖମାରୀ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଆନନ୍ଦ ସାହୁ ମଞ୍ଚ ପରିଚାଳନା କରିଥିଲେ। ବ୍ଲକର ବିଭିନ୍ନ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରୁ ୧୬୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଜ୍ଞାନ ଅଧ୍ୟାପକ ହରେକୃଷ୍ଣ ସାହୁ, ପ୍ରଫୁଲ୍ଲ ସାହୁ, ବିଜ୍ଞାନ ଶିକ୍ଷକ ତାପସ କର୍ମୀ, ଅଭିଜିତ ଘୋସ୍, ରାଜଶ୍ରୀ ପୁରୋହିତ, ରିନା ପ୍ରଧାନ, ଭବାନୀ ଶଙ୍କର ପ୍ରଧାନ ଏବଂ ସତ୍ୟ ମେହେର ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ। ସମସ୍ତ ୭ଟି ଯାକ ସବ୍ ଥିମ୍‌ରୁ ଜଣେ ଲେଖାଏଁକୁନି ବୈଜ୍ଞାନିକ ଜିଲ୍ଲା ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ଯୋଗ ଦେବାପାଇଁ ଶ୍ରେଷ୍ଠ ବିବେଚିତ ହୋଇଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଅମୃତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଯୁବ ବୈଜ୍ଞାନିକ ଶେଷ କିଶାନ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ଲଳିତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

**ପଦ୍ମପୁର:** ସ୍ଥାନୀୟ ପିଏମଶ୍ରୀ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ, ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଓ ପରିବେଶ ସମ୍ବନ୍ଧୀୟ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଲୋକନାଥ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପଦମପୁର ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରାଲମ୍ବ ପ୍ରସାଦ ପଟେଲ, ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପହଣ୍ଡି ବିଜୟ ମେହେର ଓ ଏବିଇଓ ଜୟ ସାହୁ ମଞ୍ଚାସୀନ ଥିଲେ। ବିଭିନ୍ନ ବିଦ୍ୟାଳୟରୁ ୧୯୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ପ୍ରୀତିରଶ୍ମି ସେଠ୍ ଓ ମନୀଷା ଭୋଇଙ୍କ ଦ୍ୱାରା ବିଜ୍ଞାନ କୁଇଜ୍ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଡ.ଜୟକୃଷ୍ଣ ପଟେଲ ମୁଖ୍ୟଅତିଥି ଏବଂ ବରିଷ୍ଠ ବିଜ୍ଞାନ ଶିକ୍ଷକ ଦିଲ୍ଲୀପ ଧଳ ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିଲେ। କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ରାଜେଶ ଖମାରୀ ଓ ମାନସରଞ୍ଜନ ଶତପଥୀ। ଶେଷରେ ପ୍ରେମାନନ୍ଦ ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ।

**ଅତାବିରା:** ଅତାବିରା ବ୍ଲକ ଅନ୍ତର୍ଗତ କାଠଡେରା ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଶୁକ୍ରବାର ବାର୍ଷିକ ବିଜ୍ଞାନ ଏବଂ ଚିତ୍ର ଓ ହସ୍ତକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାକେନ୍ଦ୍ରର ବିଜ୍ଞାନ ବିଭାଗର ମୁଖ୍ୟ ସାରଥୀ ବିଶ୍ୱାଳ ଓ ଲିଲି ବେହେରା, କଳା ବିଭାଗର ମୁଖ୍ୟ ସୁକନ୍ୟା କୁମ୍ଭାରଙ୍କ ତତ୍ତ୍ୱାବଧାନରେ ବିଜ୍ଞାନରେ ୩୪ଟି, ଚିତ୍ର ଓ ହସ୍ତକଳାରେ ୧୪୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଜ୍ଞାନ ଓ ହସ୍ତକଳା ପ୍ରଦର୍ଶନୀକୁ ଯଥାକ୍ରମେ ବରଗଡ଼ ଶ୍ରୀଅରବିନ୍ଦ ପାଠଚକ୍ର ସଂଗଠନର ଜିଲ୍ଲା ସଂଗଠକ ଦେବରାଜ ବେହେରା ଏବଂ ମହିଳା ପାଠଚକ୍ର ଆବାହିକା ଜୟନ୍ତୀ ସିଂ ଉଦ୍‌ଘାଟନ କରିଥିଲେ। ଲଚିଦା ଜ୍ଞାନବିହାର ଉଚ୍ଚ ବିଦ୍ୟାଳୟ, ଲସ୍ତଲା ନୋଡାଲ ଉଚ୍ଚ ବିଦ୍ୟାଳୟ, ହିର୍ଲିପାଲି ଏମଇ ସ୍କୁଲର ପ୍ରଧାନ ଶିକ୍ଷକ ଯଥାକ୍ରମେ ମୁକେଶ ପ୍ରଧାନ, ଦେବାନନ୍ଦ ଭୋଇ, କୌଶିକ ଦାଶ ବିଚାରକ ଦାୟିତ୍ୱ ତୁଲାଇଥିଲେ। ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷା ରିନା ସାହୁଙ୍କ ଅଧ୍ୟକ୍ଷତା ଓ ରାଜେଶ ସେଟଙ୍କ ପରିଚାଳନାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ରୂପେ କାଠଡେରା ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ଶାଖା ପ୍ରବନ୍ଧକ ନାରାୟଣ ଝାଙ୍କର, ଶିକ୍ଷାକେନ୍ଦ୍ରର ସମ୍ପାଦକ ଚାପଧାରୀ ସିଂ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ସିନିଅର ବିଭାଗରେ ଅମ୍ରିତା ପତି ପ୍ରଥମ, ମୁସ୍କାନ ପଧାନ ଦ୍ୱିତୀୟ, ଲାଡଲି ପ୍ରଧାନ ତୃତୀୟ, ଜୁନିଅର ବିଭାଗରେ ଅମନ ମେହେର ଓ ଅଜୟ ମେହେର ପ୍ରଥମ, ରୁଦ୍ରାକ୍ଷ ପାଣିଗ୍ରାହୀ ଦ୍ୱିତୀୟ ଓ ମୌସୁମୀ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରଦର୍ଶନୀରେ ଶିକ୍ଷକ ଭୀଷ୍ମଦେବ ରଣା, ଜିତେନ୍ଦ୍ର ପ୍ରଧାନ, ଭରତକୁମ୍ଭାର, କନକ ପ୍ରଧାନ, ସତ୍ୟବତୀ ନାଗ, ଜୟନ୍ତୀ ପ୍ରଧାନ, ନିବେଦିତା ସାହୁ, ରେଣୁକା ବାଗ, ଶଶୀଭୂଷଣ ଦାଶ, ନୀଳାବତୀ ମାଝୀଙ୍କ ସମେତ ପରିଚାଳନା କମିଟିର ସନ୍ତୋଷ, ପଣ୍ଡା, ଶ୍ୟାମ ସୁନ୍ଦର ପ୍ରଧାନ, ସୁରେନ୍ଦ୍ର ବାଗ ସକ୍ରିୟ ସହଯୋଗ କରିଥିଲେ।

## ଜବରଦଖଲ ଉଚ୍ଛେଦ ବେଳେ ଉତ୍ତେଜନା / ଜେସିବି ଆଗରେ ଶୋଇଲେ ମହିଳା

ବାଲିକୁଦା,୨୮।୧୧(ସମିସ)

ବାଲିକୁଦା ତହସିଲ ଅନ୍ତର୍ଗତ କୁସୁପୁର ପଞ୍ଚାୟତ ତେନ୍ତୁଳିବେଲାରୀ ସାପ୍ତାହିକ ହାଟ ପରିସରରେ ଉଚ୍ଛେଦ ବେଳେ ଉତ୍ତେଜନା ଦେଖାଦେଇଛି। ପ୍ରଶାସନ ଏକପାଖିଆ ଭାବେ ପ୍ରଭାବଶାଳୀ ଲୋକଙ୍କ ଜବରଦଖଲକୁ ଅଣଦେଖା କରି ଗରିବ ପରିବାରଙ୍କ ପେଟପାଟଣା ଉପରେ ଲାତ ମାରିଥିବା ଅଭିଯୋଗ ହୋଇଛି। ଫଳରେ ଘର ଭଙ୍ଗା ହେବା ବେଳେ ଘରର ମହିଳାମାନେ ଜେସିବି ସାମ୍ନାରେ ଶୋଇ ରହି ଏହାର ପ୍ରତିବାଦ କରିଥିଲେ।

ହାଟ ପରିସର ଗ୍ରାମ୍ୟ ଜଙ୍ଗଲ ଜମିରେ ଆଲୋକ ପାଇଟାଲ ନାମକ ବ୍ୟକ୍ତି ଜବରଦଖଲ କରି ଏକ ଗୃହ ନିର୍ମାଣ କରିଥିଲେ। ସେଠାରେ ସେ ନିଜର ବ୍ୟବସାୟ କରୁଥିବା ନେଇ ଜିଲ୍ଲାପାଳଙ୍କ ଅଭିଯୋଗ ଶିବିରଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପର୍ଯ୍ୟନ୍ତ ଯାଇଥିଲା। ଫଳରେ ବାଲିକୁଦା ତହସିଲ ପକ୍ଷରୁ ଏହି ଗ୍ରାମ୍ୟ ଜଙ୍ଗଲ ଜମିରୁ ଜବର ଦଖଲ ହଟାଇ ଦେବାକୁ ବାରମ୍ବାର ଆଲୋକଙ୍କୁ ନୋଟିସ୍ କରାଯାଇଥିଲା। ତେବେ ଜବର ଦଖଲ ନ ଉଠାଇବା କାରଣରୁ ତହସିଲ ପକ୍ଷରୁ ଆଜି ପୁଲିସ ପ୍ରଶାସନ ସହାୟତାରେ ଜେସିବି ମେସିନ ଲଗାଇ ଉଚ୍ଛେଦ କରିଥିଲେ। ତେବେ ଏହି ଉଚ୍ଛେଦ ସମୟରେ ଆଲୋକର ସ୍ତ୍ରୀ, ଝିଅ, ବୋହୂ ଜେସିବି ମେସିନ ଆଗରେ ଶୋଇ ରହିଘର ଭାଙ୍ଗିବାରୁ ବିରତି ରହିବାକୁ ପ୍ରତିବାଦ କରିଥିଲେ। ହେଲେ ପୁଲିସ ଜବରଦସ୍ତ ଉଠାଇ ଦେବା ପରେ ଉଚ୍ଛେଦ ଆରମ୍ଭ ହୋଇଥିଲା। ଅଧା ଉଚ୍ଛେଦ ହୋଇଥିବା ସମୟରେ ଝିଅ ନିଜ ଶରୀରରେ ପେଟ୍ରୋଲ ଢାଳି ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ଫଳରେ ପୁଲିସ ପ୍ରଶାସନ ପକ୍ଷରୁ ଅଗ୍ନିଶମ କର୍ମଚାରୀଙ୍କ ଜରିଆରେ ପାଣି ଢାଳି ସୁରକ୍ଷିତ ଉଦ୍ଧାର କରିଥିଲେ। ପରେ ଆଲୋକଙ୍କ ପରିବାର ପକ୍ଷରୁ ଉଚ୍ଚ ନ୍ୟାୟାଳୟର ଏକ ନୋଟିସ୍ ତହସିଲ ପ୍ରଶାସନଙ୍କୁ ପ୍ରଦାନ କରିବା ପରେ ଉଚ୍ଛେଦ ପ୍ରକ୍ରିୟାକୁ ବନ୍ଦ ରଖିଥିଲେ ତହସିଲଦାର। ହାଟ ପରିସରରେ ଥିବା ୨୩ ଏକର ୫୦୦ ସରକାରୀ ଜମି ମଧ୍ୟରୁ ଅନେକ ମୁଷ୍ଟିମେୟ ଲୋକ ବେଆଇନ ଭାବେ ଶତାଧିକ କୋଠା ନିର୍ମାଣ କରି ଲାଭ ଉଠାଉଥିବା ବେଳେ ଆକ୍ରୋଶ ମୂଳକ ଭାବେ ତାଙ୍କ ପ୍ରତି ତହସିଲ ପ୍ରଶାସନ କଠୋର ପଦକ୍ଷେପ ନେଇ ପେଟରେ ଲାତ ମାରିଥିବା ଅଭିଯୋଗ କରିଛନ୍ତି। ଏପରିକି ଅଭିଯୋଗକାରୀ ସମସ୍ତ ଗ୍ରାମ୍ୟ ଜଙ୍ଗଲ ଜମିକୁ ବେଆଇନ ଭାବେ ଦଖଲ କରିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ଚାନ୍ଦା ମାଗିଥିବା ବ୍ୟକ୍ତିଙ୍କୁ ମୁଁ ଅର୍ଥ ପ୍ରଦାନ କରି ନଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି ବୋଲି ଅଭିଯୋଗ କରିଥିଲେ। ଏପରିକି ସେ ମଧ୍ୟ ଖାତା ନଂ ୮୮୭ ଓ ପ୍ଲଟ ନଂ ୯୨୫କୁ ଚିହ୍ନଟ କରି ସମସ୍ତ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରିବା ପାଇଁ ଆବେଦନ କରିଥିବା ପ୍ରକାଶ କରିଥିଲେ। ଅନ୍ୟମାନେ ପ୍ରଶାସନର ଗେହ୍ଲା ପୁଅ ଓ ମୁଁ କଣ ଶତ୍ରୁ ବୋଲି ମୋ ପ୍ରତି ଏଭଳି ପଦକ୍ଷେପ ନିଆଗଲା ବୋଲି ପ୍ରଶ୍ନ କରିଥିଲେ। ଏନେଇ ତହସିଲଦାର ବିକାଶ ରଞ୍ଜନ କହିଛନ୍ତି ଆମେ ଅଭିଯୋଗ ପାଇବା ପରେ ୩୦ ଦିନ ମଧ୍ୟରେ ଉଚ୍ଛେଦ ପାଇଁ ନୋଟିସ୍ କରିଥିଲୁ। ଆଜି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ହେଲେ ଅଧାରେ ଉଚ୍ଚ ନ୍ୟାୟାଳୟ ନୋଟିସ୍ ଆଧାରରେ ଆମେ ବ୍ରେକ ନେଇଥିଲୁ। ପରବର୍ତ୍ତୀ ନିର୍ଦ୍ଦେଶ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



## ଚର୍ଚ୍ଚିକା ମନ୍ଦିରରୁ ଅଳଙ୍କାର ଚୋରି

ଜଗତସିଂହପୁର,୨୮।୧୧(ସମିସ): ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ଚର୍ଚ୍ଚିକା ବଜାର ସ୍ଥିତ ମା' ଚର୍ଚ୍ଚିକା ମନ୍ଦିରରୁ ଗତକାଲି ରାତିରେ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ମା'ଙ୍କ ସୁନା ମୁକୁଟ, ଆଖି, ଟାଙ୍କା ସମେତ ବହୁ ସୁନା ଅଳଙ୍କାର ଚୋରି କରିଥିବା ଥାନାରେ ଅଭିଯୋଗ ହୋଇଛି। ଚୋରି ହୋଇଥିବା ସୁନା ଅଳଙ୍କାର ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି। ଘଟଣା ସମ୍ପର୍କରେ ଜଗତସିଂହପୁର ଥାନାରେ ଏତଲା ଦେବା ପରେ ପୁଲିସ ସନ୍ଧାନୀ କୁକୁର ସହ ତଦନ୍ତ ଆରମ୍ଭ କରିଛି। ମାତ୍ର କାହାରିକୁ ଗିରଫ କରାଯାଇନଥିବା ବେଳେ ଜଣେ ଯୁବକକୁ ଅଟକ ରଖି ପଚରାଉଚରା ଚାଲିଥିବା ଥାନା ସୂତ୍ରରୁ ସୂଚନା ମିଳିଛି। ଜଗତସିଂହପୁର ଥାନା ଠାରୁ ମାତ୍ର ୧ କିଲୋମିଟର ଦୂରରେ ଥିବା ଚର୍ଚ୍ଚିକା ମନ୍ଦିରରୁ ଚୋରି ଘଟଣା ପୁଲିସର ପାରିବାପଣିଆ ପ୍ରତି ପ୍ରଶ୍ନ ଉଠାଇଛି। ପୁଲିସର ସଠିକ ନାଇଟ୍ ପାଟ୍ରୋଲିଂ କରିନଥିବାରୁ ଏହିଭଳି ଭାବେ ଚୋରି ହୋଇଥିବା ସାଧାରଣରେ ଅଭିଯୋଗ କରାଯାଇଛି।

## ଠିକାଦାର ସଂଘର କର୍ମକର୍ତ୍ତା ଚୟନ

ନାଉଗାଁ,୨୮।୧୧(ସମିସ): ଜିଲ୍ଲାସ୍ତରରେ ଠିକାଦାର ମହାସଙ୍ଘ ସାଧାରଣ ପରିଷଦର ବୈଠକ ପରେ ବିଭିନ୍ନ ବ୍ଲକରେ ଆରମ୍ଭ ହୋଇଛି ସାଧାରଣ ପରିଷଦ ବୈଠକ ଓ କର୍ମକର୍ତ୍ତା ଚୟନ। ଆଜି ନାଉଗାଁ ବ୍ଲକ ଠିକାଦାର ମହାସଙ୍ଘର ସାଧାରଣ ପରିଷଦ ବୈଠକ ଓ କର୍ମକର୍ତ୍ତା ଚୟନ ଶିଖରଘାଟ ଚିଙ୍ଗୁଡ଼ିଆ ତୋଟା ନିକଟରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଘର ସଭାପତି ରୂପେ ପବିତ୍ର ମୋହନ ନାୟକଙ୍କ ନାମ ଚୟନ କରାଯାଇଥିଲା। ସେହିପରି ଉପସଭାପତି ରୂପେ ଅମରେଶ୍ୱର ଦାସ, ସମ୍ପାଦକ ରୂପେ ଦେବୀ ପ୍ରସାଦ ଲେଙ୍କା ଓ କ୍ୟାସିୟରେ ରୂପେ ଦେବ ମୁଦୁଲିଙ୍କ ନାମକୁ ଚୟନ କରାଯାଇଥିଲା।

ବାଲିକୁଦା: ବାଲିକୁଦା ବ୍ଲକ ଠିକାଦାର ସଂଘ ପକ୍ଷରୁ ଆମ୍ବଶାଳ ସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଠିକାଦାର ମହାସଂଘ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଭାଗୀରଥି ସାହୁଙ୍କ ସଭାପତିତ୍ୱ ର ଅନୁଷ୍ଠିତ ସଭାରେ ଜିଲ୍ଲା ମହାସଂଘ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଅରବିନ୍ଦ ହୋତା, ବାହୁବଳେନ୍ଦ୍ର ମଲ୍ଲିକ, ବିଜୟ ସାମଲ, ଦେବୀ ପ୍ରସାଦ ତ୍ରିପାଠୀଙ୍କ ସମେତ ବାଲିକୁଦା ବ୍ଲକର ସମସ୍ତ ଠିକାଦାର ଯୋଗ ଦେଇଥିଲେ। ଏହି ଅବସରରେ ବାଲିକୁଦା ବ୍ଲକ ଶାଖାର ନୂତନ ଠିକାଦାର ସଂଘ କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ସ୍ମୃତିରଞ୍ଜନ ସ୍ୱାଇଁ, ଉପସଭାପତି କେଦାର ଦାସ, ସମ୍ପାଦକ ରଞ୍ଜନ କୁମାର ବିଶ୍ୱାଳ, କୋଷାଧକ୍ଷ ଭାବେ ସମୀର ଦାସ, ଉପଦେଷ୍ଟା ଭାବେ ପଦ୍ମନାଭ ସ୍ୱାଇଁ, ସୁଧାଂଶୁ ବେହେରା, ରଞ୍ଜନ କୁମାର ମହାନ୍ତି, ଆଲୋକ ରଞ୍ଜନ ବିଶ୍ୱାଳ, ଚିନ୍ମୟ ପଟ୍ଟନାୟକ, ନିରଞ୍ଜନ ଭୋଳ, ଆଦର୍ଶ କୁମାର ସ୍ୱାଇଁ ପ୍ରମୁଖ ଚୟନ ହୋଇଥିଲେ।

## ଜିଲ୍ଲା ଅଦାଲତରେ ସମ୍ବିଧାନ ଦିବସ

ଜଗତସିଂହପୁର,୨୮।୧୧(ସମିସ): ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣର ତରଫରୁ ଜିଲ୍ଲା ଅଦାଲତର ସମ୍ମିଳନୀ ସଭାଗୃହରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ଓ ଦୌରାଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସଚିବ ବିଡିଡି ଚନ୍ଦନା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଫାଷ୍ଟଟ୍ରାକ ଅଦାଲତର ଅତିରିକ୍ତ ଜିଲ୍ଲା ଜଜଏସ୍ ଏକେ ଜେଡ୍ ଯାହିରା ଅହମଦ, ପକ୍ସୋ ଅଦାଲତର ଅତିରିକ୍ତ ଜିଲ୍ଲାଜଜ ଗାର୍ଗୀ ପଟ୍ଟନାୟକ, ଜିଲ୍ଲା ଓକିଲ ସଂଘ ସମ୍ପାଦକ ପ୍ରସନ୍ନ ମହାନ୍ତି, ସରକାରୀ ଓକିଲ ସଲିଲ ଘୋଷ, ମୁଖ୍ୟ ଆଇନ ସହାୟତା ପ୍ରତିରକ୍ଷା ଓକିଲ ଓଜସ୍ୱିତୀ ମହାନ୍ତି, ମୁଖ୍ୟ ବିଚାର ବିଭାଗୀୟ ଅଧିକାରୀ ନୀଳିମା ପଣ୍ଡା, ମହିଳା ଅଦାଲତ ବିଚାରପତି ସ୍ୱପ୍ନାଶ୍ରୀ ନାୟକ, ପ୍ରାଧିକରଣ ସଚିବ ବିଡିଡି ଚନ୍ଦନା, ଏସ୍‌ଡିଜେଏମ୍ ପ୍ରତ୍ୟୁଷ କୁମାର ଚାନ୍ଦ, ପରୀକ୍ଷାନିବିଶ ଅଧିକାରୀ ଶ୍ରୀୟଙ୍କ ଦାଶ, ଆଇନଜୀବୀ ଏବଂ ଅଦାଲତର କର୍ମଚାରୀମାନେ ଉପସ୍ଥିତ ଥିଲେ। ଅତିଥିମାନେ ମୌଳିକ କର୍ତ୍ତବ୍ୟ, ଦାୟିତ୍ୱ, ସାମ୍ବିଧାନିକ ସଭା, ସାମାଜିକ ସୁରକ୍ଷା, ସାମାଜିକ ଗୁରୁତ୍ୱ, ସାମାଜିକ ନ୍ୟାୟ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସରକାରୀ ଓକିଲ ଶ୍ରୀ ଘୋଷ ଭାରତୀୟ ସମ୍ବିଧାନର ମୌଳିକ ଗଠନ, ସମ୍ବିଧାନର ଧାରା ୨୨୬, ୨୨୭ ଏବଂ ୩୨ ସମ୍ପର୍କରେ ଆଲୋକପାତ କରିଥିଲେ।

## ମା'ମଙ୍ଗଳାଙ୍କ ଯଜ୍ଞମଣ୍ଡପ ଶୁଭାରମ୍ଭ



ବିରିଡ଼ି,୨୮।୧୧(ସମିସ): ବିରିଡ଼ି ବ୍ଲକ ଉତ୍ତରଶାସନ, ଦକ୍ଷିଣୀ ସାହି, ମା'ମଙ୍ଗଳାଙ୍କ ନୂତନ ଯଜ୍ଞମଣ୍ଡପର ଶୁଭାରମ୍ଭ କରାଯାଉଛି। ଏଥିରେ ଗ୍ରାମ ମଙ୍ଗଳା କମିଟିର ସଭାପତି ଅଯୋଧ୍ୟାନାଥ ବେହେରା, ସମ୍ପାଦକ ଭାଗ୍ୟଧର ବେହେରା, ଗ୍ରାମର ବରିଷ୍ଠ ନାଗରିକ ମଥୁରା ମୋହନ ବେହେରା, ଜଗତସିହପୁର ସାଂସଦ ପ୍ରତିନିଧି ଗୀତାଞ୍ଜଳି ସାହୁ ଏବଂ ଗ୍ରାମର ସମସ୍ତ ଗ୍ରାମବାସୀ, ଅଶୋକ ଭୋଇ, ବସନ୍ତ କୁମାର ବେହେରା, ବିଦ୍ୟାଧର ବେହେରା, ଦୁର୍ଗାଚରଣ ସାହୁ, ଦୁଷ୍ମନ୍ତ କୁମାର ବେହେରା, ସୁଶାନ୍ତ କୁମାର ବେହେରା, ବଳରାମ ଭୋଇ, ଧାରଣୀଧର ବେହେରା, ମଧୁସୂଦନ ଭୋଇ, ବିଶ୍ୱନାଥ ଭୋଇ, ସରୋଜ ଭୋଇ, ଟିମ ଭୋଇ, ତ୍ରିଲୋଚନ ଭୋଇ, ଦୁର୍ଯ୍ୟୋଧନ ଭୋଇ, କାଳନ୍ଦୀ ଭୋଇ ଓ ରତନ ସେଠୀ, ରବୀନ୍ଦ୍ର ସେଠୀ ଉପସ୍ଥିତ ରହି, ଶୁଭ କାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ।

## ବ୍ୟବସାୟୀଙ୍କୁ ମାଡ଼ିବସିଲା ଅବକାରୀ ବିଭାଗ / ବାଇକ୍ ସହ ୪୮ ଗ୍ରାମ ବ୍ରାଉନସୁଗର ଜବତ

ଜଗତସିଂହପୁର/ବାଲିକୁଦା,୨୮।୧୧(ସମିସ): ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅନ୍ତର୍ଗତ ମାଛଗାଁ ନିକଟସ୍ଥ ଶୋଭାବଜାର ଠାରେ ଜଣେ ନିଶା ମାଫିଆଙ୍କୁ ଗିରଫ କରିଛି ବାଲିକୁଦା ଅବକାରୀ ଥାନା। ଯାଞ୍ଚ ପରେ ତାଙ୍କ ପାଖରୁ ୪୮ ଗ୍ରାମର ବ୍ରାଉନସୁଗର ଏବଂ ନିଶା ବେପାରରେ ବ୍ୟବହାର ହେଉଥିବା ରୟାଲ ଏନଫିଲ୍ଡ ମୋଟର ସାଇକଲ ଜବତ କରାଯାଇଛି। ଜଗନ୍ନାଥପୁର ଗ୍ରାମର ପ୍ରଫୁଲ କୁମାର ସ୍ୱାଇଁଙ୍କ ପୁଅ ପ୍ରବୀଣ କୁମାର ସ୍ୱାଇଁ ଦୀର୍ଘ ଦିନ ଧରି ଆଖପାଖ ଅଞ୍ଚଳରେ ନିଶାବେପାର କରୁଥିବା ବେଳେ ତାକୁ ଧରିବା ପାଇଁ ଅବକାରୀ ବିଭାଗ ବହୁବାର ଜାଲ ବିଛାଇଥିଲା। ଏକ ଗୁଇନ୍ଦା ସୂତ୍ରକୁ ଆଧାର କରି ତାଙ୍କୁ ଧରିବା ପାଇଁ ବାଲିକୁଦା ଅବକାରୀ ଥାନାର ସବଇନ୍ସପେକ୍ଟର ରବି ବେହେରାଙ୍କ ନେତୃତ୍ୱରେ ଜଗତସିଂହପୁର ଅବକାରୀ ରେଞ୍ଜ ଓ ଥାନାର ଷ୍ଟାଫମାନଙ୍କୁ ନେଇ ଏକ ଟିମ୍ ଗଠନ କରି ଶୋଭା ବଜାର ଠାରେ ଛଦ୍ମ ବେଶରେ ଜଗି ରହିଥିଲେ। ଗ୍ରାହକଙ୍କୁ ଯୋଗାଣ ଉଦ୍ଦେଶ୍ୟରେ ଅଭିଯୁକ୍ତ ଜଣକ ବ୍ରାଉନସୁଗର ଆଣି ଶୋଭାବଜାରରେ ପହଞ୍ଚିବା କ୍ଷଣି ପୂର୍ବରୁ ଛକି ରହିଥିବା ଅବକାରୀ ବିଭାଗର କର୍ମଚାରୀମାନେ ତାଙ୍କୁ କାବୁ କରିନେଇଥିଲେ। ଯାଞ୍ଚ ପରେ ତାଙ୍କ ନିକଟରୁ ୪୮ ଗ୍ରାମର ବ୍ରାଉନସୁଗର ଜବତ କରାଯାଇଥିଲା ଯାହାର ଆନୁମାନିକ କଳାବଜାରୀ ମୂଲ୍ୟ ୪ଲକ୍ଷ ୮୦ ହଜାର ଟଙ୍କା ହେବାର ଶ୍ରୀ ବେହେରା ଗଣମାଧ୍ୟମ କୁ କହିଛନ୍ତି। ଅଭିଯୁକ୍ତଙ୍କ ବିରୁଦ୍ଧରେ ଏନ୍‌ଡିପିଏସ୍ ଆକ୍ଟ ୧୯୮୫ ଅନୁସାରେ ମାମଲା ରୁଜୁ କରାଯାଇ ଜିଲ୍ଲା ଦୌରାଜଜ ଜଗତସିଂହପୁରଙ୍କ ନିକଟରେ ହାଜର କରାଯାଇଥିବା ବେଳେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ତାକୁ ୧୪ଦିନିଆ ବିଚାର ବିଭାଗୀୟ ହାଜତ୍‌କୁ ପଠାଯାଇଛି। ଏହି ଅଭିଯାନରେ କନଷ୍ଟେବଳ ଦୀନବନ୍ଧୁ ସେଠୀ, ଶୁଭଶ୍ରୀ ବିଶ୍ୱାଳ, ଜୟଦେବ ପାତ୍ର ପ୍ରମୁଖ ସାମିଲ ଥିଲେ। ଜଗତସିଂହପୁର ଅଞ୍ଚଳରେ ବ୍ରାଉନସୁଗର ବ୍ୟବସାୟକୁ ଦମନ କରିବାକୁ ସ୍ୱତନ୍ତ୍ର ଅପରେସନ୍ ଚାଲିଥିବା ପ୍ରକାଶ କରିଛନ୍ତି ଜଗତସିଂହପୁର ଅବକାରୀ ଅଧିକ୍ଷିକା ଅନିତା ପ୍ରଧାନ।



## ଡିଜିଟାଲ ଓଜନ ଯନ୍ତ୍ର ବ୍ୟବସାୟ ପ୍ରତିଷ୍ଠାନ ଉଦ୍‌ଘାଟିତ

ଜଗତସିଂହପୁର,୨୭।୧୧(ସମିସ): ଜଗତସିଂହପୁର ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଉପଭୋକ୍ତା ସୁରକ୍ଷା ଅଧିକାରୀ ଜ୍ୟୋତିଶଙ୍କର ରାୟଙ୍କ ଦ୍ୱାରା ସରକାରଙ୍କ ବୈଧ ମାପ ବିଜ୍ଞାନ ବିଭାଗ ସ୍ୱୀକୃତିପ୍ରାପ୍ତ ଡିଜିଟାଲ ଓଜନ ଯନ୍ତ୍ର ବ୍ୟବସାୟ ପ୍ରତିଷ୍ଠାନ (ଏକ୍ସଲେଣ୍ଟ ଓଏଟ ଆଣ୍ଡ ମେଜର ସର୍ଭିସେସ) ମକୁନ୍ଦପୁର ସୁବର୍ଣ୍ଣବରାହୀ ମନ୍ଦିର ନିକଟରେ ଉଦଘାଟିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ସାମାଜିକ କର୍ମୀ ନିରଞ୍ଜନ କରିକ, ରାଜ୍ୟ ଅଭିଭାବକ ମହାସଂଘ ଉପସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସର୍ବୋଦୟ କର୍ମୀ ରବି ମହାନ୍ତି, ବରିଷ୍ଠ ନାଗରିକ ଶରତ ଓଝା, ରମେଶ ରାଉତ, ବିଜୟ ସ୍ୱାଇଁ, ସୁବାସ ବାରିକ, ଆଇନଜୀବୀ ଶକ୍ତିଧର ମିଶ୍ର, ବରିଷ୍ଠ ଆଇନଜୀବୀ ମାନସ ସ୍ୱାଇଁ, ସମାଜ ବିକାଶ ମିଶନର ପ୍ରତିଷ୍ଠାତା ସରିତ ମହାପାତ୍ର, ଗୋପାଳ ଓଝା, ଏରସମା ନାଗରିକ ମଞ୍ଚର ଉମେଶ ଖଟୁଆ ଓ ଅଶୋକ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଏଠାରେ ସମସ୍ତ ପ୍ରକାରର ଡିଜିଟାଲ ଓଜନ ଯନ୍ତ୍ର, ନିକିତି ଓ ବଟକରା ଉପଲବ୍ଧ ହେବ। ବରିଷ୍ଠ ଉପଭୋକ୍ତା କର୍ମୀ ଗୋବିନ୍ଦ ଓଝା ଧନ୍ୟବାଦ ଅର୍ପଣ କରିଥିଲେ।

## ବୋରିକିନା ହାଇସ୍କୁଲ ଛାତ୍ରଙ୍କ ପରିବାରକୁ ସହାୟତା

ବାଲିକୁଦା,୨୮।୧୧(ସମିସ): ବାଲିକୁଦା ବ୍ଲକ ବୋରିକିନା ହାଇସ୍କୁଲର ୧୯୯୫ ମସିହା ବ୍ୟାଚର ପୁରାତନ ଛାତ୍ର ରବୀନ୍ଦ୍ର ସ୍ୱାଇଁ (୪୩)ଙ୍କ ଅକାଳ ବିୟୋଗରେ ସେହି ବ୍ୟାଚର ପୁରାତନ ଛାତ୍ରଛାତ୍ରୀ ଗଭୀର ଶୋକ ପ୍ରକାଶ କରି ତାଙ୍କ ଏକାଦଶାହରେ ରାମତୋଳ ସ୍ଥିତ ବାସଭବନରେ ପହଞ୍ଚି ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ତାଙ୍କ ଧର୍ମପତ୍ନୀଙ୍କୁ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହି ବ୍ୟାଚର ସମସ୍ତ ପୁରାତନ ଛାତ୍ରଛାତ୍ରୀ ଶ୍ରୀ ସ୍ୱାଇଁଙ୍କ ପରିବାରକୁ ଗଭୀର ସମବେଦନା ପ୍ରକାଶ କରି ଆଗାମୀ ଦିନରେ ସମସ୍ତ ସାହାଯ୍ୟ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି। ଏଥିରେ ଶୁଭ୍ରେନ ରାୟ, ବାସୁଦେବ ମହାନ୍ତି, ଉଲ୍ଲାସ କୁମାର ସେଠୀ, ମନୋଜ ମହାରଣା, ନିରଞ୍ଜନ ସ୍ୱାଇଁ, ସରପଞ୍ଚଙ୍କ ପ୍ରତିନିଧି ସୁଶାନ୍ତ କୁମାର ନାୟକ, ସୁଦାମ ଚରଣ ଭୋଳ, ମନୋଜ ମୁଦୁଲି, ପ୍ରତାପ ନାୟକ, ଅଭିମନ୍ୟୁ ସାହୁ, ଭୋଳାନାଥ ବାରିକ, ନରେନ୍ଦ୍ର ପାଢ଼ୀ, ଦୀପକ ବରାଳ ପ୍ରମୁଖ ଉପସ୍ଥିତ ରହି ସାହାଯ୍ୟ କରିଥିଲେ।

## ସିଦ୍ଧବାରଙ୍ଗ ପୀଠରେ ଆଧ୍ୟାତ୍ମିକ ଆଲୋଚନା ଚକ୍ର

ଜଗତସିଂହପୁର,୨୮।୧୧(ସମିସ): ଜଗତସିଂହପୁର ସଦର ବ୍ଲକ୍ ଅନ୍ତର୍ଗତ ପୂର୍ଣ୍ଣଗ୍ରାମ ସ୍ଥିତ ସିଦ୍ଧବାରଙ୍ଗ ପୀଠରେ ଅନୁଷ୍ଠିତ ଆଧ୍ୟାତ୍ମିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସିଦ୍ଧବାରଙ୍ଗ ପୀଠର ସାଂସ୍କୃତିକ ପରିଷଦର ସଭାପତି ପ୍ରଭାକର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରରେ ସମ୍ପାଦକ ଶରତ ଚନ୍ଦ୍ର ମହାପାତ୍ର, ସିଦ୍ଧବାରଙ୍ଗ ପୀଠ, ବାରଙ୍ଗ ଗୋସେଇଁ ଓ ବସନ୍ତ ଦାସ ଶୀର୍ଷକ ଆଲୋଚନାଚକ୍ରର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ବସନ୍ତ କୁମାର ଦାଶ, ସାରସ୍ୱତ ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ସ୍ୱାଇଁ, ଶିକ୍ଷୟିତ୍ରୀ ପ୍ରଣତି ରାଉତ, ମନୋରମା ଦାସ, ଶିକ୍ଷାବିତ୍ ଈଶ୍ୱରଚନ୍ଦ୍ର ନନ୍ଦ, ଅନିତା କୁମାରୀ ମିଶ୍ର, ସେବକ ଧୀରେନ୍ଦ୍ରନାଥ ଖୁଣ୍ଟିଆ, ରବି ନାରାୟଣ ଦାଶ, ନବଘନ ଦାଶ, ପ୍ରଣତି ରାଉତ, ସାଉଟି ଚରଣ ସ୍ୱାଇଁ, ଗଙ୍ଗାଧର ମହାନ୍ତି, ଲକ୍ଷ୍ମୀଧର ପାତ୍ର, ମଙ୍ଗୁ ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଇନଜୀବୀ ମୂରଲୀଧର ଦାସ ଧନ୍ୟବାଦ ଦେଇଥିଲେ।

## କୈଳାସ ସ୍ୱାଇଁଙ୍କୁ ରବି ରାୟ ସମାଜସେବା ସମ୍ମାନ



କୁଜଙ୍ଗ,୨୮।୧୧(ସମିସ): କୁଜଙ୍ଗ ବ୍ଲକ୍ ପଣ୍ଡୁଆ ପଞ୍ଚାୟତ ମୁଣ୍ଡିଦା ଗ୍ରାମର ପୁରାତନ ସାହିତ୍ୟ ଓ ସାମାଜିକ ଅନୁଷ୍ଠାନ ବାଲିଘର ସାହିତ୍ୟ ସଂସ୍କୃତି ପ୍ରତିଷ୍ଠାନ ଓ ବାଲିଘର ଫାଉଣ୍ଡେସନର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ସ୍ୱାଇଁଙ୍କୁ ସାହିତ୍ୟ, ସଂସ୍କୃତି, ପରିବେଶ ସୁରକ୍ଷା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରବି ରାୟ ସମାଜସେବା ସମ୍ମାନ ପ୍ରଦାନ କରାଯାଇଛି। କୋଣାର୍କ ଯାତ୍ରୀ ନିବାସରେ ଓଡ଼ିଶା ସାହିତ୍ୟ ଏକଡେମୀ ଓ ରବି ରାୟ ସ୍ମୃତି ସଂସଦ ମିଳିତ ସହଯୋଗରେ ଆୟୋଜିତ ରବି ରାୟଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ ସଭାରେ ମୁଖ୍ୟଅତିଥି ପଦ୍ମଶ୍ରୀ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ, ସମ୍ମାନିତ ଅତିଥି ପୂର୍ବତନ ମନ୍ତ୍ରୀ ଶଶୀଭୂଷଣ ବେହେରା, ଡ. ସୁଲୋଚନା ଦାସ, ଶିକ୍ଷାବିତ୍ କ୍ଷୀରୋଦ ରାୟମହାପାତ୍ର ଓ ଅନୁଷ୍ଠାନର ସଭାପତି ସମାଜସେବୀ ଅଭିମନ୍ୟୁ ନାୟକ ଓ ସମ୍ପାଦକ ଡ. ଭଗବାନ ସାହୁ ଯୋଗଦେଇ ଶ୍ରୀ ସ୍ୱାଇଁଙ୍କୁ ସମ୍ମାନିତ କରିଥିଲେ। ଉତ୍କଳ ସମ୍ମିଳନୀ ସଭାପତି ପ୍ରଫେସର ଅଦ୍ୱୈତ ପାତ୍ର, ଗାଳ୍ପିକ ଅଜୟ ବେହେରା, କବି ପୀତାମ୍ବର ତରାଇ, ନାଟ୍ୟକାର ଡ. ରଘୁ ସାହୁ, କବି ନାରାୟଣ ନାୟକ, ପୂର୍ବତନ ସରପଞ୍ଚ ବିଜୟ ଖଟେଇ ଓ ରବୀନ୍ଦ୍ର ମହାପାତ୍ର ପ୍ରମୁଖ ଶ୍ରୀ ସ୍ୱାଇଁଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ସୁରବାଳା ହାଇସ୍କୁଲ୍‌ରେ ନୂତନ ପରିଚାଳନା କମିଟି



କୁଜଙ୍ଗ,୨୮।୧୧(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ବାଉଳାଙ୍ଗ ସ୍ଥିତ ସୁରବାଳା ଉଚ୍ଚ ବିଦ୍ୟାଳୟର ନୂତନ ପରିଚାଳନା କମିଟି ଏକ ବୈଠକ ସହ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଗୌରାଙ୍ଗ ଚରଣ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଶିଳ୍ପମନ୍ତ୍ରୀଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ବେହେରା ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ଏହି ଅବସରରେ ନବଗଠିତ ପରିଚାଳନା କମିଟି ସଭାପତି ରୂପେ ବିଧାୟକଙ୍କ ପ୍ରତିନିଧି ସୁକାନ୍ତ ନାୟକଙ୍କ ନାମ ଘୋଷଣା କରାଯାଇଥିଲା। ଏହି ସଭାରେ କମିଟି ସଦସ୍ୟ ଶିକ୍ଷାବିତ୍ ପ୍ରମୋଦ କୁମାର ମହାନ୍ତି, ଶିକ୍ଷାବିତ ବାବାଜୀ ଚରଣ ବିଶ୍ୱାଳ, ସବିତା ସ୍ୱାଇଁ, ଅନ୍ନପୂର୍ଣ୍ଣା ସାହୁ ଓ ଉତ୍ତମ ମଲ୍ଲିକ ପ୍ରମୁଖ ନିଜର ମତାମତ ଦେବା ସହ ଶପଥ ପାଠ କରିଥିଲେ। ଶିକ୍ଷକ ପ୍ରତିନିଧି ପ୍ରଦୀପ କୁମାର ସ୍ୱାଇଁ ଧନ୍ୟବାଦ୍ ଦେଇଥିବା ବେଳେ ସମାଜସେବୀ ତପନ କୁମାର ତ୍ରିପାଠୀ, ଅମିୟ କୁମାର ଦାଶ (ବାପି), ପ୍ରାକ୍ତନ ପ୍ରଧାନ ଶିକ୍ଷକ କେଶବ ଚରଣ ଦାଶ, ବଶିଷ୍ଠ ଶିକ୍ଷକ ନୃସିଂହ ଚରଣ ବାହଲିଆ, ଅତିଥି ଶିକ୍ଷକ ଝରେନ୍ଦ୍ର କୁମାର ପ୍ରଧାନ, ଗାଁ ମୁରବୀ ସଚ୍ଚିଦାନନ୍ଦ ତ୍ରିପାଠୀ ପ୍ରମୁଖ ଯୋଗ ଦେଇ ବିଦ୍ୟାଳୟର ଉନ୍ନତି ପାଇଁ ନିଜର ସେବା କାର୍ଯ୍ୟ ସହ ମତାମତ ଦେଇ ଥିଲେ।

## ତ୍ରିନାଥ ମନ୍ଦିରର ନବକଳେବର



ବାଲିକୁଦା,୨୮।୧୧(ସମିସ): ବାଲିକୁଦା ବ୍ଲକ ଅପଣ୍ଡରା ପଞ୍ଚାୟତ ପୋଦରୁଆଁ ଗ୍ରାମରେ ଥିବା ବହୁ ପୁରାତନ ତ୍ରିନାଥ ମନ୍ଦିରର ନବକଳେବର ହେବା ସହ ନୂତନ ମନ୍ଦିର ପ୍ରତିଷ୍ଠା ଲାଗି ଗ୍ରାମବାସୀଙ୍କ ପକ୍ଷରୁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶତାଧିକ ମହିଳା କଳସ ଯାତ୍ରାରେ ସାମିଲ ହେବା ସହ ଦେବୀ ନଦୀରୁ ଜଳ ଆଣି ଗ୍ରାମରେ ଥିବା ଘୋଡ଼କା ମଠ, ଉତ୍ତରେଶ୍ୱର ମହାଦେବ ଓ ମାତା ପାର୍ବତୀଙ୍କ ପୀଠ ଭ୍ରମଣ କରି କଳସ ଆଣି ନୂତନ ମନ୍ଦିର ପରିସରରେ ରଖିଥିଲେ। ପୂଜକ ଭାବେ ପଙ୍କଜ କୁମାର ଦାଶ, ଦିବାକର ଶତପଥୀ, ପ୍ରିୟବ୍ରତ ଶତପଥୀ, ପାର୍ଥ ସିଦ୍ଧାର୍ଥ ଦାଶ, ବୀର ପ୍ରତୀକ ଶତପଥୀ ପ୍ରମୁଖ ଏହି କଳସ ଯାତ୍ରାରେ ପୂଜାର୍ଚ୍ଚନା କରିଥିଲେ। ୩ ଦିନ ଧରି ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ୨୯ ନଭେମ୍ବରରେ ନୂତନ ପ୍ରତିମାଙ୍କ ଗ୍ରାମ୍ୟ ପରିକ୍ରମା, ବିଗ୍ରହ ପ୍ରତିଷ୍ଠା, ଜୀବନ୍ୟାସ, ଯଜ୍ଞ ଓ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ରହିଛି। ଅନ୍ତିମ ଦିନରେ କଣ୍ଠଶିଳ୍ପୀ ଶୈଳଭାମା ମହାପାତ୍ର ଓ ଟିମ୍‌ଙ୍କ ଦ୍ୱାରା ଭଜନ କାର୍ଯ୍ୟକ୍ରମ ସହ ୩ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବ। କର୍ତ୍ତା ଝରି ମହାରଣା ଓ କର୍ତ୍ତୀ ଭାବେ ତାଙ୍କ ପତ୍ନୀ ଦାୟିତ୍ୱ ନିର୍ବାହ କରୁଛନ୍ତି।

## ଜଗତସିଂହପୁର ଜିଲ୍ଲାରେ ସକ୍ରିୟ ମାଫିଆ / ଚଢ଼ଉ ସତ୍ତ୍ୱେ ବଢ଼ି ଚାଲିଛି ବାଲି ଚୋରାଚାଲାଣ

ଜଗତସିଂହପୁର,୨୮।୧୧(ସମିସ)



ଜଗତସିଂହପୁର ଜିଲ୍ଲାର କୁଜଙ୍ଗ, ତିର୍ତ୍ତୋଲ, ବିରିଡ଼ି, ନାଉଗାଁ, ରଘୁନାଥପୁର ଏବଂ ଜଗତସିଂହପୁର ତହସିଲ ଅଞ୍ଚଳରେ ଥିବା ବାଲିଘାଟରୁ ନିୟମିତ ଭାବେ ବାଲି ଚୋରାଚାଲାଣ ହେଉଥିବା ବେଳେ ଜିଲ୍ଲା ଖଣି ବିଭାଗ ଏବଂ ପୁଲିସ ତରଫରୁ ଚଢ଼ଉ ଜାରି ରହିଛି। ଚଳିତମାସ ୧ ତାରିଖ ଠାରୁ ୨୭ ତାରିଖ ପର୍ଯ୍ୟନ୍ତ ସମଗ୍ର ଜିଲ୍ଲାରେ ୧୦ରୁ ଊର୍ଦ୍ଧ୍ୱ ଚୋରାଚାଲାଣ ହେଉଥିବା ବାଲିଭର୍ତ୍ତି ହାଇୱା ଏବଂ ଗୋଟିଏ ବୋଟ୍ ଜବତ ହୋଇଥିବା ବେଳେ ପୁଲିସ ଏବଂ ଖଣି ବିଭାଗର ମିଳିତ ଚଢ଼ଉରେ ୯ଟି ହାଇୱା ଓ ଟ୍ରାକ୍ଟର ଜବତ ହୋଇଥିବା ଜିଲ୍ଲା ଖଣି ଅଧିକାରୀ ସତୀଶ ତରାଇ ସୂଚନା ଦେଇଛନ୍ତି। ତେବେ ଜିଲ୍ଲା ଇତିହାସରେ ସବୁଠାରୁ ବଡ଼ ଚଢ଼ାଉ ହୋଇଛି ତିର୍ତ୍ତୋଲ ତହସିଲ ଅନ୍ତର୍ଗତ କିଳିପାଳ ବାଲିଘାଟରେ। ଗତ ୨୫ ତାରିଖ ବିଳମ୍ବିତ ରାତିରେ କିଳିପାଳ ବାଲିଘାଟରେ ଚଢ଼ଉ କରି ୪୬ଟି ହାଇୱା ଏବଂ ୩ଟି ଜେସିବି ମେସିନ ଜବତ କରିଛି ପୁଲିସ। ସେହିପରି ଜଣେ ମେକାନିକ ଏବଂ ୫ ଜଣ ହାଇୱା ଡ୍ରାଇଭରକୁ ମଧ୍ୟ ଅଟକ ରଖି ତଦନ୍ତ ଆରମ୍ଭ କରିଥିଲା ପୁଲିସ। କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ ନାୟକଙ୍କ ନେତୃତ୍ୱରେ ଜଗତସିଂହପୁର ଜିଲ୍ଲାପାଳ ଜେ.ସୋନାଲ ଏବଂ ଏସ୍‌ପି ଅଙ୍କିତ କୁମାର ବର୍ମା ପୁଲିସ ଟିମ୍ ସହିତ କିଳିପାଳ ବାଲିଘାଟରେ ଚଢ଼ଉ କରିଥିଲେ। ଏବେ ଜବତ ଗାଡ଼ିଗୁଡିକର ମାଲିକ ଏବଂ ଏହି ବାଲି ଚୋରାଚାଲାଣ ପଛରେ କାହାର ହାତ ରହିଛି ସେ ସଂପର୍କରେ ତଦନ୍ତ ଚାଲିଥିବା ତିର୍ତ୍ତୋଲ ଆଇଆଇସି ସୂଚନା ଦେଇଛନ୍ତି। ପୁଲିସ ତରଫରୁ ଅଧିକ ସୂଚନା ମିଳୁନଥିବା ବେଳେ ସମଗ୍ର ଜିଲ୍ଲାରେ ବାଲିମାଫିଆ ସକ୍ରିୟ ଥିବା ବାଲିମାଫିଆଙ୍କ ପଛରେ ରାଜନେତା ମାନଙ୍କର ହାତଥିବା ଅଭିଯୋଗ କରାଯାଇଛି। ଚଢ଼ଉ ଏବଂ ଧରପଗଡ଼ ଜାରି ରହିଥିଲେ ମଧ୍ୟ ଖାସ ଏହି କାରଣରୁ ବାଲି ଚୋରାଚାଲାଣ ଉପରେ ରୋକ ଲାଗି ପାରୁନାହିଁ। ବିଶେଷକରି ବାଲି ମାଫିଆ ମାନଙ୍କ ପଛରେ ଶାସକ ଦଳ ନେତାମାନଙ୍କ ହାତ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସାଧାରଣରେ ଅଭିଯୋଗ କରାଯାଇଛି। ଅତୀତରେ ଟ୍ରାଞ୍ଜିଟ୍ ପାସ୍ ନଥିବା ଚୋରା ବାଲିଗାଡି ଜବତ କରି ତିର୍ତ୍ତୋଲ ଥାନାର ଦୁଇଜଣ ଥାନା ଅଧିକାରୀ ରାତିଅଧିଆ ବଦଳି ହେବା ଏହାର ବଳିଷ୍ଠ ପ୍ରମାଣ ବୋଲି କୁହାଯାଉଛି। ସେପଟେ ଗତ ୨୦୨୩ ମସିହା ଡିସେମ୍ବର ମାସରେ ଜଗତସିଂହପୁର ଜିଲ୍ଲାରେ ଖଣି ବିଭାଗର କାର୍ଯ୍ୟାଳୟ ଖୋଲିଥିଲେ ମଧ୍ୟ ଏଠାରେ କେବଳ ଜଣେ ଖଣି ଅଧିକାରୀଙ୍କୁ ନିଯୁକ୍ତି ମିଳିଛି। ଏଠାରେ ଜଣେ ସହକାରୀ ଖଣି ଅଧିକାରୀ, ଜଣେ କନିଷ୍ଠ ଖଣି ଅଧିକାରୀ ଏବଂ ଜଣେ କନିଷ୍ଠ ସହାୟକ ପଦବୀ ରହିଥିଲେ ମଧ୍ୟ ଅଦ୍ୟାବଧି ଏସବୁ ପଦବୀ ପୂରଣ ହୋଇନାହିଁ। ଯାହାଦ୍ୱାରା ଜଣେ ଖଣି ଅଧିକାରୀ ହିଁ ସମସ୍ତ ଦାୟିତ୍ୱ ତୁଲାଇବାକୁ ବାଧ ହେଉଛନ୍ତି। ସେହିପରି ବିଗତ ଦିନରେ ବାଲି ଚୋରାଚାଲାଣକୁ ନେଇ ନାଉଗାଁ,ତିର୍ତ୍ତୋଲ ଏବଂ ବିରିଡି ଅଞ୍ଚଳରେ ହାତାହାତି ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଛି। କିଛିମାସ ତଳେ ବିରିଡି ତହସିଲ ଅଞ୍ଚଳରୁ ବାହାର ରାଜ୍ୟକୁ ଚୋରାଚାଲାଣ ହେଉଥିବା ଏକାଧିକ ଟ୍ରକ୍ ପୋଲିସ ଜବତ କରିଥିଲା।

## ଜୟପୁରରେ ଶ୍ରୀୟା ଚଣ୍ଡାଲୁଣୀ ମଞ୍ଚସ୍ଥ



ବୀରମହାରାଜପୁର,୨୮ ।୧୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ୍ କାଦୋଦର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଜୟପୁର ଗ୍ରାମରେ ମାଣବସା ଗୁରୁବାର ଉପଲକ୍ଷେ ଗୁରୁବାର ୧୮ ତମ ଶ୍ରୀୟା ଚାଣ୍ଡାଲୁଣୀ ମା' ମହାଲକ୍ଷ୍ମୀଙ୍କ ନାଟକ ମଞ୍ଚସ୍ଥ ହୋଇଯାଇଛି । ମା' ନାରାୟଣୀ ନାଟ୍ୟ କଳାପରିଷଦ ଜୟପୁରର କଳାକାରମାନଙ୍କୁ ନେଇ ପରିବେଷଣ ହୋଇଥିଲା ଏହି ନାଟକ । ଏଥିରେ ଲକ୍ଷ୍ମୀ ଭୂମିକାବରେ ରବୀନ୍ଦ୍ର ଡାଙ୍ଗ, ବଳରାମ ଭୂମିକାରେ ଭୀମସେନ ମେହେର, ଜଗନ୍ନାଥ ଭୂମିକାରେ ନକୁଳ ମେହେର, ଭୃଗୁ ଭୂମିକାରେ ଉଦୟ ନାଥ ପଧାନ, ନାରଦ ଭୂମିକାରେ ବସୁଦେବ କର୍ଣ୍ଣ, ଶ୍ରୀୟା ଚାଣ୍ଡାଲୁଣୀ ଭୂମିକାରେ ବିଧୁଭୂଷଣ ନାଏକ, ବିଷ୍ଣୁ ଭୂମିକାରେ ଗୁପ୍ତେଶ୍ୱର କର୍ଣ୍ଣ, ପରାଶର ଭୂମିକାରେ କୀର୍ତ୍ତନ୍ୟଭୁକ୍ତା ଅଭିନୟ କରିଥିଲେ । ନାଟକଟିକୁ ରଚନା ଓ ନିର୍ଦ୍ଦେଶନା ଦେଇଥିଲେ ଅଇଁଠୁ ସାହୁ । କିବୋଡର୍‌ରେ ଗୋପାଳ ପାତ୍ର, ତବଲାରେ ସୌମିତ୍ରୀ ମଲ୍ଲିକ, ପେଡରେ ମନରଞ୍ଜନ କଲତା ସହଯୋଗ କରିଥିଲେ ।

## ଶିକ୍ଷୟିତ୍ରୀଙ୍କୁ ବିରୋଧ କରି ବିଦ୍ୟାଳୟରେ ତାଲା ପକାଇବା ଘଟଣା

# କଲ୍ୟାଣ ମଣ୍ଡପରେ ପାଠପଢ଼ା

ଡୁଙ୍ଗୁରିପାଲି,୨୮ ।୧୧(ସମିସ)



ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ କୁଶାମାଲ ଗ୍ରାମବାସୀ ଜନୈକା ଶିକ୍ଷୟିତ୍ରୀଙ୍କ କାର୍ଯ୍ୟରେ ଯୋଗଦାନକୁ ବିରୋଧ କରି ଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ତାଲା ପକାଇବା ଘଟଣାକୁ ଇତି ମଧ୍ୟରେ ଦଶଦିନ ବିତିଛି । କିନ୍ତୁ ଏଯାଏଁ ଶିକ୍ଷା ବିଭାଗ ପକ୍ଷରୁ ଏହାର ସମାଧାନ ନେଇ ନିଘା ଦେଉ ନଥିବା ଅଭିଯୋଗ ହୋଇଛି । ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟ ଅସନ୍ତୋଷ ବୃଦ୍ଧି ପାଉଛି । ବିଭାଗ ଓ ବିଇଓ ସମସ୍ୟାର ସମାଧାନ ନେଇ କୌଣସି ପଦକ୍ଷେପ ଗ୍ରହଣ କରୁ ନଥିବାରୁ ଶେଷରେ ଗ୍ରାମବାସୀ ଛାତ୍ରଛାତ୍ରୀଙ୍କ ପାଠପଢ଼ା ପାଇଁ ଏକ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିଥିବା ଦେଖିବାକୁ ମିଳିଛି । ଗାଁ କଲ୍ୟାଣ ମଣ୍ଡପରେ ପିଲାଙ୍କୁ ଗ୍ରାମବାସୀ ଶିକ୍ଷା ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଶିକ୍ଷାଦାନ ଆରମ୍ଭ କରିଛନ୍ତି ।

ଗ୍ରାମବାସୀଙ୍କ ଅଭିଯୋଗ ପ୍ରକାରେ, ଡୁଙ୍ଗୁରିପାଲି ବିଇଓଙ୍କ ନିକଟରେ ଗତ ଏକ ସପ୍ତାହ ପୂର୍ବରୁ ଲିଖିତ ଭାବେ ଜନୈକ ଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟରେ ନିଯୁକ୍ତି ନ ଦେବା ନେଇ ଦାବି ଉପସ୍ଥାପନ କରି

**● ୧୦ଦିନ ପରେ ବି ବିଭାଗର ନିଘା ନାହିଁ**
**● ଶିକ୍ଷା ସ୍ୱେଚ୍ଛାସେବୀ ପିଲାଙ୍କୁ ଦେଲେ ଶିକ୍ଷା**

ସାରିଛନ୍ତି । ଏହାସତ୍ତ୍ୱେ ସେ ଅଣଦେଖା କରି ଚାଲିଛନ୍ତି । ଏହି ଦୃଷ୍ଟିରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍କୁଲରେ ତାଲା ପକାଇବା ସହ ଛାତ୍ରଛାତ୍ରୀଙ୍କୁ ଗ୍ରାମ୍ୟ କଲ୍ୟାଣ ମଣ୍ଡପଠାରେ କେତେକ ଶିକ୍ଷା ସ୍ୱେଚ୍ଛାସେବୀଙ୍କ ମାଧ୍ୟମରେ ପାଠପଢ଼ା ଚଳାଇଥିବା ଗ୍ରାମବାସୀ କହିଛନ୍ତି । ଗ୍ରାମବାସୀ ନିଜ ଜିଦ୍‌ରେ ଅଟଳ ରହୁଥିବା ବେଳେ ବିଇଓଙ୍କ ନିଷ୍କ୍ରିୟତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ।

ବିଇଓ ଗଣେଶ କିଶାନଙ୍କୁ ଏବାବଦରେ ପଚାରିବାରୁ, ସେ ସେଠାରେ କାର୍ଯ୍ୟରତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଏଦିଗରେ ଆଇନ ଅନୁଯାୟୀ ପଦକ୍ଷେପ ନେବା ନେଇ ଚେତାବନୀ ଦେଇଥିବା ପ୍ରକାଶ କରିଛନ୍ତି ।

## ଶିକ୍ଷୟିତ୍ରୀଙ୍କ ବଦଳି ବାତିଲ ଦାବିରେ ଛାତ୍ରଛାତ୍ରୀ, ଅଭିଭାବକଙ୍କ ପ୍ରତିବାଦ

ବୀରମହାରାଜପୁର,୨୮ ।୧୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଅନ୍ତର୍ଗତ ବାଗବର ନୋଡାଲ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ମିନାକ୍ଷୀ ପଧାନଙ୍କ ବୁଧବାର ବଦଳି ନିର୍ଦ୍ଦେଶ ଆସିଥିବା ଜଣାପଡିଛି । ଏହା ଜଣାପଡ଼ିବା ପରେ ଛାତ୍ରଛାତ୍ରୀ ଓ ଅଭିଭାବକ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ବିଦ୍ୟାଳୟର ୯ଟି ଶ୍ରେଣୀରେ ପ୍ରାୟ ୧୫୯ରୁ ଊର୍ଦ୍ଧ୍ୱ ୫୯ର ଛାତ୍ରଛାତ୍ରୀ ପାଠପଢୁଥିବାବେଳେ ଏମାନଙ୍କ ଶିକ୍ଷାଦାନ ପାଇଁ ମାତ୍ର ୬ଜଣ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତି ଥିବାର ଜଣାପଡିଛି । ଏଭଳି ସ୍ଥିତିରେ ପୁଣି ଜଣେ ଶିକ୍ଷୟିତ୍ରୀଙ୍କୁ ବଦଳି କରିନେଲେ ବିଦ୍ୟାଳୟରେ ପାଠପଢାରେ ବ୍ୟାଘାତ ହେବ ବୋଲି ଅଭିଭାବକମାନେ ଅଭଯୋଗ କରିଛନ୍ତି । ଆଗକୁ ପରୀକ୍ଷା ଥିବାରୁ ଉକ୍ତ ବଦଳି ଆଦେଶକୁ ପ୍ରତ୍ୟାହାର କରାଯିବାକୁ ସେମାନେ ଦାବି କରିଛନ୍ତି । ଏହି ପ୍ରତିବାଦରେ ଆଜି ବିଦ୍ୟାଳୟ ମୁଖ୍ୟଫାଟକରେ ଅଭିଭାବକ ଓ ଛାତ୍ରଛାତ୍ରୀ ତାଲା ପକାଇ ଧାରଣାରେ ବସିଥିବା ଦେଖିବାକୁ ମିଳିଛି । ଫଳରେ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀମାନେ ସ୍କୁଲ ଭିତରକୁ ଯାଇନପାରି ବାହାରେ ଠିଆ ହୋଇଥିଲେ । ବିଦ୍ୟାଳୟ ମୁଖ୍ୟ ଫାଟକରେ ଅଭିଭାବକମାନେ ତାଲା ପକାଇ ଦେଇଥିବା ଖବର ପାଇ ବୀରମହାରାଜପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଜୟ ଲୁହାଙ୍କ ନିର୍ଦ୍ଦେଶକ୍ରମେ ଏବିଇଓ ବାର୍ଣ୍ଣା ଡୁଙ୍ଗଡୁଙ୍ଗ୍ ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ । ବର୍ତ୍ତମାନ ପାଇଁ ସଂପୃକ୍ତ ଶିକ୍ଷୟିତ୍ରୀଙ୍କ ବଦଳି ସ୍ଥଗିତ ରଖିବାକୁ ପ୍ରତିଶ୍ରୁତି ଦେବାପରେ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଆନ୍ଦୋଳନ ପ୍ରତ୍ୟାହାର କରିଥିଲେ । ଏହି ଆନ୍ଦୋଳନରେ ଗ୍ରାମର ପ୍ରମୁଖ ବ୍ୟକ୍ତି ପ୍ରମୋଦ ଦାସ, ଆର୍ତ୍ତତ୍ରାଣ ଭୋଇଙ୍କ ସମେତ ଅନେକ ଅଭିଭାବକ ଓ ଛାତ୍ରଛାତ୍ରୀ ସାମିଲ ଥିଲେ ।

## ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ମାସ



ତରଭା,୨୮ ।୧୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଓ ଜିଲ୍ଲା ପ୍ରଶାସନଙ୍କ ମିଳିତ ସହଯୋଗରେ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ରାଷ୍ଟ୍ରୀୟ ପୌଷ୍ୟ ସନ୍ତାନ ଗ୍ରହଣ ସଚେତନା ମାସ-୨୦୨୫ ପାଳିତ ହୋଇଛି । ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଡ. ନୃପରାଜ ସାହୁ ଯୋଗଦେଇ ପୌଷ୍ୟ ସନ୍ତାନ ଗ୍ରହଣରେ ଆଇନ ଗତ ବ୍ୟବସ୍ଥା ବିଷୟରେ କହିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳୀନା ପଧାନ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଦେବାଶିଷ ଦାସ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଅନୁପମା ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲ୍ଲା ଶ୍ରମ ଅଧିକାରୀ ଦିବ୍ୟ ଶଙ୍କର ଧରୁଆ ଯୋଗଦେଇଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ ପୌଷ୍ୟ ସନ୍ତାନ ଗ୍ରହଣର ବିଭିନ୍ନ ସୋପାନ ତଥା ଆବଶକୀୟ ତଥ୍ୟ ଉପସ୍ଥାପନ କରିଥିଲେ । ଏହି ଅବସରରେ ଏକ ସଚେତନତା ରଥକୁ ଜିଲ୍ଲାପାଳ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏଥିରେ ବ୍ଲକ୍ ସ୍ୱାସ୍ଥ୍ୟ ଅଧିକାରୀ, ସମସ୍ତ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ମହିଳା ସୁପରଭାଇଜର, ଅଙ୍ଗନବାଡି କର୍ମୀ, ଆଶା କର୍ମୀ ଯୋଗ ଦେଇଥିଲେ । ସଖି ଅନୁଷ୍ଠାନ, ଉତ୍କଳ ବାଳାଶ୍ରମ, ଚାଇଲ୍ଡ ହେଲ୍ପ ଲାଇନର କର୍ମୀ ଯୋଗ ଦେଇଥିଲେ । ଏହି ଅବସରରେ ପୌଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ଶାନ୍ତା ବାରିକ ଏବଂ ଅଙ୍ଗନବାଡ଼ି କର୍ମୀ ଗୀତାଞ୍ଜଳି ସ୍ୱାଇଁଙ୍କୁ ଉତ୍ତମ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅର୍ଜୁନ ମାଝୀ, ଆଇନ ଅଧିକାରୀ କେଶବ ଚନ୍ଦ୍ର ମେହେର, ଅଣ ଅନୁଷ୍ଠାନିକ ଅଧିକାରୀ ଗୌତମ ମହାପାତ୍ର, ପୁଲିସ ଅଧିକାରୀ ଉପସ୍ଥିତ ଥିଲେ । ଅନୁଷ୍ଠାନିକ ଅଧିକାରୀ ବିଜୟ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ଥବିର କାଳସେ, ପ୍ରଶାନ୍ତ ମହାକୁଡ଼, ରୁଦ୍ର ପ୍ରସନ୍ନ ମିଶ୍ର, ଜିତେନ୍ଦ୍ର ମଣ୍ଡଳ, ସରିତା ସୁନା, ମାନିନୀ ମହାନ୍ତି, ମୃତ୍ୟୁଞ୍ଜୟ, ଅନିଲ ମହଲା ସଭାରେ ଉପସ୍ଥିତ ଥିଲେ ।

## ସରପଞ୍ଚଙ୍କୁ ଗିରଫ ଓ ବହିଷ୍କାର ପାଇଁ ଦାବିପତ୍ର

ଡୁଙ୍ଗୁରିପାଲି,୨୮ ।୧୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଚେରୁପାଲି ସରପଞ୍ଚଙ୍କ ଗିରଫ ଦାବିରେ ଭୀମ ଆର୍ମି ଜୟ ଭୀମ ସଙ୍ଗଠନ ପକ୍ଷରୁ ଶୁକ୍ରବାର ଡୁଙ୍ଗୁରିପାଲି ଥାନା ଅଧିକାରୀ ଏବଂ ବିଡ଼ିଓଙ୍କୁ ପୃଥକ ଭାବେ ଦାବିପତ୍ର ପ୍ରଦାନ କରାଯାଇଛି । ସୂଚନାନୁଯାୟୀ ଗତ ୧୫ ତାରିଖରେ ଚେରୁପାଲି ସରପଞ୍ଚଙ୍କ ବିରୋଧରେ ଜାତିଆଣ ଆକ୍ଷେପ ଏବଂ ଜୀବନରେ ମାରିଦେବା ଧମକ ଦେବା ନେଇ ଚେରୁପାଲି ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ପ୍ରିୟମ୍ବଦା କୁଲଦୀପ ଥାନାରେ ଅଭିଯୋଗ କରିଥିଲେ । ଏନେଇ ଏକ ମାମଲା ମଧ୍ୟ ରୁଜୁ ହୋଇଥିଲା । ଇତି ମଧ୍ୟରେ ଘଟଣାର ୧୪ ଦିନ ବିତି ଯାଇଥିବା ସତ୍ତ୍ୱେ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବା ସଙ୍ଗଠନ ପକ୍ଷରୁ ଅଭିଯୋଗ କରାଯାଇଛି । ଏଥିରେ ତୀବ୍ର ପ୍ରତିକିୟା ପ୍ରକାଶ କରି ଭୀମ ଆର୍ମି ଜୟ ଭୀମ ସଙ୍ଗଠନର ରାଜ୍ୟ ପ୍ରଭାରୀ ରମାକାନ୍ତ ନାଗଙ୍କ ନେତୃତ୍ୱରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ସହଦେବ ମହାନନ୍ଦ, ବ୍ଲକ ସଭାପତି ଚକ୍ରଧର ଦୀପ, ରାଜ୍ୟ ସାଧାରଣ ସମ୍ପାଦକ ଧନଞ୍ଜୟ ସେନାପତି, ବ୍ଲକ୍ ସଭାପତି ଉପେନ୍ଦ୍ର କୁମ୍ଭାର, ସୁବର୍ଣ୍ଣପୁର ଜିଲ୍ଲାର କୋଡିନେଟର ରିଙ୍କୁ ବାଗ, ରାଜ୍ୟ ସାଧାରଣ ସମ୍ପାଦକ ଦୟାନିଧି ସେନାପତି, କୃଷ୍ଣ ଚନ୍ଦ୍ର କୁମ୍ଭାର, ଲଳିତ ଦୀପ, ସୁମନ୍ତ, କୃଷ୍ଣ ଚନ୍ଦ୍ର ବାଗ ଅଭିଯୁକ୍ତଙ୍କୁ ତୁରନ୍ତ କାର୍ଯ୍ୟରୁ ନିଲମ୍ବନ ଏବଂ ଗିରଫ କରି କୋର୍ଟ ଚାଲାଣ କରିବାକୁ ଦାବି କରିଛନ୍ତି । ଅନ୍ୟଥା ସେମାନେ ରାଜରାସ୍ତାକୁ ଓହ୍ଲାଇବା ସହ ଜିଲ୍ଲାସ୍ତରରୁ ଆରମ୍ଭ କରି ରାଜ୍ୟ ବ୍ୟାପି ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି । ଏନେଇ ରାଜ୍ୟ ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀଙ୍କୁ ଲିଖିତ ଭାବେ ଅବଗତ କରିଥିବା ସଙ୍ଗଠନ ପକ୍ଷରୁ କୁହାଯାଇଛି ।

## ବାବା ଅବଧୂତ ମହୋତ୍ସବ ପାଇଁ ଆଜ୍ଞାମାଳ ଶୋଭାଯାତ୍ରା

ବୀରମହାରାଜପୁର,୨୮ ।୧୧(ସମିସ): ସୁବଳୟାର ବାବା ଅବଧୂତ ମହୋତ୍ସବ ଚଳିତ ବର୍ଷ ନବମ ବର୍ଷରେ ପଦାର୍ପଣ କରିଛି । ସୁବଳୟାର ଧିବାରପଡା ବାବା ଅବଧୂତ ସାଂସ୍କୃତିକ ସଙ୍ଘ ପକ୍ଷରୁ ଆସନ୍ତା ଜାନୁଆରୀ ମାସରେ ଏହି ମହୋତ୍ସବର ଆୟୋଜନ ହେବାକୁ ଯାଉଛି । ଏହି ଅବସରରେ ଶୁକ୍ରବାର ରାତି ୮ ଟା ପର୍ଯ୍ୟନ୍ତ ନବମ ବାବା ଅବଧୂତ ମହୋତ୍ସବ ନିମନ୍ତେ ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଣରେ ଆଜ୍ଞାମାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି କ୍ରମରେ ସଂଘର ସଦସ୍ୟ ଏବଂ ପରିବାର ସଦସ୍ୟ ଏକ ବିରାଟ ସାଂସ୍କୃତିକ ଶୋଭାଯାତ୍ରାରେ ମନ୍ଦିର ସମ୍ମୁଖରୁ ବାହାରି ନଗର ପରିକ୍ରମା କରି ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲେ । ସେଠାରେ ପାଳିଆ ସେବାୟତ ସମ୍ପଦ ପୂଜାହାରୀ ଜଗନ୍ନାଥଙ୍କୁ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ପରି ମହୋତ୍ସବ ପାଇଁ ଆଜ୍ଞାମାଳ ପ୍ରଦାନ କରିଥିଲେ । ଆଜ୍ଞାମାଳ ପାଇବା ପରେ ମନ୍ଦିରରୁ ପୁଣି ସାଂସ୍କୃତିକ ଶୋଭାଯାତ୍ରାରେ ଶ୍ରଦ୍ଧାଳୁମାନେ ମହୋତ୍ସବ ସ୍ଥଳରେ ପହଞ୍ଚି ରୀତି ନୀତି ଅନୁସାରେ ପୂଜାର୍ଚ୍ଚନା ପୂର୍ବକ ଶୁଭଖୁଣ୍ଟି ସ୍ଥାପନ କରିଥିଲେ । ଚଳିତ ବର୍ଷ ଲିଙ୍ଗରାଜ ବେହେରା ସପତ୍ନୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଥିବା ବେଳେ ପୂଜକ ଶ୍ୟାମ ସୁନ୍ଦର ପୂଜାହାରୀ ପୂଜାକର୍ମ ସମ୍ପାଦନ କରୁଛନ୍ତି । ଏହି ସମୟରେ ଗାୟକ ବିଶ୍ୱଜିତ ସେଠୀଙ୍କ ଭଜନ ପରିବେଷଣ ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ବିମୋହିତ କରିଥିଲା । ତେବେ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ପ୍ରୋମଦ କୁମାର ମହାପାତ୍ର, ସମାଜସେବୀ ଶରତ ମିଶ୍ର, ସନ୍ତୋଷ କୁମାର ମେହେରଙ୍କ ସମେତ ସଂଘର ସ୍ଥାୟୀ ସଭାପତି ରାଜେଶ ସେଠି ଉପସ୍ଥିତ ଥିଲେ ।

## ପତ୍ରାପାଲିରେ ପାଣି ପାଞ୍ଚାୟତ କମିଟି ଗଠିତ

ଶଗଡା,୨୮ ।୧୧(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଖଟଖଟିଆ ୨ ନମ୍ବର ପାର୍ବତୀ ଗିରି ବୃହତ ଉଠା ଜଳ ସେଚନ ପ୍ରକଳ୍ପ ଅଧୀନ ଶିମିଳିପଦର ପଞ୍ଚାୟତର ପତ୍ରାପାଲି ଗ୍ରାମରେ ପାଣି ପାଞ୍ଚାୟତ କମିଟି ଗଠିତ ହୋଇଛି । କନିଷ୍ଠ ଯନ୍ତ୍ରୀ ବିବେକା ନନ୍ଦ ବାରିକଙ୍କ ସଭାପତିତ୍ୱରେ ଶିମିଳିପଦର, ରେଙ୍ଗାଲି ଓ ପତ୍ରାପାଲି ଗ୍ରାମର ଚାଷୀଙ୍କୁ ନେଇ ଏକ ସଭା ଆୟୋଜନ କରାଯାଇଥିଲା । ସଭାରେ ୩ ଖଣ୍ଡ ଗ୍ରାମକୁ ନେଇ ଏକ ପାଣି ପାଞ୍ଚାୟତ ଗଠନ କରାଯିବାକୁ କନିଷ୍ଠ ଯନ୍ତ୍ରୀ ବିବେକା ନନ୍ଦ ବାରିକ ପ୍ରସ୍ତାବ ଦେଇଥିଲେ । ପ୍ରସ୍ତାବ ଅନୁସାରେ ନୂତନ ପାଣି ପାଞ୍ଚାୟତ କମିଟି ଗଠନ କରାଯାଇଛି । କମିଟି ସଭାପତି ଭାବେ ନବୀନ ମହାପାତ୍ର, ସମ୍ପାଦକ ଆଦିତେଶ୍ୱର ମିଶ୍ର, କୋଷାଧ୍ୟକ୍ଷ ଘନଶ୍ୟାମ ବସ୍ତିଆଙ୍କୁ ଦାୟିତ୍ୱ ଦିଆଯାଇଛି । ସେହିଭଳି ସଦସ୍ୟ ଭାବେ ମଦନ ସାହୁ, ବିଶ୍ୱାମିତ୍ର ମଟାରି, ହୃଷିକେଶ ସାହୁ, ସତ୍ୟନାରାୟଣ ପଳିଆ, ମମତା ପ୍ରଧାନ, ଶିବାନୀ ସାହୁ, ଯୁଧିଷ୍ଠିର ବିଶ୍ୱାଳ, ସନ୍ତୋଷ ଶଙ୍ଖୁଆ, ସାନ ମର୍ଦ୍ଧା, ବଶିଷ୍ଠ ବସ୍ତିଆ ୫ ବର୍ଷ ପାଇଁ ନିର୍ବାଚିତ ହୋଇଛନ୍ତି । ଶିବରାମ ପାତ୍ର, ପବିତ୍ର ପାତ୍ର, ସୌମ୍ୟ ରଞ୍ଜନ ବେହେରା, ପଠାଣି ସମ୍ପତି, କେ ଦିଲୀପ କୁମାର ସହଯୋଗ କରିଥିଲେ ।

## ତେଲିବନ୍ଧ ହାଇସ୍କୁଲରେ ବ୍ଲକ୍‌ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ

ବୌଦ୍ଧ,୨୮ ।୧୧(ସମିସ): ତେଲିବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ପ୍ରାଥମିକ ସ୍ତର ଓ ମାଧ୍ୟମିକସ୍ତର ବିଜ୍ଞାନ ମେଳା ସହିତ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ସୌଦାମିନୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୁଗଳ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର ପ୍ରଧାନ ଓ ସ୍ଥାନୀୟ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦୀପ ମହାକୁଡ ମଞ୍ଚାସୀନ ଥିଲେ । ବିଆରସିସି କାମଳକାନ୍ତ ଦଳବେହେରା ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଶିକ୍ଷକ ଶମ୍ଭୁ ଗିରି ଅତିଥି ପରିଚୟ ସହ ମଞ୍ଚ ପରିଚାଳନା କରିଥିଲେ । ବିଜ୍ଞାନ ଶିକ୍ଷକ ସଞ୍ଜୟ ନାୟକ ଧନ୍ୟବାଦ ଦେଇଥିଲେ । ନିରନ୍ତର ସ୍ଥାୟୀ କୃଷି ଯୋଜନା, ପ୍ଲାଷ୍ଟିକର ବିକଳ୍ପ ଓ ଆବର୍ଜନାର ସୁପରିଚାଳନା, ସବୁଜ ଶକ୍ତି, ବିକାଶମୁଖୀ ପ୍ରଯୁକ୍ତି ବିଦ୍ୟା, ମନୋରଞ୍ଜନ, ସ୍ୱାସ୍ଥ୍ୟ ଓ ପରିମଳ, ଜଳ ସଂରକ୍ଷଣ ଓ ପରିଚାଳନା ଆଦି ବିଷୟକୁ ନେଇ ୧୩୪ ଜଣ କୁନି ବୈଜ୍ଞାନିକ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ । ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଇଞ୍ଜିନିଅର ଡ ସଞ୍ଜୟ ପଣ୍ଡା, ସମ୍ମାନୀତ ଅତିଥି ଭାବେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଜୟନ୍ତ ପ୍ରଧାନ, ଜିଲ୍ଲା ଶିଳ୍ପ ବିକାଶ ଅଧିକାରୀ ଶୁଭେନ୍ଦୁ ଶେଖର ସାହୁ, ସ୍ଥାନୀୟ ବିଦ୍ୟାଳୟ ପଞ୍ଚଶଖା ଶିକ୍ଷାସେତୁ ସଭାପତି ସୁଶୀଲ ହୋତା ପ୍ରମୁଖ ମଞ୍ଚାସୀନ ଥିଲେ ।

## ସରକାରୀ ବସ୍‌ସେବା ସମ୍ପ୍ରସାରଣ ପାଇଁ ସ୍ମାରକ ପତ୍ର



ବୀରମହାରାଜପୁର,୨୮ ।୧୧(ସମିସ): ସୁନ୍ଦରଗଡରୁ ସମ୍ବଲପୁର ଦେଇ ସୋନପୁରକୁ ଆସୁଥିବା ସରକାରୀ ବସ୍ ତଥା ରାଜ୍ୟ ପରିବହନ ବିଭାଗର ବସ୍‌ସେବା ବୀରମହାରାଜପୁରକୁ ସମ୍ପ୍ରସାରଣ ପାଇଁ ଶୁକ୍ରବାର ବରିଷ୍ଠ ନାଗରିକ ସଂଗଠନ ତରଫରୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଅନୁଷ୍ଠାନର ସଭାପତି ଡ. ପ୍ରଫୁଲ୍ଲ କୁମାର ରଥଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସ୍ଥାନୀୟ ଉପଜିଲ୍ଲାପାଳ ସୁରେନ୍ଦ୍ର କୁମାର ମେହେରଙ୍କୁ ଭେଟି ରାଜ୍ୟ ପରିବହନ ଓ ବାଣିଜ୍ୟ ମନ୍ତ୍ରୀ ବିଭୁତି ଭୂଷଣ ଜେନାଙ୍କ ଉଦ୍ଦେଶ୍ୟରେ ଏହି ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପ୍ରକାଶ ଥାଉକି, ସୁନ୍ଦରଗଡ଼ରୁ ଏହି ବସ୍ ସୋନପୁରକୁ ଦିନ ୧୦ଟାରେ ପହଞ୍ଚି ଅପରାହ୍ନ ୩ଟାରେ ଛାଡୁଛି । ଏହି ବସ୍ ସେବାକୁ ବୀରମହାରାଜପୁରକୁ ସମ୍ପ୍ରସାରଣ କଲେ ଏଠାକାର ଅଧିବାସୀ ଯାତାୟାତ ଓ ବାଣିଜ୍ୟ କ୍ଷେତ୍ରରେ ବିଶେଷ ଉପକୃତ ହେବେ ବୋଲି ଏହି ସ୍ମାରକ ପତ୍ରରେ ଉଲ୍ଲେଖ କରାଯାଇଛି । ପ୍ରତିନିଧି ଦଳରେ ଜ୍ଞାନେନ୍ଦ୍ର ତ୍ରିପାଠୀ, ଚମରା ମହାକୁର, ଦୟାନିଧି ହୋତା, ଦ୍ୱିତୀକୃଷ୍ଣ ପଣ୍ଡା, ସତ୍ୟ ନାରାୟଣ ନାୟକ, ଅକ୍ଷୟ ମିଶ୍ର, ବାସୁଦେବ ପଣ୍ଡା, ଜଗଦୀଶ ଚାନ୍ଦ, ସୌମିତ୍ରୀ ମେହେର, ଅକ୍ରୂର ଦନ୍ତା, ଶିବ ଖମାରୀ, ସୁରେନ୍ଦ୍ର ହୋତା ପ୍ରମୁଖ ସାମିଲ ହୋଇଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା



ତରଭା ୨୮ ।୧୧(ସମିସ): ତରଭା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୯ତମ ବାର୍ଷିକ କ୍ରୀଡା ସମାରୋହ ହାଇସ୍କୁଲ ଖେଳପଡିଆଠାରେ ପ୍ରଧାନ ଆଚାର୍ଯ୍ୟ ମହେନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଆନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ କଲେଜ ଖେଳ ଶିକ୍ଷକ ସଂଜୀବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡାକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି କୋଷାଧ୍ୟକ୍ଷ ରାଜେନ୍ଦ୍ର ଶର୍ମା, ମାଙ୍ଗେଲାଲ ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ । ପ୍ରଧାନଆଚାର୍ଯ୍ୟ ଶ୍ରୀ ନାଏକ ଅତିଥି ପରିଚୟ ପ୍ରଦାନ କରିଥିଲେ । ସରିତା ଗୁରୁମା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସୁରେଶ ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ । ବାଳିକା ଉଚ୍ଚ ବିଦ୍ୟାଳୟ ଖେଳ ଶିକ୍ଷକ କଲ୍ୟାଣ ମହାପାତ୍ର ଖେଳ ପରିଚାଳନା କରିଥିଲେ । ବିଦ୍ୟାଳୟର ଶାରୀରିକ ପ୍ରମୁଖ ଗରିବ କବାଟ କାର୍ଯ୍ୟକ୍ରମର ବିବରଣୀ ପଠନ କରିବା ସହ ସମସ୍ତ ଖେଳ ପରିଚାଳନାରେ ସହଯୋଗ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଏସବିଆଇ ଶାଖା ପରିଚାଳକ ସୁଶାନ୍ତ ସାହୁ, ସମ୍ମନିତ ଅତିଥି ଭାବେ ୟୁନିଅନ୍ ବ୍ୟାଙ୍କଶାଖା ପରିଚାଳକ ଶ୍ରବଣ କୁମାର ସିଂ, କଲେଜ ଖେଳ ଶିକ୍ଷକ ସଂଜୀବ ସାହୁ, ବିଦ୍ୟାଳୟର କୋଷାଧ୍ୟକ୍ଷ ରାଜେନ୍ଦ୍ର ଶର୍ମା ପ୍ରମୁଖ ମଞ୍ଚାସୀନ ଥିଲେ । ଅତିଥିମାନେ ବାର୍ଷିକ କ୍ରୀଡ଼ାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ । ଶ୍ରେଷ୍ଠ କ୍ରୀଡ଼ାବିତ ରୋହନ କୁମାର ଦାଶ ଶପଥ ପାଠ କରାଇଥିଲେ । ଅଭିଭାବକଙ୍କ ଦୌଡ ଓ ପାଣି ଗ୍ଲାସ ଦୌଡ ଅନୁଷ୍ଠିତ ହୋଇଥିଲା । ପରିଶେଷରେ ଜ୍ୟୋତି ନିର୍ବାପନ କରି ମୁଖ୍ୟ ଅତିଥି ବାର୍ଷିକ କ୍ରୀଡ଼ାର ସମାପନ ଘୋଷଣା କରିଥିଲେ । ଏହି କ୍ରୀଡାରେ ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମା, ସେବକ, ସେବିକା ସହଯୋଗ କରିଥିଲେ ।

## ମେହେରପଡାରେ ଲକ୍ଷ୍ମୀ ପୂଜା



ତରଭା,୨୮ ।୧୧(ସମିସ): ମେହେରପଡ଼ାରେ ମା' ଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି । ମେହେରପଡ଼ା ପୂଜା କମିଟି ପକ୍ଷରୁ ମହିଳା ଶ୍ରଦ୍ଧାଳୁଙ୍କ ଦ୍ୱାରା ବଡ଼ବନ୍ଧରୁ ଜଳପୂର୍ଣ୍ଣ କଳସ ଶୋଭାଯାତ୍ରାରେ ଆଣି ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା । କର୍ତ୍ତା ଦାୟିତ୍ୱ ତୁଲାଇଥିଲେ ଭାବେ ସୁନୀଲ ମେହେର ଓ ତାଙ୍କ ସହଧର୍ମିଣୀ ସୁଜାତା । ପୂଜକ ଥିଲେ ଗୋପାଳ କୃଷ୍ଣ ମିଶ୍ର, ସଞ୍ଜୟ ମିଶ୍ର । ବିନୋଦ ମିଶ୍ର ସହଯୋଗ କରିଥିଲେ । ବଲାଙ୍ଗିର ମୋନାଲି ମହାପାତ୍ରଙ୍କ ଦ୍ୱାରା ରାମାୟଣ ସୁନ୍ଦରାକାଣ୍ଡ ପାରାୟଣ ଓ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ତପନ ମେହେର, ରିଲୁ ମେହେର, ଅଜିତ ମେହେର, ଟୁନା ମେହେର, ସୁବଳ ମେହେର, ଦୀପକ ମେହେର, ରାଜୀବ ମେହେର, ହୀରାଲାଲ ନାଏକ, ସୁଧୀର ମେହେର, ପପୁ ମେହେର, କିଶୋର ମେହେର, ଶଶାଙ୍କ ମେହେରଙ୍କ ସହ ପଡାବାସୀ ସହଯୋଗ କରିଥିଲେ ।

## ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ



ତରଭା,୨୮ ।୧୧(ସମିସ): ସୋନପୁର ବ୍ଲକ୍ ଖରାଝୁରା ଗ୍ରାମ ପଞ୍ଚାୟତରେ ସରପଞ୍ଚ ସୁବାଷ ତାଣ୍ଡିଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମଙ୍କ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଡ଼. ନୃପରାଜ ସାହୁ, ସମ୍ମାନିତ ଅତିଥି ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ ଯୋଗଦେଇ ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ହିତାଧିକାରୀଙ୍କୁ ହ୍ୱିଲ ଚେୟାର, କୋମଡ଼ ଚେୟାର, ଆଶା ବାଡ଼ି, ଅଣ୍ଟା ବେଲଟ, ଆଣ୍ଠୁ ବେଲଟ ଓ କୋଲର ବେଲଟ ବଣ୍ଟନ କରାଯାଇଥିଲା । ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନାଇକେନପାଲିର ସୁପେରିଣ୍ଟେଣ୍ଡେଣ୍ଟ ଡା. ତ୍ରିପାଠୀଙ୍କ ଟିମ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ମହାନଦୀ ନେତ୍ର ଚିକିତ୍ସାଳୟ, ପାଣ୍ଡପାଲିର ଚିକିତ୍ସକ ଟିମ୍ ଚକ୍ଷୁ ପରୀକ୍ଷା କରିଥିଲେ । ଏହା ବ୍ୟତୀତ ସିଆରସି ବଲାଙ୍ଗୀରର ଡା. ଶିବାଦ୍ୟୋତି ମହାପାତ୍ର, ଡା. ବିଶ୍ୱଜିତ କାନୁନଗୋ, ଡା. ଜିତେନ୍ଦ୍ର ବାରିକ, ସନ୍ତୋଷ କାମିଲା ଏବଂ ଆଲିମକୋର ସୌମ୍ୟରଞ୍ଜନ ଶତପଥୀ ଓ ତାଙ୍କ ସହକର୍ମୀ ପ୍ରହଲ୍ଲାଦ ଭୁଏ ଯୋଗଦେଇ ସଚେତନ କରିବା ସହ ୧୦୩ ଜଣଙ୍କୁ ବିଭିନ୍ନ ଉପକରଣ ଯୋଗାଇଥିଲେ । ଏଡିଇଓ ପ୍ରଶାନ୍ତ କୁମାର ପଣ୍ଡା ସଂଯୋଜନା କରିଥିବାବେଳେ ପିଇଓ ନୀଳିମା ଭୋଇ ଧନ୍ୟବାଦ ଦେଇଥିଲେ । ନାଏବ ସରପଞ୍ଚଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟ ସଭ୍ୟା, ମହୁଲେ ପେକ୍ସ ସମ୍ପାଦକ ରବି ମିଶ୍ର, ଦିଲୀପ ସେଠି, ମନୋଜ ପାଣିଗ୍ରାହୀ, ଭୋଳାଶଙ୍କର ନାଗ, ସୁମନାଥ ସାହୁ, ଅନି ବିଶି, ଦେବରାଜ ସୁନା, ନୀଳକଣ୍ଠ ସୁନା, ଡମ୍ବରୁଧର ପୋଡ଼, ଲାଲ ପୋଡ଼ଙ୍କ ସମେତ ପଞ୍ଚାୟତର ସମସ୍ତ ସଚେତନ ନାଗରିକ ଏବଂ ବୁଦ୍ଧିଜୀବୀ ସହଯୋଗ କରିଥିଲେ ।

## ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ପାଚିକାଙ୍କ ବିକ୍ଷୋଭ

ବୌଦ୍ଧ,୨୮ ।୧୧(ସମିସ): ବୌଦ୍ଧ ଜିଲ୍ଲାର ସମସ୍ତ ସ୍କୁଲର ମଧ୍ୟାହ୍ନ ଭୋଜନ କାର୍ଯ୍ୟରେ ନିୟୋଜିତ ଶତାଧିକ ପାଚିକା ସେମାନଙ୍କ ବିଭିନ୍ନ ସମସ୍ୟା ତଥା ଦାବି ପୂରଣ ନେଇ ଗର୍ଜିଛନ୍ତି । ଶୁକ୍ରବାର ସେମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସେମାନେ ରାମେଶ୍ୱର ମନ୍ଦିରରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ । ରାଜ୍ୟ ସଭାପତି ଯୋଗେନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ପାଚିକାମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ନିଯୁକ୍ତି ପତ୍ର ପ୍ରଦାନ, ସରକାରଙ୍କ ନିର୍ଦ୍ଧାରିତ ସର୍ବନିମ୍ନ ମଜୁରୀ ୪୬୨ ଟଙ୍କା ହିସାବରେ ମାସିକ ପାରିଶ୍ରମିକ ୧୩,୮୦୦ ଟଙ୍କା ପ୍ରଦାନ, ପାଚିକା ନିଯୁକ୍ତି ପରିଚାଳନା କମିଟି ପରିବର୍ତ୍ତେ ସରକାର ସିଧାସଳଖ ନିଯୁକ୍ତି ଦେବା, ଅବସରକାଳୀନ ଭତ୍ତା ସ୍ୱରୂପ ୧ ଲକ୍ଷ ଟଙ୍କା ପ୍ରଦାନ କରିବା, ମାସର ପ୍ରଥମ ସପ୍ତାହରେ ପାରିଶ୍ରମିକ ପ୍ରଦାନ, ୧୨ ମାସର ଦରମା ପ୍ରଦାନ ଓ ବିଦ୍ଧିବଦ୍ଧ ବୈଧ ପରିଚୟପତ୍ର ପ୍ରଦାନ, ବାକିଥିବା ୩ ମାସର ପାରିଶ୍ରମିକ ପ୍ରଦାନ ପାଇଁ ଦାବି କରାଯାଇଛି । ଏହାସହ ବିଧାନସଭା ଆଗରେ ବିରାଟ ବିକ୍ଷୋଭ ଓ ସମାବେଶ କରିବାକୁ ସଂଘ ତରଫରୁ ଘୋଷଣା କରାଯାଇଛି । ଏହି କାର୍ଯ୍ୟକ୍ରମରେ ସରୋଜିନୀ କୁମୁରା, ସୁରେନ୍ଦ୍ର ଧାରୁଆ ପ୍ରମୁଖ ସାମିଲ ହୋଇଥିଲେ ।



## ଚିରୁଳେଇକୁ ପଞ୍ଚାୟତ ମାନ୍ୟତା ପାଇଁ ଦାବିପତ୍ର

ଢେଙ୍କାନାଳ,୨୮ ।୧୧(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ କାବରା ପଞ୍ଚାୟତ ତିରୁଳେଇ ରାଜସ୍ୱ ଗ୍ରାମକୁ ପଞ୍ଚାୟତ ମାନ୍ୟତା ପ୍ରଦାନ କରିବା ପାଇଁ ଶୁକ୍ରବାର ଗ୍ରାମବାସୀ ରାଜ୍ୟ ପଞ୍ଚାୟତରାଜ ମନ୍ତ୍ରୀ ରବି ନାୟକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ପ୍ରାୟ ୪୦୦୦ ଜନସଂଖ୍ୟା ବିଶିଷ୍ଟ ଏହି ରାଜସ୍ୱ ଗ୍ରାମ ହରଡ଼ବେରଣା, ଚମଦଳ, ଡାହିସାହି ଓ ଜୁଆଙ୍ଗ ସାହି ପଡ଼ାକୁ ନେଇ ଗଠିତ । ପ୍ରାୟ ୧୧ ବର୍ଗ କିମି ପରିଧି ମଧ୍ୟରେ ଗାଁ ରହିଛି । ସ୍ୱାଧୀନତାର ୭୮ ବର୍ଷ ବିତିଯାଇଥିଲେ ମଧ୍ୟ ପଡ଼ା ଗ୍ରାମଗୁଡ଼ିକୁ ସବୁଦିନିଆ ରାସ୍ତା ନାହିଁ । ପାନୀୟ ଜଳ ସମସ୍ୟା ଲାଗି ରହିଥିବା ବେଳେ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା ମଧ୍ୟ ନାହିଁ । ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଥିବା ବେଳେ ହାତୀ ଓ ବନ୍ୟଜନ୍ତୁ ଉପଦ୍ରୁତ ଏହି ଗ୍ରାମରେ ଷ୍ଟ୍ରିଟ ଲାଇଟ୍ ବ୍ୟବସ୍ଥା ନାହିଁ । ଫଳରେ ଅନେକ ଥର ହାତୀ ଗ୍ରାମରେ ପ୍ରବେଶ କରିବାର ନଜିର ରହିଛି । ଏ ସବୁ ସମସ୍ୟା ସମସ୍ୟା ସମାଧାନ ପାଇଁ ଗ୍ରାମବାସୀ ବାରମ୍ବାର ବୈଠକ କରି ପଞ୍ଚାୟତ ମାନ୍ୟତା ଦେବା ପାଇଁ ସହମତି ପ୍ରକାଶ କରିଛନ୍ତି । ଗ୍ରାମ ସଭାପତି ବେଣୁଧର ସାମଲ, ଶ୍ରମିକ ନେତା ଶ୍ରୀନିବାସ ଖୁଣ୍ଟିଆଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଭୁବନେଶ୍ୱରରେ ମନ୍ତ୍ରୀଙ୍କୁ ଭେଟି ଏ ନେଇ ଦାବିପତ୍ର ପ୍ରଦାନ କରିଥିଲେ ।



# ଭତ୍ତା ପାଇଁ ଚାହିଁ ରହିଛନ୍ତି ୨୧ ହଜାର ଆଶାୟୀ

ଢେଙ୍କାନାଳ,୨୮ ।୧୧(ସମିସ)

ଢେଙ୍କାନାଳ ଜିଲ୍ଲାରେ ୨୧ ହଜାରରୁ ଊର୍ଦ୍ଧ୍ୱ ଆବେଦନକାରୀ ବିଭିନ୍ନ ଭତ୍ତା ପାଇଁ ଚାତକ ପରି ଚାହିଁ ରହିଛନ୍ତି । ଏହି ହିତାଧିକାରୀଙ୍କ ମଧ୍ୟରେ ବୃଦ୍ଧବୃଦ୍ଧା, ବିଧବା ଓ ଦିବ୍ୟାଙ୍ଗମାନେ ରହିଛନ୍ତି । ଦିନେ ନୁହେଁ କି ମାସେ ନୁହେଁ ବର୍ଷ ବର୍ଷ ଧରି ଦରଖାସ୍ତଗୁଡ଼ିକ ପଡ଼ିରହିଛି । କେବେ ଭତ୍ତା ମିଳିବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଜିଲ୍ଲାରେ ପ୍ରାୟ ୨୧ ହଜାରରୁ ଉର୍ଦ୍ଧ୍ୱ ଆଶାୟୀ ଭତ୍ତା ଆବେଦନ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ବହୁ ଆଶାୟୀଙ୍କ ମୃତ୍ୟୁ ମଧ୍ୟ ହୋଇଗଲାଣି ।

ମିଳିଥିବା ତଥ୍ୟ ଅନୁଯାୟୀ, ଭୁବନ ବ୍ଲକରେ ୧ ହଜାର ୮୬୮ ମଧୁବାବୁ ପେନସନ ଯୋଜନାରେ ଆବେଦନ କରିଥିବା ବେଳେ ଜାତୀୟ ସାମାଜିକ ସୁରକ୍ଷା ଯୋଜନାରେ ୪୫ ଜଣ ଏଭଳି ମୋଟ ୧ ହଜାର ୯୧୩ଜଣ ହିତାଧିକାରୀ ଭତ୍ତାପାଇଁ ଚାହିଁରହିଛନ୍ତି । ସେହିପରି ଭୁବନ ଏନଏସିରେ ମଧୁବାବୁ ପେନସନ ଯୋଜନାରେ ୨୮୮ ଜଣ ଓ ଜାତୀୟ ସାମାଜିକ ସୁରକ୍ଷା ଯୋଜନାରେ ଜଣେ, ଢେଙ୍କାନାଳ ପୌରପାଳିକାରେ ମଧୁବାବୁ ପେନସନ ଯୋଜନାରେ ୯୮୨ଜଣ ଓ ଜାତୀୟ ସାମାଜିକ ସୁରକ୍ଷା ଯୋଜନାରେ ୧୨ଜଣ, ସଦର ବ୍ଲକରେ ମଧୁବାବୁ ପେନସନ ଯୋଜନାରେ ୨ ହଜାର ୬୭୨ ଜଣ ଓ ଜାତୀୟ ସାମାଜିକ ସୁରକ୍ଷା ଯୋଜନାରେ ୨୨ ଜଣ, ଗଁଦିଆ ବ୍ଲକରେ ମଧୁବାବୁ ପେନସନ ଯୋଜନାରେ ୩ ହଜାର ୨୫୮ ଜଣ ଓ ଜାତୀୟ ସାମାଜିକ ସୁରକ୍ଷା ଯୋଜନାରେ ୧୦୯ଜଣ, ହିନ୍ଦୋଳ ବ୍ଲକରେ ମଧୁବାବୁ ପେନସନ ଯୋଜନାରେ ୪ ହଜାର ୧୯୫ ଜଣ ଓ ଜାତୀୟ ସାମାଜିକ ସୁରକ୍ଷା ଯୋଜନାରେ ୩୨ ଜଣ, ହିନ୍ଦୋଳ ଏନଏସିରେ ମଧୁବାବୁ ପେନସନ ଯୋଜନାରେ ୨୦୪ ଜଣ, କାମାକ୍ଷାନଗର ବ୍ଲକରେ ମଧୁବାବୁ ପେନସନ ଯୋଜନାରେ ୧ ହଜାର ୩୦୯ ଜଣ ଓ ଜାତୀୟ ସାମାଜିକ ସୁରକ୍ଷା ଯୋଜନାରେ ୪୪ ଜଣ, କାମାକ୍ଷାନଗର ଏନଏସିରେ ମଧୁବାବୁ ପେନସନ ଯୋଜନାରେ ୧୭୦ଜଣ, କଙ୍କଡ଼ାହାଡ଼ ବ୍ଲକରେ ମଧୁବାବୁ ପେନସନ ଯୋଜନାରେ ୧ ହଜାର ୪୯୭ ଜଣ ଓ ଜାତୀୟ ସାମାଜିକ ସୁରକ୍ଷା ଯୋଜନାରେ ୮ ଜଣ, ଓଡ଼ାପଡ଼ା ବ୍ଲକରେ ମଧୁବାବୁ ପେନସନ ଯୋଜନାରେ ୨ ହଜାର ୨୦୨ ଜଣ ଓ ଜାତୀୟ ସାମାଜିକ ସୁରକ୍ଷା ଯୋଜନାରେ ୭୫ ଜଣ, ପରଜଙ୍ଗ ବ୍ଲକରେ ମଧୁବାବୁ ପେନସନ ଯୋଜନାରେ ୨ ହଜାର ୧୧ ଜଣ ଓ ଜାତୀୟ ସାମାଜିକ ସୁରକ୍ଷା ଯୋଜନାରେ ୨୦ ଜଣ ହିତାଧିକାରୀ ଆବେଦନ କରି ଭତ୍ତା ପାଇବାକୁ ଚାହିଁ ରହିଛନ୍ତି ।

ଏଭଳି ଜିଲ୍ଲାରେ ମଧିବାବୁ ପେନସନ ଯୋଜନାରେ ମୋଟ ୨୦ ହଜାର ୬୫୬ ଜଣ ଏବଂ ଜାତୀୟ ସାମାଜିକ ସୁରକ୍ଷା ଯୋଜନାରେ ୩୬୮ ଜଣ ଅପେକ୍ଷାରେ ଅଛନ୍ତି । ସରକାର ବଦଳିବା ପରେ ଏହି ସମସ୍ୟା ସୃଷ୍ଟି ହୋଇଛି । ବର୍ଷାଧିକ କାଳ ହିତାଧିଙ୍କ ଆବେଦନ ପଡ଼ିରହିଥିଲେ ମଧ ମଞ୍ଜୁର ହେଉ ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି ।

## ୧୫ ଦିନ ପରେ ବି ରହସ୍ୟ ଘେରରେ ରାଜେଶ ପାଣି ମୃତ୍ୟୁ

● ଆନ୍ଦୋଳନ ପାଇଁ ସଜବାଜ ଗ୍ରାମବାସୀ

ପରଜଙ୍ଗ,୨୮ ।୧୧(ସମିସ): ନଭେମ୍ବର ୧୪ ତାରିଖ ପରଜଙ୍ଗ ଥାନା ସାଆନ୍ଦା ଫାଣ୍ଡି ସାଆନ୍ଦା ଗ୍ରାମର ରାଜେଶ ପାଣିଙ୍କ ମୃତଦେହ କାମାକ୍ଷାନଗର ଥାନା ମୁକ୍ତାପଶି ଗ୍ରାମ ମହୋତ୍ସବ ଖନ୍ଦା ପୋଖରୀରୁ ଉଦ୍ଧାର ହୋଇଥିଲା । ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ ଆଣିଥିଲେ । ତେବେ ଇତିମଧ୍ୟରେ ୧୫ ଦିନ ବିତିଯାଇଥିଲେ ମଧ୍ୟ ଏହି ମାମଲା ଉପରୁ ପୁଲିସ ପରଦା ଉଠାଇ ପାରିନାହିଁ । ଏ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ତୁରନ୍ତ ଘଟଣାର ପର୍ଦ୍ଦାଫାସ କରା ନ ଗଲେ ଗ୍ରାମବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

ରାଜେଶ ଜଣେ ଜଣାଶୁଣା ଫଟୋଗ୍ରାଫର । ସେ ସାଆନ୍ଦା ଗ୍ରାମରେ ଏକ ଷ୍ଟୁଡିଓ କରିଥିବା ବେଳେ ବିବାହ, ବ୍ରତ, ନିର୍ବନ୍ଧ କାର୍ଯ୍ୟକ୍ରମରେ ଭିଡିଓ ସୁଟିଂ କରନ୍ତି । ଘଟଣା ଦିନ ମୁକ୍ତାପଶି ଗ୍ରାମରେ ଏକ ନିର୍ବନ୍ଧ କାର୍ଯ୍ୟକ୍ରମର ଭିଡିଓ ସୁଟିଂ କରିବାକୁ ଆସି ଆଉ ଫେରି ନ ଥିଲେ । ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ନ ପାଇବାରୁ ପରଜଙ୍ଗ ଥାନାରେ ଏତଲା ଦେଇଥିଲେ । ରାଜେଶଙ୍କ ବାଇକ୍ ଓ ଚାବି ମୁକ୍ତାପଶି ଗ୍ରାମ ମହୋତ୍ସବ ଖନ୍ଦା ପୋଖରୀ ହୁଡ଼ାରେ ରହିଥିବା ବେଳେ ମୃତଦେହ ପୋଖରୀରେ ଭାସୁଥିବା ଦେଖିବାକୁ ମିଳିଥିଲା । ପୁଲିସ ଓ ଅଗ୍ନିଶମ କର୍ମଚାରୀ ମୃତଦେହ ଉଦ୍ଧାର କରିଥିଲେ । ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା । ରାଜେଶଙ୍କୁ ଭିଡିଓ ସୁଟିଂ ପାଇଁ ଡକାଇ ଯୋଜନାବଦ୍ଧ ଭାବେ ହତ୍ୟା କରିଥିବା ତାଙ୍କ ଶଳା କାମାକ୍ଷାନଗର ଥାନାରେ ଅଭିଯୋଗ କରିଥିଲେ । ତେବେ ଆଜିପର୍ଯ୍ୟନ୍ତ ଏହି ମାମଲାରେ କୌଣସି ସଫଳତା ନ ମିଳିବା ପୁଲିସର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପୁଲିସର ନିଷ୍କ୍ରିୟତା ପ୍ରତିବାଦରେ ଗ୍ରାମବାସୀ ଆନ୍ଦୋଳନ କରିବାକୁ ସଜବାଜ ହେଉଥିବା କହିଛନ୍ତି ।

## ଟ୍ରକ ଧକ୍କାରେ ଚାଲିଗଲା ଜୀବନ

ଢେଙ୍କାନାଳ,୨୮ ।୧୧(ସମିସ): ୫୫ନଂ ଜାତୀୟ ରାଜପଥର ସଦର ଥାନା ଅନ୍ତର୍ଗତ ମୂଳିସିଂହଠାରେ ରାସ୍ତା ପାର ହେଉଥିବା ଦ୍ରୁତଗାମୀ ଟ୍ରକ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ସଦାଶିବପୁର ଗ୍ରାମର ଗଣେଶ୍ୱର ମିଶ୍ର । ଗଣେଶ୍ୱର ରାସ୍ତା ପାର ହେଉଥିବା ବେଳେ ତାଙ୍କୁ ଏକ ଟ୍ରକ ଧକ୍କାଦେଇ ଫେରାର ହୋଇଯାଇଥିଲା । ଫଳରେ ସେ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଢେଙ୍କାନାଳ ଡାକ୍ତରଖାନା ପଠାଇଥିଲେ । ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର କଟକ ସ୍ଥାନାନ୍ତର କରିଥିଲେ । ତେବେ ସେଠାରେ ତାଙ୍କ ମୃତ୍ୟୁ ଘଟିଛି । ଗଣେଶ୍ୱର ସିମିନଇଠାରେ ଓମଫେଡ ଦୋକାନ କରି ପରିବାର ଚଳାଉଥିଲେ । ତାଙ୍କ ମୃତ୍ୟୁରେ ପରିବାର ଲୋକେ ବେସାହାର ହୋଇପଡ଼ିଛନ୍ତି । ଏ ନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## ଦୁର୍ଘଟଣାରେ ଜଣେ ମୃତ

ଭୁବନ,୨୮ ।୧୧(ସମିସ): ୫୩ନଂ ଜାତୀୟ ରାଜପଥର ଭୁବନ ଥାନା ଅନ୍ତର୍ଗତ ଭୁବନ ସିଭିଲ କୋର୍ଟ ଛକରେ ସଡ଼କ ଦୁର୍ଘଟଣା ଘଟି ଜଣଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଯାଜପୁର ଜିଲ୍ଲା ଦାନଗଦି ବ୍ଲକ ବାଘଭିଲା ଗ୍ରାମର ରମେଶ ଭୋଇ । ଏହି ଦୁର୍ଘଟଣାରେ ତାଙ୍କ ସହ ଥିବା ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି ।

# କାମ ନ ହୋଇ ୪ ଲକ୍ଷ ଟଙ୍କାର ବିଲ୍

## ତଦନ୍ତ ଦାବି କଲେ କଲେଜ ଛାତ୍ରଛାତ୍ରୀଙ୍କ ସମେତ ଗ୍ରାମବାସୀ

କଙ୍କଡ଼ାହାଡ଼,୨୮ ।୧୧(ସମିସ): ମହାବିରୋଡ ଡିଗ୍ରୀ କଲେଜ ଖେଳପଡ଼ିଆ କାମ ନ ହୋଇ ୪ ଲକ୍ଷ ଟଙ୍କା ବିଲ୍ କରାଯାଇଥିବା ଅଭିଯୋଗ ହୋଇଛି । ଏହି ଖେଳପଡ଼ିଆର ଉନ୍ନତୀକରଣ ପାଇଁ ସରକାର ୯ ଲକ୍ଷ ୫୦ ହଜାର ଟଙ୍କା ଲେବର ଓ ମ୍ୟାଟେରିଆଲ ନାମରେ ମଞ୍ଜୁର କରିଛନ୍ତି । ହେଲେ ଆଶ୍ଚର୍ଯ୍ୟର କଥା କଲେଜ କର୍ମଚାରୀମାନେ ଠିକାଦାର ସାଜି ଟ୍ରାକ୍ଟର ମାଧ୍ୟମରେ ପାଣି ପକାଇ ଡୋଜର ମାରି ୪ ଲକ୍ଷରୁ ଅଧିକ ଟଙ୍କାର ବିଲ୍ କରିସାରିଲେଣି । ଏ ସମ୍ପର୍କରେ ଗ୍ରାମବାସୀ ଓ ଛାତ୍ରଛାତ୍ରୀ ଅଭିଯୋଗ କରିବା ପରେ କେବଳ ୫୦ରୁ ୬୦ ଟ୍ରିପ ମାଟି ପକାଇ ଦିଆଯାଇଛି । ଏହି କାମରେ ଆଦୌ ଶ୍ରମିକ ଲାଗି ନ ଥିବା ବେଳେ ଠିକାଦାରଙ୍କ ସମ୍ପର୍କୀୟମାନଙ୍କୁ ଆଣି ଡିମାଣ୍ଡ ଦେଇ ବିଲ୍ କରାଯାଇଛି । ଏହିର ଉପଯୁକ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଛାତ୍ରଛାତ୍ରୀ ତଥା ଗ୍ରାମବାସୀ ଦାବି କରିଛନ୍ତି । ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ଜିଆରଏସ ଚିନ୍ମୟୀ ଶତପଥୀ ଓ କନିଷ୍ଠ ଯନ୍ତ୍ରୀ ମାମିନା ନାୟକଙ୍କୁ ବାରମ୍ବାର ଫୋନ କରାଯାଇଥିଲେ ମଧ୍ୟ ସେମାନେ ଫୋନ୍ ଉଠାଇ ନ ଥିଲେ । ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେଇ ତଦନ୍ତ କରିବାକୁ ଛାତ୍ରଛାତ୍ରୀ ଓ ଗ୍ରାମବାସୀ ଦାବି କରିଛନ୍ତି ।



## ଅଧିକାରୀଙ୍କ ସହ ବରିଷ୍ଠ ନାଗରିକ ମଞ୍ଚର ଆଲୋଚନା



ଗଁଦିଆ,୨୮ ।୧୧(ସମିସ): ଗଁଦିଆ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ସଭାପତି ବିଜୟ କୁମାର ସାମନ୍ତ, କାର୍ଯ୍ୟକାରୀ ସଭାପତି ହରିହର ସାହୁ, ଉପସଭାପତି ଡମ୍ବରୁଧର ସେଠୀ, ସାଧାରଣ ସମ୍ପାଦକ ରାଘବ ଚନ୍ଦ୍ର ମହାରଣା, ସଂଗଠନ ସମ୍ପାଦକ ଶ୍ରୀକାନ୍ତ ଭୂତିଆ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ସ୍ୱାଇଁ ପ୍ରମୁଖ ଏକ ପ୍ରତିନିଧି ଦଳ ଗଁଦିଆ ବିଡିଓ ପବିତ୍ର କୁମାର ବେହେରା ଓ ଥାନା ଅଧିକାରୀ ଶାନ୍ତନୁ କୁମାର ପ୍ରଧାନଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଏଥିସହ ଗଠନ ହୋଇଥିବା ଗଁଦିଆ ବରିଷ୍ଠ ନାଗରିକ ମଞ୍ଚର ଅଧିବେଶନ ସହ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଉଭୟ ଅଧିକାରୀଙ୍କୁ ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରିତା ବିଷୟରେ ଅବଗତ କରିଥିଲେ ।

## ଶତ୍ରୁଘ୍ନ ମାଟିଙ୍କୁ ସଙ୍ଗୀତ ନାଟକ ଅଭିନୟ ସମ୍ମାନ

ଢେଙ୍କାନାଳ,୨୮ ।୧୧(ସମିସ): ଢେଙ୍କାନାଳର ବିଶିଷ୍ଟ ନାଟ୍ୟକାର ତଥା ନିର୍ଦ୍ଦେଶକ ଶତ୍ରୁଘ୍ନ ମାଟିଙ୍କୁ ୨୦୨୫ ବର୍ଷ ପାଇଁ ସଙ୍ଗୀତ ନାଟକ ସମ୍ମାନ ମିଳିଥିବା ଜଣାପଡ଼ିଛି । ଶତ୍ରୁଘ୍ନ ମଞ୍ଚ ନାଟକ, ଚଳଚ୍ଚିତ୍ର, ଟେଲିଭିଜନ ଧାରାବାହିକ, ଟିଭି ନାଟକ ସହ ଅନେକ କ୍ଷେତ୍ରରେ ନିଜ ପ୍ରତିଭା ପ୍ରଦର୍ଶନ କରିଛନ୍ତି । ଏଥିପାଇଁ ସେ ବହୁ ସମ୍ମାନରେ ସମ୍ମାନିତ ହେବା ସହ ଦର୍ଶକଙ୍କ ସ୍ୱୀକୃତି ଲାଭ କରିଛନ୍ତି । ସମର ତରଙ୍ଗ ଓ ମହିମାଧର୍ମର ସନ୍ଥ ତଥା ପ୍ରଚାରକ ଭୀମ ଭୋଇଙ୍କ ଉପରେ ନାଟ୍ୟକାର ଅବନୀ ମିଶ୍ରଙ୍କ ରଚିତ ଗୀତିନାଟ୍ୟରେ ସେ ନିର୍ଦ୍ଦେଶନା ଦେଇ ସଫଳତା ଅର୍ଜନ କରିଛନ୍ତି । ଶତାଧିକ ନାଟକରେ ଅଭିନୟ କରି ସଫଳ ଅଭିନେତା ଭାବେ ପରିଚିତ ହୋଇଛନ୍ତି । ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ତରଫରୁ ନାଟକ କ୍ଷେତ୍ରରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି ।



## ଯୁବ ସମାଜସେବୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଗଁଦିଆ,୨୮ ।୧୧(ସମିସ): ସମ୍ବିତ ନନ୍ଦ ମେମୋରିଆଲ ଫାଉଣ୍ଡେସନ ଟ୍ରଷ୍ଟ ଆନୁକୂଲ୍ୟରେ ଯୁବ ସମାଜସେବୀ ସ୍ୱର୍ଗତ ସମ୍ବିତ ନନ୍ଦଙ୍କର ୪୨ତମ ଜନ୍ମଦିନ ଅବସରରେ ଏକ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି । ସମ୍ବିତଙ୍କ ଏକମାତ୍ର ଝିଅ ସମୀକ୍ଷା ନନ୍ଦ ଏହାକୁ ଉନ୍ମୋଚନ କରିଥିଲେ । ଟଙ୍କଧର ବାରିକଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଗନ୍ଦିଆ ବ୍ଲକ ଅଧ୍ୟକ୍ଷ ମଳୟ ସିଂହ, ସନାତନ ସାହୁ, ପୂର୍ବତନ ସରପଞ୍ଚ ମହାରାଜ ବାରିକ, ଦେଓଗାଁ ସରପଞ୍ଚ ବିଜୟ କୁମାର ଦେହୁରୀ, ଜିଲ୍ଲା ବିଜେପି ଉପସଭାପତି ସନାତନ ବେହେରା, ସମାଜସେବୀ ଦେବଦତ୍ତ ପଟ୍ଟନାୟକ, ପୂର୍ବତନ କଂଗ୍ରେସ ଜିଲ୍ଲା ସଭାପତି ସୁନୀଲ ଦାସ, ପୂର୍ବତନ ତାଳବରକୋଟ ସରପଞ୍ଚ ଖାଁ ଜୁଲଫତ ଅଲ୍ଲୀ, ମନରେଗାର ପୂର୍ବ ଲୋକପାଳ ଅମରେନ୍ଦ୍ର ମଲ୍ଲ, ସମବାୟବିତ୍ ଲମ୍ବୋଦର ପରିଡ଼ା, ସପ୍ତଶଯ୍ୟା ପଞ୍ଚାୟତର ପୂର୍ବ ସମିତି ସଭ୍ୟ ମାନସ ବାଘ, ଢେଙ୍କାନାଳ ମ୍ୟୁନିସିପାଲିଟିର ପୂର୍ବ ଉପାଧ୍ୟକ୍ଷା ସୁମିତ୍ରା ଭୋଇ, ଖାଙ୍କିରା ପଞ୍ଚାୟତର ତୋଫାନ ଦାସ, ପୂର୍ବତନ ବାଇଶିଆଁ ସରପଞ୍ଚ ପ୍ରସନ୍ନ ପତି, ବଣସିଂହର ବାବୁଲି ହୋତା, ଜଳଧର ବେହେରା, ବରିଷ୍ଠ ନେତା ଗଙ୍ଗାଧର ବେହେରାଙ୍କ ସମେତ ଶତାଧିକ ବ୍ୟକ୍ତି ଯୋଗଦେଇଥିଲେ । ଏହି ଅବସରରେ କଳିଙ୍ଗ ଚକ୍ଷୁ ଚିକିତ୍ସାଳୟ ଆନୁକୂଲ୍ୟରେ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରରେ ୨୦୦ରୁ ଅଧିକ ବ୍ୟକ୍ତିଙ୍କ ଚକ୍ଷୁ ପରୀକ୍ଷା କରାଯାଇ ଚଷମା ପ୍ରଦାନ କରାଯାଇଥିଲା ।



## ସର୍ବଭାରତୀୟ ବାଜି ରାଉତ ଆମନ୍ତ୍ରଣ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ ଡାଇମଣ୍ଡ ହାର୍ବର ଓ ଇନକମ ଟାକ୍ସ ଚେନ୍ନଇ

ଢେଙ୍କାନାଳ,୨୮ ।୧୧(ସମିସ)

ଜିଲ୍ଲା କ୍ରୀଡ଼ା ସଙ୍ଘ, ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଓ ଢେଙ୍କାନାଳ ଜିଲ୍ଲା ପ୍ରଶାସନ ମିଳିତ ସହଯୋଗରେ ଏଠାରେ ସର୍ବଭାରତୀୟ ବାଜି ରାଉତ ଆମନ୍ତ୍ରଣ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଛି । ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଆସାମ ରାଇଫଲ ସଲଙ୍ଗକୁ ୩-୧ ଗୋଲରେ ପରାସ୍ତ କରି କୋଲକାତା ଡାଇମଣ୍ଡ ହାର୍ବର ଦଳ ଫାଇନାଲରେ ପ୍ରବେଶ କରିଛି । ପୂର୍ବରୁ ଇନକମ ଟାକ୍ସ ଚେନ୍ନଇ ଦଳ ଫାଇନାଲରେ ପ୍ରବେଶ କରିଥିଲା । ଆସନ୍ତା ରବିବାର ଏହି ଦୁଇ ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ ଜଣାଇଛନ୍ତି ।

ଆଜିର ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ଇଣ୍ଡିଆନ ପଟାସ ଲିମିଟେଡର ଜେନେରାଲ ମ୍ୟାନେଜର ବିକାଶ କୁମାର ଚୌଧୁରୀ, ନୱା କର୍ପୋରେଟ ପ୍ରାଇଭେଟ ଲିମିଟେଡର ରଜେଶ କୁମାର ଘୋଷ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସଞ୍ଜୟ କୁମାର ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ । ରେଫରୀ ଭାବେ ଶଶିକାନ୍ତ ଦାଶିଆ, ପ୍ରଦୀପ୍ତ ନାୟକ, ଅରୁଣ ନାୟକ, ଆଶୀର୍ବାଦ କାନୁନଗୋ ମ୍ୟାଚ ପରିଚାଳନା କରିଥିଲେ । ମାୟାଧର ସାହୁ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ । ମ୍ୟାନ ଅଫ ଦି ମ୍ୟାଚ ଭାବେ ଡାଇମଣ୍ଡ ହାର୍ବର ଦଳର କ୍ୟାପଟେନ ଗରିରି ଖୋସଲାଙ୍କୁ ଭୁବନେଶ୍ୱରର ନୱା ଇମେଜ ଟେକେନ କେୟାର ତରଫରୁ ସଂସ୍ଥାର ଅଧ୍ୟକ୍ଷ ୩ ହଜାର ୫ଶହ ଟଙ୍କା ପ୍ରଦାନ କରିଥିଲେ । କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ, ଉପସଭାପତି ସଞ୍ଜୟ କୁମାର ଭଞ୍ଜ, ଯୁଗ୍ମ ସମ୍ପାଦକ ଅଭିଜିତ ମିଶ୍ର, ଗୌରାଙ୍ଗ ସେଠୀ, ମନୋଜ ପଟ୍ଟନାୟକ, ପ୍ରତାପ ମହାନ୍ତି, ବାବୁ ପାଢ଼ୀ, ସୁନୀଲ ପଣ୍ଡା, ଶ୍ୟାମସୁନ୍ଦର ମହାପାତ୍ର, ବାବୁଲି ସାହୁ, ପ୍ରତୀକ ଭଞ୍ଜ, ବେସାରତ ଖାଁ, ପର୍ଶୁରାମ ମିଶ୍ର, ସରୋଜ ପାଢ଼ୀ, ମନୋଜ ଦାସ, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଅଜୟ ବାରିକ, ଦୀପ୍ତିରଞ୍ଜନ ସେଠୀ, ବିଭୁ ପଟ୍ଟନାୟକ, ମାନସ ମହାରଣା ପ୍ରମୁଖ ସହଯୋଗ କରିଥିଲେ । ପର୍ଶୁରାମ ମିଶ୍ର, ପ୍ରେମାନନ୍ଦ ମହାନ୍ତି, ଆଇନଜୀବୀ ସରୋଜ କୁମାର ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।




## ହାତୀ ସୁରକ୍ଷା ପାଇଁ ସଚେତନତା ପଦଯାତ୍ରା



ଢେଙ୍କାନାଳ,୨୮ ।୧୧(ସମିସ): ଶିମିଳିପାଟଣା ଉଚ୍ଚ ବିଦ୍ୟାଳୟର ଇକୋ କ୍ଲବ ଏବଂ ଶକ୍ତି କ୍ଲବ ଆନୁକୂଲ୍ୟରେ ଛାତ୍ରଛାତ୍ରୀଙ୍କୁ ନେଇ ହାତୀ ସୁରକ୍ଷା ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ବୁଧବାର ଇଚ୍ଛାପୁର ଗ୍ରାମରେ ଅନୁଷ୍ଠିତ ହୋଇଛି । ଛାତ୍ରଛାତ୍ରୀମାନେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଐତିହ୍ୟ ଜୀବ ହାତୀର ସୁରକ୍ଷା ପାଇଁ ବିଭିନ୍ନ ସଚେତନତାଧର୍ମୀ ସ୍ଲୋଗାନ ଦେଇଥିଲେ । ପରେ ଗ୍ରାମରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ମୁଖ୍ୟ ଉପଦେଷ୍ଟା ହରେକ୍ରିଷ୍ଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଢେଙ୍କାନାଳ ବିଦ୍ୟୁତ ଡିଭିଜନ ଡେପୁଟି ମ୍ୟାନେଜର ଦୀପ୍ତିମୟୀ ରାଉତ ମୁଖ୍ୟଅତିଥି ଓ ଭାପୁର ଫରେଷ୍ଟର ନିରଞ୍ଜନ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ହାତୀ ସୁରକ୍ଷା ପାଇଁ ନିଜ ନିଜ ବିଭାଗ ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବୁଝାଇଥିଲେ । ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ରୁଦ୍ରମୋହନ ମହାପାତ୍ର ଓ ଶିକ୍ଷକ ଶେଷଦେବ ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଗୀତାରାଣୀ ବରାଳ, ଜିତେନ୍ଦ୍ର ରାଉତ, ପ୍ରହଲ୍ଲାଦ ସାହୁ, ରତ୍ନାକର ସାହୁ, ଇଚ୍ଛାପୁର ଗ୍ରାମ ସଭାପତି ସଦାନନ୍ଦ ପ୍ରଧାନ, ସମ୍ପାଦକ ଛାୟାକାନ୍ତ ରାଉତ, ଦିବାକର ଗନ୍ତାୟତ, ଧରଣୀଧର ରାଉତ ପ୍ରମୁଖ ସହଯୋଗ କରିଥିଲେ ।

## ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ



ଗଁଦିଆ,୨୮ ।୧୧(ସମିସ): ଗଁଦିଆ ବ୍ଲକ ଦିଗମ୍ବରପୁର ପଞ୍ଚାୟତ ନୂଆଗଡ଼ସ୍ଥିତ ଶ୍ରୀ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ ପ୍ରଧାନଶିକ୍ଷକ ସତ୍ୟାନନ୍ଦ ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ଅତିଥି ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ବିଜୟ କୁମାର ସାମନ୍ତ, ପୁରାତନ ଛାତ୍ର ସଂସଦ ସଭାପତି ତୁଷାରକାନ୍ତ ବରାଳ, ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ ଓଡ଼ିଶାର ସଭାପତି ହରିହର ସାହୁ ଯୋଗଦେଇ ପୋଷାକ ବିତରଣ କରିଥିଲେ । ବିଦ୍ୟାଳୟ ପରିବେଶ କ୍ଲବର ତ୍ତ୍ୱାବଧାରକ ଅଭୟ କୁମାର ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ରଶ୍ମିବାଳା ସାମଲ ସ୍ୱାଗତ ଭାଷଣ ଦେଇଥିଲେ । ଶିକ୍ଷୟିତ୍ରୀ ଦୀପିକା ପଢ଼ିଆରି ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷୟିତ୍ରୀ ତପସ୍ୱିନୀ ସାହୁ, ଅତିଥି ଶିକ୍ଷକ ଡମ୍ବରୁଧର ସାହୁ, କର୍ମଚାରୀ ଗୋବର୍ଦ୍ଧନ ବେହେରା ସହଯୋଗ କରିଥିଲେ ।

## ବିଦ୍ୟାଳୟରେ ପାରିବାରିକ ସମ୍ପର୍କ କାର୍ଯ୍ୟକ୍ରମ



ଗଁଦିଆ,୨୮ ।୧୧(ସମିସ): ଗଁଦିଆ ବ୍ଲକ କରମୂଳ ପଞ୍ଚାୟତ ଆମ୍ବପଡ଼ା ସରସ୍ୱତୀ ଶିଶୁମନ୍ଦିର ପରିସରରେ ଆର୍‌ଏସ୍‌ଏସ୍‌ର ଶତବର୍ଷିକୀ ଉପଲକ୍ଷେ ଶୁକ୍ରବାର ପାରିବାରିକ ସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଛି । ଏଥିରେ ସ୍ୱଦେଶୀ ଜାଗରଣ ମଞ୍ଚ ଜିଲ୍ଲା ସଂଯୋଗକ ଯଦୁନନ୍ଦନ ଦାଶ, ପ୍ରଚାର ପ୍ରମୁଖ ଜିତେନ୍ଦ୍ର ପାଣି, କୋଷାଧ୍ୟକ୍ଷ ହରିନାରାୟଣ ଦାଶ, ବରିଷ୍ଠ ସଭ୍ୟ ଅନ୍ନଦା ଶଙ୍କର ପତି, ଆମ୍ବପଡ଼ା ଶିଶୁ ମନ୍ଦିର ସମ୍ପାଦକ ପ୍ରଦ୍ୟୁମ୍ନ ପଣ୍ଡା, ସଭାପତି ଜୟରାମ ସାହୁ, ଉପସଭାପତି ଜୟଦେବ ସାହୁ, ଜିଲ୍ଲା ବୌଦ୍ଧିକ ପ୍ରମୁଖ ଅଶ୍ୱିନୀ ପତି, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ସିଦ୍ଧାର୍ଥ ଶଙ୍କର ସାମଲ, ବିଶ୍ୱହିନ୍ଦୁ ପରିଷଦ ସଦସ୍ୟ କାରଣ ବେହେରା, ମହିମା ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ପ୍ରଭାତ ଦେହୁରୀ ପ୍ରମୁଖ ଯୋଗଦେଇଥିଲେ । ଏବିଭିପି ରାଜ୍ୟ ସଂଗଠନ ସମ୍ପାଦକ ନିର୍ମଳ କୁମାର ଷଡ଼ଙ୍ଗୀଙ୍କ ଦେହାନ୍ତରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ରାଜୀବ ଲୋଚନ ସ୍ୱାଇଁ, ମନମୋହନ ମହାନ୍ତି କର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ମା' ବାଟମଙ୍ଗଳାଙ୍କ ପ୍ରଥମ ବାର୍ଷିକ ଉତ୍ସବ

ହିନ୍ଦୋଳ,୨୮ ।୧୧(ସମିସ): ହିନ୍ଦୋଳ ଉପଖଣ୍ଡ ରାସୋଳ ତଳପାଟଣାର ଅଧିଷ୍ଠାତ୍ରୀ ଦେବୀ ମା' ବାଟମଙ୍ଗଳା ମନ୍ଦିରର ମୁଖ୍ୟ ପରିଚାଳକ ସରୋଜ କୁମାର ସାହୁଙ୍କ ଆବାହକତ୍ୱରେ ମାଙ୍କ ପ୍ରଥମ ବାର୍ଷିକ ଉତ୍ସବ ଦୁଇଦିନ ଧରି ଅନୁଷ୍ଠିତ ହୋଇଛି । ଉଦଯାପନୀ ଦିବସରେ ବିଶ୍ୱଶାନ୍ତି ମହାଯଜ୍ଞ, ସୂର୍ଯ୍ୟପୂଜା, ପୂର୍ଣ୍ଣାହୁତି, ପ୍ରସାଦ ସେବନ କରାଯାଇଥିଲା । ମୁଖ୍ୟ ପୂଜକ ସଞ୍ଜୟ ଆଚାର୍ଯ୍ୟ ପୂଜାର୍ଚ୍ଚନା କରିଥିବା ବେଳେ କର୍ତ୍ତା ଭାବେ ବଟକୃଷ୍ଣ ବୈଦ୍ୟ ଦାୟିତ୍ୱ ତୁଲାଇଥିଲେ । ଶହ ଶହ ଶ୍ରଦ୍ଧାଳୁ ମୁଣ୍ଡାବନ୍ଧରୁ ଯଥାବିଧି ପୂଜାର୍ଚ୍ଚନା କରି କଳସ ନେଇ ଗ୍ରାମ ପରିକ୍ରମା ପୂର୍ବକ ଯଜ୍ଞସ୍ଥଳରେ ପହଞ୍ଚିବା ପରେ ଯଜ୍ଞ ଆରମ୍ଭ ହୋଇଥିଲା ।



## ରାସ୍ତାକାମରେ ବ୍ୟାପକ ଅନିୟମିତତା

# ତଦନ୍ତ ପାଇଁ ସ୍ଥାନୀୟ ଲୋକଙ୍କ ଦାବି

ପ୍ରୀତିପୁର,୨୮ ।୧୧(ସମିସ)

ବିଞ୍ଝାରପୁର ପୂର୍ତ୍ତ ଉପବିଭାଗ ସମ୍ପ୍ରତି ମୁରବୀ ବିହୀନ ହୋଇ ପଡିଥିବା ବେଳେ କୋଟି କୋଟି ଟଙ୍କାର କାମ ଠିକାଦାରଙ୍କ ମର୍ଜିରେ ହେଉଛି। ଫଳରେ ବିଭାଗୀୟ ଜେଇଙ୍କୁ ହାତରେ ରଖି ଠିକାଦାରମାନେ ଅଧିକ ରନିଂ ବିଲ୍ ଉଠାଇ ନେଇ କାମ ଛାଡି ଫେରାର ହୋଇଯାଉଛନ୍ତି ବୋଲି ବାରମ୍ବାର ସାଧାରଣରେ ଅଭିଯୋଗ ହେଉଛି। ଏଷ୍ଟିମେଣ୍ଟ ହୋଇଥିବା ରାସ୍ତା କାମକୁ ଠିକାଦାର ପୂରା ନକରି କାମ ବନ୍ଦ କରି ଯନ୍ତ୍ରପାତି ସହିତ ଜାଗା ଛାଡ଼ ଚାଲି ଯାଉଥିବାରୁ ଏହି ରାସ୍ତା ଉପରେ ନିର୍ଭର କରୁଥିବା ହଜାର ହଜାର ଲୋକଙ୍କର ଗମନାଗମନ ସମସ୍ୟା ଉତ୍କଟ ହେଉଛି। ଏହି ପରି ଏକ ଘଟଣା ଦେଖିବାକୁ ମିଳିଛି ବିଞ୍ଝାରପୁର ବ୍ଲକର ଉତ୍ତଙ୍ଗରା ଅଞ୍ଚଳରେ।

ପ୍ରକାଶ ଯେ ଉତ୍ତଙ୍ଗରା-ରଘନାଥପୁର ଭାୟା ଚିକଣା ପୂର୍ତ୍ତ ରାସ୍ତାଟି ନିର୍ମାଣ ନିମନ୍ତେ ୨୦୨୩ ମସିହାରେ ୧୬କୋଟି ଟଙ୍କାର ଏକ ପ୍ରକଳ୍ପ ମଞ୍ଜୁର ହୋଇଥିଲା। ଏହି କାର୍ଯ୍ୟଟି ୨୦୨୪-୨୫ ମସିହାରେ ସରିଯିବା କଥା। ମାତ୍ର ଏହି ପ୍ରକଳ୍ପଟି ଅଧପନ୍ତାରିଆ କରି ଚୁପଚାପ ବସିଯାଇଛନ୍ତି ଠିକାଦାର। ଏହି ରାସ୍ତାଟି ଦଶରଥପୁର ଓ ଯାଜପୁର ବ୍ଲକ ସହିତ ବିଞ୍ଝାରପୁର ବ୍ଲକର ସଂଯୋଗୀକରଣର ଏକ ପ୍ରମୁଖ ରାସ୍ତା। ଏହାଛଡା ଆଖପାଖର ପ୍ରାୟ ୧୦ଟି ପଞ୍ଚାୟତର ନିତ୍ୟ ବ୍ୟବହାର ହେଉଥିବା ଏକ ବ୍ୟସ୍ତ ବହୁଳ ରସ୍ତା। ଏହାକୁ ଆର୍‌ଡି ବିଭାଗ ହାତରୁ ଛଡ଼ା ଯାଇ ପୂର୍ତ୍ତ ବିଭାଗକୁ ଅଧିକ ସୁବିଧା ପାଇଁ ହସ୍ତାନ୍ତର କରାଯାଇଥିଲା। ଫଳରେ ରାସ୍ତା ଚଉଡ଼ା ଓ ଅଧିକ ମଜବୁତ ହେବାର ଆଶା ରଖା ଯାଇଥିଲା। ତେବେ କଥିତ ପ୍ରକଳ୍ପର କାର୍ଯ୍ୟାରମ୍ଭ ପରେ ସମ୍ପୃକ୍ତ ଠିକାଦାର ପିଚୁ, ଗାର୍ଡ ୱାଲ, ଡ୍ରେନ ଭଳି କିଛି କାମ କରିଥିଲେ। କିନ୍ତୁ କରାଯାଇଥିବା କାର୍ଯ୍ୟର ମାନକୁ ନେଇ ସ୍ଥାନୀୟ ଲୋକେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି କାମରେ ବ୍ୟବହାର



କରାଯାଇଥିବା ନିର୍ମାଣ ସାମଗ୍ରୀ ଅତି ନିମ୍ନମାନର। ଏହା ସହିତ ନିର୍ମାଣ ମଧ ନିମ୍ନମାନର ବୋଲି ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। ଅଭିଯୋଗକାରୀ ମାନଙ୍କ ତରଫରୁ ସମାଜସେବୀ ଦର୍ପନାରାୟଣ ଦାସ କହଛନ୍ତି ଯେ ରାସ୍ତା ଚଉଡ଼ା ପାଇଁ ଗାର୍ଡ ୱାଲ ହେଲା; ମାତ୍ର ଫିଲିଂ କାମ ହାଲାନାହିଁ। ଉତଙ୍ଗରା ବଜାର, ସ୍କୁଲ, ବ୍ୟାଙ୍କ, ହାଟ, ଡାକ୍ତରଖାନା ଆଦି ଜନାଗହଳି ରାସ୍ତା କାମ ଆଦୌ ହେଲାନାହିଁ। ସୁବିଧା ସ୍ଥାନରେ କାମ କରିଦେଇ ମୋଟା ଅଙ୍କରେ ରନିଂ ବିଲ୍ ହାତେଇ ନେଇଛନ୍ତି ଠିକାଦାର। ରାସ୍ତା କାମ ସମ୍ପୂର୍ଣ୍ଣ କରିବା ମତଲବରେ ଆଉ ଠିକାଦାର ନଥିବା କୁହାଯାଇଛି। ଏହିମର୍ମରେ ସ୍ଥାନୀୟ ଜନସାଧାରଣ ଯାଜପୁର ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିବା ସହିତ ସରକାରୀ ଅର୍ଥର ଅପବ୍ୟୟ ତଥା ଦୁର୍ନୀତିର ତଦନ୍ତ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦୁର୍ନୀତି ନିବାରଣ ବିଭାଗର ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିବା ପ୍ରକାଶ।

ସୂଚନା ଯୋଗ୍ୟଯେ ଦୀର୍ଘଦିନ ଧରି ବିଞ୍ଝାରପୁର ପୂର୍ତ୍ତ ଉପବିଭାଗରେ ଉପନିର୍ବାହୀ ଯନ୍ତ୍ରୀ ପଦବୀରେ କୌଣସି ଅଧିକାରୀ ନାହାନ୍ତି। ଯାହାଫଳରେ ପ୍ରକଳ୍ପ ଗୁଡିକର କାମ ଅଧପନ୍ତାରିଆ ଅବସ୍ଥାରେ ପଡି ରହିଲେ ମଧ ଦାୟିତ୍ୱରେ ଥିବା ଜେଇ ଠିକାଦାର ମାନଙ୍କଠାରୁ କାମ ଆଦାୟ କରିବାରେ ବ୍ୟର୍ଥ ହେଉଛନ୍ତି। ଏ ସମ୍ପର୍କରେ ବିଞ୍ଝରପୁର ପୂର୍ତ୍ତ ଉପବିଭାଗର କାର୍ଯ୍ୟରତ ଜେଇ ଇଂ.ଧୀରେନ୍ ନାୟକଙ୍କୁ ପଚାରିବାରୁ ସେ କହିଥିଲେ ଯେ ରାସ୍ତାଟିର ନିର୍ମାଣ ବେଳେ ଆଇନଗତ ସମସ୍ୟା ଦେଖା ଦେଇଥିବା ସ୍ଥାନର ନିର୍ମାଣ କାର୍ଯ୍ୟ ହୋଇନାହିଁ। ଉତ୍ତଙ୍ଗରା ବଜାରର ସରକାରୀ ଜାଗା ବାହାରିବା ପରେ ଏହାର କାମ କରାଯିବ। ଅନ୍ୟଥା ଗୋଟିଏ କିମି ରାସ୍ତା ନିର୍ମାଣ ପାଇଁ ଠିକାଦାର ଏତେ ସବୁ ଯନ୍ତ୍ରପାତି, ଗାଡି ଘୋଡ଼ା ଆଣିବକି ବୋଲି ଓଲଟା ପ୍ରଶ୍ନ କରିଥିଲେ। ତେବେ ଉତ୍ତଙ୍ଗରା-ରଘନାଥପୁର ଭାୟା ଚିକଣା ପୂର୍ତ୍ତ ରାସ୍ତାଟିର ସମ୍ପୂର୍ଣ୍ଣ ନିର୍ମାଣ ନିମନ୍ତେ ଜନ ଆନ୍ଦୋଳନ ଦାନା ବାନ୍ଧୁଥିବା ଜଣାଯାଇଛି।

## କୁମାରୀ ଗ୍ରାମରେ କୁରାଳ ପଞ୍ଚମୀ ପୂଜା



ଧର୍ମଶାଳା,୨୮ ।୧୧(ସମିସ): ଧର୍ମଶାଳା ବ୍ଲକ କୁମାରୀ ଗ୍ରାମରେ କୁମ୍ଭକାରମାନଙ୍କର ପ୍ରମୁଖ ପର୍ବ କୁରାଳ ପଞ୍ଚମୀ ପୂଜା ମହାଆଡମ୍ବର ସହକାରେ ପାଳିତ ହେଉଛି। ଏହି ପର୍ବରେ କୁମ୍ଭକାରମାନେ ସେମାନଙ୍କ ମାଟିହାଣ୍ଡି ଗଢ଼ା କାର୍ଯ୍ୟ ବନ୍ଦ କରି ଉତ୍ସବକୁ ପାଳନ କରିଥାନ୍ତି। ମଙ୍ଗଳବାର ସକାଳୁ କୁରାଳ ପଞ୍ଚମୀ ପୂଜା କମିଟି ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ଗ୍ରାମ ପୋଖରୀରୁ କଳସରେ ଜଳ ଆଣାଯାଇ ଲକ୍ଷ୍ମୀନାରାୟଣଙ୍କ ମୃଣ୍ମୟୀ ମୂର୍ତ୍ତୀକୁ ମଣ୍ଡପରେ ସ୍ଥାପନ କରାଯାଇ ପୂଜାକାର୍ଯ୍ୟ କରାଯାଇଛି। ପୂଜକ ପଣ୍ଡିତ ବିଭୁପ୍ରସାଦ ପଣ୍ଡା ଓ ସ୍ୱରୁପ କୁମାର ଦାଶ ପୂଜାର୍ଚ୍ଚନା କରୁଥିବା ବେଳେ କର୍ତ୍ତାଭାବେ ଲକ୍ଷ୍ମଣ ରଣା ଓ କର୍ତ୍ତୀ ଭାବେ ଗୀତାଞ୍ଜଳି ରଣା ସଂକଳ୍ପ ଆସନରେ ବସିଥିଲେ। ରବୀନ୍ଦ୍ର ସାହୁ, ଭରତ ସାହୁ, ଜଗନ ରଣା, ଗଗନ ରଣା, ଅକ୍ଷୟ କୁମାର ବେହେରା, ଅଶୋକ ରଣା, ଗୋକୁଳ ବେହେରା, ଆକୁଳ ବେହେରା, ଚରଣୀ ବେହେରା, ଇନ୍ଦ୍ରମଣୀ ବେହେରା, ଶିବ ବେହେରା, ଅର୍ଜୁନ ବେହେରା, ସୁଶାନ୍ତ ବେହେରା, ପବିତ୍ର ବେହେରା, ପ୍ରଶାନ୍ତ ବେହେରା, ପ୍ରଭାତ ବେହେରା, ନୀଳମଣୀ ବେହେରା, ଚନ୍ଦ୍ରମଣୀ ବେହେରା, ନିରଞ୍ଜନ ବେହେରା, ଗିରିଧାରୀ ବେହେରା, ଅଜୟ ବେହେରା, ଲକ୍ଷ୍ମୀଧର ବେହେରା, ପଦ୍ମନାଭ ରଣା, ନିତ୍ୟାନନ୍ଦ ରଣା, ଗୁରୁଚରଣ ବେହେରା, ରାଇଚରଣ ବେହେରା, ନକୁଳ ରଣା, ମହେନ୍ଦ୍ର ବେହେରା ଉପସ୍ଥିତ ରହି ପୂଜାକର୍ମ କରିଥିଲେ। ପ୍ରଥମ ଦିବସରେ ଷୋଡ଼ଶ ଉପଚାର ପୂଜା ଅନୁଷ୍ଠିତ ହୋଇଥିଲା। ମଣ୍ଡପ ସମ୍ମୁଖରେ ପ୍ରତ୍ୟେକ ସନ୍ଧ୍ୟାରେ ଭଜନ, କୀର୍ତ୍ତନ, ନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି। ଆଖପାଖ ଅଞ୍ଚଳର ଶହ ଶହ ଶ୍ରଦ୍ଧାଳୁ ପୂଜା ମଣ୍ଡପରେ ଠାକୁରଙ୍କୁ ଦର୍ଶନ କରିବା ସହ ଏଠାରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରୁଛନ୍ତି। ଆସନ୍ତାକାଲି ଠାକୁରଙ୍କୁ ବିସର୍ଜନ କରାଯିବା ସହ ସନ୍ଧ୍ୟାରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି।।

## କ୍ରୀଡ଼ା ଶିକ୍ଷକଙ୍କ ପରଲୋକ



ଧର୍ମଶାଳା,୨୮ ।୧୧(ସମିସ): ଯାଜପୁର ଜିଲ୍ଲା ଧର୍ମଶାଳା ଅଞ୍ଚଳର ସୁନାମଧନ୍ୟ କ୍ରୀଡ଼ା ଶିକ୍ଷକ ସୁବୋଧ ସାମଲ (୬୭)ଙ୍କର ଗତକାଲି ରାତିରେ ପରଲୋକ ଘଟିଛି। ସେ କିଛିଦିନ ହେବ ହୃଦ୍ ରୋଗରେ ପୀଡ଼ିତ ଥିଲେ। ୬୭ ବର୍ଷ ବୟସରେ ନିଜସ୍ୱ ବାସଭବନ ଭଗବାନପୁର ଠାରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କ ନିକଟରେ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟ ଖବର ପାଇ ଶିକ୍ଷାବିତ୍ ନିର୍ମଳ ଚନ୍ଦ୍ର ରାୟ, ପ୍ରଫୁଲ କୁମାର ସ୍ୱାଇଁ, ବସନ୍ତ କୁମାର ଶତପଥୀ, ମାଗୁଣି ଚରଣ ପୃଷ୍ଟି, ଅଜୟ କୁମାର ପଟ୍ଟନାୟକ, ବ୍ରଜକିଶୋର ଦାଶ, ରସାନନ୍ଦ ମଲ୍ଲ, କୁଳମଣି ନାୟକ, ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ନିଜ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କର ଏକମାତ୍ର ପୁଅ ଶୁଭାଶିଷ ମୁଖାଗ୍ନି ଦେଇଥିଲେ।

## ଇନଡୋର ଷ୍ଟାଡିୟମରେ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ



ଯାଜପୁର,୨୮ ।୧୧(ସମିସ): ଯାଜପୁର ଜିଲ୍ଲା ପ୍ରଶାସନ ଏବଂ କ୍ରୀଡ଼ା ଓ ଯୁବ ସେବା ବିଭାଗ ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଦୁଇଟି ସ୍ଥାନରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଲୋକ ନୃତ୍ୟ, ଲୋକ ଗୀତ, ଔପଚାରିକ ବକ୍ତୃତା, ଚିତ୍ରାଙ୍କନ, ଗଳ୍ପ ଲିଖନ, କବିତା ଲିଖନ ଇତ୍ୟାଦି ବିଭାଗ ଗୁଡ଼ିକରେ ପ୍ରତିଯୋଗିତା ସମ୍ପନ୍ନ ହୋଇଅଛି। ଏହି ଯୁବ ଉତ୍ସବରେ ଜିଲ୍ଲାର ୧୫ରୁ ୨୯ ବର୍ଷୀୟ ଯୁବକ ଯୁବତୀମାନେ ଅଂଶ ଗ୍ରହଣ କରିଥିଲେ। ଦିବା ୧୧ ଘଟିକା ସମୟରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜିଲ୍ଲା କ୍ରୀଡା ଅଧିକାରୀ, ଫକୀର ମୋହନ ଟୁଡୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକଙ୍କ ଉପସ୍ଥିତିରେ ଏହି ଯୁବ ଉତ୍ସବ ଉଦଘାଟିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଉଦଯାପନୀ ସମାରୋହ ଏବଂ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ସହିତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଉଦଯାପନୀ ସମାରୋହରେ ଜିଲ୍ଲାପାଳ ଅମ୍ବର କୁମାର କର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଆଜିର ଯୁବପିଢ଼ିଙ୍କୁ କାର୍ଯ୍ୟରେ ସ୍ଥିରତା ଓ ଶୃଙ୍ଖଳା ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଆଜିର ଯୁବଶକ୍ତି ଦକ୍ଷତା ଓ ନିରନ୍ତର ପ୍ରୟାସ ଏବଂ ଦୃଢ଼ ଲକ୍ଷ୍ୟ ରଖି କାର୍ଯ୍ୟ କଲେ କୌଣସି କାର୍ଯ୍ୟ ତାଙ୍କ ପାଇଁ ଅସମ୍ଭବ ହେବା ନାହିଁ ବୋଲି ନିଜର ବକ୍ତବ୍ୟରେ କହିଥିଲେ। ଶେଷରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିବା ସହିତ ସମସ୍ତ ଉପସ୍ଥିତ ପ୍ରତିଯୋଗୀ ମାନଙ୍କୁ ସମ୍ବୋଧିତ କରି ରାଷ୍ଟ୍ର ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ବିଜେତା ହୋଇଥିବା ୧୪ ଗୋଟି ଏକକ ପ୍ରତିଯୋଗୀ ଓ ୪ ଗୋଟି ସାଂସ୍କୃତିକ ଦଳ ଜିଲ୍ଲାରୁ ମନୋନୀତ ହୋଇ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକିର ମୋହନ ଟୁଡୁ ଉତ୍ସବ ପରିଚାଳନା କରିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ, ବିଚାରକ ମଣ୍ଡଳୀ, ଶିକ୍ଷକ ଶିକ୍ଷୟତ୍ରୀ ସହାୟତା କରିଥିଲେ।

### ଦକ୍ଷତା ବିକାଶ କାର୍ଯ୍ୟକ୍ରମ

## ଅନୁସୂଚିତ ଜାତି ବର୍ଗର ପ୍ରାର୍ଥୀଙ୍କ କାଉନସେଲିଂ



ଯାଜପୁର,୨୮ ।୧୧(ସମିସ): ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ମଙ୍ଗଳ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଅନୁସୂଚିତ ଜାତି ଅଭ୍ୟୁଦୟ ଯୋଜନା ଅନ୍ତର୍ଗତ ଦକ୍ଷତା ବିକାଶ ଏବଂ ନିଯୁକ୍ତି ମେଳା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସ୍ଥାନୀୟ ନରସିଂହ ଚୌଧୁରୀ ମହାବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ମୁଖ୍ୟ ଅତିଥି ରୂପେ ଯୋଗ ଦେବା ସହ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାର୍ଥୀମାନଙ୍କୁ ଅବଗତ କରିଥିଲେ ଏବଂ ଏହାର ଲାଭ ନେବାକୁ ପରାମର୍ଶ ଦେଇଥିଲେ। ଏଥିରେ ସରକାରଙ୍କ ଦ୍ୱାରା ମନୋନୀତ ୯ ଜଣ ପିଆଇଏଙ୍କ ଦ୍ୱାରା ୨୧୦ ଜଣ ଅନୁସୂଚିତ ଜାତି ବର୍ଗର ପ୍ରାର୍ଥୀଙ୍କ କାଉନସେଲିଂ କରାଯାଇଥିଲା। ପ୍ରାର୍ଥୀମାନେ ବିଭିନ୍ନ ଟ୍ରେଡ୍ ଏବଂ ଯୋଜନାରେ ସେମାନଙ୍କ ନାମ ଲେଖାଇବା ସହ କାର୍ଯ୍ୟକ୍ରମକୁ ନେଇ ଉତ୍ସାହିତ ଥିଲେ। ସମ୍ମାନିତ ଅତିଥି ଭାବେ ଓଏସଏଫଡିସିର ମୁଖ୍ୟ ପରିଚାଳକ ଏବଂ ଏନସି ମହାବିଦ୍ୟାଳୟର ଅଧକ୍ଷ ଉପସ୍ଥିତ ଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ଜିଲ୍ଲା ନିୟୋଜନ ଅଧିକାରୀଙ୍କ ସହ ଜିଲ୍ଲା ପ୍ରଶାସନର କର୍ମଚାରୀମାନେ କାର୍ଯକ୍ରମ ପରିଚାଳନା କରିଥିଲେ।

### ସରକାରୀ ସହାୟତାରୁ ବଞ୍ଚିତ ଦିବ୍ୟାଙ୍ଗ

## ଇ-ଟ୍ରାଇସାଇକଲ୍ ପାଇଁ ପ୍ରଶାସନକୁ ଗୁହାରି



କବାଟବନ୍ଧ,୨୮ ।୧୧(ସମିସ): ଭିନ୍ନକ୍ଷମ ଓ ଦିବ୍ୟାଙ୍ଗଙ୍କ ପାଇଁ ବିଭିନ୍ନ ଯୋଜନା ସରକାର ପ୍ରଣୟନ କରିଥିଲା ବେଳେ ଅନେକ ସ୍ଥାନରେ ସହାୟତା ପାଇବାରେ ବଞ୍ଚିତ ହେଉଛନ୍ତି ପ୍ରକୃତ ହିତାଧିକାରୀ। ଏହି ପରି ଧର୍ମଶାଳା ବ୍ଲକ ପ୍ରଶାସନର ଅବହେଳା ପାଇଁ ସରକାରୀ ସହାୟତାରୁ ବଞ୍ଚିତ ହେଉଥିବା ଜଣେ ଦିବ୍ୟାଙ୍ଗ ହେଲେ ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ବୃନ୍ଦାଦେଇପୁର ପଞ୍ଚାୟତ ଅଧୀନ ଦଇପୁର ଗ୍ରାମର ସ୍ୱର୍ଗତ ଶ୍ରୀଧର ସାହୁଙ୍କ ପୁଅ ରମେଶ ଚନ୍ଦ୍ର ସାହୁ (୫୩)। ସେ ଏକ ବିଦ୍ୟୁତ୍ ଚାଳିତ ତିନିଚକିଆ ସାଇକଲ ପାଇଁ ସ୍ଥାନୀୟ ଜନ ପ୍ରତିନିଧି ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଗୁହାରି କରିବା ପରେ ବି ଏଯାଏଁ ବିଦ୍ୟୁତ୍ ଚାଳିତ ଟ୍ରାଇସାଇକଲ୍ ପାଇବାରୁ ବଞ୍ଚିତ ଅଛନ୍ତି ଓ ସୂଚନା ଅନୁଯାୟୀ ରମେଶଙ୍କୁ ଯେତେବେଳେ ୨୨ ବର୍ଷ ବୟସ ହୋଇଥିଲା ସେତେବେଳ ଠାରୁ ଡାହାଣ ପାଶ୍ୱର୍ ଅଙ୍ଗ ସ୍ନାୟୁ ଅଚଳ ହେବା ସହିତ ଦୀର୍ଘ ୩୧ ବର୍ଷ ଧରି ଶାରୀରିକ ଭିନ୍ନକ୍ଷମ ହୋଇ ଘରେ ଚିକିତ୍ସିତ ହୋଇଆସୁଛନ୍ତି। ଯାହା ଫଳରେ ଆଶା ବାଡି ସାହାରାରେ ଚାଲିବା କଷ୍ଟ ହୋଇପଡୁଛି। ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ସେବନ କରୁଥିବା ବେଳେ ନିଜେ ଚାଲିବା ସମ୍ଭବପର ହେଉନାହିଁ। ସେ ୫୦ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ପାଇ ସରକାରୀ ସହାୟତାରେ ଭିନ୍ନକ୍ଷମ ଭତ୍ତା ମଧ ପାଉଛନ୍ତି। ଅଭାବ ଅସୁବିଧା କହିଲେ ପରିବାର ଯନ୍ତ୍ରଣା ସାଙ୍ଗକୁ ନିଜେ ଚଳିବା ପାଇଁ ବ୍ୟବସାୟି କରି ଆଖପାଖ ବଜାର, ଗାଁ, ଛକରେ ବେପାର କରି ଯାହା ଅର୍ଥ ଉପାର୍ଜନ କରନ୍ତି; ତାକୁ ନେଇ ପରିବାର ଦୁଃଖ କଷ୍ଟରେ ଚଳୁଛନ୍ତି ଓ ରମେଶ ଭିନ୍ନକ୍ଷମ ହୋଇଥିବାରୁ ଡାହାଣ ପାଶ୍ୱର୍ର ଅଙ୍ଗର ସ୍ନାୟୁ ଅଚଳ ହେବା ସହିତ ଧିରେଧିରେ ରୋଗ ବଢି ଶରୀର ସମ୍ପୂର୍ଣ୍ଣ ଅଙ୍ଗ ଅଚଳ ହୋଇଯାଇଛି। ଯାହା ଫଳରେ ଠିଆ ହେବା କଷ୍ଟ ହେଇପଡୁଛି। ତା'ସାଙ୍ଗକୁ ଗୋଡ଼ରେ ସଠିକ ଭାବରେ ଚାଲିବା ଅସମ୍ଭବ ହୋଇପଡୁଛି। ସେ ଯିବା ଆସିବା ପାଇଁ ଅନ୍ୟର ସାହାରା ଲୋଡୁଥିବା ବେଳେ ତାଙ୍କ ପାଇଁ ଏକ ତିନିଚକିଆ ବିଦ୍ୟୁତ୍ ଚାଳିତ ସାଇକଲ୍ ଯୋଗାଇ ଦେଲେ ବିଶେଷ ସହାୟକ ହେବ ବୋଲି କହିଛନ୍ତି। ତୁରନ୍ତ ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କୁ ଏକ ତିନିଚକିଆ ବିଦ୍ୟୁତ୍ ଚାଳିତ ସାଇକଲ୍ ଯୋଗାଇ ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

### ● ଚଷାଖଣ୍ଡ ପ୍ରାଣିଧନ ନିରୀକ୍ଷକ କେନ୍ଦ୍ର

## ନାହିଁ ବିଦ୍ୟୁତ ସଂଯୋଗ କି ଜଳ ଯୋଗାଣ

କୟାଁଗୋଲା,୨୮ ।୧୧(ସମିସ): ଦଶରଥପୁର ବ୍ଲକ୍ ଚଷାଖଣ୍ଡ ପ୍ରାଣିଧନ ନିରୀକ୍ଷକ କେନ୍ଦ୍ର। ୧୯୬୪ ମସିହାରେ ପ୍ରତିଷ୍ଠା ଲାଭ କରିଥିବା ଏହି ପ୍ରାଣୀଧନ ଚିକିତ୍ସାକେନ୍ଦ୍ର ଏବେ ନାନାଦି ସମସ୍ୟା ମଧ୍ୟରେ ଗତି କରୁଛି। ଏହି କେନ୍ଦ୍ରକୁ ବିଦ୍ୟୁତ ସଂଯୋଗ ନାହିଁ। ସେହିପରି ଜଳ ଯୋଗାଣର ବ୍ୟବସ୍ଥା ମଧ ନାହିଁ। ପାଣି ପାଇଁ କାର୍ଯ୍ୟରତ ପ୍ରାଣିଧନ ନିରୀକ୍ଷକ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ପାଇପ୍ ଯୋଗେ ଜଳଯୋଗାଣ ଦୂରର କଥା କେନ୍ଦ୍ରରେ ନଳ କୂପଟିଏ ମଧ ନାହିଁ। ଫଳରେ ପଶୁ ଚିକିତ୍ସା ଏପରିକି ହାତ



ଧୋଇବା ପାଇଁ ପ୍ରାଣିଧନ ନିରୀକ୍ଷକଙ୍କୁ ବେଶ୍ କିଛି ବାଟ ଚାଲିବାକୁ ପଡେ। କେନ୍ଦ୍ରର ଗୃହଟି ଜରାଜୀର୍ଣ୍ଣ ହୋଇ ପଡ଼ିଛି। ମରାମତି ହେବାର ନାଁ ଗନ୍ଧ ନାହିଁ। ନୂତନ ଘର ନିର୍ମାଣ ପାଇଁ ଅନୁଦାନର ବ୍ୟବସ୍ଥା ହୋଇଛି। ମାତ୍ର ନିର୍ମାଣ ହେଉନି। ଏଠାରେ କାର୍ଯ୍ୟରତ ପ୍ରାଣିଧନ ନିରୀକ୍ଷକ ରଶ୍ମୀରଞ୍ଜନ ଷଡ଼ଙ୍ଗୀ କୁହନ୍ତି ଯେ ପାଣି ଓ ବିଦ୍ୟୁତ ସଂଯୋଗ ନଥିବାରୁ ସେବା ଯୋଗାଇବାକୁ ଅସୁବିଧା ହେଉଛି। ନୂତନ ଗୃହ ନିର୍ମାଣ ନେଇ ବ୍ଲକ୍ ପ୍ରାଣୀଧନ ଚିକିତ୍ସକ ବିଶ୍ୱନାଥ ପୃଷ୍ଟିଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ଚଷାଖଣ୍ଡ ପ୍ରାଣିଧନ ନିରୀକ୍ଷକ କେନ୍ଦ୍ର ପରିସରରେ ଯୁଦ୍ଧକାଳୀନ ଭିତ୍ତିରେ ଏକ ନଳକୂପ ସ୍ଥାପନ କରାଯିବାକୁ ସମାଜସେବୀ ମହେନ୍ଦ୍ର କୁମାର ଧଳ ଓ ଅନ୍ୟ ମାନେ ଦାବି କରିଛନ୍ତି। ସ୍ଥାନୀୟ ଜନପ୍ରତିନିଧିଙ୍କ ଆନ୍ତରିକତାର ଅଭାବ ଯୋଗୁଁ କେନ୍ଦ୍ରକୁ ଜଳ ଯୋଗାଣ ଓ ବିଦ୍ୟୁତ୍ ସଂଯୋଗ ହୋଇ ପାରୁନି ବୋଲି କେତେକ ଗ୍ରାମବାସୀ କୁହନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥି ପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ରାଜ୍ୟସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ




ବାଲିଚନ୍ଦ୍ରପୁର,୨୮ ।୧୧(ସମିସ): ଜାତୀୟ ଶିକ୍ଷାନୀତି-୨୦୨୦ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ଆନୁକୂଲ୍ୟରେ ଏକ ଦିବସୀୟ ରାଜ୍ୟସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜି ବାଲିଚନ୍ଦ୍ରପୁର ସ୍ଥିତ ସାହାସପୁର କଲେଜ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ କଲେଜ ଅଧକ୍ଷ ସତ୍ୟବ୍ରତ ପୃଷ୍ଟିଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ପରାମର୍ଶଦାତା ପ୍ରଫେସର ତୁଷାରିକାନ୍ତ ତ୍ରିପାଠୀ, ଡ. ପ୍ରଦୀପ କୁମାର ବେହେରା, ସମ୍ବଲପୁରସ୍ଥିତ ପର୍ଶୁରାମ ମିଶ୍ର ଅଗ୍ରଣୀ ଶିକ୍ଷାନୁଷ୍ଠାନର ପ୍ରାଧାପିକା ଡ. ସସ୍ମିତା ଗାହାଣ ଓ ଡ. ରାମଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ନୂତନ ଶିକ୍ଷାନୀତି ଉପରେ ଉପସ୍ଥିତ ଅଧାପକ ଓ ଅଧାପିକାମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୬୬ରୁ ଅଧିକ କଲେଜରୁ ୧୫୦ରୁ ଅଧିକ ଅଧାପକ ଅଧାପିକା ଯୋଗଦେଇଥିଲେ। ଅଧାପକ ସଂଗ୍ରାମ କିଶୋର ପରିଡ଼ା ଅତିଥି ପରିଚୟ ଓ ପ୍ରଧାପକ ହିମାଂଶୁ ଶେଖର ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ଅଧାପିକା ନିରୂପମା ବେହୁରା। ପ୍ରାରମ୍ଭରେ ଅଧାପକ ସୁନିଲ କୁମାର ପଣ୍ଡା ଓ ଅଧାପିକା ଗାୟତ୍ରୀ ଶତପଥୀ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଅଧାପକ ପ୍ରଶାନ୍ତ କୁମାର ସାମଲ,ବିଜ୍ଞାନ ରଞ୍ଜନ ସେଠୀ, ଜୟଦେବ ଶତପଥୀ, ଆଦିତ୍ୟ କୁମାର ସାହୁ, ଆଶିଷ କୁମାର ମହାପାତ୍ର, ମିନତୀ ମଞ୍ଜରୀ ନାୟକ, କାମିନୀ ମାଝୀ, ଚିତ୍ତ ରଞ୍ଜନ ରାଉତ ଓ କର୍ମଚାରୀ ଦୁର୍ଗା ପ୍ରସାଦ ପରିଡା, ଅନିଲ ମହାନ୍ତି, ସ୍ମୃତି ରଞ୍ଜନ ନାୟକ, ଇତିଶ୍ରୀ ପ୍ରଧାନ ଓ ସ୍ୱାଧୀନ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଯୁବ ରେଡ୍‌କ୍ରସ୍ ଶିକ୍ଷା ତାଲିମ୍ ଶିବିର




ବିଞ୍ଝାରପୁର,୨୮ ।୧୧(ସମିସ): ଛାତ୍ରଛାତ୍ରୀ ଶିକ୍ଷାଦାନ ସହ ମୌଳିକ ଶିକ୍ଷାକୁ ଗ୍ରହଣ କରିବା ନିମନ୍ତେ ବରୁଣେଶ୍ୱର ମହାବିଦ୍ୟାଳୟ ପରିସରରେ ଆଜିଠାରୁ ୩୦ ତାରିଖ ପର୍ଯ୍ୟନ୍ତ ଜିଲ୍ଲାସ୍ତରୀୟ ଯୁବ ରେଡକ୍ରସ ଶିକ୍ଷାତାଲିମ ଶିବିର ଅନୁଷ୍ଠିତ ହେଉଛି। ଜିଲ୍ଲାର ୪୦ ଗୋଟି ବିଭିନ୍ନ କଲେଜର ଛାତ୍ରଛାତ୍ରୀ ଏହି ଜିଲ୍ଲାସ୍ତରୀୟ ଶିବିରରେ ଯୋଗଦେଇଥିଲେ। ଜିଲ୍ଲାରେ ପ୍ରଥମ ଥର ପାଇଁ ବରୁଣେଶ୍ୱର କଲେଜରେ ଏହି ଶିବିର ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଗୋପାଳ ଚନ୍ଦ୍ର ମଲ୍ଲିକ ଯୋଗ ଦେଇ ଏହି ଶିବିର କାର୍ଯ୍ୟକ୍ରମଟିକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଦେବିପ୍ରସାଦ ସାହୁ, ମୁଖ୍ୟବକ୍ତା ଭାବେ କଲେଜର ପୁର୍ବତନ ଅଧକ୍ଷ ବଟକୃଷ୍ଣ ମହାପାତ୍ର, ୱାଇଆର୍‌ସିର ଦାଶରଥି ମହାରଣା, କାର୍ଯ୍ୟକ୍ରମର ଆୟୋଜକ ସମ୍ପାଦକ ଅଧାପକ କୃଷ୍ଣଚନ୍ଦ୍ର ଜେନା, ଅଧକ୍ଷା ବିଦ୍ୟୁରେଖା ନାୟକ ଯୋଗ ଦେଇଥିଲେ। ଶିକ୍ଷା ସାଙ୍ଗକୁ ଛାତ୍ରଛାତ୍ରୀ ରେଡକ୍ରସ ସାହାଯ୍ୟରେ ଛାତ୍ରଛାତ୍ରୀ ନିଶା ନିବାରଣ, ବିପର୍ଯ୍ୟୟ ପରିଚାଳନା, ପ୍ରାଥମିକ ଚିକିତ୍ସା, ସଡ଼କ ସୁରକ୍ଷା ପରି ଅନେକ ଜନହିତ କାର୍ଯ୍ୟ କରିପାରିବେ। ଶିବିରର ଅନ୍ୟ ଏକ ଅନୁଷ୍ଠିତ ସଭାରେ ଜିଲ୍ଲା ପରିବହନ ବିଭାଗର ଅଧିକାରୀ ଉପସ୍ଥିତ ରହି ସଡ଼କ ସୁରକ୍ଷା ବିଷୟରେ ଜନତାଙ୍କୁ କିପରି ଛାତ୍ରଛାତ୍ରୀ ସଚେତନ କରିପାରିବେ ସେଥିପ୍ରତି ଆଲୋଚନ କରିଥିଲେ।

### ବିନା ଫଳକରେ ଚାଲିଛି ସ୍ୱାସ୍ଥ୍ୟକେନ୍ଦ୍ରର ଗୃହ ନିର୍ମାଣ

## ଧାର୍ଯ୍ୟ ପରିମାଣରୁ କମ୍ ସିମେଣ୍ଟ ବ୍ୟବହାର

କୟାଁଗୋଲା,୨୮ ।୧୧(ସମିସ): ଦଶରଥପୁର ବ୍ଲକ ଥାଲକୁଡି ପଞ୍ଚାୟତସ୍ଥ ଦକ୍ଷିଣବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ନୂତନ)ର ନୂତନଭାବେ ନିର୍ମାଣାଧୀନ ଗୃହ କାର୍ଯ୍ୟ ଅତିନିମ୍ନମାନର ହେଉଥିବା ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ ହେଉଛି। ଏହି ଅଭିଯୋଗ ପରେ ମଧ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ନଜର ଦେଉନଥିବା ନେଇ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ସ୍ଥାନୀୟ ବାସିନ୍ଦାଙ୍କ ସାହାଯ୍ୟ ସହାନୁଭୂତିରେ ପ୍ରଥମେ ଘରୋଇ ଭାବେ ଆରମ୍ଭ ହୋଇଥିଲା। ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ହାତକୁ ନିଆଯାଇ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଭାବେ ସ୍ୱୀକୃତି ଦିଆଯାଇଥିଲା। ଏହି ଅଞ୍ଚଳ ଏକ ବନ୍ୟାଞ୍ଚଳ ହୋଇଥିବା ହେତୁ ବନ୍ୟା ସମୟରେ ତଥା ବର୍ଷର ସବୁ ସମୟରେ ଏହି ଚିକିତ୍ସା କେନ୍ଦ୍ରରେ ରୋଗୀମାନେ ଚିକିତ୍ସା ହେବାକୁ ଆସିଥାଆନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ନଥିବାରୁ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟକେନ୍ଦ୍ରଟିର ନୂତନ ଗୃହ ନିର୍ମାଣ ପାଇଁ ପ୍ରାୟ ୮୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇଛି। କିନ୍ତୁ ପରିତାପର ବିଷୟ ବିନା ଫଳକରେ



ଏହି ସ୍ୱାସ୍ଥ୍ୟ କେନ୍ଦ୍ରଟିର ଗୃହ ନିର୍ମାଣ କାର୍ଯ୍ୟଚାଲିଛି। ଗୃହ ନିର୍ମାଣ ନିମନ୍ତେ ଠିକା ନେଇଥିବା ଠିକାଦାର ଅତ୍ୟନ୍ତ ନିମ୍ନମାନର କାମ କରୁଥିବା ବେଳେ ଧାର୍ଯ୍ୟ ପରିମାରଣରୁ କମ୍ ସିମେଣ୍ଟ ସହିତ ମାଟି ମିଶା ନିମ୍ନମାନର ବାଲି ଓ ବିଭିନ୍ନ କଳଙ୍କି ଲଗା ରଡ୍ ଓ ଗୃହ ନିର୍ମାଣ ପାଇଁ ଅନୁପଯୋଗୀ ଚିପ୍ସରେ କାର୍ଯ୍ୟ କରୁଥିବାର ଦେଖିବାକୁ ମିଳିଛି। ସ୍ଥାନୀୟ ଜନସାଧାରଣଙ୍କ ବିରୋଧ ସତ୍ତ୍ୱେ ମଧ ଠିକାଦାର ଏପରି ମନମୁଖି କାର୍ଯ୍ୟ କରୁଥିବା ନେଇ ଲୋକେ ନିର୍ମାଣ କାର୍ଯ୍ୟ କରୁଥିବା ଗ୍ରାମ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିବା ବେଳେ ଠିକାଦାର ଏହାକୁ ଆଦୌ କର୍ଣ୍ଣପାତ କରୁନାହିଁ। ଏପରି ନିମ୍ନମାନର କାର୍ଯ୍ୟ କଲେ ନିର୍ମାଣାଧୀନ ଗୃହ ଖୁବ୍ କମ୍ ଦିନ ମଧ୍ୟରେ ନଷ୍ଟହେବାର ଆଶଙ୍କ ସୃଷ୍ଟି ହୋଇଛି। ତୁରନ୍ତ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ନିର୍ମାଣାଧୀନ ଗୃହକୁ ବିଭାଗୀୟ କର୍ତ୍ତୃପକ୍ଷ ତଦନ୍ତ କରି ସଠିକ୍ ଭାବେ କାର୍ଯ୍ୟ କରିବା ନିମନ୍ତେ ପ୍ରଚେଷ୍ଟା କରବାକୁ ଦାବି ହୋଇଛି। ଏହି ଘଟଣା ସମ୍ପର୍କରେ ଗ୍ରାମ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ଅଶୋକ କୁମାର ଜେନାଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରାଯାଇ ସରକାରଙ୍କ ନିୟମ ଅନୁଯାୟୀ କାର୍ଯ୍ୟ କରାଯିବ ବୋଲି ପ୍ରକାଶ କରିଛନ୍ତି।


BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

## ଶ୍ରୀଜଗନ୍ନାଥଙ୍କ ୩୨ ବେଶ ସମାରୋହର ତୃତୀୟ ସନ୍ଧ୍ୟା

ଭୋଗରାଇ,୨୮।୧୧(ସମିସ): ଭୋଗରାଇ ବ୍ଲକ୍ ଦେହୁର୍ଦ୍ଦା ପଞ୍ଚାୟତର ଥାନା ଛକସ୍ଥ ହେଲିପ୍ୟାଡ୍ ପଡ଼ିଆରେ ଭୋଗରାଇ ଆଧ୍ୟାତ୍ମିକ ସମାରୋହ କମିଟି ପକ୍ଷରୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ୩୨ ବେଶ



ସମାରୋହର ତୃତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ପଣ୍ଡିତ ବ୍ରଜବିହାରୀ ପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୩୦ ଜଣ ବ୍ରାହ୍ମଣଙ୍କ ଦ୍ୱାରା ପଞ୍ଚକୁଣ୍ଡିୟ ଯଜ୍ଞ କାର୍ଯ୍ୟ ଚାଲିଛି। ସେହିପରି ୩୨ଟି ମଣ୍ଡପରେ ବିଭିନ୍ନ ବେଶରେ ସୁସଜ୍ଜିତ ମହାପ୍ରଭୁଙ୍କୁ ପୂଜାର୍ଚ୍ଚନା କରାଯିବା ସହିତ ସନ୍ଧ୍ୟାରେ ମହାପ୍ରଭୁଙ୍କଠାରେ ଭବ୍ୟ ଆଳତୀ ଅର୍ପଣ ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କର ସମାଗମ ହୋଇଥିଲା। ଏଥିସହିତ ମୀନା ବଜାର, ମେଳା ଓ ଆଲୋକ ତୋରଣ ଦେଖିବାକୁ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା। ଏହି କାର୍ଯ୍ୟକ୍ରମ ଆସନ୍ତା ଡିସେମ୍ବର ୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଉତ୍ସବ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହି ଆଧ୍ୟାତ୍ମିକ ସମାରୋହକୁ ସଫଳ ନିମନ୍ତେ କମିଟିର ସଭାପତି ଅଂଶୁମାନ ମହାନ୍ତି, ସମ୍ପାଦକ ଅଚ୍ୟୁତ ନନ୍ଦନ ଦାସ, କୋଷାଧ୍ୟକ୍ଷ ସୀତାରାମ ପ୍ରଧାନ, କାର୍ଯ୍ୟକାରୀ ସଭାପତି ନଟରଞ୍ଜନ ଘଡ଼ାଇ, ଉପସଭାପତି ଶଶୀକାନ୍ତ ହାତୀ, କୌଶିକ ଚାନ୍ଦ, ଆଶିଷ ମହାନ୍ତି, ପ୍ରଦୀପ୍ତ ଜେନା, ସଂଗ୍ରାମ ପାତ୍ର, ଅନୀମା ପାଣିଗ୍ରାହୀ, ତପନ ପଣ୍ଡା, ସାଧାରଣ ସମ୍ପାଦକ ବିଦ୍ୟୁଭୂଷଣ ଦାସ, ସହସମ୍ପାଦକ ବିମଳ ମହାନ୍ତି, ମଧୁସୂଦନ ପାତ୍ର, ମାନସ ଗାଙ୍ଗୁଲି, ଅମଳେନ୍ଦୁ ଦାସ, ବିଶ୍ୱମ୍ବର ଦାସ, ବିକାଶ ପାଣିଗ୍ରାହୀ, ଶ୍ରୀକୁମାର ଘୋଷ ପ୍ରମୁଖଙ୍କ ସହିତ ଅନ୍ୟ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି।

### ବାଲେଶ୍ୱର ଲୋକ ମହୋତ୍ସବ ଉଦ୍‌ଯାପିତ

# ପ୍ରଜ୍ଞା ଓ ଚିରାଗଙ୍କ ଗୀତରେ ଦର୍ଶକ ବିଭୋର

ବାଲେଶ୍ୱର,୨୮।୧୧(ସମିସ)





ସ୍ଥାନୀୟ ଆଇଟିଆଇ ପଡ଼ିଆରେ ଚାଲିଥିବା ବାଲେଶ୍ୱର ଲୋକ ମହୋତ୍ସବ ଶୁକ୍ରବାର ଦିନ ଉଦଯାପିତ ହୋଇଯାଇଛି। କଣ୍ଠଶିଳ୍ପୀ ପ୍ରଜ୍ଞା ହୋତା ଓ ଚିରାଗ ଦୀପ ପଣ୍ଡାଙ୍କ ଗୀତରେ ଦର୍ଶକ ବିଭୋର ହୋଇଥିଲେ। ଏ ଅବସରରେ ସଭାପତି ଅସିତ୍ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକ, ଏସବିଆଇ ମୁଖ୍ୟ ପରିଚାଳକ ସତ୍ୟଶେଷ ପଟ୍ଟନାୟକ, ବିବିସିସି ବ୍ୟାଙ୍କ ସଭାପତି ଗଣେଶ ମହାପାତ୍ର, ଯୁବ ନେତା ତଥା କମିଟି ଉପଦେଷ୍ଟା ମାନସ ଦାସ ପଟ୍ଟନାୟକ, ଶାନ୍ତନୁ ଦାସ, ଅଧ୍ୟକ୍ଷ ବିଶ୍ୱଜିତ ପରମାଣିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ଶ୍ରୀମାନ ଶ୍ରୀଚନ୍ଦନ ମଞ୍ଚ ଆହ୍ୱାନ କରିଥିବାବେଳେ ଉପାଧ୍ୟକ୍ଷ ବିକାଶ ପାଢ଼ୀ, ସଧାରଣ ସମ୍ପାଦକ ସଞ୍ଜୟ ସାମନ୍ତ, ସତ୍ୟପ୍ରକାଶ ପତି, ତାପସ ପାଣିଗ୍ରାହୀ, ରାଜେଶ୍ ମହାକୁଡ଼, ସୌଭାଗ୍ୟ ମାନସ ନାୟକ, ସମ୍ବିତ ବିଶ୍ୱାଳ, ସୌମ୍ୟରଞ୍ଜନ ପାଣିଗ୍ରାହୀ ଉପସ୍ଥିତ ଥିଲେ। କୋଷାଧ୍ୟକ୍ଷ ନିଶିତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

ନଭେମ୍ବର ୧୯ରୁ ଆରମ୍ଭ ହୋଇଥିବା ଏହି ଲୋକ ମହୋତ୍ସବ ଆଜି ଶେଷ ହୋଇଛି। ପୂର୍ବରୁ କମିଟି ପକ୍ଷରୁ ଯୋଜନା ମୁତାବକ ବାଲେଶ୍ୱରର ୩ଟି ଦୁର୍ଗାପୂଜା କମିଟିକୁ ୫୦୦୦ ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଛି। ପରେ କଣ୍ଠଶିଳ୍ପୀ ପ୍ରଜ୍ଞା ହୋତା ଓ ଚିରଗ୍ ଦୀପ ପଣ୍ଡା ସଂଗୀତ ପରିବେଷଣ କରିଥିଲେ। ରାଜ୍ୟର କୋଣ ଅନୁକୋଣରୁ ଆସିଥିବା ସମସ୍ତ ବ୍ୟବସାୟୀ ଭଲ ବ୍ୟବସାୟ କରିଥିବା କହିଛନ୍ତି। କାର୍ଯ୍ୟକ୍ରମରେ ଝାଡେଶ୍ୱର ଜେନା, ଜଗନ୍ନାଥ ପାଣିଗ୍ରାହୀ, ସିଲାବ ସତ୍ୟକାମ୍, ସୌମ୍ୟରଞ୍ଜନ ଯାଦବ, ଗୌର ମଲ୍ଲିକ, ହ୍ରିତିକ୍ ନାୟକ, ଜିତେନ୍ଦ୍ର ମହାଳିକ, ନିରଞ୍ଜନ ମହାନ୍ତି, ଅନୁପମ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

### ବିଧାନସଭାରେ ବିଧାୟକ ଗୌତମବୁଦ୍ଧ ଦାସଙ୍କ ପ୍ରଶ୍ନ

# ସୁବର୍ଣ୍ଣରେଖା ବନ୍ୟା ନିୟନ୍ତ୍ରଣ ପାଇଁ ସ୍ପର ମରାମତି ଓ ନୂଆ ନିର୍ମାଣ କାର୍ଯ୍ୟ କେବେ?

ବାଲେଶ୍ୱର(ଉତ୍ତର),୨୮।୧୧(ସମିସ): ଉତ୍ତର ବାଲେଶ୍ୱରର ଦୁଃଖ କୁହାଯାଉଥିବା ସୁବର୍ଣ୍ଣରେଖା ନଦୀରେ ଚଳିତ ବର୍ଷ ସୁବର୍ଣ୍ଣରେଖାରେ ୬ଥର ବନ୍ୟା ଆସି ବ୍ୟାପକ କ୍ଷୟକ୍ଷତି ଘଟାଇଛି। ବନ୍ୟାକୁ କିଛି ମାତ୍ରାରେ ନିୟନ୍ତ୍ରଣ କରୁଥିବା ନଦୀର ସ୍ପର ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି। ଏ ନେଇ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସଙ୍କ ପ୍ରଶ୍ନ ଓ ଜଳସମ୍ପଦ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉତ୍ତର ନଦୀକୂଳିଆବାସୀଙ୍କୁ ହତାଶ କରିଛି। ପୁରୁଣା ସ୍ପରର ମରାମତି ଓ ନୂତନ ସ୍ପର ନିର୍ମାଣ ଯେ ବର୍ଷାଋତୁ ପୂର୍ବରୁ ଶେଷ ହୋଇପାରିବ, ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏପରିକି ପୂର୍ବ ସରକାରଙ୍କ ଅମଳରେ ବୈଷୟିକ ଅନୁମୋଦନ ଲାଭ କରିଥିବା ପ୍ରକଳ୍ପକୁ ଏ ପର୍ଯ୍ୟନ୍ତ ପ୍ରଶାସନିକ ଅନୁମୋଦନ ମିଳି ନ ଥିବାବେଳେ କେବେ ଟେଣ୍ଡର ହେବ ଆଉ ଆଗାମୀ ୬ ମାସ ମଧ୍ୟରେ କିପରି ନିର୍ମାଣ କାର୍ଯ୍ୟ ଶେଷ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଚଳିତ ବିଧାନସଭା ଶୀତକାଳୀନ ଅଧିବେଶନରେ ଏକ ଅଣତାରକା ପ୍ରଶ୍ନ ଜରିଆରେ ଭୋଗରାଇ ବିଧାୟକ ଶ୍ରୀ ଦାସ ସୁବର୍ଣ୍ଣରେଖା ନଦୀରେ ବନ୍ୟା ନିୟନ୍ତ୍ରଣ ପାଇଁ ନିର୍ମିତ ସ୍ପର କ୍ଷତିଗ୍ରସ୍ତ ହୋଇଥିବାରୁ ଏସବୁ ସ୍ପରର ସ୍ଥିତି ଜଳସମ୍ପଦ ବିଭାଗ ପକ୍ଷରୁ ଆକଳନ କରି ମରାମତି ବା ନୂତନ ସ୍ପର ନିର୍ମାଣ ପାଇଁ ପ୍ରସ୍ତାବ ଦିଆଗଲାଣି କି ତଥା ପୂର୍ବରୁ ସ୍ପର ନିର୍ମାଣ ଓ ମରାମତି ପାଇଁ କେତେ ଟଙ୍କା ମଞ୍ଜୁର ହୋଇ ପଡିରହିଥିବା ନେଇ ପ୍ରଶ୍ନ କରିଥିଲେ। ଅନ୍ୟପକ୍ଷରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ଉତ୍ତର ରଖିଛନ୍ତି ଯେ କ୍ଷତିଗ୍ରସ୍ତ ସ୍ପରର ମରାମତି ପାଇଁ ବନ୍ୟା ପରେ ଆକଳନ ପ୍ରକ୍ରିୟା ଜାରି ରହିଛି। ଆବଶ୍ୟକ ଥିବା ସ୍ଥାନରେ ସ୍ପର ମରାମତି ଓ ନୂତନ ସ୍ପର ନିର୍ମାଣ କରାଯିବାର ବ୍ୟବସ୍ଥା କରାଯାଉଛି। ଆବଶ୍ୟକ ଥିବା ସ୍ଥାନରେ ସ୍ପର ମରାମତି ଓ ନୂତନ ସ୍ପର ନିର୍ମାଣ କରାଯିବାର ବ୍ୟବସ୍ଥା ସ୍ୱରୂପ ଡିପିଆର ପ୍ରସ୍ତୁତ କରାଯାଇ ଟିଏସି ଅନୁମୋଦନ ପାଇଁ ଖୁବଶୀଘ୍ର ପ୍ରେରଣ କରାଯିବ ବୋଲି କହିଛନ୍ତି। ସେହିପରି ପୂର୍ବ ସରକାରଙ୍କ ସମୟରେ ବୈଷୟିକ ଅନୁମୋଦନ ଲାଭ କରିଥିବା ବାବା ଭୂଷଣ୍ଡେଶ୍ୱର ମନ୍ଦିର ନିକଟରେ ସୁବର୍ଣ୍ଣରେଖା ନଦୀ ପାଶ୍ୱର୍ରେ ପଥର ପ୍ୟାକିଂ ଓ ୫ଟି ସ୍ପର ନିର୍ମାଣ ପାଇଁ ୧୮୩୧.୭୫ ଲକ୍ଷ ଓ ସମୁଦ୍ର ତଟବର୍ତ୍ତୀ କୀର୍ତ୍ତନିଆ ଓ ଚନ୍ଦ୍ରାବାଲିଠାରେ ସୁରକ୍ଷା ପ୍ରାଚୀର ପାଇଁ ୧୬୯୬.୭୫ ଲକ୍ଷ ଟଙ୍କାର ପ୍ରକଳ୍ପ ଏବେ ପ୍ରଶାସନିକ ଅନୁମୋଦନ ଲାଭ କରିବାର ପ୍ରସ୍ତାବ ରହିଛି। ପରେ ଅର୍ଥ ମଞ୍ଜୁର ହୋଇ ଟେଣ୍ଡର ପ୍ରକ୍ରିୟା ପରେ କାର୍ଯ୍ୟ ଆରମ୍ଭ ହେବ ବୋଲି ବିଭାଗ ପକ୍ଷରୁ ଉତ୍ତର ମିଳିଛି। ଏଠାରେ ପ୍ରଶ୍ନ ଉଠୁଛି ଯେ ବର୍ଷା ଛାଡିବାରେ ୨ ମାସ ବିତିବାକୁ ଯାଉଛି ଓ ଆଉ ୬ ମାସ ପରେ ପୁଣି ବର୍ଷାଋତୁ ଆରମ୍ଭ ହୋଇଯିବ। ତେଣୁ ଏହି କାର୍ଯ୍ୟ ଶେଷ ହୋଇପାରିବ ତ ? ଯଦି ହୋଇ ନ ପାରିବ, ତେବେ ଆଗାମୀ ଦିନରେ ସୁବର୍ଣ୍ଣରେଖା ବନ୍ୟାରେ ପୁଣି ଭୋଗରାଇବାସୀଙ୍କ ଧନଜୀବନ ନଷ୍ଟ ହେବା ସହିତ ଜୀବିକା ବିପନ୍ନ ହୋଇଯିବ।

# ବସ୍ତା ନିର୍ବାଚନମଣ୍ଡଳୀରେ ଡ୍ରପ୍‌ଆଉଟ୍ ସଂଖ୍ୟା ହ୍ରାସ ପାଇଁ ବିଧାନସଭାରେ ପ୍ରଶ୍ନ ଉଠାଇଲେ ବିଧାୟିକା

ବାଲେଶ୍ୱର,୨୮।୧୧(ସମିସ): ବିଧାନସଭାର ଚଳିତ ଶୀତକାଳୀନ ଅଧିବେଶନର ଦ୍ୱିତୀୟ ଦିବସରେ ଅନୁଷ୍ଠିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗନେଇ ବସ୍ତା ବିଧାୟିକା ସୁବାସିନୀ ଜେନା ବସ୍ତା ନିର୍ବାଚନମଣ୍ଡଳୀରେ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟରେ ଡ୍ରପ୍‌ଆଉଟ୍ ସଂଖ୍ୟା ହାରାହାରି କେତେ ଓ ବାଲେଶ୍ୱର ଜିଲ୍ଲାରେ ଏହାକୁ ହ୍ରାସ କରିବା ପାଇଁ ସରକାରଙ୍କ ପକ୍ଷରୁ କ'ଣ ସବୁ ପଦକ୍ଷେପ ନିଆଯାଉଛି, ତାହା ପ୍ରଶ୍ନ କରିବା ସହ ଆଉ ଦୁଇଟି ସପ୍ଲିମେଣ୍ଟାରୀ ପ୍ରଶ୍ନରେ ବର୍ତ୍ତମାନ ରାଜ୍ୟରେ ମାଧ୍ୟମିକ ଡ୍ରପ୍‌ଆଉଟ୍ ହାର ୨୭.୩ ପ୍ରତିଶତ ଥିବାବେଳେ, ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟ ଛାଡୁଥିବା ପିଲାଙ୍କ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଚିହ୍ନଟ କରାଯାଇଥିବା ପ୍ରମୁଖ କାରଣ କ'ଣ ? ଏଥିସହିତ ଗତ ଦୁଇବର୍ଷ ମଧ୍ୟରେ ବାଲେଶ୍ୱର ଜିଲ୍ଲା ସମେତ ସମଗ୍ର ରାଜ୍ୟରେ ପାଠପଢ଼ା ବା ସ୍କୁଲ ଛାଡ଼ିଥିବା କେତେ ସଂଖ୍ୟକ ପିଲାଙ୍କୁ ଚିହ୍ନଟ କରି ପୁଣି ସ୍କୁଲରେ ନାମ ଲେଖାଯାଇଛି, ସମଗ୍ର ରାଜ୍ୟରେ ଆଦିବାସୀ ଓ ସଂଖ୍ୟାଲଘୁ ବହୁଳ ଅଞ୍ଚଳରେ ଯେଉଁଠାରେ ଡ୍ରପ୍‌ଆଉଟ୍ ହାର ତୁଳନାତ୍ମକ ଭାବେ ଅଧିକ, ସେଠାରେ ଡ୍ରପ୍‌ଆଉଟ୍ ହାର ହ୍ରାସ କରିବା ପାଇଁ କ'ଣ ବିଶେଷ ପଦକ୍ଷେପ ନିଆଯାଉଛି, ତାହା ଜଣାଇବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଡ୍ରପ୍‌ଆଉଟ୍ ହାର ହ୍ରାସ କରିବା ପାଇଁ



ସରକାରଙ୍କ ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ସୂଚନା ଦେଇଥିଲେ। ଚାଇଲ୍ଡ ଟ୍ରାକିଂ ସର୍ଭେ ମାଧ୍ୟମରେ, ଆସ ସ୍କୁଲ ଯିବା ଅଭିଯାନ, ପିଲାଙ୍କ ଅଭିଭାବକଙ୍କ ସହ ଆଲୋଚନା ଓ ବିଭିନ୍ନ ସମୟରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରି ପିଲାଙ୍କୁ ସ୍କୁଲକୁ ଫେରାଇ ଆଣିବାକୁ ଚେଷ୍ଟା ଜାରି ରହିଛି ବୋଲି କହିଥିଲେ। ସେହିପରି ଆଦିବାସୀ ଓ ସଂଖ୍ୟାଲଘୁ ବହୁଳ ଅଞ୍ଚଳରେ ଡ୍ରପ୍‌ଆଉଟ୍ ହାର ତୁଳନାତ୍ମକ ଭାବରେ ଅଧିକ ବୋଲି ମନ୍ତ୍ରୀ ସ୍ୱୀକାର କରିବା ସହ ଏଥିପାଇଁ ମଧୋ ସିଂ ଯୋଜନା ଲାଗୁ କରାଯାଇଛି ବୋଲି କହିଥିଲେ। ଏଥିସହ ବସ୍ତା ନିର୍ବାଚନମଣ୍ଡଳୀର ୩୨୯ ଡ୍ରପ୍‌ଆଉଟ୍ ପିଲାଙ୍କ ମଧ୍ୟରୁ ୩୦୦ ଜଣଙ୍କୁ ଫେରାଇ ଅଣାଯାଇଛି ଓ ଶୀଘ୍ର ଆଉ ୨୯ ପିଲାଙ୍କୁ ଫେରାଇ ଅଣାଯିବ ବୋଲି ଉତ୍ତର ରଖିଥିଲେ।

# ଜୋର୍ ଧରିଲା ଚୁକ୍ତିଭିତ୍ତିକ ପରମ୍ପରା ଉଚ୍ଛେଦ ଦାବି



**ଜିଲ୍ଲାପାଳଙ୍କୁ ଓଡ଼ିଶା ଆୟୁଷ ଡାକ୍ତର ମିଳିତ କ୍ରିୟାନୁଷ୍ଠାନ କମିଟିର ଦାବିପତ୍ର ପ୍ରଦାନ**

ବାଲେଶ୍ୱର,୨୮।୧୧(ସମିସ): ଚୁକ୍ତିଭିତ୍ତିକ ପରମ୍ପରା ଉଚ୍ଛେଦ ଦାବି ଜୋର୍ ଧରିଛି। ଓଡ଼ିଶା ଆୟୁଷ ଡାକ୍ତର ମିଳିତ କ୍ରିୟାନୁଷ୍ଠାନ କମିଟି ୧୦ ଦଫା ସମ୍ବଳିତ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଛି। ସେମାନଙ୍କ ପ୍ରମୁଖ ଦାବି ମଧ୍ୟରେ ରହିଛି ଦୀର୍ଘ ବର୍ଷର ଚୁକ୍ତିଭିତ୍ତିକ ଚାକିରିର ସ୍ଥାୟୀକରଣ ଓ ସ୍ଥାୟୀ ହେବା ପର୍ଯ୍ୟନ୍ତ ସମାନୁପାତିକ ହାରରେ ବର୍ଦ୍ଧିତ ଦରମା ପ୍ରଦାନ କରି ୧୧ ମାସିଆ ଚୁକ୍ତି ବ୍ୟବସ୍ଥାର ସମ୍ପୂର୍ଣ୍ଣ ଉଚ୍ଛେଦ କରିବା। ରାଜ୍ୟର ସମସ୍ତ ଆୟୁଷ ଡାକ୍ତରଙ୍କୁ ସ୍ୱତନ୍ତ୍ର ଆୟୁଷ ବିଭାଗରେ ଅନ୍ତର୍ଭୁକ୍ତ କରି ନିୟମିତ ଆୟୁଷ ଔଷଧ ଯୋଗାଣ ସହ ଆୟୁଷ ସହାୟକ ନିଯୁକ୍ତି କରିବା। ଅନ୍ୟାନ୍ୟ ସରକାରୀ କର୍ମଚାରୀଙ୍କ ଭଳି ସମାନ ଓ ସମାନୁପାତିକ ଛୁଟି ବ୍ୟବସ୍ଥା କରିବା, ସରକାରୀ କର୍ମଚାରୀଙ୍କ ଭଳି ସମାନ ଅନୁପାତରେ ଏକକାଳୀନ ମୃତ୍ୟୁ ସହାୟତା ରାଶି ପ୍ରଦାନ କରିବା, ଦୁର୍ଘଟଣାରେ ଶିକାର ହେଲେ ବା ମୃତ୍ୟୁ ହେଲେ ଅନ୍ୟାନ୍ୟ ସରକାରୀ କର୍ମଚାରୀଙ୍କ ଭଳି ସମାନୁପାତିକ ସହାୟତା ରାଶି ପ୍ରଦାନ କରିବା, ଜାତୀୟ ସ୍ୱାସ୍ଥ୍ୟ ମିଶନରେ ଥିବା ସମସ୍ତ କର୍ମଚାରୀଙ୍କ ପରି ମୋବାଇଲ ହେଲଥ ୟୁନିଟ ଡାକ୍ତରଙ୍କୁ ଇପିଏଫ ପରିସରଭୁକ୍ତ କରିବା, ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅନ୍ତର୍ଭୁକ୍ତିକରଣ ତଥା ଦେୟମୁକ୍ତ ଚିକିତ୍ସା ସୁବିଧା ବ୍ୟବସ୍ଥା କରିବା, ଉଚ୍ଚଶିକ୍ଷା ଓ ତାଲିମ ସୁବିଧା ସହ ଶିକ୍ଷା ସମାପ୍ତି ପରେ ପୁନଶ୍ଚ ଚାକିରିରେ ଯୋଗଦାନର ଅନୁମତି ଦେବା, କେବିକେ ପ୍ରୋତ୍ସାହନ ରାଶି ଚାରି ହଜାରରୁ ଅନ୍ୟୁନ ଦଶ ହଜାରକୁ ବୃଦ୍ଧି କରିବା ସହ ନୂତନ ପଦବୀ ସୃଷ୍ଟି କରିବା ନେଇ ଦୃଢ଼ ଦାବି ଉପସ୍ଥାପନ କରିଥିଲେ। ଯଦି ନ୍ୟାର୍ଯ୍ୟ ଦାବି ଆସନ୍ତା ଡିସେମ୍ବର ୨ ତାରିଖ ସୁଦ୍ଧା ପୂରଣ ନ ହୁଏ, ତେବେ ୩ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି।

## ଚକା ଫାଟିଯିବାରୁ ଓଲଟିଲା ଟମାଟୋ ବୋଝେଇ ପିକଅପ୍

ରାଜଘାଟ,୨୮।୧୧(ସମିସ): ଚକ ଫାଟିବାରୁ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟିଲା ଟମାଟୋ ଭର୍ତ୍ତି ପିକଅପ୍। ଫଳରେ ଚାଳକ ଆହତ ହୋଇଛନ୍ତି। ରାତି ୮ଟା ସମୟରେ ବାଲେଶ୍ୱରରୁ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା ଟମାଟୋ ବୋଝେଇ ପିକ୍‌ଅପ୍‌ର ପଛ ପାଖ ବାମ ପାଶ୍ୱର୍ ଚକ ବସ୍ତା ଥାନା ୧୬ ନମ୍ବର ଜାତୀୟ ରାଜପଥର ଭେଲୋରା ଛକ ନିକଟରେ ଫାଟିଯିବାରୁ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟିଲା ପଡ଼ିଥିଲା। ଫଳରେ ଚାଳକ ପଶ୍ଚିମବଙ୍ଗ କାନ୍ଥି ଅଞ୍ଚଳର ମଣ୍ଟୁ ମଣ୍ଡଳ(୪୫) ଆହତ ହୋଇଥିଲେ। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଯାଇଛି। ଖବର ପାଇ ଜାତୀୟ ରାଜପଥ ପାଟ୍ରୋଲିଂ ଟିମ୍ ଓ ଅମର୍ଦ୍ଦା ଫାଣ୍ଡି ଅଧିକାରୀ ବିଜୟକୁମାର ବାରିକ ଘଟଣାସ୍ଥଳରେ ପହଞ୍ଚି କ୍ରେନ ଯୋଗେ ପିକଅପକୁ ରାସ୍ତାରୁ ହଟାଇବା ସହ ଘଟଣାର ଅଧିକ ତଦନ୍ତ ଜାରି ରଖିଛନ୍ତି।

● ଆମେରିକା ଦମ୍ପତି ପୋଷ୍ୟ ଓଡ଼ିଆ ଝିଅକୁ ନିର୍ଯାତନା ଦେବା ଘଟଣା

## ପ୍ରେମିକ ଅମରକୁ ଅଟକ ରଖିଛି ପୁଲିସ

ବାଲେଶ୍ୱର,୨୮।୧୧(ସମିସ): ଆମେରିକା ଦମ୍ପତି ପୋଷ୍ୟ ଓଡ଼ିଆ ତଥା ବାଲେଶ୍ୱରର ଝିଅକୁ ନିର୍ଯାତନା ଦେବା ଘଟଣା ଏକ ନୂଆ ମୋଡ଼ ନେଇଛି। ସେଜଲ ଜୋନ ଓରଫ୍ ପୂଜା ଆମେରିକାରୁ ଫେରିବା ପରେ ତାଙ୍କୁ ବାଲେଶ୍ୱର ନାରୀଶକ୍ତି ଗୃହରେ ରଖାଯାଇଛି। ଅନ୍ୟପକ୍ଷରେ ପ୍ରେମିକ ଅମର ଦାସ ଆଜି ପୂଜାକୁ ଦେଖା କରିବାକୁ ଆସି ସହଦେବଖୁଣ୍ଟା ପୁଲିସ ଦ୍ୱାରା ଅଟକ ହୋଇଛନ୍ତି। ସହଦେବଖୁଣ୍ଟା ପୁଲିସ ଅମରର ମୋବାଇଲକୁ ଜବତ କରିବା ସହିତ ଅଟକ ରଖି ପଚରାଉଚରା କରୁଛି। ସେଜଲ ଜୋନ ଓରଫ୍ ପୂଜା ଆମେରିକାରୁ ଫେରିବା ପରେ ତାଙ୍କୁ ବାଲେଶ୍ୱର ନାରୀଶକ୍ତି ଗୃହରେ ରଖାଯାଇଛି। ପ୍ରେମିକାକୁ ଦେଖା କରିବାକୁ ଯାଇଥିବା ସମୟରେ ପ୍ରେମିକକୁ ଉଠାଇ ଆଣିଛି ପୁଲିସ। ପ୍ରେମିକା ସିଜଲଙ୍କୁ ଦେଖା କରିବାକୁ ଶକ୍ତିସଦନ ଗୃହରେ ଅମର ଜୋର୍ ଜବରଦସ୍ତ ପ୍ରବେଶ କରିବାକୁ ଚେଷ୍ଟା




କରୁଥିଲା। ଏହାକୁ ରୋକିବାକୁ ଶକ୍ତିସଦନର ସଭାପତି ପୁଲିସର ସାହାରା ନେଇଥିଲେ। ସହଦେବଖୁଣ୍ଟା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅମରକୁ ଥାନାକୁ ଉଠାଇ ଆଣିଥିବା ଜଣାପଡିଛି। ତେବେ କାଉନସେଲିଂ ସମୟରେ ଆମେରିକାର ପୂଜାଙ୍କ ବାପାମାଆଙ୍କୁ ଅମର ୧ କୋଟି ଟଙ୍କା ମାଗିଥିବା ତଥ୍ୟ ମଧ୍ୟ ସାମ୍ନାକୁ ଆସିଥିବା ଜଣାପଡିଛି।

### ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ବିଚିତ୍ରପୁର ଇକୋ ଟୁରିଜମ ଓ ପ୍ରକୃତି ନିବାସ

# ହଜାର ହଜାର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି ପର୍ଯ୍ୟଟନ ସ୍ଥଳୀ

ଚନ୍ଦନେଶ୍ୱର,୨୮।୧୧(ସମିସ)





ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ଶ୍ରଦ୍ଧାପୁର ଓ କାନ୍ଥଭଉଁରୀ ପଞ୍ଚାୟତ ମଧ୍ୟସ୍ଥଳରେ ବିଭିନ୍ନ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ମନଲୋଭା ପରିବେଶ ମଧ୍ୟରେ ବିଚିତ୍ରପୁର ଇକୋ-ଟୁରିଜିମ ସାଙ୍ଗକୁ ପ୍ରକୃତି ନିବାସ ରହିଛି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ବନବିଭାଗର ପଦକ୍ଷେପ ବେଶ ପ୍ରଶଂସନୀୟ। ଦେଶ ବିଦେଶର ରଙ୍ଗ ବେରଙ୍ଗର ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ କିଚିରି ମିଚିରି ଶବ୍ଦ ସହିତ ନାଲି କଙ୍କଡାର ଲୁଚକାଳି ଖେଳ ବେଶ ମନ ମୁଗ୍ଧକର। ଏଥିସହିତ ଶହ ଶହ ହେକ୍ଟର ହେନ୍ତାଳ ଓ ବନୀ ଗଛର ପ୍ରାକୃତିକ ପରିବେଶ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। ଏଠାରେ ବୋଟିଙ୍ଗ କରିବାର ମଜା ଅତ୍ୟନ୍ତ ନିଆରା। ସେଥିପାଇଁ ବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି ବିଚିତ୍ରପୁର ଇକୋ-ଟୁରିଜିମ।

ବିଚିତ୍ରପୁର ଇକୋ ଟୁରିଜିମ ତାଳସାରୀ ବେଳାଭୂମିଠାରୁ କୀର୍ତ୍ତନିଆ ବେଳାଭୂମି ପର୍ଯ୍ୟନ୍ତ ପ୍ରାୟ ଆଠ ଶହ ହେକ୍ଟର ଜମିରେ କୃତ୍ରିମ ଓ ପ୍ରାକୃତିକ ଲୁଣି ଜଙ୍ଗଲର ସବୁଜ ବଳୟ ସୃଷ୍ଟି କରିଛି। ଯାହା ଦୂରରୁ ଦେଖିଲେ ଏହା ଏକ ସବୁଜ ପୋଲ ପରି ଦିଶେ। ଏଥିରେ ସୁବିସ୍ତୀର୍ଣ୍ଣ ଝାଉଁ ଜଙ୍ଗଲ ସାଙ୍ଗକୁ ୧୭ ପ୍ରଜାତିର ଲୁଣି ଜଙ୍ଗଲ ଓ ୩ ପ୍ରଜାତିର ବନୀ ଜଙ୍ଗଲ ରହିଛି। ଲୁଣି ଜଙ୍ଗଲ ମଧ୍ୟରେ ସିନ୍ଦୁକା, ଗରଣୀ, ରାଇ, କାଳିଆଚୁଆ, ଖରସୀ, ଗାମା, କେରୁଅ, ବନ୍ଦରୀ ସହିତ ୩ ପ୍ରଜାତିର ଧଳା ବନୀ, କଳା ବନୀ ଓ ସିଙ୍ଗାଳ ବନୀ ରହିଥିବା ଦେଖିବାକୁ ମିଳେ। ଏହି ପ୍ରାକୃତିକ ଲୁଣି ଜଙ୍ଗଲ ବାୟୁମଣ୍ଡଳକୁ ପର୍ଯ୍ୟାପ୍ତ ପରିମାଣରେ ଅମ୍ଳଜାନ ଛାଡ଼ିବା ଓ ବାୟୁମଣ୍ଡଳରୁ ଦୂଷିତ ଅଙ୍ଗାରକାମ୍ଳ ଶୋଷଣ କରିବା ସହିତ ଉପକୂଳରେ ବନ୍ୟା ବାତ୍ୟା ସମୟରେ ସୁରକ୍ଷା କବଚ ପାଲଟିଥାଏ। ବିଚିତ୍ରପୁର ପ୍ରକୃତି ନିବାସରେ ପର୍ଯ୍ୟଟକଙ୍କ ପାଇଁ ଶୀତତାପ ନିୟନ୍ତ୍ରିତ ୧୦ଟି କୋଠରୀ ନିର୍ମିତ ହୋଇଥିଲେ ମଧ୍ୟ ଛଅଟି କୋଠରୀ ଖରାପ ପରେ ଏବେ ଚାରିଗୋଟି ଶୀତତାପ ନିୟନ୍ତ୍ରିତ କୋଠରୀ ଚାଲୁ ରହିଛି ବୋଲି ପ୍ରକୃତି ନିବାସର ସଭାପତି ବଳରାମ ପାତ୍ର ପ୍ରକାଶ କରିଛନ୍ତି। ତେବେ ଗମନାଗମନର ଅସୁବିଧା, ଏକ ସ୍ଥାୟୀ ପୋଲ, ମୁଖ୍ୟ ଜେଟିକୁ ରାସ୍ତା ସମସ୍ୟା ଦୀର୍ଘଦିନରୁ ଲାଗି ରହିଥିଲେ ମଧ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ବନପାଳ ସଞ୍ଜୟ ମହାନ୍ତିଙ୍କ ଉଦ୍ୟମରେ ଯାତ୍ରୀ ବିଶ୍ରାମଗାର, ନୂତନ ଭାସମାନ ଜେଟି ଓ ଅଧିକ ୪ଟି ବୋଟ ପ୍ରସ୍ତୁତ ହୋଇ ରହିଚି। ତେବେ ଜୁଆର ସମୟ ବ୍ୟତୀତ ପର୍ଯ୍ୟଟକ ବୋଟିଂ କରିପାରନ୍ତି ନାହିଁ। କାରଣ ଭାସମାନ ଜେଟିକୁ ଲାଗିଥିବା କ୍ରିକରେ ଭଟ୍ଟା ସମୟରେ ପାଣି ଶୁଖିଯାଏ। ସ୍ଥାୟୀ ପୋଲ ନିର୍ମାଣ ହୋଇପାରିଲେ ପର୍ଯ୍ୟଟକ ସବୁ ସମୟରେ ବୋଟିଂର ମଜା ନେଇପାରନ୍ତେ। ଡଙ୍ଗାରେ ବସିବା, ଝାଉଁ ଜଙ୍ଗଲ ମଧ୍ୟରେ ବଣ ଭୋଜି କରିବା, ନିଃଶବ୍ଦ ଇଲାକାରେ ଦୀର୍ଘ ସମୟ ବିତାଇବା ପର୍ଯ୍ୟଟକଙ୍କୁ ଭରପୁର ଖୁସି ଦେଇଥାଏ। ବିଭିନ୍ନ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ବିଚିତ୍ରପୁର ଇକୋ ଟୁରିଜିମ।

ଏବେ ଚାଲିଛି ପର୍ଯ୍ୟଟନ ଋତୁ। ବାଲେଶ୍ୱରରୁ ୧୧୦ କିଲୋମିଟର ଦୂରରେ ରହିଛି ଏହି ପର୍ଯ୍ୟଟନ ସ୍ଥଳୀ। ବନ ବିଭାଗ ଓ ସ୍ଥାନୀୟ କମିଟିର ମିଳିତ ଉଦ୍ୟମରେ ପରିଚାଳିତ ହୋଇଆସୁଛି। ଏଭଳି ସୌନ୍ଦର୍ଯ୍ୟଭରା ସ୍ଥାନକୁ ବର୍ଷକୁ ବର୍ଷ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଗତ ୨୦୨୪-୨୫ ଆର୍ଥିକ ବର୍ଷରେ ୨୨୦୦ ଜଣରୁ ଉର୍ଦ୍ଧ୍ୱ ପର୍ଯ୍ୟଟକ ଆସି ବୋଟିଂ କରିଥିବାବେଳେ ସେଥିରୁ ୨୦ ଜଣରୁ ଅଧିକ ବିଦେଶୀ ପର୍ଯ୍ୟଟକ ରହିଛନ୍ତି। ୨୦୨୫-୨୬ ବର୍ଷରେ ଦେଢ଼ ଲକ୍ଷରୁ ଉର୍ଦ୍ଧ୍ୱ ପର୍ଯ୍ୟଟକଙ୍କ ସମାଗମ ହେବାର ସମ୍ଭାବନା ରହିଛି। କିନ୍ତୁ ପର୍ଯ୍ୟଟକଙ୍କ ସୁବିଧା ପାଇଁ ଏଠାକାର ବିଭିନ୍ନ ସମସ୍ୟା ସମାଧାନ ପାଇଁ ସରକାର ତତ୍ପର ହେବାକୁ ଇକୋ ଟୁରିଜିମ ପରିଚାଳନା କମିଟି ସଭାପତି ଶମ୍ଭୁନାଥ ମାଝୀ ଓ ଅନ୍ୟ ସଦସ୍ୟ ଦାବି କରିଛନ୍ତି।

## ଦୂରଶିକ୍ଷା ଶିକ୍ଷାର୍ଥୀଙ୍କ ପରିଚୟ କାର୍ଯ୍ୟକ୍ରମ





ବାଲେଶ୍ୱର,୨୮।୧୧(ସମିସ): ରେମୁଣାସ୍ଥ ଫକୀରମୋହନ ବିଶ୍ୱବିଦ୍ୟାଳୟ ପୁରୁଣା କ୍ୟାମ୍ପସରେ ଦୂର ଓ ଅନଲାଇନ୍ ଶିକ୍ଷାକେନ୍ଦ୍ର ଦ୍ୱାରା ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ଭର୍ତ୍ତି ହୋଇଥିବା ଶିକ୍ଷାର୍ଥୀଙ୍କ ପାଇଁ ଦିନିକିଆ ଶିକ୍ଷାର୍ଥୀ ପରିଚୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ଶିକ୍ଷା ପରିବେଶ ସହିତ ଶିକ୍ଷାର୍ଥୀଙ୍କୁ ପରିଚିତ କରାଇବାକୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାଠ୍ୟକ୍ରମ ଗଠନ, ଡିଜିଟାଲ୍ ଶିକ୍ଷା ପଦ୍ଧତି, ମୂଲ୍ୟାୟନ ପ୍ରଣାଳୀ ଓ ଦୂରଶିକ୍ଷାର ୧୧ଟି ସ୍ନାତକୋତ୍ତର ବିଭାଗର ସହଯୋଗ ପ୍ରଣାଳୀ ବିଷୟରେ ଆଲୋଚନା କରାଯାଇଥିଲା। ଉଦ୍‌ଘାଟନୀ ଅଧିବେଶନର ଅଧ୍ୟକ୍ଷତା କରି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ନିଜର ମୂଲ୍ୟବାନ ଉଦ୍‌ବୋଧନ ଦେଇଥିଲେ। କୁଳସଚିବ କୁକୁମୀନା ଦାସ ଓ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ନୂତନ ବିଦ୍ୟାର୍ଥୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ସମ୍ପୂର୍ଣ୍ଣ ଶିକ୍ଷାଗତ ପରିଚୟ କାର୍ଯ୍ୟକ୍ରମଟି ଦୂର ଓ ଅନଲାଇନ୍ ଶିକ୍ଷା କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ଜ୍ୟୋତି ଶଙ୍କର ପ୍ରଧାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା। ସେ ପାଠ୍ୟ ପରିଚାଳନା ପ୍ରଣାଳୀ, ଇ-ସମ୍ପଦ, ଅନଲାଇନ୍ ଶ୍ରେଣୀ ପ୍ରଣାଳୀ ଓ ମୂଲ୍ୟାୟନ ପ୍ରକ୍ରିୟା ବିଷୟରେ ବିଶେଷ ବିବରଣୀ ଦେଇଥିଲେ। ଡକ୍ଟର ଦେବଦତ୍ତ ଦାସ, ସିଡିଓଇର ଉପ-କୁଳସଚିବ ପ୍ରାରମ୍ଭିକ ଉଦବୋଧନ ଦେଇ ପ୍ରଶାସନିକ ଓ ଶିକ୍ଷାର୍ଥୀ ସହଯୋଗ ପ୍ରକ୍ରିୟା ବିଷୟରେ ଅଧିକ ତଥ୍ୟ ରଖିଥିଲେ। ଏ ଅବସରରେ ପରୀକ୍ଷା-ନିୟନ୍ତ୍ରକ ରଞ୍ଜନ କୁମାର ରାୟ ଓ ବିତ୍ତ ନିୟନ୍ତ୍ରକ କରଣ ସୋରେନ୍ ଶିକ୍ଷାର୍ଥୀଙ୍କୁ ଉଦବୋଧନ ପ୍ରଦାନ କରି ପରୀକ୍ଷା, ଶୁଳ୍କ, ଅର୍ଥ ସମ୍ପର୍କୀୟ ସହଯୋଗ ଓ ଶିକ୍ଷ୍ୟବୃତ୍ତି ବିଷୟରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମକୁ ସହକାରୀ ପ୍ରାଧ୍ୟାପକ ଡକ୍ଟର ସଂଯୁକ୍ତାରାଣୀ ପଣ୍ଡା ପରିଚାଳନା କରିଥିଲେ। ଦୂର ଓ ଅନଲାଇନ୍ ଶିକ୍ଷା କେନ୍ଦ୍ର ସହାୟକ କୁଳସଚିବ ଅଭୟ କୁମାର ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

## ଶ୍ରମ କାର୍ଯ୍ୟାଳୟରେ ଆଖିବୁଜା ଦୁର୍ନୀତି

# ଶ୍ରମିକ କାର୍ଡ ପାଇଁ ଫୋନ ପେ'ରେ ନେଉଛନ୍ତି ଟଙ୍କା

କେନ୍ଦ୍ରାପଡ଼ା,୨୮ ।୧୧(ସମିସ)




- କାର୍ଡ ପିଛା ୩ରୁ ୫ ହଜାର ଆଦାୟ ଅଭିଯୋଗ
- ଆଦାୟ ପାଇଁ ସେଟିଂ ହୋଇଛି ଏଜେନ୍ସି
- ପ୍ରକୃତ ହିତାଧିକାରୀ କାର୍ଡ ପାଇବାରୁ ବଞ୍ଚିତ
- ୮୦ ପ୍ରତିଶତ କାର୍ଡ ହାତେଇଛନ୍ତି ଅଯୋଗ୍ୟ
- ଚାହିଁ ବସିଛନ୍ତି ଯୋଗ୍ୟ ହିତାଧିକାରୀ

ଶ୍ରମିକ ଓ ଗରିବ, ନିଷ୍ପେସିତ ଲୋକଙ୍କୁ ଶ୍ରମ କାର୍ଡ ମାଧ୍ୟମରେ ସରକାର ବିଭିନ୍ନ ସୁବିଧା ସୁଯୋଗ ପ୍ରଦାନ କରୁଛନ୍ତି। ହେଲେ ଏହି ଯୋଜନାର ସୁଫଳ ଶ୍ରମିକ ଶ୍ରେଣୀର ଲୋକେ ପାଉନାହାନ୍ତି। ବିଭିନ୍ନ ନକଲି ଶ୍ରମିକ ସଂଗଠନ କରି କୋଟି କୋଟି ଟଙ୍କା ହଡ଼ପ କରାଯାଉଛି। ଫଳରେ ସରକାରଙ୍କ ଯୋଜନା ସଫଳ ହେଉନି। କେନ୍ଦ୍ରାପଡ଼ା ଜିଲ୍ଲାରେ ଏବେ ନକଲି ଶ୍ରମିକ ଓ ନକଲି କାର୍ଡ ବ୍ୟବସ୍ଥା ପ୍ରଚଳିତ ହୋଇଛି। ଦୀର୍ଘଦିନ ଧରି ଏଭଳି ଜାଲିଆତି ହୋଇଆସୁଛି। ଖୋଦ ଶ୍ରମ ବିଭାଗ କିଛି ଏଜେନ୍ସି ସହଯୋଗରେ ଏଭଳି ଜାଲିଆତି କରୁଥିବା ଅଭିଯୋଗ ହେଉଛି। ଏମିତିକି ସରକାର ଦେଉଥିବା ବିଭିନ୍ନ ସୁବିଧା ସୁଯୋଗକୁ ଜାଲ୍ ଶ୍ରମିକ ସଂସ୍ଥା କରାଯାଇ ହରିଲୁଟ ହେଉଥିବା ସାମ୍ନାକୁ ଆସିଛି। ଶିକ୍ଷିତ ଯୁବକ ଯୁବତୀଙ୍କୁ ତଥା ଧନୀ ଶ୍ରେଣୀର ଲୋକଙ୍କୁ ଶ୍ରମିକ କାର୍ଡ ଦିଆଯାଇ ଟଙ୍କା ହରିଲୁଟ ହେଉଛି। ୩ରୁ ୫ ହଜାର ଟଙ୍କା ନେଇ ଶ୍ରମିକ କାର୍ଡ ମଧ୍ୟ କରେଇ ଦେଉଛନ୍ତି। କାର୍ଡ କରିବା ବାବଦ ଆଉ କାର୍ଡରେ ମିଳୁଥିବା ଫାଇଦା ବାବଦ ମୋଟା ଅଙ୍କର ଟଙ୍କା ନିଆଯାଉଛି।

ଲୋକଙ୍କ ଆଧାର କାର୍ଡ, ଭୋଟର କାର୍ଡ ଓ ଫଟୋ ନେଇ ପ୍ରଥମେ ଲେବର କାର୍ଡ କଲେ ପରେ ସରକାର ଦେଉଥିବା ସେହି କାର୍ଡ ଫାଇଦା ଉଠାଇଲେ। ଏନେଇ ନକଲି ହିତାଧିକାରୀ ଥରେ ହେଲେ ଶ୍ରମ କାର୍ଯ୍ୟାଳୟକୁ ଯିବାକୁ ପଡୁନି। ନିର୍ମାଣ ଶ୍ରମିକଙ୍କ ପାଇଁ ମିଳୁଥିବା ପକ୍କାଘର ଯୋଜନା, ପେନସନ ଯୋଜନା, ନିର୍ମାଣ ଶ୍ରମିକ ଗର୍ଭବତୀ ଯୋଜନା, ଦୁଇଟି କନ୍ୟା ସନ୍ତାନ ଯୋଜନା, ଅବିବାହିତ ଓ ବିବାହ ପାଇଁ ନିର୍ମାଣ ଶ୍ରମିକ ସହାୟତା, ମୃତ୍ୟୁକାଳୀନ ସହାୟତା, ଦୁର୍ଘଟଣାଜନିତ ମୃତ୍ୟୁକାଳୀନ ସହାୟତା, ଦୁର୍ଘଟଣାଜନିତ ଅକ୍ଷମତା ସହାୟତା ପ୍ରଭୃତି କରେଇଦେବାକୁ କହି ଅର୍ଥ ହରିଲୁଟ ହେଉଛି। ନିରୀହ ଶ୍ରମିକଙ୍କ ଅଧିକାରକୁ କିଛି କର୍ମଚାରୀ ଓ ଏଜେନ୍ସି ମାଧ୍ୟମରେ ହରିଲୁଟ କରାଯାଉଛି। କେନ୍ଦ୍ରାପଡ଼ା ଶ୍ରମ କାର୍ଯ୍ୟାଳୟରେ ଦୁର୍ନୀତି ଏମିତି ଜାଲ ବିଛାଇଛି ଯେ ଗରିବ ଶ୍ରମିକଙ୍କ ଅର୍ଥ ହରିଲୁଟ୍ ଧରିବା କଷ୍ଟକର ବ୍ୟାପାର। ଖୁଲମଖୁଲା ଏଜେନ୍ସି ମାଧ୍ୟମରେ ଫୋନ ପେ' ଆପ୍‌ରେ ଅଯୋଗ୍ୟଙ୍କୁ ଲେବର କାର୍ଡ କରାଇ ଦେବାକୁ ହଜାର ହଜାର ଟଙ୍କା ନେଇଥିବା ପ୍ରମାଣ 'ସକାଳ' ହାତରେ ଲାଗିଛି। ପ୍ରତ୍ୟେକ ଲେବର କାର୍ଡ ପାଇଁ ଏଜେନ୍ସି ମାଧ୍ୟମରେ ୩ ହଜାରରୁ ୫ ହଜାର ଟଙ୍କା ଆଦାୟ କରାଯାଉଛି। ଆଉ ଏଜେନ୍ସି କିଛି ଆଦାୟ ବାବଦ ଟଙ୍କା ରଖି ଶ୍ରମ କାର୍ଯ୍ୟାଳୟ କର୍ମଚାରୀଙ୍କୁ ଫୋନ ପେ' ଜରିଆରେ ପ୍ରଦାନ କରୁଛନ୍ତି। ଏଥିପାଇଁ ଜିଲ୍ଲାରେ ଶତାଧିକ ଏଜେନ୍ସି ରଖାଯାଇଛି। ନୂତନ କାର୍ଡ କରାଇବାଠାରୁ ଆରମ୍ଭ କରି ରିନ୍ୟୁ ଆଉ ସହାୟତା ରାଶି ପ୍ରଦାନ ପର୍ଯ୍ୟନ୍ତ ପ୍ରତ୍ୟେକରେ ମୋଟା ଅଙ୍କର ହାତଗୁଞ୍ଜା ଆଦାୟ ହେଉଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ୮୦ ପ୍ରତିଶତ ଲେବର କାର୍ଡ ଅଯୋଗ୍ୟ ଲୋକଙ୍କ ହାତରେ ରହିଥିବା ଅଭିଯୋଗ ହେଉଛି। ଯୋଗ୍ୟ, ଗରିବ, ଦିନ ମଜୁରିଆ ଆଜି ମଧ୍ୟ ଏହି ଯୋଜନାର ସୁଫଳରୁ ବଞ୍ଚିତ ଅଛନ୍ତି। ଗୋଟିଏ ପଟେ ଏଜେନ୍ସି ଓ କିଛି କର୍ମଚାରୀ କୋଟି କୋଟି ଟଙ୍କା ଆଦାୟ କରି ମାଲାମାଲ ହେଉଛନ୍ତି। ଅନ୍ୟପଟେ ଦିନ ମଜୁରିଆ ଦିନକୁ ଦିନ ବଞ୍ଚିବା ପାଇଁ ଯୁଦ୍ଧ କରିଚାଲିଛି। ତୁରନ୍ତ ଏହି ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରି ଜିଲ୍ଲା ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି।

## ରାଜନୀତି ବିଜ୍ଞାନ ବିଭାଗରେ ଆଲୋଚନାଚକ୍ର




ଡେରାବିଶ,୨୮ ।୧୧(ସମିସ): ଡେରାବିଶ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗରେ ସମ୍ବିଧାନ ଦିବସ ଉପଲକ୍ଷେ 'ଇତିହାସରୁ ଶିକ୍ଷା: ଭାରତୀୟ ସମ୍ବିଧାନ ସଭା ସହ ଅନ୍ୟ ଦେଶମାନଙ୍କ ସମ୍ବିଧାନ ନିର୍ମାଣ ପ୍ରକ୍ରିୟାର ତୁଳନା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଡ. ସନ୍ଦୀପ ବଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡେରାବିଶ ମହାବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ନଗେନ୍ଦ୍ରନାଥ ପାଣି ମୁଖ୍ୟଅତିଥି, ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ଇତିହାସ ବିଭାଗ ଅଧ୍ୟାପକ ଡ. ସାମୁଏଲ ଲିମ୍ମା ମୁଖ୍ୟବକ୍ତା ଓ ଡେରାବିଶ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ଅବସରପ୍ରାପ୍ତ ଅଧ୍ୟାପକ ବୃନ୍ଦାବନ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମ୍ବିଧାନ ଦିବସ ପାଳନର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ବିଧାନ ସଭାର ଗଠନ ଏବଂ ସମ୍ପ୍ରତି ଭାରତ ଭଳି ବିଶାଳ ଜନସଂଖ୍ୟା ବିଶିଷ୍ଟ ଦେଶରେ ଗଣତନ୍ତ୍ରର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ବିଶ୍ୱଜିତ ସାହୁ, ସଞ୍ଜୟ କୁମାର ମିଶ୍ର, ଅଧ୍ୟାପିକା ଭାଗ୍ୟଲକ୍ଷ୍ମୀ ସାହୁ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଛାତ୍ର ଓମ୍‌ପ୍ରକାଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପଟ୍ଟାମୁଣ୍ଡାଇ କଲେଜ ଓଡ଼ିଆ ବିଭାଗରେ ଆଲୋଚନାଚକ୍ର




ପଟ୍ଟାମୁଣ୍ଡାଇ,୨୮ ।୧୧(ସମିସ): ପଟ୍ଟାମୁଣ୍ଡାଇ କଲେଜ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ 'ବିଂଶ ଶତାବ୍ଦୀରେ ଓଡ଼ିଆ ଲୋକନାଟକର ଚର୍ଚ୍ଚା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ରାଜନୀତି ବିଜ୍ଞାନ ବିଭାଗ ପ୍ରାଧ୍ୟାପକ ସର୍ବେଶ୍ୱର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଆଲୋଚନାଚକ୍ରରେ ଜବାହରଲାଲ ନେହରୁ କଲେଜ ପ୍ରାଧ୍ୟାପକ ଡ. ନିଖିଳେଶ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ପଟ୍ଟାମୁଣ୍ଡାଇ କଲେଜ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ପ୍ରମୋଦ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଦେବା ସହ ବିଭିନ୍ନ ଲୋକନାଟକ ଉପରେ ଆଲୋଚନା କରିଥିଲେ। ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଚିନ୍ମୟ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ସାଗ୍ନିକା ଧଳ ଓ ସ୍ମିତା ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଦ୍ୟାଳୟ ଭିତ୍ତିଭୂମି ବିକାଶ କାର୍ଯ୍ୟର ଶିଳାନ୍ୟାସ

ଡେରାବିଶ,୨୮ ।୧୧(ସମିସ): ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ରଜାଙ୍ଗସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଶାନ୍ତି ବାଲମନ୍ଦିର ଟ୍ରଷ୍ଟ ପକ୍ଷରୁ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ଶିଳାନ୍ୟାସ କରାଯାଇଛି। ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର, ସମ୍ମାନିତ ଅତିଥିଭାବେ ଡେରାବିଶ ବିଡିଓ ନମିତା ବାରିକ ଯୋଗଦେଇ ଶିଳାନ୍ୟାସ କରିଥିଲେ। ପୂର୍ବତନ ଦାନପୁର ସରପଞ୍ଚ ଉମେଶ ଚନ୍ଦ୍ର ତ୍ରିପାଠୀ, କେନ୍ଦ୍ରାପଡ଼ା ସାଂସଦଙ୍କ ପ୍ରତିନିଧି ମହିମା ସ୍ୱାଇଁ, ରଜାଙ୍ଗ ୱାର୍ଡସଭ୍ୟ ପ୍ରକାଶ ଘଡ଼େଇ, ସୁଶାନ୍ତ ମଲିକ, ଶିକ୍ଷାବିତ୍ ରଞ୍ଜନ



ସ୍ୱାଇଁ, ବୈରାଗୀ ଚରଣ ପଣ୍ଡା, ଶୀତଳ କୁମାର ସ୍ୱାଇଁ, ଅକ୍ଷୟ କୁମାର ପଣ୍ଡାଙ୍କ ସମେତ ଗ୍ରାମର ମହିଳା ଗୋଷ୍ଠୀ ସଦସ୍ୟା, ଅଙ୍ଗନବାଡ଼ି କର୍ମୀ ଓ ମୁରବୀମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରଞ୍ଜନ ନାୟକ, ବାଲମନ୍ଦିର ଟ୍ରଷ୍ଟର ସଞ୍ଜୟ, କ୍ରିଷ୍ଣମୋହନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ବାଲମନ୍ଦିର ଟ୍ରଷ୍ଟ ତରଫରୁ ଏହି ଗ୍ରାମରେ ଏକ ଦାତବ୍ୟ ଚିକିତ୍ସାଳୟ ଖୋଲିବା ପାଇଁ ସରକାରଙ୍କ ତରଫରୁ ୫ ଏକର ଜମି ଯୋଗାଇ ଦିଆଯାଇଛି। ଏହାଛଡ଼ା ଏହି ବିଦ୍ୟାଳୟରେ ନୂତନ ଗୃହ ନିର୍ମାଣ ସହ ପାଚେରୀ ଓ ବିଦ୍ୟାଳୟ ପରିସରରେ ବଗିଚା ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି।

## ଜିଲ୍ଲା କୁମ୍ଭକାର ସଙ୍ଘର ବାର୍ଷିକ ସମ୍ମିଳନୀ




କେନ୍ଦ୍ରାପଡ଼ା,୨୮ ।୧୧(ସମିସ): କେନ୍ଦ୍ରାପଡ଼ା ଇଚ୍ଛାପୁରସ୍ଥିତ ବଳଦେବଜୀଉଙ୍କ ରଥଦାଣ୍ଡରେ ଜିଲ୍ଲା କୁମ୍ଭକାର ସଙ୍ଘର ୧୨୪ତମ ଖଟଣି ଉତ୍ସବ ଏବଂ ବାର୍ଷିକ କୁମ୍ଭକାର ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଛି। ବଳଦେବଜୀଉଙ୍କ ନିକଟରେ ଖଟଣି ଭୋଗ ଲାଗି କରିବା ସହିତ ବୃତ୍ତିଗତ ସମସ୍ୟା ଏବଂ ସମାଧାନ ସମ୍ପର୍କରେ ସମ୍ମିଳନୀରେ ଆଲୋଚନା ହୋଇଥିଲା। କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ରତ୍ନାକର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ରାଜ୍ୟ ସଂଗଠନ କୁରାଳ ମହାସଂଘ ସମ୍ପାଦକ ଜୟରାମ ସାହୁ, ରାଜ୍ୟ ସଙ୍ଘ ଉପସଭାପତି ରାମଚନ୍ଦ୍ର ମୁଦୁଲି, କଟକ ଜିଲ୍ଲା ସମ୍ପାଦକ ରବୀନ୍ଦ୍ର କୁମାର ବେହେରା, ପୂର୍ବତନ ଜଗତସିଂହପୁର ଜିଲ୍ଲା ସଭାପତି ବ୍ରହ୍ମାନନ୍ଦ ରଣା, କୁଜଙ୍ଗ ବ୍ଲକ ସଙ୍ଘର ନିରଞ୍ଜନ ବେହେରା, ଶିଳ୍ପୀ ସୁରେନ୍ଦ୍ରନାଥ ରଣା, ରାଜନଗର ବ୍ଲକର ବିଷ୍ଣୁଚରଣ ବେହେରା, ଟହଲି ପ୍ରସାଦ ବେହେରା, ସରୋଜ କୁମାର ବେହେରା, ଶ୍ୟାମସୁନ୍ଦର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସମ୍ପାଦକ ବିଚିତ୍ରାନନ୍ଦ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଚନ୍ଦନ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ। ମହାକାଳପଡ଼ା ବ୍ଲକର ରବୀନ୍ଦ୍ର କୁମାର ବେହେରା, ତଥାଗତ ବେହେରା, ମାର୍ଶାଘାଇ ବ୍ଲକର ଦିବାକର ବେହେରା, ସଞ୍ଜୟ ସାହୁ, ଡେରାବିଶ ବ୍ଲକର ସରୋଜ ବେହେରା, ଆଳିର ସୁଶାନ୍ତ ବେହେରା, ପଟ୍ଟାମୁଣ୍ଡାଇର ବିଜୟ ବେହେରା, କେନ୍ଦ୍ରାପଡ଼ା ବ୍ଲକର ନିରଞ୍ଜନ ରଣା, ପଦନ ବେହେରା, ରାଜକନିକା ବ୍ଲକର ଦାମୋଦର ବେହେରା ଯୋଗଦେଇଥିଲେ।

## ୧୫୦ ଜମିଜମା ଅଭିଯୋଗ ପଞ୍ଜିକୃତ

## ୫୦ ମାମଲା ସମାଧାନ; ୩୮ ଜଣଙ୍କୁ ପଟ୍ଟା ପ୍ରଦାନ

କେନ୍ଦ୍ରାପଡ଼ା,୨୮ ।୧୧(ସମିସ): କଂସାର ପଞ୍ଚାୟତ ପରିସରରେ କେନ୍ଦ୍ରାପଡ଼ା ତହସିଲଦାର ରବିନାରାୟଣ ଆଚାର୍ଯ୍ୟଙ୍କ ଦ୍ୱାରା ୧୫୦ ଜମିଜମା ଅଭିଯୋଗର ଶୁଣାଣି କରାଯାଇଛି। ସେଥିମଧ୍ୟରୁ ୫୦ ମାମଲାର ସମାଧାନ ହୋଇଥିବା ବେଳେ ୩୮ ଜଣଙ୍କୁ ପଟ୍ଟା ପ୍ରଦାନ କରାଯାଇଛି। ରାଜସ୍ୱ ଅଧିକାରୀ ଅରକ୍ଷ ଖିଲାର, ପ୍ରଦୀପ କୁମାର ଦାସ, ରାଜସ୍ୱ ସହାୟକ, ଆରପି ସୌମ୍ୟଜିତ ପଟ୍ଟନାୟକ, ଓଏଲଆର ଶ୍ୱେତପଦ୍ମା ବେହେରା, ଡିଇଓ ରଞ୍ଜନ କୁମାର ଦାସ, ରେକର୍ଡ କିପର ତୃପ୍ତିରେଖା ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଂସାର ସରପଞ୍ଚ ସରୋଜିନୀ ନାୟକ, ୱାର୍ଡ ସଭ୍ୟ ନିତ୍ୟାନନ୍ଦ ମହାନ୍ତି, ପଦନ ବେହେରା, ଗଜେନ୍ଦ୍ର ପରିଡ଼ା, ସମାଜସେବୀ ମନୋଜ ନାୟକ, ରାଜେନ୍ଦ୍ର ବିଶ୍ୱାଳ, ବବୁଲ ଜେନା, ଲାଲୁପ୍ରସାଦ ଜେନା, ବଂଶୀଧର ସାମଲ, ଉତ୍ତମ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

## ୱସ୍‌ଆସ୍ ଆଦେଶ ଅମାନ୍ୟ

## ୪୨ ଅଫିସ କର୍ମଚାରୀଙ୍କ ଦରମା ବନ୍ଦ

କେନ୍ଦ୍ରାପଡ଼ା,୨୮ ।୧୧(ସମିସ): ସରକାରୀ ଆଦେଶନାମାକୁ ଅମାନ୍ୟ କରି ଓସ୍ୱାସରେ ନିୟମିତ କାର୍ଯ୍ୟ ସମ୍ପାଦନ କରି ନ ଥିବାରୁ ଜିଲ୍ଲାର ଅନେକ ସରକାରୀ କାର୍ଯ୍ୟାଳୟ କର୍ମଚାରୀଙ୍କ ବିରୋଧରେ କଡ଼ା ପଦକ୍ଷେପ ଗ୍ରହଣ କରିଛନ୍ତି ଜିଲ୍ଲାପାଳ ରଘୁରାମ ଆର ଆୟର। ଜିଲ୍ଲାର ୪୨ ସରକାରୀ ଅଫିସର କର୍ମଚାରୀଙ୍କ ଦରମା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୩ ମାସ ସମୟ ମିଳିଥିଲେ ମଧ୍ୟ କାମ ନ ହେବାରୁ କାର୍ଯ୍ୟାଳୟଗୁଡ଼ିକୁ ଚେତାବନୀ ଜାରି ହୋଇଛି। ପ୍ରଶାସନ ପକ୍ଷରୁ ଓସ୍ୱାସ ମାଧ୍ୟମରେ ଫାଇଲ ଚଳାଚଳ ଓ ସରକାରୀ କାର୍ଯ୍ୟ କରିବା ପାଇଁ ୩ ମାସର ସମୟସୀମା ଦିଆଯାଇଥିଲା। ଜିଲ୍ଲାର ୧୨୨ଟି କାର୍ଯ୍ୟାଳୟ ମଧ୍ୟରୁ ୮୦ କାର୍ଯ୍ୟାଳୟ ଓସ୍ୱାସରେ କାମ କରୁଥିବା ବେଳେ ଅନ୍ୟ କାର୍ଯ୍ୟାଳୟଗୁଡ଼ିକରେ କାମ ଆରମ୍ଭ ହେଉ ନ ଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି। ତାଙ୍କ କହିବା ଅନୁସାରେ ଓସ୍ୱାସରେ କାମ କଲେ ପୁନ ଦରମା ପ୍ରଦାନ କରାଯିବ। ସରକାରୀ ଆଦେଶ ଅମାନ୍ୟ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଚେତାବନୀ ଦିଆଯାଇଛି। ତେବେ ଉପଯୁକ୍ତ ପ୍ରଶିକ୍ଷଣ ଅଭାବରୁ କର୍ମଚାରୀମାନେ ଏହି ବ୍ୟବସ୍ଥା ଗ୍ରହଣ କରିପାରୁନାହାନ୍ତି ବୋଲି ମତ ପ୍ରକାଶ ପାଇଛି। ଆଳି ସାଲାଇନ୍ ଡିଭିଜନ୍, କେନ୍ଦ୍ରାପଡ଼ା ଡ୍ରେନେଜ୍ ଡିଭିଜନ୍, ଉଠା ଜଳସେଚନ ଡିଭିଜନ୍, ରାଜନଗର ଲୁଣା ଜୁଗଲ (ବନ୍ୟପ୍ରାଣୀ) ବନଖଣ୍ଡ ଅଧିକାରୀ, କେନ୍ଦ୍ରାପଡ଼ା ଏସଡିପିଓ ଅଫିସ୍, ଜିଲ୍ଲା ଯୋଗାଣ ଅଧିକାରୀ, ଜିଲ୍ଲା ପ୍ରକଳ୍ପ ସଂଯୋଜକ ଅଫିସ୍, ଜିଲ୍ଲା ଭେଟେରିନାରୀ ହସ୍ପିଟାଲ୍ ସହ ବିଭିନ୍ନ ବ୍ଲକର କର୍ମଚାରୀଙ୍କ ନାମ ଦରମା ବନ୍ଦ ତାଲିକାରେ ରହିଥିବା ସୂଚନା ମିଳିଛି।

କାମ ହେଲେ ଦରମା ପ୍ରଦାନ କରାଯିବ: ଜିଲ୍ଲାପାଳ

## ବିରିରେ ଲାଗିଲାଣି ଜଉଆ ଓ କାଳିମୁଣ୍ଡି ପୋକ

ରାଜନଗର,୨୮ ।୧୧(ସମିସ): ରାଜନଗର ବ୍ଲକ ଧୋୟା ଅଞ୍ଚଳ ଭାବେ ପରିଚିତ ବନ୍ଧପଡ଼ା, ଓସ୍ତିଆ, ବେଲପାଳ, ରାଜପୁର ଓ କେରଡ଼ାଗଡ଼ (ଆଂଶିକ) ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିଲା। ଧାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। କାଁ ଭାଁ ଚାଷୀ ବନ୍ୟା ପରେ ବହୁ କଷ୍ଟରେ ତଳି ସଂଗ୍ରହ କରି ଧାନଚାଷ କରିଥିଲେ। ତେବେ ପୁନର୍ବାର ବନ୍ୟା ଆସି ଚାଷୀଙ୍କ ଆଶା ଧୋଇ ନେଇଗଲା। ଚାଷୀ ରବି ଋତୁରେ ବିରି ବୁଣି ଭଲ ଅମଳ ଆଶା କରିଥିଲା। ବିରି ମଧ୍ୟ ଭଲ ହୋଇଥିଲା। ଏବେ ଏହି ଫସଲରେ ଜଉଆ ଓ କାଳିମୁଣ୍ଡି ପୋକ ଲାଗିଯାଇଛନ୍ତି। ଏହି ପୋକଗୁଡ଼ିକ ପତ୍ର ଖାଇ ଧଳା ପକାଇ ଦେବା ପରେ ଗଛଗୁଡ଼ିକ ପତ୍ରଶୂନ୍ୟ ହୋଇଯାଉଛି। ଯାହାକି ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ଧାନ ଫସଲ ନଷ୍ଟ ହେବା ପରେ ଚାଷୀମାନେ ବିରି ଫସଲ କରି ଭଲ ଦି ପଇସା ରୋଜଗାର କରିବେ ବୋଲି ଆଶା ବାନ୍ଧିଥିବା ବେଳେ ଜଉଆ ଓ କାଳିମୁଣ୍ଡି ପୋକ ସବୁ ନଷ୍ଟ କରିଦେଲେଣି। ଏ ନେଇ ଚାଷୀ ଏବେ ମୁଣ୍ଡରେ ହାତଦେଇ ବସିଛନ୍ତି।



ଚିନ୍ତାରେ ଚାଷୀ

## ଅପହୃତା ଝିଅକୁ ଉଦ୍ଧାର ପାଇଁ ପୁଲିସର ଚଢ଼ଉ

କେନ୍ଦ୍ରାପଡ଼ା,୨୮ ।୧୧(ସମିସ): ସଦର ଥାନା ନାଗପୁର ଅଞ୍ଚଳର ଜଣେ ଅପହୃତା ଝିଅକୁ ଉଦ୍ଧାର ପାଇଁ ଟାଉନ ଓ ସଦର ଥାନା ପୁଲିସ ବଡ଼ହାଟ ଅଞ୍ଚଳର ଶାଢ଼ି ଦୋକାନ ମାଲିକଙ୍କ ଘରେ ମିଳିତ ଚଢ଼ଉ କରିଛନ୍ତି। ଗତ ୨୦ ତାରିଖ ରାତିରୁ ଝିଅଟି ନିଖୋଜ ହୋଇଯିବା ପରେ ପରିବାର ପକ୍ଷରୁ ୨୧ ତାରିଖ ସଦର ଥାନାରେ ଅଭିଯୋଗ କରାଯାଇଥିଲା। ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଏଥିରେ ଶାଢ଼ି ଦୋକାନ ମାଲିକଙ୍କ ସମ୍ପୃକ୍ତି ଥିବା ପୁଲିସ ସନ୍ଦେହ କରୁଛି। ପୁଲିସ ସୂଚନା ଅନୁଯାୟୀ, ଶାଢ଼ି ଦୋକାନ ମାଲିକଙ୍କ ନାମରେ ପୂର୍ବରୁ ମଧ୍ୟ ଅନେକ ମହିଳା ଅପହରଣ ଓ ଅନ୍ୟ ଅପରାଧିକ ମାମଲା ରହିଛି। ତେବେ ପୁଲିସ ଚଢ଼ଉ ସୂଚନା ମିଳିବା ପରେ ଅଭିଯୁକ୍ତ ଘର ଛାଡ଼ି ଫେରାର ହୋଇଯାଇଥିବା ଜଣାପଡ଼ିଛି। ତାଙ୍କ ମୋବାଇଲ ସୁଇଚଅଫ ଥିବା ବେଳେ ତଦନ୍ତ ଟିମ ଧରିବାକୁ ଅନ୍ୟ ବ୍ୟବସ୍ଥା ଗ୍ରହଣ କରିଛି। ଅନ୍ୟପଟେ ଅପହୃତା ଝିଅଙ୍କ ବାପାଙ୍କୁ ଅଜଣା ନମ୍ବରରୁ ଧମକପୂର୍ଣ୍ଣ କଲ୍ ଆସିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଏଥିରେ ଝିଅ ପରିବାର ଲୋକେ ଭୟଭୀତ ହୋଇପଡ଼ିଛନ୍ତି।

## ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ଡେରାବିଶ,୨୮ ।୧୧(ସମିସ): ଚାନ୍ଦୋଳ ପଞ୍ଚାୟତ ନରଣପଡ଼ାସ୍ଥିତ ମା' ତାରିଣୀଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ଷଡ଼ବିଂଶ ବିଶ୍ୱଶାନ୍ତି ମହାଯଜ୍ଞ ଉଦଯାପିତ ହୋଇଛି। ଚାରିଦିନ ବ୍ୟାପୀ ଏହି ମହାଯଜ୍ଞରେ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ସାମିଲ ହୋଇ ମା'ଙ୍କ ଦର୍ଶନ କରିବା ସହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ। ମନ୍ଦିର ପ୍ରତିଷ୍ଠାତା ସଦସ୍ୟ ତଥା ବରିଷ୍ଠ ଶ୍ରମିକ ନେତା ଅଶୋକ ତ୍ରିପାଠୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## କୃଷକନେତାଙ୍କ ପରଲୋକ

ପଟ୍ଟାମୁଣ୍ଡାଇ,୨୮ ।୧୧(ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଶିଷ୍ଟ କୃଷକନେତା ପାରେଶ୍ୱର ବିଶ୍ୱାଳଙ୍କର ତାଙ୍କ ତଳବାଲିପଡ଼ା ବାସଭବନରେ ପରଲୋକ ହୋଇଛି। ତାଙ୍କୁ ୮୦ବର୍ଷ ବୟସ ହୋଇଥିଲା। ଗୁରୁବାର ସେ ସ୍ନାନ ଶୌଚ ପାଇଁ ପୋଖରୀକୁ ଯାଇଥିବାବେଳେ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ିଯାଇଥିଲେ। ପୁଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଆଳି ଡାକ୍ତରଖାନାକୁ ପଠାଇଥିଲା। ସ୍ୱର୍ଗତ ବିଶ୍ୱାଳ କୃଷକଙ୍କ ବିଭିନ୍ନ ସମସ୍ୟା ନେଇ ଆନ୍ଦୋଳନ କରି ଆସୁଥିଲେ। ପରବର୍ତ୍ତୀ ସମୟରେ ବାମପନ୍ଥୀ ଆନ୍ଦୋଳନରେ ସାମିଲ ହୋଇଥିଲେ। ଏଥିସହ ପଟ୍ଟାମୁଣ୍ଡାଇ ଅଞ୍ଚଳର ପ୍ରତ୍ୟେକ ସମସ୍ୟା ସମାଧାନ ପାଇଁ ଆନ୍ଦୋଳନ କରୁଥିଲେ। ତାଙ୍କ ଦେହାନ୍ତ ଖବର ପାଇ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ ରାଜନଗର ବିଧାୟକ ଅଂଶୁମାନ ମହାନ୍ତି, ସିପିଏମ ଜିଲ୍ଲା ସମ୍ପାଦକ ଗୟାଧର ଧଳ, ସିପିଆଇ ନେତା ବାବାଜୀ ଧଳ, କାଉନସିଲର ମଳୟ ଓଝା, ପୂର୍ବତନ କାଉନସିଲର ହିରଣ୍ୟ ରାଉତ, ଜନମଞ୍ଚ ନେତା ରବୀନ୍ଦ୍ର ପରିଡ଼ା, ବାମପନ୍ଥୀ ନେତା ସଲିଳେନ୍ଦୁ ମହାନ୍ତି, ସର୍ବେଶ୍ୱର ବାରିକ, ନୃସିଂହ ପ୍ରସାଦ ଚୌଧୁରୀ ନଳିନୀକାନ୍ତ ପାତ୍ର, ବିଭୂତି ଭୂଷଣ ଦାଶ, ସର୍ବେଶ୍ୱର ବେହେରା, ତ୍ରିଲୋଚନ ପାତ୍ର, ଅଭୟ ଜେନା ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡ଼ପୁଅ ସୁବ୍ରତ ବିଶ୍ୱାଳ ମୁଖାଗ୍ନି ଦେଇଥିଲେ।

# ଅଷ୍ଟଶମ୍ଭୁ ସଂସ୍କୃତ ସ୍କୁଲରେ ସମ୍ବର୍ଦ୍ଧନା

ରାଜନଗର,୨୮ ।୧୧(ସମିସ)



ରାଜନଗର ବ୍ଲକ କୁରୁଣ୍ଟି ପଞ୍ଚାୟତ ଚନ୍ଦ୍ରଶିଖରସ୍ଥିତ ଅଷ୍ଟଶମ୍ଭୁ ସଂସ୍କୃତ ବିଦ୍ୟାପୀଠରେ ବିଭିନ୍ନ ସଂସ୍କୃତ ଅନୁଷ୍ଠାନରୁ ଅବସର ନେଇଥିବା ଶିକ୍ଷକ ଓ କର୍ମଚାରୀଙ୍କ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ପ୍ରଧାନପଣ୍ଡିତ ରତ୍ନାକର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ନିଖିଳ ଉତ୍କଳ ସଂସ୍କୃତ ମହାମଣ୍ଡଳ ସଭାପତି ଶୈଳେନ୍ଦ୍ର ପାଢ଼ୀ, ନିଖିଳ ଉତ୍କଳ ସଂସ୍କୃତ ମହାମଣ୍ଡଳ ସମ୍ପାଦକ ଆର୍ତ୍ତତ୍ରାଣ ତ୍ରିପାଠୀ ମୁଖ୍ୟବକ୍ତା ଓ ଭାଗୀରଥୀ ସାହୁ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଅଧ୍ୟାପକ ରାଜକିଶୋର ପାଣି ବେଦମନ୍ତ୍ର ପାଠ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଅତିଥିମାନେ ଅବସରପ୍ରାପ୍ତ ଶିକ୍ଷକମାନଙ୍କ ଆନ୍ତରିକ ଉଦ୍ୟମ, ତ୍ୟାଗ ଓ ବଳିଦାନ ଯୋଗୁଁ ସଂସ୍କୃତି ସମ୍ପନ୍ନ ଆଦିଭାଷା ସଂସ୍କୃତର ବ୍ୟାପକ ପ୍ରଚାର ପ୍ରସାର ହୋଇ ଭାରତୀୟ ସଂସ୍କୃତିର ଜୟଗାନ କରିପାରିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସିଆରସିସି ତ୍ରୈଲୋଚନ ଦାସ, ନୋଡାଲ ପ୍ରଧାନଶିକ୍ଷକ ଶୁଭ୍ରଜ ବରାଳ, ଅଷ୍ଟଶମ୍ଭୁ ସଂସ୍କୃତ କଲେଜ ଅଧ୍ୟକ୍ଷ ସର୍ବେଶ୍ୱର ଲେଙ୍କା, ସରପଞ୍ଚ ସସ୍ମିତା ମହାନ୍ତି, ସମିତି ସଭ୍ୟା ପ୍ରେମଲତା ଦାସ, ପ୍ରଧାନପଣ୍ଡିତ ବଳରାମ ବାଗ, ଲକ୍ଷ୍ମୀବରାହ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରମୋଦ ପଣ୍ଡା ଓ ତୁଳସୀ ସଂସ୍କୃତ ବିଦ୍ୟାଳୟର ପ୍ରଧାନପଣ୍ଡିତ ସୁବାସ ଚନ୍ଦ୍ର ପାଣି ଯୋଗଦେଇ ଅବସରପ୍ରାପ୍ତ ପଣ୍ଡିତମାନଙ୍କ ସ୍ଥାନରେ ନୂତନ ନିଯୁକ୍ତି ଉପରେ ତ୍ୱରିତ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ଅବସରପ୍ରାପ୍ତ ପ୍ରଧାନପଣ୍ଡିତ କୃଷ୍ଣଚନ୍ଦ୍ର ଷଡ଼ଙ୍ଗୀ, ସହକାରୀ ପଣ୍ଡିତ ନାରାୟଣ ପ୍ରଧାନ, ସହକାରୀ ଶିକ୍ଷକ ଘନଶ୍ୟାମ ପରିଡ଼ା, ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ବସନ୍ତ କୁମାର ହାତି, ଲିପିକ ରମାକାନ୍ତ ରାଉତ, ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଅକ୍ଷୟ ମିଶ୍ର, ସତ୍ୟ ଶିବ ସୁନ୍ଦର ସଂସ୍କୃତ ବିଦ୍ୟାଳୟର ଅବସରପ୍ରାପ୍ତ ସହକାରୀ ଶିକ୍ଷକ ଧନେଶ୍ୱର ଯତି, ଲକ୍ଷ୍ମୀନାରାୟଣ ସଂସ୍କୃତ ବିଦ୍ୟାଳୟର ଶିକ୍ଷିକା ଅଞ୍ଜଳିପ୍ରଭା ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ରାଣୀବନ୍ଧରେ ଡକାୟତି ଯୋଜନା ପଣ୍ଡ; ୫ ଗିରଫ



**ଟଙ୍କା, ସ୍କୁଟି ସହ ବିପୁଳ ମାରଣାସ୍ତ୍ର ଜବତ**

ରାଉରକେଲା,୨୮।୧୧(ସମିସ)

ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ରାଣୀବନ୍ଧ ଠାରେ ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଏକ ବଡଧରଣର ଡକାୟତି ପାଇଁ ଯୋଜନା କରୁଥିବା ବେଳେ ପୁଲିସ ଏହି ଯୋଜନାକୁ ପଣ୍ଡ କରିଛି। ଏହି ଘଟଣାରେ ୫ ଜଣ ଡକାୟତଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ବିପୁଳ ମାରଣାସ୍ତ୍ର ଜବତ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ, ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ରାଣୀବନ୍ଧ ନିକଟ ହକି ଷ୍ଟାଡିୟମ୍ ନିକଟରେ ଗତ ୨୭ ଓ ୨୮ ବିଳମ୍ବିତ ରାତିରେ ନିକଟସ୍ଥ ଏକ ପେଟ୍ରୋଲ ପମ୍ପରେ ବଡଧରଣର ଡକାୟତି କରିବା ପାଇଁ ଡକାୟତମାନେ ଯୋଜନା କରୁଥିଲେ। ଏନେଇ ସୂଚନା ପାଇ ସୁନ୍ଦରଗଡ ଏସ୍‌ପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ ରାଜଗାଙ୍ଗପୁର ଥାନା ଅଧିକାରୀ ବିଜୟ କୁମାର ଦାସ ସଦଳବଳେ ଚଢ଼ଉ କରି ଘଟଣା ସ୍ଥଳରୁ ୫ ଜଣ ଡକାୟତଙ୍କୁ ଗିରଫ କରିଥିଲେ। ତେବେ ଏହି ଚଢ଼ଉ ବେଳେ ଜଣେ ଡକାୟତ ଜଣେ ପୁଲିସ କର୍ମଚାରୀଙ୍କୁ ଭୁଜାଲିରେ ଆକ୍ରମଣ କରିବାକୁ ଉଦ୍ୟମ କରି ବିଫଳ ହୋଇଥିବା ଜଣାପଡିଛି। ଘଟଣା ସ୍ଥଳରୁ ପୁଲିସ, ଗୋଟିଏ ଦେଶୀ ବନ୍ଧୁକ, ଗୋଟିଏ ଖଣ୍ଡା, ଗୋଟିଏ ଲୁହା ରଡ୍, ଗୋଟିଏ ଛୁରି, ୫ଟି ମୋବାଇଲ୍ ଫୋନ୍, ୫ଟି ମାସ୍କ, ଗୋଟିଏ ସ୍କୁଟି ସହ ସେମାନଙ୍କ ନିକଟରୁ ମୋଟ ୭୪୬୦ ଟଙ୍କା ନଗଦ ଜବତ କରାଯାଇଛି।

# ୯ କିଲୋ ଗଞ୍ଜେଇ ଜବତ; ୩ ଗିରଫ



ରାଉରକେଲା,୨୮।୧୧(ସମିସ): ସୁନ୍ଦରଗଡ଼ ଟାଉନ ଥାନା ଅନ୍ତର୍ଗତ ଡେଙ୍ଗିବାଡି ଅଞ୍ଚଳରେ ଚୋରା ଗଞ୍ଜେଇ କାରବାର କରୁଥିବା ୩ ଜଣ ଗଞ୍ଜେଇ ମାଫିଆଙ୍କୁ ଟାଉନ ଥାନା ପୁଲିସ ଗିରଫ କରିଥିବା ଜଣାପଡିଛି। ଡେଙ୍ଗିବାଡି ଅଞ୍ଚଳରେ ଏକ ବୋଲେରୋ ଭ୍ୟାନ୍‌ରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ଏସ୍‌ପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଟାଉନ ଥାନା ପୁଲିସ ଡେଙ୍ଗିବାଡି ଅଞ୍ଚଳରେ ଚଢ଼ଉ କରି ଚୋରା ଗଞ୍ଜେଇ କାରବାର କରୁଥିବା ୩ ଜଣ ଗଞ୍ଜେଇ ମାଫିଆଙ୍କୁ ଗିରଫ କରିଥିଲେ। ଗିରଫ ୩ ଜଣ ହେଉଛନ୍ତି ବୌଦ୍ଧ କଣ୍ଧମାଳ ଅଞ୍ଚଳର ପ୍ରଶାନ୍ତ ବାରିକ (୫୩), ଶୁଭେନ୍ଦୁ ଖଟୁଆ (୩୫) ଏବଂ ସୁନ୍ଦରଗଡ ଡେଙ୍ଗିବାଡି ଅଞ୍ଚଳର ସାଗର ଓରଫ ଜିତୁ ମହାନ୍ତି (୫୩)। ସେମାନଙ୍କ ନିକଟରୁ ୯ କିଲୋଗ୍ରାମ ୩୦୦ ଗ୍ରାମ ଓଜନର ଗଞ୍ଜେଇ ସହ ୩୦ ହଜାର ୯୫୦ ଟଙ୍କା, ୩ଟି ମୋବାଇଲ ଫୋନ ଓ ଗୋଟିଏ ବୋଲେରୋ ଭ୍ୟାନ୍‌କୁ ଜବତ କରାଯାଇଛି। ତେବେ ବୌଦ୍ଧ ଜିଲ୍ଲା କଣ୍ଧମାଳ ଅଞ୍ଚଳର ଆଉ କେଉଁମାନେ ଏହି ଗଞ୍ଜେଇ କାରବାରରେ ସମ୍ପୃକ୍ତ ସେ ନେଇ ତଦନ୍ତ ଜାରି ରହିଥିବା ଏସ୍‌ଡିପିଓ ଶ୍ରୀ ମହାପାତ୍ର କହିଛନ୍ତି।

# ଜିଲ୍ଲାସ୍ତରୀୟ ଅସ୍ମିତା ପେଞ୍ଚାକ୍ ସିଲାଟ ଲିଗ୍



ରାଉରକେଲା,୨୮।୧୧(ସମିସ): ପେଞ୍ଚାକ୍ ସିଲାଟ ଆସୋସିଏସନ୍ ସୁନ୍ଦରଗଡ଼ ଅନୁକୂଲ୍ୟରେ ରାଉରକେଲା ସ୍ଥିତ ସେକ୍ଟର-୭ ସୁରଭି ସ୍ପୋର୍ଟସ ସୋସାଇଟିଠାରେ ଜିଲ୍ଲାସ୍ତରୀୟ ଏକ ଦିବସୀୟ ଅସ୍ମିତା ପେଞ୍ଚାକ୍ ସିଲାଟ ଓମେନ୍ସ ଲିଗ୍ ଅନୁଷ୍ଠିତ ହୋଇଯାଇଛି। ଏହି ଚାମ୍ପିଅନ୍‌ସିପ୍‌ରେ ସୁନ୍ଦରଗଡ଼ର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ କ୍ରୀଡା ସଂଗଠନର ୨୦୦ରୁ ଊର୍ଦ୍ଧ୍ୱ ବାଳିକା ଓ ମହିଳା ପ୍ରତିଯୋଗୀ ସିଂଗା, ମାକାନ, ପ୍ରି-ଟିନ୍, ପ୍ରି-ଜୁନିଅର, ଜୁନିଅର ଏବଂ ସିନିୟର ବର୍ଗରେ ଅଂଶଗ୍ରହଣ କରିଥିଲେ। ଉକ୍ତ ଚାମ୍ପିଅନସିପକୁ ୨୦ ଜଣ ଅଫିସିଆଲ୍ ପରିଚାଳନା କରିଥିଲେ। ଉଦ୍‌ଘାଟନ ଉତ୍ସବରେ ରଘୁନାଥପଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ଏବଂ ଗଙ୍ଗପୁର ରାଣୀ ବିଜ୍ଞାନୀ ଶେଖର ଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ କ୍ରୀଡା ବିଭାଗର ସହ ନିର୍ଦ୍ଦେଶକ ସୁଦୀପ୍ତ ନାଏକ, ରାଉରକେଲାର ପ୍ରତିଷ୍ଠିତ ମହିଳା ଉଦ୍ୟୋଗୀ ଏବଂ କ୍ରୀଡା ପ୍ରୋତ୍ସାହିକା ମାଲିନ୍ଦର କୌର ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶା ପେଞ୍ଚାକ୍ ସିଲାଟ ଆସୋସିଏସନ୍‌ର ସଭାପତି ତାପସ ରାୟ ଚୌଧୁରୀ ଏବଂ ସାଧାରଣ ସମ୍ପାଦକ ପ୍ରେମ ସିଂହ ଥାପାଙ୍କ ସହିତ ପେଞ୍ଚାକ୍ ସିଲାଟ ଆସୋସିଏସନ୍ ସୁନ୍ଦରଗଡ଼ର ସଭାପତି ହର୍ମନ୍ ଲାକ୍ରା, ଉପସଭାପତି ଶ୍ରୀୟା କୋହଲି, ସଞ୍ଚିତା ଗୁପ୍ତା, ସମ୍ପାଦକ ଶରତ କୁମାର ଦାସ ସମସ୍ତ ଖେଳାଳି, ଅଭିଭାବକ ଏବଂ ଅଫିସିଆଲମାନଙ୍କୁ ଚାମ୍ପିଅନସିପର ସଫଳତା ପାଇଁ ଧନ୍ୟବାଦ ଜଣାଇଛନ୍ତି।

# ଭେଣ୍ଡିଂ ଜୋନ୍‌ର ଦୋକାନ ଆବଣ୍ଟନକୁ ନେଇ ବିକ୍ଷୋଭ



ରାଉରକେଲା,୨୮।୧୧(ସମିସ): ପାନପୋଷ ମାର୍କେଟ ଭେଣ୍ଡିଂ ଜୋନ୍ କମିଟିର ସଭାପତି ମାତା ପ୍ରସାଦ ଜୟସ୍ୱାଲଙ୍କ ନେତୃତ୍ୱରେ ୭୩ ଜଣ ଭେଣ୍ଡିଂ ଜୋନ୍ ଦୋକାନୀ ଶୁକ୍ରବାର ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଏକ ଦାବିପତ୍ର ମହାନଗର ନିଗମ ଆୟୁକ୍ତଙ୍କୁ ପ୍ରଦାନ କରିଛନ୍ତି। ସେମାନେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ୭୩ ଜଣ ବିକ୍ରେତା ୨୫ ବର୍ଷ ଧରି ପାନପୋଷ ପୁରୁଣା ଏନ୍‌ଏସି ମାର୍କେଟ ପରିସରରେ ଛୋଟ ଛୋଟ ବ୍ୟବସାୟ ଚଳାଇ ପରିବାର ପ୍ରତିପୋଷଣ କରିଆସୁଥିଲେ। ପୁରୁଣା ଏନ୍‌ଏସି ମାର୍କେଟକୁ ଭାଙ୍ଗି ଦିଆଯିବା ସମୟରେ ସେହି ଛୋଟ ଛୋଟ ଦୋକାନୀମାନଙ୍କୁ ଅସ୍ଥାୟୀ ଭାବରେ ଏନ୍‌ଏସି ମାର୍କେଟକୁ ଲାଗି ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଖାଲି ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ତତ୍କାଳୀନ ରାଉରକେଲା ମହାନଗର ନିଗମର ଡେପୁଟି କମିଶନର ସେହି ଦୋକାନୀମାନଙ୍କୁ ନୂତନ ମାର୍କେଟ ବିଲଡିଂକୁ ସ୍ଥାନାନ୍ତରିତ କରାଇଥିଲେ। ସେଠାରେ ନୂତନ ମାର୍କେଟ୍ ବିଲଡିଂ ତିଆରି ନହେବା ପର୍ଯ୍ୟନ୍ତ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରସ୍ଥ ଭେଣ୍ଡିଂ ଜୋନ୍ ସ୍ଥାନରେ ଦୋକାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ନୂତନ ମାର୍କେଟ ବିଲଡିଂ ତିଆରି ସରିବା ପରେ ୧୧୪ଟି ଦୋକାନୀଙ୍କୁ ସେଠାରେ ଆବଣ୍ଟନ କରାଯାଇ ସ୍ଥାନାନ୍ତର କରାଯାଇଛି। ଏଥିସହିତ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଥିବା ଭେଣ୍ଡିଂ ଜୋନ୍‌ରୁ ସେମାନଙ୍କ ଦୋକାନ ଘରକୁ ଖାଲି କରିଦିଆଯାଇଛି। ଭେଣ୍ଡିଂ ଜୋନରେ ଥିବା ୧୧୪ଟି ଦୋକାନ ବର୍ତ୍ତମାନ ଖାଲି ପଡିଥିବା ଦୃଷ୍ଟିରୁ ଏହି ଦୋକାନଗୁଡିକୁ ୭୪ ଜଣ ଭେଣ୍ଡିଂ ଜୋନର ଦୋକାନୀମାନଙ୍କୁ ଦେବା ପାଇଁ ଆଜି ରାଉରକେଲା ମହାନଗର ନିଗମ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ପରିସ୍ଥିତି ଦୃଷ୍ଟିରୁ, ସେହି ଭେଣ୍ଡିଂ ଜୋନରେ ଥିବା ଦୋକାନ ଘରକୁ ରାଉରକେଲା ମହାନଗର ନିଗମ ପକ୍ଷରୁ ୩ ଲକ୍ଷ ଟଙ୍କା ରଖାଯାଇଛି। ଭେଣ୍ଡିଂ ଜୋନରେ ଥିବା ଦୋକାନ ଘରକୁ ୩ ଲକ୍ଷ ଟଙ୍କା ପରିବର୍ତ୍ତେ ମୂଳ ମୂଲ୍ୟ ୧ ଲକ୍ଷ ଟଙ୍କାରେ ସେମାନଙ୍କୁ ପ୍ରଦାନ କରାଯିବାକୁ ଦୋକାନୀମାନେ ଦାବି କରିଛନ୍ତି। ଆଜିର ଏହି ବିକ୍ଷୋଭରେ ମାତା ପ୍ରସାଦ ଜୈସୱାଲ, ପ୍ରକାଶ ସାହୁ, ଶିବମ୍ ଚୌରାସିଆ, ପ୍ରଦୀପ୍ତ ମିଶ୍ର, ଇଶିକ୍ ହୁସେନ୍, ସୌରଭ ଜୈସୱାଲ, ସାଇଫୁ, ମୁକେଶ ସାହୁ, ଦେବ ନାରାୟଣ, ରାଜେଶ ନାଗ, ଅରବିନ୍ଦ ସାହୁ, ମହେଶ ସାହୁ, ନିରଂଜନ ସାହୁ, ପିଣ୍ଟୁ ବାରିକ୍, ବାବୁଲି ବାରିକ, ଉମା ସାହୁ, ଅଜୟ ଅଗ୍ରୱାଲ, ଶଙ୍କର ରଜକ, ଗଙ୍ଗା ସାଗର ସାହୁ, ଗୁଡୁ ଚୌରାସିଆ, ଏମ୍‌ଡି ଲାଲା, ବିଦ୍ୟା ପୃଷ୍ଟି, ଏମ୍‌ଡି ରଫି, ବିଦ୍ୟା ପୃଷ୍ଟି, ତାପସ ସୁନା, କୈଳାଶ ଚନ୍ଦ୍ର ସାହୁ, ସାହନେୱାଲ ଆଲାମ, ଲଲାନ ଶର୍ମା, ଚିତ୍ତରଞ୍ଜନ ଜେନା, ବିଦ୍ୟା ପ୍ରସାଦ, କରୁ ସାହୁ ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ ଦୋକାନୀ ଉପସ୍ଥିତ ଥିଲେ।

# ଆସନ୍ତା ୨ ରୁ ସୁନ୍ଦରଗଡ଼ ସାଂସଦ ଖେଳ ମହୋତ୍ସବ

ରାଉରକେଲା,୨୮।୧୧(ସମିସ): ସମଗ୍ର ଦେଶରେ ପ୍ରତ୍ୟେକ ସଂସଦୀୟ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଗ୍ରହ କ୍ରମେ ଏହି ଯୋଜନା 'ସାଂସଦ ଖେଳ ମହୋତ୍ସବ' ଆରମ୍ଭ ହୋଇଛି। ଉକ୍ତ କାର୍ଯ୍ୟକ୍ରମକୁ ରୂପାନ୍ତର କରିବା ପାଇଁ ଆଜି ସୁନ୍ଦରଗଡ଼ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ରାଉରକେଲା ସାଂଗଠନିକ ଜିଲ୍ଲାର ପ୍ରସ୍ତୁତି ବୈଠକ ସଂସଦୀୟ କ୍ଷେତ୍ର ଖେଳ ମହୋତ୍ସବର ସଂଯୋଜକ ଅଭୟ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ରାଉରକେଲା ସଂଯୋଜକ ପ୍ରକାଶ ପାଶୱାନ ସଂଯୋଜନା ଓ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂସଦୀୟ କ୍ଷେତ୍ର ସଂଯୋଜକ ଅଭୟ କୁମାର ପଟ୍ଟନାୟକ ପ୍ରକାଶ କଲେ ଯେ ଏହି ଖେଳ, ପଞ୍ଚାୟତ, ବ୍ଲକ ଓ ବିଧାନସଭା କ୍ଷେତ୍ରରେ ଡିସେମ୍ବର ୨ ତାରିଖରୁ ୭ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ ଓ ସୁନ୍ଦରଗଡ଼ ସଂସଦୀୟ କ୍ଷେତ୍ରର ସୁନ୍ଦରଗଡ ଠାରେ ଡିସେମ୍ବର ୧୩ ରୁ ୧୬ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ। ଏହି ଖେଳରେ ୧୫ ଟି ମଧ୍ୟରେ ଆଥେଲେଟିକ, ବ୍ୟାଡମିଣ୍ଟନ, ଫୁଟବଲ, ବକ୍ସିଂ, କବାଡି, ଖୋଖୋ, ଭଲିବଲ, ହକି, ହେଣ୍ଡ ବଲ, ଆର୍ଚେରୀ , ସାଇକ୍ଲିଙ୍ଗ, ରଙ୍ଗୋଲି, ପୁଚି, ଦଉଡ଼ି ଡିଆ, ଯୋଗ ଆଦି ଖେଳ ରହିଛି। ଏହି କାର୍ଯ୍ୟକ୍ରମ ଉପଲକ୍ଷେ ଏକ ମଶାଲ ଶୋଭାଯାତ୍ରା ବଣାଇଁ ରୁ ଡିସେମ୍ବର ୫ ତାରିଖରୁ ବାହାରି ରାଉରକେଲା ଦେଇ ୧୩ ତାରିଖରେ ସୁନ୍ଦରଗଡରେ ପହଞ୍ଚିବ ବୋଲି ସୂଚନା ଦେଇଥିଲେ। କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ସୁନ୍ଦରଗଡ ସାଂସଦ ଜୁଏଲ ଓରାମ ଭିଡିଓ କନଫରେନସିଂ ମାଧ୍ୟମରେ ବୈଠକକୁ ଉଦବୋଧନ ଦେଇଥିଲେ।

● ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସରଗିଫୁଲ'

# ଭଲିବଲ୍‌ରେ ବିର୍ସା ବାଳିକା ଉଚ୍ଚ ବିଦ୍ୟାଳୟ ଚାମ୍ପିଅନ୍



**ଲଳିତା ତିର୍କୀଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍**

ରାଉରକେଲା,୨୮।୧୧(ସମିସ): ସୁନ୍ଦରଗଡ ଜିଲ୍ଲାର ଅନୁସୂଚିତ ଜାତି ଅନୁସୂଚିତ ଜନଜାତି ବିଭାଗ ତରଫରୁ ବଡ଼ଗାଁ ଦେଓକରଣ ହାଇସ୍କୁଲଠାରେ ଗତ ୨୪ ରୁ ୨୬ ନଭେମ୍ବର ପର୍ଯ୍ୟନ୍ତ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ ସରଗିଫୁଲ-୨୦୨୫ ଏଥିରେ ବିର୍ସା ବାଳିକା ଉଚ୍ଚ ବିଦ୍ୟାଳୟ ବିଜାଡିହି ଚାମ୍ପିଅନ୍ ହୋଇଥିବା ଜଣାପଡିଛି। ଏହି ଉତ୍ସବରେ ଲଳିତା ତିର୍କୀ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରି ବିଶ୍ରା ବ୍ଲକ ପାଇଁ ଗୌରବ ଆଣିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ବିଜ୍ଞାନ ପ୍ରଦର୍ଶନୀ ଏବଂ ଭଲିବଲ୍ ଖେଳ ଅନୁଷ୍ଠିତ ହୋଇଥିଲା। ଭଲିବଲ ଖେଳରେ ପାଖାପାଖି ଜିଲ୍ଲାର ୨୦ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ସାମିଲ ହୋଇ ଉତ୍ତମ ଖେଳ ପ୍ରଦର୍ଶନ କରିଥିଲେ। ଫାଇନାଲ ମ୍ୟାଚ୍ ବିର୍ସା ବାଳିକା ଉଚ୍ଚ ବିଦ୍ୟାଳୟ ବିଜାଡିହି ଓ ତୁଲାଲଗା ଉଚ୍ଚ ବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ମ୍ୟାନ ଅଫ୍ ଦି ସିରିଜ ଭାବେ ଦଶମ ଶ୍ରେଣୀ ଛାତ୍ରୀ ଲଳିତା ତିର୍କୀଙ୍କୁ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ଓ ଲଳିତାର ସଫଳତାରେ ବିଶ୍ରା ବ୍ଲକ୍ ମଙ୍ଗଳ ସଂପ୍ରସାରଣ ଅଧିକାରୀ, ବିଜାଡିହି ହାଇସ୍କୁଲର ପ୍ରଧାନ ଶିକ୍ଷକ କେଶବ ଚନ୍ଦ୍ର ଗରଡିଆ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଖେଳ ଶିକ୍ଷକ ସୌମ୍ୟରଞ୍ଜନ ଘଡାଇ, କୋଚ୍ ଦେବଦତ୍ତ ଜେନା ପ୍ରମୁଖ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା

ରାଉରକେଲା,୨୮।୧୧(ସମିସ): ପାନପୋଷ ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ୨୫ତମ ବାର୍ଷିକ କ୍ରୀଡା ଉଦ୍‌ଘାଟିତ ହୋଇଛି। ଏହାର ରାଉରକେଲା ସରକାରୀ ଆଇଟିଆଇର ପଡିଆ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ରୂପେ ହିନ୍ଦୀ ମାଧ୍ୟମ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କଲ୍ୟାଣୀ ଦେବୀ ଓ ପାନପୋଷ ସ୍ଥିତ ଲାୟନ୍ସ କ୍ଲବର ପୂର୍ବତନ ଅଧ୍ୟକ୍ଷ ଉମାଶଙ୍କର ତିୱାରୀ, ବିଦ୍ୟାଳୟର ସଭାପତି ଭବାନୀଶଙ୍କର ଚାନ୍ଦେଲ, ସଂପାଦକ ଚନ୍ଦ୍ରଧ୍ୱଜ ମାଝୀ, କୋଷାଧ୍ୟକ୍ଷ ବସନ୍ତ କୁମାର ତନ୍ତୀ ଉପସ୍ଥିତ ରହି ଆଗାମୀ ଭବିଷ୍ୟତର କ୍ରୀଡାବିତ୍‌ମାନଙ୍କୁ ନିଜ ନିଜର ପ୍ରତିଭାର ପ୍ରଦର୍ଶନ କରିବା ପାଇଁ ଉତ୍ସାହିତ କରିଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟା ଉଷାରାଣୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଡଲି ସାହୁ ମଞ୍ଚ ପରିଚାଳନା କରିଥିଲେ। ଶାରୀରିକ ପ୍ରମୁଖ ମିଲି ବିଶ୍ୱାଳଙ୍କର ତତ୍ତ୍ୱାବଧାନରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ବାଲବର୍ଗ ଶିଶୁମାନଙ୍କର ୧୦୦ ମିଟର ଦୌଡର ଶୁଭାରମ୍ଭ ହୋଇଥିଲା। ଏହାପରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ଦୌଡ, ଗୋଲାଫିଙ୍ଗା, ଲମ୍ବଡିଆଁ, ଜୋତାମୋଜା ଦୌଡ, ଗୋଲିଚାମଚ ଖେଳ ଅନୁଷ୍ଠିତ ହୋଇଥିଲା।



# ବିପିଏନ୍‌ଏସ୍‌ଆଇର ବୃତ୍ତିଗତ ଜ୍ଞାନ ଆଦାନପ୍ରଦାନ କର୍ମଶାଳା



ରାଜଗାଙ୍ଗପୁର,୨୮।୧୧(ସମିସ): ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ଅନ୍ତର୍ଗତ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ(ବିପିଏନ୍‌ଏସ୍‌ଆଇ)ର ବୃତ୍ତିଗତ ଏକ ଦିବସୀୟ ଜ୍ଞାନ ଆଦାନପ୍ରଦାନ କର୍ମଶାଳା ରାଜଗାଙ୍ଗପୁର ସ୍ଥିତ ସ୍କାନ୍ ଷ୍ଟିଲ୍ସ ଲିମିଟେଡ୍‌ରେ ଅନୁଷ୍ଠିତ ହୋଇଯାଇଛି। ବିପିଏନ୍‌ଏସ୍‌ଆଇର ୟୁନିଟ୍ -୨ ପ୍ଲାଣ୍ଟ ମୁଖ୍ୟ ଅଙ୍କୁର ମଦନ, ୟୁନିଟ୍-୧ ପ୍ଲାଣ୍ଟ ମୁଖ୍ୟ ବିନୀତ ଗାଗୋଡିଆ, ଜିଏମ୍ (ଏଚ୍‌ଆର୍) ହରିଓମ ମିଶ୍ର ଯୋଗଦେଇ ଜ୍ଞାନ ଆଦାନପ୍ରଦାନ କର୍ମଶାଳାର ଶୁଭାରମ୍ଭ କରିଥିଲେ। ବିପିଏନ୍‌ଏସ୍‌ଆଇ ପକ୍ଷରୁ ପ୍ରଫେସର ସତ୍ୟପ୍ରିୟ ଶତପଥୀ ପ୍ରାରମ୍ଭିକ ଭାଷଣ ଦେଇଥିଲେ। ରାଜଗାଙ୍ଗପୁର ଏସ୍‌ଏସ୍‌ଏଲ୍‌ର କାର୍ଯ୍ୟରତ ବୃତ୍ତିଗତମାନଙ୍କୁ ସେ କାର୍ଯ୍ୟକ୍ରମ ଉପରେ ସୂଚନା ପ୍ରଦାନ କରିଥିଲେ। ଜ୍ଞାନରଞ୍ଜନ ପୋଥାଲ "ଡିଆର୍‌ଆଇ ଉତ୍ପାଦନ ପ୍ରକ୍ରିୟା, ବୃଦ୍ଧି ଗଠନ ଏବଂ ନିୟନ୍ତ୍ରଣ, ଇଣ୍ଡକ୍ସନ୍ ଫର୍ଣ୍ଣେସ୍ ଏବଂ ରୋଲିଂର ସଂକ୍ଷିପ୍ତ ବିବରଣୀ' ଉପରେ ତାଙ୍କର ବକ୍ତୃତା ଶ୍ରେଣୀ ଉପସ୍ଥାପନ କରିଥିଲେ। ପ୍ରଫେସର ସତ୍ୟପ୍ରିୟ ଶତପଥୀ "ଡିଆର୍‌ଆଇ ୟୁନିଟ୍‌ଗୁଡ଼ିକରେ ଶକ୍ତି ଦକ୍ଷ ପ୍ରଯୁକ୍ତିବିଦ୍ୟା' ଉପରେ ଉପସ୍ଥାପନ କରିଥିଲେ। ଜିଏମ୍(ଏଚ୍‌ଆର୍) ହରିଓମ ମିଶ୍ର ଓ ସିନିୟର୍ ଏଚଆର୍‌ଏମ ପ୍ରଭୁରାମ ଦେ କାର୍ଯ୍ୟକ୍ରମ ସମାପନ କରିଥିଲେ। ସ୍କାନ ଷ୍ଟିଲ୍ସ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରବୀଣ କୁମାର ପାତ୍ର ସମଗ୍ର ଜ୍ଞାନ ଆଦାନପ୍ରଦାନ କର୍ମଶାଳାକୁ ମାର୍ଗଦର୍ଶନ କରିଥିଲେ।


● ଶ୍ରମ କୋର୍ଡ ପ୍ରତ୍ୟାହାର ଦାବି

# ରାଷ୍ଟ୍ରପତିଙ୍କୁ ଟ୍ରେଡ୍ ୟୁନିଅନ୍ ମିଳିତ ମଞ୍ଚର ଦାବିପତ୍ର



ରାଉରକେଲା,୨୮।୧୧(ସମିସ) : କେନ୍ଦ୍ର ସରକାରଙ୍କ ଦ୍ୱାରା ଲାଗୁ କରାଯାଇଥିବା ଶ୍ରମିକ ବିରୋଧୀ ଚାରୋଟି ଶ୍ରମ କୋର୍ଡକୁ ତୁରନ୍ତ ପ୍ରତ୍ୟାହାର କରିବା ଦାବିରେ ଆଜି ମିଳିତ ଟ୍ରେଡ ୟୁନିଅନ୍ ମଞ୍ଚ ତରଫରୁ ଆରଏଲସିଙ୍କ ଜରିଆରେ ମହାମହିମ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା, ସିଆଟିୟୁର ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି, ରାଉରକେଲା ମଜଦୂର ସଭାର ସଭାପତି ଶଶଧର ନାୟକ, ଏଆଇଟିୟୁସିର ପ୍ରଦୋଷ କୁମାର ମହାନ୍ତି, ଗାଙ୍ଗପୁର ମଜଦୂର ମଞ୍ଚର ସାଧାରଣ ସମ୍ପାଦକ ଗୋପାଳ ଦାସ, ଆଇଏନ୍‌ଟିୟୁସିର ନିହାର ଦାସ, ଅକ୍ଷୟ ଜେନା, ଦିଲୀପ କୁମାର ମହାପାତ୍ର, ସିଟୁର ବସନ୍ତ ନାୟକ, ବିମାନ ମାଇତି, ଏଚଏମଏସର ସତ୍ୟାନନ୍ଦ ବେହେରା, କଳାକାର ସାହୁ, ଦିଗାମ୍ବର ମହାନ୍ତି, ଏଆଇଟିୟୁସିର ବିଷ୍ଣୁ ପଣ୍ଡା, ସଦାନନ୍ଦ ସାହୁ, ଏଆଇସିସିଟିୟୁର ସତ୍ୟପ୍ରିୟ ମହାନ୍ତି, ଏନ୍‌କେ ମହାନ୍ତି, ସିୟରର ହେମନ୍ତ କୁମାର ବେହୁରା ପ୍ରମୁଖ ଆରଏଲସି ଅଫିସରେ ପହଞ୍ଚି ଭୁବନେଶ୍ୱରରୁ ପହଞ୍ଚିଥିବା ଡିସିଏଲସି ଚିରଞ୍ଜିବୀ ସାଇକିଆଙ୍କ ସହ ଦୀର୍ଘ ସମୟ ଆଲୋଚନା କରିଥିଲେ। ଯଦି ଏହା ପ୍ରତ୍ୟାହୃତ ନ ହୁଏ ତେବେ ଆଗାମୀ ଦିନରେ ସାରା ଭାରତବର୍ଷରେ ଶ୍ରମିକ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ନେତୃମଣ୍ଡଳୀ ଦୃଢ଼ୋକ୍ତି ପ୍ରକାଶ କରି ଆରଏଲସିଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।

# ଟ୍ରାକ୍ଟର ଓଲଟି ୪ ଆହତ



ବଣାଇଁ,୨୮।୧୧(ସମିସ): ବଣାଇଁ ଥାନା ଅନ୍ତର୍ଗତ ଜକେଇକଳା ତଳିତା ରାସ୍ତାରେ ଶୁକ୍ରବାର ପୂର୍ବାହ୍ନରେ ଏକ ଟ୍ରାକ୍ଟର ଜମିରୁ ଧାନ ଆଣିବାକୁ ଯାଉଥିବା ବେଳେ ଭାରସାମ୍ୟ ହରାଇ ୧୦ ଫୁଟ୍ ତଳକୁ ଖସି ପଡିଥିଲା। ଫଳରେ ଡ୍ରାଇଭର ସମେତ ଟ୍ରାକ୍ଟରରେ ବସିଥିବା ୪ ଜଣ ଗୁରୁତର ଭାବେ ଆହତ ହୋଇଥିଲେ। ଖବର ପାଇଁ ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ଉଦ୍ଧାର କରି ବଣାଇଁ ଡାକ୍ତରଖାନାକୁ ପଠାଇଥିବା ଜଣାପଡିଛି।

## ଜୋନ୍‌ସ୍ତରୀୟ ଲୋକସାଂସ୍କୃତିକ ମହୋତ୍ସବ

# ସାରୁବାହାଲର ଲକ୍ଷ୍ମୀ ନୃତ୍ୟ ଦଳ ଚାମ୍ପିଅନ୍

ରାଉରକେଲା,୨୮।୧୧(ସମିସ)




ରାଉରକେଲା ଇସ୍ପାତ କାରଖାନାର ସିଏସ୍‌ଆର ବିଭାଗ ଦ୍ୱାରା ବିଶ୍ରା ବ୍ଲକ୍ ଅନ୍ତର୍ଗତ ଜାମସେରା ପଞ୍ଚାୟତ ଅଧୀନସ୍ଥ ଗ୍ରାମରେ ନଭେମ୍ବର ୨୫ ତାରିଖରେ ଆୟୋଜିତ ଜୋନ୍‌ସ୍ତରୀୟ ସିନର୍ଜି ଲୋକସାଂସ୍କୃତିକ ମହୋତ୍ସବ ରେ ବିଭିନ୍ନ ଗାଁର ୩୦ଟି ନୃତ୍ୟ ଦଳ ଅଂଶଗ୍ରହଣ କରିଥିଲେ। ଏହାର ଉଦ୍‌ଯାପନୀ ଉତ୍ସବରେ ଖଣି ଉନ୍ନୟନ ସିଏମ୍‌ଏଲ୍‌ଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିକେ ଗିରି ମୁଖ୍ୟଅତିଥି ରୂପେ ଯୋଗ ଦେଇଥିବା ବେଳେ ସହର ସେବା ଓ ସିଏସଆର ବିଭାଗର ସିଜିଏମ ଟିଜି କାନେକର ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ଏହି ଅବସରରେ ସିଏସଆର ବିଭାଗର ଜିଏମ୍ ଇନ୍ ଚାର୍ଜ ମୁନମୁନ ମିତ୍ର, ଡିଜିଏମ ଆର ଏସ୍ ବାରା, ଡିଜିଏମ ଟିବି ଟପ୍ପୋ, ଏଜିଏମ୍ ବି ଜେନା, ଡେପୁଟି ମ୍ୟାନେଜର ଏସ୍‌କେ ସୁକୁଲା, ଜାମସେରା ସରପଞ୍ଚ ବେଦନା ଓରାମ, ବିଜଡିହି ୱାର୍ଡ ମେମ୍ବର ଜର୍ମଣୀ ମିଞ୍ଜ ଏବଂ ସିଏସଆର ବିଭାଗର ଅନ୍ୟ ଅଧିକାରୀ ଓ ଷ୍ଟାଫ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ଉପସ୍ଥିତ ଥିଲେ। ଶ୍ରୀ ଗିରି ଋଦ୍ଧିମନ୍ତ ଆଦିବାସୀ ସଂସ୍କୃତି ଓ ପରମ୍ପରାର ସଂରକ୍ଷଣ ତଥା ସାଂସ୍କୃତିକ ଐତିହ୍ୟର ପ୍ରୋତ୍ସାହନ ପାଇଁ ସିଏସଆର ବିଭାଗର ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ। ଶ୍ରୀ ଗିରି ପ୍ରତିଯୋଗିତାର ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ନୃତ୍ୟ ଦଳଗୁଡିକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ରୀ କାନେକର ତୃତୀୟ ସ୍ଥାନ ହାସଲ କରିଥିବା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟ ଅତିଥିମାନେ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରିଥିଲେ। ସାରୁବାହାଲର ଲକ୍ଷ୍ମୀ ନୃତ୍ୟ ଦଳ ପ୍ରଥମ ପୁରସ୍କାର ଆକାରରେ ୧୦୦୦୦ ଟଙ୍କା ପୁରସ୍କାର ରାଶି ଏବଂ ଚାମ୍ପିଅନ୍ ଟ୍ରଫି ଲାଭ କରିଥିବାବେଳେ ଉଡୁସୁ, କେନ୍ଦୁଟୋଲା ଗ୍ରାମର ସଞ୍ଜିତା ନୃତ୍ୟ ଦଳ ଦ୍ୱିତୀୟ ପୁରସ୍କାର ରୂପେ ୮୦୦୦ ଟଙ୍କା ପୁରସ୍କାର ରାଶି ଓ ଟ୍ରଫି ଲାଭ କରିଥିଲା। କଦମଟୋଲା ଗ୍ରାମର ମଙ୍ଗଳ ନୃତ୍ୟ ଦଳ ତୃତୀୟ ପୁରସ୍କାର ଆକାରରେ ୬୦୦୦ ଟଙ୍କା ପୁରସ୍କାର ରାଶି ଓ ଟ୍ରଫି ଲାଭ କରିଥିଲା। ଏହି ଅବସରରେ ବିଚାରକ ମଣ୍ଡଳୀ ସଦସ୍ୟମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଅଂଶଗ୍ରହଣକାରୀ ଅବଶିଷ୍ଟ ୨୭ଟି ଦଳଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ରୂପେ ପ୍ରତ୍ୟେକ ଦଳକୁ ୨୫୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏହି ନୃତ୍ୟ ଉତ୍ସବ ବିଜାଡିହିର ସନ୍ତୋଷି ମା, ରାଧିକା ଓ ଆଇଏମକେ ସ୍ୱୟଂ ସହାୟକ ଗୋଷ୍ଠୀ ସହଯୋଗରେ ଆରଏସପି ସିଏସଆର ବିଭାଗ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ସୁଶ୍ରୀ ମୁନମୁନ ମିତ୍ରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଟି ବି ଟପ୍ପୋ ଧନ୍ୟବାଦ ଦେଇଥିଲେ। ସିଏସ୍‌ଆର୍ ବିଭାଗର ସେକ୍ସନ ଅଫିସର ବେନେଡିକ୍ଟ ଏକ୍କା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସିଏସଆର ବିଭାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।